# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୧୩/୨୦୧୯ (୨୦ ପୃଷ୍ଠା ) Sambalpur, Wednesday, February 13 / 2019 ★★

୧୫୩ ଭାଗ ୫୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଫାଲ ଚୁକ୍ତିରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ମଧ୍ୟସ୍ଥ ଭାବେ କାର୍ଯ୍ୟ କରି ଦେଶଦ୍ରୋହ କରିଛନ୍ତି। ତାଙ୍କ ବିରୋଧରେ ଅଫିସିଆଲ୍ ସିକ୍ରେଟ୍ ଆକ୍ଟ ବଳରେ ମାମଲା ରୁଜୁ କରାଯାଉ।

**ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ**

## ସଂକ୍ଷେପରେ

### ଆନ୍ଧ୍ରକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି
## ରାଷ୍ଟ୍ରପତିଙ୍କୁ ଭେଟିଲେ ଚନ୍ଦ୍ରାବାବୁ



**ନୂଆଦିଲ୍ଲୀ,୧୨।୨(ପି.ଟି.):** ଆନ୍ଧ୍ରପ୍ରଦେଶକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଭେଟିଛନ୍ତି। ଚନ୍ଦ୍ରାବାବୁଙ୍କ ନେତୃତ୍ୱରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ଏକ ପ୍ରତିନିଧି ଦଳ ରାଷ୍ଟ୍ରପତି ଭବନକୁ ଯାଇ ରାଷ୍ଟ୍ରପତିଙ୍କୁ ଭେଟି ୧୮ ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛି। ରାଷ୍ଟ୍ରପତିଙ୍କୁ ଭେଟିବା ପରେ ଚନ୍ଦ୍ରାବାବୁ କହିଛନ୍ତି, କେନ୍ଦ୍ର ସରକାର ଆନ୍ଧ୍ରପ୍ରଦେଶ ବିଭାଜନ ଆଇନ ପ୍ରତିଶ୍ରୁତିଗୁଡ଼ିକୁ ଅଣଦେଖା କରିଛି। ମୋଦି ସରକାର ରାଜ୍ୟକୁ ଅନୁଦାନ ନ ଦେଇ ସମୟ ଅତିବାହିତ କରିବାରେ ଲାଗିଛି। ଆମ ଦାବି ସମ୍ପର୍କରେ ଆମେ ରାଷ୍ଟ୍ରପତିଙ୍କୁ ଜଣାଇଛୁ। ଅନ୍ୟପକ୍ଷରେ ଚନ୍ଦ୍ରାବାବୁ କେନ୍ଦ୍ର ସରକାରଙ୍କ ଅବହେଳା ବିରୋଧରେ ଧାରଣାରେ ବସିଥିବାବେଳେ ତାଙ୍କ ସହ ବିରୋଧୀ ନେତାଙ୍କ ଗହଣରେ ଭାଜପାର ସହଯୋଗୀ ଶିବସେନା ନେତା ସଞ୍ଜୟ ରାଉତ୍‌ଙ୍କୁ ଦେଖିବାକୁ ମିଳିଥିଲା। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ସନ୍ଦେଶ ନେଇ ସେ ତାଙ୍କର ପ୍ରତିନିଧି ଭାବେ ଧରଣାରେ ଯୋଗଦେଇଥିବା ରାଉତ୍ କହିଛନ୍ତି।

### ବିକାନେର ଦୁର୍ନୀତି ମାମଲା
## ଇଡିରେ ପୁଣି ହାଜର ହେଲେ ରବର୍ଟ

**ଜୟପୁର,୧୨।୨:** ରାଜସ୍ଥାନର ବିକାନେର କୋଲାୟତ୍ ସବ୍‌ଡିଭିଜନ ଅନ୍ତର୍ଗତ ୨୭୫ ଏକର ଜମି ଦୁର୍ନୀତି ମାମଲାରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଭିଣୋଇ ରବର୍ଟ ଭଦ୍ରା ଏବଂ ତାଙ୍କ ମା' ମରିନ୍ (୭୫) ମଙ୍ଗଳବାର ଜୟପୁର ଭବାନୀ ସିଂ ରୋଡସ୍ଥିତ ଇଡି କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ଇଡି ତଦନ୍ତରେ ସହଯୋଗ କରିବାକୁ କୋର୍ଟର ନୋଟିସ ପରେ ସୋମବାର ଭଦ୍ରା ମା' ମରିନ୍‌ଙ୍କ ସହ ଜୟପୁର ପହଞ୍ଚିଥିଲେ। ଏଆଇସିସି ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଉଭୟଙ୍କ ସହ ଇଡି କାର୍ଯ୍ୟାଳୟକୁ ଯାଇଥିଲେ। ବିକାନେର ଜମି କ୍ରୟ ଦୁର୍ନୀତିରେ ଅନୈତିକ ଅର୍ଥ କାରବାର ହୋଇଥିବା ବେଳେ ସ୍କାଏଲାଇଟ୍ କମ୍ପାନୀର ସମ୍ପୃକ୍ତି ରହିଥିବା ଜଣାଯାଇଛି। ଏହି କମ୍ପାନୀର ଅନ୍ୟତମ ଅଂଶୀଦାର ଭାବେ ରବର୍ଟ ଭଦ୍ରା ଏବଂ ତାଙ୍କ ମା'ଙ୍କୁ ଇଡି ଜେରାର ସମ୍ମୁଖୀନ ହେବାକୁ ରାଜସ୍ଥାନ ହାଇକୋର୍ଟ ଜାନୁୟାରୀ ୨୧ ତାରିଖରେ ନିର୍ଦ୍ଦେଶ ଜାରି କରିଥିଲେ।

## ପଞ୍ଚମ ଦିନରେ ଗୁଜ୍ଜର ଆନ୍ଦୋଳନ

**ଜୟପୁର,୧୨।୨:** ସରକାରୀ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୫ ପ୍ରତିଶତ ସଂରକ୍ଷଣ ଦାବିରେ ଗୁଜ୍ଜର ସମୁଦାୟଙ୍କ ରାସ୍ତାରୋକୋ ଆନ୍ଦୋଳନ ଜାରି ରହିଛି। ଆଜି ପଞ୍ଚମ ଦିନରେ ବିକ୍ଷୋଭକାରୀମାନେ ଆଗ୍ରା-ଜୟପୁର-ବିକାନେର ୧୧ ନମ୍ବର ଜାତୀୟ ରାଜପଥ, ବୁନ୍ଦି ଜିଲାର ନୈନୱା ରାଜ୍ୟ ରାଜପଥ, ସୱାଇ ମାଧୋପୁର ସମେତ ଜୟପୁର ସହରର ଚାକ୍‌ସୁ ସହରରେ ମୁଖ୍ୟ ରାସ୍ତାଗୁଡ଼ିକୁ ଅବରୋଧ କରିଥିଲେ। ଏଥିସହ ଗୁଜ୍ଜର ସମୁଦାୟର ନେତମାନେ ରେଳ ଧାରଣାରେ ବିକ୍ଷୋଭ କରିଥିଲେ। ଏଥିଯୋଗୁ ୩ଟି ଟ୍ରେନ ବାତିଲ୍ କରାଯାଇଥିବାବେଳେ ୨ଟି ଟ୍ରେନର ଗତିପଥ ବଦଳାଯାଇଥିବା ନର୍ଥ ୱେଷ୍ଟର୍ନ ରେଳୱେ ପକ୍ଷରୁ କୁହାଯାଇଛି।

### ଇତିହାସର ଆଇନାରେ
## ଫେବୃୟାରୀ ୧୩ର ପ୍ରମୁଖ ଘଟଣା

୨୦୧୨ ଫେବୃୟାରୀ ୧୩ରେ ୟୁରୋପୀୟ ସ୍ପେସ୍ ଏଜେନ୍ସି (ଇଏସ୍‌ଏ) ଫ୍ରେଞ୍ଚଗାଏନାସ୍ଥିତ କୋଉରୋଉ ସ୍ପେସ୍‌ପୋର୍ଟରୁ ୟୁରୋପୀୟ ଭେଗା ରକେଟ୍ ଲଞ୍ଚ କରାଯାଇଥିଲା। ୟୁରୋପୀୟ ସ୍ପେସ୍ ଏଜେନ୍ସି ହେଉଛି ୨୨ଟି ସଦସ୍ୟ ରାଷ୍ଟ୍ରକୁ ନେଇ ଗଠିତ ଏକ ଆନ୍ତଃ ସରକାରୀ ସଂଗଠନ।

୧୯୮୩ ଫେବୃୟାରୀ ୧୩ରେ ଇଟାଲିର ଟ୍ୟୁରିନ୍‌ରେ ଏକ ସିନେମା ହଲ୍‌ରେ ଅଗ୍ନିକାଣ୍ଡ ଯୋଗୁ ୬୪ଜଣଙ୍କ ମୃତ୍ୟୁ ଘଟିଥିଲା। ଟ୍ୟୁରିନ୍ ହେଉଛି ଉତ୍ତର ଇଟାଲିର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସାୟିକ ଏବଂ ସାଂସ୍କୃତିକ କେନ୍ଦ୍ର।

# ବଢ଼ିବ ଯୁଦ୍ଧକ୍ଷମତା

**ନୂଆଦିଲ୍ଲୀ,୧୨।୨**



ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ଦୁର୍ନୀତିକୁ ନେଇ କେନ୍ଦ୍ରର ଏନ୍‌ଡିଏ ସରକାରଙ୍କୁ ବିରୋଧୀ ଟାର୍ଗେଟ କରୁଥିବାବେଳେ ଭାରତ ୭୨,୪୦୦ ସିଗ୍ ସଉର୍ ଆସଲ୍ଟ ରାଇଫଲ୍ କିଣିବା ପାଇଁ ଆମେରିକା ସହ ଚୁକ୍ତିବଦ୍ଧ ହୋଇଛି। ଭାରତୀୟ ସେନା ପାଇଁ ଫାଷ୍ଟ-ଟ୍ରାକ୍ ପ୍ରକ୍ରିୟାରେ ଏହି ରାଇଫଲ୍ ଅଣାଯିବ। ଏହା ସୀମାନ୍ତରେ ମୁତୟନ ଭାରତୀୟ ଯବାନଙ୍କ ଯୁଦ୍ଧକ୍ଷମତା ବୃଦ୍ଧି କରିବ ବୋଲି ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ ଆମେରିକାର ନ୍ୟୁ ହାମ୍ପଶାୟାରସ୍ଥିତ ଅସ୍ତ୍ରଶସ୍ତ୍ର ନିର୍ମାଣକାରୀ କମ୍ପାନୀ ସିଗ୍ ସଉର୍ ଭାରତକୁ ୭୨,୪୦୦ ଆସଲ୍ଟ ରାଇଫଲ୍ ପ୍ରଦାନ କରିବ। ଏହା ଆମେରିକାରେ ନିର୍ମିତ ହେବ ଏବଂ ଭାରତକୁ ବର୍ଷକ ମଧ୍ୟରେ ଯୋଗାଣ କରାଯିବ। ଏନେଇ ଭାରତ ଓ ଆମେରିକା ମଧ୍ୟରେ ୭୦୦ କୋଟି ଟଙ୍କାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ରାଇଫଲ୍ ମଧ୍ୟରୁ ଅଧିକାଂଶ ଅର୍ଥାତ୍ ୬୬,୦୦୦ଟି ଭାରତୀୟ ସେନାକୁ ଦିଆଯିବ। ଭାରତ-ଚାଇନାର ୩,୬୦୦ କି.ମି. ବିସ୍ତୃତ ସୀମାରେ ମୁତୟନ ଯବାନଙ୍କ ଏହା ଯୁଦ୍ଧକ୍ଷମତା ବୃଦ୍ଧି କରିବ। ଅବଶିଷ୍ଟ ରାଇଫଲ୍‌କୁ ନୌସେନା (୨,୦୦୦) ଓ ବାୟୁସେନା (୪,୦୦୦)କୁ ଦିଆଯିବ।

### ଆମେରିକାଠାରୁ ୭୨,୪୦୦ ଆସଲ୍ଟ ରାଇଫଲ୍ କିଣିବା ପାଇଁ ଚୁକ୍ତି ସ୍ୱାକ୍ଷର

ବର୍ତ୍ତମାନ ବ୍ୟବହାର କରାଯାଉଥିବା ଭାରତ ନିର୍ମିତ ୫.୫X୪୫ଏମ୍‌ଏମ୍ ଇନ୍‌ସାସ୍ ରାଇଫଲ୍ ବଦଳରେ ଏସ୍‌ଆଇଜି ୭୧୬ ୭.୬୨X୫୧ଏମ୍‌ଏମ୍ ଆସଲ୍ଟ ରାଇଫଲ୍ ବ୍ୟବହାର କରାଯିବ। ଏହାକୁ ବିଗତ କିଛିବର୍ଷ ମଧ୍ୟରେ କରାଯାଇଥିବା ସବୁଠୁ ବଡ଼ ଚୁକ୍ତି ବୋଲି କୁହାଯାଉଛି। ଭାରତୀୟ ସଶସ୍ତ୍ର ବାହିନୀର ଆଧୁନିକୀକରଣ ପାଇଁ ଚାଲିଥିବା ଉଦ୍ୟମକୁ ସଫଳ କରିବାରେ ଏହା ସହାୟକ ହେବ। ଗତବର୍ଷ ଏହି କମ୍ପାନୀକୁ ରାଇଫଲ୍ ଯୋଗାଣ ପାଇଁ ଚୟନ କରାଯାଇଥିଲା। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରାମନ୍ ଏହି ଅସ୍ତ୍ର ଅଧିଗ୍ରହଣକୁ ଅନୁମୋଦନ କରିଥିଲେ।

## ନୌସେନା ପାଇଁ ୧୧୧ ହେଲିକପ୍ଟର

**ନୂଆଦିଲ୍ଲୀ,୧୨।୨:** ଭାରତୀୟ ନୌସେନା ପାଇଁ ୧୧୧ ନାଭାଲ୍ ୟୁଟିଲିଟି ହେଲିକପ୍ଟର (ଏନ୍‌ୟୁଏଚ୍) ଅଣାଯାଉଛି। ତନ୍ମଧ୍ୟରୁ ୯୫ଟି ହେଲିକପ୍ଟର ଭାରତରେ ନିର୍ମିତ ହୋଇଥିବାବେଳେ



ଅବଶିଷ୍ଟ ୧୬ଟି ବିଦେଶରୁ ଅଣାଯିବ। ଏଥିପାଇଁ ମୋଟ ୨୨,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ। କେଉଁ କମ୍ପାନୀଗୁଡ଼ିକଠାରୁ ଏହି ହେଲିକପ୍ଟର କିଣାଯିବ ସେନେଇ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏକ ତାଲିକା ଚୂଡ଼ାନ୍ତ କରାଯାଉଛି। ଟାଟା ଆଡ୍‌ଭାନ୍ସ ସିଷ୍ଟମ୍, ମହିନ୍ଦ୍ରା ଡିଫେନ୍ସ, ଆଦାନି ଡିଫେନ୍ସ, ଏଲ୍‌ଆଣ୍ଡଟି, ଭାରତ ଫୋର୍ଜ ଏବଂ ରିଲାଏନ୍ସ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଭଳି କମ୍ପାନୀ ଏହି ହେଲିକପ୍ଟର ନିର୍ମାଣ ପ୍ରକ୍ରିୟାରେ ଭାଗନେବା ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। ନୌସେନାରେ ୧୯୬୦ ଦଶକରୁ ନିୟୋଜିତ ଚେତକ୍ ହେଲିକପ୍ଟର ବଦଳରେ ଏନ୍‌ୟୁଏଚ୍‌ଗୁଡ଼ିକୁ ବ୍ୟବହାର କରାଯିବ। ଏହା ତଲାସି, ଉଦ୍ଧାର ଓ ଯୁଦ୍ଧରେ ବ୍ୟବହାର କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ଜାରି ଏକ ବିବୃତିରେ କୁହାଯାଇଛି।

## ଅଖିଳେଶଙ୍କୁ ବିମାନବନ୍ଦରରେ ଅଟକାଇଲେ

**ନୂଆଦିଲ୍ଲୀ,୧୨।୨(ପି.ଟି.)**



ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ମଙ୍ଗଳବାର ଲକ୍ଷ୍ନୌ ବିମାନବନ୍ଦରରେ ଅଟକାଯାଇଛି। ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅଖିଳେଶ ଆଲ୍ଲାହାବାଦ ଯାଉଥିବାବେଳେ ବିମାନବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ଯିବାକୁ ଦେଇ ନ ଥିଲେ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଉତ୍ତରପ୍ରଦେଶର ଯୋଗୀ ସରକାରଙ୍କ ନିର୍ଦ୍ଦେଶରେ ଏପରି କରାଯାଇଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ମଙ୍ଗଳବାର ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦର ଶପଥଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ଯାଉଥିଲେ। ସେ ରାଜଧାନୀ ଲକ୍ଷ୍ନୌସ୍ଥିତ ଚୌଧରୀ ଚରଣ ସିଂ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବାବେଳେ ତାଙ୍କୁ ଅଟକାଯାଇଥିଲା। ଅଖିଳେଶ କହିଛନ୍ତି, ଜଣେ ଛାତ୍ର ନେତାଙ୍କ ଶପଥଗ୍ରହଣ ଉତ୍ସବରେ ସେ ଯୋଗଦେବା ପାଇଁ ଯାଉଥିବାବେଳେ ସରକାର ଏଥିରେ ଭୟଭୀତ ହୋଇ ତାଙ୍କୁ ରୋକିଛନ୍ତି। ଏହି ଅବସରରେ ପୋଲିସ ସହ ତାଙ୍କର ଯୁକ୍ତିତର୍କ ହେବା ବେଳର ଫଟୋକୁ ଅଖିଳେଶ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ବିମାନବନ୍ଦର ନିର୍ଦ୍ଦେଶକ ଏ.କେ. ଶର୍ମା ଏହାକୁ ଖଣ୍ଡନ କରିଛନ୍ତି। ରାଜ୍ୟ ବିଧାନସଭା ଓ ପାର୍ଲାମେଣ୍ଟରେ ଏହି ପ୍ରସଙ୍ଗ ଉଠିଛି। ବର୍ତ୍ତମାନର ସରକାର ଗଣତନ୍ତ୍ରକୁ ହତ୍ୟା ଉଦ୍ୟମ କରୁଥିବା ଏସ୍‌ପି ନେତା ନରେନ୍ଦ୍ର ବର୍ମା ବିଧାନସଭାରେ ଅଭିଯୋଗ ଆଣିଛନ୍ତି। ଏସ୍‌ପି ଏବଂ ବିଏସ୍‌ପି ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଯାଇ ଯୋଗୀ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ହୋହଲ୍ଲା କରିଛନ୍ତି। ଏସ୍‌ପି ବିଧାୟକମାନେ ଏହାକୁ ନେଇ ରାଜଭବନ ସାମ୍ନାରେ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ଅଖିଳେଶ ଆଲ୍ଲାହବାଦ ଗଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇ ହିଂସାକାଣ୍ଡ ଘଟିବା ଆଶଙ୍କା କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ରୋକିବାକୁ ଅନୁରୋଧ କରିଥିଲେ। ଏଥିଯୋଗୁ ଏଭଳି ପଦକ୍ଷେପ ନିଆଯାଇଛି। ବିଏସ୍‌ପି ସୁପ୍ରିମୋ ମାୟାବତୀ କହିଛନ୍ତି, ଦୁଇଦଳର ମେଣ୍ଟକୁ ନେଇ ଭାଜପା ଭୟଭୀତ ହୋଇଯାଇଛି। ତେଣୁ ଏଭଳି ଅଗଣତାନ୍ତ୍ରିକ ଉପାୟ ଆପଣାଉଛି। ଏହା ଭାଜପା ସରକାରର ସମ୍ପୂର୍ଣ୍ଣ ଏକଛତ୍ରବାଦ ଶାସନ ବୋଲି ମାୟାବତୀ ସମାଲୋଚନା କରିଛନ୍ତି।



## ଆତଙ୍କବାଦୀ ନିହତ, ଯବାନ ଶହୀଦ

**ଶ୍ରୀନଗର,୧୨।୨**

**ପୁଲୱାମା ଏନ୍‌କାଉଣ୍ଟର**

ଦକ୍ଷିଣ କଶ୍ମୀର ପୁଲୱାମା ରତନୀପୁରା ଅଞ୍ଚଳରେ ସୋମବାର ରାତିରେ ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ହିଲାଲ୍ ଅହମ୍ମଦ ରାଠର(୨୧) ପ୍ରାଣ ହରାଇଛନ୍ତି। ଯବାନ ବଲଜିତ୍ ସିଂ ଶହୀଦ ହୋଇଛନ୍ତି। ସର୍ଚ୍ଚ ଅପରେଶନ ବେଳେ ଏହି ଏନ୍‌କାଉଣ୍ଟର ହୋଇଥିଲା। ୨ ପୋଲିସ କର୍ମୀଙ୍କୁ ଗୁଳି କରି ହତ୍ୟା କରିବା ଘଟଣାରେ ଗିରଫ ଲଶ୍କର-ଇ-ତୋଇବା କମାଣ୍ଡର ନୱିଦ ଝୁଟ୍‌ଙ୍କୁ ୨୦୧୮ ଫେବୃୟାରୀ ୮ରେ ଶ୍ରୀନଗରର ଏକ ହସ୍ପିଟାଲରୁ ଫେରାର୍ କରାଇବାରେ ରାଠରଙ୍କ ପ୍ରମୁଖ ଭୂମିକା ରହିଥିଲା ବୋଲି କଶ୍ମୀର ରେଞ୍ଜ୍ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ ସ୍ୱୟମ ପ୍ରକାଶ ପାଣି କହିଛନ୍ତି। ନଭେମ୍ବର ୨୮ରେ ରାଠରଙ୍କୁ ଏନ୍‌କାଉଣ୍ଟର କରାଯାଇଥିଲା।

## ବୈଜୟନ୍ତଙ୍କ ମନିଲଣ୍ଡରିଂ ପ୍ରସଙ୍ଗ ଉଠାଇଲେ ଭର୍ତ୍ତୃହରି

**ନୂଆଦିଲ୍ଲୀ,୧୨।୨(ପି.ଟି.):** କେନ୍ଦ୍ରାପଡ଼ାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ମନିଲଣ୍ଡରିଂ ପ୍ରସଙ୍ଗ ମଙ୍ଗଳବାର ଲୋକ ସଭାରେ ଉଠିଛି। ବିଜେଡି ସଂସଦୀୟ ଦଳ ନେତା ଭର୍ତ୍ତୃହରି ମହତାବ ବୈଜୟନ୍ତଙ୍କ ବିଦେଶୀ ବିନିମୟ ପରିଚାଳନା ଆଇନ (ଏଫ୍‌ଇଏମ୍‌ଏ) ଉଲ୍ଲଂଘନ ଓ ମନିଲଣ୍ଡରିଂ ପ୍ରସଙ୍ଗ ଉଠାଇ ଏନେଇ କେନ୍ଦ୍ର ସରକାର କି ପଦକ୍ଷେପ ନେଉଛନ୍ତି ବୋଲି ନିମ୍ନ ସଦନରେ



ପ୍ରଶ୍ନ କରିଥିଲେ। ଶୂନ୍ୟକାଳରେ ସେ କହିଥିଲେ, ବୈଜୟନ୍ତ ଜଣେ ଭାରତୀୟ ପାସ୍‌ପୋର୍ଟଧାରୀ। ସେ ତାଙ୍କ ସ୍ତ୍ରୀ ଜଗି ମଙ୍ଗତ୍ ପଣ୍ଡା ଓ ପାରିବାରିକ ସହଯୋଗୀ ଟିକସ ଠକେଇର ଭୂସ୍ୱର୍ଗ ବାହାମାରେ ଆକାଉଣ୍ଟ ଖୋଲିଥିଲେ। କେନ୍ଦ୍ର ସରକାର ଏନେଇ କି ପଦକ୍ଷେପ ନେଇଛନ୍ତି? ଏହା ଏବେ ବି ତଦନ୍ତ ସ୍ତରରେ ରହିଛି କି? ତଦନ୍ତ ସମ୍ପୂର୍ଣ୍ଣ ହେବା ପାଇଁ କେତେଦିନ ଲାଗିବ ବୋଲି କଟକ ଏମ୍‌ପି ଭର୍ତ୍ତୃହରି ଜାଣିବାକୁ ଚାହିଁଥିଲେ। ପ୍ରକାଶ ଯେ, ଗତବର୍ଷ ବିଜେଡିରୁ ନିଲମ୍ବିତ ହୋଇଥିବା ପୂର୍ବତନ ଏମ୍‌ପି ତଥା ଶିଳ୍ପପତି ବୈଜୟନ୍ତ ଏଫ୍‌ଇଏମ୍‌ଏ ଉଲ୍ଲଂଘନ ଏବଂ ମନିଲଣ୍ଡରିଂ କରିଥିବା ଅଭିଯୋଗ ଆୟକର (ଆଇଟି) ବିଭାଗରେ ହୋଇଥିବା ରିପୋର୍ଟ ନିକଟରେ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ବୈଜୟନ୍ତ ଏହାକୁ ଖଣ୍ଡନ କରିଥିଲେ। ବାହାମାରେ ତାଙ୍କର କିମ୍ବା ପରିବାରର କାହାର ଏଭଳି ଆକାଉଣ୍ଟ ନାହିଁ ବୋଲି ସେ ଏକ ବିବୃତିରେ କହିଥିଲେ।

## ମିଗ୍-୨୭ ଦୁର୍ଘଟଣାଗ୍ରସ୍ତ

**ପୋଖରାନ/ରାଜସ୍ଥାନ,୧୨।୨**



ରାଜସ୍ଥାନର ଜୟସଲମେରରୁ ଟ୍ରେନିଂ ମିଶନରେ ବାହାରିଥିବା ମିଗ୍-୨୭ ବିମାନ ପୋଖରାନ୍ ରେଞ୍ଜରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ପାଇଲଟ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଖରାନ୍ ରେଞ୍ଜରେ ବାୟୁଶକ୍ତି ସାମରିକ ଅଭ୍ୟାସ ଅବ୍ୟବହିତ ହେବାର କେଇ ଘଣ୍ଟା ପୂର୍ବରୁ ଏହି ଦୁର୍ଘଟଣା ଘଟିଛି। ଫେବୃୟାରୀ ୧ରେ ବେଙ୍ଗାଲୁରୁ ହିନ୍ଦୁସ୍ଥାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ବନ୍ଦରଠାରେ ଭାରତୀୟ ବାୟୁସେନାର ମିରେଜ୍-୨୦୦୦ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ଫୁରସତ

## ସବୁଜ ବିଶ୍ୱ: ନେତୃତ୍ୱ ନେଉଛନ୍ତି ଭାରତ,ଚାଇନା

**ୱାଶିଂଟନ୍:** ବିଶ୍ୱକୁ ସବୁଜିମା କରିବା ଉଦ୍ୟମରେ ଭାରତ ଓ ଚାଇନା ନେତୃତ୍ୱ ନେଉଛନ୍ତି ବୋଲି ନାସା ପକ୍ଷରୁ କରାଯାଇଥିବା ସର୍ବଶେଷ ଅଧ୍ୟୟନରୁ ସୂଚନା ମିଳିଛି। ଦୀର୍ଘ ୨୦ବର୍ଷ ତଳେ ବିଶ୍ୱ ଯେଭଳି ସବୁଜିମା ଦେଖାଯାଉଥିଲା ବର୍ତ୍ତମାନ ଅପେକ୍ଷାକୃତ ଅଧିକ ସବୁଜିମାମୟ ହୋଇଥିବା ଏଥିରେ କୁହାଯାଇଛି। ଆମେରିକୀୟ ମହାକାଶ ଗବେଷଣା କେନ୍ଦ୍ର 'ନାସା' ଦ୍ୱାରା ସଂଗ୍ରହ କରାଯାଇଥିବା ଉପଗ୍ରହ ତଥ୍ୟକୁ ବିଶ୍ଳେଷଣ କରି କୁହାଯାଇଛି, ପୃଥିବୀ ପୃଷ୍ଠକୁ ସବୁଜିମାମୟ କରିବାରେ ଭାରତ ଓ ଚାଇନାର ଅଧିକ ଅବଦାନ ରହିଛି। ଏହି ଦୁଇଦେଶର ଭୂଭାଗର ଏକତୃତୀୟାଂଶ ସବୁଜିମାମୟ ହୋଇଥିବା ବେଳେ



ଉଦ୍ଭିଦରାଜି ଅଞ୍ଚଳ ହେଉଛି ପୃଥିବୀର ମାତ୍ର ୯% ବୋଲି ବୋଷ୍ଟନ ୟୁନିଭର୍ସିଟିର ପ୍ରମୁଖ ଲେଖକ ଚାଇ ଚେନ୍ ପ୍ରକାଶ କରିଛନ୍ତି। ଜନବହୁଳ ରାଷ୍ଟ୍ରରେ ଚାଷଜମି ଉପରେ ଅଧିକ ନିର୍ଭରଶୀଳତା ଯୋଗୁ ଏହାର ଅବକ୍ଷୟ ହୁଏ ବୋଲି ସାଧାରଣରେ ଏକ ଧାରଣା ସୃଷ୍ଟି ହୋଇଥାଏ। କିନ୍ତୁ ଭାରତ ଓ ଚାଇନା ଭଳି ଜନବହୁଳ ରାଷ୍ଟ୍ରରେ ଏହାର ବିପରୀତ ଦେଖିବାକୁ ମିଳୁଛି ବୋଲି ସେ ପ୍ରକାଶ କରିଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଷ୍କ ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୨.୫ |
| ଚାନ୍ଦବାଲି | ୨୭.୮ | ୧୪.୮ |
| କଟକ | ୩୦.୫ | ୧୩.୨ |
| ପାରାଦ୍ୱୀପ | ୨୭.୩ | ୧୫.୮ |
| ଭୁବନେଶ୍ୱର | ୩୧.୨ | ୧୩.୮ |
| ଗୋପାଳପୁର | ୨୯.୮ | ୧୭.୩ |
| ପୁରୀ | ୨୭.୮ | ୧୬.୬ |
| ଅନୁଗୋଳ | ୩୦.୭ | ୧୦.୦ |
| ବାରିପଦା | ୨୮.୮ | ୧୨.୦ |
| ଝାରସୁଗୁଡ଼ା | ୩୦.୩ | ୧୧.୨ |
| କେନ୍ଦୁଝର | ୨୭.୮ | ୧୧.୦ |
| ସମ୍ବଲପୁର | ୩୦.୬ | ୧୧.୬ |
| ସୁନ୍ଦରଗଡ଼ | ୨୯.୦ | ୧୧.୦ |
| ହୀରାକୁଦ | ୨୯.୬ | ୧୨.୬ |
| ତାଳଚେର | ୩୧.୧ | ୧୨.୫ |
| ଭବାନୀପାଟଣା | --- | ୧୨.୫ |
| ବଲାଙ୍ଗୀର | ୩୦.୮ | ୧୧.୫ |
| କୋରାପୁଟ | ୨୯.୬ | ୧୨.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୧୦.୫ |
| ମାଲକାନଗିରି | ୩୪.୮ | ୧୨.୨ |
| ସୋନପୁର | --- | ୧୧.୦ |
| ଦାରିଙ୍ଗିବାଡ଼ି | ୨୮.୦ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ସଂସଦରେ ବାଜପେୟୀଙ୍କ ତୈଳଚିତ୍ର

**ନୂଆଦିଲ୍ଲୀ:** ସଂସଦର ସେଣ୍ଟ୍ରାଲ ହଲ୍‌ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ତୈଳଚିତ୍ରକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମଙ୍ଗଳବାର ଅନାବରଣ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଲେ, ବାଜପେୟୀ ତାଙ୍କର ନିର୍ଣ୍ଣାୟକ ନିଷ୍ପତ୍ତି ଲାଗି ସବୁଦିନ ମନେରହିବେ। ୧୯୯୮ରେ ଆଣବିକ ପରୀକ୍ଷା ଏବଂ କାର୍ଗିଲ ଯୁଦ୍ଧ ଭଳି ପରିସ୍ଥିତିରେ ସେ ନିର୍ଣ୍ଣାୟକ ନିଷ୍ପତ୍ତି ନେଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭାରତକୁ ଏକ ଶାନ୍ତିପୂର୍ଣ୍ଣ ଅଥଚ ଦୃଢ଼ ଓ ଶକ୍ତିଶାଳୀ ରାଷ୍ଟ୍ର ଭାବେ ଗଢ଼ି ତୋଳିବାରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କର ଛବି ଆମକୁ ସବୁଦିନ ପ୍ରେରଣା ଦେବା ସହିତ ଆଶୀର୍ବାଦ ପ୍ରଦାନ କରିବ। ବାଜପେୟୀଙ୍କ ବକ୍ତୃତା ଏବଂ ନୀରବତା ସମାନ ଭାବେ ଶକ୍ତିଶାଳୀ ଥିଲା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଥିଲେ। ୧୯୯୬ରୁ ୨୦୦୪ ମଧ୍ୟରେ ୩ଥର ପ୍ରଧାନମନ୍ତ୍ରୀ ହୋଇଥିବା ବାଜପେୟୀଙ୍କ ତୈଳଚିତ୍ର ନିର୍ମାଣ କରିଥିଲେ ଉତ୍ତରପ୍ରଦେଶର ବୃନ୍ଦାବନ ନିବାସୀ ତଥା ପ୍ରସିଦ୍ଧ ଚିତ୍ରକର କ୍ରିଷ୍ଣ କନ୍ହେୟା। ଏଭଳି ଏକ ଛବି ନିର୍ମାଣ ପାଇଁ ଡିସେମ୍ବର ୧୮ରେ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନଙ୍କ ଅଧ୍ୟକ୍ଷତାରେ ବସିଥିବା ସଂସଦର ପୋର୍ଟ୍ରେଟ କମିଟି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଅନାବରଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ



ଉପସ୍ଥିତ ଥିଲେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ, ରାଜ୍ୟ ସଭାର ବିରୋଧୀ ଦଳ ନେତା ଗୁଲାମ ନବି ଆଜାଦ, ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ଏଚ୍.ଡି. ଦେବେଗୌଡା ଏବଂ ଭାଜପାର ବରିଷ୍ଠ ନେତା ଏଲ.କେ. ଆଡଭାନୀ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ଫେବୃୟାରୀ ୧୩/୨୦୧୯
Sambalpur, Wednesday, February 13 / 2019





ଦୁଃଖର ଅନ୍ୟନାମ ଅସନ୍ତୋଷ, ସୁଖର ଅନ୍ୟନାମ ସନ୍ତୋଷ, ସେଥିପାଇଁ ସୁଖରେ ରହିବାକୁ ଇଚ୍ଛା କରୁଥିବା ଲୋକ ସନ୍ତୁଷ୍ଟ ରହିବା ଉଚିତ।
- ଗୌତମ ବୁଦ୍ଧ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆରାଧ୍ୟା
ପରିବାରବର୍ଗ


ପ୍ରତ୍ୟାଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।






### BRIDE WANTED

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ମୋ: 9937858319. D-11066

ବାର୍ଷିକ ୧୦ଲକ୍ଷ ଟଙ୍କା ପ୍ୟାକେଜ୍‌ରେ ବାଙ୍ଗାଲୋରରେ ସଫ୍ଟୱେୟାର ଇଞ୍ଜିନିୟର ଭାବେ କାର୍ଯ୍ୟରତ କୁମ୍ଭାର ଜାତିର ପାତ୍ର ପାଇଁ ଏକ ଗୌରବର୍ଣ୍ଣ, ଶିକ୍ଷିତ ପାତ୍ରୀ ଆବଶ୍ୟକ। ଯୋଗାଯୋଗ: ୯୪୩୭୩୬୦୯୭୦, ୯୯୩୮୦୨୬୭୦୪। ଧ-୬୨୦୬୯

Well settled Karan groom DOB- 04.09.89. B.tech in Mechanical engineering working as a Manager. Only son, from Kendrapada, contact. 8328831148. D-11053

Wanted bride for candidate 28 years, MBA working at Prudential group from Karan and Khandayat community. Contact: 9099004628. D-11065

Urgent bride requirement for Gudia groom qualification IT, Height- 5'7". Contact: 6370096605, 9778124128. D-10918

Wanted good looking Brahmin bride for only son B.A, PGDCA 39/5'.5" own residence Bhubaneswar. 9861590658. D-11097

Brahmin boy 39, State Govt. service, village area preferable. 9437555525. D-58045

Wanted Brahmin homely bride for 1980 born 5'9" Diploma Engineer Brahmin boy. Contact: 8917628852, 6370737397. D-64790

Wanted qualified service bride for Gopal boy 1986, 5'6" M.Tech serving JRF, IIT, Bhubaneswar. 9437190417, "Sunasansar" 9937512659. D-11111

### GROOM WANTED

ଭୁବନେଶ୍ୱରର ବ୍ରାହ୍ମଣର ଝିଅ ୩୪+ BA ପାଇଁ ଉପଯୁକ୍ତ ବରପାତ୍ର ଆବଶ୍ୟକ। 9861135199. D-11051

Widow bride Teacher 35, Clerk 42, Engineer 38 (caste-no-bar). 7873374269. D-65475

Beautiful Khandayat girl 1980/ M.Tech, Engineer Gridco, Bhubaneswar. 8658098352, 9238578590. D-64789

Brahmin girl 1987, 5'2" MVSC serving Veterinary Doctor Dhenkanal "Sunasansar". 9937512659. D-11112

Now Matrimonial ads. only on Wednesday & Sunday
Book 1 Get 1 FREE

# Classified




### SALE

Plotting project near Patia KIIT University, Bhubaneswar 40" mainroad, 30" subroad, draingage, electrification, instant boundarywall sqft. 1150/-. 6370743007, 6370855152. D-65341

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପୁଟ ପଟ୍ଟାରୁ ବିକ୍ରିହେବ। 9178660666. D-65558

**Readymade Ghari (prawn farm) Gadadharipur, Jagatsinghpur 7 acres land 15,00,000/-. 7809525452.** D-65821

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30' road ଥାଇକି ଅଗ୍ନି boundarywall electry, gharabari, Temple, ନାମପଟ୍ଟା ସହ sqft. 650/-ରେ ଦିଆଯାଉଛି। 7008045582, 9078967488. D-11018

**Plot on lowest bduget Brahmanajharilo, 9km. from BBSR 16km. from Cuttack 250/- sqft. 7809525452.** D-65822

Book 4BHK duplex having land area 1500 sqft. and construction area 2000 sqft., back side of AMRI Hospital, Khandagiri, Bhubaneswar. Possession in June 2020. Price- 62.5 lakhs. 7504392698. D-65565

Sthitiban plot near Big Bazaar, Patia to 2km. Singada Mouza 405 Decimal Rs. 12 lakh. Contact No: 8270495179. D-11077

**House sale under Municipality area near BDA park Dumduma Bhubaneswar, land area 1089 sqft Built up-ground 776 sqft, first floor 776 sqft 2nd floor 500 sqft, total- 2052 sqft marble flooring, 3 bed room 5 bath room BDA plan approved & bank loan available cost @ 60 lakh, 9938867397.** D-11100

3BHK ready to move flats newly constructed for sale at Kharvel Nagar, Bhubaneswar. 7008672367, 8270788667. D-11109

Bhubaneswar Pitapalli Chack ପାଖରେ BDA plot 30' ରାସ୍ତାଥାଇ ମିଳୁଛି: 9090963952. D-65361

**Bhubaneswar AIIMS Hospitalଠାରେ yellowzone gharabari 30'road, ଇଲେକ୍ଟ୍ରିସିଟିଥାଇ plot sqft. 1500/-ରେ ବିକ୍ରିହେବ: 9937819395.** D-65362

Bhubaneswar KIIT ଜଗନ୍ନାଥ ମନ୍ଦିର ପାଖରେ 40' ରାସ୍ତାଥାଇ boundarywall, electricity, water ସୁବିଧାଥାଇ plot ବିକ୍ରିହେବ: 7894760783. D-65360




Newly 2BHK simplex 2 car parking 14,000/- for family near Damana Chhack. 9658197163. D-11098

2BHK house for rent at Behera sahi, Nayapalli, Bhubaneswar. Contact: 7377778777. D-11102




ଶିରିଡ଼ିସାଇ, ଶନିସିଗ୍ନାପୁର, ନାସିକ, ମୁମ୍ବାଇଦର୍ଶନ, ବିମାନଯୋଗେ, 23rd March. ଶ୍ରୀସାଇ ସେବାଟ୍ରଷ୍ଟ, ଭୁବନେଶ୍ୱର। ଯୋଗାଯୋଗ: 7978044197, 9437090931. D-65609




New opening ayurvedic full body massage. 7077444583. D-10885

Newly ayurvedic full body messege relaxed home service: 7609923705, 7438851534. D-38545

### AFFIDAVIT

By virtue of an affidavit sworn in the Court of Executive Magistrate Bhadrak on date 28.11.18. I Rekha Dey D/o-Rabindra Kumar Dey changed my name from Rekha Dey to Sudipa Dey. Henceforth I will be known as Sudipa Dey for all purpose. Rekha Dey alias Sudipa Dey. D-11099

By virtue of an affidavit before Notary, Bhubaneswar on 08.02.2019 my name and my father's name changed from Deena Krushna Mallick and Sudarsan Mallick to Deena Krushna Mallik and Sudarshan Mallik respectively. Henceforth we shall be known as Deena Krushna Mallik and Sudarshan Mallik for all purposes. D-64791

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି ... ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ତୃତୀୟ ଜନ୍ମଦିନ ଶୁଭେଚ୍ଛା



**ଆରାଧ୍ୟା ବିଶୋଇ**
ସାହୁ କଲୋନୀ, ସମ୍ବଲପୁର

ତା.୧୨.୦୨.୨୦୧୯ ରିଖ ମଙ୍ଗଳବାର ଦିନ ୩ୟ ଜନ୍ମତିଥି ଉତ୍ସବରେ ମାଁ ସମଲେଶ୍ୱରୀ ଓ ମାଁ ମାହେଶ୍ୱରୀ ଓ ଇଷ୍ଟଦେବୀ ଦେବୀଙ୍କ ଆଶୀର୍ବାଦରୁ ତୁମର ଆୟୁଷ ବୃଦ୍ଧି ସଙ୍ଗେ ସଙ୍ଗେ ନୀରୋଗ ରହି ପୃଥିବୀରେ ପ୍ରଶଂସିତ ହୁଅ, ଏହାହିଁ ପ୍ରାର୍ଥନା। ଶୁଭେଚ୍ଛା ସହ: ମାଆ, ବାପା, ପରିବାରବର୍ଗ ଓ ବନ୍ଧୁବାନ୍ଧବମାନେ। ଧ-୧୧୧୦୩

## ଚତୁର୍ଥ ଜନ୍ମବାର୍ଷିକ ଶୁଭେଚ୍ଛା



(ଡୁଡୁଲୁ)
**ସାଇଶ୍ରୀ ସାହୁ**
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ

ତୋର ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀରାଧା ରାଣୀଙ୍କ କୃପାରୁ ତୋ ଚଲାପଥ କୁସୁମିତ ହେଉ। ଜନ୍ମଦିନରେ ଅନେକ ଅନେକ ଶୁଭ କାମନା ସହ: ଜେଜେ ବାପା, ଜେଜେମା, ଗୁଗୁଲୁ, ବୁବୁଲୁ ଓ ପରିବାରବର୍ଗ।
ଧ-୩୪୮୯୩


### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# ଜୋନାଲ ମ୍ୟାନେଜରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

**ଭଦ୍ରକ ଅଫିସ, ୧୨।୨:** ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ଜୋନାଲ ମ୍ୟାନେଜର ଅଜିତ କୁମାର ହୋତାଙ୍କ ଘରେ ମଙ୍ଗଳବାର ପୂର୍ବାହ୍ନରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ଏହି ଚଢ଼ାଉ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଭଦ୍ରକ ସହର ମଠସାହି, ସହରର ଉପକଣ୍ଠ ନଲାଙ୍ଗ, ଧୁଷୁରୀ ସ୍ଥିତ ନିଜ ଘର ଓ ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ସମେତ ଏକକାଳୀନ ୪ଟି ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ବାଲେଶ୍ୱର ଭିଜିଲାନ୍ସ ନିକଟରେ ହୋତାଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଭିଜିଲାନ୍ସ ଡିଏସ୍‌ପି ଶରତ କୁମାର ଦାସ ମହାପାତ୍ର ଓ ଇନ୍ସପେକ୍ଟର ସୁଲୋଚନା ନାୟକଙ୍କ ନେତୃତ୍ୱରେ ଏହି ୪ଟି ସ୍ଥାନରେ ଚଢ଼ାଉ ହୋଇଥିଲା। ସୂଚନାଯୋଗ୍ୟ, ହୋତା ଚାକିରିରୁ ଚଳିତ ମାସ ୨୮ ତାରିଖରେ ଅବସର ନେବେ। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ହୋତାଙ୍କର ଗୋଟିଏ ଜେସିବି, ୫ ବାଇକ୍, ୨୭ ଆକାଉଣ୍ଟ, ୨୯ ଲକ୍ଷ ଟଙ୍କା ବ୍ୟାଙ୍କ ବୀମା ସହ ୧୧ଟି ପ୍ଲଟ ଓ ନଗଦ ୨ଲକ୍ଷ ୮୯ ହଜାର ଟଙ୍କା ଠାବ କରାଯାଇଥିବା ଜଣାପଡ଼ିଛି।

# ଘର ବାହୁଡ଼ିବେ ହେମା ଗମାଙ୍ଗ

**କୋରାପୁଟ, ୧୨।୨(ସ୍ୱ.ପ୍ର.)**

ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ସ୍ତ୍ରୀ ତଥା ପୂର୍ବତନ ଏମ୍‌ପି ହେମା ଗମାଙ୍ଗ ପୁଣିଥରେ କଂଗ୍ରେସକୁ ଫେରିବେ। ନୂଆଦିଲ୍ଲୀଠାରେ ସେ କଂଗ୍ରେସ ଦଳର କେତେକ ବରିଷ୍ଠ ନେତାଙ୍କୁ ଭେଟି ଘର ବାହୁଡ଼ା ଇଚ୍ଛା ପ୍ରକଟ କରିଛନ୍ତି। କଂଗ୍ରେସ ଦଳରେ ଥାଇ ସେ ୧୯୯୯ରେ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଏମ୍‌ପି ଓ ୨୦୦୪ରେ ଗୁଣପୁର ଆସନରୁ ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୪ ନିର୍ବାଚନରେ କୋରାପୁଟ ଲୋକସଭା ନିର୍ବାଚନ ମଣ୍ଡଳୀରୁ ଦଳ ତାଙ୍କୁ ଲଢ଼ିବା ପାଇଁ ଟିକେଟ୍ ନ ଦେବାରୁ ସେ ଅସନ୍ତୁଷ୍ଟ ଥିଲେ। ନିର୍ବାଚନର ଅବ୍ୟବହିତ ପୂର୍ବରୁ ସେ ବିଜେଡିରେ ଯୋଗଦେବା ପରେ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇ ଦଳ ତାଙ୍କୁ ଟିକଟ ଦେଇଥିଲା। କିନ୍ତୁ କଂଗ୍ରେସର କୈଳାସ କୁଲେସିକାଙ୍କଠାରୁ ୧୭୦୦ ଭୋଟ୍‌ରେ ସେ ପରାସ୍ତ ହୋଇଥିଲେ। ପରେ ନିଜ ନିର୍ବାଚନ ମଣ୍ଡଳୀରେ ବିଜେଡି ତାଙ୍କୁ ଅଣଦେଖା କରୁଥିବା ଅଭିଯୋଗ କରି ସେ ୨୦୧୮ରେ ବିଜେଡି ହାତ ଛାଡ଼ିଥିଲେ। ସେତେବେଳେ ସେ ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ସେ ନୂଆଦିଲ୍ଲୀରେ କଂଗ୍ରେସ ବରିଷ୍ଠ ନେତୃବୃନ୍ଦଙ୍କୁ ଭେଟିବା ପରେ ଏହା ଇଙ୍ଗିତ କରୁଛି ଯେ, ସେ କଂଗ୍ରେସକୁ ବାହୁଡ଼ିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ଯଦି ପୁଣିଥରେ କଂଗ୍ରେସ ଦଳକୁ ହେମାଙ୍କ ଘରବାହୁଡ଼ା ହୁଏ, ତେବେ ତାଙ୍କୁ ଅବିଭକ୍ତ କୋରାପୁଟ ଜିଲାର କେଉଁସ୍ଥାନରୁ ଲୋକସଭା ନା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନେତୃତ୍ୱ ନେବା ପାଇଁ କଂଗ୍ରେସ ସୁଯୋଗ ଦେବ, ସେନେଇ ସ୍ଥାନୀୟ ରାଜନୀତି ମହଲରେ ଏବେ ଚର୍ଚ୍ଚା ଜୋର୍ ଧରିଲାଣି। ଏ ସମ୍ପର୍କରେ ହେମା 'ଧରିତ୍ରୀ'କୁ କହିଛନ୍ତି ଯେ କଂଗ୍ରେସରେ ଯୋଗଦେବା ନେଇ ଏ ପର୍ଯ୍ୟନ୍ତ ଦଳୀୟ ନିଷ୍ପତ୍ତି ହୋଇନାହିଁ। ସମସ୍ତଙ୍କ ସହ ଯୋଗାଯୋଗ କରୁଛି। ଦିଲ୍ଲୀର ବହୁ ବରିଷ୍ଠ ନେତାଙ୍କୁ ଭେଟିଛି। ରାହୁଲ ଗାନ୍ଧିଙ୍କ ସହ ସାକ୍ଷାତ୍ ହୋଇନାହିଁ। ସେ ବାହାରେ ଥିବାରୁ ପରେ କେବେ ତାଙ୍କୁ ଭେଟିବେ ବୋଲି ହେମା କହିଛନ୍ତି। ଏକଦା କଂଗ୍ରେସ ଛାଡ଼ି ପୁଣିଥରେ ଦଳକୁ କାହିଁକି ଫେରିଲେ ବୋଲି ପ୍ରଶ୍ନରେ ସେ କହିଛନ୍ତି, କଂଗ୍ରେସ ଛାଡ଼ିବା ଏବେ ପୁରୁଣା କଥା। ସମସ୍ତେ ମିଶି ଜିଲା, ରାଜ୍ୟ ନେତୃତ୍ୱ ମୋ ବିରୋଧରେ ଚକ୍ରାନ୍ତ କରିଥିଲେ। ସେତେବେଳର ପିସିସି ସଭାପତି ମୋ ଟିକଟ କାଟିଥିଲେ। ସେଥିପାଇଁ ମୁଁ ଦଳ ଛାଡ଼ିଥିଲି। କଂଗ୍ରେସ ଗୋଟେ ଭଲ ଦଳ। ଲୋକମାନେ ଚାହିଁଲେ ଏବେ ମୁଁ ଫେରିବାକୁ ଚାହୁଁଛି ବୋଲି ସେ କହିଛନ୍ତି।


ହେମା ଗମାଙ୍ଗ

### ଦିଲ୍ଲୀରେ କଂଗ୍ରେସ ନେତୃବୃନ୍ଦଙ୍କୁ ଭେଟିଲେ


## ମନେ ପଡ଼ନ୍ତି

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଆଶାଲତା ଦାସ**
ଆବିର୍ଭାବ: ୧୪।୦୯।୧୯୫୫
ତିରୋଧାନ: ୦୭।୦୨।୨୦୧୪
(ମାଘମାସ ଶୁକ୍ଳପକ୍ଷ ଅଷ୍ଟମୀ)
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୫୪୭୭

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ବାଇଧର ସାହୁ**
ଆବିର୍ଭାବ: ୨୨।୦୪।୧୯୩୬
ତିରୋଧାନ: ୧୩।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୫୮୦୪୩

### ଦଶାହ ଉପଲକ୍ଷେ



**ସ୍ୱର୍ଗତା ଲାବଣ୍ୟ ମଞ୍ଜରୀ ଦେବୀ**
ଆବିର୍ଭାବ: ୦୧।୦୧।୧୯୪୧
ତିରୋଧାନ: ୦୪।୦୨।୨୦୧୯
ବୋଉ, ଆଜି ତୁମର ଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ସରଳତା, ଆଦର୍ଶ ଓ ଭଲପାଇବା ଆମର ପାଥେୟ ହେଉ। ତୁମର ଅନୁପସ୍ଥିତି ଆମ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ତୁମର ଆତ୍ମା ପରମାତ୍ମା ସହିତ ବିଲୀନ ହେଉ, ଏହା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ଭଣଜା, ଭାଣେଜୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୬୫୮୨୭

Your Classified Advertisement published in Dharitri will be listed free in Dharitri Online Edition: www.dharitri.com


# ଭୋଟ୍ ପୂର୍ବରୁ ମକ୍ ପୋଲିଂ

### ଇଭିଏମ୍ ଭିଭିପାଟ୍ ନିର୍ଭୁଲ୍ ଭାବେ କାମ କରୁଥିବା କହିଲେ ପାଢୀ

**ଭୁବନେଶ୍ୱର, ୧୨।୨(ବ୍ୟୁରୋ)**

ଆଗାମୀ ସାଧାରଣ ନିର୍ବାଚନରେ ପ୍ରଥମ ଥର ପାଇଁ ଇଭିଏମ୍ ସହ ଭିଭିପ୍ୟାଟ୍‌ର ବ୍ୟବହାର ହେବାକୁ ଯାଉଥିବାରୁ ଭୋଟରମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ, କମିଶନର ତଥା ଶାସନ ସଚିବ ଏବଂ ଅତିରିକ୍ତ ଶାସନ ସଚିବମାନଙ୍କୁ ଇଭିଏମ୍ ସହ ଭିଭିପ୍ୟାଟ୍ ମାଧ୍ୟମରେ ଭୋଟଦାନ ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସଂକ୍ଷିପ୍ତ ସୂଚନା ଦେଇଛନ୍ତି। ଏହାସହ ସଚିବମାନଙ୍କ ମଧ୍ୟରେ ମକ୍ ପୋଲିଂ କରାଯାଇଛି। ଏଥିରେ ପ୍ରଥମ ଭୋଟର ଭାବେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଭୋଟ ଦେଇଛନ୍ତି। ଇଭିଏମ୍ ଓ ଭିଭିପ୍ୟାଟ୍ ଶତପ୍ରତିଶତ ସଠିକ୍ ଓ ନିର୍ଭୁଲଭାବେ କାର୍ଯ୍ୟ କରୁଥିବା ପାଢୀ କହିଛନ୍ତି। ଏହି ଅବସରରେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ, ଶକ୍ତି ବିଭାଗ କମିଶନର ହେମନ୍ତ ଶର୍ମା, ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ, ପୂର୍ତ୍ତ ସଚିବ ନଳିନୀକାନ୍ତ ପ୍ରଧାନ ଏବଂ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସଚିନ ରାମଚନ୍ଦ୍ର ଯାଦବଙ୍କ ସହ ସଚିବାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ମକ୍ ପୋଲିଂରେ ଅଂଶଗ୍ରହଣ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ:** ଆଜି ଚନ୍ଦ୍ର ଉଚ୍ଚସ୍ଥାନକୁ ଅବତରଣ କରି ଆପଣଙ୍କ ଆର୍ଥିକ ଅଭିବୃଦ୍ଧି, ନୂତନ ବନ୍ଧୁ ସମ୍ପର୍କ ଓ ଫଳପ୍ରଦ ଆଲୋଚନା ମାଧ୍ୟମରେ କାର୍ଯ୍ୟ ହାସଲ କରାଇବେ। କୌଣସି ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ମାନସିକ ଚିନ୍ତା ବଢ଼ିଯାଇପାରେ। ଅନ୍ୟମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟି କଲେ ମଧ୍ୟ ହାତ ମୁଠାରୁ ସୁଯୋଗ ଖସିଯାଇପାରିବ ନାହିଁ।

**ବୃଷ:** ଖୁସି ମନରେ କାମ କରିବା ସାଙ୍ଗକୁ ଯେମିତି ଚାହୁଁଛନ୍ତି ତାହା ପାଇବା ଓ କରିବା ଦିଗରେ କୌଣସି ଅସୁବିଧା ରହିବ ନାହିଁ। ଇଚ୍ଛା ନ ଥିଲେ ମଧ୍ୟ ବାଧ୍ୟବାଧକତାରେ କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ହାତକୁ ନେବାକୁ ବାଧ୍ୟ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୀତି, ଦୂରଭ୍ରମଣ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ।

**ମିଥୁନ:** ଆଜିର ଚନ୍ଦ୍ରଙ୍କ ସ୍ଥିତି ଅନୁସାରେ ଯଦି କିଛି ପାଇବାକୁ ଇଚ୍ଛା କରୁଛନ୍ତି ତେବେ କିଛି ଦେବାକୁ ପଡ଼ିପାରେ। କିନ୍ତୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ କାରଣରୁ ବିଫଳତା ହେତୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପ୍ରସ୍ତୁତି ସକାଶେ ବ୍ୟସ୍ତ ରହିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ପରିଚାଳନାଗତ ତ୍ରୁଟିକୁ ସୁଧାରିବାକୁ ପ୍ରସ୍ତୁତି ଆରମ୍ଭ କଲେ ଉପକୃତ ହେବେ।

**କର୍କଟ:** ଆଜିର ଗ୍ରହସ୍ଥିତି ବହୁତ ଭଲ ରହିଥିବାରୁ ଯେଉଁ କାମରେ ହାତଦେବେ ସେଥିରେ ଶତକଡା ଶହେଭାଗ ଶୁଭଫଳ ପାଇବେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ଅନୁକମ୍ପା ମାଧ୍ୟମରେ ମନ ଭିତରର କଥାକୁ ପ୍ରକାଶ କରି ଅଭିଳାଷ ପୂରଣ କରିପାରନ୍ତି। ଅଭାବ ନ ଥିଲେ ମନ ଭଲ ରହିବ ନାହିଁ। ପାରିବାରିକ ସ୍ତରରେ ସାଧାରଣ ସ୍ୱାର୍ଥକୁ କେନ୍ଦ୍ରକରି ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି।

**ସିଂହ:** ଆଜି କର୍ମସ୍ଥାନରେ ଚନ୍ଦ୍ରଙ୍କ ସ୍ଥିତି ଲୋକସମ୍ପର୍କ ବୃଦ୍ଧି ଦିଗରେ ସାହାଯ୍ୟ କରିବ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ଆର୍ଥିକ ଅନଟନ ରହିଥିଲେ ଆବଶ୍ୟକ ସମୟରେ କୌଣସି ବନ୍ଧୁଙ୍କ ସାହାଯ୍ୟରୁ କାମ ଅଟକିବ ନାହିଁ। ଆନୁଷ୍ଠାନିକ କାମରେ ଆତ୍ମୀୟତାର ସହ କାମ କରି ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା:** ଆଜି ଚନ୍ଦ୍ରକେନ୍ଦ୍ରସ୍ଥ ବୃହସ୍ପତି ଗଜକେଶରୀ ଯୋଗ ସୃଷ୍ଟିକରି ଆପଣଙ୍କୁ ଉଚ୍ଚ ସମ୍ମାନ, ଅର୍ଥ, ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ପ୍ରଦାନ କରିବ। କୌଣସି ନୂତନ କାମ ଆରମ୍ଭ କରି ଗୁରୁଜନଙ୍କ ଶ୍ରଦ୍ଧାଭାଜନ ହୋଇପାରନ୍ତି। ପରିସ୍ଥିତିର ସାମ୍ନା କରିବା ପରିପ୍ରେକ୍ଷୀରେ ପାଖ ପଡ଼ୋଶୀଙ୍କ ସାହାଯ୍ୟ ନେବା ପାଇଁ ବାଧ୍ୟହେବେ। ପରୋକ୍ଷ ଶତ୍ରୁତା ଲାଗି ରହିପାରେ।

**ତୁଳା:** ଶନି ଯୁକ୍ତ ଶୁକ୍ର କାରଣରୁ ସାମୟିକ ଶାରୀରିକ ଅସୁସ୍ଥତା ହେତୁ ମନ ବିଚଳିତ ରହିପାରେ। ବ୍ୟବସାୟ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି। କଚେରି ମାମଲାରେ ସମସ୍ୟା କ୍ରମଶଃ ବୃଦ୍ଧି ପାଇବାକୁ ନେଇ ଚିନ୍ତିତ ରହିପାରନ୍ତି। ଶତ୍ରୁତା ହଠାତ୍ ପ୍ରଶମିତ ହେବନି କିନ୍ତୁ କିଛି ସମୟ ପାଇଁ ମଳିନ ରହିବ।

**ବିଛା:** ପରିବର୍ତ୍ତିତ ସମୟକୁ ନେଇ ଆପଣଙ୍କର ଚିନ୍ତାଧାରା ମଧ୍ୟ ବଦଳିଯିବ। ନିଜର ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କୁ ମଧ୍ୟ ମାଙ୍ଗଳିକ କାମରେ ଭୁଲି ଯାଇପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ଅସମ୍ପୂର୍ଣ୍ଣ ରହିବା କାରଣରୁ ମନ ଭଲ ରହି ନ ପାରେ। ସଭାସମିତି, ଜମିଜମା କଥା ନେଇ ପଡ଼ୋଶୀଙ୍କ ସହ ଆଲୋଚନା କଲେ ଉପକୃତ ହେବେ।

**ଧନୁ:** ନିଜର ଗୁରୁତ୍ୱପୂର୍ଣ୍ଣ କାମକୁ ପଛରେ ପକାଇ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷାକରି ଦୂରଯାତ୍ରା କରିପାରନ୍ତି। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନଯୋଗୀ ସ୍ୱଭାବର ପରିବର୍ତ୍ତନ ପାଇଁ ବନ୍ଧୁଙ୍କ ପରାମର୍ଶ ଗ୍ରହଣଯୋଗ୍ୟ ହେବ। ଆତ୍ମୀୟମାନଙ୍କ ସହଯୋଗରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ଆଜି କେତେକାଂଶରେ ନିୟନ୍ତ୍ରଣାଧୀନ ରହିବ।

**ମକର:** ଆଜିର ପ୍ରତ୍ୟୁଷ ଯାତ୍ରା, ସଭାସମିତି, ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଆଂଶିକ ସଫଳତା ପାଇବେ। ଅନ୍ୟମାନଙ୍କ ପ୍ରେରଣାରେ ଉତ୍ସାହିତ ହୋଇ ଜନହିତକର କାର୍ଯ୍ୟରେ ନିଜକୁ ଲଗାଇ ପାରନ୍ତି। ପରିବାରରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରଖିବା ପାଇଁ ବନ୍ଧୁବର୍ଗଙ୍କ ସାହାଯ୍ୟ ନେଇପାରନ୍ତି।

**କୁମ୍ଭ:** ଚନ୍ଦ୍ରଙ୍କ ଦୃଷ୍ଟି ପ୍ରଭାବରେ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ କିଛିଟା ଆଶ୍ୱସ୍ତି ଅନୁଭବ କରିବେ। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ରହି ପାରନ୍ତି। ବନ୍ଧୁମାନଙ୍କ ପରାମର୍ଶରେ ଦେବାର୍ଚ୍ଚନା ସକାଶେ ମନ ବଳାଇବେ।

**ମୀନ:** ସବୁକିଛି ଠିକ୍ ଚାଲିଥିଲେ ମଧ୍ୟ ଆପଣଙ୍କ କଡାକଥା ଓ ରୁକ୍ଷବ୍ୟବହାର ବନ୍ଧୁସମ୍ପର୍କ ହାନିର କାରଣ ପାଲଟିଯିବ। ପରୋକ୍ଷ ଭାବେ ଶତ୍ରୁତା କରିବା ସହ କେହି ଅସୁବିଧାରେ ପକାଇପାରନ୍ତି। ସଭାସମିତି, ଆଲୋଚନା ପରିସର, ରାଜନୈତିକ ସ୍ଥିତି, ପ୍ରଶାସନିକ ସ୍ତରରେ ପ୍ରତିରୋଧ ଦୂରେଇଯିବ। ନୂତନସ୍ଥାନର ପରିଦର୍ଶନ ସୁଯୋଗ ପାଇବେ।

ଆଜି କୁମ୍ଭ ସଂକ୍ରାନ୍ତି, ମାଘ ଶୁକ୍ଳପକ୍ଷର ଭୀଷ୍ମାଷ୍ଟମୀ ବୁଧବାର, ୧୩ ତାରିଖ, ବିଶ୍ୱ ରେଡିଓ ଦିବସ, ରାଶି, ନକ୍ଷତ୍ର-କୃତ୍ତିକା/ବୃଷ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୭।୦୫ମି. ଗତେ, ଘ୯।୧୭ମି. ମଧ୍ୟେ ଘ୨।୪୭ମି. ଗତେ, ଘ୪।୨୦ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୫୧ମି. ମଧ୍ୟେ ଘ୧।୨୩ମି. ଗତେ, ଘ୨।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୨।୦୧ମି. ଗତେ. ଘ୧।୨୬ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଫେବୃୟାରୀ ୧୩/୨୦୧୯ Sambalpur, Wednesday, February 13 / 2019 | ପୃଷ୍ଠା-୧




**ଭାରତର ଉନ୍ନତ ପ୍ରଦର୍ଶନ ଆଶାରେ ମେମୋଲ**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଗୋଲ୍ଡ କପ୍ ମହିଳା ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ମ୍ୟାନମାର ବିପକ୍ଷରେ ଭାରତର ଭଲ ପ୍ରଦର୍ଶନ ନେଇ କୋଚ୍ ମେମୋଲ ରକି ଆଶାବାଦୀ । ୧୫

୦୪ **ମାତୃତ୍ୱ ଲାଭକଲେ ମହିଳାଙ୍କ ଜୀବନ ବଦଳିଯାଏ**

ମାତୃତ୍ୱ ଲାଭ କରିବା ପରେ ମହିଳାଙ୍କ ଜୀବନ ବଦଳିଯାଏ ବୋଲି ନୃତ୍ୟ ନିର୍ଦ୍ଦେଶିକା ତଥା ଫିଲ୍ମ ନିର୍ମାତା ଫାରା ଖାନ୍ ପ୍ରକାଶ କରିଛନ୍ତି।



# ଦିଲ୍ଲୀ ହୋଟେଲରେ ନିଆଁ: ୧୭ ଦଗ୍ଧ





ନୂଆଦିଲ୍ଲୀ,୧୨।୨(ପି.ଟି.)

ଦିଲ୍ଲୀର ଏକ ବହୁତଳ ବିଶିଷ୍ଟ ହୋଟେଲରେ ମଙ୍ଗଳବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିଆଁରେ ୧୭ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଜଣେ ଶିଶୁ ଓ ମହିଳାଙ୍କ ସମେତ ୩ ଜଣ ଜୀବନ ବଞ୍ଚାଇବାକୁ ଯାଇ ହୋଟେଲ କୋଠା ଉପରୁ ତଳକୁ ଡେଇଁପଡ଼ିଛନ୍ତି। ସେମାନଙ୍କ ସହ ୩୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଦିଲ୍ଲୀ ସରକାର ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରୀୟ ଦିଲ୍ଲୀର କରୋଲ ବାଗ୍‌ରେ ୫ ମହଲା ବିଶିଷ୍ଟ ହୋଟେଲ ଅର୍ପିତ ପ୍ୟାଲେସ୍ ଅବସ୍ଥିତ। ଉକ୍ତ ହୋଟେଲରେ ୪୫ଟି ରୁମ୍ ରହିଛି। ସେଗୁଡ଼ିକରେ ସୋମବାର ରାତିରେ ୫୩ ଜଣ ରହିଥିଲେ। ସମସ୍ତେ ଶୋଇଥିବାବେଳେ ଭୋର ସମୟ ୩ଟା ୩୦ରେ ହୋଟେଲର ଦ୍ୱିତୀୟ ମହଲାରେ ହଠାତ୍ ନିଆଁ ଲାଗିଯାଇଥିଲା। ନିଆଁ ଚାରିଆଡେ ବ୍ୟାପିବା ପରେ

## ୩୫ ଆହତ

■ **ଜୀବନ ବଞ୍ଚାଇବା ପାଇଁ ତଳକୁ ଡେଇଁଲେ ୩ ଜଣ**

ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ୪ଟା ୩୫ରେ ଅଗ୍ନିଶମ ବାହିନୀର ୨୪ କର୍ମଚାରୀ ଖବର ପାଇ ନିଆଁ ଲିଭାଇବା ପାଇଁ ହୋଟେଲକୁ ଆସିଥିଲେ। ସେମାନେ ବହୁ ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୧୭ ଜଣ ଦଗ୍ଧ ହୋଇସାରିଥିଲେ। ରାମ ମନୋହର ଲୋହିଆ ହସ୍ପିଟାଲକୁ ୧୩, ଲେଡି ହାର୍ଡିଂଜେ ହସ୍ପିଟାଲକୁ ୨ ଓ ବିଏଲ୍‌କେ ହସ୍ପିଟାଲକୁ ଜଣଙ୍କ ମୃତଦେହ ନିଆଯାଇଛି। ଅନ୍ୟ ଜଣେ ନିଖୋଜ ଥିବା ଡେପୁଟି ପୋଲିସ କମିଶନର ମଧୁର ବର୍ମା ସୂଚନା ଦେଇଛନ୍ତି। ☞ପୃଷ୍ଠା-୧୦

## ଲୋକାୟୁକ୍ତ ଅଧ୍ୟକ୍ଷ ନିଯୁକ୍ତି ଚୂଡ଼ାନ୍ତ

■ **ରାଜ୍ୟପାଳଙ୍କ ଅନୁମୋଦନ ପରେ ନାମ ଘୋଷଣା**

**ଭୁବନେଶ୍ୱର,୧୨।୨(ବ୍ୟୁରୋ):** ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିବା ପରେ ଏକ୍ଷେତ୍ରରେ ଆଉପାଦେ ଆଗକୁ ଯାଇଛନ୍ତି। ମଙ୍ଗଳବାର ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଚୟନ କମିଟି ବୈଠକରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ନାମ ଚୂଡ଼ାନ୍ତ କରାଯାଇଛି। ଏହାକୁ ଅନୁମୋଦନ କରିବା ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଛି । ଅଧ୍ୟକ୍ଷଙ୍କ ନାମକୁ ଗୋପନ ରଖାଯାଇଛି। ଅନୁମୋଦନ ପରେ ଏ ନେଇ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ। ଅନ୍ୟପକ୍ଷରେ ଲୋକାୟୁକ୍ତର ୫ ଜଣ ☞ପୃଷ୍ଠା-୧୦

## ୧୫ରୁ ଦ୍ୱିତୀୟ ପର୍ଯ୍ୟାୟ କାଳିଆ ସହାୟତା

■ **୧୪ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ପାଇବେ**

ଭୁବନେଶ୍ୱର,୧୨।୨(ବ୍ୟୁରୋ): କାଳିଆ(କୃଷକ ଆସିଷ୍ଟାନ୍ସ ଫର ଲାଇଭଲିହୁଡ୍ ଆଣ୍ଡ ଇନ୍‌କମ ଅଗମେଣ୍ଟେସନ) ଯୋଜନାରେ ଚାଷୀମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଆର୍ଥିକ ସହାୟତା ଫେବୃୟାରୀ ୧୫ରୁ ପ୍ରଦାନ କରାଯିବ। ମଙ୍ଗଳବାର ସଚିବାଳୟଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ କୃଷି ସଚିବ ସୌରଭ ଗର୍ଗ ଏ ନେଇ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧୨.୪୫ ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ଜାନୁୟାରୀ ୨୫ରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଗଣମାଧ୍ୟମକୁ ସୂଚନା ଦେଇ ଗର୍ଗ କହିଛନ୍ତି ଯେ ବୈଠକରେ ରାଜ୍ୟରେ ଭୂମିହୀନ କୃଷି ଶ୍ରମିକମାନଙ୍କର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଛି। ପ୍ରଥମ ପର୍ଯ୍ୟାୟର ପ୍ରାୟ ୪ରୁ ୫ ଲକ୍ଷ ଭୂମିହୀନ କୃଷି ଶ୍ରମିକମାନଙ୍କୁ ୫ ହଜାର ଟଙ୍କା ସହାୟତା ଫେବୃୟାରୀ ୧୫ ସୁଦ୍ଧା ପ୍ରଦାନ କରାଯିବ। ଜୀବିକାର୍ଜନ ପାଇଁ ପ୍ରତ୍ୟେକଙ୍କୁ ୧୨,୫୦୦ ଟଙ୍କାର ସହାୟତା ଯୋଗାଇ ଦିଆଯିବ। ତେବେ ଦ୍ୱିତୀୟ ପର୍ଯ୍ୟାୟରେ କେବଳ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବ। ସେମାନଙ୍କର ସଂଖ୍ୟା ୧୪ ଲକ୍ଷ ହେବ ବୋଲି ସଚିବ ସୂଚନା ଦେଇଛନ୍ତି। ଫେବୃୟାରୀ ୨୨ ସୁଦ୍ଧା ହିତାଧିକାରୀମାନେ ସହାୟତା ରାଶି ପାଇ ପାରିବେ।

■ ରାଜ୍ୟ ପୋଲିସରେ ବଡ଼ଧରଣର ଅଦଳବଦଳ

# ୨୧ ଆଇପିଏସ୍, ୮ ଓପିଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୧୨।୨ (ବ୍ୟୁରୋ)

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ଗୃହ ବିଭାଗ ପକ୍ଷରୁ ମଙ୍ଗଳବାର ଆଇପିଏସ୍ ଅଧିକାରୀ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରାଯାଇଛି। ୨୧ ଜଣ ଆଇପିଏସ୍ ଓ ୮ ଓପିଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ ମିଳିଛି। ଗୋଇନ୍ଦା ବିଭାଗ ନିର୍ଦ୍ଦେଶକ ସୁନିଲ ରୟଙ୍କୁ ଉକ୍ତ ବିଭାଗର ସ୍ୱତନ୍ତ୍ର ଡିଜିପି ଭାବେ ଅବସ୍ଥାପିତ କରାଯାଇଥିବାବେଳେ ଗୃହ ବିଭାଗରେ ଥିବା ଆଇପିଏସ୍ ବିନୟାନନ୍ଦ ଝାଙ୍କୁ ଓଏଚ୍ଆର୍‌ସି ତଦନ୍ତ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିଭଳି ଓଏଚ୍ଆର୍‌ସି ତଦନ୍ତ ନିର୍ଦ୍ଦେଶକ ସିଦ୍ଧାର୍ଥ ନରୱାନେଙ୍କୁ ଏଚ୍ଆର୍‌ପିସିର ଅତିରିକ୍ତ ମହାନିର୍ଦ୍ଦେଶକ, ଏଚ୍ଆରପିସିରେ ଥିବା ମହେନ୍ଦ୍ର ପ୍ରତାପଙ୍କୁ ଜେଲ ବିଭାଗ ଆଇଜିଭାବେ ବଦଳି କରାଯାଇଛି। ପରିବହନ କମିଶନର ସଞ୍ଜୀବ ପଣ୍ଡାଙ୍କୁ ଆଇନ ଶୃଙ୍ଖଳା ଏଡିଜି, ଆଇନଶୃଙ୍ଖଳା ଆଇଜି ଅମିତାଭ ଠାକୁରଙ୍କୁ ରାଜ୍ୟ ସଶସ୍ତ୍ର ପୋଲିସ ଆଇଜି, ସିଆଇଡି ଡିଆଇଜି ଏସ୍.ସାଇନିଙ୍କୁ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ (ବିପିଏସ୍‌ପିଏ)ଆଇଜି, ରାଜ୍ୟ ସଶସ୍ତ୍ର ପୋଲିସ ଡିଆଇଜି ହିମାଂଶୁ ଲାଲଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି, ଏସ୍‌ଟିଏଫ୍ ଆଇଜି ଯତୀନ୍ଦ୍ର

■ **ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଆଶିଷ ସିଂ**

■ **ବଦଳିଲେ ୯ ଜିଲାର ଏସ୍‌ପି**

କୋୟଲଙ୍କୁ ଦକ୍ଷିଣାଞ୍ଚଳ ଆଇଜିଭାବେ ଅବସ୍ଥାପିତ କରାଯାଇଛି। ଡିଆଇଜି ଏସ୍ଆର୍ ବ୍ରହ୍ମପୁରର ଆଶିଷ କୁମାର ସିଂଙ୍କୁ ଗୋଇନ୍ଦା ବିଭାଗ ଡିଆଇଜି ସହ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ମିଳିଥିବାବେଳେ ପୁରୀ ଏସ୍‌ପି ସାର୍ଥକ ଷଡଙ୍ଗୀଙ୍କୁ ରାଉରକେଲା ଏସ୍‌ପି, ରାଉରକେଲା ଏସ୍‌ପି ଉମାଶଙ୍କର ଦାଶଙ୍କୁ ପୁରୀ ଏସ୍‌ପି, ବିପିଏସ୍‌ପିଏର ଏସ୍‌ପି ଥିବା ସରହ ଶର୍ମାଙ୍କୁ ଗଜପତି ଏସ୍‌ପି, ଦେବଗଡ଼ ଏସ୍‌ପି ଅନୁପମା ଜେମ୍‌ସଙ୍କୁ ଢେଙ୍କାନାଳ ଏସ୍‌ପିଭାବେ ବଦଳି କରାଯାଇଛି। ସେହିଭଳି ରାୟଗଡା ଏସ୍‌ପି ପି.ଆର୍. ରାହୁଲଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ପି, କଟକର ଭାରପ୍ରାପ୍ତ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଏଆଇଜିଭାବେ ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ପାନପୋଷର ଏସ୍‌ଡିପିଓ ପଦ୍ମିନୀ ସାହୁଙ୍କୁ ଡିସିପି ମୁଖ୍ୟାଳୟକୁ ବଦଳି କରାଯାଇଥିବାବେଳେ ବଡ଼ବିଲ ଏସ୍‌ଡିପିଓ ରାହୁଲ ଜୈନଙ୍କୁ ଦେବଗଡ ଏସ୍‌ପି, ☞ପୃଷ୍ଠା-୧୦

# ଧରମବନ୍ଧା ଅଞ୍ଚଳରୁ ମାଓବାଦୀ କ୍ୟାମ୍ପ ଠାବ

ନୂଆପଡା ଅଫିସ,୧୨।୨

ବହୁ ଦିନର ନୀରବତା ପରେ ନୂଆପଡା ଜିଲା ସଦର ମହକୁମାଠାରୁ ୨୫କି.ମି ଦୂର ଧରମବନ୍ଧା ଥାନା ସନ୍ତୋଷପଡା ଜଙ୍ଗଲରୁ ମାଓବାଦୀ କ୍ୟାମ୍ପ ଠାବ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଠାରୁ ସିଆର୍‌ପିଏଫ୍‌କୁ ବହୁ ପରିମାଣର ମାଓବାଦୀ ବ୍ୟବହୃତ ସାମଗ୍ରୀ ହସ୍ତଗତ ହୋଇଥିବାନେଇ ନାନାଦି କଳ୍ପନାଜଳ୍ପନା ଚାଲିଛି। ଏହାକୁ ନେଇ ଜିଲା ପୋଲିସ ନିକଟରେ ସେଭଳି କୌଣସି ଠୋସ ସୂଚନା ନାହିଁ। ଘଟଣାର ଚବିଶ ଘଣ୍ଟା ବିତିଯାଇଥିଲେ ମଧ୍ୟ ବିଭାଗ ତରଫରୁ କୌଣସି ଖବର ପ୍ରକାଶ କରାଯାଇ ନ ଥିବାରୁ ଏହାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଇଛି।

ମିଳିଥିବା ଖବର ଅନୁସାରେ କୁଆଡେ ବହୁ ଦିନ ଧରି ସନ୍ତୋଷପଡା ଜଙ୍ଗଲରେ ମାଓବାଦୀମାନେ କ୍ୟାମ୍ପ କରି ରହୁଥିବାନେଇ ସିଆର୍‌ପିଏଫ୍ ୨୧୬ ବାଟାଲିୟନ ନିକଟକୁ ଖବର ଆସିଥିଲା। ଏହାକୁ ଭିତ୍ତିକରି ଯବାନମାନେ ଦୁଇ ଦିନ ତଳେ ସେହି ଜଙ୍ଗଲରେ ଚଢାଉ କରିଥିଲେ। ତେବେ ସେଠାରେ ଯବାନମାନେ ଚଢାଉ କରି କ୍ୟାମ୍ପ ଠାବ କରିଥିବାବେଳେ ବହୁ ସାମଗ୍ରୀ ଉଦ୍ଧାର କରି ଆଣିଥିଲେ। ହେଲେ ଏଠାରେ ସୂଚନାଯୋଗ୍ୟ ଯେ କୌଣସି ମାଓବାଦୀ କ୍ୟାମ୍ପ ଠାବ କଲେ ଜିଲା ପୋଲିସ କିମ୍ବା ସିଆର୍‌ପିଏଫ ତରଫରୁ ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରି ପ୍ରେସ ବିବୃତ୍ତି ପ୍ରଦାନ କରାଯାଇଥାଏ। ହେଲେ ଏହି ଘଟଣାର ଚବିଶ ଘଣ୍ଟା ବିତିଯାଇଥିଲେ ହେଁ କେହି ଧରା ଛୁଆଁ ଦେଉ ନ ଥିବାରୁ ସାଧାରଣରେ ନାନାଦି ଆଲୋଚନା ହେଉଛି।

ପ୍ରକାଶ ଯେ, ଜିଲାକୁ ମାଓବାଦୀ ଅପରେଶନ ନାଁରେ ବାର୍ଷିକ କୋଟି କୋଟି ଟଙ୍କାର ଅନୁଦାନ ଆସୁଥିଲେ ମଧ୍ୟ କୌଣସି ସଫଳତା ମିଳୁ ନାହିଁ। ଏହାକୁ ଏଡାଇବାକୁ ଯାଇ ମନଗଢା କ୍ୟାମ୍ପସବୁ ଠାବ କରି ☞ପୃଷ୍ଠା-୧୦

■ **ଜିଲା ପୋଲିସ ନିକଟରେ ଖବର ନାହିଁ**

■ **ସୂଚନା ଦେବାକୁ ବିଭାଗ କୁଣ୍ଠଉଛି**






### ଆଜିର ସମ୍ପାଦକୀୟ
**ଆପୋସ ଆଲୋଚନା**

### ଆଜିର ମନ୍ତବ୍ୟ
“ରବର୍ଟ ଭଦ୍ରାଙ୍କୁ ଇଡି ଜେରା ମୋଦି ସରକାରଙ୍କ ରାଜନୈତିକ ପ୍ରତିଶୋଧ।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ
୨୦୧୮ର ଏପ୍ରିଲ-ସେପ୍ଟେମ୍ବରରେ ଦେଶର ମୋଟ ଏଫଡ଼ିଆଇ ୧୧% ହ୍ରାସ ଘଟି ୨୨.୬୬ ବିଲିୟନ ଡଲାର ରହିଛି। **-ବାଣିଜ୍ୟ ମନ୍ତ୍ରଣାଳୟ**


SUDHAKAR
PIPES AND FITTINGS
PIONEER IN PIPING SOLUTIONS
WANTED DEALERS
CONTACT US
94370 38192
94370 17191
sales@sudhakarpipes.com



NECC NATIONAL EGG CO-ORDINATION COMMITTEE 12.02.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers


■ ଅଦାଲତ ଅବମାନନା ମାମଲା

# କୋର୍ଟରୁମ୍ କୋଣରେ ବସିଲେ ନାଗେଶ୍ୱର

**ସିବିଆଇ ଆଇନ ଉପଦେଷ୍ଟା ବି ଦୋଷୀ**



ଏମ୍. ନାଗେଶ୍ୱର ରାଓ

ନୂଆଦିଲ୍ଲୀ,୧୨।୨(ପି.ଟି.)

ଅଦାଲତ ଅବମାନନା ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପୂର୍ବତନ ଅନ୍ତରୀଣ ନିର୍ଦ୍ଦେଶକ ଏମ୍. ନାଗେଶ୍ୱର ରାଓ ଏବଂ ଆଇନ ଉପଦେଷ୍ଟା ଏସ୍.ଭାସୁରାମଙ୍କୁ ମଙ୍ଗଳବାର ସୁପ୍ରିମକୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଦଣ୍ଡ ସ୍ୱରୂପ ଉଭୟଙ୍କୁ ଦିନକ ପାଇଁ କୋର୍ଟରୁମର ଏକ କୋଣରେ ବସିବାକୁ ନିର୍ଦ୍ଦେଶ ଦେବା ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି।

ବିହାର ଆଶ୍ରୟ ଗୃହ ଯୌନ ନିର୍ଯାତନା ମାମଲାର ତଦନ୍ତ କରୁଥିବା ସିବିଆଇ ଯୁଗ୍ମ ନିର୍ଦ୍ଦେଶକ ଏ.କେ. ଶର୍ମାଙ୍କୁ ଜାନୁୟାରୀ ୧୭ରେ ସିଆର୍‌ପିଏଫ୍ ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିଲା। ଉଭୟ ନାଗେଶ୍ୱର ଓ ଭାସୁରାମ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଜାଣିଶୁଣି ଅବମାନନା କରିଥିବା ଅଭିଯୋଗରେ ପ୍ରଧାନବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ କାର୍ଯ୍ୟ ଶେଷ ହେବା ଯାଏ କୋର୍ଟରୁମର ଏକ କୋଣରେ ବସିରହିବା ପାଇଁ ସିଜେଆଇ ଗୋଗେଇ ନିର୍ଦ୍ଦେଶ ଦେଇଥିଲେ। ଏହା ପୂର୍ବରୁ ଉଭୟେ କୋର୍ଟଙ୍କୁ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଥିଲେ ହେଁ ଖଣ୍ଡପୀଠ ତାକୁ ଗ୍ରହଣ କରି ନ ଥିଲେ। ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳ ଅନ୍ୟ ବିକଳ୍ପ ଓ କୋହଳ ମନୋଭାବ ପାଇଁ ଅଦାଲତଙ୍କୁ ଅନୁରୋଧ କରିଥିଲେ, ଯାହାକୁ ଖଣ୍ଡପୀଠ ଅଗ୍ରାହ୍ୟ କରିଦେଇଥିଲେ। ଶେଷରେ ନାଗେଶ୍ୱର ଓ ଭାସୁରାମ କୋର୍ଟରୁମ୍ କୋଣରେ ଦିନକ ପାଇଁ ବସିରହିଥିଲେ।




# ଆପୋସ ଆଲୋଚନା

'ବାଡ଼ ଯେବେ ଫସଲ ଖାଏ' ବୋଲି ଓଡ଼ିଆରେ ଏକ କଥା ଅଛି। ଏହାର ଅର୍ଥ ହେଲା ରକ୍ଷା କରୁଥିବା ବ୍ୟକ୍ତି ଯଦି ନିଜେ ଖାଇବସିବ ତେବେ ଫସଲକୁ କେହି ଜଗିପାରିବେ ନାହିଁ। ଆଜି ଓଡ଼ିଶା ପୋଲିସର ଅନେକ କର୍ମଚାରୀଙ୍କ ଚରିତ୍ର ଏହିଭଳି ହୋଇଯାଇଥିବାରୁ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି। ନିକଟରେ ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ଅଭିଯୁକ୍ତ ସୋହେଲା ଥାନାର ଆସିଷ୍ଟାଣ୍ଟ ସବ୍‌ଇନ୍‌ସପେକ୍ଟର (ଏଏସ୍‌ଆଇ) ଓ ମେଲଛାମୁଣ୍ଡା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଟ୍ୟୁଶନକୁ ଯାଉଥିବା ବେଳେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯିବା ଓ ଜଣେ ପୋଲିସ ଅଧିକାରୀ ବଳାତ୍କାରରେ ସମ୍ପୃକ୍ତ ଥିବା ନେଇ ଯେଉଁ ଅଭିଯୋଗ ଆସିଛି ତାହା ଅତ୍ୟନ୍ତ ନିନ୍ଦନୀୟ ପରିସ୍ଥିତି ସୃଷ୍ଟି କରିଛି। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବରଗଡ଼ ଏସ୍‌ପି ସମ୍ପୃକ୍ତ ଏଏସ୍‌ଆଇଙ୍କୁ ନିଲମ୍ବିତ କରିବା ସହ ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହା ଲେଖିଲା ବେଳକୁ ଆମେ ସଚେତନ ରହିଛୁ ଯେ, ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଚରିତ୍ରକୁ କୌଣସି ଉଚ୍ଚପାହ୍ୟା ଅଫିସର ସାର୍ଟିଫିକେଟ ଦେଇପାରିବେ ନାହିଁ। ଏହା ମଧ୍ୟ କୁହାଯାଇପାରେ ଯେ ବିଭାଗୀୟ ତଦନ୍ତ ଯୋଗୁ ବିରାଦରି କରି ଖସିଯିବା ସହଜ ହୋଇଥାଏ। ଏହାର ଅସଂଖ୍ୟ ଦୃଷ୍ଟାନ୍ତ ଅତୀତରେ ଦେଖିବାକୁ ମିଳିଛି। ପୋଲିସ ହାତରେ କ୍ଷମତା ଥିବାରୁ ସେ ଚାହିଁଲେ କଳାକୁ ଧଳା କରିଦେବା ସହଜ। ନିକଟ ଅତୀତରେ ପିପିଲି ପୀଡ଼ିତା ଓ କୁନ୍ଦୁଲି ପୀଡ଼ିତାଙ୍କୁ କିଭଳି ନ୍ୟାୟ ମିଳିଲା ତାହା ସମସ୍ତଙ୍କୁ ଜଣା। ସେହି ଦୃଷ୍ଟିରୁ ଦେଖିଲେ ବଳାତ୍କାରର ଶିକାର ହୋଇଥିବା ମେଲଛାମୁଣ୍ଡା ଅଞ୍ଚଳର ନାବାଳିକାଙ୍କୁ କିଭଳି ନ୍ୟାୟ ମିଳିବ ତାହା ସନ୍ଦେହ ସୃଷ୍ଟି କରୁଛି।

ଅଭିଯୋଗ ହେଉଛି ଯେ, ଭାରତର ସବୁ ରାଜ୍ୟ ପୋଲିସର ଦୁରବସ୍ଥା ଓଡ଼ିଶା ଭଳି। ପୋଲିସ ଅଧିକାରୀମାନେ ନିଜ କାର୍ଯ୍ୟରେ ଆକ୍ରମଣାତ୍ମକ ହେଉ ନ ଥିବାରୁ ତଳ ସ୍ତରରେ ଥିବା ଅଧିକାରୀ ଓ କର୍ମଚାରୀ ପରିସ୍ଥିତିର ଫାଇଦା ନେଇ ଚାଲିଛନ୍ତି। ଏଠାରେ ଆକ୍ରମଣାତ୍ମକର ଅର୍ଥ ହେଉଛି କୌଣସି ଆଇନ ଶୃଙ୍ଖଳା ବଜାୟ ରଖିବା ଦିଗରେ ତୁରନ୍ତ ପଦକ୍ଷେପ ନେବା। ଦେଖାଯାଉଛି ସମାଜର ପ୍ରଭାବଶାଳୀ ଓ ଧନୀ ବ୍ୟକ୍ତିଙ୍କ ସୁରକ୍ଷା ଓ ସ୍ୱାର୍ଥ ରକ୍ଷାରେ ପୋଲିସର ଅଧିକ ସମୟ ଯାଉଛି। କିଛି ଦିନ ତଳେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଥିଲା ଯେ, ଅଧିକାଂଶ ବାବୁ ରାଜଧାନୀ ଭୁବନେଶ୍ୱର ଛାଡ଼ି ଅନ୍ୟତ୍ର ଯାଉନାହାନ୍ତି। ଉପରିସ୍ଥ ଅଧିକାରୀ କିମ୍ବା ରାଜନେତାଙ୍କୁ ହାତକରି ସେମାନେ ବଦଳି ଆଦେଶ ବାତିଲ କରିଦେବାରେ ସକ୍ଷମ ହେଉଛନ୍ତି। ଏପରିକି ସେମାନଙ୍କ ମଧ୍ୟରୁ କେତେ ଜଣ ସବ୍ ଇନ୍‌ସପେକ୍ଟରରୁ ଏସିପି ପଦବୀକୁ ମଧ୍ୟ ପଦୋନ୍ନତି ପାଇପାରିଛନ୍ତି। ଏବେ ଆଉ ଏକ ଆର୍‌ଟିଆଇ ଆବେଦନରୁ ଜଣାପଡ଼ିଛି ଯେ, କମିଶନରେଟ୍ ପୋଲିସର ଭୁବନେଶ୍ୱରର ବିଭିନ୍ନ ଥାନାରେ ଗତ ୧୧ ବର୍ଷ ମଧ୍ୟରେ ମୋଟ ୧୧ ହଜାର ୬୧ ମାମଲାର ତଦନ୍ତ ସମ୍ପୂର୍ଣ୍ଣ ହୋଇପାରିନାହିଁ। ସେଥିମଧ୍ୟରୁ ୯୪ ହତ୍ୟା ଓ ୧୪୩ ବଳାତ୍କାର ଭଳି ସଙ୍ଗିନ ମାମଲା ରହିଛି। ଏଥିରୁ ବୁଝିବାକୁ ହେବ ଯେ, ପୋଲିସର କାର୍ଯ୍ୟଦକ୍ଷତା କମୁଥିବାରୁ ମାମଲା ସଂଖ୍ୟା ବଢ଼ିଚାଲିଛି। ଫଳରେ ଜନସାଧାରଣ ଠିକ୍ ସମୟରେ ନ୍ୟାୟ ପାଇପାରୁ ନାହାନ୍ତି। ଏଭଳି ପରିସ୍ଥିତି ସୃଷ୍ଟି ହେବା ପଛରେ ଅନେକ କାରଣ ରହିଛି। ପ୍ରଥମଟି ହେଉଛି ବିଶେଷଭାବେ କେତେକ ପୋଲିସ ଅଫିସର ଦୀର୍ଘକାଳ ପାଖାପାଖି ଅଞ୍ଚଳରେ ପୋଷ୍ଟିଂ ପାଇବାରେ ସକ୍ଷମ ହେଉଛନ୍ତି। ଦ୍ୱିତୀୟଟି ହେଉଛି ପୋଲିସ ବଳରେ ଯଥେଷ୍ଟ ସଂଖ୍ୟକ ପୋଲିସ ନାହାନ୍ତି। ତୃତୀୟଟି ହେଉଛି ଆଜି ଆମ ଦେଶର ଚରିତ୍ର ବିକୃତ ହୋଇଯାଇଥିବା ଫଳରେ ଆମେ ସମସ୍ତେ ଚେଙ୍ଗିଜ୍ ଖାଁ ପାଲଟିଯାଇଛୁ। ଏଠାକୁ ଆସିଛୁ କେବଳ ଲୁଟ୍, ବଳାତ୍କାର ଏବଂ ହତ୍ୟା କରିବାକୁ। ପରବର୍ତ୍ତୀ ସମୟରେ ଏଠାରୁ ପଳାଇଯିବାର ବାଟ ଖୋଜୁଛୁ। କିନ୍ତୁ ଯିବା କୁଆଡ଼େ ?

ଅନ୍ୟପକ୍ଷରେ ପୋଲିସ ଓ ଅପରାଧୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ସାଧାରଣ ଲୋକ ହଇରାଣ ହରକତ ହେଉଛନ୍ତି। ବିଶେଷକରି ସହରାଞ୍ଚଳର ବସ୍ତି ଅଞ୍ଚଳରେ ଆପରାଧିକ କାର୍ଯ୍ୟ ଚାଲୁଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଫେବୃୟାରୀ ୧୧ରେ କମିଶନରେଟ୍ ପୋଲିସ ବସ୍ତି ଅଞ୍ଚଳରେ 'ଆପୋସ' ନାମରେ ଏକ ସେବା ଆରମ୍ଭ କରିଛି। ବସ୍ତି ଲୋକଙ୍କ ମଧ୍ୟରେ ସୁସମ୍ପର୍କ ରଖି ସେମାନଙ୍କୁ ସୁରକ୍ଷା ଦେବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ନୂଆ କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ। କିନ୍ତୁ ପୋଲିସ ଯଦି ଅପରାଧୀଙ୍କ ସହ ସମ୍ପର୍କ ରଖି ଫାଇଦା ନେବାକୁ ଚେଷ୍ଟା କରିବ, ତାହା ହେଲେ ଜନସାଧାରଣଙ୍କ ଭାଗ୍ୟ 'ଯେଉଁ ତିମିରେକୁ ସେହି ତିମିରେ' ରହିଯିବ।

ବାସ୍ତବରେ ଯଦି ପୋଲିସ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହିଁବ, ତେବେ ପ୍ରତି କ୍ଷେତ୍ରରେ ତତ୍‌କ୍ଷଣାତ୍ ପଦକ୍ଷେପ ନେବା ଦରକାର। ସେଥିପାଇଁ ଉଚ୍ଚପଦସ୍ଥ ଅଫିସରମାନଙ୍କୁ ପ୍ରତ୍ୟେକ ଦିନ ସମୟ ବାହାର କରି ତଳିଆ କର୍ମଚାରୀଙ୍କ ସହିତ ଆପୋସ ଆଲୋଚନା କରିବା ଆବଶ୍ୟକ। ସେହିପରି କ୍ଷମତା ବଳରେ ବଳୀୟାନ ହେଉଥିବା ପୋଲିସ ଉପରେ ଉପର ସ୍ତରରୁ ଚାପ ରହିବା ଦରକାର। ଯେଉଁମାନେ ପଥଚ୍ୟୁତ ଅନୈତିକ କାର୍ଯ୍ୟରେ ଲିପ୍ତ ହେଉଛନ୍ତି ସେମାନଙ୍କ ପାଇଁ ପୋଲିସର ସର୍ବୋଚ୍ଚ ଅଧିକାରୀମାନେ 'ନୈତିକ କର୍ମଶାଳା' ଆୟୋଜନ କରି ଶିକ୍ଷା ଦେବା ଉଚିତ। ଏଥିରେ ରାଜ୍ୟ ଭିତରେ ଓ ବାହାରେ ଥିବା ଅଭିଜ୍ଞ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଓ ବିଶେଷଜ୍ଞଙ୍କୁ ସାମିଲ କରାଯାଇ ସେମାନଙ୍କ ପରାମର୍ଶ ନିଆଗଲେ ହୁଏ ତ ପରିବର୍ତ୍ତନ ଆସିପାରିବ। ଖରାପ ଭାବମୂର୍ତ୍ତି ବହନ କରୁଥିବା ପୋଲିସ ନିଜେ ନ ଚାହିଁଲେ ତା' ଚରିତ୍ରରେ ପରିବର୍ତ୍ତନ ଆସିପାରିବ ନାହିଁ।

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | E | | | 2 | | 9 | | | | 3 | 8 | | |
| | | D | B | 9 | 4 | | | A | | | | | | 5 |
| | | 8 | | | | 3 | | | 1 | 5 | | | | |
| C | A | 9 | | | | 8 | | | | 6 | B | E | | |
| 1 | 5 | | | 6 | | | | D | | | | C | 4 | |
| 3 | E | | | A | | | 0 | | | | D | | 2 | |
| | | | 6 | | D | | | | | 9 | | | E | 1 |
| | | | | | | A | | 3 | 8 | | | 5 | | |
| 9 | | | | 1 | | E | | | | A | | 4 | | |
| 0 | | A | | E | | | 1 | | 5 | | | | 3 | |
| | | | D | | E | | 2 | | | | 8 | | | A |
| | | | | | 9 | 7 | C | | | D | | | | |
| | 0 | | | 2 | | 9 | | | | E | 7 | | 8 | |
| | C | | | | 5 | | | 8 | B | | 2 | | | 7 |
| | | | 8 | | | | 4 | | A | | | 3 | 5 | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | 4 | 2 | E | A | D | 3 | 6 | B | 8 | 9 | 0 | 7 | C |
| E | 3 | 8 | 9 | 0 | 5 | 1 | B | 4 | A | 7 | C | 2 | D | 6 |
| 9 | C | 2 | 4 | B | 3 | E | 7 | A | 0 | 6 | D | 1 | 5 | 8 |
| 7 | A | B | 8 | 6 | D | C | 0 | 5 | E | 2 | 1 | 4 | 3 | 9 |
| 6 | D | 0 | 7 | C | 1 | 9 | 2 | 8 | 3 | 4 | 5 | A | B | E |
| 3 | 2 | 9 | 0 | 8 | B | 5 | A | C | D | E | 6 | 7 | 4 | 1 |
| D | 0 | 6 | 1 | 3 | 7 | 4 | 9 | 2 | C | B | A | 8 | E | 5 |
| A | B | 5 | 6 | D | 4 | 7 | 8 | E | 1 | 3 | 2 | 9 | C | 0 |
| C | 4 | 1 | E | A | 9 | B | D | 0 | 8 | 5 | 7 | 3 | 6 | 2 |
| 8 | 7 | E | C | 5 | 2 | 6 | 1 | 3 | 4 | 9 | 0 | D | A | B |
| B | 8 | 3 | D | 2 | C | 0 | 4 | 9 | 6 | A | E | 5 | 1 | 7 |
| 1 | 6 | A | 5 | 4 | 8 | 2 | C | B | 7 | 0 | 3 | E | 9 | D |
| 2 | 9 | C | 3 | 7 | 0 | A | E | 1 | 5 | D | B | 6 | 8 | 4 |
| 4 | E | 7 | B | 9 | 6 | 3 | 5 | D | 2 | 1 | 8 | C | 0 | A |
| 0 | 5 | D | A | 1 | E | 8 | 6 | 7 | 9 | C | 4 | B | 2 | 3 |

ଗତକାଲିର ଉତ୍ତର



ତତ୍ତ୍ୱ ଓ ତର୍କ

ବିମଳ ପ୍ରସାଦ ପାଣ୍ଡିଆ

# ଫଂଟା 'ଡାଟା'

ଯଦି ଭାରତ ସରକାର କୌଣସି ଷ୍ଟକ୍ ଏକ୍ସଚେଞ୍ଜରେ ସୂଚିତ ହୋଇଥିବା ଏକ ଷ୍ଟକ୍ ହୋଇଥାନ୍ତା ତେବେ ଏହାର ଶେୟାରର ହାଲତ ଏତେବେଳକୁ ସତ୍ୟମ୍ କମ୍ପାନୀ ଭଳି ହୋଇସାରିଥାନ୍ତା। ସତ୍ୟମ୍ କମ୍ପାନୀ ତାହାର ଅଡିଟ ରିପୋର୍ଟରେ ତଥ୍ୟ ଲୁଚାଇଥିଲା ବା ମିଥ୍ୟା କହିଥିଲା। ସତ୍ୟ ଯେତେବେଳେ ପଦାକୁ ଆସିଲା କମ୍ପାନୀ ଧୂଳିସାତ୍ ହୋଇଗଲା। ଠିକ୍ ତଥ୍ୟ ହେଉଛି ବିଶ୍ୱାସ ଓ ପ୍ରଗତିର ନିଅଁ। ଜନସାଧାରଣଙ୍କ ଶେୟାର ଥିବା ଗୋଟେ ଛୋଟ କମ୍ପାନୀକୁ ମଧ୍ୟ ତାହାର ଶେୟାରଧାରକଙ୍କୁ ଠିକ୍ ତଥ୍ୟ ଠିକ୍ ସମୟରେ ଦେବାକୁ ପଡ଼ିଥାଏ। କିନ୍ତୁ ସରକାର ଏବେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ସୂଚନା ସାଧାରଣ ଲୋକଙ୍କଠୁ ଦୂରରେ ରଖୁଛନ୍ତି ଏବଂ କିଛି କ୍ଷେତ୍ରରେ ତାହା ମିଛ ହିଁ କହିଛନ୍ତି। ଏମିତି କିଛି ସ୍ଥିତିର ଉଦାହରଣ ଦେଖିବା।

ରାଫାଲକୁ ନେଇ ଏବେ ରାଜନୈତିକ ଘମାଘୋଟ ଚାଲିଛି। ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ସାମରିକ ଗୋପନୀୟତାକୁ ଆଖିଆଗରେ ରଖି କିଛି ବୈଷୟିକ ତଥ୍ୟ ଗୋପନ ରଖିବା ନିହାତି ଦରକାର। ବିମାନର ଦାମ୍ ବା ତାହାର ବୈଷୟିକ ତଥ୍ୟ ସରକାର ନ ଜଣାନ୍ତୁ କିନ୍ତୁ କେମିତି ଓ କାହିଁକି ହିନ୍ଦୁସ୍ଥାନ ଏରୋନଟିକ୍ସକୁ ଶେଷ ମୁହୂର୍ତ୍ତରେ ବଦଳାଇ କୌଣସି ଭିତ୍ତି ନ ଥିବା ରିଲାଏନ୍ସର ଏକ କମ୍ପାନୀକୁ ଯୋଡ଼ାଗଲା, କେମିତି ଓ କାହିଁକି ୧୨୬ଟି ଯୁଦ୍ଧବିମାନ କିଣିବାର ନିଷ୍ପତ୍ତି ଶେଷ ମୁହୂର୍ତ୍ତରେ ୩୬କୁ ଖସିଆସିଲା ଏବଂ କେମିତି ଓ କାହିଁକି ବିମାନ ସମ୍ପର୍କିତ ବୈଷୟିକ ଜ୍ଞାନ ପାଇବାର ଅଧିକାରକୁ ଛାଡି ଦିଆଗଲା ସେହି ତଥ୍ୟ ଆଦୌ ଗୋପନୀୟ ହେବାକଥା ନୁହେଁ। ମାତ୍ର ସରକାର ତାହା ଜଣାଉନାହାନ୍ତି। ଏହିସବୁ ତଥ୍ୟ ଲୁଚାଯାଇଥିବା ବେଳେ ରାଫାଲ ମାମଲାରେ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଭୁଲ ତଥ୍ୟ ଦେଇଛନ୍ତି, ଯାହା ଆଧାରରେ ସୁପ୍ରିମ୍‌କୋର୍ଟ ନିଜର ବିଚାର ମଧ୍ୟ ପ୍ରଦାନ କରିଛନ୍ତି। ସରକାର ସୁପ୍ରିମ୍‌କୋର୍ଟଙ୍କୁ ବନ୍ଦ ଲଫାପାରେ ପ୍ରଦାନ କରିଥିବା ଦସ୍ତାବିଜରେ କହିଥିଲେ ଯେ, ରାଫାଲ ସମ୍ବନ୍ଧିତ ସମସ୍ତ ତଥ୍ୟ ମହାଲେଖାଗାର ବା ସିଏଜିଙ୍କୁ ଦିଆଯାଇଛି ଏବଂ ସିଏଜି ପ୍ରଦାନ କରିଥିବା ରିପୋର୍ଟକୁ ପାର୍ଲାମେଣ୍ଟର ପବ୍ଲିକ ଆକାଉଣ୍ଟସ କମିଟି ଯାଞ୍ଚ କରିଛନ୍ତି। ସରକାର ସୁପ୍ରିମ୍‌କୋଟଙ୍କୁ ଆହୁରି କହିଥିଲେ ଯେ, ସିଏଜି ରାଫାଲ ସମ୍ପର୍କରେ ପ୍ରଦାନ କରିଥିବା ରିପୋର୍ଟର ଏକ ସଂକ୍ଷିପ୍ତ ଅଂଶ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଛି। ବାସ୍ତବ କଥା ହେଲା ଯେ, ସିଏଜି କୌଣସି ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେଇଛନ୍ତି କି ନାହିଁ ତାହା ଜଣାନାହିଁ କିନ୍ତୁ ସେପରି କୌଣସି ରିପୋର୍ଟ ନା ପାର୍ଲାମେଣ୍ଟରେ ଉପସ୍ଥାପିତ ହୋଇଛି ନା ସେମିତି ରିପୋର୍ଟ ପବ୍ଲିକ ଆକାଉଣ୍ଟସ କମିଟି ଦେଖିଛନ୍ତି।

ସେମିତି ଆଉ ଏକ ବିତର୍କ ଉଠିଛି ରୋଜଗାର ଓ ବେକାରି ସ୍ଥିତିକୁ ନେଇ। ଭାରତ ସରକାରଙ୍କ ପରିସଂଖ୍ୟାନ ବିଭାଗ ଅଧୀନରେ ଥିବା ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ନିୟମିତ ଅନ୍ତରରେ ବେକାରି ସ୍ଥିତିର ସର୍ବେକ୍ଷଣ କରିଥାଏ। ଏହି ସଂସ୍ଥା ବେକାରି ସ୍ଥିତିର ସର୍ବେକ୍ଷଣ କରିସାରିଛି କିନ୍ତୁ ସରକାର ତହିଁରେ ତାଲା ପକାଇ ରଖିଛନ୍ତି। କାହିଁକି ତାଲା ପକାଇ ରଖିଛନ୍ତି ତାହା ସେତେବେଳେ ଜଣାପଡ଼ିଲା, ଯେତେବେଳେ କାର୍ଯ୍ୟାଳୟର ଦୁଇଜଣ ବରିଷ୍ଠ ଅଧିକାରୀ ରିପୋର୍ଟକୁ ଚାପିରଖିବା ବିରୋଧରେ ଇସ୍ତଫା ଦେଲେ ଏବଂ ଯେତେବେଳେ ସର୍ବେକ୍ଷଣରେ ଜଣାପଡ଼ିଥିବା ବିଷାଦର ଚିତ୍ର ବାହାରକୁ 'ଲିକ୍' ହେଲା। ସେହି 'ଲିକ୍'ରୁ ଜଣାପଡ଼ିଲା ଯେ, ଭାରତରେ ବେକାରିର ବର୍ତ୍ତମାନ ସ୍ଥିତି ୪୫ ବର୍ଷ ମଧ୍ୟରେ ସବୁଠାରୁ ଖରାପ ରହିଛି। ସରକାର ବେକାରି ସମ୍ପର୍କିତ ଅଭିଯୋଗକୁ ଖଣ୍ଡନ କରୁଛନ୍ତି ସିନା ରିପୋର୍ଟକୁ ପ୍ରକାଶ କରୁନାହାନ୍ତି। ଏଥିରେ ତ କିଛି ସାମରିକ ଗୋପନୀୟତା ନାହିଁ, ପ୍ରକାଶ ହେଉନି କାହିଁକି? ଏବେ ପ୍ରଧାନମନ୍ତ୍ରୀ ମୋଦି କହୁଛନ୍ତି ଯେ, ରୋଜଗାର ଓ ବେକାରି ମାପିବା ପାଇଁ ଠିକ୍ ବ୍ୟବସ୍ଥା ନାହିଁ। ଯଦି ନାହିଁ ବୋଲି ସେ ଜାଣିଛନ୍ତି ତେବେ ତାଙ୍କ ସରକାର ତାହାକୁ ଠିକ୍ କଲାନାହିଁ କାହିଁକି? ଆମେରିକା ଓ ଉନ୍ନତ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ପ୍ରତି ମାସରେ ରୋଜଗାରର ସର୍ବେକ୍ଷଣ ସ୍ଥିତି ଜାରି ହୁଏ। କିନ୍ତୁ ଏଠାରେ ସରକାର ନିଜ ସଂସ୍ଥା ଦ୍ୱାରା କରାହୋଇଥିବା ବେକାରି ସର୍ବେକ୍ଷଣର ତଥ୍ୟକୁ ଚପେଇ ରଖିଛନ୍ତି। ୨୦୧୪ ମସିହା ପରଠାରୁ ସରକାର ଦେଶରେ ଦାରିଦ୍ର୍ୟର ସ୍ଥିତି କ'ଣ ରହିଛି ତାହା ମଧ୍ୟ ଜଣାଉନାହାନ୍ତି। ପାଞ୍ଚ ବର୍ଷ ତଳେ ନରେନ୍ଦ୍ର ମୋଦି ନିଜେ କୃଷକଙ୍କ ଆତ୍ମହତ୍ୟାର ବିଷମ ପରିସଂଖ୍ୟାନ ଦେଇ ତତ୍କାଳୀନ ସରକାରଙ୍କୁ ଧିକ୍କାର କରୁଥିଲେ। କିନ୍ତୁ ତାଙ୍କ ସରକାର କୃଷକଙ୍କ ଆତ୍ମହତ୍ୟାର ପରିସଂଖ୍ୟାନ ଦେବା ହିଁ ବନ୍ଦ କରିଦେଇଛି। ଗତ ଡିସେମ୍ବର ୨୦ତାରିଖରେ ପାର୍ଲାମେଣ୍ଟରେ କୃଷିମନ୍ତ୍ରୀ କହିଲେ ଯେ, ୨୦୧୬ ମସିହାରୁ କ୍ରାଇମ୍ ରେକର୍ଡ ବ୍ୟୁରୋ ଆଉ ଚାଷୀ ଆତ୍ମହତ୍ୟାର ତଥ୍ୟ ରଖୁନାହିଁ। ସରକାରଙ୍କୁ ଅଡୁଆ ହେଉଥିବାରୁ ତାହାକୁ ବନ୍ଦ କରିଦିଆଯାଇଛି ବୋଲି ବିରୋଧୀ ଓ ବିଶାରଦମାନେ ଅଭିଯୋଗ କରୁଛନ୍ତି।

ତଥ୍ୟ ଓ ସୂଚନା କଟୁ ହେଉ ବା ମିଠା ସେଥିରୁ ହିଁ ଯୋଜନାର ଆବଶ୍ୟକତା ଜଣାପଡ଼େ ଓ କୌଶଳ ସ୍ଥିର ହୁଏ। ସେହିଭଳି ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ ଓ ସ୍ୱଚ୍ଛ କରିବାରେ ମଧ୍ୟ ତଥ୍ୟ ଓ ସୂଚନାର ଆବଶ୍ୟକତା ରହିଛି। ମୋଦିଙ୍କ ପୂର୍ବ ସରକାର ଅନେକ ପ୍ରମୁଖ ଯୋଜନା ସମ୍ବନ୍ଧରେ ବିଶଦ ଓ ତତ୍କାଳିକ ତଥ୍ୟ ୱେବ୍‌ସାଇଟରେ ପ୍ରଦାନ କରୁଥିଲେ। ଜଣେ ସାଧାରଣ ବ୍ୟକ୍ତି ୱେବ୍‌ସାଇଟରୁ ସ୍ଥିତି ଜାଣିପାରୁଥିଲା। ଏହି ସରକାର କିନ୍ତୁ ଅନେକ ତଥ୍ୟ ଆଉ ଲୋକଙ୍କୁ ପ୍ରଦାନ କରୁନାହିଁ। ସ୍ୱଚ୍ଛ ଭାରତ ମିଶନକୁ ଏକ ଉଦାହରଣ ଭାବରେ ନିଆଯାଇପାରେ। ମୋଦି ସରକାର ଆସିବା ପୂର୍ବରୁ ଜଣେ ସାଧାରଣ ଲୋକ ମଧ୍ୟ କାହାର ପାଇଖାନା ହୋଇସାରିଛି, କାହାର ହୋଇନାହିଁ, କେଉଁ ଗାଁରେ କେତୋଟି ପାଇଖାନା ହେଲାଣି ସେହିସବୁ ତଥ୍ୟ ପାଇପାରୁଥିଲା। ଏବେ କିନ୍ତୁ ଜଣେ ମୋଟରେ କେତେଟା ଗାଁ ବାହ୍ୟ ମଳମୁକ୍ତ ହେଲାଣି, ମୋଟରେ କେତେଟା ପାଇଖାନା ତିଆରି ହେଲାଣି ସେହିଭଳି ଉପରଠାଉରିଆ ତଥ୍ୟ ହିଁ ଜାଣିପାରିବ। ନିଜ ଗାଁ, ଘର ଓ ପଞ୍ଚାୟତ ଆଦିର ସ୍ଥିତି ବିଷୟରେ ଜଣେ ଜାଣିବାର ଅବକାଶ ଆଉ ନାହିଁ, କାରଣ ସେହି ତଥ୍ୟ ଆଉ ସର୍ବସାଧାରଣରେ ପ୍ରକାଶ କରାଯାଉନାହିଁ। ସେମିତି ମହାତ୍ମା ଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ସମ୍ବନ୍ଧରେ ଜଣେ ଆଗରୁ ପ୍ରାୟ ସବୁ ତଥ୍ୟ ପାଇପାରୁଥିଲା। କିଏ କେବେ କେତେ ଦିନ କାମ କଲେ, ତାଙ୍କୁ ପଇସା କେବେ ମିଳିଲା ଇତ୍ୟାଦି ସବୁ ସୂଚନା ଜଣେ ୱେବ୍‌ସାଇଟରୁ ଜାଣିପାରୁଥିଲା। ଏବେ ଜଣେ ସାଧାରଣ ଲୋକ ସେହି ତଥ୍ୟ ପାଇପାରୁ ନାହିଁ। ଲୋକେ ତଥ୍ୟ ଜାଣିବା ଦ୍ୱାରା ତହିଁରେ ଅନେକ ଦୁର୍ନୀତି ଧରିପାରୁଥିଲେ। ଏବେ ତଥ୍ୟ ହିଁ ନାହିଁ, ଦୁର୍ନୀତି ଧରିବେ ବା କ'ଣ? ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା, ଆୟୁଷ୍ମାନ ଭାରତ ଯୋଜନା ଭଳି ଯୋଜନା ବ୍ୟକ୍ତି ଓ ପରିବାରକୁ ଲାଭ ପ୍ରଦାନ କରିଥାଏ। କିନ୍ତୁ ସରକାର ଏହି ଯୋଜନାରେ କେଉଁ ବ୍ୟକ୍ତି ଓ କେଉଁ ପରିବାର ଲାଭବାନ ହେଲେ ତାହାର ସୂଚନା ୱେବ୍‌ସାଇଟରେ ଦେଉନାହାନ୍ତି। କେବଳ ଏତେ ହିତାଧିକାରୀ ହୋଇଗଲେ ଓ ଏତେ ଲାଭ ପାଇଗଲେ ଏମିତି ମୋଟ ତଥ୍ୟ ହିଁ ଦେଇ ବହୁତ କରିଦେଇଥିବାର ଦାବି କରୁଛନ୍ତି। ଏହା ବ୍ୟବସ୍ଥାକୁ ସ୍ୱଚ୍ଛ ଓ ନିର୍ମଳ ହେବାରେ ସାହାଯ୍ୟ କରୁନାହିଁ।

କୁହାଯାଏ ଯେ 'ଇନ୍‌ଫରମେଶନ ଇଜ୍ ପାୱାର'–ସୂଚନା ହିଁ ଶକ୍ତି। ସରକାର ସେହି ଶକ୍ତିକୁ ଅଧିକ ବଳବାନ୍ କରିବା ବଦଳରେ ତାହାକୁ ଆହୁରି ଦୁର୍ବଳ କରିବା ଏକ ଉନ୍ନତ ସରକାରୀ ତନ୍ତ୍ରର ଉଦାହରଣ ନୁହେଁ। ସରକାର ଷ୍ଟକ୍ ଏକ୍ସଚେଞ୍ଜରେ ପଞ୍ଜୀକୃତ କମ୍ପାନୀ ହୋଇଥିଲେ ଏମିତି ସ୍ଥିତିରେ ତାହାର ଷ୍ଟକ୍ ମୂଲ୍ୟ ଶୂନ ହୋଇସାରନ୍ତାଣି।

bimalpandia@gmail.com

# ମନୋରଞ୍ଜନ ଓ ଜ୍ଞାନବିଜ୍ଞାନର ମାଧ୍ୟମ



ବସନ୍ତ କୁମାର ଦାସ

ଏକ ଗଣତନ୍ତ୍ର ଦେଶରେ ଗଣମାଧ୍ୟମର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ପୁସ୍ତକ, ରେଡ଼ିଓ, ଟେଲିଭିଜନ ମୋବାଇଲ ଓ ଖବରକାଗଜ ମାଧ୍ୟମରେ ଜନସାଧାରଣ ସମସ୍ତ ସୂଚନା ଜାଣନ୍ତି ଏବଂ ବୃଦ୍ଧି କରିଥାନ୍ତି ସେମାନଙ୍କ ଜ୍ଞାନର ପରିସର। ଏଥିସହ ଏଗୁଡ଼ିକ ମନୋରଞ୍ଜନର ଖୋରାକ ମଧ୍ୟ ଯୋଗାନ୍ତି। ତେବେ ରେଡିଓ ହେଉଛି ଗଣମନୋରଞ୍ଜନ ଓ ଜ୍ଞାନବିଜ୍ଞାନର ପ୍ରଥମ ମାଧ୍ୟମ। ରେଡ଼ିଓର ଜନକ ଆମ ଦେଶର ବୈଜ୍ଞାନିକ ଜଗଦୀଶ ଚନ୍ଦ୍ର ବୋଷ ବୋଲି କ୍ୱଚିତ୍ ଜାଣିଥିବେ। କିନ୍ତୁ ଇଟାଲୀୟ ବୈଜ୍ଞାନିକ ମାର୍କୋନୀଙ୍କୁ ଏହି ଶ୍ରେୟ ଦିଆଯାଇଛି। କାରଣ ୧୮୯୪ରେ ସେ ରେଡ଼ିଓ ଆବିଷ୍କାର କରି ଏହାକୁ ପେଟେଣ୍ଟ କରିଥିଲେ। କିନ୍ତୁ ଜଗଦୀଶ ଚନ୍ଦ୍ର ବୋଷ ପ୍ରଚାର ଓ ପ୍ରସାରର ତୀବ୍ର ବିରୋଧୀ ଥିବାରୁ ତାଙ୍କୁ ମାର୍କୋନୀଙ୍କ ପରି ସ୍ୱୀକୃତି ମିଳି ନ ଥିଲା। ସେ ବିଶ୍ୱାସ କରୁଥିଲେ ଜ୍ଞାନ, ବିଜ୍ଞାନ, ଆବିଷ୍କାର ବା ଉଦ୍ଭାବନ ସମଗ୍ର ବିଶ୍ୱବାସୀଙ୍କର ସମ୍ପତ୍ତି, ତେଣୁ ଏହା ବିଶ୍ୱବାସୀଙ୍କ କଲ୍ୟାଣରେ ଲାଗିବା ଉଚିତ।

ଆକାଶବାଣୀର ପ୍ରଥମ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ହେଉଛି, 'ବହୁଜନ ହିତାୟ, ବହୁଜନ ସୁଖାୟ', ଯାହାକି ଭାରତୀୟ ସଂସ୍କୃତିର ମୂଳଲକ୍ଷ୍ୟ। ଦିନଥିଲା ଗାଁର ଧନୀ ଲୋକଙ୍କର ରେଡ଼ିଓ ପ୍ରଥମ ଓ ପ୍ରଧାନ ମାଧ୍ୟମ, ବାର୍ତ୍ତା, ମନୋରଞ୍ଜନ, ଖବର ଓ କୃଷି ବିଷୟ ପାଇଁ ଉଦ୍ଦିଷ୍ଟ ଥିଲା। ଆଜି କିନ୍ତୁ ନିଆରା ରୂପରେ ମୋବାଇଲ ଦ୍ୱାରା ସମସ୍ତେ ରେଡିଓ ଶୁଣିପାରୁଛନ୍ତି ଓ ଅନେକେ ମନୋରଞ୍ଜନ, ଜ୍ଞାନବିଜ୍ଞାନ ତଥା ସାହିତ୍ୟ ସଂସ୍କୃତି ପାଇଁ ରେଡ଼ିଓ ଉପରେ ନିର୍ଭର କରୁଛନ୍ତି। ଏଣୁ କୁହାଯାଉଛି 'ଆକାଶବାଣୀ–ଜ୍ଞାନବିଜ୍ଞାନର ଅଟେ ସେ ଖଣି'।

ଆମ ଦେଶରେ ପ୍ରଥମେ ୧୯୪୭ ମସିହାରେ ୬ଟି ସହରରେ ଯଥା– ଦିଲ୍ଲୀ, ବମ୍ବେ, କଲିକତା, ମାଡ୍ରାସ, ଲକ୍ଷ୍ନୌ ଓ ତ୍ରିଚିନାପଲ୍ଲୀଠାରେ ରେଡ଼ିଓ ଷ୍ଟେଶନ ସ୍ଥାପନ କରାଯାଇଥିଲା। ତା' ପୂର୍ବରୁ ନେତାଜୀ ସୁଭାଷ ବୋଷ ରେଡିଓ ଷ୍ଟେଶନ ପ୍ରତିଷ୍ଠା କରି ଆଜାଦ୍



ବିଶ୍ୱ ରେଡିଓ ଦିବସ ଉପଲକ୍ଷେ

ହିନ୍ଦ୍ ଫୌଜଙ୍କୁ ବିଭିନ୍ନ ବାର୍ତ୍ତା ପ୍ରେରଣ କରିବା ସଙ୍ଗେ ସଙ୍ଗେ ଶତ୍ରୁପକ୍ଷ ବିରୋଧରେ ରଣକୌଶଳର ନୂଆ ଦିଗ୍‌ଦର୍ଶନ ଦେଉଥିଲେ। ଏବେ ରେଡ଼ିଓର ସୀମା ସରହଦ ବଢ଼ିଛି। ଫୋନ୍–ଇନ୍ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ନାନା ସମସ୍ୟା ଓ ଖବରକୁ ସିଧାସଳଖ ବିଶେଷଜ୍ଞମାନଙ୍କ ଦ୍ୱାରା ସମାଧାନ କରାଯାଇପାରୁଛି। ୧୯୨୦ ନଭେମ୍ବର ୨ ତାରିଖରେ ପ୍ରଥମେ ରେଡ଼ିଓ ଘୋଷକ ଲିଓ ରୋଜରବର୍ଗଙ୍କ ବାଣୀ ରେଡ଼ିଓରେ ବିଶ୍ୱବାସୀ ଶୁଣିବାକୁ ପାଇଥିଲେ। ଆମେରିକାର ୨୯ତମ ରାଷ୍ଟ୍ରପତି ୱାରେନ୍ ଜି. ହାର୍ଡିଙ୍ଗ୍ ପ୍ରଥମ ପକେଟ୍ ରେଡ଼ିଓ ବ୍ୟବହାର କରିଥିଲେ।

ପଞ୍ଚମ ବିଶ୍ୱ ରେଡ଼ିଓ ମେଳା ଆମ ରାଜ୍ୟରେ ଫେବୃୟାରୀ ୧୩ ଓ ୧୪ ଦୁଇଦିନ ଧରି ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ପାଳିତ ହେଉଛି। ଏଥିରେ ପ୍ରାୟ ୩୦୦୦ ରେଡ଼ିଓ ପ୍ରଦର୍ଶିତ ହେବ। ଏହା ଆମ ଦେଶର ପ୍ରଥମ ରେଡ଼ିଓ ମେଳା, ଯାହାକି ବେସରକାରୀସ୍ତରରେ ଓଡ଼ିଶାର ରାଜଧାନୀରେ ପଞ୍ଚମଥର ପାଇଁ ପାଳିତ ହେଉଛି। ଏଥିରେ ବିଶିଷ୍ଟ ବେତାର ଶିଳ୍ପୀ, ଘୋଷକ, ଶ୍ରୋତା ଓ କଳାକାର ଅଂଶଗ୍ରହଣ କରିଆସୁଛନ୍ତି। ଏଥିରେ ଜାପାନ, ଆମେରିକା ଓ ବାଂଲାଦେଶ ରେଡିଓ ଷ୍ଟେଶନ, ହାମ୍, ଗ୍ରାମୋଫୋନ୍, ନୂଆ ଓ ପୁରୁଣା ରେଡ଼ିଓ ପ୍ରଦର୍ଶିତ ହେବ। ହାତ ତିଆରି ରେଡିଓ ମଧ୍ୟ ପ୍ରଦର୍ଶିତ ହେବ। ଆର. ରୌନକ୍ ଓ ଉପେନ୍ଦ୍ର କୁମାର ପାହାଡ଼ସିଂ ଏଥିରେ ଯୋଗଦେବେ। ଶ୍ରୋତା ସମ୍ମିଳନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦର୍ଶନୀ, ଛାତ୍ରୀଛାତ୍ରଙ୍କ ପାଇଁ କାର୍ଯ୍ୟକ୍ରମ, ମାଗଣା ରେଡ଼ିଓ ମରାମତି ଓ ବିଭିନ୍ନ ପ୍ରକାର ରେଡ଼ିଓ ଉପରେ କାର୍ଯ୍ୟକ୍ରମ ବିଶ୍ୱ ରେଡ଼ିଓ ଦିବସ ଅବସରରେ ପାଳିତ ହେବ। ଆକାଶବାଣୀ କଟକ ଓ ଜୟପୁର ତରଫରୁ ରେଡ଼ିଓ ଜୟଯାତ୍ରା ଶୀର୍ଷକ ଫୋନ୍–ଇନ୍ ଓ ରୂପକ ପ୍ରସାରିତ ହେବାର ଅଛି।

ବାସ୍ତବିକ ଚା' ଦୋକାନୀଠାରୁ ଚାଷୀଭାଇ, ଗାଈ ଚରାଳିଠାରୁ ଗାମୁଛା ବୁଣିବା ଲୋକ, ରିକ୍ସାବାଲାଠୁଁ ରିପବ୍ଲିକାନ୍ ଦଳ ପର୍ଯ୍ୟନ୍ତ ଓ ମୂଲିଆଠୁଁ ଆରମ୍ଭକରି ମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତଙ୍କଠାରେ ରେଡ଼ିଓ ଦିଗବାରେଣୀ ହୋଇ ରହିଛି ଓ ରହିବ।

ଦାମନଯୋଡ଼ି, କୋରାପୁଟ,
ମୋ–୯୪୩୭୯୧୧୫୮୫,
dasbasanta9@gmail.com

## ଏଇ ଭାରତରେ

ମାତାପିତାଙ୍କ ବିନା ଅନୁମତିରେ ଝିଅପୁଅ ପ୍ରେମ କରିପାରିବେ ନାହିଁ। ଏଥିପାଇଁ ଯୁବତୀଯୁବକ ଶପଥ ଗ୍ରହଣ କରିବେ। ଏପରି ଏକ ଅଭିନବ ବ୍ୟବସ୍ଥା ଆୟୋଜନ ହେବାକୁ ଯାଉଛି ଗୁଜରାଟରେ। ଭାଲେଣ୍ଟାଇନ୍ ସପ୍ତାହ ଅବସରରେ ଏକ ନିଆରା ଉତ୍ସବ ପାଳନ କରାଯିବ। ଫେବୃୟାରୀ ୧୪ରେ ହାସ୍ୟମେବ ଜୟତେ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ଯୁବତୀଯୁବକଙ୍କ ପାଇଁ ଆୟୋଜନ ହେବ ଏକ ଶପଥ ଗ୍ରହଣ ଉତ୍ସବ। ଏହି ଉତ୍ସବରେ ପାଖାପାଖି ୧୦ ହଜାର ଯୁବତୀଯୁବକ ଅଂଶଗ୍ରହଣ କରିବା ଆଶା କରାଯାଉଛି। ସେମାନେ ମାତାପିତାଙ୍କ ବିନା ଅନୁମତିରେ ଲଭ୍ ମ୍ୟାରେଜ କରିପାରିବେ ନାହିଁ ବୋଲି ଶପଥ ନେବେ। ଏଥିରେ ୧୨ଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ମଧ୍ୟ ସାମିଲ କରାଯିବ। ଏହି କାର୍ଯ୍ୟକ୍ରମ ବିଭିନ୍ନ ସ୍କୁଲ କଲେଜରେ ଅନୁଷ୍ଠିତ ହେବ ବୋଲି ସଂସ୍ଥାର ସଂସ୍ଥାପକ ଲାଫ୍ଟର ଥେରାପିଷ୍ଟ କମଲେଶ ସୂଚନା ଦେଇଛନ୍ତି। ଏଭଳି ଏକ ଅଭିନବ ବ୍ୟବସ୍ଥା କେତେଦୂର କାର୍ଯ୍ୟରେ ପରିଣତ ହେବ ତାହା ଭବିଷ୍ୟତ କହିବ।

## ଚିରନ୍ତନୀ

ଗ୍ରନ୍ଥ ପରେ ରଚିତ ହେଲା ଗ୍ରନ୍ଥ ଅଗଣନ
ମାନବ–ଆଶା ବେଦନାରାଶି ବହି
ବନ୍ଦୀ କରି ପତ୍ରେ ତାର ବିରାଟ କେତେ ମନ,
ଅତୀତ ଭାଷା ଯାଉଛି ଆଜି କହି! (ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଫେବୃୟାରୀ ୧୯୯୪

- ଦକ୍ଷିଣ କୋରିଆରେ ନୂତନ ବର୍ଷ ପାଳନ ବେଳେ ବିଭିନ୍ନ ଘଟଣାରେ ୭୦ ଜଣ ମୃତ୍ୟୁବରଣ କରିଥିବା ନେଇ ସୂଚନା।
- ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ନେଇ ଜାପାନ ଓ ଆମେରିକା ମଧ୍ୟରେ ଅନୁଷ୍ଠିତ କଥାବାର୍ତ୍ତା ବିଫଳ ପରେ କଟକଣା ଜାରି ପାଇଁ ଆମେରିକାର ଧମକ।

## ପାଠକ ଶ୍ରେଷ୍ଠ ବିଚାରକ

### ଧରିତ୍ରୀ ନିର୍ଭୀକ ଓ ନିରପେକ୍ଷ

ମହାଶୟ,

'ଧରିତ୍ରୀ' ବହୁତ ନିର୍ଭୀକ, ନିରପେକ୍ଷ, ଅନୁସନ୍ଧାନମୂଳକ ଲେଖା ଓ ସମ୍ପାଦକୀୟ ପ୍ରକାଶ କରୁଥିବାରୁ ଏହା ଅଧିକାଂଶ ପାଠକଙ୍କ ପାଖରେ ଗ୍ରହଣୀୟ ହୋଇପାରିଛି। ଗୁରୁବାର ପ୍ରକାଶ ପାଉଥିବା ମାନେକା ଗାନ୍ଧୀଙ୍କ ପ୍ରବନ୍ଧ ମଧ୍ୟ ଅତ୍ୟନ୍ତ ଉପାଦେୟ ଓ ଶିକ୍ଷଣୀୟ। ଧରିତ୍ରୀର ସମ୍ପାଦକୀୟ ପୃଷ୍ଠା, ବିଜ୍‌ନେସ୍ ପୃଷ୍ଠା ଏବଂ ଜାତୀୟ–ଅନ୍ତର୍ଜାତୀୟ ପୃଷ୍ଠା ମଧ୍ୟ ଖୁବ୍ ଭଲ ହେଉଛି। ତେଣୁ ଦୀର୍ଘଦିନ ହେଲା ମୁଁ ଅନ୍ୟ ଖବରକାଗଜ କାଁଭାଁ ପଢ଼ିଲେ ପଢ଼ିଲେ ମଧ୍ୟ ଧରିତ୍ରୀ ନିୟମିତଭାବେ ପଢ଼ିଆସୁଛି।

ରାକେଶ ନାୟକ, ଭୁବନେଶ୍ୱର

### ପଲିଥିନ କଟକଣା ଧୂଆଁବାଣ

ରାଜ୍ୟ ସରକାର ୨୦୧୮ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ପ୍ରଥମ ପର୍ଯ୍ୟାୟରେ ୫ଟି ମହାନଗର ନିଗମରେ ପଲିଥିନ ବ୍ୟବହାରକୁ ନିଷେଧ କରିଛନ୍ତି। କିନ୍ତୁ ବଡ଼ ଦୁଃଖର କଥା କିଛିଦିନ ଲୋକଦେଖାଣିଆ ଚଢ଼ାଉ ପରେ ମହାନଗର ନିଗମ କର୍ତ୍ତୃପକ୍ଷ ନିଘୋଡ ନିଦରେ ଶୋଇ ଯାଇଛନ୍ତି, ଯାହାଫଳରେ ପୁଣି ମହାନଗର ସାରା ପଲିଥିନମୟ ହୋଇଯାଇଛି। ପନିପରିବାଠାରୁ ଆରମ୍ଭକରି ତେଜରାତି ସଉଦା, ମାଛ, ମାଂସ ପଲିଥିନରେ ଭର୍ତ୍ତି ହୋଇ ବିକ୍ରୟ କରାଯାଉଛି। ଏହି ନିର୍ଦ୍ଦେଶନାମା ସହରାଞ୍ଚଳରେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ବେଳେ ସାରା ରାଜ୍ୟରେ କିପରି କାର୍ଯ୍ୟକାରୀ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ସରକାର ତାଙ୍କ ନିର୍ଦ୍ଦେଶନାମା ପାଳନ କରିବାକୁ କଡ଼ା ପଦକ୍ଷେପ ନିଅନ୍ତୁ ଓ ଜନସାଧାରଣ ଏଥିରେ ସରକାରଙ୍କୁ ସାହାଯ୍ୟ କରନ୍ତୁ।

ଭଗବାନ ଦାସ, ହରି ନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଆଧାର କାର୍ଡରେ ତ୍ରୁଟି

ମିଳିଥିବା ଆଧାର କାର୍ଡରେ ଅନେର ତ୍ରୁଟି ରହିଛି। ଫଳରେ ଉକ୍ତ କାର୍ଡ କୌଣସି କାମରେ ଆସୁନାହିଁ। ତ୍ରୁଟି ସଂଶୋଧନ ପାଇଁ କୌଣସି ସହଜ ବ୍ୟବସ୍ଥା ନାହିଁ। ଏ ବିଷୟରେ ଅଭିଯୋଗ ଶୁଣିବା ପାଇଁ ମଧ୍ୟ କେହି ନାହାନ୍ତି। ଅନଲାଇନରେ ସଂଶୋଧନ ହେଉଥିଲେ ମଧ୍ୟ ଏହା ସମସ୍ତଙ୍କ ପାଇଁ ସମ୍ଭବ ହେଉନାହିଁ। ଆଗକୁ ନିର୍ବାଚନ, ତେଣୁ ଏହାର ଶୀଘ୍ର ସମାଧାନ କରିବାକୁ ଅନୁରୋଧ।

ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଗ୍ରାହକଙ୍କ ଏଟିଏମ୍‌ରୁ ଟଙ୍କା ଲୁଟ୍

ନିଜ ଧନସମ୍ପତ୍ତିକୁ ସୁରକ୍ଷାରେ ରଖିବା ପାଇଁ ଲୋକେ ବ୍ୟାଙ୍କ, ଏଟିଏମ୍ ବ୍ୟବହାର କରିଥାଆନ୍ତି। ଏଥିପାଇଁ ବ୍ୟବହାରକାରୀ ବ୍ୟାଙ୍କର ବାର୍ଷିକ ଫି ମଧ୍ୟ ଦେଇଥାଆନ୍ତି। ଗ୍ରାହକମାନେ ପିନ୍, ଓଟିପି, ପାସ୍‌ୱାର୍ଡ ଇତ୍ୟାଦି ଅନ୍ୟମାନଙ୍କୁ ନ ଜଣାଇବା ପାଇଁ ବ୍ୟାଙ୍କ ତରଫରୁ ସଚେତନ ମଧ୍ୟ କରାଯାଇଥାଏ। ପୂର୍ବରୁ ଅପରାଧୀମାନେ କଳେବଳେକୌଶଳେ ଏଟିଏମ୍ ଏବଂ ଆକାଉଣ୍ଟ ତଥ୍ୟ ହାସଲ କରି ଲୁଟ୍ କରୁଥିଲେ। ଏବେ କିନ୍ତୁ ନୂତନ ପଦ୍ଧତିରେ ବିନା ଏଟିଏମ୍ କାର୍ଡ, ପିନ୍ ନମ୍ବର, ପାସ୍‌ୱାର୍ଡରେ ଜଟଣୀର ଗୋବିନ୍ଦ ଚନ୍ଦ୍ର ସାହୁ ଓ ଦାଶରଥି ସାହୁଙ୍କ ଆକାଉଣ୍ଟରୁ ପ୍ରାୟ ୩/୪ ଲକ୍ଷ ଟଙ୍କା ଅପରାଧୀମାନେ ଉଠାଇ ନେଇଛନ୍ତି (ଧରିତ୍ରୀ ୧୯।୧)। ଏପରି ହେଲେ ଗ୍ରାହକମାନେ କଷ୍ଟାର୍ଜିତ ଧନ ହରାଇବା ସଙ୍ଗେ ସଙ୍ଗେ ବ୍ୟାଙ୍କ ଉପରୁ ସେମାନଙ୍କ ଭରସା ତୁଟିଯିବ।

କାହ୍ନୁ ଚରଣ ସାହୁ, ବରିଷ୍ଠ ନାଗରିକ, ରାମଚନ୍ଦ୍ରପୁର, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ

### ଜୀବନବିନ୍ଦୁ କାର୍ଯ୍ୟକ୍ରମରେ ରକ୍ତ ଦାନ କଲେ ୧୦୪ ଜଣ

ବେଲପାହାଡ଼,୧୨।୨(ଡ଼ି.ଏନ୍.ଏ.) ବେଲପାହାଡ଼ ବିଜେଡ଼ି କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ବିଜେଡ଼ି ପକ୍ଷରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହାଇଯାଇଛି। ଏଥିରେ ୧୦୪ ଜଣ ରକ୍ତଦାନ କରିଛନ୍ତି। ପୂର୍ବତନ ବିଧାୟକ ଅନୁପ କୁମାର ସାଏ ଯୋଗ ଦେଇ କହିଛନ୍ତି ଯେ, ରକ୍ତଦାନ ଭଳି ମହତ କାର୍ଯ୍ୟ ଯୋଗୁ ଅନେକ ଲାକଙ୍କ ଜୀବନ ରକ୍ଷା ହୋଇପାରୁଛି । ଯେଉଁମାନେ ଏଭଳି ମହତ କାର୍ଯ୍ୟରେ ଯୋଗଦାନ କରୁଛନ୍ତି ସେମାନଙ୍କ ଅବଦାନ ସର୍ବଦା ପ୍ରଶଂସନୀୟ। ବିଜେଡ଼ି ଟାଉନ ସଭାପତି ରାଜେଶ ଭୋଇ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । କାଉନସିଲର ରଂଜିତା ବିଶ୍ୱାଳ, ଲିଙ୍ଗ ବେହେରା, କର୍ମୀ ଜେନାମଣି ସେଠ, ଦିଲୀପ ସାଏ, ପ୍ରଫୁଲ୍ଲ ରାଉତ, ରୁବି ସିଂ ଓ ବିକାଶ ଦେବ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶଶି ଭୂଷଣ ନାୟକ, କିରଣ କୁମାର ସାହୁ, ଭବାନୀ ଶଙ୍କର ସୁନାନି, ଦୋଳଗୋବିନ୍ଦ ଛଞ୍ଚାଣ, ଦିଲୀପ କୁମାର ବନଛୋର, ପ୍ରକାଶ ପଣ୍ଡା, ଦିଲୀପ ସିଂ ପ୍ରମୁଖ ପରିଚାଳନା କରିଥିଲେ।

### ଯାତ୍ରୀଙ୍କ ସୁବିଧା ବ୍ୟବସ୍ଥା ଯାଞ୍ଚ କଲା ପିଏସି

**କଟକ ଅଫିସ୍, ୧୨।୨:** କଟକ ରେଳ ଷ୍ଟେଶନ, ଭୁବନେଶ୍ୱର ନ୍ୟୁ ଏବଂ ନରାଜ ପିଏଚ୍‌ରେ ଯାତ୍ରୀଙ୍କ ସୁବିଧା ପାଇଁ ଥିବା ସମସ୍ତ ବ୍ୟବସ୍ଥାକୁ ଯାଞ୍ଚ କରିଛି ରେଲୱେ ବୋର୍ଡ ପାସେଞ୍ଜର ଏମିନିଟି କମିଟି(ପିଏସି)। ପିଏସି ସଦସ୍ୟ ହିମାଦ୍ରି ବଳଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସକାଳେ ଭୁବନେଶ୍ୱର ନ୍ୟୁ ଏବଂ ନରାଜ ପିଏଚ୍ ଯାଞ୍ଚ କରିବା ପରେ ମଧ୍ୟାହ୍ନରେ କଟକ ପହଞ୍ଚିଥିଲେ। ସେମାନେ ରେଳ ଷ୍ଟେଶନ, ପ୍ରବେଶ ପଥ, ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ, ଶୌଚାଳୟ, ଡର୍ମିଟୋରୀ, ପାନୀୟ ଜଳ ବ୍ୟବସ୍ଥା ଆଦି ବୁଲି ଦେଖିଥିଲେ। ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଯାଞ୍ଚ କରିବା ପରେ ସେମାନେ ଫେରି ଯାଇଥିଲେ। ୧୫ ଦିନ ମଧ୍ୟରେ ସେମାନେ ଯାଞ୍ଚ ରିପୋର୍ଟ ରେଲୱେ ବୋର୍ଡକୁ ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।

### ଢେଙ୍କାନାଳ ୧୨ ଘଣ୍ଟା ବନ୍ଦ

**ଢେଙ୍କାନାଳ ଅଫିସ, ୧୨।୨:** ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ପ୍ରତିବାଦରେ ଭାଜପା ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ ଢେଙ୍କାନାଳ ବନ୍ଦ ପାଳିତ ହୋଇଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ପ୍ରଭାବ ଅନୁଭୂତ ହୋଇଥିବାବେଳେ ସହରରେ ପ୍ରଭାବିତ ହୋଇଥିଲା ଜୀବନଯାତ୍ରା। ଭାଜପା ନେତା ଏବଂ କର୍ମୀମାନେ କୋରିଆଁ ବାଇପାସ୍ ଛକ, ବାଜିଚୌକ, କଲେଜ ବାଇପାସ ଛକରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ପୂର୍ବାହ୍ନରେ ପିକେଟିଂ କରି ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଔଷଧ ଦୋକାନ, ବ୍ୟାଙ୍କ, ସରକାରୀ, ବେସରକାରୀ କାର୍ଯ୍ୟାଳୟ, କୋର୍ଟ, ଯାନବାହନ ବନ୍ଦ କରିଥିଲେ। ଜିଲା କାର୍ଯ୍ୟାଳୟର ଉଭୟ ଫାଟକ ବାହାରୁ ତାଲା ପକାଇ ଦେଇଥିଲେ। ସିଭିଲ କୋର୍ଟକୁ ଆସୁଥିବା ବିଚାରପତିଙ୍କୁ ପ୍ରବେଶ କରିବାକୁ ଦେଇ ନ ଥିଲେ। ବନ୍ଦ ଯୋଗୁ ସହର ଉପକଣ୍ଠ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଭାଜପାର ବରିଷ୍ଠ ନେତାମାନେ ବଜାର ରାସ୍ତା ଉପରେ କ୍ରିକେଟ ଖେଳୁଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି, ପୂର୍ବତନ ବିଧାୟକ ତଥା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର ପ୍ରମୁଖ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ।


**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଟେଣ୍ଡର ବିଜ୍ଞପ୍ତି ସଂ. 12/ET/SBP/ENGG/2018-19, ତା: 05.02.2019

(1) ଇ-ଟେଣ୍ଡର ସଂ.04-eT-BRIDGE-SBP-18
କାର୍ଯ୍ୟର ନାମ : 33 (ତେତିଶି) ମାସ ସମୟାବଧି ନିମନ୍ତେ ସମ୍ବଲପୁର ମଣ୍ଡଳର ସିନିୟର ଡ଼ିଭିଜନାଲ୍ ଇଞ୍ଜିନିୟର (ବ୍ରିଜ୍)/ସମ୍ବଲପୁରଙ୍କ କାର୍ଯ୍ୟାଳୟ ବ୍ୟବହାର ନିମନ୍ତେ ଠିକା ଭିତ୍ତିରେ ଗୋଟିଏ ସଡ଼କ ଗାଡ଼ି (ନନ୍-ଏସି) ସ୍କର୍ପିଓ/ଟାଟା ସୁମୋ/ ବୋଲେରୋ କିମ୍ବା ଅନୁରୂପ ଗାଡ଼ି ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹10,21,968.00, EMD : ₹ 20,500.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹2,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 33 ମାସ।

(2) ଇ-ଟେଣ୍ଡର ସଂ.53-eT-DENW-SBP-18
କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ସମୟାବଧି ନିମନ୍ତେ ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର/କଣ୍ଟାବାଞ୍ଜିଙ୍କ କାର୍ଯ୍ୟାଳୟ ବ୍ୟବହାର ନିମନ୍ତେ ଠିକା ଭିତ୍ତିରେ 01 (ଏକ) ସଂଖ୍ୟକ ସଡ଼କ ଗାଡ଼ି (ସ୍କର୍ପିଓ/ଟାଟା ସୁମୋ/ ବୋଲେରୋ କିମ୍ବା ଅନୁରୂପ ଗାଡ଼ି) ଭଡ଼ା ସୂତ୍ରରେ ନେବା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹6,83,437.25, EMD : ₹ 13,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 2,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 24 ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 07.03.2019 ର 1500 ଘ. ରେ (ଉଭୟ ଟେଣ୍ଡର ଗୁଡ଼ିକ ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-467/J/18-19


ନାଗେଶ୍ୱର ରାଓଙ୍କୁ ସୁପ୍ରିମ୍‌କୋର୍ଟର ଦଣ୍ଡ




■ ଚିଟ୍‌ଫଣ୍ଡ କମିଶନଙ୍କ ଷଷ୍ଠ ଅନ୍ତରୀଣ ରିପୋର୍ଟ

# ପ୍ରକ୍ରିୟା ଶେଷ ହେବାକୁ ୨ ବର୍ଷରୁ ଅଧିକ ସମୟ ଲାଗିବ

**କଟକ ଅଫିସ,୧୨।୨**

ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତମାନଙ୍କୁ ଟଙ୍କା ଫେରସ୍ତ ପାଇଁ ସମୟ ଲାଗିବ। ଫେରସ୍ତ ପ୍ରକ୍ରିୟା ଶେଷ ହେବାକୁ ଅତିକମ୍‌ରେ ଆଉ ୨ରୁ ୩ ବର୍ଷ ଲାଗିପାରେ ବୋଲି କହିଛନ୍ତି ନ୍ୟାୟିକ ତଦନ୍ତ କରୁଥିବା ଜଷ୍ଟିସ ମଦନ ମୋହନ ଦାସ। ଆହୁରି ପ୍ରାୟ ଅଢେଇ ଲକ୍ଷ ସତ୍ୟପାଠ ଅନୁଧ୍ୟାନ କରିବାକୁ ରହିଛି। ମଙ୍ଗଳବାର କମିଶନଙ୍କ ପକ୍ଷରୁ ଷଷ୍ଠ ଅନ୍ତରୀଣ ରିପୋର୍ଟ ସରକାରଙ୍କ ଗୃହ ବିଭାଗ ନିକଟରେ ଦାଖଲ ହୋଇଛି। ୧୬ ହଜାର ପୃଷ୍ଠା ସମ୍ବଳିତ ଏହି ଅନ୍ତରୀଣ ରିପୋର୍ଟରେ ୧ ଲକ୍ଷ ୪୩ ହଜାର ୪୬୩ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ଗତବର୍ଷ ଜୁନରୁ ଡିସେମ୍ବର ଶେଷ ସୁଦ୍ଧା ହୋଇଥିବା ତଦନ୍ତ ଆଧାରରେ ଏହି ରିପୋର୍ଟ ପ୍ରସ୍ତୁତ ହୋଇଛି। ତେବେ ଷଷ୍ଠ ପର୍ଯ୍ୟାୟରେ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ଅର୍ଥ ଫେରସ୍ତ କରାଯାଇଛି। ମୋଟ ଉପରେ ୬ଟି ପର୍ଯ୍ୟାୟରେ ୩ ଲକ୍ଷ ୬୧ ହଜାର ୮୧୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଦ୍ୟାବଧି ୧୭୧୪ ଜଣଙ୍କୁ ଟଙ୍କା ଫେରସ୍ତ ଦିଆଯାଇଛି। ଏହାବାଦ ଯେଉଁସବୁ ଚିଟ୍‌ଫଣ୍ଡ ସଂସ୍ଥାର ସମ୍ପତ୍ତି ଜବତ ହୋଇଛି, ତାହାକୁ ନିଲାମ କରାଯାଇ ଲବ୍ଧ ଅର୍ଥକୁ ଜମାକାରୀଙ୍କ ମଧ୍ୟରେ ବଣ୍ଟନ କରିବା ନିମନ୍ତେ କ'ଣ ସବୁ ପଦକ୍ଷେପ ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ସରକାରଙ୍କୁ କମିଶନଙ୍କ ପକ୍ଷରୁ ଅବଗତ କରାଯାଇଛି। କମିଶନଙ୍କ ପକ୍ଷରୁ କ୍ଷୁଦ୍ର (୧୦ ହଜାର ଟଙ୍କାରୁ କମ୍) ହରାଇଥିବା ଜମାକାରୀଙ୍କୁ ଚିହ୍ନଟ ଚାଲିଛି। ଏହା ପରେ ବୃହତ୍ ଜମାକାରୀ ଅର୍ଥାତ୍ ୧୦ ହଜାର ଟଙ୍କାରୁ ଅଧିକ ଅର୍ଥ ଜମା କରିଥିବା କ୍ଷତିଗ୍ରସ୍ତଙ୍କୁ ଚିହ୍ନଟ କରାଯିବ। ସୂଚନାଯୋଗ୍ୟ ରାଜ୍ୟର ବହୁ ଚର୍ଚ୍ଚିତ ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ ପାଇଁ ସରକାର ୨୦୧୩ ଜୁଲାଇରେ ଏହାର ନ୍ୟାୟିକ ତଦନ୍ତ ଆଦେଶ ଦେଇଥିଲେ। ଚିଟ୍‌ଫଣ୍ଡ କମିଶନଙ୍କ ଅବଧି ଫେବୃୟାରୀ ୪ ରେ ଶେଷ ହୋଇଥିବାବେଳେ ସରକାର ଏହି ଅବଧିକୁ ଆଉ ୬ ମାସ ପାଇଁ ବୃଦ୍ଧି କରିଛନ୍ତି।

# ଶ୍ରୀମନ୍ଦିର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି ବିଶୃଙ୍ଖଳା

**ପୁରୀ ଅଫିସ,୧୨।୨**

ଶ୍ରୀମନ୍ଦିର ପରିଚାଳନା ଏବେ ଦିଶାହୀନ ହୋଇପଡ଼ିଛି। ବିଭ୍ରାଟ, ବିଶୃଙ୍ଖଳା ବଢ଼ି ଚାଲିଛି। ଆଗକୁ ଯଦି ଏପରି ଧାରା ଜାରି ରହେ ତେବେ ଏହି ମହାନ୍ ଆଧ୍ୟାତ୍ମିକସ୍ଥଳ ପ୍ରତି ଆସ୍ଥା ଓ ବିଶ୍ୱାସ ତୁଟିଯିବ। ତେଣୁ ତୁରନ୍ତ ଶ୍ରୀମନ୍ଦିରର ଶୋଧନ ଆବଶ୍ୟକ। ଏହାକୁ ଗୁରୁତର ସହ ଉପଲବ୍ଧି କରି ଶ୍ରୀମନ୍ଦିରରେ ସୁଧାର ଆଣିବାକୁ ଉଦ୍ୟମ କରିଛନ୍ତି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ। ବର୍ତ୍ତମାନ କୁମ୍ଭମେଳାରେ ଥିବା ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିରରେ ସୁଧାର ଆଣିବା ଲାଗି ଏକ ଭିଡିଓ ବାର୍ତ୍ତା ପଠାଇଛନ୍ତି। ଏ ନେଇ ମଙ୍ଗଳବାର ଗୋବର୍ଦ୍ଧନ ପୀଠରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଠ ମୁଖପାତ୍ର ମନୋଜ ରଥ ଶଙ୍କରାଚାର୍ଯ୍ୟଙ୍କ ଏହି ବାର୍ତ୍ତା ସମ୍ପର୍କରେ ସୂଚନା ଦେଇଥିଲେ।

ରଥ କହିଥିଲେ, ଶିକ୍ଷା, ରକ୍ଷା, ସଂସ୍କୃତି, ସେବା, ଧର୍ମ ଏବଂ ମୋକ୍ଷର କେନ୍ଦ୍ର ହେଉଛି ଶ୍ରୀମନ୍ଦିର। ହେଲେ ଦୀର୍ଘ ସମୟ ଧରି ଏଠାରେ ଚାଲିଥିବା ଅବ୍ୟବସ୍ଥା, ବିଶୃଙ୍ଖଳା ସମୟେ ସମୟେ ଭକ୍ତଙ୍କ ମନରେ ଆଘାତ ପହଞ୍ଚାଇଛି। ବିଶ୍ୱସ୍ତରୀୟ ଏହି ଆଧ୍ୟାତ୍ମିକ କେନ୍ଦ୍ରର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁଣ୍ଣ କରିଛି। ତେଣୁ ଶ୍ରୀମନ୍ଦିରରେ ସୁଧାର ଆଣିବା ଲାଗି ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏକ ପଦକ୍ଷେପ ନେଇଛନ୍ତି। ଓଡ଼ିଶା ତଥା ଓଡ଼ିଶା ବାହାରୁ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ଡାକି ସଦ୍‌ଭାବପୂର୍ଣ୍ଣ ଆଲୋଚନା କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ଭାବନା ଅନୁଯାୟୀ ଶ୍ରୀମନ୍ଦିରକୁ ସୁଧାରିବାରେ ୩ଟି ତନ୍ତ୍ର ପ୍ରମୁଖ ଅଟନ୍ତି। ସେମାନେ ହେଲେ ଓଡ଼ିଶା ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ସେବାୟତ। ଏହି ୩ ତନ୍ତ୍ର ମଧ୍ୟରେ ଯଦି ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଏବଂ ଉତ୍ତମ ସମନ୍ୱୟ ରହେ ତେବେ ଶ୍ରୀମନ୍ଦିର ନିଶ୍ଚିତ ବିଶ୍ୱର ଏକ ପ୍ରମୁଖ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ଉଦ୍‌ଭାସିତ ହୋଇପାରିବ। କିନ୍ତୁ ଶ୍ରୀମନ୍ଦିର ବ୍ୟବସ୍ଥାରେ ଯେଉଁ ଦ୍ରୁତ ଅବକ୍ଷୟ ଘଟୁଛି ତାହାର ପରିସମାପ୍ତି ଲାଗି ଶଙ୍କରାଚାର୍ଯ୍ୟ ଆସନ୍ତା ୧୭ ତାରିଖରେ ଗୋବର୍ଦ୍ଧନ ମଠରେ ଏକ ଉଚ୍ଚସ୍ତରୀୟ ବୈଠକ ଡାକିଛନ୍ତି। ଏଥିରେ ଗଜପତି ମହାରାଜା, ଓଡ଼ିଶାର ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ଦେବୋତ୍ତର କମିଶନର, ଆଇନମନ୍ତ୍ରୀ, ଆଇନ ବିଭାଗ ସଚିବ, ଓଡ଼ିଶା ହାଇକୋର୍ଟ ଓକିଲ ସଂଘ ସଭାପତି ଓ ସମ୍ପାଦକ, ପୁରୀ ଓକିଲ ସଂଘ ସଭାପତି ଓ ସମ୍ପାଦକ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ମୁଖ୍ୟ ପ୍ରଶାସକ ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯାଇଛି। ଏହାବ୍ୟତୀତ ଶ୍ରୀମନ୍ଦିର ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଯେଉଁ ବୁଦ୍ଧିଜୀବୀମାନେ ଅଗ୍ରଣୀ ରହି ଆସିଛନ୍ତି ସେମାନଙ୍କୁ ମଧ୍ୟ ଏହି ବୈଠକରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ନୂତନ ଆମିକସ୍ କ୍ୟୁରିଙ୍କୁ ମଧ୍ୟ ଏ ନେଇ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ପୁନର୍ବାର ଏକ ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ କେନ୍ଦ୍ର ଭାବେ ଉଦ୍‌ଭାସିତ ହେଉ ଏହା ହିଁ ଏହି ବୈଠକର ମୁଖ୍ୟ ଲକ୍ଷ୍ୟ।

ଗତ ୭୦ ବର୍ଷରେ ବିଭିନ୍ନ ସରକାର ଆସିଛନ୍ତି ଯାଇଛନ୍ତି। ଶ୍ରୀମନ୍ଦିରର ବିଭିନ୍ନ ସମସ୍ୟା ନେଇ ଏକାଧିକ ତଦନ୍ତ କମିଶନ ବସିଛି। ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ କଥା ଯାଇଛି। ହେଲେ ଫଳାଫଳ ଶୂନ ବୋଲି ଅନୁଭବ ହେଉଛି। ତେଣୁ ଶଙ୍କରାଚାର୍ଯ୍ୟ ଏଭଳି ଏକ ପ୍ରୟାସ ଆରମ୍ଭ କରିବାକୁ ଯାଉଛନ୍ତି। ଯଦି ମୁଖ୍ୟମନ୍ତ୍ରୀ କିମ୍ବା ହାଇକୋର୍ଟର ମୁଖ୍ୟ ବିଚାରପତି ଆସି ନ ପାରନ୍ତି ସେମାନେ ତାଙ୍କର ପ୍ରତିନିଧି ପଠାଇବାକୁ ପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ମଠର ମୁଖପାତ୍ର ରଥ କହିଥିଲେ।



ମନୋଜ ରଥ

## ସୁଧାରିବାକୁ ଶଙ୍କରାଚାର୍ଯ୍ୟଙ୍କ ଉଦ୍ୟମ

# ସେବାଶ୍ରମ ଛାତ୍ରୀଙ୍କୁ ବଳାତ୍କାର

**ବାରିପଦା ଅଫିସ,୧୨।୨**

ମୟୂରଭଞ୍ଜରେ ପୁଣି ଲଜ୍ଜା। ଗତ ୮ ଦିନ ମଧ୍ୟରେ ଜଣେ ସେବାଶ୍ରମ ଛାତ୍ରୀ ଗର୍ଭବତୀ ହେବା ଓ ଆଉ ୨ ଛାତ୍ରୀ ବଳାତ୍କାର ଶିକାର ହୋଇଥିବା ଘଟଣା ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏସବୁ ଘଟଣା ମନରୁ ନ ଲିଭୁଣୁ ପୁଣି ଜଣେ ଛାତ୍ରୀ ବଳାତ୍କାରର ଶିକାର ହେବା ଘଟଣା ସାମ୍ନାକୁ ଆସିଛି। ସେବାଶ୍ରମରେ ରହି ପାଠପଢୁଥିବା ସମ୍ପୃକ୍ତ ଛାତ୍ରୀଙ୍କୁ ଜଣେ ଦଶମ ଶ୍ରେଣୀ ଛାତ୍ର ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ସେବାଶ୍ରମ କେତେ ସୁରକ୍ଷିତ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟିକରିଛି।

ଅଭିଯୋଗ ଅନୁଯାୟୀ ବାରିପଦା ସଦର ଥାନା ଅଧୀନ ପାଇକବସା ଅଞ୍ଚଳର ଏକ ଆଶ୍ରମ ସ୍କୁଲରେ ରହି ଜଣେ ଛାତ୍ରୀ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ଗତ ସରସ୍ୱତୀ ପୂଜା ଦିନ ଅନ୍ୟ ସ୍କୁଲର ଜଣେ ଦଶମ ଶ୍ରେଣୀର ଛାତ୍ର ତାଙ୍କୁ କୌଶଳକ୍ରମେ ବଳାତ୍କାର କରିଥିବା ମଙ୍ଗଳବାର ବାରିପଦା ସଦର ଥାନାରେ ଅଭିଯୋଗ ହୋଇଛି। ଏନେଇ ବାରିପଦା ସଦର ପୋଲିସ ଏକ ମାମଲା(ନଂ.୧୦/୧୯) ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇଲେ କୋରାପୁଟବାସୀ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)-କୋରାପୁଟ ଜିଲା ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁ ବିକାଶମୂଳକ ଯୋଜନା ଓ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଜିଲାର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକ ଓ କୃଷକ ମଙ୍ଗଳବାର ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହ ଆଗାମୀ ଦିନରେ ସେ ନେତୃତ୍ୱ ଦେବା ଲାଗି ଶୁଭକାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆସିଥିବା ନାଗରିକମାନଙ୍କୁ କହିଛନ୍ତି ଯେ, ଆମ ସରକାର ସର୍ବଦା ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଜୁବାବୁ କହୁଥିଲେ, କାହାର ଦୟାର ପାତ୍ର ହୁଅନାହିଁ, ସ୍ୱାବଲମ୍ବୀ ହୁଅ। ଏହାକୁ ବାସ୍ତବ ରୂପ ଦେବାକୁ ଆମ ସରକାର କାର୍ଯ୍ୟ କରୁଛି। ଭେଟିବାକୁ ଆସିଥିବା ପ୍ରତିନିଧିମାନେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ମୁରାନ୍ ନଦୀ ଉପରେ, କୋଲାବ ଜଳଭଣ୍ଡାର ନିକଟ ନନ୍ଦପୁର-ଲମତାପୁଟ-ବନମାଳୀପୁର ରାସ୍ତାର ସିନ୍ଧିପୁଟ ଘାଟ ନିକଟରେ ଏବଂ କୋଲାବ ଜଳଭଣ୍ଡାରରେ କୋରାପୁଟ-ସୁକୁ ରାସ୍ତା ଉପରେ ତିନୋଟି ହାଇଲେଭଲ ବ୍ରିଜ୍ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଦୀର୍ଘଦିନରୁ ଦାବି ଥିଲା। ଏହି ତିନୋଟି ବୃହତ୍ ସେତୁ ମୁଖ୍ୟମନ୍ତ୍ରୀ ମଞ୍ଜୁର କରି ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରିଛନ୍ତି।


**ପୂର୍ବ ତଟ ରେଳପଥ**
**ଇଂଜିନିୟରିଂ କାର୍ଯ୍ୟ**
ଟେଣ୍ଡର ବିଜ୍ଞପ୍ତି ସଂ. 12/ET/SBP/ENGG/2018-19, ତା: 05.02.2019

(1) ଇ-ଟେଣ୍ଡର ସଂ.27-eT-SDENE-SBP-18
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର/ରେଢ଼ାଖୋଲ ଅଧିକାରକ୍ଷେତ୍ର ଅଧିନସ୍ଥ ସମ୍ବଲପୁର (EX) - ଅନୁଗୋଳ (EX) ମଧ୍ୟରେ ବିବିଧ P.WAY ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,13,99,052.29, EMD : ₹ 2,57,000.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 10,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 18 ମାସ।

(2) ଇ-ଟେଣ୍ଡର ସଂ.28-eT-SDENE-SBP-18
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର/ବଲାଙ୍ଗୀର ଅଧିକାରକ୍ଷେତ୍ର ଅଧିନସ୍ଥ ବିଭିନ୍ନ ସ୍ଥାନରୁ କାର୍ଯ୍ୟକ୍ଷେତ୍ର ଓ ଭଣ୍ଡାର ଗୁଡ଼ିକ ଥିବା ସ୍ଥାନ ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀଗୁଡ଼ିକର ପରିବହନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹77,79,002.96, EMD : ₹ 1,55,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 ମାସ।

(3) ଇ-ଟେଣ୍ଡର ସଂ.29-eT-SDENE-SBP-18
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର/ବଲାଙ୍ଗୀରଙ୍କ ଅଧିକାରକ୍ଷେତ୍ର ଅଧିନସ୍ଥ ବଲାଙ୍ଗୀର (EX) - ଟିଟିଲାଗଡ଼ (EX) ମଧ୍ୟରେ ସେସ୍ ମରାମତି ଓ ବରପାଲି, ଲୋଇସିଂହା, ବଲାଙ୍ଗୀର ଓ ବଡ଼ମାଲ ଷ୍ଟେସନ ଗୁଡ଼ିକରେ ବର୍ଷା ଜଳ ସଂଗ୍ରହ ପ୍ରଣାଳୀ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹87,26,154.79, EMD : ₹ 1,74,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 8 ମାସ।

(4) ଇ-ଟେଣ୍ଡର ସଂ. 30-eT-SDENE-SBP-18
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର/ରେଢ଼ାଖୋଲ ଅଧିକାରକ୍ଷେତ୍ର ଅଧିନସ୍ଥ ସମ୍ବଲପୁର (EX) - ରେଢ଼ାଖୋଲ (IN) ସେକ୍ସନ ମଧ୍ୟରେ ପ୍ୟାଚ୍ ଗୁଡ଼ିକରେ ସେସ୍ ମରାମତି ଏବଂ ସମ୍ବଲପୁର ସିଟି ଏବଂ ରେଢ଼ାଖୋଲ ଷ୍ଟେସନରେ ବର୍ଷା ଜଳ ସଂଗ୍ରହ ପ୍ରଣାଳୀ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,85,22,069.75, EMD : ₹ 2,42,700.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 12 ମାସ।

(5) ଇ-ଟେଣ୍ଡର ସଂ. 31-eT-SDENE-SBP-18
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ଆସିଷ୍ଟାଣ୍ଟ ଡ଼ିଭିଜନାଲ୍ ଇଞ୍ଜିନିୟର/ବଲାଙ୍ଗୀରଙ୍କ ଅଧିକାରକ୍ଷେତ୍ର ଅଧିନସ୍ଥ ବରଗଡ଼ ରୋଡ଼ - ଟିଟିଲାଗଡ଼ ସେକ୍ସନରେ ବିବିଧ P.Way ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,10,67,408.65, EMD : ₹ 2,05,400.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 18 ମାସ।

(6) ଇ-ଟେଣ୍ଡର ସଂ. 32-eT-SDENE-SBP-18
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ବରଗଡ଼ ରୋଡ଼-ଟିଟିଲାଗଡ଼ ଏବଂ ସମ୍ବଲପୁର - ଅନୁଗୋଳ ସେକ୍ସନ ମଧ୍ୟମରେ ଷ୍ଟେସନ ୟାର୍ଡ଼ ଓ ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ସିଏମ୍ଏସ୍ କ୍ରସିଙ୍ଗ, ଟଙ୍ଗ୍ ରେଲ୍, SCJ, ଟେୟାର୍ ପ୍ଲେଟ୍ ଗୁଡ଼ିକର ରିକଣ୍ଡିସନିଂ ଏବଂ ନଷ୍ଟ ହୋଇଯାଇଥିବା/କଳଙ୍କି ଲାଗିଯାଇଥିବା ପ୍ଲେଟ୍ ସ୍କ୍ରିଭ ଗୁଡ଼ିକର ନବୀକରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹82,25,238.92, EMD : ₹ 1,64,600.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 18 ମାସ।

(7) ଇ-ଟେଣ୍ଡର ସଂ. 33-eT-SDENE-SBP-18
କାର୍ଯ୍ୟର ନାମ : ଆସିଷ୍ଟାଣ୍ଟ ଡ଼ିଭିଜନାଲ ଇଞ୍ଜିନିୟର/ରେଢ଼ାଖୋଲଙ୍କ ଅଧିନସ୍ଥ ସମ୍ବଲପୁର - ଅନୁଗୋଳ ସେକ୍ସନରେ CMS / DUOMATIC / UNIMAT କାର୍ଯ୍ୟକାରୀ ସମ୍ବନ୍ଧୀୟ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଟ୍ୟାମ୍ପିଂ କାର୍ଯ୍ୟ ଏବଂ ଡ୍ରିଷ୍ଟେସିଂ କାର୍ଯ୍ୟ ସମ୍ପାଦନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,04,01,342.15, EMD : ₹ 2,02,100.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 5,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 18 ମାସ।

(8) ଇ-ଟେଣ୍ଡର ସଂ. 54-eT-DENW-SBP-18
କାର୍ଯ୍ୟର ନାମ : ଲାଖୋଲି - ଥେରୁବାଲି ସେକ୍ସନରେ ଆରଙ୍ଗ ମହାନଦୀ - ବେଲସୋଣ୍ଡା ସେକ୍ସନ ମଧ୍ୟରେ ଥିବା ବ୍ରିଜ୍ ସଂ. 77 ର ଗ୍ୟାଙ୍ଗ୍ ପାଥରେ ଲାଗିଥିବା ନନ୍ ଷ୍ଟାଣ୍ଡାର୍ଡ଼ ଚେକର୍ଡ଼ ପ୍ଲେଟ୍ (Chequered Plate) ଗୁଡ଼ିକର ଷ୍ଟାଣ୍ଡାର୍ଡ଼ ଓସାର (800MM)ର ଚେକର୍ଡ଼ ପ୍ଲେଟ୍ (Chequered Plate) ର ନବୀକରଣ ଦ୍ୱାରା ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹26,16,183.40, EMD : ₹ 52,400.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,000.00 + 18% GST, କାର୍ଯ୍ୟ ସମାପ୍ତିର ଅବଧି: 4 ମାସ।

ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ : ତା 07.03.2019 ର 1500 ଘ. ରେ (ସମସ୍ତ ଟେଣ୍ଡର ଗୁଡ଼ିକ ନିମନ୍ତେ)

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଂ), ସମ୍ବଲପୁର
PR-466/J/18-19


ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


**ADMISSION NOTICE**

**DIPLOMA IN TOOL & DIE MAKING AND DIPLOMA IN MECHATRONICS**

Applications are invited in the prescribed form from intending candidates for admission to **four years Diploma in Tool & Die Making and** three years **Diploma in Mechatronics** course for the Session **2019-2020**.

**Eligibility :** Matriculation or equivalent examinations from a recognised Board with Mathematics & Science (Physics or Chemistry or both) with minimum 50% marks (40% in case of candidate belonging to SC/ST) in aggregate.

**Age :** Between 15 to 18 years for General candidates **(born in between 02.07.2001 to 01.07.2004) and** Relaxable to 21 years for SC/ST candidates **(born in between 02.07.1998 to 01.07.2004)** as on **01.07.2019**.

**Selection :** Selection will be made through written test at Bhubaneswar. The written test which comprises of objective & subjective type questions will be held on **28.04.2019 (Sunday) at 09.00 a.m.** Candidates awaiting result of 10th can also appear for written test. However the result should be available at the time of admission.

**How to apply :** Application form along with prospectus can be obtained in person from the administrative office by paying **Rs.500/-** (**Rs.200/-** in case of SC/ST candidates) in cash or by sending demand draft of **Rs.550/-** (**Rs.250/-** for SC/ST candidates) in favour of **"Central Tool Room & Training Centre", payable at Bhubaneswar** to get the prospectus by Speed Post/Courier. DD should accompany self addressed envelop of size 20cm x 25cm. SC/ST candidates should send proof of caste.

The application form along with the prospectus is also available on our website **www.cttc.gov.in.** The application form can be down loaded from the website and filled in application form along with demand draft by paying **Rs.500/-** (**Rs.200/-** in case of SC/ST candidates) can be sent by post.

**For offline Application :** The application in the proforma prescribed should be filled in by the candidate's own handwriting and addressed to the Managing Director, Central Tool Room & Training Centre, Plot No.: B-36, Chandaka Industrial Area, Bhubaneswar - 751024. Application form should have the superscription on the top of the envelop as "Application for Diploma in Tool & Die Making / Mechatronics".

**For online Application :** The application in the proforma prescribed should be filled online. After filling up the mandatory details & uploading their photo in the application form, candidates are required to make the payment online, sign the declaration at the end and upload an image file of their left hand thumb impression. Based on completeness of the application and payment, candidates will be called for Written test to be held at Bhubaneswar. The admit card for applying the written test can be downloaded from CTTC website **www.cttc.gov.in**

Reservations as per Govt. of India rules. 22.5% seats are reserved for SC/ST candidates for whom no fee will be charged subject to production of two photo copies of self attested Caste Certificate & Aadhaar Card. However, caution deposit is to be paid in case of admission which will be refunded after successful completion of Training with minimum 85% attendance. Caste Certificate & Aadhaar Card in original from competent authority is to be produced for verification at the time of admission which may be re-verified from the Issuing Authority.

***Last date of Issue & Receipt of application is dt.20.04.2019***
***For details contact : Sr. Manager (Training)***

सत्यमेव जयते
Ministry of MSME
Govt. of India

**CENTRAL TOOL ROOM & TRAINING CENTRE**
(Ministry of Micro, Small & Medium Enterprises , Govt. of India)
B-36, Chandaka Industrial Area, Bhubaneswar - 751024,
Ph. No.- (0674) 3011733, 3011734, 3011755, Fax: (0674) 3011750
E-mail : cttc@cttc.gov.in, Website : www.cttc.gov.in
ISO-9001, ISO-14001 OHSAS 18001



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୩୧୬୮୭

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶି ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ବନମାଳିପୁର ଶାଖା / ଋଣଗ୍ରହୀତା: ଶ୍ରୀ ହୃଦୟ ରଞ୍ଜନ ମହାପାତ୍ର, ପିତା: ଶ୍ରୀ ନେତ୍ରାନନ୍ଦ ପାତ୍ର, ସା/ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା / ଗ୍ୟାରେଣ୍ଟିଦାତା: ଶ୍ରୀ ଜୀବନ ରଞ୍ଜନ ମହାପାତ୍ର, ପ୍ଲଟ୍ ନଂ.: ବି/୪୮, ବି.ଡି.ଏ. ଡୁପ୍ଲେକ୍ସ, ବରମୁଣ୍ଡା, ଭୁବନେଶ୍ୱର | ୩୧.୦୧.୨୦୧୯ ସୁଦ୍ଧା ଟ.୧,୨୪,୩୬୮.୨୫ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୩୧.୦୮.୨୦୧୫ / ୦୭.୦୨.୨୦୧୯ | ଶ୍ରୀ ହୃଦୟ ରଞ୍ଜନ ମହାପାତ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାପୁର, ଏସ୍ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୭୫/୧୨୭, ପ୍ଲଟ୍ ନଂ.: ୧୩୧୪/୨୪୯୦ ଏବଂ ୧୨୯୫/୨୪୯୧, କ୍ଷେତ୍ର: ଏକର୦.୦୪ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ଉର୍ମିଳାରାଣୀ ପାତ୍ର, ପଶ୍ଚିମ: ପିତାମ୍ବର ପାତ୍ର, ଉତ୍ତର: ପ୍ଲଟ୍ ନଂ.: ୧୩୧୩, ଦକ୍ଷିଣ: ସର୍ବସାଧାରଣ ରାସ୍ତା |
| ବନମାଳିପୁର ଶାଖା / ଋଣଗ୍ରହୀତା: ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ପିତା: କେଳୁ ଚରଣ ଜେନା, ସା.: ସରିପୁର, ପୋ.: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା / ଗ୍ୟାରେଣ୍ଟିଦାତା: ଶ୍ରୀ କୈଳାସ ଚନ୍ଦ୍ର ସାହୁ, ପିତା: ବଂଶୀଧର ସାହୁ, ସା.: ଶେଖ ପାଟଣା, ପୋ.: ମଝିହରା, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୨,୨୯,୬୨୮.୫୦ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୯.୦୭.୨୦୧୭ / ୦୭.୦୨.୨୦୧୯ | ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ପିତା: କେଳୁ ଚରଣ ଜେନାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସରିପୁର, ଏସ୍ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୫, ପ୍ଲଟ୍ ନଂ.: ୯୧୮, କ୍ଷେତ୍ର: ଏକର୦.୦୧ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ଆଖଣ୍ଡଳମଣୀ ଜୀଉ, ପଶ୍ଚିମ: ଗୋବିନ୍ଦ ସାହୁ, ଉତ୍ତର: ପ୍ଲଟ୍ ନଂ.: ୯୧୩, ଦକ୍ଷିଣ: ରାସ୍ତା |
| ବନମାଳିପୁର ଶାଖା / ଋଣଗ୍ରହୀତା: ଅବଦୁଲ୍ ଅବୁତାଲିବ ଖାଁ, ପିତା: ଅବଦୁଲ୍ ମଜିଦ ଖାଁ, ଠିକଣା-୧: ସା.: ଧାନହରା, ପୋ.: ମଝିହରା, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୩, ଠିକଣା-୨: ସା.: ଅଠାନ୍ତର ଛକ, ପୋ.: ଅଠାନ୍ତର, ଜିଲ୍ଲା: ଖୋର୍ଦ୍ଧା / ଗ୍ୟାରେଣ୍ଟିଦାତା: ଅବଦୁଲ୍ ଗାଲିବ ଖାଁ, ପିତା: ଅବଦୁଲ୍ ଅବୁତାଲିବ ଖାଁ, ସା.: ଧାନହରା, ପୋ.: ମଝିହରା, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୩ | ୩୧.୦୧.୨୦୧୯ ସୁଦ୍ଧା ଟ.୧,୨୨,୩୯୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୧.୦୭.୨୦୧୭ / ୦୭.୦୨.୨୦୧୯ | ଅବଦୁଲ୍ ଅବୁତାଲିବ ଖାଁ, ପିତା: ଅବଦୁଲ୍ ମଜିଦ ଖାଁଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଧାନହରା, ଏସ୍ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୫୮/୫, ପ୍ଲଟ୍ ନଂ.: ୨୪୪, କ୍ଷେତ୍ର: ଏକର୦.୦୯ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ଅବଶିଷ୍ଟ ପ୍ଲଟ୍, ଉତ୍ତର: ନୟନକୋରି ରୋଡ୍, ଦକ୍ଷିଣ: ମଧୁସୂଦନ ତ୍ରିପାଠୀ |
| ବନମାଳିପୁର ଶାଖା / ଋଣଗ୍ରହୀତା: ଶ୍ରୀ ବିଜୟ ମାଣିକ, ପିତା: ଶ୍ରୀ କ୍ଷେତ୍ରବାସୀ ମାଣିକ, ସା.: ଲକ୍ଷ୍ମୀଜନାର୍ଦ୍ଦନ ପାଟଣା, ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୧୦,୦୦,୩୩୬/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୦୧.୧୨.୨୦୧୮ / ୦୭.୦୨.୨୦୧୯ | ଶ୍ରୀ କ୍ଷେତ୍ରବାସୀ ମାଣିକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାପୁର, ଖାତା ନଂ.: ୧୭୪, ପ୍ଲଟ୍ ନଂ.: ୧୨୧୭/୨୩୮୯, କ୍ଷେତ୍ର: ଏକର୦.୦୪ଡିସିମିଲି, ଖାତା ନଂ.: ୭୧୮, ପ୍ଲଟ୍ ନଂ.: ୧୨୧୭, କ୍ଷେତ୍ର: ଏକର୦.୦୪ଡିସିମିଲି |
| ବନମାଳିପୁର ଶାଖା / ଋଣଗ୍ରହୀତାମାନେ: ୧) ଶ୍ରୀ ସୁଦର୍ଶନ ଦାଶ, ପିତା: ଶ୍ରୀ ସୁରେନ୍ଦ୍ର ଦାଶ, ୨) ଶ୍ରୀମତୀ ବୀଣାପାଣି ମହାପାତ୍ର, ସ୍ୱାମୀ: ଶ୍ରୀ ସୁଦର୍ଶନ ଦାଶ, ଉଭୟଙ୍କ ଠିକଣା- ସା.: ବଳଭଦ୍ରପୁର, ପୋ.: ନୂଆପଡା, ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୧,୯୪,୬୫୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୦୧.୦୬.୨୦୧୫ / ୦୭.୦୨.୨୦୧୯ | ଶ୍ରୀ ସୁଦର୍ଶନ ଦାଶଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ପମ୍ପାଲୋ, ଏସ୍ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୨୦, ପ୍ଲଟ୍ ନଂ.: ୭୭୯, କ୍ଷେତ୍ର: ଏକର୦.୦୮ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ଶ୍ୟାମ ସୁନ୍ଦର ଦାଶ, ପଶ୍ଚିମ: କେନାଲ, ଉତ୍ତର: କ୍ରେତା, ଦକ୍ଷିଣ: ରାସ୍ତା |
| ବନମାଳିପୁର ଶାଖା / ଋଣଗ୍ରହୀତା: ଶ୍ରୀ କାହ୍ନୁ ଚରଣ ଗିରି, ପିତା: ଶ୍ରୀ ଆନନ୍ଦ ଗିରି, ସା/ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୧୦୩/ ଗ୍ୟାରେଣ୍ଟିଦାତା: ଶ୍ରୀ ଦ୍ୱିଜବର ବେହେରା, ପିତା: ଶ୍ରୀ ପଞ୍ଚୁ ବେହେରା, ସା.: ଖଇରପୁର, ପୋ.: ବନମାଳିପୁର, ଜିଲ୍ଲା: ଖୋର୍ଦ୍ଧା | ୩୧.୦୧.୨୦୧୯ ସୁଦ୍ଧା ଟ.୧,୮୦,୨୦୬.୦୫ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୯.୦୭.୨୦୧୭ / ୦୭.୦୨.୨୦୧୯ | ଶ୍ରୀ କାହ୍ନୁ ଚରଣ ଗିରି, ପିତା: ଆନନ୍ଦ ଗିରିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭାକରସାହି, ଏସ୍ଆରଓ: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୨୮୫/୧୨୮, ପ୍ଲଟ୍ ନଂ.: ୧୪୨୦, କ୍ଷେତ୍ର: ଏକର୦.୦୧ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ପୂର୍ବ: କୈଳାସ ପାତ୍ର, ପଶ୍ଚିମ: ପ୍ରେମାନନ୍ଦ ପାତ୍ର, ଉତ୍ତର: ରାସ୍ତା, ଦକ୍ଷିଣ: ହାଟପଡା ରାସ୍ତା |
| ବୀରପ୍ରତାପପୁର ଶାଖା / ଋଣଗ୍ରହୀତା: ଶ୍ରୀ ବିଜୟ କୁମାର ପ୍ରଧାନ, ପିତା: ଶ୍ରୀ ଦାଶରଥି ପ୍ରଧାନ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୋନାଲି ପ୍ରଧାନ, ସ୍ୱାମୀ: ଶ୍ରୀ ବିଜୟ କୁମାର ପ୍ରଧାନ, ଉଭୟଙ୍କ ଠିକଣା- ସା: ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ପୁରୀ-୭୫୨୦୦୨ | ୧୩.୧୧.୨୦୧୮ ସୁଦ୍ଧା ଟ.୮,୭୧,୬୭୩/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ | ୧୩.୧୧.୨୦୧୮ / ୦୫.୦୨.୨୦୧୯ | ଶ୍ରୀ ବିଜୟ କୁମାର ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୬୮୯, ତାରିଖ: ୧୯.୦୨.୨୦୦୮, ଖାତା ନଂ.: ୪୦୬/୫, ପ୍ଲଟ୍ ନଂ.; ୫୧୨, କ୍ଷେତ୍ର: ଏକର୦.୦୧୫ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ମାଗୁଣି ଜେନା, ଉତ୍ତର: ଭୁବନାନନ୍ଦ ତ୍ରିପାଠୀ, ଦକ୍ଷିଣ: ରାସ୍ତା |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୨.୦୨.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

# ରାଜ୍ୟରେ ପ୍ରତିଷ୍ଠା ହେବ ୨୦୦ ଅଣ୍ଡାଦିଆ କୁକୁଡ଼ା ଫାର୍ମ




ଅଣ୍ଡାଦିଆ କୁକୁଡ଼ା ପାଳନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୧୨।୨(ବ୍ୟୁରୋ)

- ୯୦ ହଜାର ଟଙ୍କାର ବ୍ୟୟ ଅଟକଳ
- ଓଡ଼ିଶାରେ ଦୈନିକ ଆବଶ୍ୟକ ୮୦ ଲକ୍ଷ ଅଣ୍ଡା
- ଉତ୍ପାଦିତ ହେଉଛି ୬୪ ଲକ୍ଷ

ଭାରତରେ ବାର୍ଷିକ ମୁଣ୍ଡପିଛା ୬୯ଟି ଅଣ୍ଡା ଉପଲବ୍ଧ ହେଉଥିବା ବେଳେ ଓଡ଼ିଶାରେ ମୁଣ୍ଡପିଛା ୪୬ଟି ଅଣ୍ଡା ଉପଲବ୍ଧ ହେଉଛି। ବର୍ଦ୍ଧିତ ଜନସଂଖ୍ୟା ଏବଂ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଅଣ୍ଡା ଦିଆଯାଉଥିବା ହେତୁ ରାଜ୍ୟରେ ଦିନକୁ ୮୦ଲକ୍ଷ ଅଣ୍ଡାର ଆବଶ୍ୟକତା ରହିଛି। କିନ୍ତୁ ଏବେ ୬୪ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଥିବା ପ୍ରାଣୀ ସମ୍ପଦ ଓ ପ୍ରାଣୀ ପାଳନ ନିର୍ଦ୍ଦେଶକ ରତ୍ନାକର ରାଉତ କହିଛନ୍ତି। ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଅଣ୍ଡାଦିଆ କୁକୁଡ଼ା ପାଳନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳାରେ ଯୋଗଦେଇ ସେ ଏହା କହିଛନ୍ତି।

ରାଜ୍ୟରେ ଆବଶ୍ୟକ ଅଣ୍ଡା ଉତ୍ପାଦନ ନିମନ୍ତେ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଏହି ପରିପ୍ରେକ୍ଷୀରେ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଛୋଟ ଛୋଟ ୨୦୦ଟି ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା କରାଯିବ। ଏଥିପାଇଁ ୯୦ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି, ଯାହାମଧ୍ୟରୁ ସରକାର ପ୍ରତ୍ୟେକ ଫାର୍ମ ପିଛା ୫୪ହଜାର ଟଙ୍କାର ରିହାତି ବ୍ୟବସ୍ଥା କରିଛନ୍ତି। ଅବଶିଷ୍ଟ ୪୦ଭାଗ ଅର୍ଥାତ୍ ୩୬ହଜାର ଟଙ୍କା ଗୋଷ୍ଠୀ ନିଜସ୍ୱ ପାଣ୍ଠି କିମ୍ବା ବ୍ୟାଙ୍କଋଣ ମାଧ୍ୟମରେ ଫାର୍ମ ପ୍ରତିଷ୍ଠା କରିପାରିବେ। ଏହାଦ୍ୱାରା ପ୍ରତିଦିନ ପ୍ରାୟ ୨ଲକ୍ଷ ଅଣ୍ଡା ଉତ୍ପାଦନ ହୋଇପାରିବ। ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ଦୈନିକ ପାଖାପାଖି ୯୦ଲକ୍ଷ ଅଧିକ ଅଣ୍ଡା ଉତ୍ପାଦନ ହୋଇପାରିବ। ଏଥିନିମନ୍ତେ ପ୍ରତି ମହିଳା ଗୋଷ୍ଠୀଙ୍କୁ କୁକୁଡ଼ା ପାଳନ ନିମନ୍ତେ ତାଲିମ ପ୍ରଦାନର ବ୍ୟବସ୍ଥା କରାଯାଇଛି ବୋଲି ରତ୍ନାକର ରାଉତ ସୂଚନା ଦେଇଛନ୍ତି। କର୍ମଶାଳାରେ ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶକ ସୁଜାତା ଆର୍. କାର୍ତ୍ତିକେୟନ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, କୃଷକମାନଙ୍କ ଆୟକୁ ବହୁଗୁଣିତ କରିବା ଦିଗରେ ଗୋପାଳନ, କୁକୁଡ଼ା ପାଳନ, ମତ୍ସ୍ୟଚାଷ ଆଦି ଆନୁଷଙ୍ଗିକ କୃଷିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଣ୍ଡାଦିଆ କୁକୁଡ଼ା ପାଳନ ଦ୍ୱାରା ଗ୍ରାମାଞ୍ଚଳ ଲୋକଙ୍କର ପୁଷ୍ଟିସାର ଆବଶ୍ୟକତା ପୂରଣ ହେବା ସାଙ୍ଗକୁ କ୍ଷୁଦ୍ର ଓ ଅତି କ୍ଷୁଦ୍ର ଚାଷୀ ଏବଂ ମହିଳା ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ। ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଅଣ୍ଡାଜାତୀୟ ପୁଷ୍ଟିସାର ଖାଦ୍ୟର ଆବଶ୍ୟକତା ଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା କୁକୁଡ଼ା ଫାର୍ମର ଉତ୍ପାଦିତ ଅଣ୍ଡାକୁ ବିଦ୍ୟାଳୟ ମଧ୍ୟାହ୍ନଭୋଜନରେ ଦିଆଯାଇପାରିବ। ସେହିଭଳି ଏହି ପ୍ରକଳ୍ପ ମାଧ୍ୟମରେ ୨୦୧୮-୧୯ ବର୍ଷରେ ରାଜ୍ୟରେ ୧୬୦୦ ଗ୍ରାମୀଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚୟନ କରାଯାଇ ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ୪ ବର୍ଷ ମଧ୍ୟରେ ୭୦୦୦ ଗୋଷ୍ଠୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଏହାଦ୍ୱାରା ମହିଳାମାନେ ଘରେ ରହି କାମ କରିବାର ସୁବିଧା ପାଇପାରିବେ ବୋଲି କାର୍ତ୍ତିକେୟନ୍ କହିଥିଲେ।

କର୍ମଶାଳାରେ ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ଶୁଭ୍ରେନ୍ଦୁ ଶେଖର ଦେ, ମିଶନ ଶକ୍ତି ଯୁଗ୍ମ ସଚିବ ସୁଧାଂଶୁ ଶେଖର ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟରେ ଅଣ୍ଡାର ଚାହିଦା ସବୁବେଳେ ରହିଛି ଓ ପ୍ରତିଦିନ ଏହା ବୃଦ୍ଧି ପାଉଛି ବୋଲି କହିଥିଲେ। ପ୍ରାଣୀସମ୍ପଦ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ସହ ଜିଲାସ୍ତରୀୟ ଓ କ୍ଷେତ୍ରସ୍ତରୀୟ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ବାଲେଶ୍ୱରରେ ଡବଲ ମର୍ଡର

ବାଲେଶ୍ୱର ଅଫିସ, ୧୨।୨



ଅଭିଯୁକ୍ତ କୈଳାସ ଚନ୍ଦ୍ର ସାହୁ (ବାମ) ଓ ତାଙ୍କ ଘର ସମ୍ମୁଖରେ ଲୋକାରଣ୍ୟ।

ମଙ୍ଗଳବାର ବାଲେଶ୍ୱରରେ ଡବଲ ମର୍ଡର ଘଟଣା ଘଟିଛି। ସହଦେବଖୁଣ୍ଟା ମଡେଲ ଥାନା ଅଧୀନ ରାଣୀପାଟଣା ବ୍ୟାଙ୍କ କଲୋନୀର ଜଣେ ଯୁବକ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କୁ ଶାବଳରେ ପିଟି ହତ୍ୟା କରିଛନ୍ତି। ସ୍ତ୍ରୀ ପରକୀୟା ସମ୍ପର୍କରୁ ବିରତ ନ ହେବାରୁ ସ୍ୱାମୀ ଏଭଳି ହତ୍ୟାକାଣ୍ଡ ଘଟାଇଥିବା ଜଣାପଡ଼ିଛି। ପୋଲିସ ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିଛି। ସେ ବ୍ୟବହୃତ କରିଥିବା ମାରଣାସ୍ତ୍ରକୁ ଜବତ କରାଯାଇଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ପରେ ୨ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି। ଏନେଇ ଏକ ମାମଲା (ନଂ. ୩୯/୧୯) ରୁଜୁ ହୋଇଛି। ଅନ୍ୟପକ୍ଷେ ମା'କୁ ହତ୍ୟା ଓ ବାପା ଜେଲ୍ ଯିବା ପରେ ଏହି ଦମ୍ପତିଙ୍କ ୧୨ବର୍ଷର ପୁଅ ଏକୁଟିଆ ହୋଇଯାଇଛନ୍ତି।

ପୋଲିସର ସୂଚନା ଅନୁଯାୟୀ, ବ୍ୟାଙ୍କ କଲୋନୀରେ ରୁହନ୍ତି କୈଳାସ ଚନ୍ଦ୍ର ସାହୁ (୪୨)। ସେ ଜଣେ ମାନସିକ ରୋଗୀ ଭାବେ ଦୀର୍ଘଦିନ ହେଲା ଚିକିତ୍ସାଧୀନ ଅଛନ୍ତି। ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ସ୍ୱାମୀଙ୍କ ଏପରି ଅବସ୍ଥାରେ ବିଭିନ୍ନ ଘରୋଇ ଅନୁଷ୍ଠାନରେ କାମ କରି ପରିବାର ଭରଣପୋଷଣ କରୁଥିଲେ। ତାଙ୍କ ୧୨ ବର୍ଷର ପୁଅ ଏବେ ୬ଷ୍ଠ ଶ୍ରେଣୀର ଛାତ୍ର। ଲକ୍ଷ୍ମୀପ୍ରିୟା ସ୍ୱାମୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିବା ବେଳେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ନୁଣୁକୁଆ ଗ୍ରାମର ପ୍ରଦୀପ ଦେ (୩୪)ଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ପ୍ରଦୀପ ଜଣେ ସହଠିକାଦାର ଭାବେ କାମ କରୁଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଆର୍ଥିକ ଅବସ୍ଥା ଏବଂ ପରିସ୍ଥିତି ସମ୍ପର୍କରେ ପ୍ରଦୀପ ଅବଗତ ହେବା ପରେ ସହାୟତାର ହାତ ବଢ଼ାଇଥିଲେ। ଏପରି କି ସେ ତାଙ୍କ ସ୍ୱାମୀଙ୍କ ଔଷଧ, ପୁଅର ପାଠପଢ଼ା ଖର୍ଚ୍ଚ ଓ ପରିବାର ଭରଣପୋଷଣ ପାଇଁ ଆର୍ଥିକ ସାହାଯ୍ୟ କରିଆସୁଥିଲେ। ପ୍ରଦୀପଙ୍କ ଏପରି ସହଯୋଗ ଯୋଗୁ ତାଙ୍କ ପ୍ରତି ଲକ୍ଷ୍ମୀପ୍ରିୟାଙ୍କ ଦୁର୍ବଳତା ବଢ଼ିଥିଲା। ଦୁହିଁଙ୍କ ମଧ୍ୟରେ ଅନୈତିକ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରଦୀପ ଅଧିକାଂଶ ସମୟରେ ଲକ୍ଷ୍ମୀପ୍ରିୟାଙ୍କ ଘରେ ରାତ୍ରିଯାପନ କରିଆସୁଥିଲେ। ଏହାକୁ ଦେଖି କୈଳାସଙ୍କ ପରିବାର ଲୋକେ ବିରକ୍ତ ହେଉଥିଲେ। କୈଳାସ ନିଜ ପରିବାରର ଭରଣପୋଷଣ ଏବଂ ଅସୁସ୍ଥତା ପାଇଁ ଲକ୍ଷ୍ମୀପ୍ରିୟାଙ୍କୁ ଅନ୍ୟତ୍ର ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ। ଏପରି କି ତାଙ୍କ ବାପଘରକୁ ମଧ୍ୟ ସେ ଅବଗତ କରାଇଥିଲେ। ଏଥିରେ ଲକ୍ଷ୍ମୀପ୍ରିୟା ରାଜି ନ ହୋଇ ପ୍ରଦୀପ ସହ ଅନୈତିକ ସମ୍ପର୍କ ରଖିଆସୁଥିଲେ। ସୋମବାର ରାତି ପ୍ରାୟ ୧ଟା ବେଳେ ପ୍ରଦୀପ ଏବଂ ଲକ୍ଷ୍ମୀପ୍ରିୟା ଗୋଟିଏ ଘରେ ଶୋଇଥିଲେ। ଏହା ଦେଖି କୈଳାସ ନିଜର ମାନସିକ ଭାରସାମ୍ୟ ହରାଇ ଏକ ଲୁହା ଶାବଳରେ ଉଭୟଙ୍କ ମୁଣ୍ଡକୁ ବାରମ୍ବାର ପିଟି ହତ୍ୟା କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ପର୍ଯ୍ୟନ୍ତ ସେ ଏ କଥା କାହାକୁ କିଛି କହି ନ ଥିଲେ। ପ୍ରଥମେ ସେ ତାଙ୍କ ଶ୍ୱଶୁର ଘରକୁ ଫୋନ୍ କରି ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିଥିବା କଥା କହିବା ସହ ପୋଲିସକୁ ମଧ୍ୟ ଜଣାଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ କୈଳାସ କୁହନ୍ତି, ମୋର ଶାରୀରିକ ଅସୁସ୍ଥତାର ସୁଯୋଗ ନେଇ ଲକ୍ଷ୍ମୀପ୍ରିୟା ଅନ୍ୟ ପୁରୁଷଙ୍କ ସହ ଅନୈତିକ ସମ୍ପର୍କ ରଖିଆସୁଥିଲେ। ବାରମ୍ବାର ବାରଣ ସତ୍ତ୍ୱେ ସେ ମାନୁ ନ ଥିଲେ। ଏପରି କି ଅନ୍ୟତ୍ର ବିବାହ କରି ପଳାଇବା ପାଇଁ ବାରମ୍ବାର ବୁଝାଇଥିଲି ବି ସେ ମାନି ନ ଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଏଭଳି କାର୍ଯ୍ୟ ପାଇଁ ଆମ ପରିବାରର ସମ୍ମାନ ହାନି ହେବା ସହ ସର୍ବତ୍ର ଅପମାନିତ ହେବାକୁ ପଡୁଥିଲା। ଶେଷରେ କୌଣସି ଉପାୟ ନ ପାଇ ଉଭୟଙ୍କୁ ହତ୍ୟା କରିଛି। ସହଦେବଖୁଣ୍ଟା ମଡେଲ ଥାନାଧିକାରୀ ଶୁଭ୍ରାଂଶୁ ନାୟକ କହିଛନ୍ତି, ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଘଟଣାଟି ଅନୈତିକ ସମ୍ପର୍କରୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇଲେ ପେଟ ପୂରେନାଁ,
କହିଲେ ପେଟ ପୂରେ।**

ମନଭରି ଖାଇଲେ କିମ୍ବା ମନ ତୋଷହେବା ଭଳି କିଛି କଥା ଶୁଣିଲେ ଯେ ପେଟ ପୂରିଯାଏ ବା ମନର ଦୁଃଖ ମେଣ୍ଟିଯାଏ ସେଭଳି ଭାବିବାରେ ଯଥାର୍ଥତା ନ ଥାଏ। ଯେଉଁଠି ସ୍ନେହ, ଆଦର ତଥା ଆନ୍ତରିକ ଭାବ ନ ଥାଏ ସେଠି ଏସବୁ ମୂଲ୍ୟହୀନ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଖଡ଼ା ଖାଇ ଖାଇ ଦାନ୍ତ ପାକୁଆ;
ନିଶରୁ ଘିଅ ପୋଛା ହଉଛି।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରୁ ନ ଥିବା ଲକ୍ଷ୍ୟ କରାଯାଇଥାଏ। ତେବେ ସୀମିତ ସମ୍ବଳ ଥିବା ବ୍ୟକ୍ତିଙ୍କଠାରେ ଏଭଳି ଆତ୍ମବଡ଼ିମା ଆଦୌ ଶୋଭା ପାଇ ନ ଥାଏ। ଏପରିସ୍ଥଳେ ଅଭାବଗ୍ରସ୍ତ ବ୍ୟକ୍ତି ବାହାରେ ନିଜର ଚାତର ପ୍ରକାଶ କରି ଲୋକହସା ହେବା ସାର ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୩ଲକ୍ଷ ଶ୍ରଦ୍ଧାଳୁ

କୋଣାର୍କ ୧୨।୨(ଡି.ଏନ.ଏ.)



ଶ୍ରଦ୍ଧାଳୁମାନେ ସୂର୍ଯ୍ୟନାରାୟଣଙ୍କ ଦର୍ଶନ କରୁଛନ୍ତି।

- କୁହୁଡ଼ି ଯୋଗୁ ବିଳମ୍ବରେ ଦର୍ଶନ ଦେଲେ ସୂର୍ଯ୍ୟନାରାୟଣ
- ସୂର୍ଯ୍ୟ ମନ୍ଦିର, ନବଗ୍ରହ ପୀଠରେ ପ୍ରବଳ ଭିଡ଼
- ସରିଲା ଦୁଇଦିନିଆ ମାଘ ସପ୍ତମୀ ମେଳା

ମାଘ ଶୁକ୍ଳ ସପ୍ତମୀ ତିଥି ମଙ୍ଗଳବାର ପବିତ୍ର ଚନ୍ଦ୍ରଭାଗାର ତୀର୍ଥ ପୁଷ୍କରିଣୀ ଓ ମହୋଦଧିରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ କୁହୁଡ଼ି ଯୋଗୁ ଶ୍ରଦ୍ଧାଳୁମାନେ ବିଳମ୍ବରେ ସୂର୍ଯ୍ୟଦେବଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ପରେ ଶ୍ରଦ୍ଧାଳୁମାନେ ସୂର୍ଯ୍ୟ ମନ୍ଦିର, ନବଗ୍ରହ ମନ୍ଦିର ଓ ଶ୍ରୀମନ୍ଦିରକୁ ଯାଇ ଠାକୁରଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଛନ୍ତି। ଏଥିସହ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ମାଘ ମେଳା ଶେଷ ହୋଇଛି। ଏଥିପାଇଁ ଦୁଇଦିନ ହେବ ଚନ୍ଦ୍ରଭାଗା ବେଳାଭୂମି ଉତ୍ସବମୁଖର ହୋଇଉଠିଥିଲା।

ମାଘ ସପ୍ତମୀ ବୁଡ଼ ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ଆସି ଷଷ୍ଠୀଠାରୁ ଚନ୍ଦ୍ରଭାଗାରେ ପହଞ୍ଚି ଯାଇଥିଲେ। ସେମାନେ ମେଳା ପଡ଼ିଆ ସମେତ ସମୁଦ୍ର କୂଳ, ଛୋଟାରାମ ବାବା ମଠ, ରଘୁବାବା ମଠ, ଦରିଆ ମହାବୀର ମନ୍ଦିର, ଅବଧୂତ ମଠ, ନବଗ୍ରହ ମନ୍ଦିର ଓ କୋଣାର୍କ ବଜାରର ବିଭିନ୍ନ ସ୍ଥାନରେ ଏକତ୍ରିତ ହୋଇ ରହିଥିଲେ। ମାଟିହାଣ୍ଡିରେ ଭାତ ଡ଼ାଲମା ପ୍ରସ୍ତୁତ କରି ଖାଇବା ପରେ ହାଣ୍ଡିଭଙ୍ଗା ପୁଷ୍କରିଣୀରେ ରନ୍ଧାହାଣ୍ଡିକୁ ବିସର୍ଜନ କରିଥିଲେ। ରାତି ୧୨ଟାରେ ତ୍ରିଶମ୍ଭୁ ମାଧିପୁରର ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, କୁରୁଜଙ୍ଗର ଦକ୍ଷିଣେଶ୍ୱର ଓ ସନ୍ଥପୁରର ଈଶାଣେଶ୍ୱର ଦେବଙ୍କ ଚଳନ୍ତି ପ୍ରତିମା ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଆସି କୋଣାର୍କ ଏନ୍‌ଏସି ପୂଜାମଣ୍ଡପଠାରେ ଉପବିଷ୍ଟ ହେବା ପରେ ସ୍ୱତନ୍ତ୍ର ପୂଜା ହୋମ ଓ ଭୋଗ ଲାଗି ସମ୍ପନ୍ନ ହୋଇଥିଲା। ପରେ ତିନିଠାକୁର ମିଳିତ ଶୋଭାଯାତ୍ରାରେ ଯାଇ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଓ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଚାଚେରି ଭୋଗ ଖାଇ ରାତି ୨ଟା ୩୦ରେ ତୀର୍ଥ ପୁଷ୍କରିଣୀସ୍ଥିତ ପୂଜା ମଣ୍ଡପରେ ପହଞ୍ଚିଥିଲେ। ପାରମ୍ପରିକ ରୀତିନୀତିରେ ଠାକୁରମାନଙ୍କ ପୂଜା ହୋମ ସରିବା ପରେ ସପ୍ତମୀ ତିଥିର ମାହେନ୍ଦ୍ରବେଳା ପ୍ରତ୍ୟୁଷ ୩ଟା ୫୦ରେ ତୀର୍ଥ ପୁଷ୍କରିଣୀ ଜଳରେ ମହାସ୍ନାନ କରାଯାଇଥିଲା। ଭୋର ୪ଟାରେ ସାଧୁସନ୍ଥ ଓ ଶ୍ରଦ୍ଧାଳୁ ବୁଡ ପକାଇଥିଲେ। ଏହି ଅବସରରେ ଚନ୍ଦ୍ରଭାଗା ତୀର୍ଥସ୍ନାନ ସନ୍ଥ ସମିତି ପକ୍ଷରୁ ଚନ୍ଦ୍ରଭାଗା ଆଳତି କରାଯାଇଥିଲା। ସେହିଭଳି ଶାମ୍ବ ଦଶମୀରେ ଅବଧୂତ ମଠ ପରିସରରୁ ଚନ୍ଦ୍ରଭାଗା ତୀର୍ଥକୁ ଯାଇଥିବା ସୂର୍ଯ୍ୟରଥ ମାଘ ଶୁକ୍ଳ ସପ୍ତମୀରେ କୋଣାର୍କକୁ ବାହୁଡ଼ିଛି। ମାଘମେଳା ପାଇଁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ହୋଇଥିବାବେଳେ ସୋମବାର ଓ ମଙ୍ଗଳବାର ପ୍ରବେଶ ଶୁଳ୍କକୁ ଛାଡ଼ କରାଯାଇଥିଲା।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# ମାତୃତ୍ୱ ଲାଭକଲେ ମହିଳାଙ୍କ ଜୀବନ ବଦଳିଯାଏ: ଫାରା

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ଏକ୍ତା କପୁର ଏକ ପୁତ୍ର ସନ୍ତାନର ମାଆ ହେବା ପରେ ନୃତ୍ୟ ନିର୍ଦ୍ଦେଶିକା ତଥା ଫିଲ୍ମ ନିର୍ମାତା ଫାରା ଖାନ୍ ଖୁବ୍ ଖୁସି ପ୍ରକାଶ କରିଛନ୍ତି। ମାତୃତ୍ୱ ଲାଭ କରିବା ପରେ ମହିଳାଙ୍କ ଜୀବନ ବଦଳିଯାଏ ବୋଲି ସେ କହିଛନ୍ତି। ଏକ୍ତାଙ୍କର 'ଶିଶୁ ନାମକରଣ' ଉତ୍ସବରେ ଯୋଗଦେଇ ଫାରା ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଲେ, ତୁଷାର ଏବଂ ଏକ୍ତାଙ୍କ ପାଇଁ ସେ ଖୁବ୍ ଖୁସି ଅନୁଭବ କରୁଛନ୍ତି। ୫୪ବର୍ଷ ବୟସ୍କ ବଲିଉଡ୍ ବ୍ୟକ୍ତିତ୍ୱ ଫାରା ଶିରିଷ କୁନ୍ଦରଙ୍କୁ ବିବାହ କରିଛନ୍ତି ଏବଂ ତାଙ୍କର ଜାର, ଦିବା ଏବଂ ଆନ୍ୟା ନାମରେ ୩ ସନ୍ତାନ ଅଛନ୍ତି। ପ୍ରଯୋଜିକା ଏକ୍ତା କପୁର କିଛିଦିନ ତଳେ ସରୋଗେସି ସହାୟତାରେ ଏକ ସନ୍ତାନର ମା' ହୋଇଛନ୍ତି। ସେ ପୁତ୍ରର ନାମ ତାଙ୍କ ପିତା ଜିତେନ୍ଦ୍ରଙ୍କ ମୂଳନାମ 'ରବି କପୁର'ଙ୍କ ନାମାନୁସାରେ ଦେବା ସହିତ ଏଥିରେ ଏକ ଅତିରିକ୍ତ ଇଂଲିଶ ଅକ୍ଷର 'ଇ' ଯୋଡିଛନ୍ତି। ଏହି ନାମ ଦେଇ ସେ ଖୁବ୍ ଖୁସି ଅନୁଭବ କରୁଥିବା କହିଛନ୍ତି। ଉକ୍ତ ଉତ୍ସବରେ ଉପସ୍ଥିତ ଥିଲେ ଜିତେନ୍ଦ୍ର, ତାଙ୍କ ପତ୍ନୀ ଶୋଭା କପୁର, ପୁତ୍ର ଲକ୍ଷ୍ୟ ଏବଂ ଭ୍ରାଇଁ ତୁଷାର। ଏତଦ୍ ଭିନ୍ନ ଘନିଷ୍ଠ ବନ୍ଧୁ କରନ୍ ଜୋହର, ତାଙ୍କ ମା' ହିରୁ ଜୋହର, ଅଭିନେତା ଅଭିଷେକ ବଚ୍ଚନ ଏବଂ ଶ୍ୱେତା ବଚ୍ଚନ ଉପସ୍ଥିତ ରହି ଏକ୍ତାଙ୍କ ପୁତ୍ରକୁ ଆଶୀର୍ବଚନ ପ୍ରଦାନ କରିଥିଲେ।

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

SMS JOBS DHAMAKA
(PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

CO-OPERATIVE INADIA
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି। ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ। ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୂଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୁ ଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9997928820

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଫାଇନାନ୍ସ ଧମାକା ୪% ସୁଧରେ ସବୁପ୍ରକାର ବ୍ୟକ୍ତି, ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ୬୦ ଲକ୍ଷ ପର୍ଯ୍ୟନ୍ତ ବିନା ଗ୍ୟାରେଣ୍ଟରରେ ୨୦ ବର୍ଷ ପାଇଁ ଋଣ ଯୋଗାଇ ଦିଆଯାଉଛି। ମହିଳା ମାନଙ୍କ ପାଇଁ ୩% ସୁଧା
Email- sixdocuments@gmail.com
B-19, Moti Bagh, New Delhi
7064382081 8658167603

LOAN
ଓଡ଼ିଶାରେ ପ୍ରଥମ ଥର ପାଇଁ ଫାଇନାନ୍ସ ଧମାକା। ବାର୍ଷିକ ୬% ସୁଧରେ ଯେ କୌଣସି ବ୍ୟକ୍ତି, ଅନୁଷ୍ଠାନ ୫୦ ଲକ୍ଷ ପର୍ଯ୍ୟନ୍ତ ସର୍ବାଧିକ ୨୦ ବର୍ଷ ପାଇଁ ଋଣ ନେଇ ପାରିବେ। ମହିଳାମାନଙ୍କ ପାଇଁ ୪% ସୁଧା ଡକ୍ୟୁମେଣ୍ଟ
fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Janata Finance
(Govt. Regd.) (Regd. No.- U6519TN19846)
କମ୍ପାନୀ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ମହିଳା ଗ୍ରୁପ୍ ଋଣ ପାଆନ୍ତୁ କମ୍ ସୁଧରେ। ଆପଣଙ୍କ ପାଇଁ ଆଣିଛୁ ସୁବର୍ଣ୍ଣ ସୁଯୋଗ 2% ସୁଧ, 45% ସରକାରୀ ସବ୍‌ସିଡି।
7497095128 7508116267
T-51, Gali No.8, Gautampuri, Delhi-110053

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469 8395030162

ଲୋନ୍ LOAN
ପର୍ସନାଲ ଲୋନ୍, ହୋମ ଲୋନ୍, ବ୍ୟବସାୟିକ, ପ୍ରୋଜେକ୍ଟ, ମଡ୍‌ଗେଜ, କୃଷି, ସ୍ୱରୋଜଗାର ଲୋନ୍। ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No.15 HB Colony, Lewis Road Bhubaneswar-751002
8987997062

ମୁଦ୍ରିକା ଫାଇନାନ୍ସ ଲୋନ
ପ୍ରତିନିଧି ଓ ଡିଲରଶିପ୍ ସୁଧ 2% ଛାଡ଼ 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7088008550 7618439473
ବାଲେଶ୍ୱର - 7055500110 - 7351444489
କଟକ - 7618439473
ଯାଜପୁର - 7088008550 - 8447055760
ସୁନ୍ଦରଗଡ଼ - 7351004140 - 7055111132
3rd Floor, D.N. Enclave, Meerut, U.P.

LOAN
ଟଙ୍କା ନେଉନ୍ତୁ - ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ୍
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ବ୍ୟବସାୟ, ରାଶନକାର୍ଡ ପର୍ସନାଲ,ଆଧାର କାର୍ଡ
ସବୁ ପ୍ରକାର ଋଣ 24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% - ସୁଧ 40% ରିହାତି
ଠକମାନଙ୍କ ପ୍ରତି ସାବଧାନ - ଯୋଗାଯୋଗ କରନ୍ତୁ -
7310612716, 7310616567
SCO- 106, Second Floor, Vishal Tower, Cannaught Place, Delhi.

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

S.R. Network
କମ୍ପାନୀ ଦ୍ୱାରା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 65 ଲକ୍ଷ, ଭଡ଼ା 42,000/-, ବାଇକ୍ ମାଗଣା। ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ।
ମୋବାଇଲ ନଂ.:
9179208056
8750476936
HNO.31, BLOCK NO.2, VILL. BHUNA, TEHSIL/DISTT.-FATEHABAD

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଙ୍ଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
9996602452

!! ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର !!
ଭାରତର ପ୍ରସିଦ୍ଧ ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପାଆନ୍ତୁ 3 ଘଣ୍ଟାରେ ମାର୍କଶିଟ୍. ପର୍ସନାଲ. ଆଧାରକାର୍ଡ ଋଣ 3 ଘଣ୍ଟାରେ ପାଆନ୍ତୁ
2% ସୁଧ 50% ରିହାତି + ସବ୍‌ସିଡି
ଆଧାରକାର୍ଡ ଉପରେ ଋଣ ପାଆନ୍ତୁ
ମା/ଭଉଣୀ/ବେରୋଜଗାର ଭାଇମାନଙ୍କ ପାଇଁ ବିଶେଷ ଅଫର୍
7827094474
7827246964
Add : - 41/14, Sec-1 Pushp Vihar, Delhi



“ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି। - ତୁଳସୀ ଦାସ



## ସଂକ୍ଷେପରେ

### ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଯାଇ ଭାସିଗଲେ ବିରଞ୍ଚି

ପଡିଆବାହାଲ, ୧୨।୨ (ଡି.ଏନ.ଏ): ସମ୍ବଲପୁର ଜିଲା ଜମନକିରାବ୍ଲକ ଖରସନମାଲ ପଞ୍ଚାୟତ କଣ୍ଟିଆଲି ଗାଁର ବିରଞ୍ଚି ଖର୍ସେଲ ଝିଅ ବିବାହ ପାଇଁ ନିମନ୍ତ୍ରଣ ପତ୍ର ବାଣ୍ଟିବାକୁ ଯାଇ ଭାସିଯାଇଥିଲେ। ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ତାଙ୍କର ଝିଅର ବିବାହ ସ୍ଥିର ହୋଇଥିଲା। ଭାଣଜି ଘର ସର୍ଦ୍ଧାପାଲିକୁ ନିମନ୍ତ୍ରଣ ଦେବାକୁ ଯାଇ ଫେରିବା ବାଟରେ ଭିକମପୁର କେନାଲଠାରେ ସାଇକେଲ ରଖି ଶୌଚପାଇଁ ଯାଇଥିଲେ। ଗୋଡ ଖସିଯାଇ କେନାଲରେ ଭାସି ଯାଇଥିଲେ । ଖବରପାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପାଣିରେ ତାଙ୍କର ମୃତ୍ୟୁ ହୋଇଥିବାରୁ ପୋଲିସ ଶବ ଜବତ କରି ବୁର୍ଲା ପୋଷ୍ଟମର୍ଟମ ପାଇଁ ପଠାଇଥିଲେ। ବିରଞ୍ଚିଙ୍କ ସ୍ତ୍ରୀ, ଗୋଟଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପୋଷ୍ଟମର୍ଟମ ପରେ ଶବ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

### ବିଧାୟକଙ୍କ ଝିକିଦାଦର ଗ୍ରାମ ଗସ୍ତ

ରେଢାଖୋଲ, ୧୨।୨(ଡି.ଏନ.ଏ) ରେଢାଖୋଲ ବିଧାୟକ ଇଂ ରୋହିତ ପୂଜାରୀ ମଙ୍ଗଳବାର ବ୍ଲକର ଝିକିଦାଦର ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିଛନ୍ତି। ଗ୍ରାମବାସୀ କିଶୋରନଗର ବ୍ଲକକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ଓ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବାକୁ ଦାବି କରିଥିଲେ। ରାସ୍ତାକୁ ଅଳ୍ପଦିନ ମଧରେ ମରାମତି କରାଯିବ ଓ ପାନୀୟ ଜଳ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ଯୋଗାଇ ଦିଆଯିବ ବୋଲି କହିଥିଲେ। ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ,ପୂର୍ବତନ ସରପଞ୍ଚ ବିଶ୍ୱରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରେଢାଖୋଲ ୧୨।୨(ଡି.ଏନ.ଏ.) ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ରେଢାଖୋଲ କଳିନ୍ଦର ପ୍ରାଥମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାର୍ମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୯୨ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇଥିବାବେଳେ ୧୮ଜଣଙ୍କୁ ଉପକରଣ ବଣ୍ଟନ କରାଯାଇଛି। ଏମାନଙ୍କ ମଧରୁ ଅସ୍ଥିଶଲ୍ୟରେ୧୨୯ଜଣ, ୧୮ଜଣ ମାନସିକ ଅନଗ୍ରସର, ୧୭ଜଣ କର୍ଣ୍ଣ ଓ ୨୮ଜଣଙ୍କୁ ଚକ୍ଷୁ ଭିନ୍ନକ୍ଷମ ଭାବେ ଚିହ୍ନଟ କରାଯାଇଛି। ୪ଜଣଙ୍କୁ ଟ୍ରାଇସାଇକେଲ, ୫ଜଣଙ୍କୁ ହୁଇଲ ଚେୟାର, ୯ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। ଶିବିରରେ ଡା.ଓମପ୍ରକାଶ ସିଂହସାମନ୍ତ, ଡା.ସନ୍ତୋଷ କୁମାର ମିଶ୍ର, ଡା.ମଞ୍ଜୁଲତା ଦାଶ, ଡା. ସୁଲତା ପତି ଯୋଗଦେଇ ରୋଗୀଙ୍କ ପରୀକ୍ଷା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଜଗନ୍ନାଥ ମୋଦି, ଡିଡିଆରସି ରବିନ୍ଦ୍ର ନାଥ ଶତପଥୀ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ସୁଦିପ୍ତ କୁମାର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷା କବିତା ପ୍ରଧାନ, ବିଡିଓ ପରିକ୍ଷିତ ସାହୁ, ପଞ୍ଚାୟତ ଅଧିକାରୀ, ପଞ୍ଚାନନ ପ୍ରଧାନ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରେମାନନ୍ଦ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଧୂଳିଯୋରରେ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ

ସମ୍ବଲପୁର,୧୨।୨(ବ୍ୟୁରୋ)

ସ୍ୱାଧୀନତାର ୭୨ ବର୍ଷ ପରେ ମଧ ରାସ୍ତାଘାଟ, ବିଜୁଳି ଭଳି ସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି ଅନେକ ଗ୍ରାମବାସୀ। ଏହିପରି ସମସ୍ୟାରେ ଜର୍ଜରିତ ୫ ଗ୍ରାମର ମହିଳା ଏକଜୁଟ ହୋଇ ହକ୍ ପାଇଁ ଲଢ଼େଇ କରିଡିଲେ। ଆଗାମୀ ପିଢ଼ି ପାଇଁ କିଛି କରିବାର ଦୃଢ଼ ସଙ୍କଳ୍ପ ନେଲେ। ରାସ୍ତା, ବିଜୁଳି ଓ ସ୍କୁଲ ପାଇଁ ବାରମ୍ବାର ଦାବି, ରାସ୍ତାରୋକୋ, ଆନ୍ଦୋଳନ ପରେ

**ପୂରଣ ହେଲା ଦାବି, ଦୂର ହେବ ସମସ୍ୟା**

- ଯୋଡ଼ିହେବ ୨ ବ୍ଲକ
- ଉପକୃତ ହେବେ ୧୫ରୁ ଅଧିକ ଗ୍ରାମବାସୀ

ପ୍ରଶାସନ ଏହି ସମସ୍ୟାର ସମାଧାନ କରିଛି। ହେଲେ ଅଞ୍ଚଳର ବିକାଶ ପାଇଁ ସବୁଠାରୁ ବଡ଼ ସମସ୍ୟା ହୋଇ ରହିଥିଲା ଗମନାଗମନ। ଏଥିପାଇଁ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ଆନ୍ଦୋଳନ, ଦାବି ପରେ ଏବେ ଅଞ୍ଚଳବାସୀଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି। ଧୂଳିଯୋରରେ ୨ଟି ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇଛି। ମାନେଶ୍ୱର ଓ ଝୁଝୁମୁରା ବ୍ଲକକୁ ଯୋଡ଼ିବା ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୮ କୋଟି ୬୩ ଲକ୍ଷ, ଡକରା-ଟାଙ୍ଗରପାଲି ଗ୍ରାମକୁ ଯୋଡ଼ିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୫ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବ୍ରିଜ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଝୁଝୁମୁରା ବ୍ଲକର ୧୫ ଗ୍ରାମବାସୀ ଖୁସିବ୍ୟକ୍ତ କରିଛନ୍ତି। ଏବେ ପିଲାମାନଙ୍କ ପାଠପଢ଼ା, ଡାକ୍ତରଖାନା ଯିବା ଆସିବା, ଘରକୁ ବନ୍ଧୁବାନ୍ଧବ ଯିବା ଆସିବାରେ ଯେଉଁ ସମସ୍ୟା ଥିଲା ତାହା ଦୂର ହେବ। ଗମନାଗମନ ଅସୁବିଧା ପାଇଁ ଦୂର ଜାଗାରେ ବନ୍ଧୁବାନ୍ଧିବା ବି ସମ୍ଭବ ହେଉ ନ ଥିଲା। ଏବେ ବ୍ରିଜ୍ ନିର୍ମାଣ ହେବାକୁ ଯାଉଥିବାରୁ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ଅଞ୍ଚଳବାସୀ। ସୂଚନାଯୋଗ୍ୟ, ମାନେଶ୍ୱର ବ୍ଲକର ଡକରା ପଞ୍ଚାୟତକୁ ଧୂଳିଯୋର ଦୁଇଭାଗ କରିଥିଲା। ପଞ୍ଚାୟତ ଅଫିସ ଅପର ପାର୍ଶ୍ୱରେ ଥିବା ଟାଙ୍ଗରପାଲି, ପୁରୁନାପାଏନ୍, ଯାଦୁଲୁଇସିଂ, ରାସିଖାଇ ପ୍ରଭୃତି ଗ୍ରାମଗୁଡ଼ିକ ଏବେ ପଞ୍ଚାୟତର ଅନ୍ୟ ଗ୍ରାମ ସହିତ ଯୋଡ଼ି ହେବ। ସେହିପରି ଝୁଝୁମରା ବ୍ଲକର ଇଚ୍ଛାପାଳ ଓ ମାନେଶ୍ୱର ବ୍ଲକର ଝରିଆପଡ଼ା ଗ୍ରାମକୁ ଯୋଗାଯୋଗ ହୋଇପାରିବ। ଏହି ୨ ବ୍ରିଜ୍ ନିର୍ମାଣ ପରେ ୨ ବ୍ଲକର ଗମନାଗମନାରେ ସହାୟକ ହେବା ସହିତ ଅଞ୍ଚଳର ଆର୍ଥିକ, ସାମାଜିକ ବିକାଶ ହେବ। ଗମନାଗମନ ଅଭାବରୁ ଅନେକ ସମୟରେ ଆମ୍ବୁଲାନ୍ସ ନ ଆସିବାରୁ ରୋଗୀଙ୍କୁ ଖଟିଆରେ ବୋହି ନିଆଯାଉଥିଲା। ଲୋକେ ବର୍ଷାଦିନେ ବିପଦସଙ୍କୁଳ ଅବସ୍ଥାରେ ଧୂଳିଯୋର ପାର୍ ହୋଇ ରୋଗୀଙ୍କୁ ଚିକିତ୍ସା ପାଇଁ ନେବାଆଣିବା କରୁଥିଲେ। ଏପରିକି ଅପରପାର୍ଶ୍ୱରେ ୧୦୮ ଆମ୍ବୁଲାନ୍ସ ରୋଗୀକୁ ଅପେକ୍ଷା କରି ରହିଥିବା ବେଳେ ଲୋକେ ରୋଗୀଙ୍କୁ ଯୋର ପାରି କରି ଆଣିବାକୁ ପଡୁଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ସରକାର ଲୋକଙ୍କ ସମସ୍ୟା ଶୁଣିଛନ୍ତି।



ଝୁଝୁମୁରା ବ୍ଲକ ଇଚ୍ଛାପାଲ ଓ ମାନେଶ୍ୱର ବ୍ଲକ ବୀରଘାଟ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି।

### ଏମାନଙ୍କ ମୁହଁରୁ...

“ ରାସ୍ତା ନ ଥିବାରୁ ସରକାରଙ୍କ ଅନେକ ଯୋଜନାରୁ ବାଦ୍ ପଡୁଥିଲୁ। ପଞ୍ଚାୟତ ଓ ବ୍ଲକ କର୍ମଚାରୀ କେହି ଆସୁ ନ ଥିଲେ। ଏବେ ସବୁ ଦିଗରୁ ଆମକୁ ସୁବିଧା ମିଳିବ। - ପ୍ରିୟବତୀ ଭଏଁସା, ଗ୍ରାମବାସୀ

“ ବ୍ରିଜ୍ ନିର୍ମାଣ ପାଇଁ ଅନେକଥର ଅଭିଯୋଗ କରିଛୁ। ନେତା, ଅଫିସର ଖାଲି ପ୍ରତିଶ୍ରୁତି ଦେଉଥିଲେ। ହେଲେ ଏହି ସଫଳତା ପଛରେ ମହିଳାଙ୍କ ଅନେକ ଭୂମିକା ରହିଛି।- ଶଙ୍କର ଡିଲା, ଗ୍ରାମବାସୀ

“ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହେବା ଦେଖି ବହୁତ ଖୁସି ଲାଗୁଛି। ଆମର ମୁଖ୍ୟ ସମସ୍ୟା ଦୂର ହେଲା। ଯିବା ଆସିବାରେ ସୁବିଧା ହେବ।- ଜୟ କୁମାରୀ ଡିଲା, ଗ୍ରାମବାସୀ

“ ହୀରାକୁଦ ବୁଡ଼ି ଅଞ୍ଚଳରୁ ଆସି ଏଠାରେ ରହିଥିଲୁ। ବିଜୁଳି, ସ୍କୁଲ ଓ ରାସ୍ତା ସମସ୍ୟା ରହିଥିଲା। ଏବେ ଦୂର ହେବାକୁ ଯାଉଛି। ହେଲେ ପାଣି ସମସ୍ୟା ଏବେ ମଧ ରହିଛି।- ଉତ୍ତମ ଭଏଁସା, ଗ୍ରାମବାସୀ



ପ୍ରିୟବତୀ ଭଏଁସା



ଶଙ୍କର ଡିଲା



ଜୟକୁମାରୀ ଡିଲା



ଉତ୍ତମ ଭଏଁସା

■ଭାଜପାର ଜନ ଅଦାଲତ

## ଜନତା ଅଦାଲତରେ ସରକାରଙ୍କ ଅପାରଗତା



ମଙ୍ଗଳବାର ସମ୍ବଲପୁର ଗୋବିନ୍ଦତୋଲା ଚାରଭାଟି ନିକଟ ପଡିଆରେ ଜନଅଦାଲତ ।

ସମ୍ବଲପୁର, ୧୨।୨ (ବ୍ୟୁରୋ)

ସମ୍ବଲପୁର ଚାରଭାଟି ନିକଟସ୍ଥ ପଡ଼ିଆରେ ଭାଜପା ପକ୍ଷରୁ ବିଜେଡି ସରକାରଙ୍କ ବିରୋଧରେ ଜନଅଦାଲତ କରିଛି। ରାଜ୍ୟ ସରକାରଙ୍କ ଅପରାଗତା, ଦୁର୍ନୀତି ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ବାଟମାରଣା କରିବା ଦିଗରେ ରାଜ୍ୟ ସରକାର ଯେଭଳି ଭାବରେ ଓଡ଼ିଶାବାସୀଙ୍କୁ ଠକୁଛନ୍ତି। ସରକାରଙ୍କ ଏହି ଅପାରଗତାକୁ ଜନତା ଅଦାଲତରେ ଭାଜପା ପକ୍ଷରୁ ପକ୍ଷ ରଖିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ରାଜ୍ୟ ସରକାର ଚାଷୀଙ୍କୁ ହଇରାଣ କରିବା, ଠିକ୍ ସମୟରେ ଚାଷୀଙ୍କୁ ସବ୍‌ସିଡି ଓ ବିହନ ଯୋଗାଇ ଦେବାରେ କାଳକ୍ଷେପଣ ନୀତି ଅବଲମ୍ବନ କରିବା, ରାସ୍ତାଘାଟ ଭଳି ମୌଳିକ ସୁବିଧାରୁ ଲୋକଙ୍କୁ ବାଦ ଦେବା, ବିଭିନ୍ନ ଯୋଜନା ଆଳରେ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଲୁଟ୍ କରିବା ଭଳି ଭାଜପା ଅନେକ ଅଭିଯୋଗ ଆଣିଥିଲା । ଭାଜପା ପକ୍ଷରୁ ଓକିଲ ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ରହିଥିବା ବେଳେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, କୁଚିଣ୍ଡା ବିଧାୟକ ରବି ନାୟକ, ଭାଗୀରଥି ପ୍ରଧାନ ପ୍ରଶ୍ନ କରିଥିଲେ। ସେହିପରି ଅନ୍ୟପକ୍ଷରୁ ପ୍ରଦୀପ ବହିଦାର, ଅତନୁ ଘୋଷ, ଲକ୍ଷ୍ମଣ ପାଣିଗ୍ରାହୀ ଭାଜପାର ଅଭିଯୋଗକୁ ଖଣ୍ଡନ କରି ରାଜ୍ୟ ସରକାରଙ୍କୁ ସମର୍ଥନ ଜଣାଇଥିଲେ। ଶେଷରେ ବିଚାରପତି ଆଇନଜୀବୀ ସତ୍ୟନାରାୟଣ ପଣ୍ଡା ନିଜର ରାୟରେ ପ୍ରକାଶ କରିଥିଲେ ଯେ, ଭାଜପାର ଅଭିଯୋଗ ସତ୍ୟତା ଥିଲେ ମଧ ଏହା ଶେଷରେ ଜନତା ହିଁ ବିଚାର କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ଅନେକ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ବଲପୁର ଲୋକସଭା ମଣ୍ଡଳୀରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ପ୍ରତ୍ୟେକ ବିଧାନସଭା, ସହର ଓ ଗ୍ରାମାଞ୍ଚଳରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଶାବାସୀଙ୍କୁ ଭାଜପା ପକ୍ଷରୁ ରାଜ୍ୟ ସରକାର କରିଥିବା ଦୁର୍ନୀତି ଓ ଅପାରଗତା ସମ୍ପର୍କରେ ସଚେତନ କରାଯିବ ବୋଲି ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ କହିଛନ୍ତି।

## ନାବାଳିକା ଅସଦାଚରଣ ଅଭିଯୋଗ, ଅଭିଯୁକ୍ତ ଗିରଫ

ଜମନକିରା,୧୨।୨(ଡି.ଏନ୍.ଏ)

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ପୁରୁରଖମା ଗାଁର ଜଣେ ନାବାଳିକା(୧୫)କୁ ଅସଦାଚରଣ କରିବା ଅଭିଯୋଗରେ ସେହି ଗାଁର ଅରୁଣ କୁମାର ଝାଙ୍କର (୩୫)କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କ ଏତଲାକ୍ରମେ ଜମନକିରା ଥାନାରେ ଦଫା ୩୫୪, ୩୪୧, ୨୯୪, ୫୦୬ରେ ଏକ ମାମଲା(ନଂ. ୧୭/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁସାରେ, ଗତ ୭ ତାରିଖ ଅପରାହ୍ନ ସାଢ଼େ ୫ଟାରେ ପୁରୁରଖମା ଗାଁର ଅରୁଣ ସେହି ଗାଁର ଜଣେ ନାବାଳିକାଙ୍କୁ ଘରେ କେହି ନ ଥିବାର ସୁଯୋଗ ନେଇ ଅସଦାଚରଣ କରିଥିଲେ। ଏକଥା ନାବାଳିକା ପରିବାର ଲୋକଙ୍କୁ କହିବା ପରେ ଗାଁରେ ଏକ ସଭା କରାଯାଇ ମୀମାଂସା କରାଯାଇଥିଲା। ତେବେ ଅରୁଣ ସଭାରେ ହୋଇଥିବା ମୀମାଂସାକୁ ନ ମାନିବାରୁ ମଙ୍ଗଳବାର ଅପରାହ୍ନରେ ପୀଡିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ତିଲେଇମାଲରେ ବିଜେଡିର ବୈଠକ



ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ତିଲେଇମାଲରେ ବିଜେଡିର ବୈଠକ।

ସମ୍ବଲପୁର,୧୨।୨(ବ୍ୟୁରୋ)- ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ତିଲେଇମାଲ ପଞ୍ଚାୟତରେ ମଙ୍ଗଳବାର ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜୟଲାଲା ବେହେରା ସଭାପତିତ୍ୱ କରିଥିଲେ। ତୃଣମୂଳ ସ୍ତରରୁ ଦଳକୁ ମଜଭୁତ୍ କରିବା, ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଉପରେ ଆଲୋଚନା କରାଯାଇଥିଲା। ବିଜେଡିର ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ମେଘପାଲ ସରପଞ୍ଚ ମନୋରଞ୍ଜନ ବୁଡ଼େକ, ପୂର୍ବତନ ଲିପିଣ୍ଡା ସମିତିସଭ୍ୟ କୃଷ୍ଣଚନ୍ଦ୍ର ବାଙ୍କ, ଯୁବନେତା ପାର୍ଥସାରଥି ପଣ୍ଡା, କରୁଣାକର ନାୟକ, ପୀତବାସ ଭୋଇ ଯୋଗଦେଇଥିଲେ।

## କଂଗ୍ରେସର ସାଙ୍ଗଠନିକ ବୈଠକ

ନାକଟିଦେଉଳ,୧୨।୨(ଡି.ଏନ.ଏ.):

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ କିସିଣ୍ଡା ପଞ୍ଚାୟତର ହୀରାଲୋଇ ଗ୍ରାମରେ ମଙ୍ଗଳବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବର୍ଷିୟାନ କଂଗ୍ରେସ ନେତା ଭଗବାନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ଆବାହକ ଆଶଫ ଅଲ୍ଲୀ ଖାଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଦୁଇ ଦଳକୁ ଆଗାମୀ ସାଧାରଣ ନିର୍ବାଚନରେ ଉପଯୁକ୍ତ ଜବାବ ଦେଇ କ୍ଷମତାଚ୍ୟୁତ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିସହିତ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରି ଏବେଠାରୁ ପ୍ରତ୍ୟେକ ବୁଥ୍‌କୁ ଯାଇ କାର୍ଯ୍ୟ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ କଂଗ୍ରେସ ସରକାର ଅମଳରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳତାର ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ମତପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧରେ ଜୋନ-୧ ସଭାପତି ମୋତିଲାଲ ବିଶ୍ୱାଳ, ବଳମ ପଞ୍ଚାୟତ ସଭାପତି ଅଭିମନ୍ୟୁ ପ୍ରଧାନ, ପାଣିମୁରା ପଞ୍ଚାୟତ ସଭାପତି ଅରୁଣ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଶଙ୍କର୍ଷଣ ନାଏକଙ୍କୁ କିସିଣ୍ଡା ପଞ୍ଚାୟତର ସଭାପତି ଭାବେ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏଥିରେ ଦିଲୀପ କୁମାର ପ୍ରଧାନ, ଭଗବାନ ସମର୍ଥା, କହ୍ନେଇ ରାଉଳ, ସୁକାନ୍ତି ବାଗ ଏବଂ ଶୁଭେନ୍ଦ୍ର ମାଝୀଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ ।

## ମାନେଶ୍ୱର ଛକରେ ଅଣ୍ଡରପାସ୍ ରାସ୍ତା ଦାବି



ସମ୍ବଲପୁର ମାନେଶ୍ୱର ଛକରେ ଏନ୍‌ଏଚ ପିଡିଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ସମ୍ବଲପୁର, ୧୨।୨ (ବ୍ୟୁରୋ)

ସମ୍ବଲପୁର- ଅନୁଗୋଳ ୫୫ନଂ. ରାଜ୍ୟ ରାଜପଥ ୪ଥାକିଆ ନିର୍ମାଣ କାମ ଚାଲିଛି। ମାନେଶ୍ୱର ଛକରେ ଉଭୟ ପଟୁ ଘର ଦ୍ୱାର ଭଙ୍ଗି ଲୋକମାନେ ବାସହରା ହୋଇଛନ୍ତି। ଏବେ ସେମାନଙ୍କୁ ରାସ୍ତାର ସମସ୍ୟା ଭୋଗିବାକୁ ପଡିବ । ତେଣୁ ଗ୍ରାମବାସୀ ମାନେଶ୍ୱର ମନ୍ଦିର ରାସ୍ତା ନିକଟରେ ଏକ ଅଣ୍ଡରପାସ୍ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ମଙ୍ଗଳବାର ଜାତୀୟ ରାଜପଥ ଅଧିକାରୀ ଭେଙ୍କଟେସ ରାଓ ପରିଦର୍ଶନ କରିବାକୁ ଯାଇଥିବାସମୟରେ ତାଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଛନ୍ତି। ମାନେଶ୍ୱର ଛକରେ ଅଣ୍ଡରପାସ୍ ନହେଲେ ଶତାଧିକ ଗ୍ରାମବାସୀ ସମସ୍ୟା ଭୋଗିବେ। ରାସ୍ତାର ଆର ପାର୍ଶ୍ୱରେ ଥିବା ନଦୀ, ମନ୍ଦିର, ନିଜସ୍ୱ ଜମିବାଡି ରହିଛି । ତେଣୁ ରାସ୍ତା ଡେଇଁ ଆରପାର୍ଶ୍ୱକୁ ଗଲାବେଳେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଏହାସହ ପ୍ରତିଦିନ ସମ୍ବଲପୁର ଓ ବିଭିନ୍ନ ସ୍ଥାନରୁ ମାନେଶ୍ୱର ମାନଧାତା ବାବା ମନ୍ଦିରକୁ ଦର୍ଶନ କରିବା ପାଇଁ ଆସିଥାନ୍ତି । ହେଲେ ଏଠାରେ ଅଣ୍ଡରପାସ ନ ହେବ ତାହେଲେ ଶ୍ରଦ୍ଧାଳୁମାନଙ୍କୁ ମଧ ସମସ୍ୟା ହେବ । ଏହାସହ ବଡ ଧରଣର ଦୁର୍ଘଟଣା ମଧ ଘଟିବାର ସମ୍ଭାବନା ରହିଛି । ଏଣୁ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଶତାଧିକ ମହିଳା ଘେରି ଯାଇଥିଲେ । ପ୍ରକାଶ ସାହୁ, ଫ୍ରାନସିସ ଫୁଲକରନ୍, ସୁରେଶ ପୂଜାରୀ, ରଞ୍ଜିତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

■ସାଇବର ଲ ଉପରେ ସଚେତନତା କର୍ମଶାଳା

## ଅପରାଧ ନିୟନ୍ତ୍ରଣ ସହ ସଚେତନତା ଜରୁରୀ

ରେଢାଖୋଲ,୧୨।୨(ଡି.ଏନ.ଏ.)

ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ସହ ଜନସଚେତନତା ନିହାତି ଆବଶ୍ୟକ। ରେଢାଖୋଲ ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ମଙ୍ଗଳବାର ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ସାଇବର ଲ ସମ୍ପର୍କିତ ସଚେତନତା କର୍ମଶାଳାରେ ଏହି ମତପ୍ରକାଶ ପାଇଛି। ତାଲୁକ ଆଇନସେବା ପ୍ରାଧିକରଣର ଅଧକ୍ଷ ତଥା ସବଜଜ୍ ବାସୁଦେବ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଏସ୍‌ଡିଜେଏମ୍ ଅପୂର୍ବା ଚୌଧୁରୀ, ଉପଜିଲାପାଳ ବିଶିକେଶନ ଦେହୁରୀ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ଆଇନଜୀବୀ ହାରୁନ ଖାନ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ବକ୍ତାମାନେ କହିଥିଲେ ଯେ, ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି ଯୋଗୁ ସମ୍ପ୍ରତି ଜନସାଧାରଣ ପ୍ରତ୍ୟେକ କାର୍ଯ୍ୟକୁ ଅତି ସହଜରେ କରିପାରୁଛନ୍ତି। ଇଣ୍ଟରନେଟ, ମୋବାଇଲ, ଏଟିଏମ କାର୍ଡ, କ୍ରେଡିଟ କାର୍ଡ ଆଦିର ବହୁଳ ବ୍ୟବହାର କରି ସହଜରେ ବିଭିନ୍ନ ସେବା ଉପଲବ୍ଧ କରିପାରୁଛନ୍ତି। ହେଲେ ବ୍ୟବହାରିକ ଜ୍ଞାନ ଓ ସଚେତନତାର ଅଭାବ ଯୋଗୁ ଲୋକେ ଠକାମିର ଶିକାର ହେଉଛନ୍ତି। ଏହି ସେବାଗୁଡିକର ଯେତିକି ବ୍ୟବହାର ହେଉଛି ତା ତୁଳନାରେ ଅପରାଧ ମଧ ବୃଦ୍ଧି ପାଉଛି। ଜନସାଧାରଣ ସଚେତନ ହେଲେ ଏହି ସାଇବର ଅପରାଧ ଦୂର ହୋଇପାରିବ, ଏଥିପାଇଁ ବ୍ୟାଙ୍କଗୁଡିକ ଜନସାଧାରଣଙ୍କୁ ସଚେତନ କରିବା ନିହାତି ଆବଶ୍ୟକ। ବ୍ୟବସାୟିକ ଦୃଷ୍ଟିରୁ କେବଳ ଏଟିଏମ ଓ ଅନ୍ୟାନ୍ୟ ଉପକରଣକୁ ଉପଲବ୍ଧ କରିଛନ୍ତି, ହେଲେ ଏହାର ବ୍ୟବହାର ପାଇଁ ସଚେତନ କରିବା ଜରୁରୀ। କର୍ମଶାଳାରେ ଉପଖଣ୍ଡର ପୋଲିସ ଅଧିକାରୀମାନେ ଯୋଗଦେଇ ସାଇବର ଅପରାଧକୁ ନିୟନ୍ତ୍ରଣ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଆଇନଜୀବୀ ଗଣେଶ୍ୱର ପ୍ରଧାନ, ଜଗନ୍ନାଥ ବିଶ୍ୱାଳ, ଅଚ୍ୟୁତାନନ୍ଦ ପୁରୋହିତ, ସରକାରୀ ଓକିଲ ପ୍ରେମଚାନ୍ଦ କୁଲୁଙ୍କ ସମେତ ଓପିଏସ ଟ୍ରେନି ସାର୍ଥକ ରାଏ, ରେଢାଖୋଲ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, କିସିଣ୍ଡା ଥାନା ଅଧିକାରୀ ସୁବର୍ଣ୍ଣ କିସାନ, ନାକଟି ଦେଉଳ ଥାନା ଅଧିକାରୀ ନିର୍ମଳା ତ୍ରିପାଠୀ, ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲେଇ, ଜୁଜୁମୁରା ଥାନା ଅଧିକାରୀ ବନଶ୍ରୀ ରାଉତରାଏ ପ୍ରମୁଖ ଯୋଗଦେଇ ମତପ୍ରକାଶ କରିଥିଲେ।




ତାଲୁକ ଆଇନସେବା ପ୍ରାଧିକରଣ ସମିତି ପକ୍ଷରୁ ଆୟୋଜିତ କର୍ମଶାଳାରେ ମଞ୍ଚାସୀନ ଅତିଥି।



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ଚିଥାଇ ମଧ ମରିଥାନ୍ତି।
- ତୁଳସୀ ଦାସ



## ସଂକ୍ଷେପରେ

### କାର୍ ଓଲଟିଲା, ବର୍ତ୍ତିଗଲେ ମାଲିକ

କୋଲାବିରା,୧୨।୨(ଡି.ଏନ.ଏ.): ଝାରସୁଗୁଡା ଜିଲା ସମାସିଂହା-ବଡବାହାଲ ମଝି ଗିରଙ୍ଗିଲା ନାଲା ନିକଟରେ ଏକ କାର (ଓଆର୨୩ଜି୨୨୨୨) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର ଚାଳକ ତଥା ମାଲିକ ସମାସିଂହା ସେବା ସମବାୟ ସମିତିର ସମ୍ପାଦକ ସୁବାସ ପଟେଲ ବର୍ତ୍ତି ଯାଇଛନ୍ତି। ସେ ଲଇକେରାରୁ କାମ ସାରି ଫେରୁଥିଲେ। ଅପରାହ୍ନ ୪ଟାରେ ଗିରଙ୍ଗିଲା ନିକଟରେ କାର ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। କାରଟି ଭାଙ୍ଗି ଚୂରମାର ହୋଇଯାଇଛି।

### ଇକୋ ପାର୍କ, ପର୍ଯ୍ୟଟନ ସ୍ଥଳ, ଦର୍ଶନୀୟ ସ୍ଥାନର ଉନ୍ନତିରେ ୮ କୋଟି ଟଙ୍କା ଖର୍ଚ୍ଚ ହେବ

ବେଲପାହାଡ଼,୧୨।୨(ଡ଼ି.ଏନ୍.ଏ): ଝାରସୁଗୁଡ଼ା ଜିଲା ବନଖଣ୍ଡ ଅଧୀନ ୫ଟି ପରିବେଶୀୟ ପର୍ଯ୍ୟଟନ ଓ ଦର୍ଶନୀୟ ସ୍ଥାନର ଉନ୍ନତୀକରଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ପୂର୍ବତନ ଜିଲାପାଳ ତଥା ଜିଲା ଖଣିଜ ପାଣ୍ଠିର ଅଧକ୍ଷ ବିଭୂତି ଭୂଷଣ ପଟ୍ଟନାୟକ ଅର୍ଥ ମଞ୍ଜୁର କରିଛନ୍ତି। ଉକ୍ତ ଅର୍ଥ ଡିଏଫଓଙ୍କ ତତ୍ତ୍ୱାବଧାନରେ ବିନିଯୋଗ ହେବ। ଜିଲାପାଳଙ୍କ ଚିଠି ସଂଖ୍ୟା ୨୨୯ ଅନୁଯାୟୀ ଝାରସୁଗୁଡ଼ା ମାଲିମୁଣ୍ଡାସ୍ଥିତ ଇକୋ ପାର୍କର ଉନ୍ନତୀକରଣ ପାଇଁ ୨ କୋଟି, ପର୍ଯ୍ୟଟନ ସ୍ଥଳ ତଥା ଦର୍ଶନୀୟ ସ୍ଥାନ ସିଙ୍ଘାବଗା ବିକାଶ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା, ଗୁଜାପାହାଡ଼ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା, କୋଇଲିଘୁଘର ପାଇଁ ୫୦ ଲକ୍ଷ ଟଙ୍କା, ପ୍ରଧାନଡୁଙ୍ଗୁରି ପାଇଁ ୫୦ ଲକ୍ଷ ଟଙ୍କା ଓ ବିକ୍ରମଖୋଲ ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

### ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡା ଅଫିସ,୧୨।୨: ଝାରସୁଗୁଡାର ବିଦାୟୀ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ମଙ୍ଗଳବାର ବହୁ ସାମାଜିକ ସଙ୍ଗଠନ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବାର୍ ସଭାପତି ରଘୁମଣି ପଟେଲ, ଆଇନଜୀବୀ ଦିନେଶ ଜୈନ, ପ୍ରଫେସର ଟହଲୁ ସାହୁ, ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ସନ୍ଦୀପ ଅଗ୍ରୱାଲଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଦୀର୍ଘ ୩ ବର୍ଷ ଧରି ସାମାଜିକ ସୁରକ୍ଷା ଦିଗରେ ଜିଲାପାଳ ପଟ୍ଟନାୟକ ନେଇଥିବା ପଦକ୍ଷେପକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିଲେ। ଏହାସହ ଜିଲା ପାଇଁ ଚିନ୍ତା କରିଥିବା ବହୁ ଜନ ହିତକର ଏବଂ ବିକାଶମୂଳକ ଯୋଜନା ଝାରସୁଗୁଡା ଲୋକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଉପସ୍ଥିତ ଲୋକ ଅଭିହିତ କରିଥିଲେ। ଆଇନଜୀବୀ, ଚାମ୍ବର ଅଫ କମର୍ସ, ଟ୍ରକ୍ ମାଲିକ ସଂଘ, ସେହେଡା, କରଣ ସମାଜ, ବ୍ରାହ୍ମଣ ସାମଜ, ସ୍କୁଲ, କଲେଜ, ଡାକ୍ତର, ଲାୟନ୍ସ କ୍ଲବ, ପ୍ରେସ୍ କ୍ଲବ୍ ପ୍ରମୁଖ ସଙ୍ଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କୁଷ୍ଠରୋଗୀ ବୋଲି ପଡୋଶୀ କିମ୍ବା ଜାତିଭାଇଙ୍କ କାନ୍ଧ ମିଳିଲାନି

ବ୍ରଜରାଜନଗର, ୧୨।୨ (ଡି.ଏନ.ଏ.) ରାଜପୁର ପଞ୍ଚାୟତର ବଘରାଚକା ହରିଜନପଡାରେ ଭୁଖଲ ଊର୍ମା (୭୦)ଙ୍କ ସୋମବାର ରାତ୍ରିରେ ପରଲୋକ ଘଟିଛି। ସେ ଜଣେ ଜଣେ କୁଷ୍ଠ ରୋଗୀ । ତାଙ୍କ ପୁଅ ରଞ୍ଜନ ମଙ୍ଗଳବାର ସକାଳୁ ଅନ୍ତିମ ସତ୍କାର ପାଇଁ ସାହି ପଡିଶା ଓ ଜାତିଭାଇଙ୍କୁ ଡାକିଥିଲେ। ହେଲେ କୁଷ୍ଠରୋଗୀ ବୋଲି ଘୃଣା କରି କେହି କାନ୍ଧ ଦେବାକୁ ଆସିଲେ ନାହିଁ । ଏଣୁ ୧୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଘରେ ମୃତଦେହ ପଡି ରହିଥିଲା । ଏହି ଘଟଣା ସମ୍ପର୍କରେ ପୂର୍ବତନ ବିଧାୟକ ଅନୁପ ସାଏ ଖବର ପାଇଥିଲେ। ଏହାପରେ ତୁରନ୍ତ ସେ ତାଙ୍କ ବଡ ଭାଇ ପ୍ରମୋଦ ସାଏଙ୍କୁ ଖବର ଦେଇଥିଲେ। ଶେଷରେ ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ଘଟଣା ସ୍ଥଳରେ ପହଞ୍ଚି ଭୁଖଲଙ୍କୁ କାନ୍ଧ ଦେଇ ଶ୍ମଶାନରେ ପୋତି ଦେଇଥିଲେ।

### ବିଏସ୍ଏନ୍ଏଲ୍ ଠିକା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଝାରସୁଗୁଡା ଅଫିସ,୧୨।୨- ଝାରସୁଗୁଡା ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟରେ କାମ କରୁଥିବା ୧୩ ଜଣ ଠିକା କର୍ମଚାରୀ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବକେୟା ୩ ମାସର ଦରମା ପ୍ରଦାନ ଏବଂ ୪ ମାସର ଇପିଏଫ ଓ ଇଏସ୍ଆଇ ଜମା କରିବା ଦାବିରେ ଏହି ଆନ୍ଦୋଳନ କରିଛନ୍ତି। ଉପରୋକ୍ତ ଦାବି ନେଇ ଗତ ଡିସେମ୍ବର ମାସରେ ସମ୍ବଲପୁର ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଭାଗୀୟ କର୍ମଚାରୀ ଏବଂ ଠିକାସଂସ୍ଥା ବକେୟା ପାଉଣା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ହେଲେ ଠିକାସଂସ୍ଥା ୧୦ ତାରିଖ ସୁଦ୍ଧା ବକେୟା ପ୍ରଦାନ କରି ନ ଥିବାରୁ ୧୧ରୁ କର୍ମଚାରୀ ଆନ୍ଦୋଳନ କରିଥିଲେ। କର୍ମଚାରୀ ଭୁବନ ସିନ୍ଧୁ କିରଣ ସାହୁ, ଟଗଲା ବେହେରା, କ୍ଷମାଶିଳ ପ୍ରଧାନ, ଜଗବନ୍ଧୁ ଛୁରିଆ, ଜୁଗିଆ କିଶାନ ପ୍ରମୁଖ ଧାରଣାରେ ବସିଥିଲେ।

■ଲଇକେରା, କିର୍ମିରାକୁ ସିଡୁ୍ୟଲ ବ୍ଲକ୍ ମାନ୍ୟତା

# ଫେବୃୟାରୀ ୨୨ ଯାଏ ମହଲତ, ୨୩ରୁ ଆନ୍ଦୋଳନ

ଝାରସୁଗୁଡା ଅଫିସ,୧୨।୨

ଝାରସୁଗୁଡା ଜିଲାର ଲଇକେରା ଓ କିର୍ମିରା ବ୍ଲକକୁ ସିଡୁ୍ୟଲ ବ୍ଲକ୍ ମାନ୍ୟତା ଦାବି ପୁଣିଥରେ ଜୋର ଧରିଛି। ଏଥର ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଚେତାବନୀ ଦିଆଯାଇଛି। ଏହି ଦୁଇଟି ବ୍ଲକ୍ ସିଡୁ୍ୟଲ୍ ବ୍ଲକ୍ ମାନ୍ୟତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାର ମିଳିମିଶି ଅବହେଳା କରୁଛନ୍ତି। ତେଣୁ ଏହାକୁ ଆଉ ବରଦାସ୍ତ କରାଯିବନି ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସମ୍ମିଳିତ ଆଦିବାସୀ ସମାଜ(ଏସ୍ଏଏସ୍) କହିଛି । ଫେବୃୟାରୀ ୨୨ ତାରିଖ ଭିତରେ ସିଡୁ୍ୟଲ ବ୍ଲକ୍ ଘୋଷଣା କରା ନ ଗଲେ ୨୩ ତାରିଖଠାରୁ ଝାରସୁଗୁଡା ଜିଲାପାଳଙ୍କ ଅଫିସ ଆଗରେ ଅହୋରାତ୍ର ଅନଶନ କରାଯିବ। ଏହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଅନଶନ ପରେ ପରେ କିର୍ମିରା ଓ ଲଇକେରା ବ୍ଲକକୁ ସରକାରୀ ଗାଡି ଚଳାଚଳ ବନ୍ଦ କରିଦିଆଯିବ। ଅଫିସରେ ତାଲା ପକାଯିବ। ଶେଷରେ ମଧ ଦାବି ପୂରଣ ନ ହେଲେ ୨୦୧୯ ନିର୍ବାଚନରେ ଆଦିବାସୀ ଭୋଟ ବର୍ଜନ କରିବେ। ଶାନ୍ତିପୂର୍ଣ୍ଣ ଉପାୟରେ ଉଭୟ ରାଜ୍ୟ, କେନ୍ଦ୍ର ସରକାର ଏବଂ ସ୍ଥାନୀୟ ନେତାଙ୍କୁ ଜବାବ ଦିଆଯିବ। ଏସ୍ଏଏସର ସଭାପତି ବୁନ୍ଦେ ଧୁରୁଆ ଏହା କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଦିବାସୀ ନେତା।

ସୂଚନାଯୋଗ୍ୟ ଦେଶର ମୋଟ ୬୪୦ଟି ଜିଲା ମଧ୍ୟରୁ ୨୫୦ଟି ଜିଲାକୁ ପଛୁଆ ଜିଲା ଭାବେ ଚିହ୍ନଟ କରାଯାଇଥିଲା। ସେଥିରେ ଝାରସୁଗୁଡା ଜିଲାର କିର୍ମିରା ଏବଂ ଲଇକେରା ବ୍ଲକ ସ୍ଥାନିତ ହୋଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ୍ ନିର୍ଦ୍ଦେଶାଳୟ(ଏସ୍ସିଏସ୍ଟିଆରଟିଆଇ) ତରଫରୁ ଜିଲାର ଲଇକେରା, କିର୍ମିରା ବ୍ଲକରେ ବେସ୍ ଲାଇନ୍ ସର୍ଭେ କରାଇଥିଲେ। ଏହି ସର୍ଭେ ମୁତାବକ କିର୍ମିରା ବ୍ଲକରେ ଅନୁସୂଚିତ ଜନଜାତି ଲୋକସଂଖ୍ୟା ୫୨.୬୯% ଏବଂ ଲଇକେରା ବ୍ଲକରେ ୫୧.୭୮% ଜନଜାତି ଲୋକ ଥିବା ଜଣାପଡିଥିଲା। ନିୟମ ଅନୁସାରେ ବ୍ଲକରେ ଜନଜାତି ଲୋକସଂଖ୍ୟା ଅଧିକ ହେଲେ ଉକ୍ତ ବ୍ଲକକୁ ସିଡୁ୍ୟଲ ବ୍ଲକ ଭାବେ ଘୋଷଣା କରି ଆଟିଡିଏ ପ୍ରତିଷ୍ଠା କରିବା କଥା। ଏହି ଦାବି ୨୦୧୧ ମସିହାରୁ ସ୍ଥାନୀୟ ଆଦିବାସୀମାନେ କରି ଆସୁଛନ୍ତି। ରାଜ୍ୟ ସରକାର ପ୍ରଥମେ ସର୍ଭେ କରିବାରେ ବିଳମ୍ବ କରିଥିଲେ। ଏବେ କେନ୍ଦ୍ର ସରକାର ସର୍ଭେ ଫାଇଲକୁ ବୈଷୟିକ ତ୍ରୁଟି ଆଳରେ ଚାପି ରଖିଛନ୍ତି। ଅନ୍ୟପକ୍ଷରେ ସର୍ଭେ ରିପୋର୍ଟ ପଠାଇଦେଇ ରାଜ୍ୟ ସରକାର ନୀରବ ରହିଛନ୍ତି । ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଏହି ଅଭିଯୋଗ କରିଛନ୍ତି।

ସେହିପରି କିଛି ଅଣ ଆଦିବାସୀ ସ୍ଥାନୀୟ ନେତା ଏଥିରେ କଣ୍ଟା ସାଜିଛନ୍ତି। ଆଦିବାସୀଙ୍କୁ ପ୍ରତିଶ୍ରୁତି ଦେଇ ସରକାରଙ୍କୁ ବିପରୀତ ଦିଗ ଦେଖାଉଛନ୍ତି। ବିଧାୟକ ପଦରେ ଥାଇ ଦିନେ ଦରଦ ଦେଖାଇ ନ ଥିବା ନେତା ପଦରୁ ଇସ୍ତଫା ଦେବା ପରେ ପୁରୁଣା ଦିନର ଚିଠି ବାହାର କରି ବିଭ୍ରାନ୍ତ କରୁଛନ୍ତି। ସେହି 'ବିଭୀଷଣ' ଚରିତ୍ରର ନେତାଙ୍କ ମୁଖା ଖୋଲାଯିବ ବୋଲି ଏସ୍ଏଏସ୍ କହିଛି। ଖବରଦାତା ସମ୍ମିଳନୀରେ କିଷାନ ସମାଜ ପ୍ରଗତିଶୀଳ ମଞ୍ଚର ରତ୍ନାକର ପ୍ରଧାନ, କିଷାନ ସମାଜର ପଦ୍ମଲୋଚନ ବୁଦୁଲା, ମୁଣ୍ଡା ସମାଜର ଦୁବରାଜ ମୁଣ୍ଡା, ଜିଲା ଗୋଣ୍ଡୱାନା ସମାଜର ଡମ୍ବରୁଧର ନାଏକ, କଷାନ ସମାଜର ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଏଲ.ଏନ୍. କଲେଜର ବାର୍ଷିକ ଉତ୍ସବ

ଝାରସୁଗୁଡା ଅଫିସ,୧୨।୨

ଝାରସୁଗୁଡା ଲକ୍ଷ୍ମୀନାରାୟଣ କଲେଜର ୫୦ ତମ ବାର୍ଷିକ ଉତ୍ସବ ମଙ୍ଗଳବାର କଲେଜ ପରିସରରେ ପାଳିତ ହୋଇଯାଇଛି। ଅଧକ୍ଷ ଡ. ଚୀରବ୍ରତ ଦତ୍ତ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ଯୋଗଦେଇ ସମ୍ପ୍ରତିକ ସମସ୍ୟା ଓ ଛାତ୍ରୀଛାତ୍ରଙ୍କ ପ୍ରତି ଆହ୍ୱାନ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ସଂଜିତ କୁମାର ସାହୁ, ଇବଭ୍ୟାଲି ପବନ୍ଧକ ମଧୁସୂଦନ ଶର୍ମା ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ଏବଂ ଲକ୍ଷ୍ୟ ଧାର୍ଯ୍ୟ ପୂର୍ବକ ଅଧ୍ୟୟନରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତପନ କୁମାର ବାରିକ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧାପକ ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବେଆଇନ ବାଲି ଚାଲାଣ: ୩ ଟ୍ରାକ୍ଟର ଜବତ

କୋଲାବିରା,୧୨।୨ (ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରା ତହସିଲ ଅନ୍ତର୍ଗତ ସୋଢାମାଲ ଭେଡେନ ନଦୀରୁ ସମ୍ବଲପୁର ପଡିଆବାହାଲ ଅଞ୍ଚଳର ୩ଟି ଟ୍ରାକ୍ଟର ବାଲି ଚୋରା ଚାଲାଣ କରିବାବେଳେ ମଙ୍ଗଳବାର ଧରା ପଡିଛି। ସମାସିଂହା ଆରଆଇ ଜଗଦୀଶ ସାହୁଙ୍କ ହାବୁଡରେ ଏହି ଟ୍ରାକ୍ଟର ୩ଟି ପଡିଥିଲା। ଗାଡି ୩ଟିକୁ ଜବତ କରାଯାଇ କୋଲାବିରା ପୋଲିସର ହେପାଜତରେ ଦିଆଯାଇଛି। ଓଡି୧୫ଏଫ୦୧୮୯ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ସମେତ ଅନ୍ୟ ୨ଟି ନମ୍ବର ବିହୀନ ଟ୍ରାକ୍ଟରରେ ମାତ୍ରାଧିକ ଓଭରଲୋଡ ବାଲି ଭର୍ତ୍ତି ହୋଇ ସମ୍ବଲପୁର ଅଞ୍ଚଳକୁ ଯାଉଥିଲା। ବାଲି ଚୋରା ଚାଲାଣ କାରୀଙ୍କ ବିରୋଧରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଆରଆଇ ସାହୁଙ୍କୁ ପଚାରିବାରୁ ତହସିଲଦାରଙ୍କ ଉପରେ ନିର୍ଭର କରୁଥିବା ସେ ପ୍ରକାଶ କରିଥିଲେ। ତେବେ ତହସିଲଦାର ସଞ୍ଜୀବ କୁମାର ପଟେଲ ମିଟିଂ ପାଇଁ ଜିଲା ମୁଖ୍ୟାଳୟକୁ ଯାଇଥିବାରୁ କେତେ ପରିମାଣରେ ଜରିମାନା କରାଯିବ ଏବଂ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଜଣାପଡିନାହିଁ। ସୂଚନା ଯୋଗ୍ୟ ଯେ ପ୍ରତିଦିନ ଏହିପରି ଭାବରେ ଭେଡେନ ନଦୀ ପଠାରୁ ବାଲି ଚୋରା ଚାଲାଣ ହେଉଛି। ମାତ୍ର ଝାରସୁଗୁଡା ସୀମାବର୍ତ୍ତୀ ଇଲାକା ହୋଇଥିବାରୁ ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ବିଶେଷ ଧ୍ୟାନ ରହୁନି। ଏଣୁ ସରକାରଙ୍କ ବିପୁଳ ରାଜସ୍ୱ ହାନି ହେଉଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

କୋଲାବିରା,୧୨।୨ (ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ଏନଏଚ-୪୯ ଶିରିଆପାଲି ସ୍କୁଲ ନିକଟରେ ମଙ୍ଗଳବାର ଅପରାହ୍ନ ୨ଟାରେ ଦୁଘଟଣା ଘଟିଛି। ଏକ କୋଇଲା ବୋଝେଇ ଟ୍ରକ୍ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଛି। ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରଜରାଜନଗର ଗଙ୍ଗାଜଳ ଗ୍ରାମର ସନ୍ତୋଷ କେଉଁଟ(୨୫)। ସେ କୋଲାବିରା ଅଞ୍ଚଳକୁ କୌଣସି କାମରେ ଆସି ଅପରାହ୍ନ ୨ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ଶିରିଆପାଲି ସ୍କୁଲ ନିକଟରେ ଝାରସୁଗୁଡା ପଟୁ ଦ୍ରୁତ ଗତିରେ ଆସୁଥିବା ଓଡି୩୫ଏ୪୬୦୩ ନମ୍ବର ବିଶିଷ୍ଟ କୋଇଲା ଟ୍ରକ୍ ଆଗରେ ଯାଉଥିବା ଏକ ଟ୍ୟାଙ୍କରକୁ ଅତିକ୍ରମ କରୁଥିଲା। ହେଲେ ବାଇକ ଚାଳକ ସନ୍ତୋଷଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ସନ୍ତୋଷଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲେ। ହେଲେ ସେଠାରେ ଉପସ୍ଥିତ ଲୋକେ ତାଙ୍କୁ କାବୁ କରିବା ସହ କୋଲାବିରା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ କୋଲାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଟ୍ରକକୁ ଜବତ କରିବା ସହ ଡାଇଭର ଈଶ୍ୱର ଖଡିଆଙ୍କୁ ପୋଲିସ ଗିରଫ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ସଂସ୍କାର ଦେଉଛି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ଲଖନପୁର,୧୨।୨(ଡି.ଏନ୍.ଏ.)

ଲଖନପୁର ବ୍ଲକ୍ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସୁବାସ ଚୌହାନ, ଲଇଡା ଦୃତିକା ସାହୁ କଲେଜ ଅଧାପକ ଜୟନାରାୟଣ ଶତପଥୀ, ବ୍ଲକ୍ ଅଧକ୍ଷା ଶାନ୍ତି ପ୍ରଧାନ, ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ବ୍ରଜରାଜନଗର ସଂକୁଳ ପ୍ରମୁଖ ବିଜୟ କୁମାର ଦାସ, ଯୁଗ୍ମ ସମ୍ପାଦକ ଶରତ ପ୍ରଧାନ, ସଦସ୍ୟା ସୁମିତ୍ରା ଦାସ ଓ ଗୀତାରାଣି ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି ଅଧକ୍ଷତା କରିଥିଲେ। ସ୍କୁଲ୍ ପରିଚାଳନା କମିଟି ସମ୍ପାଦକ ଯୋଗେଶ ପ୍ରଧାନ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ କରିଥିଲେ। ଶିକ୍ଷୟତ୍ରୀ ପଙ୍କଜିନୀ ସା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ଜୟକୃଷ୍ଣ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଧାରଣ ସ୍କୁଲ୍ ଅପେକ୍ଷା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ସଂସ୍କାର ଦିଆଯାଉଛି । ଏଥିପାଇଁ ଶିକ୍ଷା ବିକାଶ ସମିତିର ନୀତିଆଦର୍ଶକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏହି ଅବସରରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ, ଆଧୁନିକ ନୃତ୍ୟ, କ୍ଷୁଦ୍ରନାଟକ, ଗୀତିନାଟ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ନିଖୁଣ କଳା ଦର୍ଶକଙ୍କ ମନ ମୋହିଥିଲା । ଏଥିରେ ୨୭୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ କଳାକାରମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶୁଭକାନ୍ତ ବେହେରା, ପଠାଣି ସାମନ୍ତ ପରୀକ୍ଷାରେ ଝାରସୁଗୁଡା ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ମାନସ ଦାସଙ୍କୁ ପୁରସ୍କୃତ କରାଯାଇଥିଲା । ସଂକୁଳ ସ୍ତରୀୟ ନିବନ୍ଧ ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ରୋଜାଲି ହୋତା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିରେ ଜିତେନ୍ଦ୍ର ପ୍ରଧାନ, କୀର୍ତ୍ତି ପାତ୍ର, ସୁଜାତା ପ୍ରଧାନ, ମନ୍ଦାକିନୀ ମହନ୍ତ, ରୋଜାଲି ହୋତା, ରଞ୍ଜୁ ବିଶ୍ୱାଳ, ପ୍ରଜ୍ଞା ଦାସ, ସତ୍ୟଭାମା ପ୍ରଧାନ, ଅନିତା ଭୋଇ, ରୁକ୍ମିଣୀ ପ୍ରଧାନ, ଦୀପାଞ୍ଜଳି ସାହୁ, ସବିତାରାଣି ପାତ୍ର, ସୁମିତା ପାଢୀ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଯଶୋବନ୍ତ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।



ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ରମ୍ଭେଲା ପଞ୍ଚାୟତ ହାଇସ୍କୁଲ ବାର୍ଷିକ ଉତ୍ସବ

ଲଖନପୁର,୧୨।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ରମ୍ଭେଲା ପଞ୍ଚାୟତ ହାଇସ୍କୁଲର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି କିଶୋରଚନ୍ଦ୍ର ପଟେଲ, ମୁଖ୍ୟବକ୍ତା ଖ୍ରିଣ୍ଡା ହାଇସ୍କୁଲ ଶିକ୍ଷକ ଗୌରୀଦାସ ପ୍ରଧାନ, ବ୍ଲକ୍ ଅଧକ୍ଷା ଶାନ୍ତି ପ୍ରଧାନ, ଭିଏସ୍ଏସ୍ ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ଶଶି ଭୂଷଣ ମହାପାତ୍ର, ପୂର୍ବତନ ସରପଞ୍ଚ ତଥା ସ୍କୁଲ ପ୍ରତିଷ୍ଠାତା ଚନ୍ଦ୍ରମଣି ନାୟକ, ସମିତିସଭ୍ୟା ସବିତା ପାଢୀ, ପୂର୍ବତନ ବ୍ଲକ୍ ଅଧକ୍ଷ ସନତ ସିଂହ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ସେନାପତି ଅଧକ୍ଷତା କରିବା ସାଙ୍ଗକୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସ୍କୁଲର ବାର୍ଷିକକ୍ରୀଡାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଛାତ୍ରୀଛାତ୍ରଙ୍କ ନିଖୁଣ କଳା ଦର୍ଶକଙ୍କ ମନ ମୋହିଥିଲା। ଏଥିରେ ସୁରେନ୍ଦ୍ର ପାଢୀ, ବିଦ୍ୟାଧର ନାୟକ, ବିରଞ୍ଚି ତ୍ରିପାଠୀ, କୃଷ୍ଣଚନ୍ଦ୍ର ବାବୁ, ସତ୍ୟବାଦୀ ସା, ପ୍ରମୋଦ ସାହୁ, ଏ ଦର୍ଜି, ରାଜେଶ ପଣ୍ଡା ପ୍ରମୁଖ ଶିକ୍ଷକ ଓ ଶିକ୍ଷାପ୍ରେମୀ ସହଯୋଗ କରିଥିଲେ ।


ରମ୍ଭେଲା ପଞ୍ଚାୟତ ହାଇସ୍କୁଲର ୨୪ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଶିକ୍ଷକଙ୍କୁ ସମ୍ମାନିତ କରି ଆଶୀର୍ବାଦ ନେଲେ ପୁରାତନ ଛାତ୍ର

ଲଖନପୁର,୧୨।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସମରବଗା ପଞ୍ଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶାନ୍ତନୁ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂସଦ ସଭାପତି ତୁଷାରାମ ପ୍ରଧାନ ଅଧକ୍ଷତା କରିଥିଲେ । ଏଥିରେ ଓପିଜିସି ଅଧିକାରୀ ଦେବାର୍ଚ୍ଚନ ସାହୁ, ଲଖନପୁର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, ସଂସଦ ସମ୍ପାଦକ ରୋହିତ ଧୁରୁଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ମହେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ୧୯୮୭ ମସିହାରେ ସ୍କୁଲ୍ ସ୍ଥାପିତ ହୋଇଥିଲା। ଏଥିମଧ୍ୟରେ ସ୍କୁଲ ସ୍ଥାପନ ହେବାର ୩୨ବର୍ଷ ହେଲାଣି । ଏହି ସ୍କୁଲ୍‌ରୁ ଶତାଧିକ ଛାତ୍ରୀଛାତ୍ର ଅଧ୍ୟୟନ କରି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନିୟୋଜିତ ହୋଇ ନିଜର ଜୀବିକା ଅର୍ଜନ କରିବା ସହ ସ୍କୁଲ୍‌ର ନାମ ରଖିଛନ୍ତି। ଦୀର୍ଘ ଦିନର ସ୍ମୃତିକୁ ନିଜ ନିଜ ମଧରେ ବାଣ୍ଟିବା ପାଇଁ ସଂସଦର ଏହି ପ୍ରୟାସ ବୋଲି ସଭାପତି ପ୍ରଧାନ କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ଅବସରପ୍ରାପ୍ତ ଓ କାର୍ଯ୍ୟରତ ସମୁଦାୟ ୧୭ଜଣ ଶିକ୍ଷକ, କର୍ମଚାରୀଙ୍କୁ ଫୁଲ, ଚନ୍ଦନ ସହିତ ଉପଢୌକନ ଦେଇ ସମ୍ମାନିତ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସୁରେନ୍ଦ୍ର ବିଶ୍ୱାଳ, ଦିଲୀପ ପ୍ରଧାନ, ଟେକାରାମ ମେହେର, ଅନନ୍ତରାମ ପଟେଲ, ରମାକାନ୍ତ ସାହୁ, ମଙ୍ଗଳ ଭୋଇ, ବଟୁ ପ୍ରଧାନ, ଯଦୁମଣି ପ୍ରଧାନ, ବିନୟ ପଟେଲ, ବିପଦ ଭଞ୍ଜନ ପଣ୍ଡା, ବିହାରୀଲାଲ୍ ପଟେଲ, ଉସତରାମ ବାରିକ, ଶାନ୍ତନୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ୍‌ର ବାର୍ଷିକକ୍ରୀଡାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ବିଭିନ୍ନ ପାଠ୍ୟ ଉପକରଣ ଦେଇ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଘ୍ନେଶ୍ୱର ସିଂହ, ସଞ୍ଜୟ ବିଶ୍ୱାଳ, ଜିତେନ ବାରିକ, ଚୈତନ୍ୟ ବାରିକ, ଉସତରାମ ବିଶ୍ୱାଳ, ଅଜୟ ବିଶ୍ୱାଳ, ମଳୟ ବିଶ୍ୱାଳ, ରାଜେଶ ସିଂହ, ଚତୁର୍ଭୁଜ ବାରିକା, ପ୍ରମୋଦ ଗଡତିଆ, ରଞ୍ଜିତ ପ୍ରଧାନ, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



ସମରବଗା ପଞ୍ଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଶିକ୍ଷକ, କର୍ମଚାରୀ ଓ ଅନ୍ୟମାନେ।

## ଅନେକ ପୁରୁଖା ଅନୁଗତ ଅନୁପସ୍ଥିତ

କିର୍ମିରା, ୧୨।୨ (ଡି.ଏନ.ଏ)

ଝାରସୁଗୁଡାର ପୂର୍ବତନ ବିଧାୟକ ନବକିଶୋର ଦାସ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ନିଜ ପକ୍ଷକୁ ମଜବୁତ କରିବା ପାଇଁ ନିଜ ପୂର୍ବ ଅନୁଗତ ଓ ବିଜେଡି କର୍ମୀଙ୍କୁ ଏକତ୍ରିତ କରିବାରେ ଲାଗି ପଡିଛନ୍ତି । ବିଜେଡି କର୍ମୀ ଦଳର ହାଇକମାଣ୍ଡ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ ନବଙ୍କ କାର୍ଯ୍ୟକ୍ରମରେ ବିନା ଦ୍ୱିଧାରେ ଯୋଗ ଦେଉଛନ୍ତି । ତେବେ ନବଙ୍କ ପୂର୍ବ ଅନୁଗତ ଓ କଂଗ୍ରେସ କର୍ମୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି । ନବ ବିଜେଡି କର୍ମୀ ଓ ଅନୁଗତଙ୍କୁ ଏକାଠି କରିବା ଚେଷ୍ଟା ଜାରି ରଖିଥିବା ବେଳେ ପୂର୍ବତନ କଂଗ୍ରେସ କର୍ମୀ ଏଥିରେ ନିଜକୁ ଅସହଜ ମନେ କରୁଛନ୍ତି। ମଙ୍ଗଳବାର ଝାରସୁଗୁଡା ଅନ୍ତର୍ଗତ ଅର୍ଡା ଗ୍ରାମରେ ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ହେଲେ ଏଥିରେ ଅନେକ ପୁରୁଣା ନବ ଅନୁଗତଙ୍କୁ ଦେଖିବାକୁ ମିଳି ନ ଥିଲା । ଝାରସୁଗୁଡା ରାଜନୀତିରେ ଅର୍ଡାର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ଅର୍ଡା ପଞ୍ଚାୟତ ଲଇକେରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ବାରମ୍ବାର ବିଜୟୀ କରିବାରେ ଏଠାକାର କଂଗ୍ରେସ କର୍ମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ନବ ଝାରସୁଗୁଡା ରାଜନୀତିରେ ଆସିବା ପରେ ଏହି କର୍ମୀଙ୍କୁ ନେଇ ସହଜରେ ନିର୍ବାଚନ ଜିତି ବିଧାୟକ ହୋଇପାରିଥିଲେ। ତେବେ ଏହି ବୈଠକରେ ନବଙ୍କ ପାଖଲୋକ କୁହାଯାଇଥିବା ଜଗନ୍ନାଥ ଜେନା, ମଳୟ ସାହୁ, ଅର୍ଡା ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ, ସମିତି ସଭ୍ୟ ବିଦ୍ୟାଧର ଧୁରୁଆ, ଅଗ୍ରଣି କର୍ମୀ ଗୋବର୍ଦ୍ଧନ ବେହେରା, ରଞ୍ଜିତ ସାହୁଙ୍କ ସମେତ ଅନେକ ଆଗଧାଡିର କର୍ମୀଙ୍କ ଦେଖିବାକୁ ମିଳି ନ ଥିଲା। ବ୍ୟକ୍ତିଗତ କାରଣରୁ ଯୋଗଦେଇ ପାରି ନ ଥିବା ଏମାନେ କହୁଛନ୍ତି। ହେଲେ ଏହା ନବଙ୍କୁ ବିରୋଧ ନୁହେଁ ତ ବୋଲି ଚର୍ଚ୍ଚା ହେଉଛି । ଲୋକେ କହିବାରୁ ବିଜେଡିରେ ଯୋଗ ଦେଇଛନ୍ତି ବୋଲି କହୁଥିବା ନବ ଦାସଙ୍କ ପାଇଁ ଏହି ଘଟଣା ଘରେ ନପଶୁଣୁ ଚାଳ ବାଜିଲା ଭଳିଆ ହୋଇଥିବା ଲୋକେ ଚର୍ଚ୍ଚା କରୁଛନ୍ତି।



କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



**ସଂକ୍ଷେପରେ**

## ୨ହଜାର ଟଙ୍କା ଲାଞ୍ଚ: କିରାଣି ଗିରଫ

କଟକ ଅଫିସ, ୧୨।୨-ଦୁଇ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଓ ଏସ୍ଆର୍‌ଟିସି ଅଫିସର କିରାଣି ପ୍ରଭାତ କୁମାର ଦେବତା। ସେ ଏହି ଟଙ୍କା ଦେବଗଡ଼ ସହରର ଶିବଶଙ୍କର ନାୟକଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ନାୟକ ହେଉଛନ୍ତି ଜଣେ ଅବସରପ୍ରାପ୍ତ ସରକାରୀ ବସ୍ ଡ୍ରାଇଭର। ପେନ୍‌ସନ ଏବଂ ନିଜର ବକେୟା ଟଙ୍କା ପାଇବା ପାଇଁ ସେ କିରାଣି ଦେବତାଙ୍କ ପାଖକୁ ଆସିଥିଲେ। କାଗଜପତ୍ର ପ୍ରସ୍ତୁତ ପାଇଁ ଦେବତା ୨ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଫିସରେ ବସି କିରାଣୀ ଦେବତା ନାୟକଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ଦେବତାଙ୍କ ସାରଳାକଣିଠାରେ ଥିବା ଘରକୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ୩/୧୯ରେ ଏକ ମାମଲା ରୁଜୁ କରାଯାଇ ଦେବତାଙ୍କୁ ଗିରଫ କରାଯାଇଛି।

### ଉତ୍ସବ ପ୍ରଧାନପାଟ ୨ୟ ସନ୍ଧ୍ୟା

# ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ




ଉତ୍ସବ ପ୍ରଧାନପାଟର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିବୃନ୍ଦ।



ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

ଦେବଗଡ଼,୧୨।୨(ସ୍ୱ.ପ୍ର)

ସ୍ଥାନୀୟ ପର୍ଯ୍ୟଟନସ୍ଥଳୀ ପ୍ରଧାନପାଟ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ୫ଦିନ ଧରି ହେବାକୁଥିବା 'ଉତ୍ସବ ପ୍ରଧାନପାଟ-୨୦୧୯' ସୋମବାର ଉଦ୍‌ଘାଟିତ ହୋଇଥିବାବେଳେ ମଙ୍ଗଳବାର ୨ୟ ସନ୍ଧ୍ୟା ଦର୍ଶକଙ୍କ ମନ ମୋହିଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଦେବଗଡ ଜିଲାପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ସମ୍ମାନନୀୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ, ରିଆମାଳ ବ୍ଲକ ଅଧ୍ୟକ୍ଷା ରିତାଞ୍ଜଳୀ ହାତୀ, ବାରକୋଟ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ଦିଲ୍ଲୀପ କୁମାର ଗୁରୁ, ପିଡି ଡିଆରଡିଏ ଭିନସେଣ୍ଟ ପୁନମ୍ କାନ୍ତ ଏକ୍କା ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଭଞ୍ଜକଳା ପରିଷଦ ରାଉରକେଲା, ଯୋଡିଶଙ୍ଖ ଗଞ୍ଜାମ, କଲିକତା ପଶ୍ଚିମବଙ୍ଗର ଅନୁରାଧା ରାୟ ଓ ସାଥୀ, ବିହୁ, ଆଶାମ, ଶଙ୍କର ଭରଣମ୍ ଏକାଡେମି କୋଲକାତା, ଆଦର୍ଶ ଡ୍ୟାନ୍ସ ଗ୍ରୁପ, ରଜାମୁଣ୍ଡା, ଦେବଗଡ, ଶିଳ୍ପୀ ଏଣ୍ଟରଟେନ୍‌ମେଣ୍ଟ, ପୁରୀ, ହେମନ୍ତ ଡେନ୍ସ ଗ୍ରୁପ, ଦେବକୃପା ଗ୍ରୁପ, ଲୋକନୃତ୍ୟ, ବାରକୋଟ ଆଦି ବିଭିନ୍ନ ସାଂସ୍କୃତିକ ଦଳ ତରଫରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଉଦ୍‌ଘୋଷକ ଭାବେ ଜନ୍ମେଞ୍ଜୟ ନାୟକ, ବଂଶୀଧର ସାହୁ, ବିଦେଶୀ ସାହୁ, ସୁନିସ୍ମିତା ପାଢୀ, ମନିଶା ପଟ୍ଟନାୟକ, ବଦ୍ୟୁତପ୍ରଭା ଦେହୁରୀ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ଷ୍ଟଲ ଯଥା ମିନା ବଜାର, କୃଷି ମହୋତ୍ସବ, ଉଦ୍ୟାନ ବିଭାଗ ତରଫରୁ ଫଳ, ପୁଷ୍ପ ଓ ପନିପରିବା ପ୍ରଦର୍ଶନୀ, ଉନ୍ନୟନ ପ୍ରଦର୍ଶନୀ, ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା, ଫୁଡ ପ୍ଲାଜା ଆଦି ଷ୍ଟଲମାନଙ୍କରେ ରାଜ୍ୟ ତଥା ଜିଲା ବାହାରୁ ୫ହଜାରରୁ ଉର୍ଦ୍ଧ୍ୱ ଦର୍ଶକଙ୍କ ଭିଡ ଜମିଥିଲା। ଶାନ୍ତିଶୃଙ୍ଖଳା ପାଇଁ ଜିଲା ପୋଲିସ ତରଫରୁ ବ୍ୟାପକ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା।

# ପିଠା ନୁହେଁ ପଟ୍ଟା, ଆଶା ନୁହେଁ ଆବାସ ଦରକାର



ମଙ୍ଗଳବାର ସମ୍ବଲପୁର ମ୍ୟୁନିସିପାଲିଟି ଛକରେ ଭାଜପା କର୍ମକର୍ତ୍ତା।

ସମ୍ବଲପୁର, ୧୨।୨ (ବ୍ୟୁରୋ)

**ଭାଜପାର ବିକ୍ଷୋଭ**

ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ମହାନଗର ନିଗମ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଅନେକ ଲୋକଙ୍କୁ ଘରଡିହ ପଟ୍ଟା ପ୍ରଦାନ କରାଯାଇନାହିଁ। ଫଳରେ ସେମାନେ ସରକାରଙ୍କ ଆବାସ ଯୋଜନାରେ ସାମିଲ ହୋଇପାରି ନାହାନ୍ତି। ସହରାଞ୍ଚଳର ଅନେକ ରାସ୍ତା ଓ ଗଳି ଏବେ ବି ଅନ୍ଧାର ହୋଇ ରହିଛି। ନାଳନର୍ଦ୍ଦମା ନିୟମିତ ସଫା ହେଉ ନ ଥିବାରୁ ଅଳ୍ପ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମୁଛି। ପ୍ରକୃତ ଗରିବ ଲୋକଙ୍କୁ ବିଭିନ୍ନ ଯୋଜନାରୁ ବାଦ୍ ଦିଆଯାଉଛି। ବିଜେଡି କର୍ମୀମାନେ ଯୋଜନାରେ ସାମିଲ ହୋଇ ଲାଭ ଉଠାଉଛନ୍ତି। କେନ୍ଦ୍ର ସରକାରଙ୍କଠାରୁ ଆସୁଥିବା ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ ନ ହୋଇ ଫେରିଯାଉଛି। ଯାହା ଖର୍ଚ୍ଚ ହେଉଛି କେବଳ କାଗଜକଲମରେ ଦର୍ଶାଯାଉଛି। ନିର୍ବାଚନ ପାଖେଇ ଆସୁଥିବାରୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଜେଡି ସରକାର ପିଠା, କାଳିଆ ଭଳି ବିଭିନ୍ନ ଯୋଜନାର ଆଶା ଦେଖାଉଛନ୍ତି। ତେଣୁ ଲୋକଙ୍କୁ ପିଠା ନୁହେଁ ଜମି ପଟ୍ଟା ଓ ଆଶା ନୁହେଁ ଆବାସ ଦରକାର ବୋଲି କହି ଭାଜପା ନେତାମାନେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଅବସରରେ ଅନୀଲ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ଜୟନାରାୟଣ ମିଶ୍ର, ନାଉରୀ ନାୟକ, ଗିରୀଶ ପଟେଲ, ଗିରିଜା ସାହୁ, ସରୋଜ ଘଡ଼େଇ, କ୍ରିଷ୍ଣା ମହାକୁର ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ନିଆଁ ଲାଗି ଧାନଗଦା, ପାଳଗଦା ନଷ୍ଟ

ରିଆମାଳ,୧୨।୨(ଡି.ଏନ.ଏ.)

ରିଆମାଳ ବ୍ଲକ ଅନ୍ତର୍ଗତ ଗୁଣ୍ଡିଆପାଲି ଗ୍ରାମର ଜଣେ ଚାଷୀଙ୍କ ଧାନଗଦା ଓ ପାଳଗଦା ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାଯାଇଛି। ସୂଚନାନୁସାରେ ମଙ୍ଗଳବାର ଅପରାହ୍ନ ୩ଟାରେ ଗୁଣ୍ଡିଆପାଲିର ପୁରୁଷୋତ୍ତମ ଅଜାବରଙ୍କ ଖଳାରେ ଥିବା ଧାନଗଦା ଓ ପାଳଗଦାରେ କେହି ଜଣେ ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲା। ସେଥିରେ ୩ଶହ ବିଡ଼ା ଧାନ ଓ ପାଳଗଦା ନଷ୍ଟହୋଇଥିବା ବେଳେ ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ନିରାପତ୍ତା କର୍ମଚାରୀଙ୍କୁ ପୁରସ୍କୃତ

ସମ୍ବଲପୁର, ୧୨।୨ (ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳର ଆରଏନ ଷ୍ଟେଶନରେ କାର୍ଯ୍ୟରତ ଟୋକନ ପୋର୍ଟର ମହମ୍ମଦ ଫିରୋଜ ଅନ୍‌ସାରିଙ୍କୁ ମଙ୍ଗଳବାର ସମ୍ବଲପୁର ରେଳ ମଣ୍ଡଳ ତରଫରୁ ପୁରସ୍କୃତ କରାଯାଇଛି। ଟ୍ରେନଗୁଡ଼ିକର ସୁପରିଚାଳନା ନିମନ୍ତେ ଉତ୍କୃଷ୍ଟ ସେବା, ନିରାପତ୍ତା ପ୍ରତି ସଜାଗ ରହିଥିବାରୁ ରେଳ ମଣ୍ଡଳ ପ୍ରବନ୍ଧକ ଜୟଦେବ ଗୁପ୍ତା ପ୍ରଶଂସାପତ୍ର ସହ ନଗଦ ରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରିଛନ୍ତି।

## ଜିଲା ଓକିଲ ସଂଘ ତରଫରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ଅବସରରେ ଜିଲା ଓକିଲ ସଂଘର ସଦସ୍ୟମାନେ।

ଦେବଗଡ଼,୧୨।୨(ସ୍ୱ.ପ୍ର)

ଦେବଗଡ଼ ଜିଲା ଓକିଲ ସଂଘ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ମିଳିତ ଏକ ଦାବିପତ୍ର ଦେବଗଡ଼ ଜିଲାପାଳଙ୍କୁ ପ୍ରଦାନ କରିଛି। ସୋମବାର ଦେବଗଡ଼ ପୌରପରିଷଦ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଚାଲିଥିବା ବେଳେ ଜିଲା ଓକିଲ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଭେଟି ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ରରେ ପ୍ରତ୍ୟେକ ଜିଲାର ଓକିଲ ସଂଘର ନିଜସ୍ୱ ପ୍ରକୋଷ୍ଠ ସହ ମହିଳା ଓକିଲଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଶୌଚାଳୟ ତିଆରି କରିବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ୫କୋଟି ଟଙ୍କା ଆଡଭୋକେଟ ୱେଲଫେୟାର ସୋସାଇଟିକୁ ଶୀଘ୍ର ପ୍ରଦାନ କରିବା, ନବାଗତ ଓକିଲଙ୍କ ପାଇଁ ପାଞ୍ଚବର୍ଷ ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଭତ୍ତା ଆକାରରେ ପ୍ରଦାନ କରିବା, ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ଓକିଲଙ୍କ ପରିବାରବର୍ଗଙ୍କୁ ଅନୁକମ୍ପା ରାଶି ପ୍ରଦାନ କରିବା, ହରିୟାଣା ରାଜ୍ୟ ପରି ଓକିଲଙ୍କ ବସବାସ କରିବା ଉଦ୍ଦେଶ୍ୟରେ ଘରଡ଼ିହ ଜମି ପ୍ରଦାନ କରିବା, ଆଇନ ସେବା ପ୍ରାଧିକରଣ ଆଇନ ସଂଶୋଧନ କରି ପାରିତ କରିବା ଆଦି ଦାବିମାନ ଉକ୍ତ ଦାବିପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି। ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଜିଲା ଓକିଲ ସଂଘ ଦାବି କରିଛି। ଏହି ଦାବିପତ୍ର ପ୍ରଦାନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘର ସଭାପତି ଦିଲୀପ କୁମାର ଗୁରୁ, ସଂପାଦକ ବିକାଶ କୁମାର ପ୍ରଧାନ, ଶ୍ରୀବତ୍ସ ମିଶ୍ର, କ୍ଷେତ୍ରବାସୀ ମେହେର, ଭଗବାନ ଅଗ୍ରୱାଲ, ମନୋଜ ପାଢ଼ୀ, ସୈରେନ୍ଦ୍ର ପ୍ରଧାନ, ସିଦ୍ଧେଶ୍ୱର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ତିଲେଇମାଳରେ ବିଜେଡିର ବୈଠକ

ସମ୍ବଲପୁର,୧୨।୨(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ତିଲେଇମାଳ ପଞ୍ଚାୟତରେ ମଙ୍ଗଳବାର ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେଡି କର୍ମୀ ଜୟଲାଲା ବେହେରା ସଭାପତିତ୍ୱ କରିଥିଲେ। ତୃଣମୂଳ ସ୍ତରରୁ ଦଳକୁ କିପରି ମଜଭୁତ୍ କରିବା, ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବା ଭଳି ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ବିଜେଡିର ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ରହି ନିଜ ନିଜ ମତ ରଖିଥିଲେ ଓ ଆଲୋଚନା ହୋଇଥିବା ପ୍ରସ୍ତାବକୁ ସମର୍ଥନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମେଘପାଲର ପୂର୍ବତନ ସରପଞ୍ଚ ମନୋରଞ୍ଜନ ବୁଡେକ, ଲିପିଣ୍ଡା ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ବାଙ୍କ, ବିଜେଡି ଯୁବନେତା ପାର୍ଥସାରଥି ପଣ୍ଡା, କରୁଣାକର ନାୟକ, ପୀତବାସ ଭୋଇ ଯୋଗଦାନ କରିଥିଲେ।



ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ତିଲେଇମାଳରେ ବିଜେଡିର ବୈଠକ।

### ଠିକା କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦାବି

# ୮ ଦିନ ହେଲା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ବନ୍ଦ

ଦେବଗଡ଼,୧୨।୨(ସ୍ୱ.ପ୍ର)

ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ଦୀର୍ଘ ୮ଦିନ ହେଲା ବନ୍ଦ ରହିଛି। ଏଥିପାଇଁ ବିଦ୍ୟାଳୟଗୁଡ଼ିକର ପରିଚାଳନାରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ଦୂରଦୂରାନ୍ତରୁ ଅଫିସ କାର୍ଯ୍ୟରେ ଆସୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ନାହିଁ ନ ଥିବା ଅବସ୍ଥାର ସମ୍ମୁଖୀନ ହେଉଛନ୍ତି। ସେହିପରି ସର୍ବଶିକ୍ଷା ଅଭିଯାନ ତରଫରୁ ଚାଲିଥିବା ନିର୍ମାଣ କାର୍ଯ୍ୟ, ଅନ୍ଧ,ମୂକ ଓ ବଧିରଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା, ସ୍କୁଲ ମନିଟରିଂ ଭଳି ଅତ୍ୟାବଶ୍ୟକ ନିତି ଦିନିଆ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଏଭଳି ପରିସ୍ଥିତିରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ନିଜ ସ୍କୁଲ ପରିଚାଳନା ସମ୍ପର୍କରେ କାହାକୁ ପଚାରି ବୁଝିବେ ତାକୁନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ସୂଚନାଯୋଗ୍ୟ ଯେ, ଦୀର୍ଘଦିନ ହେଲା ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ କାର୍ଯ୍ୟରତ ଅସ୍ଥାୟୀ ଠିକା କର୍ମଚାରୀମାନଙ୍କୁ ୭ମ ବେତନ କମିଶନ ଅନୁଯାୟୀ ଦରମା ପ୍ରଦାନ, ସ୍ଥାୟୀ ନିଯୁକ୍ତି ତଥା ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟ କରିବାକୁ ହୋଇଥିବା ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଏହି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଗତ ୨୮ ତାରିଖରେ ସମ୍ପୃକ୍ତ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିବା ସହ ଗତ ୪ ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।




ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ ତାଲା ପଡ଼ିଛି।

# ବିଏସ୍‌ଏନ୍‌ଏଲ୍ ଶାଖା କାଜୁଆଲ କର୍ମଚାରୀ ସଂଘର ଧର୍ମଘଟ

ଦେବଗଡ଼,୧୨।୨(ସ୍ୱ.ପ୍ର.)

ଦେବଗଡ଼ ବିଏସ୍‌ଏନ୍‌ଏଲ୍ କାର୍ଯ୍ୟାଳୟ ସମ୍ମୁଖରେ କାଜୁଆଲ କର୍ମଚାରୀ ସଂଘର ସଦସ୍ୟମାନେ ସୋମବାରଠାରୁ ଧର୍ମଘଟରେ ବସିଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଶାଖାରେ କାମ କରୁଥିବା ୧୪ ଜଣ କାଜୁଆଲ କର୍ମଚାରୀ ସଂପାଦକ ଭଗତ ସିଂହ ଏବଂ ଚନ୍ଦ୍ରମଣି ବେହେରାଙ୍କ ନେତୃତ୍ୱରେ ଶଶୀକାନ୍ତ ନାଗ, ରାଜୁ ମାଟିଆରୀ, ପ୍ରଦୀପ ଉଦାବର, ପ୍ରଶାନ୍ତ ଭଇଁସା, ମୁନା ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ପ୍ରମୁଖ ବିଭିନ୍ନ ଦାବି ନେଇ ଧର୍ମଘଟରେ ବସିଥିବା ଜଣାପଡିଛି। ସଂଘ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି ଯେ, ସେମାନେ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ପାଉଣା ଯଥା ଇପିଏଫ୍, ଇଏସ୍ଆଇ ପାଇବାରୁ ବଞ୍ଚିତ ହେବା ତଥା ଅନ୍ୟାନ୍ୟ ସମସ୍ୟାର ସମାଧାନ ହୋଇନାହିଁ। ଏପରି କି ଏହି ସମସ୍ୟା ନେଇ ବହୁବାର ବିଏସଏନଏଲ କର୍ତ୍ତୃପକ୍ଷ କଥାବାର୍ତ୍ତା ହୋଇ ଆନୁଷଙ୍ଗିକ ସୁବିଧା ସୁଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ କର୍ତ୍ତୃପକ୍ଷଙ୍କ କାଳକ୍ଷେପଣ ନୀତିଯୋଗୁ ସେମାନଙ୍କୁ ସରକାରଙ୍କ ଧାର୍ଯ୍ୟ ପାଉଣାର ଅଧା ମଧ୍ୟ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଗତ ୩ମାସ ହେଲା ଦରମା ନ ପାଇବାରୁ କର୍ମଚାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାକିଆ ଦରମା ପ୍ରଦାନ ଏବଂ ବିଭିନ୍ନ ଦାବି ପୂରଣ ନ ହେଲେ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଆହୁରି ଜୋରଦାର କରିବେ ବୋଲି ଚେତାବନୀ ଦେଇଛନ୍ତି।



କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ କାଜୁଆଲ କର୍ମଚାରୀ ସଂଘର କର୍ମକର୍ତ୍ତା।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ଫେବୃୟାରୀ, ୨୦୧୯



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ବାଉଁଶୁଣୀରେ ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର

**ମନମୁଣ୍ଡା, ୧୨।୨ (ଡି.ଏନ.ଏ):** ବୌଦ୍ଧ ଜିଲା ବାଉଁଶୁଣୀ ସୁରଭି କାର୍ଯ୍ୟାଳୟଠାରେ ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ବାଉଁଶୁଣି ମହାରାଜା ଇଣ୍ଡିଆନ ଗ୍ୟାସ ଏଜେନ୍ସି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଶରତ କୁମାର ଖଣ୍ଡଗିରୀ ଅଧକ୍ଷତା କରିଥିଲେ। ୩ ଦିନ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଦାମୋଦର ସାହୁ, ଏସ୍‌ଡିପି ପ୍ରଶାନ୍ତ କୁମାର ରାଉତରାଏ ଏବଂ ବ୍ଲକ ସଂଯୋଜକ ସୁନୀଲ ସେଠୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୨୩ଟି ପଞ୍ଚାୟତର ଉଜ୍ଜ୍ୱଳା ଦିଦି ଉପସ୍ଥିତ ରହିଥିଲେ । ମା'ମାନେ ଧୂଆଁରୁ ରକ୍ଷା ପାଇବା ସହ ସହଜରେ କିପରି ରୋଷେଇ କରିପାରିବେ ସେନେଇ ମୋଦି ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିବା ସଂଯୋଜକ ଶରତ ଖଣ୍ଡଗିରୀ ଆଲୋକପାତ କରିଥିଲେ । ପ୍ରତ୍ୟେକ ପରିବାର ମାଆମାନେ କିପରି ସହଜ ଓ ସୁବିଧାରେ ମାଗଣାରେ ରନ୍ଧନ ଗ୍ୟାସ ସଂଯୋଗ ପାଇ ପାରିବେ ସେ ଉପରେ ଧ୍ୟାନ ଦେବାକୁ ବ୍ଲକ ସଂଯୋଜକ ସୁନୀଲ ସେଠୀ ବକ୍ତବ୍ୟ ରଖିଥିଲେ । କିପରି ଗ୍ୟାସ ସଂଯୋଗ କରିପାରିବ, କିପରି ନିରାପଦ ଭାବେ ଏହାର ବ୍ୟବହାର କରାଯିବ, କେଉଁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ ସେନେଇ ପ୍ରଶିକ୍ଷକ ଦିଦିମାନଙ୍କୁ ବୁଝାଇଥିଲେ।

### ମହିଳା ସାମାଜିକ କର୍ମୀଙ୍କ ପରଲୋକ

**ମନମୁଣ୍ଡା,୧୨।୨(ଡି.ଏନ.ଏ.):** ମହିଳା ସାମାଜିକ କର୍ମୀ ରଶ୍ମିତା ଦାନୀ (୪୮)ଙ୍କ ସୋମବାର ରାତ୍ରିରେ ପରଲୋକ ହୋଇଯାଇଛି । ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ସ୍ୱାମୀ ଡାକ୍ତର ବୀରେନ୍ଦ୍ର ଦାନୀ ଚିକିତ୍ସା ସେବା କରୁଥିଲେ। ସାମାଜିକ କର୍ମୀ ରଶ୍ମିତା ଅଧ୍ୟାପିକା ଚାକିରୀ ଛାଡି ସ୍ୱାମୀଙ୍କ ସହ ସମାଜସେବା କରୁଥିଲେ। ସୋମବାର ରାତ୍ରିରେ ମୟୂରଉଡାନ ଗ୍ରାମରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଦଶମ ଶ୍ରେଣୀ ପଢୁଥିବା ତାଙ୍କ ପୁଅ ଜଗନ ମୁଖାଗ୍ନି ଦେଇଥିଲେ। ଜଗନର ଏଚ୍‌ଏସ୍‌ସି ପରୀକ୍ଷା ଆଉ ୭ ଦିନ ଥିବାବେଳେ ମା'ଙ୍କୁ ହରାଇ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷେ ସାମାଜିକ କର୍ମୀ ରଶ୍ମିତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜିଲା ପ୍ରଶାସନର ହସ୍ତକ୍ଷେପ: ବିଦ୍ୟାଳୟରୁ ଖୋଲିଲା ତାଲା

**ବୌଦ୍ଧ,୧୨।୨(ସ୍ୱ.ପ୍ର.):** ବିଦ୍ୟାଳୟର ଜମି ଚିହ୍ନଟ ଦାବିରେ ପରିଚାଳନା କମିଟି ପକ୍ଷରୁ ୨ଦିନ ଧରି ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଫଳରେ ବିଦ୍ୟାଳୟ ବନ୍ଦ ରହିବା ସହ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ଉପୁଜିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଲଲାଟେନ୍ଦୁ ସି ବିଦ୍ୟାଳୟ ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। ଆଲୋଚନା ବେଳେ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ବିଦ୍ୟାଳୟ ଜମି ଚିହ୍ନଟ ପାଇଁ ହୋଇଥିବା ଆବେଦନର କାଗଜାତ ଦେଖାଯାଇଥିଲା। ହେଲେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦ ସ୍ୱରୁପ ପରିଚାଳନା କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଥିବା କୁହାଯାଇଥିଲା। ତହସିଲଦାର ସମସ୍ତ ରେକର୍ଡପତ୍ର ଯାଞ୍ଚ କରି ଜବରଦଖଲକାରୀଙ୍କୁ ହଟାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ସରିଲା ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ

# ଶେଷ ଦିନରେ ୯ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ୪ର୍ଥ ସଂସ୍କରଣ ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପ୍ରଦର୍ଶିତ ୯ ଚଳଚ୍ଚିତ୍ର ମଧ୍ୟରେ ଓଡ଼ିଆ କ୍ଷୁଦ୍ର ଚଳଚ୍ଚିତ୍ର 'ରସଗୋଲା' ରହିଥିଲା। ସ୍ୱରାଜ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ଲାଗିରହିଥିବା ରସଗୋଲା ବିବାଦକୁ ନେଇ ହୋଇ ନ ଥିଲା। ବରଂ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ରସଗୋଲାର ଗୁରୁତ୍ୱ ତଥା ସମସ୍ତ ଉତ୍ସବରେ କିପରି ଏହାର ବ୍ୟବହାର କରାଯାଏ, ତାହାକୁ ନେଇ ଚଳଚ୍ଚିତ୍ରଟି ପର୍ଯ୍ୟବସିତ ହୋଇଥିଲା। ମହୋତ୍ସବର ଶେଷ ପ୍ରଦର୍ଶିତ ଚଳଚ୍ଚିତ୍ର ଥିଲା 'ଡ୍ୟାନ୍‌ସର'। ଏହି କ୍ଷୁଦ୍ର ହିନ୍ଦୀ ଚଳଚ୍ଚିତ୍ରରେ ଜଣେ ବାର୍ ଡ୍ୟାନ୍‌ସର କିଭଳି ତା' ଜୀବନରେ ସଂଘର୍ଷ କରି ଏକ ସମ୍ମାନସ୍ପଦ ନୃତ୍ୟ ପ୍ରତିଯୋଗିତାର ବିଜେତା ହୋଇପାରିଛି, ତାହାକୁ ଅତି ସୁନ୍ଦର ଭାବେ ଦର୍ଶାଯାଇଥିଲା। ଚଳଚ୍ଚିତ୍ରର ମୁଖ୍ୟ ନାୟକ କୁହେଲି ରଏ ଚୌଧୁରୀ କୁହନ୍ତି, ଚରିତ୍ରକୁ ନ୍ୟାୟ ଦେବା ପାଇଁ ମୁଁ ବାର୍ ଯାଇଥିଲି ଏବଂ ଡ୍ୟାନ୍‌ସରଙ୍କୁ ନିରୀକ୍ଷଣ କରୁଥିଲି। ସେମାନେ ସାମ୍ନା କରୁଥିବା ସମସ୍ୟାକୁ ନିଜେ ଅନୁଭବ କରିଥିଲି।

ଏହି ଅବସରରେ ହିନ୍ଦୀ ଚଳଚ୍ଚିତ୍ର 'ତାସି'କୁ ଶ୍ରେଷ୍ଠ ଫିଚର ଫିଲ୍ମ(ଅନ୍ତର୍ଜାତୀୟ) ଭାବେ ପୁରସ୍କୃତ କରାଯାଇଥିବା ବେଳେ ଉଜ୍‌ବେକିସ୍ତାନର 'ଟି' ଚଳଚ୍ଚିତ୍ର ପାଇଁ ସୋକିର ଖଲିକୋଭ୍‌ଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ(ଅନ୍ତର୍ଜାତୀୟ), ଏହି ଚଳଚ୍ଚିତ୍ରର ଅଦ୍‌ଖାମ୍ ୟୁସୁଆଲିୟେଭ୍‌ଙ୍କୁ ଶ୍ରେଷ୍ଠ ଅଭିନେତା, 'ପାଓ' ଚଳଚ୍ଚିତ୍ରର ତସ୍ମିତା ପଟେଲଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଓ ମରାଠୀର 'ଏକ୍ ରୁପାୟେନ୍‌ଚି ଯାତ୍ରା'କୁ ଶ୍ରେଷ୍ଠ ଫିଚର ଫିଲ୍ମ(ଭାରତୀୟ) ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ଓଡ଼ିଆ ଚଳଚ୍ଚିତ୍ର 'ଶନି-ଦ ରିଭର ଅଫ୍ ମହାନଦୀ'କୁ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର(ଭାରତୀୟ) ଓ ରୁଷିଆର 'ମିକ୍'କୁ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର(ଅନ୍ତର୍ଜାତୀୟ) ଭାବେ ପୁରସ୍କାର ଦିଆଯାଇଥିଲା। ପୁରସ୍କାର ବାବଦରେ ଶ୍ରେଷ୍ଠ ଫିଚର ଫିଲ୍ମକୁ ୩୦ହଜାର ଟଙ୍କା, ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ରକୁ ୧୦ହଜାର, ଶ୍ରେଷ୍ଠ ନିର୍ଦ୍ଦେଶକ ପାଇଁ ୧୦ହଜାର, ଶ୍ରେଷ୍ଠ ଅଭିନେତ୍ରୀ ପାଇଁ ୧୦ହଜାର ଓ ଶ୍ରେଷ୍ଠ ଅଭିନେତା ପାଇଁ ୧୦ହଜାର ଟଙ୍କା ଲେଖାଏ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଚାରିଟେବୁଲ୍ ଟ୍ରଷ୍ଟ ସଭାପତି ପ୍ରିୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅରୁଣ ସାହୁ, ପ୍ରଯୋଜକ ସତୀଶ ପୂଜାରୋଓ, ବିଦେଶୀ ପ୍ରତିନିଧି ଚଲପନ୍ ଇଦ୍ରିସୋଭା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ୪ଦିନ ଧରି ଚାଲିଥିବା ଏହି ଚଳଚ୍ଚିତ୍ର ମହୋତ୍ସବର 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ମିଡିଆ ପର୍ଟନର ରହିଥିଲେ।



ଗୋଲ୍‌ଡେନ୍ ଟ୍ରାଏଙ୍ଗଲ୍ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବର ଉଦ୍‌ଯାପନୀ ଦିବସରେ ପୁରସ୍କାର ସହ ବିଭିନ୍ନ ଚଳଚ୍ଚିତ୍ରର ଅଭିନେତ୍ରୀ-ଅଭିନେତା, ପ୍ରଯୋଜକ, ନିର୍ଦ୍ଦେଶକ ଓ ଅତିଥିମାନେ।

## ଆରମ୍ଭ ହେଲା ଖଣ୍ଡଗିରି ଉଦୟଗିରି ମହୋତ୍ସବ

**ଭୁବନେଶ୍ୱର,୧୨।୨(ବ୍ୟୁରୋ)**

ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଖଣ୍ଡଗିରି-ଉଦୟଗିରି ମହୋତ୍ସବ। ଖଣ୍ଡିଗିରି ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ପଣ୍ଡା କହିଲେ, ଖଣ୍ଡଗିରି ଓ ଉଦୟଗିରିର ଜୈନ ଗୁମ୍ଫା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ରାଜା ଐର ଖାରବେଳଙ୍କର ଏହି ସ୍ମୃତି ସର୍ବଦା ଓଡ଼ିଆମାନଙ୍କୁ ଗୌରବାନ୍ୱିତ କରିଛି। ପଥରରେ ଖୋଦିତ ଆକର୍ଷଣୀୟ କାରୁକାର୍ଯ୍ୟ ଦେଖଣାହାରୀଙ୍କୁ ସବୁବେଳେ ଚକିତ କରିଆସିଛି। ଓଡ଼ିଶାର ପାରମ୍ପରିକ ଲୋକକଳା, ଭାସ୍କର୍ଯ୍ୟକୁ ଲୋକଲୋଚନକୁ ଆଣି ଦେଶ ଓ ବିଦେଶରୁ ପର୍ଯ୍ୟଟକମାନଙ୍କୁ ଓଡ଼ିଶା ପ୍ରତି ଆକୃଷ୍ଟ କରିବା ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଭୁବନେଶ୍ୱର ମଧ୍ୟ ବିଧାୟକ ବିଜୟ କୁମାର ମହାନ୍ତି, ପୂର୍ବତନ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା, ପୂର୍ବତନ ବରମୁଣ୍ଡା କର୍ପୋରେଟର ସୁଜିତ ସ୍ୱାଇଁ, ପୂର୍ବତନ ଘାଟିକିଆ କର୍ପୋରେଟର ଦିଲୀପ ମାଝୀ, ଆଇଗିଣିଆର ପୂର୍ବତନ କର୍ପୋରେଟର ଅଶ୍ୱନୀ ସୁନ୍ଦରାୟ ଓ ପୋଖରୀପୁଟର ପୂର୍ବତନ କର୍ପୋରେଟର ହୃଦୟବଲ୍ଲଭ ସୁନ୍ଦରାଏ ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭାପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ ସହ ନୃତ୍ୟର ଯୁଗଳବନ୍ଦୀ ଦେଖିବାକୁ ମିଳିଥିଲା। ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ରହିଛି ସୁସ୍ୱାଦୁ ଖାଦ୍ୟ ମେଳା। ଏହାବ୍ୟତୀତ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସାମଗ୍ରୀକୁ ନେଇ ସ୍ୱତନ୍ତ୍ର ମେଳା ଏବଂ ଲଳିତକଳା ଏକାଡ଼େମୀ ଦ୍ୱାରା ପ୍ରଦର୍ଶିତ ଚିତ୍ରକଳା ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି। ସେହିଭଳି ପର୍ଯ୍ୟଟକମାନଙ୍କ ସୂଚନା ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ସଂସ୍କୃତି ବିଭାଗ ଦ୍ୱାରା ଷ୍ଟଲର ବ୍ୟବସ୍ଥା କରାଯାଇଛି।


ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମୋ ଭବିଷ୍ୟତ ସୁରକ୍ଷା ସାକ୍ଷର ଅଭିଯାନ

**ବାମରା, ୧୨।୨ (ସ୍ୱ.ପ୍ର.)**- ସମ୍ବଲପୁର ଜିଲା ବାମରାଠାରେ ବିଜେଡି ପକ୍ଷରୁ ମୋ ଭବିଷ୍ୟତ ସୁରକ୍ଷା ସାକ୍ଷର ଅଭିଯାନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୧ଟାରୁ ବିଜେଡିର ଯୁବ ନେତା ଆକାଶ ଦିକ୍ଷୀତଙ୍କ ନେତୃତ୍ୱରେ ସ୍ଥାନୀୟ ସରକାରୀ ଡାକ ବଙ୍ଗଳା ସାମନାରୁ ଏକ ଶୋଭାଯାତ୍ରା ବାହାରି ବସଷ୍ଟାଣ୍ଡ, ଷ୍ଟେସନ ବସ୍ତି ମୁଖ୍ୟ ବଜାର, ବିଜୁ ପଟ୍ଟନାୟକ ଛକ ଦେଇ ଟିଏଫ କଲେଜ ନିକଟସ୍ଥ ପଡିଆରେ ପହଞ୍ଚିଥିଲେ। ପୂର୍ବତନ ବ୍ଲକ ସଭାପତି ଅରବିନ୍ଦ ସାହୁଙ୍କ ସଭାପତିରେ ଆୟୋଜିତ ସଭାରେ ଜିଲା ଯୁବ ବିଜେଡି ସଭାପତି ସୁବାଷ ଦାଶ, ବିଜୁ ଛାତ୍ର ଜନତା ଦଳର ସିଦ୍ଧାର୍ଥ ମହାନ୍ତି, ସମ୍ବଲପୁର ଜୋନ ସଭାପତି ବୈକୁଣ୍ଠ ନାଏକ, ବାମରା ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ବ୍ଲକ ସଭାପତି ରାଜୁ ଶୁକ୍ଳା, କୁଚିଣ୍ଡା ବ୍ଲକ ସଭାପତି ଅମୂଲ୍ୟ ମିଶ୍ର, ଅଭିଳାଷ ଅଗ୍ରୱାଲ, ଜୋନ ସମ୍ପାଦକ ସୟଦ ସହାବୁଦ୍ଦିନ, ବରିଷ୍ଠ ନେତା ଭୁବନେଶ୍ୱର କିସାନ, କୁନା ଦାଶ, ପ୍ରଦୀପ ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଅନୁସୂଚୀତ ଜାତିର ଛାତ୍ରୀଛାତ୍ରଙ୍କ ଛାତ୍ରବୃତ୍ତି ହଠାତ୍ ଉଚ୍ଛେଦ କରାଯାଇଥିବାରୁ ବିକ୍ଷୋଭ ତଥା ଉଦ୍‌ବେଗ ପ୍ରକାଶ କରାଯାଇଥିଲା

### ଭାରସାମ୍ୟ ହରାଇ ଓଲଟିଲା ବସ

## ୫ ଗୁରୁତର, ୧୦ ଆହତ

**ସମ୍ବଲପୁର, ୧୨।୨ (ବ୍ୟୁରୋ)**

ସମ୍ବଲପୁରଠାରୁ ଯାତ୍ରୀ ନେଇ ପଡିଆବଡମାଲ ଗ୍ରାମକୁ ଯାଉଥିବା ଶିବବାବା ନାମକ ଘରୋଇ ବସ ମଙ୍ଗଳବାର ଦୁର୍ଘଟଣା ଘଟିଛି। ଡଙ୍ଗାପାଲ - ବେହେରେନବସା ମଝିରେ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ଦୁର୍ଘଟଣା ଘଟିଥିଲା । ଫଳରେ ବସରେ ଥିବା ୧୫ ଆହତ ହୋଇଛନ୍ତି । ସେମାନଙ୍କୁ ମଧ୍ୟରୁ ଯଶୋବନ୍ତି ଧରୁଆ (୪୭) ଗର୍ଭବତୀ ମହିଳା ରହିଥିବା ସୂଚନା ମିଳିଛି। ଯଶୋବନ୍ତିଙ୍କୁ ୧୦୨ ଆମ୍ବୁଲାନ୍ସରେ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ସ୍ଥାନାନ୍ତରିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗୋପାଳ ରଣା (୨୬), ଅଜିତ ଗୁପ୍ତା (୧୩), ଜଗଦାନନ୍ଦ ଧରୁଆ (୫୫), ମଞ୍ଜୁଲତା ଧରୁଆ (୨୧), ପଙ୍କଜିନୀ ଧରୁଆ (୨୩), ସନ୍ତୋଷିନୀ ବାଗ (୫୫), ବିନୋଦ ପ୍ରଧାନ (୨୧), ଲଳିତ ମିଞ୍ଜ (୪୫), ପ୍ରଦୀପ ସାହୁ (୩୫), ସୁକାନ୍ତି ଭୋଇ (୨୫), ଅଞ୍ଜଳି ଧରୁଆ (୪୦), ଫୁଲ ହାତୀପଟ୍ଟା (୪୫), ହାଡୁ ମେହେର (୪୫), ସାଗେ କାଣ୍ଡୁଲାନା (୩୦) ଆହତ ହୋଇଥିଲେ । ସେଥି ମଧ୍ୟରୁ ୫ଜଣଙ୍କୁ ବୁର୍ଲା ଡାକ୍ତରଖାନା ନେଇଥିବା ବେଳେ ୯ଜଣଙ୍କୁ ଯୁଯୁମୁରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଚିକିତ୍ସା କରି ଛଡାଯାଇଥିଲା। ପ୍ରଦୀପଙ୍କ ଦୁଇ ଗୋଡ ଭାଙ୍ଗିଯାଇଥିବା ଜଣାପଡିଛି । ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଲୋକ ଓ ଅଗ୍ନିଶମ ବିଭାଗ ଉଦ୍ଧାର କାଯର୍ୟ କରିଥିଲେ । ହେଲେ ପୋଲିସ ଖବର ପାଇ ମଧ୍ୟ ଉଦ୍ଧାର କାଯର୍ୟ ଶେଷ ହେବାପରେ ପହଞ୍ଚିଥିଲା । ଏହାକୁ ନେଇ ପୋଲିସ ଲୋକଙ୍କୁ ଆକ୍ରୋଶର ଶିକାର ହୋଇଥିଲା । ପରେ ଆହତଙ୍କୁ ପ୍ରଥମେ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରାଥମିକ ଚିକିତ୍ସା ପାଇଁ ନେଇଥିଲେ । ହେଲେ ସେଠାରେ ଡାକ୍ତର ଅନୁପସ୍ଥିତ ରହିଥିଲେ। ଜଣେ ଫାର୍ମସିଷ୍ଟ ଓ ଜଣେ ନର୍ସ ଆହତମାନଙ୍କୁ ଚିକିତ୍ସା କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।


ସମ୍ବଲପୁର ବସ ଦୁର୍ଘଟଣାରେ ଯୁଯୁମୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତମାନେ।



## ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ : କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବିଜେପୁର,୧୧।୨(ଡି.ଏନ.ଏ)**

ବିଜେପୁର ଥାନା ଅଧୀନ ସମଲାଇପଦର ଛକରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରପାଲି ଥାନା ଅନ୍ତର୍ଗତ ବନବାସପାଲି ଗ୍ରାମର ଅର୍ଜୁନ ଗରୁଡ(୬୮)। ପୋଲିସର ସୂଚନା ମୁତାବକ, ଅର୍ଜୁନ ଏକ ସାଇକେଲ ଯୋଗେ ସରଣ୍ଡାପାଲି ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି କାମରେ ଯାଉଥିଲେ। ସେତିକିବେଳେ ସମଲାଇପଦର ଛକରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୁଅ ସତ୍ୟନାରାୟଣ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୨୫/୧୯) ରୁଜୁ କରି ଘଟଣାର ତଦନ୍ତ ଚଲାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆତ୍ମୀୟସ୍ୱଜନ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରି ଏ ଗଣ୍ଡାପାଲି ଛକରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ତହସିଲଦାର ନାରାୟଣ ସାହୁ ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ସମଲାଇପଦର ଛକଠାରୁ ୧୦୦ ମିଟର ଦୂରରେ ଓଆର୍୧୭ ସି-୨୮୧୫ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ପଡି ରହିଥିଲା। ଉକ୍ତ ଟ୍ରାକ୍ଟରରେ ଚାବି ମଧ୍ୟ ଲାଗି ରହିଥିଲା । ସନ୍ଧ୍ୟା ସୁଦ୍ଧା କେହି ଟ୍ରାକ୍ଟରର ଦାବିଦାର ନ ଆସିବାରୁ ଟ୍ରାକ୍ଟରକୁ ଜବତ କରାଯାଇଥିବା ପୋଲିସ କହିଛି।

## ଭାରତ ରତ୍ନର ଅପବ୍ୟବହାର ହେଲେ ଫେରାଇ ନିଆଯିବ

**ନୂଆଦିଲ୍ଲୀ,୧୨।୨(ପି.ଟି.)**

ଭାରତ ରତ୍ନ ଓ ପଦ୍ମ ପୁରସ୍କାରଗୁଡ଼ିକ ଉପାଧି ନୁହେଁ। ଏହି ସମ୍ମାନଗୁଡ଼ିକୁ ନାମର ପୂର୍ବରୁ ବା ପରେ ବ୍ୟବହାର କରାଯାଇପାରିବ ନାହିଁ। ଏହାର ଅପବ୍ୟବହାର କରାଗଲେ ତାକୁ ଫେରାଇ ନିଆଯିବ ବୋଲି ମଙ୍ଗଳବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଲୋକ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ହଂସରାଜ ଅହିର ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୮(୧) ଅନୁସାରେ ଭାରତ ରତ୍ନ, ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ କୌଣସି ଉପାଧି ନୁହେଁ। ତେଣୁ ଏହାକୁ ନାମ ପୂର୍ବରୁ ବା ପରେ ବ୍ୟବହାର କରା ନ ଯାଉ।

## ପ୍ରିୟଙ୍କାଙ୍କୁ ୪୧ ଆସନର ଦାୟିତ୍ୱ

**ନୂଆଦିଲ୍ଲୀ/ଲକ୍ଷ୍ନୌ,୧୨।୨(ପି.ଟି.)**

କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ମଙ୍ଗଳବାର ଉତ୍ତରପ୍ରଦେଶ(ୟୁପି)ର ଦୁଇ ପ୍ରଭାରୀଙ୍କୁ ସାଧାରଣ ନିର୍ବାଚନ ପାଇଁ ଆସନ ଭାଗବଣ୍ଟା କରି ଦେଇଛନ୍ତି। ଏଆଇସିସିର ପୂର୍ବ ୟୁପିର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଦାୟିତ୍ୱରେ ୪୧ ଲୋକ ସଭା ଆସନ ପଡ଼ିଛି। ପ୍ରିୟଙ୍କାଙ୍କ ଦାୟିତ୍ୱରେ ଥିବା ପ୍ରମୁଖ ଆସନଗୁଡ଼ିକ ହେଲା ଅମେଠି, ରାଏବରେଲି, ସୁଲ୍‌ତାନପୁର, ଗୋରଖପୁର, ବାରାଣସୀ, ଫୁଲପୁର, ଆଲ୍ଲାହାବାଦ, ବରାବାଙ୍କି ଓ କୁସିନଗର। ସେହିପରି ପଶ୍ଚିମ ୟୁପି ସାଧାରଣ ସମ୍ପାଦକ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ କୈରାନା, ମୁଜାଫରନଗର, ମୋରାଦାବାଦ, ମଥୁରା, କାନପୁର ସମେତ ୩୯ ଆସନର ଦାୟିତ୍ୱ ଦିଆଯାଇଛି।

## ୩୦ହଜାର ଟଙ୍କା ଲାଞ୍ଚ ନେଇ ସବ୍‌ଇନ୍ସପେକ୍ଟର ଗିରଫ

**କଟକ ଅଫିସ, ୧୨।୨**

୩୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖୋର୍ଦ୍ଧା ଜିଲା ଧଉଳି ଥାନାର ସବ୍‌ଇନ୍ସପେକ୍ଟର ପ୍ରଦୀପ କୁମାର ମହଲା। ମଙ୍ଗଳବାର ସେ ଏହି ଲାଞ୍ଚ ପିପିଲି ଥାନା ଅଧୀନ ଉତ୍ତରା ଛକ ଅଞ୍ଚଳର ଜ୍ୟୋତିର୍ମୟ ପାଣିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ପାଣିଙ୍କର ଏକ ଜମି ବିବାଦକୁ ସମାଧାନ କରିବା ନିମନ୍ତେ ସବ୍‌ଇନ୍ସପେକ୍ଟର ମହଲା ଏହି ଲାଞ୍ଚ ଦାବି କରିଥିଲେ। ଥାନା ଭିତରେ ପାଣିଙ୍କଠାରୁ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ସେଲ୍‌ର ଅଧିକାରୀମାନେ ମହଲାଙ୍କୁ କାବୁ କରିଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ମହଲାଙ୍କ ନଖଉରପାଟଣାଠାରେ ଥିବା ଘର ଓ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଚରକପଦା ଗ୍ରାମରେ ଥିବା ଘରକୁ ଏକକାଳୀନ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ଭିଜିଲାନ୍ସ ସେଲ୍ ଥାନାରେ ୩/୧୯ରେ ଏକ ମାମଲା ରୁଜୁ କରାଯାଇ ମହିଳାଙ୍କୁ ଗିରଫ କରାଯାଇଛି ।

# ରାଫାଲକୁ ନେଇ ବାକ୍‌ଯୁଦ୍ଧ

**ନୂଆଦିଲ୍ଲୀ,୧୨।୨(ପି.ଟି.)**

ରାଫାଲ ଯୁଦ୍ଧବିମାନ କିଣା ଚୁକ୍ତିରେ ଦୁର୍ନୀତିକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏହି ପ୍ରସଙ୍ଗରେ ମଙ୍ଗଳବାର ବାକ୍‌ଯୁଦ୍ଧ ତେଜିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭୂମିକାକୁ ନେଇ ପୁଣି ଟାର୍ଗେଟ କରିଛନ୍ତି। ସେ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କୁ ସନ୍ଦେହର କାଠଗଡ଼ାରେ ଛିଡ଼ା କରିଥିବାବେଳେ ଭାଜପା ଓ କେନ୍ଦ୍ର ସରକାର ଏହାର ଜବାବରେ ରାହୁଲଙ୍କୁ ସମାଲୋଚନା କରିଛନ୍ତି।

ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ପ୍ରଧାନମନ୍ତ୍ରୀ ରାଫାଲ ଚୁକ୍ତିରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କ ମଧ୍ୟସ୍ଥ ଭାବେ କାର୍ଯ୍ୟ କରି ଦେଶଦ୍ରୋହ କରିଛନ୍ତି। କାରଣ ଏକ ଇ-ମେଲ୍‌ରୁ ଜଣାପଡ଼ିଛି ଯେ, ଅନିଲ ଫ୍ରାନ୍ସର ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଜିନ୍-ୱାଇଭେସ୍ ଲେ ଡ୍ରିଏନ୍‌ଙ୍କ ଅଫିସ୍‌କୁ ପୂର୍ବରୁ ଯାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ଗସ୍ତବେଳେ ସ୍ୱାକ୍ଷର ହେବାକୁ ଥିବା ଏମ୍‌ଓୟୁ ପ୍ରସ୍ତୁତି ନେଇ ସେ ଡ୍ରିଏନ୍‌ଙ୍କୁ କହିଥିଲେ। ଡିଲ୍ ପୂର୍ବରୁ ଏନେଇ ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ଓ ବହିର୍ବ୍ୟାପାର ସଚିବ ଏସ୍. ଜୟଶଙ୍କର କିଛି ଜାଣି ନ ଥିବାବେଳେ ଅନିଲ କିପରି ଜାଣିଥିଲେ। ମୋଦି ଅଫିସିଆଲ୍ ସିକ୍ରେଟ୍ ଆକ୍ଟ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଉ ବୋଲି ରାହୁଲ ଦାବି କରିଛନ୍ତି। ଅନ୍ୟପକ୍ଷରେ ଭାଜପା ଏହାକୁ ଖଣ୍ଡନ କରିଛି। ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ରାହୁଲ ବିଦେଶୀ କମ୍ପାନୀଗୁଡ଼ିକ ପାଇଁ ଲବିଷ୍ଟ ଭାବେ କାମ କରୁଛନ୍ତି। ଏୟାରବସ୍ ଏକ୍‌ଜିକ୍ୟୁଟିଭ୍ ନିକୋଲାସ୍ ଚାମୁସେଙ୍କ ୨୦୧୫ ମାର୍ଚ୍ଚ ୨୮ର ଇ-ମେଲ୍ ରାଫାଲ ପ୍ରସଙ୍ଗରେ ନୁହେଁ, ତାହା ଏକ ହେଲିକପ୍ଟର ଡିଲ୍ ସମ୍ପର୍କରେ ଥିଲା। ତେଣୁ ରାହୁଲଙ୍କ ଅଭିଯୋଗ ଲଜ୍ଜାଜନକ ଓ ଦାୟିତ୍ୱହୀନ। ସେ ମିଛ କାରଖାନା ଭଳି କାର୍ଯ୍ୟ କରୁଛନ୍ତି। କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଛନ୍ତି, ବୁଡ଼ିଯାଉଥିବା ଏକ ବଂଶକୁ ଉଦ୍ଧାର କରିବା ପାଇଁ କଂଗ୍ରେସ ରାଫାଲ ପ୍ରସଙ୍ଗରେ ମିଛର ଆଶ୍ରୟ ନେଉଛି। ସିଏଜି ରାଜୀବ ମେହେର୍ଷିଙ୍କ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ରାହୁଲଙ୍କ ଅଭିଯୋଗ ଅବାସ୍ତବ ବୋଲି ଜେଟ୍‌ଲି ଫେସ୍‌ବୁକ୍‌ରେ ପୋଷ୍ଟ କରିଛନ୍ତି। ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ମଧ୍ୟ ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ କରିଛି। ପ୍ରସ୍ତାବିତ ଏମ୍‌ଓୟୁ ମେକ୍ ଇନ୍ ଇଣ୍ଡିଆ ଅଧୀନ ଏୟାରବସ୍ ହେଲିକପ୍ଟର ସମ୍ପର୍କରେ ଉଦ୍ଦିଷ୍ଟ ଥିଲା। ରାଫାଲ ସହିତ ଏହାର କିଛି ସମ୍ପର୍କ ନାହିଁ ବୋଲି କମ୍ପାନୀ ପକ୍ଷରୁ ଏକ ବିବୃତିରେ ସ୍ପଷ୍ଟୀକରଣ ଦିଆଯାଇଛି।





କେହି ଧାର୍ମିକ କି ଅଧାର୍ମିକ ପରୀକ୍ଷା କରିବାକୁ ହେଲେ ପ୍ରଥମେ ଦେଖିବାକୁ ହେବ ଯେ ସେହି ବ୍ୟକ୍ତି କେତେଦୂର ସ୍ୱାର୍ଥପର।
- ସ୍ୱାମୀ ବିବେକାନନ୍ଦ



# ତାତିଲେ ଦୁଗ୍ଧ ଚାଷୀ, ଦାବି ପୂରଣ ନ ହେଲେ ଆନ୍ଦୋଳନ

ବରଗଡ଼ ଅଫିସ୍,୧୨।୨

ଦୁଗ୍ଧଚାଷୀଙ୍କ ପ୍ରତି ସରକାର ଅଣଦେଖା କରି ଚାଲିଛନ୍ତି । ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ଏହି କ୍ରମରେ ମଙ୍ଗଳବାର ପଶ୍ଚିମ ଓଡ଼ିଶା ଦୁଗ୍ଧ ଉତ୍ପାଦକ କୃଷକ ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ୮ଦଫା ଦାବି ରହିଛି। ଦାବି ପୂରଣ କରା ନ ଗଲେ ଆଗକୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ପଶ୍ଚିମ ଓଡ଼ିଶା ଦୁଗ୍ଧ ଉତ୍ପାଦକ କୃଷକ ସଂଘ ଚେତାବନୀ ଦେଇଛି। ପୂର୍ବ ନିର୍ଦ୍ଧାରୀତ କାର୍ଯ୍ୟକ୍ରମ ଅନୁଯାୟୀ, ମହାସଂଘର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ସ୍ଥାନୀୟ ଲୋକ ମଣ୍ଡପ ପଡ଼ିଆରେ ସମବେତ ହୋଇଥିଲେ । ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳ ଅଫିସ ଅଭିମୁଖେ ଯାଇଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ।

ଦୀର୍ଘ ୪ବର୍ଷ ହେଲା ସରକାର ସମସ୍ତ କୃଷିଜାତ ଦ୍ରବ୍ୟ ଉପରେ କି.ଗ୍ରା ପ୍ରତି ୪ଟଙ୍କାରୁ ୧୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ମାତ୍ର ଦୁଗ୍ଧ ଉପରେ କିଛି ବୃଦ୍ଧି କରି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ସର୍ବଭାରତୀୟସ୍ତରରେ ଦୁଗ୍ଧର ଘୃତକୁ ଏକକ କରି ମୂଲ୍ୟ ନିର୍ଦ୍ଧାରଣ କରି ଦୁଗ୍ଧର ସର୍ବନିମ୍ନ ମୂଲ୍ୟ କି.ଗ୍ରା ପ୍ରତି ୩୫ଟଙ୍କା ବୃଦ୍ଧି କରିବାକୁ ଦାବି ହୋଇଛି । ସେହିପରି ଦୁଗ୍ଧ ଉତ୍ପାଦକ ସମିତିର ସମସ୍ତ ପରିଚାଳନା ଖର୍ଚ୍ଚଭାର ଚାଷୀଙ୍କ ଉପରୁ ଉଚ୍ଛେଦ କରି ଓମଫେଡ୍ କିମ୍ବା ଓଡ଼ିଶା ସରକାର ବହନ କରୁ ବୋଲି ସ୍ମାରକପତ୍ରରେ ଦାବି କରାଯାଇଛି । ବର୍ତ୍ତମାନ ଚାଲୁଥିବା ଉତ୍ତାପ ତାଲିକାକୁ ସର୍ବଭାରତୀୟ ସ୍ତରରେ ସମାନ କରାଯିବା, ଦୀର୍ଘ ୨ବର୍ଷ ହେଲା ଓଡ଼ିଶାର ଚାଷୀମାନଙ୍କଠାରୁ ଉତ୍ତାପ ବାହାନାରେ କୋଟିକୋଟି ଟଙ୍କାକୁ ଚାଷୀଙ୍କୁ ଫେରସ୍ତ କରାଯିବା ପାଇଁ ମଧ୍ୟ ଦାବି ହୋଇଛି । ଏହା ସହିତ ରାଜ୍ୟରେ ଗୁଣ୍ଡଦୁଗ୍ଧ କାରଖାନା ସ୍ଥାପନ ନ କରି ଅନ୍ୟରାଜ୍ୟକୁ ଗୁଣ୍ଡଦୁଗ୍ଧ ପାଇଁ ପରିବହନ ଖର୍ଚ୍ଚ ଆଳରେ ଚାଷୀଙ୍କଠାରୁ କାଟି ରଖିଥିବା ଟଙ୍କା ଫେରସ୍ତ କରାଯିବା, ଗତ ୨୦୧୬ରେ ଘୋଷଣା କରିଥିବା ବୋନସ ଟଙ୍କା ପ୍ରଦାନ, ଯେଉଁ ସମୟରେ ଯେତେ କ୍ଷୀର ଉତ୍ପାଦନ ହେବ, ସେହି କ୍ଷୀରକୁ କିଣାଯାଉ ଏବଂ ଓମଫେଡର ଲାଭାଂଶ ପ୍ରତିମାସରେ ପତ୍ରପତ୍ରିକାରେ ପ୍ରକାଶ କରି ସମିତିଗୁଡ଼ିକୁ ଜଣାଇ ଦେବା ପାଇଁ ମହାସଂଘ ଦାବି କରିଛି । ବରଗଡ଼ ଜିଲା ଦୁଗ୍ଧ ଉତ୍ପାଦକ କୃଷକ ସଂଘ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବରଗଡ଼ ଜିଲା ଦୁଗ୍ଧ ଉତ୍ପାଦକ ସଂଘର ସଭାପତି ସୁରେଶ୍ୱର ଶତପଥୀ, ସମ୍ପାଦକ ଜନ୍ମେଜୟ ମିଶ୍ର, ସମ୍ବଲପୁର ଜିଲା ସଭାପତି କୁଶଧ୍ୱଜ ଚୌଧୁରୀ, ଭୀମ ବାରିକ, କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ନବକିଶୋର ମେହେର, ଯୁଗ୍ମ ସମ୍ପାଦକ କୁବେର ପ୍ରଧାନ, ଜନ୍ମେଜୟ ସାହୁ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।





ବରଗଡ଼ ଜିଲାପାଳକୁ ପଶ୍ଚିମ ଓଡ଼ିଶା ଦୁଗ୍ଧ ଉତ୍ପାଦକ କୃଷକ ମହାସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି (ବାମ)। ଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ।

## ସଂକ୍ଷେପରେ

### ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜାମଟିକ୍ରା,୧୨।୨(ଡି.ଏନ.ଏ.)- ଅତାବିରା ବ୍ଲକ ଅଧୀନ ବୁଗବୁଗା ପଞ୍ଚାୟତ ଗରିଆଟିକ୍ରା ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୨ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାଲା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପତ୍ରାପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ନରେଶ ପ୍ରଧାନ ମୁଖ୍ୟଅତିଥି, ଲମ୍ବୋଦର ମଲ୍ଲିକ, ବାବାଜୀ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଧୁସୂଦନ ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦିନେଶ କୁମାର ମହାକୁର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବୃତ୍ତି ଓ ମେଧାପରୀକ୍ଷାରେ ସଫଳ ଅର୍ଜନ କରିଥିବା ସେଲୋନୀ ପଧାନ, ତୁଷାରକାନ୍ତ କର୍ଣ୍ଣ ଓ ଆୟୁଷ ଭୁଏଙ୍କୁ ପୁରସ୍କୃତ କରାଯାଇଥିଲା। ଧରମ ନାଏକଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶେଷରେ ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ସୁନା ଗହଣା ସହ ଟଙ୍କା ଚୋରି

ବରଗଡ଼ ଅଫିସ୍,୧୧।୨- ବରଗଡ଼ ସହରର ୱାର୍ଡ଼ ନଂ-୯ ବିଶି କଲୋନୀରେ ରହୁଥିବା ସାଧୁଚରଣ ଜେନାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରୁ ନଗଦ ୪୦ହଜାର ଟଙ୍କା ସହ ୫ଭରି ଓଜନରୁ ଉର୍ଦ୍ଧ୍ୱ ସୁନା ଗହଣା, ଏଟିଏମ୍ କାର୍ଡ଼ ଆଦି ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ଏ ନେଇ ଟାଉନ ଥାନା ପୋଲିସ ଏକ ମାମଲା(ନଂ.୬୮/୧୯) ରୁଜୁ କରିଛି। ପୋଲିସ ଅନୁସନ୍ଧାନୀ କୁକୁର ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରକାଶ ଯେ, ସାଧୁଚରଣଙ୍କ ପରିବାର ଲୋକେ ଗତ ବୁଧବାର କୌଣସି କାମରେ ବାଲେଶ୍ୱର ଯାଇଛନ୍ତି। କେହି ନ ଥିବା ବେଳେ ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ଘରେ ପଶି ନଗଦ ଟଙ୍କା ସହ ସୁନା ଗହଣା ଚୋରି କରି ନେଇଛନ୍ତି ।

## ଲରମ୍ଭା କଲେଜରେ ବିଶ୍ୱ କୃମିନାଶକ ଦିବସ ପାଳିତ



ଅଧ୍ୟାପିକା, ଅଧ୍ୟାପକମାନେ ଛାତ୍ରୀଛାତ୍ରମାନଙ୍କୁ କୃମିନାଶକ ଔଷଧ ବିତରଣ କରୁଛନ୍ତି।

ଅତାବିରା,୧୨।୨(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ବ୍ଲକ ଅଧୀନ ଲରମ୍ଭା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଶ୍ୱ କୃମିନାଶକ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଙ୍ଗାଧର ଚୱାନ କୃମିନାଶକ ଔଷଧ ସେବନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ଏଥିରେ ଜାତୀୟ ସେବା ସଂସ୍ଥା ଅଧିକାରୀ ଡ. ପ୍ରମୋଦ କୁମାର ଭୋଇ, ଡ. ଅଜିତ କୁମାର ନାଥ, ଅଧ୍ୟାପିକା ସଂଘମିତ୍ରା ମହାକୁର ପ୍ରମୁଖ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କୃମିନାଶକ ଔଷଧ ବଣ୍ଟନ କରିଥିଲେ। ଅଧ୍ୟାପକ ପବିତ୍ର ମାହାଣା, କ୍ଲାର୍କ ପ୍ରମୋଦ ସେଠ, ରତନ କୁମାର ଶର୍ମା କୃମିନାଶକ ଔଷଧର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ୮ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ କୃମି ଔଷଧ ବିତରଣ କରାଯାଇଥିଲା।

## ବ୍ଲକସ୍ତରୀୟ ବାଲମେଳା

ଭଟଲି,୧୨।୨(ଡି.ଏନ.ଏ.)– ବରଗଡ଼ ଜିଲା ଭଟଲି ଶାନ୍ତି ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲମେଳା ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଖମାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ଚେପାଦାର ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଉଦ୍‌ଘାଯନ କରିଥିଲେ। ଏହି ଅବସରରେ ସେ ଉପସ୍ଥିତ ଶିକ୍ଷାର୍ଥିମାନଙ୍କୁ କହିଥିଲେ ଯେ, କୌଣସି ବିଷୟରେ ସନ୍ଦେହ ଥିଲେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ସହପାଠୀମାନଙ୍କ ସାହାଯ୍ୟ ନେବା ଉଚିତ୍ ବୋଲି ମତ ବ୍ୟକ୍ତ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଇଓ ଛତ୍ରପତି ସାହୁ, ଏସିସି ଟ୍ରଷ୍ଟ ବିଦ୍ୟା ଉତ୍କର୍ଷର ଜିଲା ସଂଯୋଜକ ମୋହନ ଚାନ୍ଦ ପଧାନ, କ୍ଲଷ୍ଟର ସଂଯୋଜକ ପ୍ରଦୀପ ମହାପାତ୍ର, ଏବିଇଓ ଅରୁଣ କୁମାର ବେହେରା, ପ୍ରଫୁଲ୍ଲ କୁମାର ନନ୍ଦ, ସିଆର୍‌ସିସି ଜୟଦ୍ରଥ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶିକ୍ଷାର୍ଥିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଗଣିତ, ବିଜ୍ଞାନ, ଇଂଲିଶ, ସୁସ୍ଥ ପରିବେଶ, କମ୍ପ୍ୟୁଟର ଶିକ୍ଷା ସମ୍ବନ୍ଧିୟ ବିଭିନ୍ନ ଷ୍ଟଲ ଖୋଲାଯାଇଥିଲା। ଷ୍ଟଲଗୁଡ଼ିକରେ ଛାତ୍ରୀମାନେ ବିଭିନ୍ନ ପ୍ରକାର ପ୍ରକଳ୍ପ ପ୍ରସ୍ତୁତ କରି ଉପସ୍ଥିତ ଶିକ୍ଷାର୍ଥିମାନଙ୍କୁ ବିଭିନ୍ନ ପ୍ରକାର ଶିକ୍ଷା ଗ୍ରହଣର କୌଶଳ ଶିଖାଇଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପାର୍ବତୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ମକ୍‌ଡ୍ରିଲ୍



ଅଗ୍ନଶମ ବିଭାଗ କର୍ମଚାରୀମାନେ ଛାତ୍ରୀଛାତ୍ରମାନଙ୍କୁ ନିଆଁ ଲଭାଇବାର କୌଶଳ ପ୍ରଦର୍ଶନ କରୁଛନ୍ତି।

ପଦ୍ମପୁର,୧୨।୨(ଡି.ଏନ.ଏ.)

ପଦ୍ମପୁର ଟାଉନ ହାଇସ୍କୁଲଠାରେ ପଦ୍ମପୁର ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କର୍ମଚାରୀମାନେ ନିଆଁ ଲାଗିଲେ ଭୟଭୀତ ନ ହୋଇ କିପରି ଆୟତ୍ତ କରାଯିବ ସେ ନେଇ ଛାତ୍ରୀଛାତ୍ରମାନଙ୍କୁ ବୁଝାଇ ଥିଲେ। ଏପରି କି ଲୋକଙ୍କୁ କିପରି ଉଦ୍ଧାର କରାଯିବ ସେନେଇ ବିଭିନ୍ନ ଜ୍ଞାନ କୌଶଳ ପ୍ରଦର୍ଶନ କରିଥିଲେ। ଏଥିରେ ପଦ୍ମପୁର ଅଗ୍ନିଶମ କେନ୍ଦ୍ର ଷ୍ଟେଶନ ଅଫିସର ଶକ୍ତିପ୍ରସାଦ ନାଏକ, ମୁଖ୍ୟ ଅଗ୍ନିକ ଅର୍ଜୁନ ବାଗ, ଡିଲେଶ୍ୱର ମୁଣ୍ଡା, ସ୍ୱପ୍ନେଶ୍ୱର ବେହେରା, ଅଗ୍ନିକ ଶେଷଦେବ ପୁଟେଲ, ଭଗତରାମ ଶବର, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବହରି ବରିହା, ସୁଶିଲ କୁମାର ଟେଟେ, ହେମନ୍ତ ଟପୋ, ସୁଶିଲ ବାଗ ପ୍ରମୁଖ ମଗଡ୍ରିଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆଦିବାସୀ ଯୁବତୀଙ୍କୁ ଅପହରଣ, ଥାନାରେ ମାମଲା

ଭେଡ଼େନ, ୧୨।୨(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ଥାନା ଅଧୀନ ବକଟିଅଞ୍ଚଳର ଜଣେ ଆଦିବାସୀ ଯୁବତୀଙ୍କୁ ଅପହରଣ କରି ନିଆଯାଇଥିବା ଭଡ଼େନ ଥାନାରେ ଏକ ଅଭିଯୋଗ ହୋଇଛି। ଯୁବତୀଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୩୦/୧୯) କରିଛି। ବରଗଡ଼ ଏସ୍‌ପି ଙ୍କ ନିର୍ଦ୍ଦେଶ କ୍ରମେ ଏସଡ଼ିପିଓ କେ.ଏସ୍ ନାୟକ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ପୋଲିସ କାହାରିକୁ ଗିରଫ କରି ନାହିଁ।

## ବାଲିଯାତ୍ରା ସ୍ମାରକୀ ଗେଟ୍‌ର ଶିଳାନ୍ୟାସ

ବରଗଡ଼ ଅଫିସ୍,୧୨।୨

ବରଗଡ଼ ବ୍ଲକ ଅଧୀନ ଖୁଣ୍ଟପାଲିରେ ପ୍ରସିଦ୍ଧ ବାଲିଯାତ୍ରା ସ୍ମାରକୀ ସ୍ଥାୟୀ ତୋରଣ(ଗେଟ୍) ନିର୍ମାଣ ପାଇଁ ମଙ୍ଗଳବାର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ବିଧାୟକ ତଥା ଜିଲା ଯୋଜନା ବୋର୍ଡ଼ ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦେଇ ଭୂମିପୂଜନ ସହିତ ଶିଳାନ୍ୟାସ କରିଥିଲେ। ଏଠାରେ ଏକ ସ୍ଥାୟୀ ତୋରଣ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଥିଲେ । ବିଧାୟକ ଆଚାର୍ଯ୍ୟଙ୍କ ଉଦ୍ୟମରେ ଏହି ତୋରଣ ନିର୍ମାଣ ପାଇଁ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ଅନୁଦାନ ପାଣ୍ଠିରୁ ଆବଶ୍ୟକ ଅନୁଦାନ ମଞ୍ଜୁର କରିଥିଲେ। ଶିଳାନ୍ୟାସ ସମାରୋହରେ ଦୁର୍ବାଦଳ ମେହେରଙ୍କ ସମେତ ଅଞ୍ଚଳର ଗ୍ରାମବାସୀ ଉପସ୍ଥିତ ଥିଲେ ।



ବାଲିଯାତ୍ରା ସ୍ମାରକୀ ଗେଟ୍ ନିର୍ମାଣର ଶିଳାନ୍ୟାସ କରାଯାଉଛି ।

## ଯୁବ ସଂସଦ ମହୋତ୍ସବରେ ବିକାଶ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ବରଗଡ଼ ଅଫିସ୍,୧୨।୨

ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଯୁବ ସଂସଦ ମହୋତ୍ସବର ତୃତୀୟ ପର୍ଯ୍ୟାୟ ତଥା ରାଜ୍ୟସ୍ତରୀୟ ଯୁବ ସଂସଦ ପ୍ରତିଯୋଗିତା ଗତ ୬ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୦ଟି ଜିଲାରୁ ଉତ୍ତୀର୍ଣ୍ଣ ୫୭ଜଣ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ କୃତୀ ଛାତ୍ରୀଛାତ୍ର ଜାତୀୟସ୍ତର ଯୁବ ସଂସଦ ମହୋତ୍ସବରେ ଭାଗ ନେବେ। ଏହି ଦୁଇ କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପଶ୍ଚିମ ଓଡ଼ିଶାର ବିକାଶ ଡିଗ୍ରୀ କଲେଜର ଛାତ୍ରୀ ଅମୀଷା ମହାନ୍ତି ଦ୍ୱିତୀୟ ସ୍ଥାନ ଅଧିକାର କରି ଜାତୀୟସ୍ତରକୁ ଉତ୍ତୀର୍ଣ୍ଣ ହୋଇଛନ୍ତି । କଲେଜରୁ ୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ସେମାନେ ବିଭିନ୍ନ ଜିଲାରୁ ପ୍ରତିନିଧିତ୍ୱ କରିଥିଲେ । ସୋହେଲ ଖାନ୍ ବରଗଡ଼, ଚନ୍ଦ୍ରଶେଖର ମିଶ୍ର ବଲାଙ୍ଗୀର, ପାୟଲ ସିଂ ଓ ଅମିଷା ମହାନ୍ତି କଳାହାଣ୍ଡି ଓ ବୌଦ୍ଧରୁ ପ୍ରତିନିଧିତ୍ୱ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାରେ ଚନ୍ଦ୍ରଶେଖର ମିଶ୍ର ଏବଂ ପାୟଲ ସିଂ ଜିଲା ପ୍ରତିନିଧିଭାବେ ଜାତୀୟସ୍ତର ଯୁବ ସଂସଦ ମହୋତ୍ସବରେ ଯୋଗଦେବେ ବୋଲି ବିକାଶ ଶିକ୍ଷାନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୨୪ ଓ ୨୬ତାରିଖରେ ନୂଆଦିଲ୍ଲୀରେ ଜାତୀୟସ୍ତର ଯୁବ ସଂସଦ ମହୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଛାତ୍ରୀଛାତ୍ରଙ୍କ ଏହି ସଫଳତା ପାଇଁ ବିକାଶ ଗ୍ରୁପର ଚେୟାରମ୍ୟାନ ଡି.ମୁରଲୀ କ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡ.ସମରେନ୍ଦ୍ରନାଥ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିକାଶ ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ କେ.ସି ସୁନା, ସୁରଜ ପଣ୍ଡା ସମସ୍ତ କାମକୁ ସଫଳତାର ସହିତ ସମ୍ପାଦନ କରିଥିବାବେଳେ ଡିଗ୍ରୀ କଲେଜ ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା



ଯୁବ ସଂସଦ ମହୋତ୍ସବରେ ବିକାଶର କୃତୀ ଛାତ୍ରୀଛାତ୍ର ।

# ବସନ୍ତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

ସୋହେଲା,୧୨।୨(ଡି.ଏନ୍.ଏ.)

ବରଗଡ଼ ଜିଲା ସୋହେଲା ବ୍ଲକ କନଗାଁ ପଞ୍ଚାୟତ ଅଧୀନ ବେହେରାପାଲି ଗ୍ରାମରେ ଶ୍ରୀପଞ୍ଚମୀ ଅବସରରେ ଚାଲିଥିବା ବସନ୍ତ ମହୋତ୍ସବରେ ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। କାର୍ଯ୍ୟକ୍ରମରେ ମହାରାଜା ବିକ୍ରମାଦିତ୍ୟ ଉଜ୍ଜୟିନୀର ପଶ୍ଚିମାଞ୍ଚଳ ଅଭିମୁଖେ ମହାମନ୍ତ୍ରୀ ବୀରସେନ, ସେନାପତି ଜୟସେନ, ମହାପଣ୍ଡିତ କାଳିଦାସଙ୍କ ସହ ପରିଭ୍ରମଣ କରିବାକୁ ବାହାରିଥିଲେ। ସେତିକିବେଳେ ବିଦେଶୀ ଶାସକ ପଶ୍ଚିମ ସତ୍ରାପ ଉଜ୍ଜୟିନୀର ପଶ୍ଚିମାଞ୍ଚଳର କିଛି ସ୍ୱାର୍ଥପର ପ୍ରଜାଙ୍କୁ ହାତେଇ ଗୁପ୍ତସାମ୍ରାଜ୍ୟର ତଥ୍ୟ ହାସଲ କରୁଥିବାର ଖବର ଗୁପ୍ତଚରଠାରୁ ରାଜା ବିକ୍ରମାଦିତ୍ୟ ପାଇଥିଲେ। ରାଜା ବିକ୍ରମାଦିତ୍ୟ ପଶ୍ଚିମ ସତ୍ରାପର ଗତିବିଧି ଲକ୍ଷ୍ୟ ଉଦ୍ଦେଶ୍ୟରେ ରାଜକୀୟ ଭ୍ରମଣରେ ପଶ୍ଚିମାଞ୍ଚଳ ଯାଇଥିବା ଦୃଶ୍ୟ ଅଭିନୀତ ହୋଇଥିଲା। ମହାରାଜା ବିକ୍ରମାଦିତ୍ୟଙ୍କ ଶୋଭାଯାତ୍ରାକୁ ପ୍ରଜାମାନେ ସ୍ୱାଗତ କରିଥିଲେ। ପରେ କାଳିଦାସ ମଣ୍ଡପରେ ରାଜା ବିକ୍ରମାଦିତ୍ୟଙ୍କ ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଜାମାନେ ନିଜ ଗୁହାରୀ, ଆପତି ଅଭିଯୋଗ ରାଜାଙ୍କଠାରେ ଜଣାଇଥିଲେ। ଏହି ଅବସରରେ ରାଜ ଦରବାରରେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମୂର୍ଚ୍ଛନା, ଖୋର୍ଦ୍ଧା ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ଗୋଟିପୁଅ ନୃତ୍ୟ, ମଙ୍ଗଳା ଚରଣ, ବନ୍ଧନୃତ୍ୟ ଓ ଶକ୍ତି ଆରାଧନା ମଞ୍ଚସ୍ଥ ହୋଇଥିବା ବେଳେ ଓଡ଼ିଆଙ୍କ ଗାଥା ଓ ଗୌରବ ପରମ୍ପରାକୁ ନେଇ ନୃତ୍ୟ ଏବଂ ନଉକୀ ଅନୁଷ୍ଠାନ ଭୁବନେଶ୍ୱରର କଳାକାରମାନେ ଜାତୀୟ କବି ବୀରକିଶୋରଙ୍କ ରଚିତ 'ଆମେ ଓଡିଆରେ ଆମେ ଓଡିଆ' ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହି ନେଇଥିଲେ। ଉମେଶ କୁମ୍ଭାରଙ୍କ ସଂଯୋଜନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ବାରିକ, ଡୋଲାମଣୀ ସାହୁ, ଡିଲେଶ୍ୱର ସାହୁ, ମୁନୀରାମ କୁମ୍ଭାର, ସୁଶାନ୍ତ ମେହେର ଓ ଦିଲୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମୁକ୍ତାକାଶ ନାଟ୍ୟାଭିନୟରେ ପଶ୍ଚିମ ସତ୍ରାପ ଭୂମିକାରେ ଟେକଚାନ୍ଦ ମେହେର, ମହାମନ୍ତ୍ରୀ ଭୂମିକାରେ ନକୁଳ ମେହେର, ସେନାପତି ଭୂମିକାରେ ଭୁପେନ ସାହୁ ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଭିମନ୍ୟୁ କୁମ୍ଭାର, ପୁରୁଣ ବାଗ, ଆନନ୍ଦ ବାଗ, ଠାକୁର ମେହେର, ନରେନ୍ଦ୍ର ସୁଇ, ଜିତେନ ମେହେର, କିଶୋର ଧିକର, ହଲଧର ମେହେର, ଝସକେତନ ମେହେର ପ୍ରମୁଖ ସହଯୋଗ କରିଥିଲେ।



ବସନ୍ତ ମହୋତ୍ସବ ଅବସରରେ ଅନୁଷ୍ଠିତ ନାଟ୍ୟାଭିନୟର ଏକ ଦୃଶ୍ୟ।

■ପଶ୍ଚିମ ସତ୍ରାପର ଆକ୍ରମଣ ଯୋଜନା
■ଗୋଟି ପୁଅ, ଓଡିଶୀ ନୃତ୍ୟରେ ଦର୍ଶକ ବିଭୋର



"ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

ଏସ୍‌ସିବିରେ ହୋଇପାରିଲାନି ଅପରେଶନ

### ଦିଲ୍ଲୀ ଯିବେ ବଲାଙ୍ଗୀରର ଯୁବକ

କଟକ ଅଫିସ,୧୨।୨- ଅପରେଶନ ପାଇଁ ଏସ୍‌ସିବି ମେଡିକାଲକୁ ୪ ମାସ ହେବ ଆସୁଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ ଯୋଗେ ସାମାଜିକ କର୍ମୀମାନେ ଅବଗତ କରାଇଥିଲେ। ହେଲେ ବଲାଙ୍ଗୀର ଅଞ୍ଚଳର ମନବୋଧ ବାଗ୍(୨୫)ଙ୍କୁ ନିରାଶ ହେବାକୁ ପଡ଼ିଛି। ଏସ୍‌ସିବି ମେଡିକାଲରେ ମନବୋଧଙ୍କର ବଢ଼ୁଥିବା ମାଂସର ଅପରେଶନ ହୋଇପାରିନି। ତାଙ୍କୁ ଦିଲ୍ଲୀର ଏମ୍‌ସକୁ ପଠାଇବା ପାଇଁ ଏସ୍‌ସିବି ପକ୍ଷରୁ ସ୍ଥିର କରାଯାଇଛି। ସୂଚନାଥାଉକି, ମନବୋଧଙ୍କ ମୁହଁର ଆଖି ଉପରେ ଏକ ଆବୁ ଭଳି ମାଂସ ବଢ଼ିଥିଲା। ପାଖାପାଖି ୪ କେଜି ଓଜନର ଏହି ଆବୁ ଆଉ ଏକ ମୁଣ୍ଡ ଆକାର ଧାରଣ କରିବା ପରେ ମନବୋଧ ଚିକିତ୍ସା ନିମନ୍ତେ ୪ ମାସ ତଳେ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗକୁ ଆସିଥିଲେ। ଏସ୍‌ସିବିରେ ଏହି ଅପରେଶନ ସମ୍ଭବ ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏମ୍‌ସକୁ ପଠାଯାଇଥିଲା। ମାତ୍ର ସେଠାରେ ମଧ ଅପରେଶନ ହୋଇପାରି ନ ଥିଲା। ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଅନ୍ନଦା ପଟ୍ଟନାୟକ କୁହନ୍ତି, ଏହି ରୋଗକୁ ନ୍ୟୁରୋଫାଇବ୍ରୋମା କୁହାଯାଏ। ମନବୋଧଙ୍କ ଅପରେଶନ ପାଇଁ ଚେଷ୍ଟା କରାଯାଇଥିଲା। ହେଲେ ଏ ଅପରେଶନ କରିବା ଦ୍ୱାରା ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ଜାଣି ଆମେ ସେଥିରୁ ନିବୃତ୍ତ ରହିଥିଲୁ। ମାତ୍ର ମିଳିଥିବା ସୂଚନା ନୁଯାୟୀ, ଏହି ଅପରେଶନ ପାଇଁ ଆବଶ୍ୟକ ଯନ୍ତ୍ରାଂଶ ଏସ୍‌ସିବିରେ ଉପଲବ୍ଧ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି।

### ମାଈ ଭାଲୁର ମୃତଦେହ ଉଦ୍ଧାର

ପାଟଣା, ୧୨।୨(ସ୍ୱ.ପ୍ର.): ପାଟଣା ବନାଞ୍ଚଳ ଅନ୍ତର୍ଗତ ଅଟେଇ ସଂରକ୍ଷିତ ଜଙ୍ଗଲର ତଣ୍ଡ ବିଟ ପିଛୁଲାବେଡା ଗ୍ରାମ ନିକଟ ଜଙ୍ଗଲରୁ ମଙ୍ଗଳବାର ସକାଳେ ଏକ ମାଈ ଭାଲର ମୃତଦେହକୁ ବନବିଭାଗ ଉଦ୍ଧାର କରିଛି। ବନପାଳ ଶଶୀଭୂଷଣ ବାରିକ ମୃତ ଭାଲୁକୁ ଆଣି ପାଟଣା ଉପପ୍ରାଣୀଧନ ଚିକିତ୍ସକ ଡା. ରାଜେଶ କୁମାର ଜେନାଙ୍କ ଦାରା ବ୍ୟବଚ୍ଛେଦ କରାଯାଇଥିଲା। ରେଞ୍ଜ ପରିସରରେ ଭାଲୁକୁ ପୋତି ଦିଆଯାଇଛି। ପାଟଣା ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ନାଏକଙ୍କ ସୂଚନା ଅନୁଯାୟୀ, ଭାଲୁର ବୟସ ୧୩ରୁ ୧୪ବର୍ଷ ହେବ। ବାର୍ଦ୍ଧକ୍ୟ ଜନିତ କାରଣରୁ ଭାଲୁର ମୃତ୍ୟୁ ଘଟିଥିବା ବନବିଭାଗ ଅନୁମାନ କରୁଛି।

# ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ କରିବାକୁ ଜୋର୍‌ଦାର କସରତ

## ■ ଆଜି ଓଡ଼ିଶା ଆସିବେ କଂଗ୍ରେସର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ

ଭୁବନେଶ୍ୱର, ୧୨।୨(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ ହୋଇପାରୁ ନାହିଁ। ନିରଞ୍ଜନ ପଟ୍ଟନାୟକ ପିସିସି ସଭାପତି ଭାବେ ଦାୟିତ୍ୱ ନେବା ପରେ ଅନ୍ୟ ଦଳଠାରୁ ଆଗୁଆ କଂଗ୍ରେସ ପ୍ରାର୍ଥୀ ତାଲିକା ଘୋଷଣା କରିବ ବୋଲି କହିଥିଲେ। ହେଲେ ନିରଞ୍ଜନଙ୍କ ସେହି ଆକଳନ ପରବର୍ତ୍ତୀ ସମୟରେ ଭୁଲ୍ ପ୍ରମାଣିତ ହୋଇଥିଲା। ଯେଉଁମାନଙ୍କ ସମର୍ଥନରେ ନିରଞ୍ଜନ ସଭାପତି ପଦ ହାତେଇଥିଲେ ସେଥିରୁ ବହୁ ନେତା ଦଳ ଡିଆଁ ମାରିସାରିଛନ୍ତି। ଫଳରେ ପୂର୍ବରୁ ବହୁ ବୈଠକ ବସି ଯେଉଁ ପ୍ରାର୍ଥୀ ତାଲିକା ପିସିସି ଚୂଡ଼ାନ୍ତ କରିଥିଲା, ତାହା ବର୍ତ୍ତମାନ ପରିବର୍ତ୍ତନ କରାଯିବାକୁ ସ୍ଥିର ହୋଇଛି। ପୂର୍ବରୁ ପିଇସି(ପ୍ରଦେଶ ଇଲେକ୍ସନ କମିଟି) ବୈଠକରେ ୫୦ଜଣଙ୍କୁ ପ୍ରାର୍ଥୀ ତାଲିକାରେ ସ୍ଥାନ ଦିଆଯାଇଥିଲା। ଏହାପରେ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଓଡିଶା ଗସ୍ତରେ ଆସି ଉକ୍ତ ପ୍ରାର୍ଥୀ ତାଲିକା ସମ୍ପର୍କରେ ଆଲୋଚନା କରିଥିଲେ। ହେଲେ ସେତେବେଳେ କିଛି ଚୂଡାନ୍ତ ହୋଇ ନ ଥିବାବେଳେ ଖୋଦ୍ ପିସିସି ସଭାପତି ୪୪ଜଣଙ୍କୁ ତାଲିକାରେ ଚୂଡାନ୍ତ କରାଯାଇଥିବା ମତ ରଖିଥିଲେ। ବର୍ତ୍ତମାନ କିନ୍ତୁ ପୁନର୍ବାର କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟମାନେ ଓଡିଶା ଗସ୍ତରେ ଆସିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ନିର୍ବାଚନ ପରିପ୍ରେକ୍ଷୀରେ ପ୍ରାର୍ଥୀ ଚୟନ ସମ୍ପର୍କରେ ମତାମତ ଓ ତଥ୍ୟ ସଂଗ୍ରହ ଲାଗି ନିଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ କେନ୍ଦ୍ରୀୟ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସଥୀସାନ ଓ ସଦସ୍ୟ ନୌସାଦ ସୋଲାଙ୍କି ଓଡିଶା ଆସିବେ। ଭି.ଡି ସାଥୀସାନ ୩ଦିନ ଭୁବନେଶ୍ୱରଠାରେ ରହିବାକୁ ଥିବାବେଳେ ସୋଲାଙ୍କି ବିଭିନ୍ନ ଜିଲା ଗସ୍ତ କରିବେ। ବୁଧବାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ସଥୀସାନ ଭୁବନେଶ୍ୱର ଓ କଟକ ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀର ଜିଲା ସଭାପତି, କାର୍ଯ୍ୟକାରୀ ସଭାପତି, ଜିଲା ପରିଷଦ ଜୋନ୍ ସଭାପତି, ପିସିସି ସଭ୍ୟ, ପୂର୍ବତନ ଏମ୍‌ପି, ବିଧାୟକ, ଜିଲା ଦାୟିତ୍ୱରେ ଥିବା ପିସିସି କାର୍ଯ୍ୟକର୍ତ୍ତା, ପ୍ରଭାରୀ ଓ ସହପ୍ରଭାରୀ, କାଉନ୍ସିଲର, ପୂର୍ବତନ କାଉନସିଲର୍, ଜିଲା ପରିଷଦ ସଭ୍ୟ ଓ ପୂର୍ବତନ ସଭ୍ୟମାନଙ୍କ ମତାମତ ଲୋଡିବେ। ସେହିକ୍ରମରେ ଗୁରୁବାର ପୁରୀ ଓ ଜଗତ୍‌ସିହପୁର ଏବଂ ଶୁକ୍ରବାର କେନ୍ଦ୍ରାପଡା ଓ ଢେଙ୍କାନାଳର ଲୋକସଭା, ବିଧାନସଭା ନିର୍ବାଚନମଣ୍ଡଳୀଗୁଡିକର ସମୀକ୍ଷା କରିବେ। ଅପରପକ୍ଷରେ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଓଡିଶାରେ ରହି ସୋଲାଙ୍କି ପ୍ରଥମେ ଆସ୍କା ଓ ବ୍ରହ୍ମପୁର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଦଳର ବିଭିନ୍ନ ବର୍ଗର କାର୍ଯ୍ୟକର୍ତ୍ତାମାନଙ୍କ ସହ ଆଲୋଚନା କରିବେ। ସେହିପରି ୧୪ରେ ନବରଙ୍ଗପୁର ଓ କଳାହାଣ୍ଡି ଲୋକ ସଭା ନିର୍ବାଚନମଣ୍ଡଳୀ ଏବଂ ୧୫ରେ କୋରାପୁଟ ଲୋକ ସଭା ଓ ତତ୍ ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଚୟନ ସମ୍ପର୍କରେ ମତାମତ ଗ୍ରହଣ କରିବେ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଆସନ୍ତା ୨୦ତାରିଖ ସୁଦ୍ଧା କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟଠାରେ ପୁନର୍ବାର ପିଇସି ବୈଠକ ବସିବ ବୋଲି ଜଣାପଡିଛି। ବୈଠକରେ ଯେଉଁ ପ୍ରାର୍ଥୀ ତାଲିକା ଚୂଡାନ୍ତ କରାଯିବ ତାକୁ ସ୍କ୍ରିନିଂ କମିଟି ସଦସ୍ୟମାନେ ଭଲରେ ତର୍ଜମା କରିବେ। ଏହାପରେ ଯେଉଁ ପ୍ରାର୍ଥୀ ତାଲିକା ଚୂଡାନ୍ତ କରାଯିବ ତାହା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ପାଖକୁ ପଠାଯିବ। ଅପରପକ୍ଷରେ ଓଡ଼ିଶାରେ କଂଗ୍ରେସ ବିଭିନ୍ନ ବାମପନ୍ଥୀଦଳଗୁଡିକ ସହ ମେଣ୍ଟ କରିବା ନେଇ ଆଲୋଚନା କରିଥିବା ଜଣାପଡିଛି। ସୂତ୍ରରୁ ମିଳିଥିବା ସୂଚନା ମୁତାବକ ସିପିଆଇ, ସିପିଏମ୍ ଏବଂ ଜେଏମ୍‌ଏମ୍ ଦଳ ସହ କିଛି ଆସନ ନେଇ କଂଗ୍ରେସ ବୁଝାମଣା କରିଛି। ୧୦ଟି ବିଧାୟକ ଆସନ ଏବଂ ୨ଟି ଲୋକ ସଭା ଆସନରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ବାମପନ୍ଥୀ ଦଳ ପ୍ରାର୍ଥୀଙ୍କୁ ସମର୍ଥନ ଦେବାକୁ ନିଷ୍ପତ୍ତି ନେଇଛି। ଏନେଇ ମଧ୍ୟ ସ୍କ୍ରିନିଂ କମିଟି ସଦସ୍ୟ ଆସନ୍ତା ଓଡିଶା ଗସ୍ତ ସମୟରେ ରିପୋର୍ଟ ନେବେ ବୋଲି ଜଣାପଡିଛି।

## ■ ପିକ୍‌ଅପ୍ ଭ୍ୟାନ୍ ଉପରକୁ ବୋମାମାଡ଼

# ୧.୬୦ ଲକ୍ଷ ଲୁଟ୍, ୨ ଆହତ

ଖଣ୍ଡପଡ଼ା,୧୨।୨(ସ୍ୱ.ପ୍ର.)

ଗତ ୨ ଦିନ ତଳେ ନୟାଗଡ଼ ଜିଲା କଣ୍ଟିଲୋ ଅଞ୍ଚଳରେ କେତେକ ଦୁର୍ବୃତ୍ତ ଜଣେ ସୁନା ବ୍ୟବସାୟୀଙ୍କୁ ବନ୍ଧୁକରେ ପିଟି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ସୁନା ଅଳଙ୍କାର ଲୁଟି ନେଇଥିବାବେଳେ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ବୋମାମାଡ଼ କରି ଏକ ଫାଇନାନ୍ସ କମ୍ପାନୀର ଗାଡ଼ିରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏହି ଘଟଣା କଣ୍ଟିଲୋ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାବେଳେ ସାଧାରଣରେ ଆତଙ୍କ ଖେଳାଇଦେଇଛି।

ପ୍ରକାଶ ଯେ, କଟକ ଜିଲା ନରସିଂହପୁର ଅଞ୍ଚଳର ଏକ ଫାଇନାନ୍ସ କମ୍ପାନୀର ୨ଜଣ କର୍ମଚାରୀ ଓ ସୁରକ୍ଷାକର୍ମୀ ପ୍ରାୟ ୧ଲକ୍ଷ ୬୦ହଜାର ଟଙ୍କା ଧରି ଏକ ପିକ୍‌ଅପ୍ ଭ୍ୟାନ ଯୋଗେ ଆନ୍ଧ୍ର ବ୍ୟାଙ୍କ ନୟାଗଡ଼ ଶାଖାକୁ ଯାଉଥିଲେ। ୪ଜଣ ଦୁର୍ବୃତ୍ତ ୨ଟି ବାଇକ ଯୋଗେ ଉକ୍ତ ଭ୍ୟାନକୁ ପିଛା କରି ଅପରାହ୍ନ ପ୍ରାୟ ୨ଟାରେ କଇଁଥପଲ୍ଲୀ ଗ୍ରାମ ନିକଟରେ ଗାଡ଼ି ଉପରକୁ ବୋମାମାଡ଼ କରିଥିଲେ। ଫଳରେ ପିକ୍‌ଅପ୍ ଭ୍ୟାନର କିଛି ଅଂଶ ଭାଙ୍ଗିରୁଜି ଯାଇଥିବା ବେଳେ ସୁରକ୍ଷାକର୍ମୀ ଦୁର୍ଯ୍ୟୋଧନ ମହାପାତ୍ର ଓ ଚାଳକ ଆହତ ହୋଇଛନ୍ତି। ଗାଡି ଅଟକିଯିବାରୁ ଦୁର୍ବୃତ୍ତମାନେ ୨ଟି ବନ୍ଧୁକ ଦେଖାଇ କର୍ମଚାରୀ ଦ୍ୱୟଙ୍କୁ ଭୟଭୀତ କରି ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଲୁଟି ନେଇ ଦ୍ରୁତଗତିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଖଣ୍ଡପଡ଼ା ପୋଲିସ ଓ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ ୩ଟି ଅଫୁଟା ସୁତୁଲି ବୋମାକୁ ଜବତ କରିଛି। ପରେ ନୟାଗଡ଼ ଏସ୍‌ପି ଶଶିଭୂଷଣ ଶତପଥୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିବା ପରେ ଦୁର୍ବୃତ୍ତମାନଙ୍କୁ ଧରିବା ନିମନ୍ତେ ଆଖପାଖ ଅଞ୍ଚଳକୁ ପୋଲିସର ଏକ ଟିମ୍ ଗସ୍ତ କରିଥିବା ସୂଚନା ମିଳିଛି। ସ୍ପଷ୍ଟ ଦିବାଲୋକରେ ଦୁର୍ବୃତ୍ତମାନେ ନିର୍ବିଘ୍ନରେ ଏଭଳି କାଣ୍ଡ ଘଟାଇ ଘଟଣାସ୍ଥଳରୁ ଫେରାର ହୋଇଯିବା ଘଟଣା ଖଣ୍ଡପଡ଼ା ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ୨୩/୧୯ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଧରମବନ୍ଧା ଅଞ୍ଚଳରୁ ...



ସିଆର୍‌ପିଏଫ ତରଫରୁ ଧରମବନ୍ଧା ଥାନାକୁ ହସ୍ତାନ୍ତର କରାଯାଇଥିବା ମାଓବାଦୀ ସାମଗ୍ରୀ।

ସରକାରଙ୍କୁ ମିଥ୍ୟା ରିପୋର୍ଟ ଦିଆଯାଇଥାଏ ବୋଲି କେତେଜଣ ଅଧିକାରୀ ନାମ ଗୋପନ ରଖିବାକୁ କହି ପ୍ରକାଶ କରିଛନ୍ତି। ଏବିଷୟରେ ଗଣମାଧ୍ୟମ ପ୍ରତିନିଧିମାନେ ଏସ୍‌ପି ସ୍ମିତ ପରମାରଙ୍କୁ ପଚାରିବାରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିଥିଲେ। ସେହିଭଳି ଧରମବନ୍ଧା ଥାନା ଅଧିକାରୀ ଦିଲୀପ କୁମାର ଲାକ୍ରାଙ୍କୁ ପଚାରିବାରେ ସେ ମଧ୍ୟ କିଛି ଜାଣିନାହାନ୍ତି। ସେ ବାହାରେ ଅଛନ୍ତି ବୋଲି କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଧରମବନ୍ଧା ଥାନା ପୋଲିସକୁ ପତ୍ରାଙ୍କ ସଂଖ୍ୟା ଡି-ଥାର୍ଡ-୦୧/୨୦୧୯-ଇ/୨୧୬ରେ ଦିଆଯାଇଥିବା ଏକ ପତ୍ରର ସୂଚନାମୁତାବକ ଏହା ଜଣାପଡିଛି। ସେହିଭଳି ସିଆରପିଏଫ କମାଣ୍ଡାଣ୍ଟ ନରେନ୍ଦ୍ର ସିଂଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଯବାବ ଦେଇ ନ ଥିଲେ। ଠିକ କିଛି ଦିନତଳେ ଜିଲାର ବୋଡେନ ଥାନା ଅନ୍ତର୍ଗତ ପାଟଦର୍ହା ଜଙ୍ଗଲରୁ ଏସ୍‌ଓଜି ଯବାନମାନେ ଏକ କ୍ୟାମ୍ପ ଠାବ କରିଥିବା ନେଇ ବାହାବା ନେଇଥିଲେ। ହେଲେ ଗଣମାଧ୍ୟମକୁ କୌଣସି ସୂଚନା ନ ଦେଇ ସରକାରଙ୍କୁ ରିପୋର୍ଟ କରିଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ତେବେ ପୋଲିସ କେଉଁ କ୍ୟାମ୍ପ କେଉଁଠାରୁ ଏବଂ କେତେବେଳେ ଉଦ୍ଧାର କରୁଛି ତାହା ସର୍ବସାଧାରଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ଦିଲ୍ଲୀ ହୋଟେଲରେ ...

ହୋଟେଲର ବାଲକୋନିରେ ଏକ ରେଷ୍ଟୁରାଣ୍ଟ ଚାଲିଥିଲା। ସେଠାରେ କାଠର ଅନେକ ଚୌକି ଟେବୁଲ ଥିବାରୁ ନିଆଁ ଚାରିଆଡେ ବ୍ୟାପିଥିବା କୁହାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିଲେ ହେଁ ଶଟ୍‌ସର୍କିଟ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଦିଲ୍ଲୀ ସରକାର ଏହାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ହୋଟେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏପରି ଘଟିଥିବା କୁହାଯାଉଛି। ହୋଟେଲର ଅଗ୍ନି ନିରାପତ୍ତା ନେଇ ସପ୍ତାହେ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଗୃହମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ କହିଛନ୍ତି। ଅଗ୍ନିକାଣ୍ଡ ପରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ସେଠାକୁ ଯାଇ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଏହି ଦୁଃଖଦ ଘଟଣା ଯୋଗୁ ଦିଲ୍ଲୀ ସରକାରଙ୍କ ୪ର୍ଥ ବାର୍ଷିକୋତ୍ସବ ପାଳନକୁ ବାତିଲ କରିଦିଆଯାଇଛି। ଅର୍ପିତ ପ୍ୟାଲେସ୍ ହୋଟେଲର ଜରୁରିକାଳୀନ ପ୍ରସ୍ଥାନ ଦ୍ୱାର ଅତ୍ୟନ୍ତ ସଂକୀର୍ଣ୍ଣ ଥିଲା। ଏହା ବନ୍ଦ ପଡ଼ିଥିବାରୁ ନିଆ ଲାଗିବା ପରେ ଲୋକେ ସୁରକ୍ଷିତ ଭାବେ ବାହାରି ପାରି ନ ଥିଲେ ବୋଲି କେନ୍ଦ୍ରମନ୍ତ୍ରୀ ଜେ.କେ. ଆଲଫୋନ୍ସ ଘଟଣାସ୍ଥଳ ପରିଦର୍ଶନ ପରେ ସୂଚନା ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଥିରେ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି।

### ୨୧ ଆଇପିଏସ୍ ...

ମାଲକାନାଗିରି ଏସ୍‌ଡିପିଓ ସର୍ବଣା ବିବେକଙ୍କୁ ରାୟଗଡା ଏସ୍‌ପି, ବାଲିଗୁଡା ଏସ୍‌ଡିପିଓ କୁଲସ୍କର ନୀତିନଙ୍କୁ ନବରଙ୍ଗପୁର ଏସ୍‌ପି, ଏଏସ୍‌ପି କମ୍ ଏଡିସି ଟୁ ଗଭର୍ନର ଥିବା ପ୍ରତ୍ୟୁଷ ଦିବାକରଙ୍କୁ ଏସ୍‌ପି କମ୍ ଏଡିସି ଟୁ ଗଭର୍ନର ଭାବେ ଅବସ୍ଥାପିତ କରାଯାଇଛି। କଟକ ଏସ୍‌ପି (ଇନ୍‌ଚାର୍ଜ) ତଥା ଓପିଏସ୍ ଅଧିକାରୀ ମାଧବ ଚରଣ ସାହୁଙ୍କୁ ଏଆଇଜି (ପର୍ସନାଲ), ଏଆଇଜି (ପର୍ସନାଲ) କେ.କେ. ଡୋଙ୍ଗାୟତଙ୍କୁ କଟକ ଏସ୍‌ଆର୍‌ପି (ଇନ୍‌ଚାର୍ଜ), ଗଜପତି ଏସ୍‌ପି(ଇନ୍‌ଚାର୍ଜ) ଅମୂଲ୍ୟ କୁମାର ଦାଶଙ୍କୁ ଖୋର୍ଦ୍ଧା ଏସ୍‌ପି (ଇନ୍‌ଚାର୍ଜ), ଖୋର୍ଦ୍ଧା ଏସ୍‌ପି (ଇନ୍‌ଚାର୍ଜ) ଦୀପ୍ତିରଞ୍ଜନ ରାୟଙ୍କୁ ଏସ୍‌ପି (ଇନ୍‌ଚାର୍ଜ) ସିଆଇଡି, ଢେଙ୍କାନାଳ ଏସ୍‌ପି ସନ୍ତୋଷ କୁମାର ନାୟକଙ୍କୁ ଏସ୍‌ଆଇଡବ୍ଲ୍ୟୁ ଏସ୍‌ପି(ଇନ୍‌ଚାର୍ଜ) ଭାବେ ବଦଳି କରାଯାଇଛି। ଅନ୍ୟପକ୍ଷରେ ଡିସିପି ମୁଖ୍ୟାଳୟରେ ଅବସ୍ଥାପିତ ଥିବା ପ୍ରାଣଧନ ମହାପାତ୍ରଙ୍କୁ ଡିଜିପି(ଟି) ଅଫିସ, ସିଆଇଡି ସିବି(ଇନ୍‌ଚାର୍ଜ) ରାଧାବିନୋଦ ପାଣିଗ୍ରାହୀଙ୍କୁ କଟକ ଏସ୍‌ପି (ଇନ୍‌ଚାର୍ଜ) ଓ ଏଆଇଜି ମୁଖ୍ୟାଳୟରେ ଅବସ୍ଥାପିତ ଥିବା ରବିନାରାୟଣ ବେହେରାଙ୍କୁ ଡିଜିପି(ଟି) ମୁଖ୍ୟାଳୟକୁ ବଦଳି କରାଯାଇଛି।

### ଲୋକାୟୁକ୍ତ ଅଧ୍ୟକ୍ଷ ...

ସଦସ୍ୟଙ୍କ ନାମ ବୈଠକରେ ଚୂଡାନ୍ତ ହୋଇପାରି ନାହିଁ। ଆସନ୍ତା ମାର୍ଚ୍ଚ ୧୯ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତ୍ତୀ ବୈଠକରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ଲୋକାୟୁକ୍ତ ଗଠନ ନେଇ ରାଜ୍ୟ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସୁପ୍ରିମକୋର୍ଟ କଡା ତାଗିଦ୍ କରିଥିଲେ। ଏ ନେଇ ସତ୍ୟପାଠ ଦାଖଲ କରିବାକୁ ୨୦୧୮ ଜୁଲାଇ ୧୦ରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଥିଲେ। ମାର୍ଚ୍ଚ ୩୧ ସୁଦ୍ଧା ଅଧ୍ୟକ୍ଷ ନିଯୁକ୍ତି କରିବା ସହ ଏପ୍ରିଲ ୮ରୁ ଲୋକାୟୁକ୍ତ କାର୍ଯ୍ୟକାରୀ କରିବା ପାଇଁ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରିଥିଲା। କିନ୍ତୁ ଏହି ବିଲ୍ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ। ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ବିଧାନସଭା ମଧ୍ୟ ଅଚଳ ହୋଇଥିଲା।


# ଧରିତ୍ରୀ CAREER APPOINTMENT
every Wednesday & Saturday

CONTACT:- 9938414918
ଭୁବନେଶ୍ୱର ଅଫିସ୍‌ରେ କାମ କରିବା ପାଇଁ 10th/above Candidates (M/F) ଆବଶ୍ୟକ। ବୟସ(17-35) yrs. ରହିବା ସୁବିଧା ଦିଆଯିବ। Monthly Salary upto Rs. 24000/-.

ସୁବର୍ଣ୍ଣ ଅବସର "ଭୁବନେଶ୍ୱର ଓ କଟକ"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 24000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139585136, 7978604069
RAPIDO BIKE TAXI, C/O SAMIR KUMAR MOHANTY, 3RD FLOOR, NEAR KUSUMDEVI WOMENS COLLEGE, DARKHAPATNA KALYANI NAGAR, P.S. MADHUPATNA, CUTTACK.
(For Bhubaneswar & Cuttack)

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

ଚେନ୍ନାଇରେ ଚାକିରି + ରୁମ୍। ହିନ୍ଦୀ କହିପାରୁଥିବେ। ଅଭିଜ୍ଞତା ଜରୁରୀ। ଘରୋଇ ରୋଷେୟା। କାର ଡ୍ରାଇଭର। ସେବକ। ବ୍ୟକ୍ତିଗତ ସହାୟକ। ବରିଷ୍ଠ ନାଗରିକଙ୍କ ପାଇଁ ଅଭିଜ୍ଞ କେୟାରଟେକର୍ ଟ.୧୨୦୦୦-୧୬୦୦୦। ଅଗରୱାଲ, ଏଫ୍‌ଏଫ୍‌ଏଫ୍
9884761210

URGENT REQUIRED
(1) Diploma Civil (Fresh/Exp): 25 Nos.
(2) Matric to Graduate: 50 Nos.
Contact: 7873563668, 7077415089

URGENT REQUIRED
Lecturer in
1. Food & Beverage Service
2. Management
For Hotel Management College
Bhubaneswar School of Hotel Management & Tourism, Bhubaneswar
Contact: 9861290107, 9437133750

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
GLOBALCONSULTANT, DELHI
07289962847

URGENT REQUIRED
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : (10th,12th,+3) Salary : (18000-35000) ଏବଂ ସମସ୍ତ ସୁବିଧା + ଖାଇବା ଫ୍ରି
Mobile : 9090391585, 7694934663, 9090732106

**କେନ୍ଦ୍ରୀୟ ପଣ୍ୟାଗାର ନିଗମ**
(ଭାରତ ସରକାରଙ୍କ ଏକ ଅଗ୍ରଣୀ ଅନୁସୂଚୀ 'କ' ମିନି ରତ୍ନ ଉଦ୍ୟୋଗ)
କର୍ପୋରେଟ୍ କାର୍ଯ୍ୟାଳୟ: ୪/୧, ସିରି ଇନଷ୍ଟିଚ୍ୟୁଶନାଲ ଏରିଆ, ଅଗଷ୍ଟ କ୍ରାନ୍ତି ମାର୍ଗ, ହୌଜ ଖାସ, ନୂଆଦିଲ୍ଲୀ-୧୧୦୦୧୬
ୱେବସାଇଟ: www.cewacor.nic.in

ଆରମ୍ଭ ତାରିଖ: ୧୫ ଫେବୃୟାରୀ ୨୦୧୯, ୦୦.୦୦ ଘ. | ଶେଷ ତାରିଖ: ୧୬ ମାର୍ଚ୍ଚ ୨୦୧୯, ୨୩.୫୯ ଘ.

*ଆସନ୍ତୁ ! ଆମ ସହ ସାମିଲ ହୁଅନ୍ତୁ ଏବଂ ନିଜର ଅନ୍ତର୍ନିହିତ ସାମର୍ଥ୍ୟରେ ଉତ୍କୃଷ୍ଟତା ହାସଲ କରନ୍ତୁ ଆପଣଙ୍କ ଅଭିବୃଦ୍ଧିରେ ଆମେ ମଧ ଆପଣଙ୍କ ଭଳି ଗର୍ବ ଅନୁଭବ କରିଥାଉ*

ବିଜ୍ଞାପନ ନଂ. ସିଡବ୍ଲ୍ୟୁସି/୧-ମ୍ୟାନ୍‌ପାୱାର/ଡିଆର୍/ଆରଇସିଟିଟି/୨୦୧୯/୦୧

କେନ୍ଦ୍ରୀୟ ପଣ୍ୟାଗାର ନିଗମ, ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ପ୍ରଶାସନିକ ନିୟନ୍ତ୍ରଣ ଅଧୀନସ୍ଥ ଏକ ଅନୁସୂଚୀ-କ, ମିନି ରତ୍ନ, ବର୍ଗ-୧, କେନ୍ଦ୍ରୀୟ ସର୍ବସାଧାରଣ କ୍ଷେତ୍ରୀୟ ଉଦ୍ୟୋଗ, ଯାହା କୃଷିଗତ ଇନ୍‌ପୁଟ୍, ଫସଲ ଏବଂ ଅନ୍ୟାନ୍ୟ ଅଧିସୂଚିତ ଦ୍ରବ୍ୟ ପାଇଁ ବୈଜ୍ଞାନିକ ଭଣ୍ଡାର ସୁବିଧା ଯୋଗାଇବା ସମେତ ସିଏଫ୍‌ଏସ୍/ଆଇସିଡି, ଲ୍ୟାଣ୍ଡ କଷ୍ଟମ୍ ଷ୍ଟେଶନ, ଓ୍ୟାର୍ କାର୍ଗୋ କମ୍ପ୍ଲେକ୍ସ ଇତ୍ୟାଦିକୁ ଆମଦାନୀ-ରପ୍ତାନି କାର୍ଗୋ ପାଇଁ ଲଜିଷ୍ଟିକ୍ସ ଭିତ୍ତିଭୂମି ଯୋଗାଇଥାଏ, ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଅନ୍‌ଲାଇନ୍ ଦରଖାସ୍ତ ଆହ୍ୱାନ କରୁଛି:-

| ପଦବୀ କୋଡ୍ | ପଦବୀର ନାମ | ଖାଲିସ୍ଥାନ ସଂଖ୍ୟା |
|---|---|---|
| ୦୧ | ମ୍ୟାନେଜମେଣ୍ଟ ଟ୍ରେନି (ଜେନେରାଲ୍) | ୩୦ |
| ୦୨ | ମ୍ୟାନେଜମେଣ୍ଟ ଟ୍ରେନି (ଟେକ୍ନିକାଲ୍) | ୦୧ |
| ୦୩ | ଆସିଷ୍ଟାଣ୍ଟ ଇଞ୍ଜିନିୟର୍ (ସିଭିଲ) | ୧୮ |
| ୦୪ | ଆସିଷ୍ଟାଣ୍ଟ ଇଞ୍ଜିନିୟର୍ (ଇଲେକ୍ଟ୍ରିକାଲ୍) | ୧୦ |
| ୦୫ | ଆକାଉଣ୍ଟାଣ୍ଟ | ୨୮ |
| ୦୬ | ସୁପରିଣ୍ଟେଣ୍ଡେଣ୍ଟ (ଜେନେରାଲ) | ୮୮ |
| ୦୭ | ଜୁନିୟର ସୁପରିଣ୍ଟେଣ୍ଡେଣ୍ଟ | ୧୫୫ |
| ୦୮ | ହିନ୍ଦୀ ଅନୁବାଦକ | ୦୩ |
| ୦୯ | ଜୁନିୟର ଟେକ୍ନିକାଲ୍ ଆସିଷ୍ଟାଣ୍ଟ | ୨୩୮ |

ଯୋଗ୍ୟତା ମାନଦଣ୍ଡ ସମେତ ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା, ମନୋନୟନ ପ୍ରକ୍ରିୟା, ସାଧାରଣ ସର୍ତ୍ତାବଳୀ ଇତ୍ୟାଦି ସମ୍ପର୍କିତ ସବିଶେଷ ସୂଚନା ପାଇଁ ଦୟାକରି **୧୫ ଫେବୃୟାରୀ ୨୦୧୯** ପରଠାରୁ ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ (www.cewacor.nic.in) ପରିଦର୍ଶନ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ। ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ସିଡବ୍ଲ୍ୟୁସିର ୱେବ୍‌ସାଇଟ୍ www.cewacor.nic.in ମାଧ୍ୟମରେ ଆବେଦନ କରିବାକୁ ହେବ ଯାହା **୧୫ ଫେବୃୟାରୀ ୨୦୧୯, ୦୦.୦୦ ଘଟିକାରୁ** ଆରମ୍ଭ ଓ **୧୬ ମାର୍ଚ୍ଚ ୨୦୧୯, ୨୩.୫୯ ଘଟିକାରେ** ଶେଷ ହେବ। ଅନ୍ୟ କୌଣସି ପଦ୍ଧତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ।

"ପ୍ରତ୍ୟେକଙ୍କ ପାଇଁ ପଣ୍ୟାଗାର"

UTKAL INDUSTRIAL & SAFETY PRODUCTS, 1127/3405, Jayadurga Nagar, Bomikhal, BBSR
Experienced candidates required for
1. **Receptionist cum Tele Caller:** 1 Nos.
2. **Store Keeper:** 4 Nos.
3. **Driver:** 2 Nos.
4. **Marketing Executives:** 8 Nos.
Salary is no constraints for right candidate. Interested candidates may send resume on **Email: info@utkalsafety.com** within 7 days
Mob No: 8144249882/9437577339

ଭୁବନେଶ୍ୱରସ୍ଥିତ ନିଜ ଘରେଜଣେ ମାତ୍ର ବୟସ୍କ ଲୋକ ପାଇଁ ଘରକାମ, ରୋଷେଇବାସ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାମ ପାଇଁ ଜଣେ ବିଶ୍ୱସ୍ତ, କର୍ମନିପୁଣା ଓ ସେବାପରାୟଣା ଅସହାୟା, ବିଧବା କିମ୍ବା ପରିତ୍ୟକ୍ତା ଓ ପରିବାରହୀନା ଦାୟିତ୍ୱସମ୍ପନ୍ନା ସଚ୍ଚୋଟ ମହିଳା ୩୫ରୁ ୫୫ ବର୍ଷ କିମ୍ବା (ଯେ କୌଣସି ବୟସର) ଆବଶ୍ୟକ। ମାଗଣା ଖାଇବା ଓ ରହିବାର ସ୍ୱତନ୍ତ୍ର ବ୍ୟବସ୍ଥା ସହ ବିଶ୍ୱସନୀୟତା ଅନୁଯାୟୀ ପାରିଶ୍ରମିକ ପାଇବାର ବ୍ୟବସ୍ଥା ଅଛି। ତୁରନ୍ତ ଯୋଗାଯୋଗ କରନ୍ତୁ।
Ph: 9438359101

URGENTLY REQUIRED
Required local experienced Boy/ Girl for a Medicine Store at Pandara Square, Bhubaneswar.
Contact : 9437022665

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs. ମାସିକ ଦରମା upto Rs.25000/-.
Contact Immediately
Mob: 8763257042

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 8895725158

URGENTLY REQUIRED
ପ୍ରତିଷ୍ଠିତ ଡାକ୍ତର ପରିବାରରେ ଛୋଟ ଛୁଆର ଯତ୍ନନେବା ପାଇଁ ଅଭିଜ୍ଞ Full Time ଶିକ୍ଷିତ ମହିଳା ଆବଶ୍ୟକ ଅଛି।
(ବୟସ ୨୫-ରୁ ଉର୍ଦ୍ଧ) ଆକର୍ଷଣୀୟ ଦରମା ସହିତ ରହିବା ଓ ଖାଇବାର ସୁବିଧା ଦିଆଯିବ। ସ୍ଥାନ- ଭୁବନେଶ୍ୱର
7008818130 / 8456041617

PRAGATI MARINE SERVICES PVT. LTD.
WANTED
**01. Driver Gr.I (Marine) / Junior Engineer (Marine)** - 07 Nos. Minimum Qualification: (i) Must hold the Certificate for 1st Class Engine Driver's Exam under IV Act. (ii) Should have minimum 5 years post qualification experience in operation & maintenance of floating craft / sea going vessels. (iii) Must be within 38 years of age as on Dt.27.08.2018 OR (i) Must hold IME certificate under IV Act or MEO Class-IV (NCV). (ii) Should have minimum 2 years post qualification experience in operation & maintenance of floating craft / sea going vessels. (iii) Must be within 35 years of age as on Dt.27.08.2018 **02. Mechanic** - 01 No. Minimum Qualification: Passed ITI in Diesel Mechanic or Motor Mechanic trade with 10 years experience in the trade in any reputed Organization or Diploma in Mechanical with 2 years experience in the trade for Mechanic. Must be below 30 years of age as on Dt.27.08.2018 OR Diploma in Mechanical with 5 years of experience in the trade. **03. Marine Foreman Gr.II** - 02 Nos. Minimum Qualification: i) Should passed HSC or its equivalent ii) Should know swimming iii) Should possess five years of experience in handling of buoys, mooring gangs & maintenance of small crafts & be able to control labour iv) Must be below 35 years of age as on Dt.27.08.2018 OR i) Cadet apprenticeship on completion of three years apprenticeship on vessels and be able to control labour. ii) Must be below 35 years of age as on Dt.27.08.2018 OR ii) Must be below 35 years of age as on Dt.27.08.2018. **04. Pilot Launch Master** - 05 Nos. Minimum Qualification : i) Should posses 1st Class Master's Certificate OR ii) 2nd Class Master's Certificate with 2 Years of experience under I. V. Act iii) Should pass Launch handling test iv) Must be below 35 years of age as on Dt.27.08.2018. Lascar Gr.I - 24 Nos. Minimum Qualification: i) Should passed HSC or its equivalent ii) Should know swimming iii) Should passed pre-sea training for seaman / G. P. Rating from a Government recognized institution iv) Must be below 32 years of age as on Dt.27.08.2018
**Plot No.17, Rabindra Garden, Soubhagya Nagar, Bubaneswar-751003**
**E-Mail Address: jobsatpragatimarine@gmail.com**

WANTED
- **ASST. SALES MANAGER:** Graduate with min. 4 yrs experience in Industrial Selling.
- **SR. MARKETING EXECUTIVE:** Graduate with min. 2 yrs experience in Sales.
Interested Candidate can mail or walk in
**HR MANAGER, TP INGREDIENTS (P) LTD,**
301, Archid Apt. Nr. UCO Bank Colony, Jharpada, BBSR,
tpingredientshr@gmail.com, www.tpingredients.com.
For walk in between- 11.30 AM - 3 PM.
**Ph: 8917381896, 9861183602**
Leading Manufacture of speciality Ingredients

See CAREERAPPOINTMENT on every Wednesday & Saturday

TEACHERS REQUIRE
+2/ +3 with CT/B.Ed. (CTET/ OTET with English is preferred)
**Last date: 23.02.2019**
**Secretary, Vidya Vikas Public School, Purunabhatta, K.Singpur, Rayagada, Pin: 765016**
Contact No: 9668402419

FACULTY REQUIRED
**NRI Medical College & General Hospital**, one of the premier Institutions of Medical Education and Healthcare situated in the State Capital of Andhra Pradesh.
It is a 1000 bed hospital with all general and super specialties.
Professors are required in General Medicine, Pediatrics, Orthopedics and Obstetrics & Gynecology
Professor / Associate Professor in Physiology.
Interested candidates can apply to **principal@nrias.ac.in**
NRI Medical College & General Hospital
CHINAKAKANI, Mangalagiri (M), Guntur Dist. Ph: 08645 - 230101.

URGENTLY REQUIRED
A Leading Real Estate Company requires some staff.
**(1) RECEPTIONIST :** 01 (Female), **(2) TELE CALLER :** 02 (Female), **(3) MARKETING EXECUTIVE :** 08 (Male), **(4) MARKETING MANAGER:** 02 (Male), **(5) DRIVER :** 02.
Experience holder is preferred.
**INTERVIEW DATE:- 11th and 14th February 2019.**
**ADDRESS:-** Bimal Homes & Realcon Pvt. Ltd., M.I.G-22, Laxmi Sagar, Near High School
**Phone:** 9778643550, 9437964265

ନାଲକୋ ଫାଉଣ୍ଡେସନ୍ NALCO FOUNDATION
P/1, Nalco Bhawan, Nayapalli, Bhubaneswar - 751 013, Odisha, India
**NEEDS CHIEF FINANCIAL OFFICER (CFO)**
NALCO Foundation the CSR Arm of NALCO, A Navratna PSU is looking for committed, promising and passionate professionals with brilliant academic carrier for the position of Chief Financial Officer (CFO) on tenure basis initially for a period of 03 (Three) years. For details of the advertisement log on to career section of NALCO's website **www.nalcoindia.com**
**Chief Operating Officer (COO)**
**NALCO Foundation**


**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# ସବୁ ବିଶ୍ୱବିଦ୍ୟାଳୟକୁ ଖର୍ଚ୍ଚର ହିସାବ ମାଗିଲେ ସରକାର

## ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୨(ବ୍ୟୁରୋ)

୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟକୁ ଯୋଗାଇ ଦିଆଯାଇଥିବା ଆର୍ଥିକ ଅନୁଦାନର ବିନିଯୋଗ କିଭଳି ହୋଇଛି, ବଳକା ଅର୍ଥ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କିଭଳି ଖର୍ଚ୍ଚ ହେବ, ସେ ସବୁର ହିସାବ ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ବିଶ୍ୱବିଦ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ସଚିବାଳୟଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୧୯ ଜାନୁୟାରୀ ୩୧ ପର୍ଯ୍ୟନ୍ତ କେତେ ପରିମାଣ ଅର୍ଥ ଖର୍ଚ୍ଚ କରାଯାଇଛି ଏବଂ ଅବଶିଷ୍ଟ ଅର୍ଥ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା କିପରି ଖର୍ଚ୍ଚ କରାଯିବ ସେ ନେଇ ପୂର୍ଣ୍ଣାଙ୍ଗ ରିପୋର୍ଟ ଦେବାକୁ କୁହାଯାଇଛି। ରାଜ୍ୟରେ ଥିବା ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ଅଧ୍ୟାପକ ଅଧ୍ୟାପିକା ଅଭାବ ସମ୍ପର୍କରେ ମନ୍ତ୍ରୀ କହିଛନ୍ତି, ସରକାରୀ କଲେଜଗୁଡ଼ିକରେ ୧୦୩୩ ଅଧ୍ୟାପକ ପଦବୀ ଖାଲି ରହିଛି। ସେଥିରୁ ଜୁନିୟର କଲେଜଗୁଡ଼ିକରେ ନିଯୁକ୍ତି ପାଇଥିବା ୭୭୭ ଜଣ ଅଧ୍ୟାପିକା ଅଧ୍ୟାପକ ଉଚ୍ଚ ଶିକ୍ଷା ବିଭାଗକୁ ଫେରି ଆସିବା ପରେ ଅବଶିଷ୍ଟ ୨୫୬ ପଦବୀ ଖାଲି ରହିଛି। ଚଳିତ ବର୍ଷ ୬୪ ଜଣ ଅଧ୍ୟକ୍ଷ ଅବସର ଗ୍ରହଣ କରିବେ। ମୋଟ ଖାଲି ଥିବା ୩୨୦ଟି ଅଧ୍ୟାପକ ପଦବୀ ପୂରଣ ନିମନ୍ତେ ଅର୍ଥ ବିଭାଗର ଅନୁମୋଦନ ପରେ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଛି। ଗତ ଦୁଇ ବର୍ଷ ମଧ୍ୟରେ ସରକାରୀ ମହାବିଦ୍ୟାଳୟରେ ୪୦୭ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି। ଏହାଛଡ଼ା ଖାଲି ପଡ଼ିଥିବା ଏବଂ ନୂତନ ଭାବେ ସୃଷ୍ଟି ହୋଇଥିବା ଅଧ୍ୟାପକ ସ୍ଥାନରେ ୧୨୩ ଜଣ ଆଡ୍‌ହକ ଅଧ୍ୟାପକ ଏବଂ ୧୨୨୮ ଜଣ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ୧୫ ରାତିରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା

## ଉପକୂଳରେ କୁହୁଡ଼ି

ଭୁବନେଶ୍ୱର,୧୨।୨(ବ୍ୟୁରୋ)

ଆସନ୍ତା ୧୫ ତାରିଖ ମଧ୍ୟରାତ୍ରରୁ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ଜିଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ସମ୍ଭାବନା ରହିଛି। ୧୬ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ବରଗଡ଼, ସୋନପୁର, ବଲାଙ୍ଗୀର ଆଦି ଜିଲାର କେତେକ ସ୍ଥାନରେ ଘଡଘଡି ସହ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। କେତେକ ସ୍ଥାନରେ କୁଆପଥର ବୃଷ୍ଟି ହେବ। ୧୭ ଓ ୧୮ରେ କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ ଓ ପୁରୀ ଜିଲାରେ ଘଡଘଡି ସହ ବର୍ଷା ହେବ। ଆକାଶ ମେଘାଚ୍ଛନ୍ନ ରହିବା ସହ କୋହଲା ପବନ ବହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଜିଲା କଟକ, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡ଼ି ହେବ ବୋଲି ପୂର୍ବାନୁମାନ କରାଯାଇଛି। ୨୦୦ ମିଟର ପର୍ଯ୍ୟନ୍ତ ଦେଖିବା ସମ୍ଭବ ହେବ ନାହିଁ। ଏହି ସମୟରେ ସତର୍କ ରହିବାକୁ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି। ପଶ୍ଚିମା ବାୟୁ ପ୍ରଭାବ ଯୋଗୁ ପାଗରେ ଏଭଳି ପରିବର୍ତ୍ତନ ହେବ। ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ମାଲକାନଗିରିରେ ୩୪.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡିରେ ସର୍ବନିମ୍ନ ୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।


## ODISHA BRIDGE & CONSTRUCTION CORPORATION LTD.

(A Government of Odisha Undertaking)
SETU BHAVAN, NAYAPALLI, BHUBANESWAR-12
PH.NO. 0674 -2390043, FAX NO. 0674-2396326, E Mail: mdobcc@gmail.com

No.CAD-1406:

BID INVITATION NOTICE

BID IDENTIFICATION NO.GM/O.B.&C.C.LTD/3 &4 /(Category-1 & 2)/2019-20

1. General Manager(Civil), Odisha Bridge & Construction Corporation on behalf of the Governor of Odisha, invites 'online' tender in double cover system for the toll gate under the Category-1 & in single cover system for the toll gates under Category-2 and bid will be received in sealed tender box for the toll gates under category-3, as detailed in the table below from the intending bidders for collection of toll for a period of one year.

| Sl. No. | Name of the (R&B) toll gate. | Upset Price (In Rs.) | E.M.D. (In Rs.) (online submission) | Cost of Bid document (In Rs.) (online submission) | Operation Period. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | **CATEGORY-1 (Double Cover System)** | | | | |
| 1. | Mohanadi Bridge toll gate near Sonepur on Sambalpur-Sonepur road. | 2,29,52,224/- | 22,95,222/- | 10,000/- | 01.05.19 to 30.04.20 |
| | **CATEGORY-2 (Single Cover System)** | | | | |
| 2. | Toll gate on Bridge over river Bansadhara on Gunupur-Bisamkatak road. | 38,00,000/- | 3,80,000/- | 6,000/- | 01.04.19 to 31.03.20 |
| 3. | Badagenguti Bridge toll gate on Baruan-Balichandrapur road. | 14,24,786/- | 1,42,480/- | 6,000/- | 06.04.19 to 05.04.20 |
| 4. | Veden Bridge toll gate on Saida-Kalpada road. **(R.D. Dept. toll gate)** | 5,83,583/- | 58,358/- | 4,000/- | 15.04.19 to 14.04.20 |
| 5. | Toll gate on H.L.Bridge over river Pithaguda on Similiguda-Handiput road. | 19,92,244/- | 1,99,224/- | 6,000/- | 01.05.19 to 30.04.20 |
| 6. | Balasore- Mitrapur- Baincha road toll gate, Balasore | 44,75,237/- | 4,47,524/- | 6,000/- | One year from the effective date of Agmt. |
| | **CATEGORY- 3** | | | | |
| | **R.D. Deptt. Toll gate** | | | | |
| 7. | Toll gate on Bridge over Sono on Udala-Dihirakul Road. | 3,41,500/- | 34,150/- | 2,000/- | 07.05.19 to 06.05.20 |
| 8. | Toll gate over river Budhabalanga Bridge on Bangiriposi-Shyamsundarpur Road, Mayurbhanj | 3,08,500/- | 30,850/- | 2,000/- | 10.05.19 to 09.05.20 |

2. Date and time for online bidding for toll gates under Category-1 & 2 (Sl. 1 to 6) starts From 2.00 P.M. of dt. 18.02.2019 to 5.00 P.M. of dtd. 01.03.2019.
3. EMD and Cost of bid document as specified against each toll gate in the above table Column-4 & 5 under category-1&2 (Sl. 1 to 6) will be transferred through online only as per the procedure mentioned in the DTCN.
Further details can be seen from the website **https://tendersodisha.gov.in** .
4. The sale of bid document for toll gates under Category-3(Sl. from 7 to 8) starts from dt. 18.02.2019 to dt. 28.02.2019 up to 2.00 P.M. and dropping of the bid document, in the sealed tender box from dt.18.02.2019 to dt.28.02.2019 up to 4.00 P.M. during working days within office hours at Head Office and Sr.Project Manager's offices and will be opened on dt. 01.03.2019 at 12.00 Noon at Head Office. The details can be seen from the bid documents. The bid documents can also be downloaded from Odisha Govt. Web site **www.odisha.gov.in.**
5. Any changes/corrigendum will be displayed in the website only.
6. Officer-in-charge of Tender:-General Manager(Civil), O.B. & C.C. Ltd., Bhubaneswar.

34106/11/0023/1819 **Sd./- GENERAL MANAGER (CIVIL)**

## SHORT TENDER NOTICE
### DIRECTORATE OF MINES BHUBANESWAR, ODISHA

Tender No. 1131 Dated : 11.02.2019

No. 19-G: Sealed tenders are invited from established and accredited original Equipment Manufacturer (OEM) / authorised dealers for supply, installation and commissioning of RDBMS Software- MS-SQL Server 2017, Enterprise edition with 16nos. dual core licenses to The Directorate of Mines, Bhubaneswar.

For details of tender schedule, eligibility criteria, scope of work, terms & conditions, cost of tender document, EMD & Payment details etc. Please visit our websites http://www.odisha.gov.in and https//www.orissaminerals.gov.in

There will be no manual sale of tender document. Interested bidders are requested to download the tender document from the website. The last date for receipt of the bid is 01.03.2019 upto 12.30 P.M. which shall be opened on 01.03.2019 at 04.00 P.M.

Director of Mines, Odisha reserves the right to accept / reject all or a part of the tenders without assigning any reason thereof.

30004/11/0008/1819 **Sd./- Director of Mines, Odisha**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ରିଆମାଳ, ଦେବଗଡ଼
### ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ମହାତ୍ମା ଗାନ୍ଧୀ ନରେଗା ଯୋଜନାର ଭୂମିକା

- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଅନ୍ୟୁନ ୬୦% କାର୍ଯ୍ୟ ଜମି, ବୃକ୍ଷ ଆଦିର ଉନ୍ନତି କରି କୃଷି ଓ କୃଷିଭିତ୍ତିକ କାର୍ଯ୍ୟରେ ଉତ୍ପାଦନକ୍ଷମ ସମ୍ପତ୍ତି ଗୁରୁତ୍ୱ ଦିଆଯାଇଛି।
- ଏହି ଯୋଜନାରେ ଜବ୍ କାର୍ଡ ଥିବା ପ୍ରତ୍ୟେକ ପରିବାରକୁ ଗୋଟିଏ ଆର୍ଥିକ ବର୍ଷରେ ଅତିକମରେ ୧୦୦ ଦିନର ଅଣକୁଶଳୀ କାମ ଯୋଗାଇଦେବା ପାଇଁ ନିର୍ଦ୍ଧାରିତ କରାଯାଇଅଛି।
- ଏହି ଯୋଜନାରେ ଗ୍ରାମାଞ୍ଚଳ ଜୀବିକାକୁ ସୁରକ୍ଷିତ କରିବା ନିମନ୍ତେ ପଦକ୍ଷେପ ନିଆଯାଇଅଛି।
- ଏହି ଯୋଜନାରେ ଦୀର୍ଘସ୍ଥାୟୀ ଓ ଉତ୍ପାଦନକ୍ଷମ ସମ୍ପତ୍ତି ସୃଷ୍ଟି କରିବା ବ୍ୟବସ୍ଥା କରାଯାଇଛି।
- ଏହି ଯୋଜନାରେ ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କୁ ଶକ୍ତିଶାଳୀ କରିବା ପାଇଁ ପଦକ୍ଷେପ ନିଆଯାଇଅଛି।
- ଏହି ଯୋଜନାରେ ରାସ୍ତା ସଂଯୋଗୀକରଣ, ପରିମଳ, ଖେଳପଡ଼ିଆ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ କାର୍ଯ୍ୟ, ପଞ୍ଚାୟତ ଗୃହ, ଅଙ୍ଗନୱାଡି , ଗାଁ ହାଟ, ଶ୍ମଶାନ, ବାତ୍ୟାଆଶ୍ରୟସ୍ଥଳ, ବନ୍ୟାଜଳ ନିଷ୍କାସନ ଇତ୍ୟାଦି ନିମନ୍ତେ ପଦକ୍ଷେପ ନିଆଯାଇଅଛି।
- ଏହି ଯୋଜନାରେ ସ୍ୱୟଂସହାୟକ ଗୋଷ୍ଠିମାନଙ୍କ ଭିତ୍ତିଭୂମି ନିମନ୍ତେ ଜୈବିକ ଖତ, ଗୋଦାମ ଘର, ୱାର୍କ ସେଡ୍ ଭଳି ଭିତ୍ତିଭୂମିର ବିକାଶ ନିମନ୍ତେ ପଦକ୍ଷେପ ନିଆଯାଇଅଛି।
- ଏତଦ୍‌ବ୍ୟତୀତ ଗୋଷ୍ଠୀ ସମ୍ପତ୍ତି ସୃଷ୍ଟି ସହିତ ସମାଜର ଦୁର୍ବଳ ତଥା ଅବହେଳିତ ପରିବାର ବ୍ୟକ୍ତିଗତ ପ୍ରକଳ୍ପର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନାର ଉନ୍ନତିକରଣ ପଦକ୍ଷେପ ନିଆଯାଇଅଛି।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରିଆମାଳ**

## OFFICE OF THE DIVISIONAL FOREST OFFICER BARIPADA FOREST DIVISION BARIPADA, DIST:- MAYURBHANJ

**Tel-06792-252613/252622, FAX-06792-255770, E-mail- dfobaripada.od@gmail.com**

No.27 Date.05.02.2019

### NOTICE INVITING TENDER

Sealed tenders are hereby invited from Registered Firms / Authorized dealers / DGS & D Rate contract holders having required statutory clearance for supply and installation of Furniture. The sealed offers are to be submitted on or before **20.02.2019 by 5 PM. by Speed Post only.** The details regarding tender documents, specifications and terms and conditions can be Downloaded from the standardised web portal of MAYURBHANJ District i.e. **www.mayurbhanj.nic.in.**

*Sd./-*
*DIVISIONAL FOREST OFFICER*
*BARIPADA FOREST DIVISION*

## CORRIGENDUM

The bids identification No. Jaipatna Block KID 02 / 2018 -19 for the work "Completion of Bridge at Sastuguda G.P Dhansuli" amounting of Rs. 49,83,669.00 is reschedule to be opened on dated 19.02.2019 instead of on Dated.16.02.2019 due to unavoidable circumstances.

***Sd./- Block Development Officer, Jaipatna***

## भारतीय विज्ञान शिक्षा एवं अनुसंधान संस्थान बरहमपुर
## IISER Indian Institute of Science Education and Research Berhampur

Established by the Ministry of HRD, Govt. of India | Transit Campus: Govt. ITI Berhampur-760010

No.IISERBpr/S&P/EoI/2018-19/05 February 12, 2019

### Expression of Interest

IISER Berhampur is inviting Expression of Interest from individuals / firms / companies for hiring of buildings / towers for student hostels on lease/rent basis. The last date for submission of EoI, complete in all respect and confirming entirely to the specifications along with all necessary documents through offline mode is, on or before 1600 hrs of February 26, 2019. Complete detail and the tender document is available on Institute website i.e. http://www.iiserbpr.ac.in and https://eprocure.gov.in. Any corrigendum etc will be notified on the above websites only.

क्रय एवं भण्डार अधिकारी

## OFFICE OF THE DISTRICT MAGISTRATE AND COLLECTOR, BARGARH
### (ST & SC Development Section)

Ph. No.-06646-230956 email : dwobargarh@gmail.com

No. 346/ SSD Dated : 11.02.2019

### NOTIFICATION

No. 97-V: In pursuance of this office Advertisement No. 1991/SSD Dated 14.08.2018 and Notification No. 188/ SSD Dated 31.01.2019 the Draft merit list (150%) of candidates for the post of Sikshya Sahayak is hereby published in the website www.bargarh.nic.in. The same is also available in the notice board of District Welfare Office, Bargarh. The candidates of Draft merit list (150%) are hereby informed to attend this office in person on 18.02.2019 at 11.00 A.M. to 5.00 P.M. for verification of their original Certificates/ Mark sheets along with all other relevant certificates produced in the application. The candidates are also instructed to submit one set of self-attested copies of all certificates, mark sheets and two passport size photograph at the time of verification. The authority reserves the right to reject the candidatures of the candidates, if found absent on the date of certificate verification.

24042/11/0010/1819 **Sd./- Collector, Bargarh**

## INTEGRATED TRIBAL DEVELOPMENT AGENCY : BARIPADA

(Ph. & Fax No. (06792) 260250, Email : itdabaripada@rediffmail.com

### QUOTATION CALL NOTICE
**No. 671/ Dt. 11.02.2019**

No. CAD-1405 : Sealed quotations in plain paper / letter pad are invited from the intending registered authorized dealers / distributors / firms for supply of following amenities like Inverter, Bed Ply for iron cots, Dust Bin, LED TV (reputed brand like Sony/ Panasonic / LG etc.) with D2H, shoe stand etc. to SSD Intuitions under ITDA Baripada. The bidder has to submit their bid documents in two separated sealed covers i.e. Technical Bid and Financial Bid Prominently superscribed on the cover. The bids will be received by the undersigned up to 5.00 P.M. of 25.02.2019 during office hours by Speed post/ registered Post / courier services / by hand only. The documents shall be deposited in the tender box kept in the ITDA. The bids so received will be opened at 11.00 AM of 26.02.19 in the office chamber of P.A., ITDA, Baripada in presence of the available bidders or their authorized representatives with sample.
(The details can be had from the office of the Project Administrator, ITDA, Baripada in person / District website www.mayurbhanj.nic.in

19010/11/0004/1819 **Sd./- Project Administrator, ITDA, Baripada**

## BERHAMPUR MUNICIPAL CORPORATION, GANJAM

**INVITATIONS FOR BIDS (IFB)**

**No. 1574/ XVIII.E6.12/18 Date: 04.02.19**

**No.476-C:- Invitation for Bids**

**Bid Identification No BMC (BAM)- 194/ 2018-19**

| | | |
|---|---|---|
| 1 | The Municipal Commissioner, Berhampur invites percentage rate bids in ONLINE MODE only, as per annexure "A". | |
| 2 | Nature of work | Electrical Works |
| 3 | No. of work | 19 Nos. |
| 4 | Bid Cost | The bidders shall remit online the cost of bid document for amount through the process as mentioned in the DTCN as per Annexure "A". |
| 5 | E.M.D | The bidder shall remit online the Earnest Money Deposit/ bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A". |
| 6 | Class of Contractor | As per the Annexure "A". |
| 7 | Availability of Bid Documents in the website | From 15.00 hrs. of Dt. 08.02.19 to 17.00 hrs. of 18.02.19. |
| 8 | Date of opening of Bid | 11.30 hrs. onwards on Dt. 19.02.19. |
| 9 | Mode of submission of tender | Tender should be submitted Online in www.tendersorissa.gov.in. |
| | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website only. | |

**Sd./- Commissioner,**
**Berhampur Municipal Corporation**
**Berhampur, Odisha**

**13035/11/0218/1819**

## OFFICE OF THE MUNICIPAL COUNCIL, SONEPUR
### "e" Procurement Notice

**Bid Identification No. SNP-MUN-08/2018-19**
**Tender Call Notice No. 294/ Date : 12.02.2019**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of contractors and the set of terms and conditions of contract & other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1 | Name of the Work | : | As per DTCN |
| 2 | No. of Works | : | 24 Nos |
| 3 | Amount put to Tender | : | As per DTCN |
| 4 | Period of Completion | : | As per DTCN |
| 5 | Starting Date & Time of Bidding | : | From Dt. 15.02.2019 from 11.00 A.M. |
| 6 | Last Date & Time for receipt of tenders through online | : | Upto Dt. 25.02.2019 up to 05.00 PM |
| 7 | Submission of Original Document | : | On or Before Dt. 26.02.2019 within 05.00 PM |
| 8 | Bids received online shall be opened on | : | On Dt. 27.02.2019 at 11.00 AM |
| 9 | Name and address of the Officer inviting Bid | : | Executive Officer, Sonepur Municipality |

Further details can be seen from the procurement portal i.e. www.tendersodisha.gov.in

**Sd./- Executive Officer**
**Sonepur Municipality**

See Career Appointment on every Wednesday & Saturday

## ଜିଲ୍ଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ, ସୁନ୍ଦରଗଡ
## DISTRICT MINERAL FOUNDATION, SUNDARGARH

(1st floor, DMF Office), District Rural Development Agency, Sundargarh – 770001
Tel / Fax No. 06622-273846, E-mail – dmfsundergarh@gmail.com

Letter No. 167 /(DMF) Dated the 12 / 02 / 2019

**RFP NO: -DMF/SNG/16-2018-19**

| | | | |
|---|---|---|---|
| 1. | The Collector-cum-Chairperson, District Mineral Foundation (DMF) Sundargarh, Government of Odisha invites technical and financial proposals in duplicate from reputed implementing Agency/ Firms of National and International repute for **"Design and Development for beautification of Parijaat Kanan park including landscaping, fountain, path way Statue, illumination, Gazebo etc. in Sundargarh town on EPC Mode Basis with 3 years Operation and Maintenance under DMF Funding"** as detailed in the Scope of Work in this DTCN. The interested and eligible Firms with valid Registration Certificate as a Company, as detailed in DTCN, may apply for the same in OFF-LINE mode. (For details visit **www.sundergarh.nic.in**). | | |
| 2. | Nature of Works | :- | **Design and Development for beautification of Parijaat Kanan park including landscaping, fountain, path way Statue, illumination, Gazebo etc. in Sundargarh town on EPC Mode Basis with 3 years Operation and Maintenance under DMF Funding** |
| 3. | RFP(Bid) Cost | :- | Rs.10,000/- |
| 4. | Places where works will be executed | :- | Sundargarh Town |
| 5. | Availability of bid document in the website | :- | **From 11.00 A.M. of 13.02.2019 to 27.02.2019 up to 5:00 P.M.** |
| 6. | Last date of receipt of Bid | :- | 27.02.2019 up to 5:00 P.M. |
| 7. | Mode of Receipt of Bids | :- | Through Speed Post/ Registered Post (India Post) and by no other means. |
| 8. | Date of opening of Technical Bid and Commercial Bid | :- | Date: 28.02.2019 at 11:00 A.M. |
| 9 | Address for Business query and correspondence | :- | Chief Executive Officer, District Mineral Foundation, Sundargarh Sundargarh -770001 ,Tel- 06622-273846 **Website-www.sundergarh.nic.in** **E-mail** Id-dmfsundergarh@gmail.com |
| 10 | The bidders have to participate in OFF-LINE bidding only. Further details can be seen from the Sundargarh District website (**www.sundergarh.nic.in**). Any addendum /corrigendum / cancellation of RFP can also be seen in the said websites. If any query then contact E-mail ID - dmfsundergarh@gmail.com. | | |

**Sd./- Collector-cum- Chairperson**
**DMF, Sundargarh**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BHADRAK

**Ph. No.: 06784-251866, 219033, Fax: 06784-251855**
**E-mail: cdmobdk@rediffmail.com, dmpubha@ori.nic.in**
**Notice No.: 1442/Bhadrak Dated: 12.02.2019**

### EXPRESSION OF INTEREST FOR SUPPLY OF DIET TO DIST. H.Q. HOSPITAL, BHADRAK
### SHORT TENDER CALL NOTICE

No.: 877-E: Expression of interest is invited from interested individual Supplier/Organization/ Agencies having relevant experience in the related field for supply of Diet to DHH, Bhadrak. The Parties/Organization/Agency should have a local office/counter in the same Head Quarter area for day to day co-ordination. Details regarding the term & condition, format for submission of tender may be downloaded from the dist website **www.bhadrak.nic.in**. The tender document should reach to the office of undersigned latest by 25.02.2019 at 5 P.M. through Speed Post/Registered Post only. The tender will be opened on 26.02.2019. The undersigned reserves the right to accept or reject any/all without assigning any reason thereof. The undersigned will not be held responsible for any postal delay.

10123/11/0022/1819 **Sd./- Chief District Medical & Public Health Officer, Bhadrak**

## DIRECTORATE GENERAL FIRE SERVICES, HOME GUARDS & CIVIL DEFENCE, ODISHA

### SHORT TENDER CALL NOTICE
**No.377-D:- NO.-11/2018-19.**

1. Sealed tenders are invited from the fabricators having own fabrication unit for fabrication of Water Tanker (15,000 Ltrs Capacity) and Mini Motor Fire Engine for Fire Service Organization during the year 2018-19.

| Sl No. | Name of the item | Approximate Quantity |
|---|---|---|
| 1 | Fabrication of Water Tanker (15,000 Ltrs Capacity) on chassis model: - Tata LPT 2518/48 Tilt Sleeper Cab Chassis 6×2 BSIV | 01 No. |
| 2 | Fabrication of Mini Motor Fire Engine on chassis model: - Ashok Leyland LCV Truck Partner 6 Tyre 3955 mm Wheel Base Cabin Chassis-17 feet. | 22 Nos |

2. Sale of tender document w. e. f. dt. 13-02-2019.
3. Last date for sale of tender document dt. 26-02-2019, 5.00 P.M.
4. Last date for receipt of tender document dt. 26-02-2019, 5.00 P.M.
5. Date for opening of tenders/Technical Bids dt. 27-02-2019, 11.30 AM. onward.
6. The tender document with detail technical specification, condition may be seen from the state website **www.odisha.gov.in** and Odisha Fire Service website **www.odishafshgscd.gov.in.** The tender document may be obtained by depositing Rs. 500/- (Rupees five hundred) only between 11.00 A.M to 5.00 P.M each working days.
7. Address.
Directorate General of F.S, H.Gs & C.D, at-3rd Floor of Vigilance Directorate, Nuapatna, Cuttack, Pin-753001, FAX-0671-2300201/ 2303387.

**Sd./- I.G of Police, Fire Service,**
**Home Guards & Civil Defence,**
**Odisha, Cuttack**

**12013/11/0022/1819**

## ଝୁଡ଼ଙ୍ଗ ଚାଷ ପାଇଁ...



ଝୁଡ଼ଙ୍ଗ ଚାଷ ଲାଗି ଫେବୃୟାରୀ-ମାର୍ଚ୍ଚ ମାସ ଉପଯୁକ୍ତ ସମୟ। ଗ୍ରୀଷ୍ମଋତୁରେ ବୁଦା ଚାଷ ପାଇଁ ପୁଷ୍ପା କୋମଲ୍,ପୁଷା ଫାଲ୍‌ଗୁନି ଓ ଲଟା ଚାଷ ସକାଶେ ଆମେରିକାନ୍ ଲଙ୍ଗ୍,ବନାରସୀ ଲଙ୍ଗ୍ ଆଦି ବିହନ ବ୍ୟବହାର କରନ୍ତୁ। ଏହା ବ୍ୟତୀତ ରସିଆନ୍ ଜାଏଣ୍ଟ,ଇସି-୪୩୧୬,ଏନ୍‌ପିଏ, ସି୧୫୨, ୟୁପିସି୨୮୬, ୟୁପିସି ୫୨୮୬,୮୭ ଓ ଆଇଜିଏଫ୍ ଆଇ-୪୫୦ ଆଦି ଉନ୍ନତ କିସମ ବିହନ ବ୍ୟବହାର କରନ୍ତୁ। ବିହନ ବୁଣିବାର ୭ଦିନ ପୂର୍ବରୁ କେଜି ବିହନ ପିଛା ୧ଗ୍ରାମ୍ ବେନୋମିଲ୍ ଏବଂ ବୁଣିବାର ୧ ଘଣ୍ଟା ପୂର୍ବରୁ ଏକ କେଜି ମଞ୍ଜିକୁ ୨୦ଗ୍ରାମ୍ ରାଇଜୋବିୟମ୍ କଲ୍‌ଚର ୪୦ମିଲି ପାଣିରେ ମିଶାଇ ଗୋଳାନ୍ତୁ। ଏହି ଚାଷ ସକାଶେ ଜମି ଗୁଣ୍ଡ ଚାଷ ହେବା ଆବଶ୍ୟକ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୮ ଟନ୍ କମ୍ପୋଷ୍ଟ ଖତ ମୂଳସାର ହିସାବରେ ହେବା ଦରକାର। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୮ଟନ୍ କମ୍ପୋଷ୍ଟ ଖତ ମୂଳସାର ହିସାବରେ ଦିଅନ୍ତୁ। ଏହା ସହିତ ୨୦କି.ଗ୍ରା ଯବକ୍ଷାରଜାନ,୪୦କି.ଗ୍ରା ଫସଫରସ ଓ ୨୦କି.ଗ୍ରା ଫଟାସ ସାର ପ୍ରୟୋଗ କରନ୍ତୁ। ମୂଳସାର ହିଁ ଝୁଡଙ୍ଗ ଅମଳରେ ବେଶି ସାହାଯ୍ୟ କରିପାରିବ। ଗଛକୁ ଗଛ ୧୦ସେ.ମି ଓ ଧାଡିକୁ ଧାଡି ୩୦ସେ.ମି ବ୍ୟବଧାନରେ ଲଗାନ୍ତୁ।

# ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ପାଳଛତୁ ଚାଷ





ନିରଞ୍ଜନ ଚିନରା



ପାଳଛତୁ ଚାଷ ଲାଗି ଅଧିକ ନଡ଼ା ଆବଶ୍ୟକ ହୋଇଥାଏ। ବର୍ତ୍ତମାନ କୃଷିକ୍ଷେତ୍ରରେ ଯନ୍ତ୍ରପାତିର ବ୍ୟବହାର ଯୋଗୁ ପାଳଛତୁ ପାଇଁ ନଡ଼ା ମିଳିବାରେ ସମସ୍ୟା ଦେଖାଗଲାଣି। ଅର୍ଦ୍ଧକମ୍ପୋଷ୍ଟ ପ୍ରଣାଳୀରେ ଛତୁ ଚାଷ କରାଗଲେ ଏହି ସମସ୍ୟା ସମାଧାନ କରାଯାଇପାରିବ।

ଅର୍ଦ୍ଧ କମ୍ପୋଷ୍ଟ ପ୍ରଣାଳୀରେ ଛତୁ ଚାଷ କରିବା ସକାଶେ ପ୍ରଥମେ ନଡା କିମ୍ବା ପାଳକୁ ଚଟାଣରେ ଖେଳାଇ ପାଣିସିଞ୍ଚନ କରନ୍ତୁ। ଲକ୍ଷ୍ୟ ରଖନ୍ତୁ ଯେପରି ଆବଶ୍ୟକତା ଠାରୁ ଅଧିକ ପାଣି ନ ରୁହେ । ପୁନର୍ବାର ଦ୍ୱିତୀୟ ଦିନ ପାଣି ସିଞ୍ଚନ କରନ୍ତୁ ଏବଂ ସେଥିରେ ସମାନ ପରିମାଣର ଲୁଗାକଳର ମଇଳା ମିଶାନ୍ତୁ। ଯଦି କେବଳ ନଡା ବ୍ୟବହାର କରୁଥାନ୍ତି ତେବେ ସେଥିରେ ନଡାର ୫ ପ୍ରତିଶତ ଚୋକଡ ଏବଂ କୁକୁଡାମଳ ମିଶାନ୍ତୁ। ଏହାପରେ ଓଦା ନଡାକୁ ଚଟାଣରେ ଗଦାକରନ୍ତୁ, ଯେପରି କି ଏହାର ଚଉଡା ଓ ଉଚ୍ଚତା ୫ ଫୁଟ ରହିବ। ପ୍ରତି ଦୁଇଦିନ ଅନ୍ତରରେ ଏହାକୁ ଓଲଟାନ୍ତୁ। ତୃତୀୟ ଥର ଓଲଟାଇବା ସମୟରେ ୨ ପ୍ରତିଶତ ଚୂନଗୁଣ୍ଡ ମିଶାନ୍ତୁ। ଅର୍ଦ୍ଧକମ୍ପୋଷ୍ଟ ହୋଇଯାଇଥିବା ନଡାକୁ ଛତୁ ଉତ୍ପାଦନ ପାଇଁ ପ୍ରସ୍ତୁତ ଘରର ଥାକରେ ସମାନଭାବେ ୧୦ସେ.ମି. ବହଳରେ ଖେଳାଇ ଦିଅନ୍ତୁ। ଏହା ମଧ୍ୟକୁ ବଏଲର ଦ୍ୱାରା ଗରମ ବାଷ୍ପ ଛାଡନ୍ତୁ ଏବଂ ୬୫ ଡିଗ୍ରୀ ସେଣ୍ଟିଗ୍ରେଡରେ ୬ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ୪୮ ଘଣ୍ଟା ପର୍ଯ୍ୟନ୍ତ ୪୮-୫୨ଡିଗ୍ରୀ ସେଣ୍ଟିଗ୍ରେଡରେ ରଖନ୍ତୁ ଏବଂ ପ୍ରାକୃତିକ ଉପାୟରେ ସାଧାରଣ ତାପମାତ୍ରାକୁ କମାଇଦିଅନ୍ତୁ। ସେଥିରେ ୧୦୦ କେଜି ନଡାପ୍ରତି ୧.୫ କେଜି ପାଳଛତୁ ମଞ୍ଜିକୁ ଖଣ୍ଡଖଣ୍ଡ କରି ୨ସେ.ମି ଗଭୀରତାରେ ଦିଅନ୍ତୁ ଯେପରି କି ମଞ୍ଜିରୁ ମଞ୍ଜି ମଧ୍ୟରେ ୧୫ ସେ.ମି. ବ୍ୟବଧାନ ରହିବ ଏବଂ ଏହା ଉପରେ ପଲିଥିନ ଚଦର ଘୋଡାଇ ଘରର ତାପମାତ୍ରାକୁ ୩୫ ଡିଗ୍ରୀ ସେଣ୍ଟିଗ୍ରେଡରେ ରଖନ୍ତୁ। ପାଞ୍ଚ ଦିନ ମଧ୍ୟରେ ଫିମ୍ପି ମାଡିଗଲା ପରେ ପଲିଥିନ ଚଦରକୁ ବାହାର କରି ଆବଶ୍ୟକତା ଅନୁସାରେ ପାଣି ସିଞ୍ଚନ୍ତୁ। ପଲିଥିନ ବାହାର କରିବାର ୨ ଦିନ ପରେ ଛତୁ କଢ଼ ବାହାରେ ଏବଂ ଏହି ସମୟରେ ତାପମାତ୍ରା ୨୮-୩୨ ସେଣ୍ଟିଗ୍ରେଡ, ୮୫ ପ୍ରତିଶତ ଆର୍ଦ୍ରତା, ଆଲୋକ ଏବଂ ବାୟୁ ଚଳାଚଳ କରାଯାଏ। କଢ଼ ଆସିବାର ୪-୫ ଦିନ ମଧ୍ୟରେ ଛତୁ ଅମଳଯୋଗ୍ୟ ହୋଇଯାଏ।ଏହିପରି ଦୁଇଥରରେ ପ୍ରତି ୧୦୦ କେଜି କମ୍ପୋଷ୍ଟରୁ ପ୍ରାୟ ୩୦-୪୫ କେଜି ଛତୁ ଅମଳ ମିଳିଥାଏ । ତେବେ ଏହି କମ୍ପୋଷ୍ଟ ସମ୍ପର୍କରେ କେତୋଟି ଜାଣିବା କଥା....

-ନଡା ଏବଂ ଲୁଗାକଳର ମଇଳାରେ ୫-୬ ଦିନ ମଧ୍ୟରେ ଫିମ୍ପି ବଢ଼ିଲା ବେଳେ କେବଳ ନଡାରୁ ପ୍ରସ୍ତୁତ କମ୍ପୋଷ୍ଟରେ ଫିମ୍ପି ବଢ଼ିବା ପାଇଁ ୬-୭ ଦିନ ସମୟ ଲାଗିଥାଏ ।

-କମ୍ପୋଷ୍ଟ କରିବା ସମୟରେ ସେଥିରେ ୬୫ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ।

-ଛତୁ ଘରର ତାପମାତ୍ରା ନିୟନ୍ତ୍ରଣ କରିବା ଲାଗି ଏହାର କାନ୍ଥରେ ତାପ କୁପରିବାହୀ ପଦାର୍ଥ ବ୍ୟବହାର କରାଯାଏ।

-ପାରମ୍ପରିକ ପ୍ରଣାଳୀରେ ଛତୁ ଅମଳ ପାଇଁ ୧୫ ଦିନ ଲାଗୁଥିବା ବେଳେ କମ୍ପୋଷ୍ଟ ପ୍ରଣାଳୀରେ ୧୦-୧୨ ଦିନ ସମୟ ଲାଗିଥାଏ।

-ବଳଦ କିମ୍ବା ମେଶିନ ଦ୍ୱାରା ଅମଳ କରାଯାଇଥିବା ନଡାକୁ କମ୍ପୋଷ୍ଟ କରି ଛତୁ ଅମଳ କରାଯାଇ ପାରିବ।

*-ସହକାରୀ ଅଧ୍ୟାପକ, ଉଦ୍ଭିଦ ରୋଗ ନିଦାନ ବିଭାଗ,ଓୟୁଏଟି, ଭୁବନେଶ୍ୱର, ମୋ: ୯୪୩୯୨୧୨୫୫୭*

## କାଜୁରେ କାଣ୍ଡ ବିନ୍ଧା ପୋକ ଲାଗୁଥିଲେ..



କାଜୁରେ କାଣ୍ଡ ଓ ଚେର ବିନ୍ଧା ପୋକର ଦମନ ପାଇଁ ଆକ୍ରାନ୍ତ ଅଞ୍ଚଳରୁ ଶତକଡା ୫୦ଭାଗ ବକଳ ଗୋଲେଇକରି ଛଡାଇ ଦିଅନ୍ତୁ ଏବଂ ପ୍ରତି ଟନେଲରେ ଏକ ମିଲି ମନୋକ୍ରୋଟଫସ (ଶତକଡା ୦.୦୫ଭାଗ) ପ୍ରୟୋଗ କରନ୍ତୁ। ଉକୁଣିଆ ପୋକର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଡେମିଟନ୍ ସିଞ୍ଚନ କରନ୍ତୁ। ଗଛମୂଳରୁ ୧ ମିଟର ବ୍ୟାସାର୍ଦ୍ଧ ପରିମିତ ଅଞ୍ଚଳରୁ ଅନାବନା ଘାସ ବାଛି ଦିଅନ୍ତୁ। ଗଛ ପ୍ରତି ୧୦-୨୦କି.ଗ୍ରା ଖତ, ୭୫୦ଗ୍ରାମ୍ ଯବକ୍ଷାରଜାନ , ୧୨୫ଗ୍ରାମ୍ ଫସଫରସ ଏବଂ ୧୨୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ପ୍ରତି ଗଛରେ ୨୦-୨୫ଲିଟର ପାଣି ଦିଅନ୍ତୁ।

## ଅମୃତଭଣ୍ଡା ଲଗାଉଥିଲେ...

ବର୍ତ୍ତମାନ ହେଉଛି ଅମୃତଭଣ୍ଡା ଲଗାଇବାର ପ୍ରକୃଷ୍ଟ ସମୟ। ହନି ଡ୍ୟୁ, କୁର୍ଜ ହନି ଡ୍ୟୁ, କୋଏମ୍ବାଟୁର୍-୧,କୋଏମ୍ବାଟୁର୍-୨, ପୁଷା ଡେଲସିୟସ୍,ପୁଷା ମାଜେଷ୍ଟିକ୍,ପୁଷା ଡ୍ୱାର୍ଫ,ପୁଷା ଜାଏଣ୍ଟ ଆଦି କିସମ ଲଗାନ୍ତୁ। ୨.୫ମି ×୨.୫ମି ଦୂରତାରେ ୦.୫ × ୦.୫ × ୦.୫ମିଟର ଗାତକରି ଗଛ ଲଗାନ୍ତୁ। ସୁସ୍ଥ,ବଳିଷ୍ଠ ଓ ନୀରୋଗ ତଳି କିମ୍ବା ଟିସୁ କଲ୍‌ଚର ତଳି ଲଗାନ୍ତୁ। ଲଗାଇବା ବେଳେ ଗାତ ପ୍ରତି ୨ଝୁଡି କମ୍ପୋଷ୍ଟ ଦେଇ ଲଗାନ୍ତୁ। ଏହା ସହିତ ୪୦୦ ଗ୍ରାମ୍ ସି.ଏ.ନ୍, ୨୫୦ଗ୍ରାମ୍ ସୁପର ଓ ୩୦୦ଗ୍ରାମ୍ ଏମ୍.ଓ.ପି ସାର ପ୍ରୟୋଗ କରନ୍ତୁ।





## କଦଳୀର ଝାଉଁଳା ରୋଗ ଦମନ ...

କବକଜନିତ ଝାଉଁଳା ରୋଗର ଦମନ ପାଇଁ ଆକ୍ରାନ୍ତ ଗଛକୁ ଉପାଡି ପୋଡି ଦିଅନ୍ତୁ ଏବଂ ମୂଳକୁ ପ୍ରତି ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ ପିଡିଆ ପ୍ରୟୋଗ କରନ୍ତୁ।



# ସୁଇଟ୍ କର୍ଣ୍ଣ



ଡ.ପରେଶ କୁମାର ପଣ୍ଡା



ଆଜିକାଲି ଗ୍ରାମ ହେଉ ବା ସହର, ସବୁଠି ସୁଇଟ୍ କର୍ନ ବା ମିଠା ମକାର ଆଦର। ସବୁ ବର୍ଗର ଲୋକଙ୍କ ପାଇଁ ଏହା ଏକ ସୁଆଦିଆ ଖାଦ୍ୟ ଭାବେ ଲୋକପ୍ରିୟ । ତୈଳଯୁକ୍ତ ବା ମସଲା ଖାଦ୍ୟ ବଦଳରେ ଡାକ୍ତର ମକା ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥାନ୍ତି । କାରଣ ମକାରେ ୮-୧୧ ଭାଗ ପୁଷ୍ଟିସାର ସହିତ ଯଥେଷ୍ଟ ପରିମାଣର ଖଣିଜ ଲବଣ ଓ ଜୀବନିକା ଭରିରହିଥାଏ । ଏହା ଆମର ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ । ସ୍ୱାସ୍ଥ୍ୟଯୁକ୍ତ ଖାଦ୍ୟ ହିସାବରେ ଲୋକେ କଞ୍ଚା ମକାକୁ ପୋଡ଼ି ବା ସିଝାଇ ସାଲାଡ୍ ପରି ଖାଇବାକୁ ଖୁବ୍ ପସନ୍ଦ କରିଥାନ୍ତି । ତାହା ଖୁବ୍ ସହଜରେ ହଜମ ହୋଇଥାଏ । ଏଥିରୁ ଅଧିକ ଲାଭ ମିଳିପାରୁଥିବାରୁ ରାଜ୍ୟର ସବୁ ଅଞ୍ଚଳରେ ଏହି ଚାଷ କରାଯାଉଛି । ସୁଇଟ୍ କର୍ନର ଚାହିଦା ବଢୁଥିବାରୁ ତାହାର ମୂଲ୍ୟ ସାଧାରଣ ମକା ତୁଳନାରେ ୨ ଗୁଣ ହୋଇଥାଏ । ସହରରେ ସନ୍ଧ୍ୟା ସମୟରେ ସିଝା ମକାର ମୂଲ୍ୟ ୧୫ରୁ ୨୦ ଟଙ୍କା ହୋଇଥାଏ ।

ଆମ ରାଜ୍ୟ ପାଇଁ ବିଜ୍ଞାପିତ ଓ ଅନୁମୋଦିତ ଅଧିକ ଅମଳକ୍ଷମ ଲୋକପ୍ରିୟ ଉନ୍ନତ ମିଠା ମକା କିସମଗୁଡିକ ହେଲା- ପ୍ରିୟା ସୁଇଟ୍ କର୍ଣ୍ଣ, ଏଚ.ଏସ୍.ସି-୧ ଓ୍ୱିନ, ଅରେଞ୍ଜ ସୁଇଟ୍ କର୍ଣ୍ଣ ଓ ମିଷ୍ଟି । ଉନ୍ନତ ବୈଜ୍ଞାନିକ କୌଶଳ ଅବଲମ୍ବନ ଓ ଅଧିକ ଅମଳକ୍ଷମ କିସମର ବ୍ୟବହାର କରି ବଜାରର ଚାହିଦାକୁ ଦେଖି ବିକ୍ରି କରିପାରିଲେ, ଏହି ମକା ଚାଷ ରୂପେ ସଫଳ ଓ ଅର୍ଥକରୀ ହୋଇପାରିବ, ଏହା ନିଃସନ୍ଦେହ ।

ଅନ୍ୟ ମକା ଚାଷ ପରି ଏହି ମକା ଚାଷ ସହଜ । ବର୍ଷସାରା ଏହାର ଚାଷ କରାଯାଇପାରିବ । ଖରାଦିନ ପାଇଁ ଜାନୁୟାରୀ- ଫେବୃୟାରୀ, ବର୍ଷାଦିନ ଲାଗି ଜୁନ ଓ ଶୀତ ଦିନିଆ ଚାଷ ପାଇଁ ଅକ୍ଟୋବର-ନଭେମ୍ବର ମାସରେ ବିହନ ବୁଣାଯାଏ । ଏକର ପ୍ରତି ୩ କି.ଗ୍ରା. ବିହନ ଦରକାର । ମଞ୍ଜିଗୁଡିକ ଆକାରରେ ଛୋଟ । ୬୦ ସେ.ମି. ଧାଡିକୁ ଧାଡି ଓ ୨୦-୨୫ ସେ.ମି. ଗଛକୁ ଗଛ ଦୂରତା ରଖାଯାଏ । ଏକର ପ୍ରତି ଖତ ସହ ୩୨-୧୬-୧୬ (ବର୍ଷା ଦିନିଆ) ଅଥବା ୪୮-୨୪-୨୪ (ଶୀତ ଓ ଖରାଦିନିଆ) ହିସାବରେ ସାର ଦୁଇ ଥରରେ ଦିଆଯାଏ । ୩୨-୧୬-୧୬ ପୋଷକ ପାଇବାକୁ ହେଲେ ଡିଏପି ୩୫ କି.ଗ୍ରା.+ ୟୁରିଆ ୫୭ କି.ଗ୍ରା + ପଟାସ ସାର ୨୭ କି.ଗ୍ରା. ଦରକାର । ୪୮-୨୪-୨୪ ପୋଷକ ପାଇବା ପାଇଁ ଡିଏପି ୫୩ କି.ଗ୍ରା.+ ୟୁରିଆ ୮୫ କି.ଗ୍ରା.+ ପଟାସ୍ ୪୦ କି.ଗ୍ରା. ଯୋଗାଡ଼ କରାଯାଏ । ସମୁଦାୟ ଡିଏପି ଓ ପଟାସ ମୂଳ ସାର ରୂପେ, ୟୁରିଆ ସାରର ଦୁଇ-ତୃତୀୟାଂଶ ଗଛ ହେବାର ୩ ସପ୍ତାହ ଓ ଅବଶିଷ୍ଟ ୟୁରିଆ ସାର (ଏକ-ତୃତୀୟାଂଶ) ଅଣ୍ଠିରା ଫୁଲ ଆସିବା ବେଳେ ଘାସ ବାଛି ମୂଳଠାରୁ ସାମାନ୍ୟ (ଅଧ ଚାଖଣ୍ଡ) ଛାଡି ପ୍ରୟୋଗ କରି ମାଟି ଟେକାଯାଏ । ଏହାର ଘାସ ନିୟନ୍ତ୍ରଣ, ଜଳସେଚନ ଓ ସମନ୍ୱିତ ରୋଗ ପୋକ ପରିଚାଳନା ଅନ୍ୟ ମକା ଚାଷ ପରି ।

ଅଢେଇ ମାସ ବେଳକୁ ଅମଳ କରାଯାଏ । ଚଅଁର ବାହାରିବାର ୩ ସପ୍ତାହ ବେଳକୁ ଅମଳ କରାଯାଏ । ମକାର ଉପର ଚୋପା ସବୁଜ ଥିବାବେଳେ ଅମଳ କରିବା ଦରକାର ଓ ତୁରନ୍ତ ବଜାରକୁ ପଠାନ୍ତୁ। ଗଦା କରି ରଖନ୍ତୁ ନାହିଁ । ଠିକ୍ ଚାଷରୁ ଏକର ପ୍ରତି ୧୬ କୁଇଣ୍ଟାଲ ମିଠା ମକା ମିଳିଥାଏ । କଞ୍ଚା ମକା ହିସାବରେ ବିକ୍ରି କଲେ ମକା ପ୍ରତି ୪ ଟଙ୍କା ଦରରେ ଗଛ ପ୍ରତି ୧ଟି କରି ୨୦ ହଜାର ମକାରୁ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ ମିଳି ପାରିବ । ଏକର ପ୍ରତି ଚାଷ କାର୍ଯ୍ୟ ସାର, ମଞ୍ଜି, ଜଳସେଚନ ଅମଳ ଓ ବିକ୍ରିବଟା ବାବଦ ସର୍ବମୋଟ ଖର୍ଚ୍ଚ ୩୦ ହଜାର ବାଦ୍ ଦେଲେ ଲାଭ ୫୦ ହଜାର ମିଳିପାରିବ ଓ କୃଷି ପରିବାରର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧି ପାଇବ।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର, ମୋ:୭୨୦୫୦୯୬୦୮୦*




## ADVERTISEMENT

The Advertisement Published in "SAMAJA" Newspaper on 21.06.2018 for recruitment for Geology Lecturer is now herewith cancelled.

**Sd./-**
**Principal**
**Khemundi College, Digapahandi, Gm.**

## DISTRICT OFFICE, ANGUL
### (Social Welfare Section)
### No.210 / SW Date - 02.02.2019
### IST CORRIGENDUM

**(TO TENDER CALL NOTICE No - 2361 DATED 15.12.2018 FOR ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

The following changes are made in the Tender Notice No - 2361 dated 15.12.2018 for engagement of Transport Contractor for Transporting of Wheat and Rice under SNP in Angul District.
1 - Last date for available of tender Paper - 19.02.2019 by 1.00 PM.
2 - Last date for Submission of Tender Paper - 20.02.2019 by 1.00 PM.
3 - Opening of Tender Paper - 20.02.2019 by 3.00 PM.
All other Terms and Condition of the tender remained unaltered.
Further details can be seen from the District website **www.angul.nic.in.**

***Sd./-***
***COLLECTOR, ANGUL***

## NOTIFIED AREA COUNCIL, KESINGA

**"e" Procurement Notice No. 276/NAC (K), Dt.08.02.2019**
**Tender Reference No. KSNG-NAC-01/2018-19**
**Tender ID No. 2019_ORULB_53375**

The Notified Area Council, Kesinga invites online Bid in single cover system through e-Procurement.

| | | |
|---|---|---|
| Total Nos. of work | : | 10 (Ten) |
| Apprx. value of works | : | Rs. 223220.00 to Rs. 5517892.00 |
| Period of availability of tender for online bidding | : | From 11.02.2019 to 20.02.2019 upto 5.00PM |
| Date & time of opening | : | 2.30PM on 23.02.2019 |
| **Submission of Original Document**<br>1. Physical documents:- Xerox copy of all documents as per DTCN with self attested.<br>2. Financial documents (original) i.e. Tender Paper Cost, EMD and also Additional Performance Security only | : | By Registered Post / Speed Post upto 1.00PM on 20.02.2019 |
| Class of Contractor | : | Class "D", Class "C", Class "B", Class "A" |

Further details can be seen from the website www.tendersorissa.gov.in

***Sd./- Executive Officer***
***N.A.C., Kesinga***

See Career Appointment on every Wednesday & Saturday

## ADVERTISEMENT
### NO.249/SW/ Dt.07.02.2019

Sealed tenders are invited from Registered Printing Press/ Supplying Agencies for Printing and supply of NUA ARUNIMA ABHYASA PUSTIKA PART - I & II. Intending Printing Press / Firms may download T & C from Website **www.angul.nic.in** and submit their tender latest by 1.00 PM. of 01.03.2019.

***Sd./-***
***Collector, Angul***

## ରେଳପଥ ବିଦ୍ୟୁତୀକରଣ/ଭୁବନେଶ୍ୱର
## ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଡିଆରଇ-ସିଭିଲ-ଓଟି-୨୦୧୮-୧୯-୩ ତାରିଖ: ୦୮ ।୦୨ ।୨୦୧୯

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଡେପୁଟି ଚିଫ୍ ଇଞ୍ଜିନିୟର, ରେଳପଥ ବିଦ୍ୟୁତୀକରଣ, ସିପିଡି/ଆରଇ/ବିବିଏସ୍‌ଙ୍କ କାର୍ଯ୍ୟାଳୟ, ଆନେକ୍ସ ବିଲ୍ଡିଂ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩ ନିମ୍ନଲିଖିତ କାର୍ଯ୍ୟ ପାଇଁ ଆବଶ୍ୟକ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଟେଣ୍ଡରଦାତାମାନଙ୍କଠାରୁ ୱେବ୍‌ସାଇଟ୍: http://www.ireps.gov.inରେ ଇ-ବିଡ୍ ଆହ୍ୱାନ କରୁଛନ୍ତି।

**କାର୍ଯ୍ୟର ନାମ:** "ଏସ୍‌ପିଆରଡି-ଡିଏମ୍‌ଏନ୍‌ଜେ ସେକ୍ସନ୍ ମଧ୍ୟରେ ପୂର୍ବତଟ ରେଳପଥର ୱାଲ୍ଟେୟାର ଡିଭିଜନର ଆରଇ କାର୍ଯ୍ୟ ସଂକ୍ରାନ୍ତରେ ଷ୍ଟାଫ୍ କ୍ୱାର୍ଟର୍ସ ଟାଇପ୍-II- ୧୫ ଗୋଟି (ଭାଲୁମାସ୍କାଠାରେ ୦୭ ଗୋଟି, ଲକ୍ଷ୍ମୀପୁର ରୋଡ୍‌ଠାରେ ୦୭ ଗୋଟି, ଦାମନଯୋଡ଼ିଠାରେ ୦୧ ଗୋଟି), ଟାଇପ୍-III- ୦୪ ଗୋଟି (ଭାଲୁମାସ୍କାଠାରେ ୦୨ ଗୋଟି ଏବଂ ଲକ୍ଷ୍ମୀପୁର ରୋଡ୍‌ଠାରେ ୦୨ ଗୋଟି), ଟାଇପ୍-IV-୩ ଗୋଟି (ଭାଲୁମାସ୍କାଠାରେ ୦୨ ଗୋଟି ଏବଂ ଲକ୍ଷ୍ମୀପୁର ରୋଡ୍‌ଠାରେ ୦୧ ଗୋଟି), ଲକ୍ଷ୍ମୀପୁର ରୋଡ୍‌ଠାରେ ଡିଇଇ/ଏଇଇ କାର୍ଯ୍ୟାଳୟ ଏବଂ ଏସ୍‌ଇ/ସିଗ୍ନାଲ୍ କାର୍ଯ୍ୟାଳୟ ଭଳି ସର୍ଭିସ୍ ବିଲ୍ଡିଂ ନିର୍ମାଣ ଯାହା ମଧ୍ୟରେ ଜଳ ଯୋଗାଣ ବ୍ୟବସ୍ଥା ଏବଂ ଆଭ୍ୟନ୍ତରୀଣ ବିଦ୍ୟୁତୀକରଣ ଅନ୍ତର୍ଭୁକ୍ତ"।

| ଅଟକଳ ମୂଲ୍ୟ | ଇ.ଏମ୍.ଡି. | ଟେଣ୍ଡର କାଗଜପତ୍ର ମୂଲ୍ୟ |
|---|---|---|
| ₹୫,୧୭,୪୫,୫୦୭/- | ₹୪,୦୮,୭୦୦/- | ₹୧୦,୦୦୦/- |
| ଖୋଲାଯିବାର ତାରିଖ ଓ ସମୟ | କାର୍ଯ୍ୟର ସମାପ୍ତି ଅବଧି | ଟେଣ୍ଡର ସମାପ୍ତିର ତାରିଖ ଓ ସମୟ |
| ତା୦୮ ।୦୩ ।୨୦୧୯ରିଖ ୧୫.୦୦ ଘଟିକା | ୧୨ (ବାର) ମାସ | ତା୦୮ ।୦୩ ।୨୦୧୯ରିଖ ୧୫.୦୦ ଘଟିକା |

ଏହି ଇ-ଟେଣ୍ଡର ପାଇଁ ଡାକ/କୋରିୟର/ ଫାକ୍ସ କିମ୍ବା ବ୍ୟକ୍ତିଗତ ଭାବେ ପଠାଯାଇଥିବା କୌଣସି ମାନୁଆଲ୍ ଅଫର୍‌କୁ ଗ୍ରହଣ କରାଯିବ ନାହିଁ, ସେଗୁଡ଼ିକ ସଂସ୍ଥାର ଲେଟର୍ ହେଡ୍‌ରେ ଦାଖଲ ହୋଇଥିଲେ ଏବଂ ଠିକ୍ ସମୟରେ ପ୍ରାପ୍ତ ହୋଇଥିଲେ ମଧ୍ୟ। ଏପରି ସମସ୍ତ ମାନୁଆଲ୍ ଅଫର୍‌ଗୁଡ଼ିକ ଅବୈଧ ବିବେଚିତ ହେବ ଏବଂ ଏହାକୁ ବିଚାରକୁ ନିଆ ନ ଯାଇ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ। **ଉପରୋକ୍ତ ଇ-ଟେଣ୍ଡରର ସମ୍ପୂର୍ଣ୍ଣ ସୂଚନା ସମେତ ଇ-ଟେଣ୍ଡର କାଗଜପତ୍ର ୱେବ୍‌ସାଇଟ୍- http://www.ireps.gov.inରେ ଉପଲବ୍ଧ।**
**ଦ୍ରଷ୍ଟବ୍ୟ:-** ଏହି ଟେଣ୍ଡର ପାଇଁ ଜାରି କୌଣସି ସଂଶୋଧନ/ଶୁଦ୍ଧିପତ୍ରକୁ ଧ୍ୟାନରେ ରଖିବା ପାଇଁ ଟେଣ୍ଡର ସମାପ୍ତିର ୧୫ (ପନ୍ଦର) ଦିନ ପୂର୍ବରୁ ପୁନର୍ବାର ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ସମ୍ଭାବ୍ୟ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। **http://www.ireps.gov.in**

**ସ୍ୱା./- ଡେପୁଟି ଚିଫ୍ ଇଞ୍ଜିନିୟର, ରେଳପଥ ବିଦ୍ୟୁତୀକରଣ, ସିପିଡି/ଆରଇ/ବିବିଏସ୍‌ଙ୍କ କାର୍ଯ୍ୟାଳୟ, ଆନେକ୍ସ ବିଲ୍ଡିଂ, ରେଳ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩**

## OFFICE OF THE EXECUTIVE ENGINEER
## R.W.S.&S. DIVISION, GAJAPATI, PARALAKHEMUNDI, ODISHA

Email: eerwssgjp@gmail.com, Ph. No. 06815-224803

1655-O

### Invitation of Bid through E-Tendering
**Bid Identification No. EE/RWS&S/GPT/18 of year 2018-19**

1. The Executive Engineer, RWS&S Division, Gajapati, on behalf of Governor of Odisha invites percentage rate bids in single cover system in ONLINE MODE for Rural Piped Water Supply Projects as detailed in the DTCN to be hoisted in the website www.tenderorissa.gov.in. The eligible class of Contractors may offer their bids for e-Procurement.
2. No. of works : 4
3. Estimated Cost : Ranging from approx. Rs. 10 Lakhs to 60 Lakhs
4. Period of Completion : 06 (Six) months
5. Tender Cost : Rs. 6000/- as mentioned in the Annexure
6. Class of Contractor : "D", "C", "B" & "A" Class
7. Date & time of availability of bid in the website : 16.02.2019 to 22.02.2019 upto 5.00PM
8. Last date & time for seeking Tender clarification : 21.02.2019 upto 5.00PM
9. Last date & time for receipt of bids : 22.02.2019 upto 5.00PM
10. Date & time of opening of Technical & Financial bids : 23.02.2019 at 11.00AM
11. Further details can be had in the website www.tenderorissa.gov.in only.
12. The contractors who have been awarded with the work orders for execution of any work under this Division earlier, but on some account or the other, have not successfully completed the same within the stipulated period and have remained defaulter for considerable period of time are debarred from participating in the tender process.
13. Authority reserves the right to reject any or all the tenders without assigning any reason thereof.

**Enclosed:** The details of the works in annexure attached herewith for reference.

***Sd./- Execuive Engineer***
***RWS&S Division, Gajapati, Paralakhemundi***

25025/11/0017/1819

## ସଂକ୍ଷେପରେ

### ମାଲ୍ୟା ଋଣ ମାମଲା ଫସିବେ ଏୟାର ଡେକାନ୍ ପ୍ରତିଷ୍ଠାତା

**ନୂଆଦିଲ୍ଲୀ,୧୨-୨:** ମଦ ବ୍ୟବସାୟୀ ବିଜୟ୍ ମାଲ୍ୟା ଋଣ ଠକେଇ ମାମଲାରେ ଏୟାର ଡେକାନ ପ୍ରତିଷ୍ଠାତା ଜି.ଆର.ଗୋପୀନାଥ ଏବେ ଯାଞ୍ଚ ଏଜେନ୍ସିଙ୍କ ନଜରକୁ ଆସିଛନ୍ତି। ଡେକାନ୍ ଏଭିଏଶନକୁ ଏସ୍‌ବିଆଇ ଦେଇଥିବା ୩୪୦ କୋଟି ଟଙ୍କାର ଋଣକୁ ଗୋପୀନାଥ ବିଦେଶ ପଠାଇବାରେ ସହାୟତା କରିଥିଲେ ବୋଲି ଅଭିଯୋଗ ହୋଇଛି। ତାଙ୍କରି ସ୍ୱାକ୍ଷରରେ ଏସ୍‌ବିଆଇରୁ ନିଆଯାଇଥିବା ଟଙ୍କାକୁ ଆକ୍ସିସ ବ୍ୟାଙ୍କ ଜରିଆରେ ବିଦେଶକୁ ପଠାଯାଇଥିଲା ବୋଲି ଯାଞ୍ଚ ଏଜେନ୍ସି ସିବିଆଇ ଜାଣିପାରିଛି। ଏସ୍‌ବିଆଇ ପକ୍ଷରୁ ଋଣ ପ୍ରଦାନ ବେଳେ ଗୋପୀନାଥ କିଙ୍ଗଫିଶର୍ ଏୟାରଲାଇନ୍ସରେ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସୂଚନାଥାଉ କି, ୨୦୦୭ରେ ଏୟାର ଡେକାନ ଓ କିଙ୍ଗଫିଶର୍ ଏୟାରଲାଇନ୍ସର ମିଶ୍ରଣ ଘଟିଥିଲା। ସେବେଠାରୁ ଗୋପୀନାଥ କିଙ୍ଗଫିଶର ଏୟାରଲାଇନ୍ସର ଡାଇରେକ୍ଟର ଭାବେ କାର୍ଯ୍ୟ କରୁଛନ୍ତି। ଏହାଛଡ଼ା କିଙ୍ଗଫିଶର୍ ଏୟାରଲାଇନ୍ସ ଦ୍ୱାରା ଗୋପୀନାଥଙ୍କୁ ଦିଆଯାଇଥିବା ୩୦ କୋଟି ଟଙ୍କା ସମ୍ପର୍କରେ ମଧ ସିବିଆଇ ଖୋଳତାଡ଼ ଆରମ୍ଭ କରିଛି।

### ନୂଆ ଚ୍ୟାନେଲ ଟାରିଫ ଚୟନ ମାର୍ଚ୍ଚ ୩୧ ଯାଏ ସମୟ ବୃଦ୍ଧି

**ନୂଆଦିଲ୍ଲୀ,୧୨-୨:** ଟେଲିକମ ରେଗୁଲେଟୋରୀ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ନୂଆ ଟିଭି ଚ୍ୟାନେଲ ଟାରିଫ ଚୟନର ସମୟସୀମାକୁ ମାର୍ଚ୍ଚ ୩୧ ଯାଏ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହା ଫେବୃୟାରୀ ପହିଲା ଧାର୍ଯ୍ୟ କରାଯାଇଥିଲା। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ପ୍ରାୟ ୧୦୦ ମିଲିୟନ କେବୁଲ ଟିଭି ସେବା ସଂଯୋଗ ଦିଆଯାଇଥିବା ବେଳେ ୬୭ ମିଲିୟନ ଡାଇରେକ୍ଟ ଟୁ ହୋମ୍ ଗ୍ରାହକ ରହିଛନ୍ତି। ଟ୍ରାଇର ତଥ୍ୟ ଅନୁଯାୟୀ ଅଦ୍ୟାବଧି ୯ କୋଟି ଗ୍ରାହକ ନୂଆ ଟାରିଫ ବ୍ୟବସ୍ଥା ଆପଣାଇସାରିଲେଣି। ଅଦ୍ୟାବଧି ଟାରିଫ ଚୟନ କରି ନ ଥିବା ଗ୍ରାହକଙ୍କୁ 'ବେଷ୍ଟ ଫିଟ୍ ପ୍ଲାନ'ରେ ସାମିଲ କରିବା ଲାଗି ସେବା ଯୋଗାଣକାରୀମାନେ ପଦକ୍ଷେପ ନେବାକୁ ଟ୍ରାଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନିଜର ପ୍ଲାନ ପସନ୍ଦ କରିବା ପର୍ଯ୍ୟନ୍ତ ପୁରୁଣା ପ୍ଲାନ ଜାରି ରହିବ ବୋଲି ଟ୍ରାଇ ସ୍ପଷ୍ଟ କରିଛି।

### ହଂକଂରେ ବିଦେଶୀ ନିବେଶକଙ୍କୁ ଭେଟିଲେ ଆର୍‌ବିଆଇ ଗଭର୍ନର



**ନୂଆଦିଲ୍ଲୀ,୧୨-୨:** ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ହଂକଂରେ ବିଦେଶୀ ନିବେଶକଙ୍କୁ ଭେଟିଛନ୍ତି। ଗତବର୍ଷ ରିଜର୍ଭ ବ୍ୟାଙ୍କର ଗଭର୍ନର ପଦ ସମ୍ଭାଳିବା ପରେ ବିଦେଶରେ ନିବେଶକଙ୍କ ସହ ଦାସଙ୍କ ଏହା ପ୍ରଥମ ବୈଠକ। ଏ ସମ୍ପର୍କରେ ସେ ମଙ୍ଗଳବାର ଟୁଇଟ୍ କରି ଜଣାଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ୨୫ ତମ ଗଭର୍ନର ଭାବେ ଅବସ୍ଥାପିତ ହେବା ପରେ ଦାସ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ସାକ୍ଷାତ ଜାରି ରଖିଛନ୍ତି। ଏଥିପୂର୍ବରୁ ସେ ରାଷ୍ଟ୍ରାୟତ୍ତ ଓ ଘରୋଇ କ୍ଷେତ୍ରର ବ୍ୟାଙ୍କ, ଆର୍ଥିକ ଜଗତ ତଥା ଉଦ୍ୟୋଗ ଜଗତର ମୁଖ୍ୟମାନଙ୍କୁ ଭେଟିଛନ୍ତି। ନିକଟରେ ରିଜର୍ଭ ବ୍ୟାଙ୍କ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଲାଗି ରହିଥିବା ସୀମାକୁ ପ୍ରତ୍ୟାହାର କରିନେବା ଲାଗି ପ୍ରସ୍ତାବ ଦେଇଛନ୍ତି।

### ବନ୍ଦେ ଭାରତ ଏକ୍ସପ୍ରେସ ଭଡ଼ା କମିଲା



**ନୂଆଦିଲ୍ଲୀ,୧୨-୨:** ଆସନ୍ତା ୧୫ରୁ ଚଳାଚଳ କରିବାକୁ ଥିବା ଟ୍ରେନ୧୮ ବା ବନ୍ଦେ ଭାରତ ଏକ୍ସପ୍ରେସର ଭଡ଼ାକୁ ରେଳବାଇ ହ୍ରାସ କରିଛି। ଏଣିକି ଦିଲ୍ଲୀରୁ ବାରାଣସୀ ପାଇଁ ଚେୟାର କାର୍‌ରେ ୧୭୬୦ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ଲାଗି ୩୩୧୦ ଟଙ୍କା ଭଡ଼ା ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଚେୟାର କାର୍ ବାବଦରେ ୧୮୫୦ ଟଙ୍କା ଏବଂ ଏକ୍‌ଜିକ୍ୟୁଟିଭ ପାଇଁ ୩୫୨୦ ଟଙ୍କା ଭଡ଼ା ନିର୍ଦ୍ଧାରଣ କରାଯାଇଥିଲା। ଏଥିରେ କ୍ୟାଟରି ଚାର୍ଜକୁ ସାମିଲ କରାଯାଇଛି। ଭଡ଼ା ହ୍ରାସ ସତ୍ତ୍ୱେ ଏଣିକି ଚେୟାର କାର୍ ଓ ଏକ୍‌ଜିକ୍ୟୁଟିଭ ଶ୍ରେଣୀ ଟିକେଟ ମୂଲ୍ୟ ଶତାବ୍ଦୀ ଏକ୍ସପ୍ରେସଠାରୁ ଯଥାକ୍ରମେ ୧.୪% ଓ ୧.୩% ଅଧିକ ରହିବ।

---

"ନୂତନ ଟେକ୍ନୋଲୋଜି ଗ୍ରହଣ ପଦକ୍ଷେପ ଅନ୍ତର୍ଗତ ଭାରତ ୫ଜି କ୍ଷେତ୍ରରେ ରହିଥିବା ସୁଯୋଗକୁ ହାତଛଡ଼ା କରିବ ନାହିଁ।
**– ମନୋଜ ସିହ୍ନା, କେନ୍ଦ୍ର ଟେଲିକମ୍ ମନ୍ତ୍ରୀ**



"ଲଜିଷ୍ଟିକ କ୍ଷେତ୍ରର ଖର୍ଚ୍ଚ ହ୍ରାସ ସହ ଦକ୍ଷତା ବୃଦ୍ଧି କରିବାକୁ ସରକାର ନୂଆ ସମନ୍ୱିତ ନୀତି ଆଣିବେ।
**– ସୁରେଶ ପ୍ରଭୁ, କେନ୍ଦ୍ର ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ**



# ୯୫% ରିୟଲ ଇଷ୍ଟେଟ୍ ସଂସ୍ଥାଙ୍କ ପାନ୍ ତଥ୍ୟ ଉପଲବ୍ଧ ନାହିଁ

**ନୂଆଦିଲ୍ଲୀ,୧୨-୨**

ସଂସଦରେ ମଙ୍ଗଳବାର ଉପସ୍ଥାପିତ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି)ଙ୍କ ରିପୋର୍ଟରେ ରିୟଲ ଇଷ୍ଟେଟ ସମ୍ପର୍କରେ ଚାଞ୍ଚଲ୍ୟକର ତଥ୍ୟ ପ୍ରକାଶ କରାଯାଇଛି। ସିଏଜି ରିପୋର୍ଟ ଅନୁଯାୟୀ, ରିୟଲ ଇଷ୍ଟେଟ ସେକ୍ଟରରେ ରେଜିଷ୍ଟ୍ରାର ଅଫ୍ କମ୍ପାନିଜଙ୍କ ନିକଟରେ ୯୫% ପଞ୍ଜୀକୃତ କମ୍ପାନୀଙ୍କ ପାନ୍ ତଥ୍ୟ ନାହିଁ। ଏଥିସହିତ ଏ ସମ୍ପର୍କରେ ଜାଣିବା ଲାଗି ଆୟକର ବିଭାଗ ନିକଟରେ କୌଣସି ବ୍ୟବସ୍ଥା ନାହିଁ।

ସିଏଜି ରିପୋର୍ଟରେ କୁହାଯାଇଛି ଯେ, ଅଡିଟ ଲାଗି ଉପଲବ୍ଧ ୫୪,୫୭୮ କମ୍ପାନୀଙ୍କ ମଧ୍ୟରୁ ୫୧,୬୭୦ କମ୍ପାନୀ(ପ୍ରାୟ ୯୫%)ଙ୍କ ପାନ୍ ନମ୍ବର ତଥ୍ୟ ପ୍ରଦାନ କରାଯାଇ ନାହିଁ। ସିଏଜିର ଅଡିଟ ଟିମ୍ ପକ୍ଷରୁ ୨୦୧୪ରୁ ୨୦୧୭ ପର୍ଯ୍ୟନ୍ତ ରିୟଲ ଇଷ୍ଟେଟ ସେକ୍ଟରର ଆସେସମେଣ୍ଟ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ କୁହାଯାଇଛି ଯେ, ପଞ୍ଜୀକୃତ ରିୟଲ ଇଷ୍ଟେଟ କମ୍ପାନୀଙ୍କର ପାନ୍ ନମ୍ବର ନେଇ ଆୟକର ବିଭାଗ ଜାଣିନାହିଁ। ଏପରିକି ସେମାନଙ୍କର ଆୟକର ରିଟର୍ନ ଦାଖଲ ସମ୍ପର୍କରେ ମଧ କୌଣସି ତଥ୍ୟ ଆୟକର ବିଭାଗ ନିକଟରେ ରହିଥିବା ସ୍ପଷ୍ଟ ହୋଇନାହିଁ। ରିୟଲ ଇଷ୍ଟେଟ କମ୍ପାନୀ/ବିଲ୍ଡର ସହ ଜଡ଼ିତ ସୂଚନା ଏକତ୍ର କରିବା ଲାଗି ରେଜିଷ୍ଟ୍ରାର ଅଫ୍ କମ୍ପାନିଜ (ଆର୍‌ଓସି), ରିୟଲ ଇଷ୍ଟେଟ ରେଗୁଲେଟୋରି ଅଥରିଟି (ରେରା)ଠାରୁ ତଥ୍ୟ ମଗାଯାଇଥିଲା। ଆର୍‌ଓସି ପକ୍ଷରୁ ୧୨ ରାଜ୍ୟରେ ରିୟଲ ଇଷ୍ଟେଟ ସେକ୍ଟରରେ ଥିବା ହଜାର ହଜାର କମ୍ପାନୀଙ୍କ ପାନ୍ ସୂଚନା ପ୍ରଦାନ କରାଯାଇ ପାରି ନ ଥିଲା। ରିପୋର୍ଟ ଅନୁଯାୟୀ ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ଆର୍‌ଓସି ଅଧୀନରେ ପଞ୍ଜୀକୃତ ମୋଟ ୭୫୨୦ କମ୍ପାନୀଙ୍କ ମଧ୍ୟରୁ ୭୩୯୧ଙ୍କ ପାନ୍ ତଥ୍ୟ ମିଳି ନ ଥିଲା। ସେହିପରି ବିହାରରେ ୪୫୪ କମ୍ପାନୀଙ୍କ ପାନ୍ ନାହିଁ। ଏହାବ୍ୟତୀତ ଦିଲ୍ଲୀର ୪୬୨୨ କମ୍ପାନୀ ମଧ୍ୟରୁ ୪୫୧୮ର ପାନ୍ ତଥ୍ୟ ନାହିଁ। ଗୁଜରାଟର ସ୍ଥିତି ବିହାର ଭଳି ଥିଲା। ସେଠାରେ ୧୨୭୮ କମ୍ପାନୀଙ୍କର ପାନ୍ ସୂଚନା ମିଳିପାରି ନାହିଁ।

**ସିଏଜି ରିପୋର୍ଟ**

- ରେଜିଷ୍ଟ୍ରାର ଅଫ୍ କମ୍ପାନିଜ ଓ ଆୟକର ବିଭାଗରେ ତଥ୍ୟ ଉପଲବ୍ଧ କରାଇପାରିନାହାନ୍ତି
- ୨୦୧୪-୧୭ ପର୍ଯ୍ୟନ୍ତ ଆସେସ୍‌ମେଣ୍ଟ କରାଯାଇଥିଲା
- ୫୪,୫୭୮ କମ୍ପାନୀଙ୍କ ମଧ୍ୟରୁ ୫୧,୬୭୦ର ପାନ୍ ନାହିଁ

**ଅର୍ଥ ମନ୍ତ୍ରଣାଳୟ ଅଧିକ ଖର୍ଚ୍ଚ କରିଛି ୧୧୫୭ କୋଟି**

କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ମଙ୍ଗଳବାର ସଂସଦରେ ଉପସ୍ଥାପିତ ହୋଇଛି। ଅର୍ଥ ମନ୍ତ୍ରଣାଳୟ ୨୦୧୭-୧୮ ଆର୍ଥିକ ବର୍ଷରେ ସଂସଦର ବିନାନୁମତିରେ ୧୧୫୭କୋଟି ଟଙ୍କା ଅତିରିକ୍ତ ବ୍ୟୟ କରିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ମନ୍ତ୍ରଣାଳୟ ନୂଆ ସେବା ଅଥବା ନୂଆ ପଦ୍ଧତି ଆପଣାଇବା ଲାଗି ଠିକ୍ ବ୍ୟବସ୍ଥା ଗ୍ରହଣ କରି ନଥିଲା। ଏହି କାରଣରୁ ଅତିରିକ୍ତ ଖର୍ଚ୍ଚ ବଢ଼ିଛି। ସିଏଜି ରିପୋର୍ଟ ଅନୁଯାୟୀ, ୧୧୫୬.୬୦ କୋଟି ଟଙ୍କାକୁ କେତେକ ଭାଗରେ ଖର୍ଚ୍ଚ କରାଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ଆର୍ଥିକ ବ୍ୟାପାର ବିଭାଗ ଅତିରିକ୍ତ ଖର୍ଚ୍ଚ କରିବା ଲାଗି ସଂସଦରେ ବିଲ୍ ଉପସ୍ଥାପନ କରି ନ ଥିଲା।





# ଆଇଓବିର ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ ଅଭିଯାନ

**ଭୁବନେଶ୍ୱର,୧୨-୨**

ଇଣ୍ଡିଆନ ଓଭରସିଜ ବ୍ୟାଙ୍କ (ଆଇଓବି) ଭୁବନେଶ୍ୱର ରିଜିୟନ ପକ୍ଷରୁ ସିଡ଼ିଏ ବିଲ୍ଡିଂଠାରେ ଏମ୍‌ଏସ୍‌ଏମ୍‌ଇ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ କଟକର ମିଳିତ ସହଯୋଗରେ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଆଇଓବି କୋଲକାତାର ଜୋନାଲ ମ୍ୟାନେଜର ସୁରଜ ନାଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ଏମ୍‌ଏସ୍‌ଏମ୍‌ଇ ବିଭାଗ କଟକର ନିର୍ଦ୍ଦେଶକ ସୁବ୍ରତ କୁମାର ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଓବି ଭୁବନେଶ୍ୱରର ସିଜିଏମ ଆର. ଶଙ୍କର ରାଓ, କଟକର ମୁଖ୍ୟ ଶାଖା ସମେତ ବିଭିନ୍ନ ଶାଖାର ପ୍ରତିନିଧି ଏଠାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ୪.୫୬ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ସ୍କିମ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ପୁରୀ ଏବଂ ବରଗଡ଼ରେ ଆୟୋଜନ ନେଇ ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଫେବୃୟାରୀ ୧୦ରେ ବ୍ୟାଙ୍କ ଏହାର ୮୨ତମ ପ୍ରତିଷ୍ଠା ଦିବସ ପାଳନ କରିଥିବା ବେଳେ ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଇଥିଲା।

# ହୋଣ୍ଡା ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ଭୁବନେଶ୍ୱର,୧୨-୨**





ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଏହା ଦ୍ୱାରା ୩୩,୦୦୦ରୁ ଅଧିକ ଶିଶୁ ଓ ମହିଳାଙ୍କ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ରାଜ୍ୟ ପୋଲିସ ବିଭାଗ, ମ୍ୟୁନିସିପାଲ କର୍ପୋରେଶନ, ଆର୍‌ଟିଓ, ଏନ୍‌ଜିଓ, ବିଭିନ୍ନ ବିଦ୍ୟାଳୟ ସହ ମିଳିତ ହୋଇ ହୋଣ୍ଡା ଏହି କାର୍ଯ୍ୟକ୍ରମ ଆୟୋଜନ କରିଛି। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ହାନି ହେଉଥିବାରୁ ଏହା ଏକ ଜାତୀୟ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ଧ୍ୟାନରେ ରଖି ଲୋକଙ୍କୁ ସଚେତନ କରାଯାଉଥିବା କମ୍ପାନୀର ବ୍ରାଣ୍ଡ ଏବଂ କମ୍ୟୁନିକେଶନ ଉପସଭାପତି ପ୍ରଭୁ ନାଗରାଜ ସୂଚନା ଦେଇଛନ୍ତି। କମ୍ପାନୀର ୫,୮୦୦ ଟଚ୍ ପଏଣ୍ଟ, ୨୨,୦୦୦ ଅଂଶୀଦାର, ଦେଶର ୧୩ ଟ୍ରାଫିକ ଟ୍ରେନିଂ ପାର୍କରେ ଏହା ଅନୁଷ୍ଠିତ ହୋଇଥିଲା। ସେହିଭଳି ଦେଶର ୯ ସହରର ୧୩ ହଜାର ସ୍କୁଲ ଏବଂ କଲେଜ ପିଲା ଏବଂ ୧୦୦୦ ମହିଳାଙ୍କୁ ସଚେତନତାରେ ସାମିଲ କରାଯାଇଛି। ଏହାବାଦ କମ୍ପାନୀର ଡ଼ିଲରଶିପଗୁଡ଼ିକରେ ମଧ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

# ଜୁନ ସୁଦ୍ଧା ପିସିଏରୁ ବାହାରିବେ ଅବଶିଷ୍ଟ ୮ ବ୍ୟାଙ୍କ

**ନୂଆଦିଲ୍ଲୀ,୧୨-୨**

ରିଜର୍ଭ ବ୍ୟାଙ୍କର ଗାଇଡଲାଇନ ପାଳନ କରିବା ପରେ ୧୧ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ୩ଟି ଇତିମଧ୍ୟରେ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ(ପିସିଏ) ବା ତ୍ୱରିତ୍ ସୁଧାରାତ୍ମକ କାର୍ଯ୍ୟାନୁଷ୍ଠାନରୁ ବାହାରି ଆସିଛି। ଆସନ୍ତା ଜୁନ ସୁଦ୍ଧା ଅବଶିଷ୍ଟ ୮ଟି ବ୍ୟାଙ୍କ ଏଥିରୁ ବାହାରି ଆସିବେ ବୋଲି ଅର୍ଥ ମନ୍ତ୍ରଣାଳୟ ଆଶାବ୍ୟକ୍ତ କରିଛି। ସେମାନଙ୍କର ଏନ୍‌ପିଏ(ଅନାଦାୟ ଋଣ ପରିମାଣ) ୬% ସ୍ତରକୁ ଖସି ଆସିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ପିସିଏରେ ସାମିଲ ଥିବା ବ୍ୟାଙ୍କଗୁଡ଼ିକୁ କେନ୍ଦ୍ର ସରକାର ଗତ ବର୍ଷ ଡିସେମ୍ବର ଓ ଜାନୁୟାରୀରେ ପୁନଃପୁଞ୍ଜୀକରଣ କରିସାରିଛନ୍ତି। ସୂଚନାଥାଉ କି, ଗତ ମାସରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଓ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ପିସିଏରୁ ବାହାରି ଆସିଥିଲା। ଖୁବଶୀଘ୍ର ଦେନା ବ୍ୟାଙ୍କ ଏବଂ ଆଡିବିଆଇ ବ୍ୟାଙ୍କ ପିସିଏରୁ ବାହାରି ଆସିବେ ବୋଲି ଜଣାପଡିଛି।

# ମୁଦ୍ରାସ୍ଫୀତି ୨.୦୫%, ଶିଳ୍ପ ଉତ୍ପାଦନ ୨.୪%

**ନୂଆଦିଲ୍ଲୀ,୧୨-୨**

କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଖୁଚୁରା ମୁଦ୍ରାସ୍ଫୀତି ଓ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ଜାରି କରାଯାଇଛି। ଅଣ୍ଡା, ପନିପରିବା ସମେତ ଖାଦ୍ୟ ପଦାର୍ଥ ଦର ହ୍ରାସ ପାଇବା କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ଜାନୁୟାରୀରେ ୬ ମାସ ଆଧାରରେ କମି ୨.୦୫ ପ୍ରତିଶତରେ ପହଞ୍ଚିଛି। ଡିସେମ୍ବର, ୨୦୧୮ରେ ଏହା ୨.୧୧ ପ୍ରତିଶତ ଏବଂ ବର୍ଷକ ପୂର୍ବରୁ ଜାନୁୟାରୀରେ ଏହା ୫.୦୭ ପ୍ରତିଶତ ରହିଥିଲା। ଅନ୍ୟପକ୍ଷରେ ଡିସେମ୍ବରରେ ଆଇଆଇପି ଅର୍ଥାତ୍ ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି ୨.୪%ରେ ପହଞ୍ଚିଛି। ନଭେମ୍ବରରେ ଏହା ମାତ୍ର ୦.୫% ରହିଥିଲା, ଯାହାକି ୧୭ ମାସର ସର୍ବନିମ୍ନ ସ୍ତର ଥିଲା। ବର୍ଷକ ପୂର୍ବେ ଏହି ସମୟରେ ଏହା ୭.୩% ରହିଥିଲା। ବର୍ତ୍ତମାନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୩୮.୮% ରହିଛି। ଏହା ଏପ୍ରିଲ ପହିଲାରେ କମିପାରେ। ବ୍ୟାଙ୍କ କର୍ମଚାରୀମାନେ ବର୍ତ୍ତମାନ ୬୧.୧% ମହଙ୍ଗା ଭତ୍ତା ପାଉଛନ୍ତି। ଏହା ମେ ପହିଲାରେ କମିବା ନେଇ ଆକଳନ କରାଯାଇଛି। ଏହି ସମୟରେ ବୀମା କର୍ମଚାରୀମାନେ ୫୪.୪% ମହଙ୍ଗା ପାଉଥିବା ବେଳେ ଏହା ମଧ ମେ ପହିଲାରେ କମିପାରେ। ଜୁନ ମାସରେ ଆର୍‌ବିଆଇର ବାର୍ଷିକ କ୍ଲୋଜିଂ ଯୋଗୁ ପେମେଣ୍ଟ ହେବ ନାହିଁ ବୋଲି ଜଣା ପଡ଼ିଛି। ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୯% ଥିବା ବେଳେ ଏଥିରେ ୬% ବଢି ୧୫% ଛୁଇଁଛି। ଏମାନେ ଜାନୁୟାରୀ ପହିଲାରୁ ପିଛିଲା ଭାବେ ୩% ଏବଂ ଆଉ ୩% ଜୁଲାଇ ପହିଲାରୁ ପାଇବେ। ସୂଚନା ଯୋଗ୍ୟ, ପ୍ରାଇସ ଇଣ୍ଡେକ୍ସ ବୃଦ୍ଧିକୁ ନେଇ କର୍ମଚାରୀମାନଙ୍କର ଭତ୍ତା ବିଚାର କରାଯାଏ। ଏ କ୍ଷେତ୍ରରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ବୀମା ଏବଂ ବ୍ୟାଙ୍କ କର୍ମଚାରୀଙ୍କ ଲାଗି ହାରାହାରି ଗତ ୩ ମାସର ମୂଲ୍ୟ ସୂଚୀ ସ୍ଥିତିକୁ ବିଚାର କରି ଭତ୍ତା ନିର୍ଦ୍ଧାରଣ କରାଯାଉଥିବା ବେଳେ ସରକାରୀ କର୍ମଚାରୀଙ୍କ ହାରାହାରି ୧୨ ମାସର ସ୍ଥିତିକୁ ବିଚାର କରାଯାଏ।

# ବିମୁଦ୍ରୀକରଣ ସ୍ତରକୁ ଟପିଲା ନଗଦ

**ମୁମ୍ବାଇ,୧୨-୨**

ଚଳିତ ବର୍ଷ ଜାନୁୟାରୀ ୧୮ ସୁଦ୍ଧା ବଜାରରେ ୨୦.୬୫ ଲକ୍ଷ କୋଟି ଟଙ୍କାର ନଗଦ ଅର୍ଥ ମହଜୁଦ ରହିଛି। ଏହା ବିମୁଦ୍ରୀକରଣ ସମୟଠାରୁ ଯଥେଷ୍ଟ ଅଧିକ ବୋଲି ଜଣାପଡିଛି। ବିମୁଦ୍ରୀକରଣ ଘୋଷଣା ସମୟରେ ବଜାରରେ ୧୭.୯୭ ଲକ୍ଷ କୋଟି ଟଙ୍କାର ନଗଦ ଉପଲବ୍ଧ ଥିଲା। ଏଚ୍‌ଏସ୍‌ବିସିର ଚିଫ୍ ଇକୋନୋମିଷ୍ଟ, ଇଣ୍ଡିଆ ପ୍ରାଞ୍ଜୁଲ ଭଣ୍ଡାରୀଙ୍କ କହିବାନୁଯାୟୀ, କେନ୍ଦ୍ର ସରକାର ଜିଏସ୍‌ଟିକୁ ବହୁଳ ଭାବେ କୋହଳ କରିବା ପରେ ଏବଂ ବ୍ୟବସାୟୀକ ସଂସ୍ଥାଗୁଡ଼ିକ ଅଧିକ ମାତ୍ରାରେ ନଗଦ ବ୍ୟବହାର କରୁଥିବାରୁ ଏହା ସମ୍ଭବ ହୋଇପାରିଛି। ତାଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ବିମୁଦ୍ରୀକରଣ ଯୋଗୁ ଅସଂଗଠିତ କ୍ଷେତ୍ର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ନଗଦ ପହଞ୍ଚାଇବା ବ୍ୟବସ୍ଥା ଦ୍ୱାରା ସେଗୁଡ଼ିକ ପୁନଃ ଆଗେଇବାରେ ଲାଗିଛି। ଅନ୍ୟପକ୍ଷରେ ଏସ୍‌ବିଆଇର ଚିଫ୍ ଇକୋନୋମିଷ୍ଟ ସୌମ୍ୟ କାନ୍ତି ଘୋଷଙ୍କ ମତରେ ଯେକୌଣସି ନିର୍ବାଚନ ପୂର୍ବରୁ ବଜାରରେ ନଗଦ ପରିମାଣ ବଢ଼ିବାର ଦେଖାଯାଇଛି। ବିଧାନସଭା ନିର୍ବାଚନ କାରଣରୁ ୨୦୧୬ ଏପ୍ରିଲରେ ବଜାରରେ ଅଧିକ ନଗଦ ଥିଲା।


ଓଡ଼ିଶା ସରକାର

## ନିମାପଡ଼ାର ବିକାଶ ପ୍ରକ୍ରିୟାରେ ଆଉ ଏକ ବଳିଷ୍ଠ ଯୋଗଦାନ

DSPL-401

ମାନ୍ୟବର ମନ୍ତ୍ରୀ, ପୂର୍ତ୍ତ, ଇସ୍ପାତ ଓ ଖଣି ବିଭାଗ, ଓଡ଼ିଶା ସରକାର

**ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ**

କରକମଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ

**୧୩ ଫେବୃୟାରୀ ୨୦୧୯, ବୁଧବାର**
**ସମୟ ଦିବା ୩.୦୦ ଘ.।**

**ମୁଖ୍ୟ ଅତିଥି**

**ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ**
ମାନ୍ୟବର ବିଧାୟକ, ନିମାପଡ଼ା
ତଥା ଅଧ୍ୟକ୍ଷ, ଜିଲ୍ଲା ଯୋଜନା ବୋର୍ଡ, ପୁରୀ

**ଭିତ୍ତିପ୍ରସ୍ତର ସ୍ଥାପନ**

- **ପିପିଲି-ନିମାପଡ଼ା-ଗୋପ** ରାସ୍ତାର (୮ କି.ମି.ରୁ ୨୦ କି.ମି.) ଉନ୍ନତୀକରଣ
  **ବ୍ୟୟ ବରାଦ** - ୨୫ କୋଟି ୭୨ ଲକ୍ଷ ଟଙ୍କା
- **ନିମାପଡ଼ା-କାକଟପୁର-ଅସ୍ତରଙ୍ଗ** ରାସ୍ତାର (୦.୦୦ କି.ମି.ରୁ ୩୧ କି.ମି.) ଉନ୍ନତୀକରଣ
  **ବ୍ୟୟ ବରାଦ** - ୪୨ କୋଟି ଟଙ୍କା
- **ପିପିଲି-ନିମାପଡ଼ା-ଗୋପ** ରାସ୍ତାର ୧୨.୫ କି.ମି.ରେ ଥିବା ନାଳ ଉପରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ
  **ବ୍ୟୟ ବରାଦ** - ୪ କୋଟି ୮୧ ଲକ୍ଷ ଟଙ୍କା
- **ପିପିଲି-ନିମାପଡ଼ା-ଗୋପ** ରାସ୍ତାର ୧୬ କି.ମି.ରେ ଥିବା ନାଳ ଉପରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ
  **ବ୍ୟୟ ବରାଦ** - ୫ କୋଟି ୭ ଲକ୍ଷ ଟଙ୍କା

**ଉଦ୍‌ଘାଟନ**

- **ନିମାପଡ଼ା-ବଳଙ୍ଗା** ରାସ୍ତାର ୪.୦୦ କି.ମି.ଠାରେ ଅଙ୍ଗାରପଡ଼ା ନାଳ ଉପରେ ହୋଇଥିବା ସେତୁ
  **ବ୍ୟୟ** - ୨ କୋଟି ୭୩ ଲକ୍ଷ ଟଙ୍କା
- **ନିମାପଡ଼ା-ବଳଙ୍ଗା** ରାସ୍ତାର ୮.୯ କି.ମି.ଠାରେ ବୁଧେଇ ନାଳ ଉପରେ ହୋଇଥିବା ସେତୁ
  **ବ୍ୟୟ** - ୫ କୋଟି ୯୬ ଲକ୍ଷ ଟଙ୍କା

34064/13/0020/1819

*ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ନିବେଦନ।*

ଧରିତ୍ରୀ
DHARITRI
ବୁଧବାର, ୧୩ ଫେବୃୟାରୀ, ୨୦୧୯



❝ ଗତ ସିଜନରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ(ବିଡବ୍ଲ୍ୟୁଏଫ୍) କ୍ୟାଲେଣ୍ଡର ମୋ ଫିଟ୍‌ନେସ୍‌କୁ ପ୍ରଭାବିତ କରିଥିଲା। ଏଥର କିନ୍ତୁ ପସନ୍ଦ ଅନୁସାରେ ଟୁର୍ନାମେଣ୍ଟ ଖେଳୁଛି ।

–ବି. ସାଇ ପ୍ରଣୀଥ୍, ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି



❝ ନାସା କର୍କଟରୁ ଆରୋଗ୍ୟ ପରେ ଅଲ୍ ଇଂଲଣ୍ଡ ଓପନରେ ପ୍ରତ୍ୟାବର୍ତ୍ତନ କରିବା ଲାଗି ଲକ୍ଷ୍ୟ ରଖିଥିଲି, ମାତ୍ର ମୁଁ ମାଲେସିଆନ ଓପନ୍‌ରେ ଖେଳକୁ ଫେରିବି ।

–ଲି ଚୋଙ୍ଗ୍ ୱି, ବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ସାଇର ନୂଆ ନାମ ସ୍ପୋର୍ଟ୍ସ ଇଣ୍ଡିଆ

**ନୂଆଦିଲ୍ଲୀ,୧୨।୨:** ଦୀର୍ଘ ୩୪ ବର୍ଷ ପରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ନାମ ପରିବର୍ତ୍ତନ ହୋଇଛି। ସାଇର ନୂଆ ନାମ 'ସ୍ପୋର୍ଟ୍ସ ଇଣ୍ଡିଆ' ରଖାଯାଇଛି ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର କହିଛନ୍ତି। ମଙ୍ଗଳବାର ଏ ନେଇ ରାଠୋର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆରୁ ଅଥରିଟି ଶବ୍ଦକୁ କାଢ଼ି ନିଆଯାଇଛି। ଫଳରେ ସାଇର ନୂଆ ନାମ ସ୍ପୋର୍ଟ୍ସ ଇଣ୍ଡିଆ ହୋଇଛି ବୋଲି ସେ କହିଛନ୍ତି। ୧୯୮୪ରେ ସାଇର ସ୍ଥାପନ ହୋଇଥିଲା। ସାଇର ୫୦ତମ ସାଧାରଣ ପରିଷଦ ବୈଠକ ଚାଲୁ ରହିଛି। ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ନିଷ୍ପତ୍ତି ନେବା ବେଳେ କୋଚ୍‌ମାନଙ୍କର ପରାମର୍ଶ ଗ୍ରହଣ କରାଯିବ ବୋଲି ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହିତ ଆଥଲେଟମାନଙ୍କ ଖାଇବା ଖର୍ଚ୍ଚରେ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଥଲେଟମାନଙ୍କ ପାଇଁ ଉତ୍କୃଷ୍ଟମାନର ଖାଦ୍ୟ ଯୋଗାଇଦେବାକୁ ସାଇକୁ ସାଧାରଣ ପରିଷଦ ନିର୍ଦ୍ଦେଶ ଦେଇଛି। ଏଥିପାଇଁ ଜଣାଶୁଣା କମ୍ପାନୀଗୁଡ଼ିକୁ ଦାୟିତ୍ୱ ଦେବା ପାଇଁ ସାଇକୁ କୁହାଯାଇଛି। କ୍ରୀଡ଼ା ପାଇଁ ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଦେଶରେ କ୍ରୀଡ଼ା ପ୍ରତିଭାର ଚିହ୍ନଟ ଓ ବିକାଶ ଦିଗରେ ପ୍ରକ୍ରିୟାକୁ ଜୋରଦାର କରାଯିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବୈଠକରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଛି। ମିଶନ ଅଲିମ୍ପିକ୍ସ ସେଲର ସହଯୋଗ ପାଇଁ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ପାଇଁ ସଚିବାଳୟ ସ୍ଥାପନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଛି।

### ଶରଣାର୍ଥୀ ଫୁଟ୍‌ବଲର ହକିମ୍ ଅଷ୍ଟ୍ରେଲିଆ ଫେରିଲେ

**ମେଲବୋର୍ନ, ୧୨।୨ (ଏ.ଏଫ୍.ପି.):** ଶରଣାର୍ଥୀ ଫୁଟ୍‌ବଲର ହକିମ୍ ଅଲ୍-ଆରେବି ସଫଳତାର ସହ ଅଷ୍ଟ୍ରେଲିଆ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଥାଇଲାଣ୍ଡରେ ଦୁଇ ମାସ ହେଲା ଅଟକ ପରେ ଫେରିବା ନେଇ ସେ ଅନିଶ୍ଚିତ ଥିଲେ। ହକିମ୍‌ଙ୍କ ମାତୃଭୂମି ହେଉଛି ବାହାରିନ। ମାତ୍ର ସେ ନିଜ ଦେଶ ଛାଡ଼ି ଏବେ ଅଷ୍ଟ୍ରେଲିଆରେ ଶରଣ ନେଇଛନ୍ତି। ସେ ହନିମୁନ୍ ପାଇଁ ଥାଇଲାଣ୍ଡ ଆସିଥିବା ବେଳେ ଇଣ୍ଟରପୋଲ୍‌ର ଅନୁରୋଧ କ୍ରମେ ଗତ ନଭେମ୍ବର ୨୭ରେ ବ୍ୟାଙ୍କକ ବିମାନବନ୍ଦରଠାରେ ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ବାହାରିନ ହକିମଙ୍କ ପ୍ରତ୍ୟର୍ପଣ ଚାହିଁଥିଲା। ଦେଶ ତରଫରୁ ୨୫ ବର୍ଷୀୟ ଏହି ଫୁଟ୍‌ବଲରଙ୍କ ବିରୋଧରେ ଦେଶଦ୍ରୋହ ଅଭିଯୋଗ ଥିଲା। ମାତ୍ର ଏହି ଫୁଟ୍‌ବଲରଙ୍କୁ ପ୍ରତ୍ୟର୍ପଣ ନ କରି ତୁରନ୍ତ ଖଲାସ କରିଦେବା ଲାଗି, ଅଷ୍ଟ୍ରେଲିଆ ସରକାର, ମାନବାଧିକାର ସଂଗଠନ ସମେତ ବିଭିନ୍ନ ମହଲରୁ ଥାଇଲାଣ୍ଡ କର୍ତ୍ତୃପକ୍ଷଙ୍କ ଉପରେ ଚାପ ପଡ଼ିଥିଲା। ହକିମ କହିଥିଲେ ତାଙ୍କୁ ଯଦି ବାହାରିନ ପ୍ରତ୍ୟର୍ପଣ କରାଯାଏ ତେବେ ସେଠାରେ ତାଙ୍କୁ ନିର୍ଯାତନା ଦିଆଯାଇ ପାରେ ଏପରିକି ହତ୍ୟାର ଆଶଙ୍କା ରହିଛି। ଖଲାସ ହେବା ପରେ ହକି ପ୍ରଥମେ ଅଷ୍ଟ୍ରେଲିଆକୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ମୋତେ ଏପର୍ଯ୍ୟନ୍ତ ନାଗରିକତ୍ୱ ମିଳି ନାହିଁ ମୁଁ ଅଷ୍ଟ୍ରେଲିଆକୁ ଭଲ ପାଏ ଏବଂ ଏହି ଦେଶରେ ଶେଷ ନିଃଶ୍ୱାସ ତ୍ୟାଗ କରିବାକୁ ଚାହେଁ।

### ଆୟୋଜନ ଲାଗି ବିଡ୍ ଦାଖଲ କରିବ ମିଳିତ କୋରିଆ

**ସିଓଲ, ୧୨।୨(ଏଏଫ୍‌ପି):** ଉତ୍ତର ଓ ଦକ୍ଷିଣ କୋରିଆ ମିଳିତଭାବେ ୨୦୩୨ ଅଲିମ୍ପିକ୍ସ ଆୟୋଜନ ପାଇଁ ବିଡ୍ ଦାଖଲ କରିବା ଲକ୍ଷ୍ୟରେ ରହିଛନ୍ତି। ଦକ୍ଷିଣ କୋରିଆ ମଙ୍ଗଳବାର ଏହାର ରାଜଧାନୀ ସିଓଲକୁ ବିଡ୍ ପାଇଁ ଚୟନ କରିଛି। ଶୁକ୍ରବାର ସୁଇଜରଲାଣ୍ଡର ଲାଉସେନଠାରେ ହେବାକୁ ଥିବା ଏକ ଇଭେଣ୍ଟରେ କୋରିଆ ଅଫିସିଆଲ ଭାବେ ଏହା ଇଣ୍ଟରନ୍ୟାଶନାଲ ଅଲିମ୍ପିକ କମିଟି (ଆଇଓସି)କୁ ଜଣାଇବ ବୋଲି ଜଣାପଡ଼ିଛି। ଅପରପକ୍ଷରେ ଚଳିତ ସପ୍ତାହ ଶେଷଆଡ଼କୁ ଉତ୍ତର କୋରିଆ ଏହାର ଆଶାୟୀ ସହର ନାମ ଘୋଷଣା କରିବାର ସମ୍ଭାବନା ରହିଛି। ଏଥିପାଇଁ ରାଜଧାନୀ ପୟୋଙ୍ଗୟାଙ୍ଗ୍ ପସନ୍ଦର ସହର ଭାବେ ମନୋନୀତ ହୋଇପାରେ ବୋଲି ସିଓଲର ଜୈନିକ ଅଧିକାରୀ କହିଛନ୍ତି। ଗତବର୍ଷ ଦୁଇ କୋରିଆ ମଧ୍ୟରେ ବହୁ ଆଲୋଚନା ପରେ ଉଭୟ ଦେଶ ୨୦୩୨ ଅଲିମ୍ପିକ୍ସ ଆୟୋଜନ ମିଳିତଭାବେ ବିଡ୍ ଦାଖଲ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

# ହନୁମା ବିହାରୀଙ୍କ ଶତକ

**ନାଗପୁର,୧୨।୨**

ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ମଙ୍ଗଳବାର ରଣଜୀ ଚାମ୍ପିୟନ ବିଦର୍ଭ ଓ ଅବଶିଷ୍ଟ ଭାରତ ମଧ୍ୟରେ ଇରାନୀ କପ୍ ଆରମ୍ଭ ହୋଇଛି। ୫ ଦିନ ଧରି ଚାଲିବାକୁ ଥିବା ଏହି ମ୍ୟାଚ୍‌ରେ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଅବଶିଷ୍ଟ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ ୧୧୪ ରନର ଶତକୀୟ ପାଳି ଓ

**ଇରାନୀ ଟ୍ରଫି**

ଓପନର ମୟଙ୍କ ଅଗ୍ରୱାଲଙ୍କ ୯୫ ରନର ଅର୍ଦ୍ଧଶତକୀୟ ପାଳି ବଳରେ ଅବଶିଷ୍ଟ ଭାରତ ପ୍ରଥମ ଦିନରେ ୮୯.୪ ଓଭରରେ ୩୩୦ ରନ କରି ଅଲଆଉଟ ହୋଇଛି।

ପ୍ରଥମ ଇନିଂସ ଆରମ୍ଭ କରି ଅବଶିଷ୍ଟ ଭାରତ ଏକଦା ୧ ଉଇକେଟ ହରାଇ ୧୭୧ ରନ କରି ଦମ୍‌ଦାର ଆରମ୍ଭ କରିଥିଲା। ତେବେ ମିଡିଲ ଅର୍ଡରର ବିପର୍ଯ୍ୟୟ ଯୋଗୁ ଦଳ ବଡ଼ ସ୍କୋର ହାସଲ କରିବାରେ ସଫଳ ହୋଇ ପାରିନାହିଁ। ବିହାରୀ ଶତକ ହାସଲ କରିଥିଲେ ମଧ୍ୟ ମୟଙ୍କ ୫ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଟେଲଏଣ୍ଡର ରାହୁଲ ଚହର ୨୨ ଓ ଅଙ୍କିତ ରାଜପୁତ ୨୫ ରନ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ବାକି ବ୍ୟାଟ୍ସମ୍ୟାନ ବିଫଳ ହୋଇଥିଲେ। ଏହି କ୍ରମରେ ଓପନର ଅନମୋଲପ୍ରୀତ ସିଂ ୧୫, ଅଧିନାୟକ ଅଜିଙ୍କ୍ୟ ରାହାନେ ୧୩, ଶ୍ରେୟାସ ଆୟାର ୧୯, ଉଇକେଟ କିପର ବ୍ୟାଟ୍ସମ୍ୟାନ ଇଶାନ କିଷନ ୨, କ୍ରିଷ୍ଣାପ୍ପା ଗୋଥାମ ୭, ଧର୍ମେନ୍ଦ୍ରସିନ୍ ଜାଡେଜା ୬ ରନ କରି ଆଉଟ ହୋଇଥିଲେ। ବୋଲିଂରେ ବିଦର୍ଭ ତରଫରୁ ଆଦିତ୍ୟ ସରୱାଟେ ଓ ଅକ୍ଷୟ ୱାଖରେ ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ସେହିପରି ରଜନୀଶ ଗୁର୍ବାନୀ ୨, ୟଶ୍ ଠାକୁର ଓ ଅକ୍ଷୟ କର୍ନେୱାର ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।



ଶତକୀୟ ଇନିଂସ୍ ଅବସରରେ ହନୁମା ବିହାରୀ।

**ସଂକ୍ଷିପ୍ତ ସ୍କୋର**

**ଅବଶିଷ୍ଟ ଭାରତ ପ୍ରଥମ ଇନିଂସ: ୮୯.୪ ଓଭରରେ ୩୩୦ ଅଲଆଉଟ, (ବିହାରୀ- ୧୧୪, ମୟଙ୍କ- ୯୫, ରାଜପୁତ- ୨୫, ଚହର- ୨୨, ସରୱାଟେ- ୩/୯୯, ୱାଖରେ- ୩/୭୨, ଗୁର୍ବାନୀ- ୨/୫୮)**

■ ପୂର୍ବତନ କ୍ରିକେଟରଙ୍କୁ ଆକ୍ରମଣ ଘଟଣା

# ଆଜୀବନ ବାସନ୍ଦ ହେବେ ଖେଳାଳି

**ନୂଆଦିଲ୍ଲୀ, ୧୨।୨**

ପ୍ରାକ୍ତନ ଭାରତୀୟ କ୍ରିକେଟର ତଥା ଦିଲ୍ଲୀ ଆଣ୍ଡ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ) ଚୟନ କମିଟିର ଅଧ୍ୟକ୍ଷ ଅମିତ୍ ଭଣ୍ଡାରୀଙ୍କୁ ଆକ୍ରମଣ ମାମଲାରେ ଦିଲ୍ଲୀ ୨୩ ବର୍ଷରୁ କମ୍ ଦଳର ଖେଳାଳି ଅଞ୍ଜୁ ଦେଢ ଆଜୀବନ ବାସନ୍ଦ ହେବେ। ଅଞ୍ଜୁଙ୍କୁ ଆଜୀବନ ବାସନ୍ଦ ପାଇଁ ଡିଡିସିଏ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ କରିସାରିଛି। 'ଦଣ୍ଡ ବିଧାନ ନେଇ ବୁଧବାର ଏକ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି। ଦେଢଙ୍କ ଉପରେ ଆଜୀବନ ବାସନ୍ଦ ନେଇ କେବଳ ଔପଚାରିକ ଭାବେ ଘୋଷଣା ହେବାର ବାକି ରହିଛି' ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ଆମେ ଚୟନ ଉପରେ ମଧ୍ୟ ଆଲୋଚନା କରିବୁ। କିନ୍ତୁ ସମସ୍ତ ଚୟନକର୍ତ୍ତା ନିର୍ଭୟର ସହ ଟିମ୍ ଚୟନ କରନ୍ତୁ। ମୁଁ ତାଙ୍କ ସହିତ ରହିଛି। ଉପରାଜ୍ୟପାଳ ଅନିଲ ବୈଜଲଙ୍କ ସହ ସାକ୍ଷାତ କରିଛି ଏବଂ ପୋଲିସ ଅଧିକାରୀ ସମସ୍ତ ଦିଗରୁ ଏହାର ସମାଧାନ କରିବା ପାଇଁ ତାଙ୍କୁ ଅନୁରୋଧ କରିଛି ବୋଲି ରଜତ ଏକ ସାକ୍ଷାତକାର ଅବସରରେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ସୋମବାର ସ୍ଥାନୀୟ ସେଣ୍ଟ ଷ୍ଟିଫେନ୍ସ ଗ୍ରାଉଣ୍ଡଠାରେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟ ପାଇଁ ଅନୁଷ୍ଠିତ ଏକ ୱାର୍ମଅପ୍ ମ୍ୟାଚ୍ ଅବସରରେ ଦିଲ୍ଲୀ ସିନିୟର ଚୟନ କମିଟିର ଅଧ୍ୟକ୍ଷ ଭଣ୍ଡାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ୨୩ ବର୍ଷରୁ କମ୍ ଦଳରେ ମନୋନୟନ କରା ନ ଯିବାରୁ କ୍ରିକେଟର ଅଞ୍ଜୁ ଓ ତାଙ୍କର ୧୫ଜଣ ସହଯୋଗୀ ହକି ଷ୍ଟିକ୍, କ୍ରିକେଟ୍ ବ୍ୟାଟ୍, ଲୁହା ରଡ୍ ଆଦିରେ ଭଣ୍ଡାରୀଙ୍କୁ ଆକ୍ରମଣ କରି ଆହତ କରିଥିଲେ। ଅମିତ୍‌ଙ୍କୁ ସ୍ଥାନୀୟ ଏକ ହସ୍ପିଟାଲ ନିଆଯାଇ ସେଠାରେ ତାଙ୍କ ଚିକିତ୍ସା କରାଯାଇଥିଲା। ଏହି ଘଟଣାରେ ଦିଲ୍ଲୀ ପୁଲିସ ଅଞ୍ଜୁ ଓ ତାଙ୍କ ଭାଇଙ୍କୁ ଗିରଫ କରିଛି।



ଅମିତ ଭଣ୍ଡାରି

■ ପିଏସ୍‌ପିବି ଟାଇଟଲ ବଜାୟ ରଖିଲା

# ପଦ୍ମିନୀଙ୍କ ପ୍ରଭାବୀ ପ୍ରଦର୍ଶନ



ପଦ୍ମିନୀ ରାଉତ

**କୋଲକାତା,୧୨।୨(ପି.ଟି.)**

ପେଟ୍ରୋଲିୟମ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ (ପିଏସ୍‌ପିବି) ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍ ଟାଇଟଲ ବଜାୟ ରଖିଛି। ଶେଷ ହୋଇଥିବା ଉଭୟ ପୁରୁଷ ଓ ମହିଳା ପ୍ରତିଯୋଗିତାରେ ପିଏସ୍‌ପିବି ବାଜି ମାରିଛି। ସୂର୍ଯ୍ୟ ଶେଖର ଗାଙ୍ଗୁଲି ଓ ଅରବିନ୍ଦ ଚିଦାମ୍ବରମ୍ ନେତୃତ୍ୱ ନେଇ ୮ଟି ଗେମ୍‌ରୁ ଦଳକୁ ୪ଟିରେ ବିଜୟୀ କରାଇଥିଲେ। ମୋଟ ୧୮ରୁ ୧୭ ପଏଣ୍ଟ ପାଇ ପିଏସ୍‌ପିବି ଶୀର୍ଷରେ ରହିଥିଲା ଓ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ର ୩୯ତମ ସଂସ୍କରଣରେ ବାଜି ମାରିଥିଲା। ଅପରପକ୍ଷରେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ୧୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ରେଲୱେ ସ୍ପୋର୍ଟ୍ସ ପ୍ରମୋଶନ ବୋର୍ଡ- ବି ୧୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ପିଏସ୍‌ପିବି ବିଜୟରେ ଓଡ଼ିଆ ଚେସ୍ ତାରକା ତଥା ଆଇଏମ୍ ପଦ୍ମିନୀ ରାଉତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମହିଳା ବିଭାଗରେ ସେ ୭ଟି ଗେମ୍ ଖେଳି ସବୁ ୭ଟିରେ ବିଜୟ ହାସଲ କରିଥିଲେ। ଫଳରେ ମହିଳା ବିଭାଗରେ ପିଏସ୍‌ପିବି ଟାଇଟଲ ବଜାୟ ରଖି ୧୭ତମ ଜାତୀୟ ମହିଳା ଟିମ୍ ଚେସ୍ ଚାମ୍ପିୟନଶିପ୍ ହାସଲ କରିଛି। ସେହିପରି ଏୟାର ଇଣ୍ଡିଆ ଓ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

### ତାମିଲନାଡୁକୁ ହରାଇଲା ଓଡ଼ିଶା

**କଟକ ଅଫିସ, ୧୨।୨:** ଗୋଆର ପୋରଭୋରିମସ୍ଥ ଗୋଆ କ୍ରିକେଟ ଆସୋସିଏଶନ ଏକାଡେମୀ ଗ୍ରାଉଣ୍ଡରେ ମଙ୍ଗଳବାର ଖେଳାଯାଇଥିବା ୧୯ବର୍ଷରୁ କମ୍ ମହିଳା ଏକଦିବସୀୟ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ୨ ଉଇକେଟରେ ତାମିଲନାଡୁକୁ ପରାସ୍ତ କରିଛି । ଓଡ଼ିଶା ପକ୍ଷରୁ ସୁଇଟ ବେଉରା ଅପରାଜିତ ୪୪ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ଲଗାତାର ୨ଟି ବିଜୟ ସହ ଓଡ଼ିଶା ଏଲିଟ୍ ଗ୍ରୁପ-ସି ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ରହିଛି। ତାମିଲନାଡୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ସହ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ ହରାଇ ୧୬୨ରନ କରିଥିଲା । ଅଧିନାୟିକା ଏସ୍.ବି କୀର୍ଥାନା ଅପରାଜିତ ୭୬ରନ କରିଥିଲେ। ଓଡ଼ିଶା ପକ୍ଷରୁ ଶୁଭ୍ରନିର୍ଝରିଣୀ ସ୍ୱାଇଁଙ୍କୁ ୨ଟି ଉଇକେଟ ମିଳିଥିବା ବେଳେ ଅଧିନାୟିକା ଇନ୍ଦ୍ରାଣୀ ଛତ୍ରିଆ ଓ ସୋନାଲୀ ହେମ୍ବ୍ରମ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି । ପ୍ରାରମ୍ଭରୁ ଭଲ ବ୍ୟାଟିଂ ପ୍ରଦର୍ଶନ କରିଥିଲେ ମଧ୍ୟ ମଧ୍ୟକ୍ରମରେ ଲଗାତର ଉଇକେଟ ହରାଇ ଓଡ଼ିଶା ସଙ୍କଟରେ ପଡ଼ିଥିଲା । ୮୨ରନରେ ଓଡ଼ିଶାର ୬ଜଣ ବ୍ୟାଟ୍ସଓମ୍ୟାନ ପ୍ୟାଭିଲିୟନ ଫେରି ସାରିଥିଲେ । ସୁଇଟ ନିମ୍ନକ୍ରମର ଖେଳାଳି ତରଣା ପ୍ରଧାନ(୨୨ରନ)ଙ୍କ ସହ ଦଳକୁ ବିଜୟୀ କରାଇବାରେ ସହାୟକ ହୋଇଥିଲେ। ପୁନମ ନାୟକ ୩୩ରନ କରିଥିଲେ। ତାମିଲନାଡୁ ପକ୍ଷରୁ କେ. ରାମ୍ୟାଶ୍ରୀ ୩ଟି ଉଇକେଟ ଅକ୍ତିଆର କରିଥିଲେ।

■ ଆଇସିସି ମହିଳା ଟି୨୦ ର୍‍ୟାଙ୍କିଙ୍ଗ୍

# ରୋଡ୍ରିଗ୍ସେଜ୍, ମନ୍ଧାନାଙ୍କ ଉନ୍ନତି

**ଦୁବାଇ,୧୨।୨(ପି.ଟି.)**

ସଦ୍ୟ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟି୨୦ ର୍‍ୟାଙ୍କିଙ୍ଗ୍‌ରେ ଦୁଇ ଭାରତୀୟ ମହିଳା କ୍ରିକେଟର ଜେମିମା ରୋଡ୍ରିଗ୍ସେଜ୍ ଓ ସ୍ମୃତି ମନ୍ଧାନା ଉନ୍ନତି କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜରେ ଭାରତ ୩–୦ରେ ପରାସ୍ତ ହେବା ସତ୍ତ୍ୱେ ରୋଡ୍ରିଗ୍ସେଜ୍ ଓ ମନ୍ଧାନା ୪ଟି ଲେଖାଏ ସ୍ଥାନ ଉପରକୁ ଉଠି ଯଥାକ୍ରମେ ଦ୍ୱିତୀୟ ଓ ଷଷ୍ଠ ସ୍ଥାନ ଅଧିକାର କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ୩ଟି ମ୍ୟାଚ୍‌ରେ ରୋଡ୍ରିଗ୍ସେଜ୍ ୧୩୨ ରନ ସଂଗ୍ରହ କରିଥିଲେ। ସେହିପରି ମନ୍ଧାନା ଗତ ସପ୍ତାହରେ ଦିନିକିଆରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ତେବେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ୩ଟି ମ୍ୟାଚ୍‌ରୁ ସର୍ବାଧିକ ୧୮୦ ରନ ସଂଗ୍ରହ କରିଥିଲେ। ବାମହାତୀ ମନ୍ଧାନା ଦୁଇ ଅର୍ଦ୍ଧଶତକ ହାସଲ କରିଥିଲେ। ହାମିଲଟନରେ ଖେଳାଯାଇଥିବା ଅନ୍ତିମ ମ୍ୟାଚ୍‌ରେ ସେ ୮୬ ରନର ଦ୍ରୁତ ଅର୍ଦ୍ଧଶତକ ପାଳି ଖେଳିଥିଲେ। ଅବଶ୍ୟ ଭାରତ ଏହି ମ୍ୟାଚ୍‌ରେ ୨ ରନରେ ପରାସ୍ତ ହୋଇଥିଲା। ସ୍ପିନର ରାଧା ଯାଦବ ସିରିଜରେ ୪ ଉଇକେଟ ନେଇ ୧୮ଟି ସ୍ଥାନ ଉପରକୁ ଉଠି ଦଶମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଦିପ୍ତୀ ଶର୍ମା ୫ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାର ୧୪ତମ ସ୍ଥାନ ହାସଲ କରିଛନ୍ତି।



ଜେମିମା ରୋଡ୍ରିଗ୍ସେଜ୍ ଓ ସ୍ମୃତି ମନ୍ଧାନା।

ଅପରପକ୍ଷରେ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ୍ ସିରିଜରେ ୧୫୩ ରନ ସଂଗ୍ରହ କରି ଦୁଇଟି ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଅଧିନାୟିକା ଏମି ସାଟରଥ୍‌ୱେଟ୍ ୨୩ରୁ ୧୭ତମ ସ୍ଥାନକୁ ଉଠିଛନ୍ତି। ବୋଲିଂ ତାଲିକାରେ ଲି ତାହୁହୁ ୫ଟି ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନ ଅଧିକାର କରିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ଡିଏଣ୍ଡ୍ରା ଡଟ୍ଟିନ ଅଲରାଉଣ୍ଡର ତାଲିକାର ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ପାକିସ୍ତାନର ବିସ୍‌ମା ମାରୁଫ୍ ୩ଟି ସ୍ଥାନ ଉପରକୁ ଉଠି ନିଜ ଦେଶର ଜାଭେରିଆ ଖାଁଙ୍କ ସହ ଯୁଗ୍ମ ଭାବେ ବ୍ୟାଟିଂ ତାଲିକାର ୧୫ତମ ସ୍ଥାନରେ ରହିଛନ୍ତି। ଦିନିକିଆରେ ଟପ୍ ର୍‍ୟାଙ୍କର ସାନା ମୀର ସିରିଜରେ ୩ଟି ଉଇକେଟ ଅକ୍ତିଆର କରି ୬ଟି ସ୍ଥାନ ଉପରକୁ ଉଠି ୨୮ ତମ ସ୍ଥାନ ଅଧିକାର କରିଛନ୍ତି।

ଦଳୀୟ ର୍‍ୟାଙ୍କିଙ୍ଗରେ ଇଂଲଣ୍ଡକୁ ପଛରେ ପକାଇ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ତେବେ ଅଷ୍ଟ୍ରେଲିଆ ପୂର୍ବପରି ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି। ସେହିପରି ୱେଷ୍ଟଇଣ୍ଡିଜ୍ ଓ ଭାରତ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି।

# ରୁଟ୍‌ଙ୍କ ଶତକ ବଳରେ ଇଂଲଣ୍ଡ ସ୍ଥିତି ଦୃଢ଼

**ସେଣ୍ଟ ଲୁସିଆ, ୧୨।୨**

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଇଂଲଣ୍ଡ ତା'ର ସ୍ଥିତି ଦୃଢ଼ କରିଛି। ଟସ୍ ହାରି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ପ୍ରଥମ ଇନିଂସରେ ୨୭୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୧୫୪ ରନ କରି ଅଲଆଉଟ ହୋଇଥିଲା। ଫଳରେ ଇଂଲଣ୍ଡ ୧୨୩ ରନର ମହତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଇଂଲଣ୍ଡ ସୋମବାର ତୃତୀୟ ଦିନ ଖେଳ ଶେଷସୁଦ୍ଧା ୧୦୦ ଓଭରରେ ୪ ଉଇକେଟ ହରାଇ ୩୨୫ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ୨ ଦିନ ବାକିଥିବା ବେଳେ ଇଂଲଣ୍ଡ ୬ ଉଇକେଟ ହାତରେ ରଖି ମୋଟ ୪୪୮ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ଼ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ଜୋ ରୁଟ ୧୧୧ ରନର ଶତକୀୟ ପାଳି ଓ ବେନ୍ ଷ୍ଟୋକ୍ସ ୨୯ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୯/୦ରୁ ଇଂଲଣ୍ଡ ଖେଳ ଆରମ୍ଭ କରିଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ରୋରୀ ବର୍ନ୍ସ ୧୦ରୁ ଖେଳ ଆରମ୍ଭ କରି ଆଉ ଅଧିକ ରନ ସଂଗ୍ରହ କରି ନ ପାରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ୮ ରନରୁ ଖେଳ ଆରମ୍ଭ କରି କିଟନ ଜେନିଙ୍ଗ୍ସ ୨୩ ରନ କରି ଆଉଟ ହୋଇଥିଲେ। ଏହାପରେ ଜୋ ଡେନଲି ୬୯ ଓ ଜୋଶ ବଟ୍ଟଲର ୫୬ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କେମର ରୋଚ, ଶାନନ ଗାବ୍ରିଏଲ, କିମୋ ପଲ ଓ ଅଲଜାରି ଜୋଶେଫ୍ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି।



ଶତକ ହାସଲ ପରେ ଜୋ ରୁଟ୍।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ: ୨୭୭।**
**ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସ: ୧୫୪ ।**
**ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୦୦ ଓଭରରେ ୩୨୫/୪ (ରୁଟ- ୧୧୧*, ଷ୍ଟୋକ୍ସ- ୨୯*, ଡେନଲି- ୬୯, ବଟ୍ଟଲର- ୫୬, ରୋଚ୍- ୧/୩୧, ଗାବ୍ରିଏଲ- ୧/୮୭, ପଲ- ୧/୧୧, ଜୋଶେଫ- ୧/୬୩)।**

# ଫେଡେରେଶନ କପ୍ ସିନିୟର ସୁନ୍ଦରସ୍ୱାସ୍ଥ୍ୟରେ ଓଡ଼ିଶାକୁ ୫ ପଦକ



କୃତୀ ପ୍ରତିଯୋଗୀ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)**

ଚଣ୍ଡିଗଡ଼ରେ ଗତ ୯ ଓ ୧୦ ତାରିଖ ଦୁଇଦିନଧରି ଅନୁଷ୍ଠିତ ୮ମ ଫେଡେରେଶନ କପ୍ ସିନିୟର ଜାତୀୟ ସୁନ୍ଦରସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୫ ପଦକଲାଭ କରିଛନ୍ତି। ଏହା ମଧ୍ୟରେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସାମିଲ। ୯୦ କେଜି ଓଜନ ବର୍ଗରେ ସୁପ୍ରତିଭ ଖୁଣ୍ଟିଆ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ୫୫ କେଜିରେ ଏସ.କ୍ରିଷ୍ଣା ରାଓ ରୌପ୍ୟ ପଦକ ହାସଲ କରିଛନ୍ତି। ୭୦ କେଜି ବର୍ଗରେ ଜଗନ୍ନାଥ ଖୁଣ୍ଟିଆ, ୭୫ କେଜିରେ ଅନୀଲ ଗୋଛିକାର ଓ ୯୦ କେଜିରେ ସୁଜିତ କୁମାର ଜେନା ବ୍ରୋଞ୍ଜ ପଦକଲାଭ କରି ଓଡ଼ିଶାର ସମ୍ମାନ ରକ୍ଷା କରିଛନ୍ତି। ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ବଡିବିଲ୍ଡିଂ ଆସୋସିଏଶନର ସଭାପତି ସୁମିତ୍ରା ତ୍ରିପାଠୀ ଓ ମ୍ୟାନେଜର ସଞ୍ଜୟ କୁମାର ସାହୁ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସଫଳତା ପାଇଁ ଓଡ଼ିଶା ପ୍ରତିଯୋଗୀଙ୍କୁ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର ଅଭିନନ୍ଦନ ଜଣାଇଛନ୍ତି।

“ଭ୍ରମଣକାରୀ ବାଂଲାଦେଶ ପୂର୍ବରୁ ୪ଥର ଟୁର୍‌ରେ ଆସି ନ୍ୟୁଜିଲାଣ୍ଡକୁ କୌଣସି ଫର୍ମାଟରେ ହରାଇ ପାରିନାହିଁ, କିନ୍ତୁ ଏଥର ଫଳାଫଳରେ ପରିବର୍ତ୍ତନ ଘଟିପାରେ।

–ଷ୍ଟିଭ୍ ରୋଡ୍ସ, ବାଂଲାଦେଶ କ୍ରିକେଟ କୋଚ୍



“ଆଗକୁ ବିଶ୍ୱକପ୍ ଥିବା ବେଳେ ଏକଦା ମହେନ୍ଦ୍ର ସିଂ ଧୋନୀଙ୍କ ବ୍ୟାଟିଂ ଫର୍ମକୁ ନେଇ ଆମେ ଚିନ୍ତିତ ଥିଲୁ। ବର୍ତ୍ତମାନ ଏହି ସମସ୍ୟା ଦୂର ହୋଇଛି ।

–ଏମ୍.ଏସ୍.କେ. ପ୍ରସାଦ, ଭାରତୀୟ କ୍ରିକେଟର ମୁଖ୍ୟ ଚୟନକର୍ତ୍ତା



## ସଂକ୍ଷେପରେ

### କୋଚ୍‌ଙ୍କଠାରୁ ଅଲଗା ହେଲେ ଓସାକା

**ନ୍ୟୁୟର୍କ,୧୨।୨:** ଆମେରିକୀୟ ମହିଳା ଟେନିସ୍ ତାରକା ନାଓମି ଓସାକା କୋଚ୍ ସସ୍‌ଚା ବାଜିନଙ୍କଠାରୁ ଅଲଗା ହୋଇଛନ୍ତି। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ଜିତିବାର ମାତ୍ର ଦୁଇ ସପ୍ତାହ ପରେ ଓସାକା ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ଟୁଇଟ୍ କରି ଓସାକା ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି। ବାଜିନଙ୍କୁ ଧନ୍ୟବାଦ ଜଣାଉଛି ଓ ଭବିଷ୍ୟତ ପାଇଁ ତାଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ତେବେ କୋଚ୍‌ଙ୍କଠାରୁ ଅଲଗା ହେବାର କାରଣ ସମ୍ପର୍କରେ ଓସାକା କିଛି କହିନାହାନ୍ତି। ଅଷ୍ଟ୍ରେଲିଆନ୍ ଓପନ୍ ଜିତିବା ସହ ଓସାକା କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରି ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୧ ନମ୍ବର ସ୍ଥାନ ହାସଲ କରିଥିଲେ। ବାଜିନ୍ ମଧ ଓସାକାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୨୦୧୮ ସେସନ ପୂର୍ବରୁ ବାଜିନଙ୍କୁ ଓସାକା କୋଚ୍ ରୂପେ ନିଯୁକ୍ତି ଦେଇଥିଲେ। ଉଲ୍ଲେଖଥାଉ କି, ବାଜିନ ପୂର୍ବରୁ ସେରେନା ୱିଲିୟମ୍ସ, ଭିକ୍ଟୋରିଆ ଆଜାରେଙ୍କା ଓ କାରୋଲିନ୍ ଓଜ୍‌ନିଆକିଙ୍କ ଭଳି ସୁପରଷ୍ଟାରମାନଙ୍କ ସହ କୋଚ୍ ହିସାବରେ କାର୍ଯ୍ୟ କରିଛନ୍ତି। ବ୍ୟାକ୍ ଇଞ୍ଜୁରୀ କାରଣରୁ ଓସାକା କାତାର ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରୁ ଓହରିଯାଇଛନ୍ତି। ୨୧ ବର୍ଷୀୟା ଓସାକା ଗତ ଅଷ୍ଟ୍ରେଲିଆନ୍ ଓପନ୍ ଫାଇନାଲରେ ପେଟ୍ରା କ୍ୟୁଟୋଭାଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ସେହିପରି ଗତ ସେପ୍ଟେମ୍ବରରେ ସେରେନା ୱିଲିୟମ୍ସଙ୍କୁ ହରାଇ ସେ ୟୁଏସ୍ ଓପନ୍ ଟାଇଟଲ ଜିତିଥିଲେ। ୨୦୧୪-୧୫ ପରେ ଓସାକା ପ୍ରଥମ ମହିଳା ଖେଳାଳିଭାବେ କ୍ରମାଗତ ଦୁଇଟି ମେଜର ଟାଇଟଲ ଜିତିବାକୁ ସକ୍ଷମ ହୋଇଥିଲେ। ପୂର୍ବରୁ ସେରେନା କ୍ରମାଗତ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ।

### କୁର୍ଗ ବିପକ୍ଷରେ ଓଡ଼ିଶାର ସହଜ ବିଜୟ

**କଟକ ଅଫିସ,୧୨।୨:** ହରିୟାଣାର ହିସାରଠାରେ ଚାଲିଥିବା ୯ମ ସିନିୟର ମହିଳା ହକି ଜାତୀୟ ଚାମ୍ପିୟନଶିପ(ଡିଭିଜନ-ଏ)ରେ ମଙ୍ଗଳବାର ଓଡ଼ିଶା୩-୦ ଗୋଲରେ କୁର୍ଗକୁ ପରାସ୍ତ କରିଛି । ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରର ୧୮ତମ ମିନିଟରେ ଅସ୍ମିତା ବାର୍ଲା ଓଡ଼ିଶା ନିମନ୍ତେ ପ୍ରଥମ ଗୋଲ ସ୍କୋର କରିଥିଲେ । ୩ୟ କ୍ୱାର୍ଟର ମଧ ଗୋଲ ଶୂନ୍ୟ ରହିଥିଲା ।
୪ର୍ଥ କ୍ୱାର୍ଟରରେ ୫୬ତମ ମିନିଟରେ ରଶ୍ମିତା ମିଞ୍ଜ ଓ ୬୦ତମ ମିନିଟରେ ଖୁସବୁ କୁଜୁର ଗୋଟିଏ ଲେଖାଏ ଗୋଲ ସ୍କୋର କରି ଓଡ଼ିଶାକୁ ବିଜୟୀ କରାଇଛନ୍ତି।

# ମ୍ୟାନମାର ଚ୍ୟାଲେଞ୍ଜ ପାଇଁ ଭାରତ ପ୍ରସ୍ତୁତ

**ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହିରୋ ଗୋଲ୍ଡ କପ୍ ଚତୁଃରାଷ୍ଟ୍ରୀୟ ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ରୋମାଞ୍ଚକ ମୋଡ଼ ନେଇଛି। ପ୍ରତିଯୋଗିତାର ୪ଟି ଲିଗ୍ ମ୍ୟାଚ ହୋଇ ଯାଇଥିବାବେଳେ ବୁଧବାର ୨ଟି ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଟୁର୍ଣ୍ଣାମେଣ୍ଟର ଫାଇନାଲିଷ୍ଟ ନିର୍ଦ୍ଧାରିତ ହେବ। ବୁଧବାର ପ୍ରଥମ ମ୍ୟାଚରେ ଇରାନ ଓ ନେପାଳ ପରସ୍ପରକୁ ଭେଟୁଥିବାବେଳେ ଦ୍ୱିତୀୟ ମ୍ୟାଚରେ ଆୟୋଜକ ଭାରତ ଓ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ମ୍ୟାନମାର ମଧ୍ୟରେ ମୁକାବିଲା ହେବ। ଭାରତ ଏହାର ପ୍ରଥମ ମ୍ୟାଚରେ ଇରାନକୁ ୧-୦ ଗୋଲରେ ହରାଇଥିଲେ ହେଁ ଦ୍ୱିତୀୟ ମ୍ୟାଚରେ ନିମ୍ନ ର୍‍ୟାଙ୍କିଙ୍ଗପ୍ରାପ୍ତ ନେପାଳଠାରୁ ୧-୨ ଗୋଲରେ ପରାଜିତ ହୋଇଛି। ୨ ମ୍ୟାଚରୁ ୩ ପଏଣ୍ଟରେ ସ୍ଥିର ରହିଥିବା ଭାରତ ପାଇଁ ଅନ୍ତିମ ଲିଗ୍ ମ୍ୟାଚ ଜିତିବା ଜରୁରୀ ହୋଇ ପଡ଼ିଛି। ଏହା ହେଲେ ଦଳ ଅଙ୍କକଷାରେ ନ ଫସି ଫାଇନାଲ ପାଇଁ ସମ୍ଭାବନା ସୃଷ୍ଟି କରିପାରିବ। ତେବେ ୬୨ ର୍‍ୟାଙ୍କ୍‌ପ୍ରାପ୍ତ ଭାରତ ସମ୍ମୁଖରେ ରହିଛି ୪୪ ନମ୍ବର ମ୍ୟାନମାର। ମ୍ୟାନମାର କ୍ରମାଗତ ୨ଟି ଯାକ ଲିଗ୍ ମ୍ୟାଚ ଜିତି ଡ୍ରାଇଭର ସିଟ୍‌ରେ ରହିଛି। ଏହି ଦଳ ଏକପ୍ରକାର ଫାଇନାଲରେ ପ୍ରବେଶ କରି ସାରିଥିଲେ ହେଁ ଶେଷ ଲିଗ୍ ମ୍ୟାଚର ଫଳାଫଳକୁ ଅପେକ୍ଷା କରିଛି।

ଭାରତକୁ ହରାଇବାପରେ ନେପାଳର ମନୋବଳ ଏବେ ବହୁ ଉପରେ। ଏହି ଦଳ ୩ ପଏଣ୍ଟ ପାଇ ସାରିଥିବାରୁ ଆଗାମୀ ମ୍ୟାଚରେ ୬୦ ର୍‍ୟାଙ୍କ୍‌ପ୍ରାପ୍ତ ଇରାନକୁ ଚ୍ୟାଲେଞ୍ଜ ଦେବାକୁ ପ୍ରସ୍ତୁତ। ଇରାନ ୨ଟି ମ୍ୟାଚ ଖେଳିଥିଲେ ହେଁ ଏପର୍ଯ୍ୟନ୍ତ ପଏଣ୍ଟ ଖାତା ଖୋଲି ପାରିନାହିଁ। ଭାରତ ଯଦି ଆଗାମୀ ମ୍ୟାଚରେ ମ୍ୟାନମାରକୁ ହରାଇଦିଏ ଏବଂ ନେପାଳ ଇରାନକୁ ହରାଇବାରେ ସକ୍ଷମ ହୁଏ ତେବେ ୩ ଦଳର ପଏଣ୍ଟ ସଂଖ୍ୟା ସମାନ ୬ ହୋଇଯିବ। ଏ କ୍ଷେତ୍ରରେ ଗୋଲ ବ୍ୟବଧାନକୁ ଦେଖି ଫାଇନାଲିଷ୍ଟ ନିର୍ଦ୍ଧାରିତ ହେବ। ଯଦି ଭାରତ ମ୍ୟାନମାରଠାରୁ ହାରିଯାଏ ଏବଂ ନେପାଳ ଇରାନଠାରୁ ପରାଜିତ ହୁଏ ତେବେ ୩ଟି ଦଳର ପଏଣ୍ଟ ସମାନ ୩ ରହିବ। ଏ କ୍ଷେତ୍ରରେ ମଧ ଗୋଲ ବ୍ୟବଧାନକୁ ବିଚାରକୁ ନିଆଯିବ। ଯଦି ଭାରତ ହାରିଯାଏ ଏବଂ ନେପାଳ ଇରାନକୁ ହରାଇଦିଏ ତେବେ ଭାରତର ସମ୍ଭାବନା ଶେଷ ହୋଇଯିବ। ଏ କ୍ଷେତ୍ରରେ ମ୍ୟାନମାର ସହ ନେପାଳ ଫାଇନାଲରେ ପ୍ରବେଶ କରିଯିବ। ମ୍ୟାନମାର ୩ ମ୍ୟାଚ ଜିତିଲେ ନିର୍ଦ୍ୱନ୍ଦ୍ୱରେ ଫାଇନାଲରେ ପ୍ରବେଶ କରିଯିବ। ତେଣୁ ଅନ୍ତିମ ୨ଟି ଯାକ ଲିଗ୍ ମ୍ୟାଚ ପ୍ରତ୍ୟେକ ଦଳପାଇଁ ଗୁରୁତ୍ୱ ବହନ କରୁଛି। ଟୁର୍ଣ୍ଣାମେଣ୍ଟ ନିୟମ ଅନୁସାରେ ଏକାଧିକ ଦଳର ପଏଣ୍ଟ ସଂଖ୍ୟା ସମାନ ରହିଲେ ପ୍ରଥମେ ଗୋଲ ବ୍ୟବଧାନକୁ ବିଚାରକୁ ନିଆଯିବ। ଏଥିରେ ସମାନତା ଦେଖାଗଲେ ଗୋଲ ସ୍କୋରିଂକୁ ଅଗ୍ରାଧିକାର ଦିଆଯିବ। ଏ ସମସ୍ତ ଅଙ୍କ ସମାନ ରହିଲେ ଗ୍ରୁପ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ହେଡ୍ ଟୁ ହେଡ୍ ରେକର୍ଡକୁ ବିଚାରକୁ ନିଆଯିବ। ବର୍ତ୍ତମାନ ମ୍ୟାନମାର ୬ ପଏଣ୍ଟ ସହ ୧ ନମ୍ବରରେ ଥିବାବେଳେ ଭାରତ ଓ ନେପାଳ ୩ ପଏଣ୍ଟ ଲେଖାଏ ପାଇଁ ମିଳିତଭାବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ତେବେ ଭାରତର ଗୋଲ ବ୍ୟବଧାନ ଶୂନ୍ୟ(୦) ଥିବାବେଳେ ନେପାଳର -୨ ଏବଂ ଇରାନର -୩ ରହିଛି।





ଭାରତ କୋଚ୍ ମେମୋଲ ରକି।

**ବୁଧବାର ମ୍ୟାଚ**
ଇରାନ ବନାମ ନେପାଳ
ସମୟ: ଅପରାହ୍ନ ୪ଟା
ଭାରତ ବନାମ ମ୍ୟାନ୍‌ମାର
ସମୟ: ରାତି ୭ଟା
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ହଟ୍‌ଷ୍ଟାର

### ମେମୋଲ ଆଶାବାଦୀ

ନେପାଳଠାରୁ ଭାରତ ହାରିଯାଇଥିଲେ ହେଁ ଦଳର ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ କୋଚ୍ ମେମୋଲ ରକି। “ଗୋଟିଏ ମ୍ୟାଚ ହାରିଗଲେ କୌଣସି ଦଳକୁ ଖରାପ କୁହାଯାଇ ପାରିବ ନାହିଁ। ଆମେ ଏବେ ମଧ ଟ୍ରାକ୍‌ରେ ରହିଛୁ। ଆହୁରି ଗୋଟିଏ ମ୍ୟାଚ ଅଛି। ଆମ ଦଳ ନିଶ୍ଚିତ ଭଲ ପ୍ରଦର୍ଶନ ସହ ପ୍ରତ୍ୟାବର୍ତ୍ତନ କରିବ” ବୋଲି ମେମୋଲ ପ୍ରକାଶ କରିଛନ୍ତି। ଭାରତ ଏକ ଯୁବ ଦଳ। ଦଳର ଖେଳାଳିମାନେ ଦୃଢ଼ମନା ହୋଇଥିବାରୁ ନିଶ୍ଚିତ ସକାରାତ୍ମକ ଫଳ କରାଯାଇ ପାରିବ। ଆଗାମୀ ମ୍ୟାଚ ପାଇଁ ଆମେ ନିଜକୁ ପ୍ରସ୍ତୁତ କରିଛୁ। ମ୍ୟାନମାର ବିପକ୍ଷରେ ଆମେ ଜୀବନ ଲଗାଇ ଖେଳିବୁ ବୋଲି ମେମୋଲ କହିଛନ୍ତି। “ମ୍ୟାନମାର ଟୁର୍ଣ୍ଣାମେଣ୍ଟର ସବୁଠାରୁ ଶକ୍ତିଶାଳୀ ଦଳ। ପ୍ରତ୍ୟେକ ପୋଜିଶନରେ ଏହି ଦଳର ଖେଳାଳିମାନେ ସେଟ୍ ହୋଇ ରହିଛନ୍ତି। ର୍‍ୟାଙ୍କିଙ୍ଗ୍‌ରେ ମଧ ଦଳ ବହୁ ଉପରେ। ଅନ୍ୟ ପକ୍ଷରେ ଆମ ଦଳରେ ମଧ କ୍ୱାଲିଟି ଖେଳାଳିମାନେ ରହିଛନ୍ତି। ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତିର ସହ ପଡ଼ିଆକୁ ଓହ୍ଲାଇବୁ। ଆମେ ଏହାକୁ ପ୍ରତିଯୋଗିତାର ଶେଷ ମ୍ୟାଚ ଭାବି ଖେଳିବୁ। ଅଲ୍‌ଆଉଟ୍ ପ୍ରଦର୍ଶନ ଦେବା ଆମର ଉଦ୍ଦେଶ୍ୟ ରହିବ” ବୋଲି ମେମୋଲ ପ୍ରକାଶ କରିଛନ୍ତି। ୟାନଗନ୍‌ଠାରେ ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପୂର୍ବ ମୁକାବିଲାରେ ରତ୍ନବାଳା ଦେବୀ ଭାରତ ପକ୍ଷରୁ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାନମାର ବିପକ୍ଷରେ ବିଜୟ ପାଇଁ କ୍ୱାଲିଟି ଖେଳ ସହ ଟେମ୍ପରାମେଣ୍ଟର ଆବଶ୍ୟକ ରହିଛି ବୋଲି ଏହି ୧୯ ବର୍ଷୀୟା ମିଡ୍ ଫିଲ୍ଡର ପ୍ରକାଶ କରିଛନ୍ତି। “୪ ମାସ ତଳେ ସେମାନଙ୍କ ଘରୋଇ ପରିବେଶରେ ଆମେ ମ୍ୟାନମାରକୁ ହରାଇବାର ନିକଟତର ହୋଇଥିଲୁ। ଏବେ ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନ ଆମ ସପକ୍ଷରେ ରହିଛି। ଆମେ ଏହାର ଫାଇଦା ଉଠାଇବୁ” ବୋଲି ରତ୍ନବାଳା କହିଛନ୍ତି।



କାଲିଫର ପେବଲ ବିଚ୍‌ରେ ଅନୁଷ୍ଠିତ ଏଟି ଆଣ୍ଡ ଟି ପେବଲ ବିଚ୍ ପ୍ରୋ-ଆମ୍ ଗଲ୍ଫ ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ଫିଲ୍ ମାଇକେଲସନ ଟ୍ରଫି ସହ।

## ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ଚାମ୍ପିୟନ

**ଭୁବନେଶ୍ୱର,୧୨।୨(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମଠାରେ କିଟ୍ ପ୍ରିମିୟର ଲିଗ୍(କେପିଏଲ୍)ର ଦ୍ୱାଦଶ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ ଫରିଦାବାଦର ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ଅମୃତସରର ପ୍ରତିପକ୍ଷ ଗୁରୁନାନକ ଡିମ୍ଡ ବିଶ୍ୱବିଦ୍ୟାଳୟକୁ ହରାଇ ଚାମ୍ପିୟନ୍ ହୋଇଛି। ଅଲ୍-ଫାଲହା ବିଶ୍ୱବିଦ୍ୟାଳୟ ନିର୍ଦ୍ଧାରିତ ୨୦ ଓଭରରେ ୩ ଉଇକେଟ୍ ବିନିମୟରେ ୨୧୬ ରନ୍ କରିଥିଲା। ଜବାବରେ ଗୁରୁନାନକ ବିଶ୍ୱବିଦ୍ୟାଳୟ ୯ ଉଇକେଟ ବିନିମୟରେ ମାତ୍ର ୧୪୩ ରନ୍ ହାସଲ କରି ପରାସ୍ତ ହୋଇଥିଲା। ଗୁରୁନାନକ ପ୍ରଥମ ରନର୍ସ ଅପ୍ ବିବେଚିତ ହୋଇଥିବା ବେଳେ ହାଇଦ୍ରାବାଦ୍‌ର ଜେଏନ୍‌ଟିୟୁ ତୃତୀୟ ଓ ମୁମ୍ବାଇ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଲିଉଡ୍ ଅଭିନେତା ତଥା ରାଜ୍ୟ ସଭା ସାଂସଦ ଅନୁଭବ ମହାନ୍ତି, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟକାରୀ ଅଧ୍ୟକ୍ଷ ଅରୂପ ପଟ୍ଟନାୟକ ଏବଂ କିମ୍‌ସ ସିଇଓ ଡା. ବିଷ୍ଣୁ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଅଲ-ଫାଲହା ବିଶ୍ୱବିଦ୍ୟାଳୟକୁ ଚାମ୍ପିୟନ୍ ଟ୍ରଫି ସହ ନଗଦ ୨ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ପ୍ରଥମ୍ ରନର୍ସ ଅପ୍ ଗୁରୁନାନକ ବିଶ୍ୱବିଦ୍ୟାଳୟକୁ ଟ୍ରଫି ସହ ନଗଦ ୧ଲକ୍ଷ, ତୃତୀୟ ଶ୍ରେଷ୍ଠ ଦଳ ଜେଏନ୍‌ଟିୟୁକୁ ୫୦ ହଜାର ଓ ଚତୁର୍ଥ ଶ୍ରେଷ୍ଠ ଦଳ ମୁମ୍ବାଇକୁ ୨୫ ହଜାର ଟଙ୍କା ନଗଦ ଅର୍ଥରାଶ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମହିଳା ହକିରେ ଭାରତ ‘ଏ’ ବିଜୟୀ


ଭାରତ-ଏ ଓ ଫ୍ରାନ୍ସ-ଏ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଲକ୍ଷ୍ନୌ, ୧୨।୨ (ପି.ଟି.)**

ଭାରତ ‘ଏ’ ମହିଳା ହକି ଦଳ ଶନିବାର ଅନୁଷ୍ଠିତ ତୃତୀୟ ମ୍ୟାଚରେ ଭ୍ରମଣକାରୀ ଦଳ ଫ୍ରାନ୍ସ ‘ଏ’କୁ ୨-୧ ଗୋଲରେ ହରାଇ ଦେଇଛି। ଏଥିସହିତ ଦଳ ୪ ମ୍ୟାଚ ବିଶିଷ୍ଟ ସିରିଜରେ ୨-୧ରେ ଅଗ୍ରଣୀ ଲାଭ କରିଛି। ସ୍ଥାନୀୟ ପଦ୍ମଶ୍ରୀ ମହମ୍ମଦ ସହିଦ ସିନ୍ଥେଟିକ୍ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏହି ମାଚରେ ଭାରତ ‘ଏ’ ତରଫରୁ ମମ୍‌ତାଜ ଖାଁ (୪୨ତମ) ଓ ଶର୍ମିଳା ଦେବୀ (୬୦ତମ ମିନିଟ)ରେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଭ୍ରମଣକାରୀ ଦଳ ଆରମ୍ଭରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ମାତ୍ର ଭାରତୀୟ ଡିଫେନ୍ସର ଦୃଢ଼ ପ୍ରତିରୋଧ କରି ସେମାନଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ପ୍ରଥମାର୍ଦ୍ଧ ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦୁଇ ଦଳ ମଧ୍ୟରେ ଚତୁର୍ଥ ତଥା ଅନ୍ତିମ ମ୍ୟାଚ ବୁଧବାର ଖେଳାଯିବ।

## ଆନ୍ତଃ ମଣ୍ଡଳସ୍ତରୀୟ ଚେସ୍: ବିଳାସପୁର ଚାମ୍ପିୟନ

**ଭୁବନେଶ୍ୱର, ୧୨।୨(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ସିଏମପିଡିଆଇ କଲୋନୀ ପରିସରରେ ମଙ୍ଗଳବାର ଆନ୍ତଃ ମଣ୍ଡଳସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ସିଏମପିଡିଆଇ ଭୁବନେଶ୍ୱର ମଣ୍ଡଳର ବରିଷ୍ଠ ନିର୍ଦ୍ଦେଶକ ଏସ.କେ. ଶ୍ରୀବାସ୍ତବ ଏହାକୁ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ଦଳଗତ ବିଭାଗରେ ଛତିଶଗଡ଼ର ବିଳାସପୁର ଚାମ୍ପିୟନ ଏବଂ ପଶ୍ଚିମବଙ୍ଗର ଆସନସୋଲ ରନର୍ସଅପ୍ ହୋଇଛି। ୧୩ ତାରିଖରେ ଶେଷ ହେବାକୁଥିବା ଏହି ପ୍ରତିଯୋଗିତାର ବ୍ୟକ୍ତିଗତ ବିଭାଗରେ ଶ୍ରେଷ୍ଠ ୫ ପ୍ରତିଯୋଗୀ ସର୍ବଭାରତୀୟ କୋଲ୍ କମ୍ପାନୀ ଚେସ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ସିଏମପିଡିଆଇ ସ୍ପୋର୍ଟ୍ସକମିଟି ଆନୁକୂଲ୍ୟରେ ଏସ.ଆର.ଚେସ୍ ସେଣ୍ଟର ସହଯୋଗରେ ଚାଲିଥିବା ପ୍ରତିଯୋଗିତାକୁ ଜି.ଶ୍ରୀନିବାସ, ଶୁଭାଶିଷ ପଟ୍ଟନାୟକ, ସତ୍ୟରଞ୍ଜନ ପଟ୍ଟନାୟକ, ଫିଡେ ଆର୍ବିଟର ଭବେଶ ମହାନ୍ତି, ଅବିନାଶ ଦାସ ପ୍ରମୁଖ ପରିଚାଳନା କରୁଛନ୍ତି।

## ଡ୍ରିମ୍ସରେ ଅଭ୍ୟାସ ଆରମ୍ଭ କଲା ଅରୁଣାଚଳ ପ୍ରଦେଶ

**କଟକ ଅଫିସ,୧୨।୨**

ଆସନ୍ତା ୨୧ରୁ କଟକରେ ସୟଦ ମୁସ୍ତାକ ଅଲ୍ଲୀ ଟି୨୦ ଟୁର୍ଣ୍ଣାମେଣ୍ଟ ଗ୍ରୁପ-ଡିର ମ୍ୟାଚ ଗୁଡ଼ିକ କଟକର ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯିବ। ଏଥି ନିମନ୍ତେ କଟକରେ ପ୍ରଥମେ ଆସି ପହଞ୍ଚିଛି ଅରୁଣାଚଳ ପ୍ରଦେଶ। ମଙ୍ଗଳବାରଠାରୁ ଡ୍ରିମ୍ସ ଗ୍ରାଉଣ୍ଡରେ ଅରୁଣାଚଳ ପ୍ରଦେଶ ଖେଳାଳିମାନେ ଅଭ୍ୟାସ ଆରମ୍ଭ କରିଛନ୍ତି। ୨୧ ତାରିଖରେ ଏହି ଗ୍ରାଉଣ୍ଡରେ ହରିୟାଣା ବିପକ୍ଷରେ ଅରୁଣାଚଳ ପ୍ରଦେଶ ପ୍ରଥମ ମ୍ୟାଚ୍ ଖେଳିବ । ଦଳକୁ ଡ୍ରିମ୍ସ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ‘ଡ୍ରିମ୍ସ’ର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ ଦଳର କୋଚ, ଅଧିନାୟକଙ୍କ ସମେତ ସମସ୍ତ ଖେଳାଳୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଓ ଆଇନଜୀବୀ ବିଧୁଭୂଷଣ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ।


ଡ୍ରିମ୍ସ କର୍ମକର୍ତ୍ତାଙ୍କ ଗହଣରେ ଅରୁଣାଚଳ ପ୍ରଦେଶ କ୍ରିକେଟ ଦଳର ଖେଳାଳିମାନେ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଫେବୃୟାରୀ ୧୩/୨୦୧୯ Sambalpur, Wednesday, February 13 / 2019

## ସଂକ୍ଷେପରେ

### ପୋଲିସ ଇନଫର୍ମର ସନ୍ଦେହ
## ମାଓବାଦୀଙ୍କ ଗୁଳିରେ ଜଣେ ମୃତ

**ରାଇଘର,୧୨।୨(ଡି.ଏନ୍.ଏ):** ନବରଙ୍ଗପୁର ଜିଲା ରାଇଘର ବ୍ଲକ ହଳଦୀ ପଞ୍ଚାୟତ ଭେନସ ଗ୍ରାମର ଅନନ୍ତରାମ ଗଣ୍ଡ(୩୮)ଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ସୋମବାର ରାତିରେ ଗୁଳି କରି ହତ୍ୟା କରିଛନ୍ତି । ଅନନ୍ତ ରାମଙ୍କ ଗୋଟିଏ ପୁଅ ଓ ୪ ଝିଅ। ୨ ଝିଅ ନୂଆପାରା ଆଶ୍ରମରେ ପଢୁଥିବା ବେଳେ ୨ ଝିଅ ସୋମବାର ମା'ଙ୍କ ସାଙ୍ଗରେ ମାମୁ ଘରକୁ ଯାଇଥିଲେ । ସୋମବାର ଅନନ୍ତରାମଙ୍କ ସହ ପୁଅ ପୂର୍ଣ୍ଣ ରହିଥିଲେ। ରାତିରେ ସେମାନେ ଶୋଇବା ସମୟରେ ୧୦ ରୁ ଊର୍ଦ୍ଧ୍ୱ ମାଓବାଦୀ ଆସି ଅନନ୍ତରାମଙ୍କୁ ଡାକିଥିଲେ । ପୂର୍ଣ୍ଣଙ୍କୁ ସେଠାରୁ ଚାଲି ଯିବାକୁ କହିଥିଲେ । ପୂର୍ଣ୍ଣ ଭୟଭୀତ ହୋଇ ପଡୋଶୀ ଘରକୁ ଚାଲି ଯାଇଥିଲେ। ଘରଠାରୁ ୫୦ମିଟର ଦୂରରେ ଥିବା ଅଙ୍ଗନୱାଡି କେନ୍ଦ୍ର ନିକଟ ରାସ୍ତା ଉପରେ ମାଓବାଦୀମାନେ ଅନନ୍ତଙ୍କୁ ଗୁଳି କରି ହତ୍ୟା କରିଥିଲେ।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ: ୨ ଗୁରୁତର

**କୋକସରା,୧୨।୨(ଡି.ଏନ୍.ଏ)**
୨୬ନଂ ଜାତୀୟ ରାଜପଥର କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ କାଉଡୋଲା ଛକ ନିକଟରେ ମଙ୍ଗଳବାର ଅପରାହ୍ଣ ୪ଟାରେ ସଡ଼କ ଦୁର୍ଘଟଣା ଘଟିଛି। ଟ୍ରକ୍ ଚାପାରେ ଜଣେ ବାଇକ୍ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଉତ୍କୁକାଠେଙ୍ଗା ପଞ୍ଚାୟତ ଖଳିଗଡ଼ ଗ୍ରାମର ଯୁବରାଜ ମାଝି (୫୦)। ଆହତ ଦ୍ୱୟ ହେଲେ ଗୋତୋମୁଣ୍ଡା ପଞ୍ଚାୟତ ପିପଲଛାପର ଗ୍ରାମର ରଞ୍ଜିତ ବାଗ (୧୨) ଓ ପୁସ୍ତମ ମାଝି (୪୦)। ଏମାନଙ୍କୁ ସ୍ଥାନୀୟ ବିଜୁ ଯୁବବାହିନୀ ସଦସ୍ୟ ଭିକାରୀ ମାଝି ଉଦ୍ଧାର କରି ଏକ ଅଟୋରିକ୍ସାରେ କୋକସରା ଡାକ୍ତରଖାନା ପଠାଇଥିଲେ। ଯୁବରାଜ, ରଞ୍ଜିତ ପୁସ୍ତମ ଜୟପାଟଣା ବ୍ଲକ୍ କଣିଗୁଡ଼ା ଗ୍ରାମରେ ପାଟଯାତ୍ରା ଉତ୍ସବ ଦେଖି ଏକ ବାଇକ୍‌ରେ ଘରକୁ ଫେରୁଥିବା ସମୟରେ ଆମପାଣି ପଟୁ ଆସୁଥିବା ଓଆର୍୧୫-ଜି-୦୩୪ନଂ ଦଶଚକିଆ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଯୁବରାଜ ଟ୍ରକ୍ ଚକ ତଳେ ଚାପି ହୋଇଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯାଇଛନ୍ତି। ବାରମ୍ବାର ଏହି ଛକରେ ଦୁର୍ଘଟଣା ଘଟୁଥିବାରୁ ହମ୍ପସ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଆଜିର ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତାହତଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଫଳରେ ଭବାନୀପାଟଣା-ଜୟପୁର ମଧ୍ୟରେ ଚଳାଚଳ କରୁଥିବା ଗାଡ଼ିମୋଟର ଅଟକି ରହିଥିଲା। ଆମପାଣି ଆଇଆଇସି ସତ୍ୟନାରାୟଣ ପ୍ରଧାନ, କୋକସରା ଆଇଆଇସି ଉତ୍ତମ ସାହୁ, ତହସିଲଦାର ମୌସୁମୀ ନାଏକ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। କ୍ଷତିପୂରଣ ନ ମିଳିବା ଯାଏ ହଟିବେ ନାହିଁ ବୋଲି ଲୋକେ ଜିଦ୍‌ରେ ଅଟଳ ରହିଥିଲେ। ଶେଷରେ ଯୁବରାଜଙ୍କ ପରିବାରକୁ ଟ୍ରକ୍ ମାଲିକ ୪୦ ହଜାର ଟଙ୍କା, ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ଦୀର୍ଘ ୪ ଘଣ୍ଟା ପରେ ରାସ୍ତାରୋକୋ ହଟିଥିଲା।


ଦୁର୍ଘଟଣାସ୍ଥଳରେ ବାଇକ୍ ପଡ଼ିରହିଛି।

## ସ୍କୁଟି-ପିକ୍‌ଅପ୍ ଧକ୍କା: ଯୁବକ ମୃତ

**ଝାରସୁଗୁଡା ଅଫିସ,୧୨।୨**
ଝାରସୁଗୁଡା ବେହେରାମାଲସ୍ଥିତ ରେଲୱେ ଓଭରବ୍ରିଜ୍‌ରେ ମଙ୍ଗଳବାର ରାତି ୯ଟାରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଙ୍ଗଳବଜାର ଟାଟା ଗଳିର ଦିନବନ୍ଧୁ ତନ୍ତି(୨୮)। ସୂଚନା ମୁତାବକ, ଦିନବନ୍ଧୁ ଏକ ସ୍କୁଟିରେ ବେହେରାମାଳ ପଟକୁ ଆସୁଥିବା ବେଳେ ବୀପରିତ ଦିଗରୁ ଆସୁଥିବା ଏକ ପିକ୍-ଅପ୍ ସାମ୍ନାରୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଦିନବନ୍ଧୁ ଅଚେତ ଅବସ୍ଥାରେ ପଡି ରହିଥିଲେ। ଉପସ୍ଥିତ ଲୋକ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନଥାନା ପୋଲିସ ମୃତଦେହ ଜବତ କରି ସଂରକ୍ଷିତ ଗୃହରେ ରଖିଛି। ବୁଧବାର ବ୍ୟବଚ୍ଛେଦ କରାଯିବ।

# ଶେଷ ସପ୍ତାହରେ ବରଗଡ଼ ଆସିବେ ରାହୁଲ

**ବରଗଡ଼ ଅଫିସ୍,୧୨।୨**
ଅଲ୍ ଇଣ୍ଡିଆ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଚଳିତମାସ ଶେଷ ସପ୍ତାହରେ ବରଗଡ଼ ଆସିବେ । ସେ ଆସିବାର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇ ନଥିଲେ ହେଁ ଆସନ୍ତା ୨୬ରୁ ୨୮ ତାରିଖ ମଧ୍ୟରେ ତାଙ୍କ ବରଗଡ଼ ଗସ୍ତ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି । ରାହୁଲଙ୍କ ଆଗମନ ନେଇ ସ୍ଥାନୀୟ କଂଗ୍ରେସ କର୍ମୀ ମହଲରେ ଉତ୍ସାହ ଦେଖାଯାଇଛି । ଏପରିକି ଏହି ଗସ୍ତକୁ ନେଇ ଦଳୀୟ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି । ମଙ୍ଗଳବାର ଦଳୀୟ ନେତା, କର୍ମୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।

ମଙ୍ଗଳବାର ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ବରଗଡ଼ ଆସି ରାହୁଲଙ୍କ ସଭା ପାଇଁ ଦଳୀୟ ନେତା, କର୍ମୀଙ୍କ ଗହଣରେ ସରସରା, ଜମୁର୍ଡ଼ି ଆଦି ପଡ଼ିଆ ବୁଲି ଦେଖିଥିଲେ । ପରେ ଏକ ଖବରଦାତା ସମ୍ମିଳନୀରେ ସେ ରାହୁଲଙ୍କ ଗସ୍ତ ତଥା ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଦଳର ଇସ୍ତାହାର ପ୍ରସ୍ତୁତି ଉପରେ ସୂଚନା ଦେଇଥିଲେ । ଗାଁ ଗାଁ ବୁଲି ଲୋକଙ୍କ ମତ ନେଇ ଦଳୀୟ ଇସ୍ତାହାର ତଥା ଜନାଦେଶ ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ । ସେହିପରି କଂଗ୍ରେସ ଶାସନକୁ ଆସିଲେ ଋଣଛାଡ଼, ଧାନର ଏମ୍ଏସ୍‌ପି କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କାକୁ ବୃଦ୍ଧି, ଭତ୍ତା ୩୦୦ରୁ ୧ହଜାର ଓ ୫୦୦ରୁ ୧୫୦୦ ଟଙ୍କାକୁ ବୃଦ୍ଧି, ପ୍ରତି ପରିବାରର ଜଣକୁ କର୍ମନିଯୁକ୍ତି, ମହିଳାଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା, ଚାଷୀଙ୍କୁ ସୋଲାର ପମ୍ପ ଆଦି ଯୋଗାଇ ଦିଆଯିବ ବୋଲି ନିରଞ୍ଜନ କହିଥିଲେ । ତେବେ ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ବାମଦଳ ସହିତ ମେଣ୍ଟ କରିବ କି ବୋଲି ପଚାରିବାରୁ ସିପିଆଇ, ସିପିଏମ୍ ଏବଂ ଜେଏମ୍ଏମ୍ ସହିତ ମେଣ୍ଟ ହେବାର ସମ୍ଭାବନା ରହିଛି, ଯଦିଓ ସେ ନେଇ କିଛି ଚୂଡ଼ାନ୍ତ ହୋଇ ନାହିଁ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାଚସ୍ପତି କିଶୋର ପଟେଲ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରକାଶ ଦେବତା, ପୂର୍ବତନ ବିଧାୟକ ସାଧୁ ନେପାକ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଦଳର ମୁଖପାତ୍ର ଡଃ ହମ୍ମିଦ ହୁସେନ, ଜିଲା କଂଗ୍ରେସ ସଭାପତି ସତ୍ୟଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ରାହୁଲ ଗାନ୍ଧୀଙ୍କ ଗସ୍ତ ନେଇ କଂଗ୍ରେସର ପ୍ରସ୍ତୁତି ବୈଠକ ।

# ମାହେଶ୍ୱରୀ କ୍ରିକେଟ: ସୋନପୁର ସେମିରେ

**ଅମରପାଲି, ୧୨।୨(ଡି.ଏନ.ଏ.)**
ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରା ପଞ୍ଚାୟତର ବିକଲପୁର ଗ୍ରାମରେ ଚାଲିଥିବା ମାଁ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମଙ୍ଗଳବାର ବୀରମହାରାଜପୁରକୁ ହରାଇ ସୋନପୁର ସେମିଫାଇନାଲରେ ପ୍ରବେଶ କରିଛି । ବୀରମହାରାଜପୁର ପ୍ରଥମେ ବ୍ୟାଟିଂ କରି ଦେବାଶିଷ ନେପାକଙ୍କ ୫୦ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୫୩ ରନ କରିଥିଲା। ସୋନପୁରର ପୁରୁଷୋତ୍ତମ ପାତ୍ର ୬ଟି ଉଇକେଟ ନେଇଥିଲେ। ଯବାବରେ ସୋନପୁର ଦଳ ଆଶିଷ ମଲ୍ଲିକଙ୍କ ୪୧ରନ ସହାୟତାରେ ଆବଶ୍ୟକ ୧୫୪ ରନକୁ ୫ଉଇକେଟ ହରାଇ ୧୯ଓଭରରେ ସଂଗ୍ରହ କରି ବିଜୟୀ ହୋଇଥିଲା। ବୀରମହାରାଜପୁର ଶୈଳରଞ୍ଜନ ବାଦୀ ୨ଟି ଉଇକେଟ ନେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡାବିତ ସପନ ପଧାନ ଓ କର୍ଣ୍ଣରାଜ ପଧାନ ଅତିଥି ଭାବେ ଯୋଗଦେଇ ସୋନପୁରର ପୁରୁଷୋତ୍ତମ ପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ଖେଳଟିକୁ ଶ୍ୟାମସୁନ୍ଦର ପଣ୍ଡା ଓ ଅଚ୍ୟୁତାନନ୍ଦ ସାହୁ ପରିଚାଳନା କରିଥିବା ବେଳେ ଚନ୍ଦ୍ରଶେଖର ପ୍ରଧାନ ସ୍କୋରିଂ ଏବଂ ଅମିତ ଦାସ ଓ ଶ୍ରୀନିବାସ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ ।


ସୋନପୁରର ପୁରୁଷୋତ୍ତମ ପାତ୍ରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଉଛି ।




### ସର୍ଦ୍ଦାର ରାଜାସ୍ ମେଡିକାଲ କଲେଜ ଅନିୟମିତତା ମାମଲା
# ଅର୍ଥନୈତିକ ତଦନ୍ତ କରିବ ଇଡି

**ଭୁବନେଶ୍ୱର,୧୨।୨ (ବ୍ୟୁରୋ)**
କଳାହାଣ୍ଡି ସର୍ଦ୍ଦାର ରାଜାସ୍ ମେଡିକାଲ କଲେଜରେ ହୋଇଥିବା ଆର୍ଥିକ ଅନିୟମିତତା ମାମଲାର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। କଲେଜକୁ କେତେ ଟଙ୍କା ଆସିଛି, କାହା ଆକାଉଣ୍ଟ୍‌କୁ କେତେ ଯାଇଛି ଓ କେତେ ହେରଫେର ହୋଇଛି ତାହାର ଖୋଳତାଡ଼ କରିବ। ତେଣୁ ଏହି ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ଅଧିକାରୀଙ୍କଠାରୁ ଇଡି ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ନେଇଥିବା ଜଣାପଡିଛି। ଏହି ମାମଲାରେ ଇଡି ଏକାଧିକ ଲୋକଙ୍କୁ ପଚରାଉଚରା କରିପାରେ। ଏହାସହ ଗିରଫ ହୋଇଥିବା ଏ. ଜନ୍‌ସେଲ୍ ରାଜାଙ୍କୁ ରିମାଣ୍ଡରେ ଆଣି ମଧ ପଚରାଉଚରା କରିବାର ଯୋଜନା ରହିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଏହି ମେଡିକାଲ କଲେଜକୁ ଚଳାଉଥିଲା ସେଲଭମ୍ ଚାରିଟେବୁଲ ଟ୍ରଷ୍ଟ। ଏହାର ମ୍ୟାନେଜିଙ୍ଗ୍ ଡାଇରେକ୍ଟର ଥିଲେ ଏ.ଜନ୍‌ସେଲ୍ ରାଜା। ୨୦୦୪ରେ କଳାହାଣ୍ଡିରେ ମେଡିକାଲ ପ୍ରତିଷ୍ଠା କରିବା ପାଇଁ ସେଲଭମ୍ ଚାରିଟେବୁଲ ଟ୍ରଷ୍ଟ ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ମଧ୍ୟରେ ଚୁକ୍ତି ହୋଇଥିଲା। ପଶ୍ଚିମ ଓଡିଶା ବିକାଶ ପରିଷଦ ସମସ୍ତ ଭିତ୍ତିଭୂମି ଯୋଗାଇ ଦେଇଥିଲା। ସରକାରଙ୍କ ପକ୍ଷରୁ ବିଭିନ୍ନ ସହାୟତା ମିଳଥିଲା। କିନ୍ତୁ ମେଡିକାଲ କଲେଜ ନିର୍ମାଣରେ ଏମ୍‌ସିଆଇ ନିୟମର ଉଲ୍ଲଂଘନ ହୋଇଥିଲା। ଜାଲ କାଗଜପତ୍ର ଦେଖାଇ ଏମ୍‌ସିଆଇରୁ ୨୦୧୩-୧୪ ଓ ୧୪-୧୫ରେ ଆଡମିଶନ ପାଇଁ ଅନୁମତି ଅଣାଯାଇଥିବା ଜଣାପଡିଥିଲା। ଏପରିକି ଆଡ୍‌ମିଶନ ନାଁରେ ପିଲାଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଠକେଇ କରାଯାଇଥିଲା। ପଶ୍ଚିମ ଓଡିଶା ବିକାଶ ପରିଷଦ ଏହା ଜାଣିବା ପରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲା। ଏହାପରେ ଏ. ଜନ୍‌ସେଲ୍ ଫେରାର ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ତାମିଲନାଡୁରୁ ଗିରଫ କରାଯାଇଥିଲା।

### ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ
# ସୋନପୁରକୁ ହରାଇ ଏନ୍‌ଏଫ୍‌ସି କଟକ ବିଜୟୀ



ସେଖ୍ ଅଖିଳଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

**ସୋନପୁର,୧୨।୨(ନି.ପ୍ର.)**
ସୋନପୁର ଗାନ୍ଧୀ ପଡିଆଠାରେ ଚାଲିଥିବା ଅଲ ଓଡିଶା ରବି ଆଣ୍ଡ ଅନାଦି ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଦ୍ୱିତୀୟ ଦିବସରେ ଏନଏଫସି କଟକ ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ମ୍ୟାଚ୍ ଆୟୋଜକ ରାମଧୂନ ସ୍ପୋର୍ଟିଂ କ୍ଲବ ଓ ଏନଏଫସି କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ୩୫ତମ ମିନିଟ୍‌ରେ କଟକର ସେଖ୍ ଅଖିଳ ଗୋଲ ସ୍କୋର କରିଥିଲେ। ୭୨ତମ ମିନିଟ୍‌ରେ ଚିଣ୍ଟୁ ସାମଲ ଆଉ ଗାଟିଏ ଗୋଲ ସ୍କୋର କରିଥିଲେ। ଏନ୍‌ଏଫସି କଟକ ୨-୦ ଗୋଲରେ ବିଜୟୀ ହୋଇଥିଲା। କଟକର ସେଖ୍ ଅଖିଳଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚ୍‌କୁ ରେଫେରି ଦିଲ୍ଲିପ କୁମାର ରାଉତ, ସଲିଲ ବେହେରା, ଦେବାଶିଷ ବାଗ୍ ଓ ସଞ୍ଜିବ କୁମାର ସାହୁ ପରିଚାଳନା କରିଥିଲେ। ହିରନମୟ ପଟ୍ଟନାୟକ, ସୁବାସ ବିଶ୍ୱାଳ ଓ ମନୋରଞ୍ଜନ ତ୍ରିପାଠୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ଓ ସାମାଜିକକର୍ମୀ ପୁରୁଷୋତ୍ତମ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ଥିଲେ। କ୍ଲବର କର୍ମକର୍ତ୍ତା ଓ ଫ୍ରାଞ୍ଚାଇଜ୍ ଟିମ୍ ଖେଳ ପରିଚାଳନାରେ ସହାୟତା କରିଥିଲେ। ବୁଧବାର ୟୁନାଇଟେଡ ସ୍ପୋର୍ଟିଂ ବରଗଡ ଓ ଏନଏଫସି କଟକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ଫେବୃୟାରୀ, ୨୦୧୯



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ବାଉଁଶୁଣୀରେ ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର

**ମନମୁଣ୍ଡା, ୧୨।୨ (ଡି.ଏନ୍.ଏ):** ବୌଦ୍ଧ ଜିଲା ବାଉଁଶୁଣୀ ସୁରଭି କାର୍ଯ୍ୟାଳୟଠାରେ ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ବାଉଁଶୁଣି ମହାରାଜା ଇଣ୍ଡିଆନ ଗ୍ୟାସ ଏଜେନ୍ସି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଶରତ କୁମାର ଖଣ୍ଡଗିରୀ ଅଧକ୍ଷତା କରିଥିଲେ। ୩ ଦିନ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଦାମୋଦର ସାହୁ, ଏସ୍‌ଡିପି ପ୍ରଶାନ୍ତ କୁମାର ରାଉତରାଏ ଏବଂ ବ୍ଲକ ସଂଯୋଜକ ସୁନୀଲ ସେଠୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୨୩ଟି ପଞ୍ଚାୟତର ଉଜ୍ଜ୍ୱଳା ଦିଦି ଉପସ୍ଥିତ ରହିଥିଲେ । ମା'ମାନେ ଧୂଆଁରୁ ରକ୍ଷା ପାଇବା ସହ ସହଜରେ କିପରି ରୋଷେଇ କରିପାରିବେ ସେନେଇ ମୋଦି ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିବା ସଂଯୋଜକ ଶରତ ଖଣ୍ଡଗିରୀ ଆଲୋକପାତ କରିଥିଲେ । ପ୍ରତ୍ୟେକ ପରିବାର ମାଆମାନେ କିପରି ସହଜ ଓ ସୁବିଧାରେ ମାଗଣାରେ ରନ୍ଧନ ଗ୍ୟାସ ସଂଯୋଗ ପାଇ ପାରିବେ ସେ ଉପରେ ଧ୍ୟାନ ଦେବାକୁ ବ୍ଲକ ସଂଯୋଜକ ସୁନୀଲ ସେଠୀ ବକ୍ତବ୍ୟ ରଖିଥିଲେ । କିପରି ଗ୍ୟାସ ସଂଯୋଗ କରିପାରିବ, କିପରି ନିରାପଦ ଭାବେ ଏହାର ବ୍ୟବହାର କରାଯିବ, କେଉଁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ ସେନେଇ ପ୍ରଶିକ୍ଷକ ଦିଦିମାନଙ୍କୁ ବୁଝାଇଥିଲେ।

### ମହିଳା ସାମାଜିକ କର୍ମୀଙ୍କ ପରଲୋକ

**ମନମୁଣ୍ଡା,୧୨।୨(ଡି.ଏନ.ଏ.):** ମହିଳା ସାମାଜିକ କର୍ମୀ ରଶ୍ମିତା ଦାନୀ (୪୮)ଙ୍କ ସୋମବାର ରାତ୍ରିରେ ପରଲୋକ ହୋଇଯାଇଛି । ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ସ୍ୱାମୀ ଡାକ୍ତର ବୀରେନ୍ଦ୍ର ଦାନୀ ଚିକିତ୍ସା ସେବା କରୁଥିଲେ। ସାମାଜିକ କର୍ମୀ ରଶ୍ମିତା ଅଧାପିକା ଚାକିରୀ ଛାଡି ସ୍ୱାମୀଙ୍କ ସହ ସମାଜସେବା କରୁଥିଲେ। ସୋମବାର ରାତ୍ରିରେ ମୟୂରଉଡାନ ଗ୍ରାମରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଦଶମ ଶ୍ରେଣୀ ପଢୁଥିବା ତାଙ୍କ ପୁଅ ଜଗନ ମୁଖାଗ୍ନି ଦେଇଥିଲେ। ଜଗନର ଏଚ୍‌ଏସ୍‌ସି ପରୀକ୍ଷା ଆଉ ୭ ଦିନ ଥିବାବେଳେ ମା'ଙ୍କୁ ହରାଇ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷେ ସାମାଜିକ କର୍ମୀ ରଶ୍ମିତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜିଲା ପ୍ରଶାସନର ହସ୍ତକ୍ଷେପ: ବିଦ୍ୟାଳୟରୁ ଖୋଲିଲା ତାଲା

**ବୌଦ୍ଧ,୧୨।୨(ସ୍ୱ.ପ୍ର.):** ବିଦ୍ୟାଳୟର ଜମି ଚିହ୍ନଟ ଦାବିରେ ପରିଚାଳନା କମିଟି ପକ୍ଷରୁ ୨ଦିନ ଧରି ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଫଳରେ ବିଦ୍ୟାଳୟ ବନ୍ଦ ରହିବା ସହ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ଉପୁଜିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଲଲାଟେନ୍ଦୁ ସି ବିଦ୍ୟାଳୟ ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। ଆଲୋଚନା ବେଳେ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ବିଦ୍ୟାଳୟ ଜମି ଚିହ୍ନଟ ପାଇଁ ହୋଇଥିବା ଆବେଦନର କାଗଜାତ ଦେଖାଯାଇଥିଲା। ହେଲେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦ ସ୍ୱରୂପ ପରିଚାଳନା କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଥିବା କୁହାଯାଇଥିଲା। ତହସିଲଦାର ସମସ୍ତ ରେକର୍ଡପତ୍ର ଯାଞ୍ଚ କରି ଜବରଦଖଲକାରୀଙ୍କୁ ହଟାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ହୀରାକୁଦ ତଳମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ହେଲାନି

**ସୋନପୁର,୧୨।୨(ନି.ପ୍ର.)**

ହୀରାକୁଦ ତଳମୁଣ୍ଡରେ ବିଶେଷ କରି ମହାନଦୀର ଖଇରମାଳରେ ବ୍ୟାରେଜ୍ ନିର୍ମାଣ ହେଲାନି। ଚଳିତ ବଜେଟ୍‌ରେ ରାଜ୍ୟ ସରକାର ଏଥିପାଇଁ ଅର୍ଥର ବ୍ୟବସ୍ଥା ମଧ୍ୟ କରିନାହାନ୍ତି। ସରକାର ପ୍ରତିଶୃତି ଦେଇ ପାଳନ କରି ନଥିବାରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସୋନପୁରରେ ମଙ୍ଗଳବାର ପ୍ରତିବାଦ କରାଯାଇଛି। ବ୍ଲକ ଛକରେ ଦଳୀୟ ନେତୃବୃନ୍ଦ ସରକାର ବିରୋଧି ନାରା ଦେବା ସହ ସୋନପୁର ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପ୍ରକାଶ ଯେ, ଛତିଶଗଡ ସରକାର ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରିବା ପରେ ଓଡିଶାରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା । ଓଡିଶାରେ ମଧ୍ୟ ବ୍ୟାରେଜ ଓ ଆନିକଟ କରିବା ପାଇଁ ଦାବି ଉଠିଥିଲା। ସମୁଦ୍ରକୁ ବହି ଯାଉଥିବା ମହାନଦୀର ଜଳକୁ ପିଇବା ପାଣି, ଜଳସେଚନ ନିମନ୍ତେ ବ୍ୟବହାର କରାଯିବା ଉପରେ ରାଜ୍ୟ ସରକାର ମଧ୍ୟ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ହୀରାକୁଦର ତଳମୁଣ୍ଡରେ ୭ଟି ବ୍ୟାରେଜ୍, ଆନିକଟ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରସ୍ତାବିତ ବ୍ୟାରେଜ୍ ମଧ୍ୟରେ ସୋନପୁର ସହରର ରାମେଶ୍ୱର ଘାଟଠାରୁ ପ୍ରାୟ ସାଢେ ୩କିଲୋମିଟର ଦୂର ଖଇରମାଳ ଓ ତା ତଳମୁଣ୍ଡରେ ଥିବା ବୀରମହାରାଜପୁର ବ୍ଲକର ଗୋଧନେଶ୍ୱର ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା । ସେହିପରି ମହାନଦୀର ଶାଖା ଓ ଉପନଦୀମାନଙ୍କରେ ପ୍ରାୟ ୨୨ଟି ବ୍ୟାରେଜ୍, ଆନିକଟ ନିର୍ମାଣ କରାଯିବ ବୋଲି ଗତ ମେ ମାସ ୧୨ ତାରିଖରେ ରାଜ୍ୟ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇଥିଲେ। ଖଇରମାଳ, ଗୋଧନେଶ୍ୱର ବ୍ୟାରେଜ୍ ନିର୍ମାଣ ଘୋଷଣାକୁ ନେଇ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ବିଭିନ୍ନ ସଭା ସମିତିରେ ଖଇରମାଳ ବ୍ୟାରେଜ୍ ନିର୍ମାଣ ହେଲେ ସୋନପୁର ସହରର ଦୁଇ ପାର୍ଶ୍ୱରେ ପ୍ରବାହିତ ମହାନଦୀ ଓ ତେଲନଦୀ ବର୍ଷସାରା ଜଳପୂର୍ଣ୍ଣ ରହିବ। ମିନି ଚିଲିକାର ଭ୍ରମ ସୃଷ୍ଟି ହେବ ବୋଲି କହିଥିଲେ। ବର୍ତ୍ତମାନ ବିରୋଧି ଏହାକୁ ଇସ୍ୟୁ କରିଛନ୍ତି। ମଙ୍ଗଳବାର ଭାଜପାର ଆନ୍ଦୋଳନରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ପ୍ରସାଦ ବେଦ୍‌ବାକ, ଆନନ୍ଦ ବାରିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁରେଶ ମିଶ୍ର, ଦୀପକ ମହାପାତ୍ର, ରୁପଧର ପଧାନ, ଦେବରଞ୍ଜନ ତ୍ରିପାଠୀ, ମାନସ ରଞ୍ଜନ ମିଶ୍ର, ଶ୍ରୀନିବାସ ଚାନ୍ଦ, ଜିତେନ୍ଦ୍ର ମହାପାତ୍ର ଓ ବାପି ଦାଶ ପ୍ରମୁଖ ସାମିଲ ହୋଇଥିଲେ ।




ସୋନପୁର ବ୍ଲକ ଛକରେ ଭାଜପା ନେତୃବୃନ୍ଦ ପ୍ରତିବାଦ କରୁଛନ୍ତି ।

**ଭାଜପାର ପ୍ରତିବାଦ**
- ଜଳସେଚନ ମନ୍ତ୍ରୀ, ଏମ୍‌ପିଙ୍କ କୁଶପୁତ୍ତଳିକା ଦାହ

### ଟିଏସିରେ ଅନୁମୋଦିତ ହୋଇଛି, ବ୍ୟାରେଜ୍ ହେବ : ନିରଞ୍ଜନ

ମହାନଦୀ, ମହାନଦୀର ଶାଖା ଓ ଉପନଦୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ ଯୋଜନା ରହିଛି । ମହାନଦୀର ଜଳ ଉପଯୋଗ ଯୋଜନାକୁ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତଳମୁଣ୍ଡରେ ବ୍ୟାରେଜ୍, ଆନିକଟ୍ ପ୍ରକଳ୍ପ ପାଇଁ ସର୍ଭେ ସରିଛି । ଖଇରମାଳରେ ନଦୀବନ୍ଧ ପ୍ରକଳ୍ପ ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦିତ ହୋଇଛି । ଡିପିଆର ପରେ ବ୍ୟୟ ଅଟକଳ ପ୍ରସ୍ତୁତ ହେବ । ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରକଳ୍ପ ନିଶ୍ଚିତ ହେବ। ଅର୍ଥ ପ୍ରତିବନ୍ଧକ ନୁହଁ ବୋଲି ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ମନମୁଣ୍ଡା ଭାଜପା ମଣ୍ଡଳର ସମର୍ପଣ ଦିବସ

**ମନମୁଣ୍ଡା,୧୨।୨(ଡି.ଏନ.ଏ.)**

ମନମୁଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ସୋମବାର ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । କନ୍ଧମାଳ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା କହ୍ନେଇଚରଣ ଡାଙ୍ଗଙ୍କ ନେତୃତ୍ୱରେ ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ମନମୁଣ୍ଡା ଦେଉଳିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଦୀନଦୟାଲଙ୍କ ଫଟୋଚିତ୍ରରେ ଫୁଲମାଳ ଅର୍ପଣ କରି ତାଙ୍କ ମହତ୍ ଗାନ କରିଥିଲେ । ଏହି ଅବସର ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲଙ୍କ ବଳିଦାନ ଦିବସକୁ ସମର୍ପଣ ଦିବସ ଭାବେ ପାଳନ ସକାଶେ ଏକ ଦାନ ବାକ୍ସ ରଖି ଗରିବମାନଙ୍କ ଉଦ୍ଦେଶ୍ୟରେ ଦାନ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ପ୍ରେମଦର ଶାହା, ଦଶରଥ ବାଘ, ପ୍ରବୀଣ ଭୋଇ, ମାର୍କଣ୍ଡ ବାଘ, ଭବାନୀଶଙ୍କର ମହାନ୍ତି, ବିଜୟ କର୍ମୀ, ପ୍ରେମାନନ୍ଦ ମହାକୁଡ, ସୁଦାମ ମେହେର ପ୍ରମୁଖ ସକ୍ରିୟ ଭୂମିକା ନିର୍ବାହ କରିଥିଲେ ।

### ବୌଦ୍ଧରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

## 'ଟ୍ରାଫିକ ନିୟମ ମାନିଲେ ଦୁର୍ଘଟଣାକୁ ଏଡାଇ ହେବ'

**ବୌଦ୍ଧ,୧୨।୨(ସ୍ୱ.ପ୍ର.)**

ବୌଦ୍ଧରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଶୀତାଂଶୁ କୁମାର ରାଉତ ଟ୍ରାଫିକ ନିୟମ ମାନିଲେ ଦୁର୍ଘଟଣାକୁ ଏଡାଇ ହେବ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପକ ବୀର ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅନ୍ୟତମ ଅତିଥି ଭାବେ ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ନାୟକ, ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ମହାପାତ୍ର, ଅତରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ବନଲତା ଦେବୀ, ବୌଦ୍ଧ ତହସିଲଦାର ଲଲାଟେନ୍ଦୁ ସି, ଯୁବରେଡକ୍ରସ ସମ୍ପାଦକ ପ୍ରବୀର କୁମାର ଦାସ, ବୌଦ୍ଧ ମହିଳା ମହାବିଦ୍ୟାଳୟ ଅଧକ୍ଷ ସୁରେନ୍ଦ୍ର ନାଥ ଗୁରୁ, ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ଗଣେଶ ବେହେରା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ସପ୍ତାହ ପାଳନ ଅବସରରେ ଜିଲାର ସମସ୍ତ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଆୟୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା। ମାଷ୍ଟର ଟ୍ରେନର ଭାବେ ଯୁବ ରେଡକ୍ରସର ସମ୍ପାଦକ ପ୍ରବୀର କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମହାବିଦ୍ୟାଳୟର ଏନ୍‌ସିସି ଅଫିସର ଡ. ମହେନ୍ଦ୍ର ନାଥ ଦେବତା, ଏନସିସି ଛାତ୍ରୀଛାତ୍ର ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଭେଡ଼େନ/ଜାମଟିକ୍ରା, ୧୨।୨ (ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ସଙ୍କୁଳ ତଥା ଅତାବିରା ବ୍ଲକ ଅନ୍ତର୍ଗତ ଖିଳିମିଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସନ୍ତୋଷ ମେହେରଙ୍କ ସଭା ପରିଚାଳନା କରିଥିଲେ। ସଭାରେ ପଦ୍ମଶ୍ରୀ ଲୋକକବି ହଲଧର ନାଗ ମୁଖ୍ୟଅତିଥି, ଓମକାର ନାଥ ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଚିନ୍ମୟ କୁମାର ମହାପାତ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ଜଗବନ୍ଧୁ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ମାନସ ଭୋଇ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଏହି ଅବସରରେ ବୃତ୍ତିପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ସୌମାଶ୍ରୀ ଷଡ଼ଙ୍ଗୀ, ଶ୍ରୀରାମ ମେହେର, ବିମଳ ମେହେର, ନବୋଦୟ ପରୀକ୍ଷାରେ କୃତୀ ଛାତ୍ର ସୌମ୍ୟରଞ୍ଜନ ମେହେରଙ୍କ ସହ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ସଭାସ୍ଥାନ ବଦଳକୁ ନେଇ ବିବାଦ

## ପଞ୍ଚାୟତ ଅଫିସ ଫାଟକରେ ତାଲା ପକାଇଲେ ମହିଳା ଗୋଷ୍ଠୀ

**ବୀରମହାରାଜପୁର, ୧୨।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତରେ ଗ୍ରାମ ପଞ୍ଚୟତସ୍ତରୀୟ ମହିଳା ମହାସଂଘ (ଜିପିଏଲ୍‌ଏଫ୍) ଗଠନ ପୂର୍ବରୁ ବିବାଦ ଦେଖାଦେଇଛି। ମହାସଂଘ ଗଠନ ସକାଶେ ଆହୂତ ସଭାସ୍ଥଳୀ ନିରୂପଣ ଉକ୍ତ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ଗ୍ରାମ ପଞ୍ଚାୟତସ୍ତରରେ ମିଶନ ଶକ୍ତିକୁ ସଂଗଠିତ ଏବଂ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ସରକାରୀ ଭାବେ ଜିପିଏଲ୍‌ଏଫ୍ ଗଠନର ବ୍ୟବସ୍ଥା ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମହାସଂଘ ଗଠନ ସହ କର୍ମକର୍ତ୍ତା ଚୟନର ବିଧିବ୍ୟବସ୍ଥା ଥିବାରୁ ମଙ୍ଗଳବାର ଏଠାରେ ବୈଠକ ଆହ୍ୱାନ କରାଯାଇଥିଲା। ତେବେ ଓଡିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ଉକ୍ତ ମହିଳା ମହାସଭା ପାଇଁ କମୁନିଟି ରିସୋର୍ସ ପର୍ସନ୍ (ସିଆରପି)ଙ୍କ ଦ୍ୱାରା ଆହୂତ କାର୍ଯ୍ୟକ୍ରମ ପଞ୍ଚାୟତ ସଦର ମହକୁମାଠାରେ କରା ନ ଯାଇ କେନ୍ଦୁପାଲି ଗ୍ରାମରେ କରାଯିବାରୁ ଏଭଳି ନିଷ୍ପତ୍ତି ବିରୋଧରେ ସ୍ୱର ଉଠିଥିଲା। ପ୍ରତିବାଦ ସ୍ୱରୂପ ବହୁ ସଂଖ୍ୟାରେ ମହିଳା ଏସଏସଜି ସଦସ୍ୟା ବାଗବରସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ଘେରିବା ସହ ଫାଟକରେ ତାଲା ପକାଇ ଦେଇଥିଲେ। ସେହି ସମୟରେ ବୀରମହାରାଜପୁର ବିଡିଓ ଅଭିମନ୍ୟୁ ମାଝୀଙ୍କ ସହ ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ଆବାସ ଯୋଜନାର ଏକ ବୈଠକରେ ଉପସ୍ଥିତ ଥିବାବେଳେ ସେଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ ସୁଦ୍ଧା ଆନ୍ଦୋଳନକାରୀ ମହିଳାମାନେ ଜିଦ୍‌ରେ ଅଟଳ ରହିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାଇ ଗ୍ରାମ ପଞ୍ଚାୟତ ସଦର ମହକୁମାଠାରେ ପ୍ରସ୍ତାବିତ ମହାସଂଘ ସଭା ବସିବାକୁ ଧାର୍ଯ୍ୟ ହୋଇଥିଲେ ହେଁ ସ୍ଥାନ ପରିବର୍ତ୍ତନ ନିଷ୍ପତ୍ତି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅଭିସନ୍ଧିମୂଳକ। ଅଫିସ ଖୋଲିବା ସମୟଠାରୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିବା ଭିତରେ କର୍ତ୍ତୃପକ୍ଷ ଏହାର ସମାଧନା ପାଇଁ ଆଲୋଚନା କରିଥିଲେ। ତେଣେ କେନ୍ଦୁପାଲିଠାରେ ଚାଲିଥିବା ବୈଠକକୁ ଅଧାରେ ରଖାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଶେଷରେ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲେ। ଏହି ଦିନର ମହାସଭାକୁ ବାତିଲ କରାଯିବା ସଙ୍ଗେସଙ୍ଗେ ପରିବର୍ତ୍ତିତ ସଭା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା। ଏହାପରେ ପରିସ୍ଥିତି ଶାନ୍ତ ପଡିବା ସହ ଅଧିକାରୀମାନେ ମୁକୁଳିଥିବା ଜଣାପଡିଛି।



ବାଗବର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଏସଏସଜି ସଦସ୍ୟା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଧାର୍ଯ୍ୟ କାର୍ଯ୍ୟକ୍ରମ ବାତିଲ**

## ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ : କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବିଜେପୁର,୧୧।୨(ଡି.ଏନ.ଏ)**

ବିଜେପୁର ଥାନା ଅଧୀନ ସମଲାଇପଦର ଛକରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରପାଲି ଥାନା ଅନ୍ତର୍ଗତ ବନବାସପାଲି ଗ୍ରାମର ଅର୍ଜ୍ଜୁନ ଗରୁଡ(୬୮)। ପୋଲିସର ସୂଚନା ମୁତାବକ, ଅର୍ଜ୍ଜୁନ ଏକ ସାଇକେଲ ଯୋଗେ ସରଣ୍ଡାପାଲି ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି କାମରେ ଯାଉଥିଲେ। ସେତିକିବେଳେ ସମଲାଇପଦର ଛକରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୁଅ ସତ୍ୟନାରାୟଣ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୨୫/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆତ୍ମୀୟସ୍ୱଜନ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରି ଏ ଗଣ୍ଡାପାଲି ଛକରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ତହସିଲଦାର ନାରାୟଣ ସାହୁ ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ସମଲାଇପଦର ଛକଠାରୁ ୧୦୦ ମିଟର ଦୂରରେ ଓଆର୍‌୧୭ ସି-୨୮୧୫ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ପଡି ରହିଥିଲା। ଉକ୍ତ ଟ୍ରାକ୍ଟରରେ ଚାବି ମଧ ଲାଗି ରହିଥିଲା । ସନ୍ଧ୍ୟା ସୁଦ୍ଧା କେହି ଟ୍ରାକ୍ଟରର ଦାବିଦାର ନ ଆସିବାରୁ ଟ୍ରାକ୍ଟରକୁ ଜବତ କରାଯାଇଥିବା ପୋଲିସ କହିଛି।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭଟଲି,୧୨।୨(ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ବ୍ଲକ ଗୌଡ଼ଗାଁ ପଞ୍ଚାୟତ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୨୩ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଆର୍‌ସିଏମ୍‌ଏସ୍ ସଭାପତି ହେମନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରମାନେ ସଚେତନ ହେବା ଜରୁରୀ। ତେଣୁ ସମସ୍ତ ଛାତ୍ରୀଛାତ୍ର ସମାଜ ଗଠନରେ ହାତ ମିଳାଇବାକୁ ବକ୍ତବ୍ୟ ମାଧମରେ ଆହ୍ୱାନ ଦେଇଥିଲେ। ସେହିପରି ଉତ୍ସବରେ ରେଶମ ମହାବିଦ୍ୟାଳୟର ଅଧକ୍ଷ ପୁରନ୍ଦର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମଜ ଗଠନରେ ଛାତ୍ରୀଛାତ୍ରୀଙ୍କ ଭୂମିକା ସମ୍ପର୍କରେ ମତପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଉଦ୍ୟୋକ୍ତା ଦିବ୍ୟ ଶଙ୍କର ଦାଶ, ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପଧାନ, ଭଟଲି ବ୍ଲକ ଉପାଧକ୍ଷ ମଦନ ସାହୁ, ହାଲୁପାଲି ସରପଞ୍ଚ ଅନୁପମା ଭୁଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତିର ମୂଲ୍ୟବୋଧ ଏବଂ ସୁନାଗରିକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ତାରିଣୀ ଦେବତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲୋକେଶ୍ୱର ସା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧାପକ ସୁବୋଧ ମିଶ୍ର, ଦିବ୍ୟକିଶୋର ସାହୁ, ଡାକ୍ତର ସାହୁ, ସରେଶ ବାରିକ, ଅମିତ ପ୍ରଧାନଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା।





ମଙ୍ଗଳବାର ବିନିକା ପାପକ୍ଷୟ ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ (ବାମ)। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଯାପିତ

**ବିନିକା,୧୨।୨(ଡି.ଏନ୍.ଏ.)**

ଶୀତୁଆ ସଞ୍ଜରେ ହଜାର ହଜାର ଲୋକକଳା ପ୍ରେମୀଙ୍କ ଭିଡ ଭିତରେ ସୁବର୍ଣ୍ଣପୁର ଜିଲା ବିନିକାରେ ଗତ ୪ଦିନ ଧରି ଚାଲିଥିବା ପାପକ୍ଷୟ ଲୋକ ମହୋତ୍ସବ-୧୯ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇଥିଲେ । ସମ୍ମାନୀତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, କନ୍ଧମାଳ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଶିଳ୍ପଦ୍ୟୋଗୀ ପ୍ରଶାନ୍ତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ମହୋତ୍ସବ କମିଟି ସଭାପତି ଜୟ ମଙ୍ଗଳ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଏହି ଅଞ୍ଚଳର ମନୀଷା ଅଗ୍ରୱାଲଙ୍କୁ ପାପକ୍ଷୟ ଘାଟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ମଞ୍ଚ ପରିଚାଳନା ହିମାଂଶୁ ଭୂଷଣ ପଣ୍ଡା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶାଶ୍ୱତ ତ୍ରିପାଠୀ । କମିଟି ସମ୍ପାଦକ ଶେଖର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ମହୋତ୍ସବ ଆୟୋଜନରେ ବିନିକା ପାପକ୍ଷୟ ଲୋକ ମହୋତ୍ସବ କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ସହଯୋଗ ରହିଥିଲା ।



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ
ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର୍. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ସଙ୍ଗୀତ ଶିଳ୍ପୀ ସମାଜ ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୨।୨:** ସେକ୍ଟର-୩ ଜଗନ୍ନାଥ ମନ୍ଦିର ପରିସରରେ ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକୋତ୍ସବ ପାଳିତ ହୋଇଛି। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ମହିମା ଆଶ୍ରମ ପରିଚାଳକ ବାବା କରୁଣାକର ଦାସ ଓ ଶିକ୍ଷାବିତ୍ ପ୍ରଫେସର ଜେ.କେ. ରାଓ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଶରତ ଧଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡ. ସୁଶାନ୍ତ ପାଣି ବାର୍ଷିକ ବିବରଣୀ ପାଠ ଓ ମଞ୍ଚ ସଂଯୋଜନା କରିଥିଲେ। ସଙ୍ଗୀତର ଉପଯୋଗିତା ନେଇ ଅତିଥି ବକ୍ତବ୍ୟରେ ଆଲୋକପାତ କରିଥିଲେ। ଏହି ଅବସରେରେ ବାଲାଙ୍ଗୀର ଜିଲାର ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ରାଉରକେଲାର ଜଣାଶୁଣା ତବଲା ବାଦକ ଗୁରୁ ଗୋକୁଳାନନ୍ଦ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନ ଶିଳ୍ପୀମାନଙ୍କ ଦ୍ୱାରା ହିନ୍ଦୁସ୍ଥାନୀ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ସହ ବଂଶୀ ବାଦନ କରାଯାଇଥିଲା। ଗୁରୁ ଶୁଭ୍ରାଂଶୁ ମିଶ୍ର ଚମତ୍କାର ହିନ୍ଦୁସ୍ଥାନୀ ସଙ୍ଗୀତ ଗାନକରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ରଜତ ପଣ୍ଡା, ପ୍ରଦୀପ ପଣ୍ଡା, ନରସିଂହ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ପ୍ରଫୁଲ୍ଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ।



### ବିଜ୍ଞାନ, ହସ୍ତଶିଳ୍ପ, ଚିତ୍ରକଳା ପ୍ରଦର୍ଶନୀ

**ରାଉରକେଲା ଅଫିସ,୧୨।୨:** ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍‌ପି) ଦ୍ୱାରା ପରିଚାଳିତ ନିଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ମଙ୍ଗଳବାର ବିଜ୍ଞାନ, ହସ୍ତଶିଳ୍ପ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହାକୁ ଆର୍ଏସ୍‌ପି ସିଇଓ ଅଶ୍ୱିନୀ କୁମାର ଉଦ୍‌ଘାଟନ କରିଥିଲେ। ଏଥିରେ ଦୀପିକା ମହି। ସଂଘତି ଅଧକ୍ଷା ସବିତା କୁମାରୀଙ୍କ ସମେତ ଆର୍ଏସ୍‌ପି ପ୍ରକଳ୍ପ ବିଭାଗ ଇଡି ରାଜୀବ ଅଗ୍ରୱାଲ, ଓଏସ୍‌ଡି ଦୀପକ ଚଛରାଜ, କାର୍ମିକ ଓ ପ୍ରଶାସନିକ ବିଭାଗ ଇଡି ରାଜବୀର ସିଂ, କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀ, ଦୀପିକା ମହିଳା ସଂଘତି ଉପାଧକ୍ଷା ରେଖା ଅଗ୍ରୱାଲ ଓ ଅନୁରାଧା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସିଇଓ କୁମାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ବୁଲି ଦେଖିବା ସହ ଏହାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ମୋଟ ୧୬୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଅବହେଳିତ ବର୍ଗର ପିଲାଙ୍କୁ ନିଶୁଳ୍କ ଶିକ୍ଷା ପ୍ରଦାନ କରାଯାଉଛି। ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମସ୍ତ ସୁବିଧା ମାଗଣାରେ ଯୋଗାଇ ଦିଆଯାଉଛି। ଅକ୍ଷୟପାତ୍ର ପ୍ରକଳ୍ପ ମାଧମରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମଧ ଯୋଗାଇ ଦିଆଯାଉଛି।

# ପାଣି ପାଇପ୍ ସଂଯୋଗକୁ ନେଇ ଛକାପଞ୍ଝା

**ବଲାଙ୍ଗୀର ଅଫିସ, ୧୨।୨**



ତୁଳସୀନଗର ରଘୁନାଥ ମନ୍ଦିର ଗଳି।

**ରଘୁନାଥ ମନ୍ଦିର ଗଳି**
- ୨ ଥର ଫେରିଲେଣି ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ
- ଭ୍ରାନ୍ତ ଧାରଣାରୁ ଅଟକିଛି ପାଇପ ସଂଯୋଗ କାମ

ବଲାଙ୍ଗୀର ସହର ତୁଳସୀନଗର ରଘୁନାଥ ମନ୍ଦିର ଗଳିରେ ପାଣି ପାଇପ ସଂଯୋଗ ହୋଇନାହିଁ। ଦୁଇମାସରୁ ଊର୍ଦ୍ଧ୍ୱ ହେଲା ଏହି ଗଳି ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ବିଛା କାମ ସରିଛି। ତେବେ ଏ ପର୍ଯ୍ୟନ୍ତ ଏହି ନୂଆ ପାଇପ୍‌ରେ ପାଣି ଯୋଗାଣ ସମ୍ଭବ ହୋଇନାହିଁ। ଫଳରେ ପଡାବାସୀ ପାଣି ନ ପାଇ ହଇରାଣ ହେଉଛନ୍ତି। ପଡାବାସୀ ଜନସ୍ୱାସ୍ଥ୍ୟ ବିଭାଗକୁ ଏଥିସକାଶେ ଦାୟୀ କରୁଥିବାବେଳେ ବିଭାଗ ତରଫରୁ କିନ୍ତୁ ଭିନ୍ନ ତଥ୍ୟ ଦିଆଯାଇଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜୀବ କିଶାନଙ୍କୁ ପଚାରିବାରୁ ପାଇପ ବିଛା ଯିବା ପରେ ପାଣି ଯୋଗାଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି। ତେବେ ପଡାବାସୀଙ୍କ କିଛି ଭ୍ରାନ୍ତ ଧାରଣାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୁଖ୍ୟରାସ୍ତାରେ ଥିବା ପାଇପ୍ ସହ ଗଳି ରାସ୍ତା ପାଇପ୍ ସଂଯୋଗ କରାଯିବାକୁ ବିଭାଗ ତରଫରୁ ଦୁଇଥର ଉଦ୍ୟମ କରାଯାଇଥିଲେ ମଧ ପଡାର କିଛି ଲୋକଙ୍କ ଅଯଥା ବିରୋଧ ଯୋଗୁଁ ପାଇପ୍ ସଂଯୋଗ ହୋଇପାରୁ ନ ଥିବା ସେ ଦର୍ଶାଇଛନ୍ତି। ଏହି ପଡାର ମୁଖ୍ୟ ରାସ୍ତାରୁ ରଘୁନାଥ ମନ୍ଦିର ଗଳି ରାସ୍ତାକୁ ପାଇପ୍ ସଂଯୋଗ କରାଯିବା ବଦଳରେ ପଡାର କିଛି ଲୋକେ ଏକ ବେସରକାରୀ ପ୍ଲଟ୍ ଭିତର ଦେଇ ଅନ୍ୟ ଏକ ଗଳିରୁ ପାଇପ୍ ସଂଯୋଗ କରିବାକୁ ଦାବି କରିବା ସହ ଚାପ ପକାଉଛନ୍ତି। କିଶାନ କହିଛନ୍ତି ଯେ, ପ୍ରାଇଭେଟ୍ ପ୍ଲଟ୍ ଦେଇ ପାଇପ୍ ସଂଯୋଗ କରାଗଲେ ଆଗକୁ ଅନେକ ଅସୁବିଧା ହେବ। କୌଣସି କାରଣରୁ ପାଇପ ମରାମତି କାମ ଆବଶ୍ୟକ ହେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ତେବେ ଏହି କଥାକୁ କିଛି ଲୋକେ ବୁଝିବାକୁ ନାରାଜ। ସେମାନେ ଯେତେଦିନ ହେଲା ଦାବି କଲେଣି ମୁଖ୍ୟ ରାସ୍ତା ପାଇପରୁ ଜଳଯୋଗାଣ ସଂଯୋଗ ହୋଇଥିଲେ ପାଇପ ପାଣି ପାଇ ସାରିଥାନ୍ତେ। ତେବେ ଏହା ସମ୍ଭବ ହେଉନାହିଁ। କିଛି ଲୋକ ବେସରକାରୀ ପ୍ଲଟ୍ ସଂଲଗ୍ନ ଦେଇ ପାଇପ ପକାଇବାକୁ ବାଧ୍ୟ କରୁଛନ୍ତି। ଇତିମଧ୍ୟରେ ମ୍ୟୁନିସିପାଲିଟି ଅଫିସକୁ ଯାଇ ଉକ୍ତ ପ୍ଲଟ୍ ମଝିରେ ସଂକୀର୍ଣ୍ଣ ରାସ୍ତା ଥିବା ଦର୍ଶାଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କଠାରୁ ଏବାବଦରେ ଏକ ଲେଖା ଆଣିଥିବା ଦାବି କରିଛନ୍ତି। ତେବେ ମୁଖ୍ୟ ରାସ୍ତାରେ ସମସ୍ତ ସୁବିଧା ଥିବା ସତ୍ତ୍ୱେ ପଡାର କିଛି ଲୋକ କେଉଁ କାରଣରୁ ବେସରକାରୀ ପ୍ଲଟ୍ ସଂଲଗ୍ନ ଦେଇ ପାଣି ପାଇପ୍ ସଂଯୋଗ କରିବାକୁ ଚାହୁଁଛନ୍ତି ବୁଝାପଡୁନାହିଁ। ଉକ୍ତ ଗଳିର କିଛି ଲୋକଙ୍କ ଧାରଣା ରହିଛି ଯେ, ମୁଖ୍ୟ ରାସ୍ତାର ପାଇପ ସହ ଗଳି ରାସ୍ତାର ପାଇପକୁ ସଂଯୋଗ କଲେ ପାଣି ପ୍ରେସର କମିଯିବ। ତେବେ ଏହା ସମ୍ପୂର୍ଣ୍ଣ ଅମୂଳକ ବୋଲି କନିଷ୍ଠ ଯନ୍ତ୍ରୀ କିଶାନ କହିଛନ୍ତି।

ତୁଳସୀନଗରରେ ୨ଲକ୍ଷ ଲିଟରର ଓଭରହେଡ ଟ୍ୟାଙ୍କ ରହିଛି। ଏଠାରୁ ଇନ୍ଦିରାନଗର, ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପାଣି ଯୋଗାଣ ହେଉଥିବାବେଳେ ଓଭରହେଡ ଟାଙ୍କିରୁ ପ୍ରାୟ ୩ ଶହ ମିଟର ଦୂରରେ ଥିବା ଗଳିରେ କିଭଳି ପାଣି ପ୍ରେସର କମିଯିବ ବୁଝାପଡୁନାହିଁ ବୋଲି କିଶାନ ସୂଚନା ଦେଇଛନ୍ତି। ରଘୁନାଥ ମନ୍ଦିର ଗଳିର ପାଇପ ସଂଯୋଗୀକରଣକୁ ନେଇ ପ୍ରାୟ ଦୁଇମାସ ହେଲା ଛକାପଞ୍ଝା ସ୍ଥିତି ସୃଷ୍ଟି ହୋଇଛି। ପ୍ରାଇଭେଟ୍ ପ୍ଲଟ୍ ସଂଲଗ୍ନ ଦେଇ ପାଇପ୍ ସଂଯୋଗ କରିବାକୁ କେତେକ ଚାହୁଁଥିବାବେଳେ ମୁଖ୍ୟ ରାସ୍ତାରୁ ହେବାକୁ ଥିବା ପାଇପ୍ ସଂଯୋଗକୁ ବିରୋଧ କରୁଛନ୍ତି। ଅନ୍ୟପଟେ ମୁଖ୍ୟ ରାସ୍ତାରୁ ପାଇପ ସଂଯୋଗୀକରଣ ନେଇ ସମସ୍ତ ସୁବିଧା ଥିବା ସତ୍ତ୍ୱେ କାହିଁକି ପ୍ରାଇଭେଟ୍ ପ୍ଲଟ୍ ଭିତରକୁ ଯିବ ବୁଝାପଡୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ଗଳି ରାସ୍ତାର ପାଇପକୁ ମୁଖ୍ୟ ପାଇପ ସହ ସଂଯୋଗ କରିବାକୁ ଚାହୁଁଥିଲେ ମଧ ସେମାନଙ୍କୁ ପାଇପ ସଂଯୋଗ କରିବାକୁ ଦିଆଯାଉ ନ ଥିବା କିଶାନ କହିଛନ୍ତି। ତେବେ ଏଠାରେ ଆଗକୁ କିଭଳି ପାଣି ପାଇପ ସଂଯୋଗ ହେବ ସେନେଇ ସ୍ଥିତି ସ୍ପଷ୍ଟହେଉନାହିଁ।

## ୩୦ହଜାର ଟଙ୍କା ଲାଞ୍ଚ ନେଇ ସବ୍‌ଇନ୍ସପେକ୍ଟର ଗିରଫ

**କଟକ ଅଫିସ, ୧୨।୨**

୩୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଖୋର୍ଦ୍ଧା ଜିଲା ଧଉଳି ଥାନାର ସବ୍‌ଇନ୍ସପେକ୍ଟର ପ୍ରଦୀପ କୁମାର ମହଲା। ମଙ୍ଗଳବାର ସେ ଏହି ଲାଞ୍ଚ ପିପିଲି ଥାନା ଅଧୀନ ଉତ୍ତରା ଛକ ଅଞ୍ଚଳର ଜ୍ୟୋତିର୍ମୟ ପାଣିଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ପାଣିଙ୍କର ଏକ ଜମି ବିବାଦକୁ ସମାଧାନ କରିବା ନିମନ୍ତେ ସବ୍‌ଇନ୍ସପେକ୍ଟର ମହଲା ଏହି ଲାଞ୍ଚ ଦାବି କରିଥିଲେ। ଥାନା ଭିତରେ ପାଣିଙ୍କଠାରୁ ଟଙ୍କା ଗ୍ରହଣ କରିବା ସମୟରେ ଭିଜିଲାନ୍ସ ସେଲ୍‌ର ଅଧିକାରୀମାନେ ମହଲାଙ୍କୁ କାବୁ କରିଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ମହଲାଙ୍କ ନଖଉରପାଟଣାଠାରେ ଥିବା ଘର ଓ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଧୀନ ଚରକପଦା ଗ୍ରାମରେ ଥିବା ଘରକୁ ଏକକାଳୀନ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ଭିଜିଲାନ୍ସ ସେଲ୍ ଥାନାରେ ୩/୧୯ରେ ଏକ ମାମଲା ରୁଜୁ କରାଯାଇ ମହଲାଙ୍କୁ ଗିରଫ କରାଯାଇଛି।

## ଇଂଲଣ୍ଡ ଲାୟନ୍ସ-ଭାରତ ଏ' ୨ୟ ଅନ୍‌ଅଫିସିଆଲ ଟେଷ୍ଟ ଆଜିଠାରୁ

**ମହୀଶୂର, ୧୨।୨(ପି.ଟି.):** ଭ୍ରମଣକାରୀ ଇଂଲଣ୍ଡ ଲାୟନ୍ସ ଓ ଭାରତ-ଏ ମଧ୍ୟରେ ଅନ୍ତିମ ତଥା ୨ୟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ବୁଧବାରଠାରୁ ଏଠାରେ ଆରମ୍ଭ ହେବ। ପୂର୍ବରୁ ଦୁଇ ଦଳ ମଧ୍ୟରେ କେରଳର କ୍ରିଷ୍ଣାଗିରି ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ଅନ୍‌ଅଫିସିଆଲ ଟେଷ୍ଟ ଅମୀମାଂସିତ ଭାବେ ଶେଷ ହୋଇଥିଲା। ତେଣୁ ଉଭୟ ଦଳ ଏହି ମ୍ୟାଚ୍ ଜିତି ସିରିଜ ହାତେଇବା ଲକ୍ଷ୍ୟରେ ରହିଛନ୍ତି। ଅପରପକ୍ଷରେ ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ ଲାଗି ଶୁକ୍ରବାର ଘରୋଇ ଭାରତୀୟ ଦଳ ଘୋଷଣ ହେବ। ଏହି ମ୍ୟାଚ୍‌ରେ ଉନ୍ନତ ପ୍ରଦର୍ଶନ ସହ ଭାରତ-ଏ ଦଳର ଅଧିନାୟକ ଲୋକେଶ ରାହୁଲ ଚୟନକର୍ତ୍ତାଙ୍କୁ ପ୍ରଭାବିତ କରି ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ସ୍ଥାନ ପାଇବା ଲକ୍ଷ୍ୟରେ ରହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ରାହୁଲ ୮୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ସେହିଭଳି ଗୁଜରାଟ ଓପନର୍ ପ୍ରିୟଙ୍କ ପଞ୍ଚଲ ଓ ଉଇକେଟ୍‌କିପର କୋନା ଭରତ ଯଥାକ୍ରମେ ଦ୍ୱିଶତକ ଓ ଶତକୀୟ ଇନିଂସ ଖେଳି ପ୍ରଥମ ଟେଷ୍ଟରେ ଭାରତ-ଏ'କୁ ଇନିଂସ ଅଗ୍ରଣୀ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ମ୍ୟାଚ୍‌ରେ ମଧ ଉଭୟଙ୍କ ଉପରେ ସମସ୍ତଙ୍କ ନଜର ରହିବ। ଅପରପକ୍ଷରେ ସାମ୍ ବିଲିଂଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ଲାୟନ୍ସ ଏହି ମ୍ୟାଚ୍ ଜିତି ସିରିଜ କବ୍‌ଜା କରିବା ସହ ଗସ୍ତ ଶେଷ କରିବା ଲକ୍ଷ୍ୟରେ ରହିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲ ଦିନିକିଆ ସିରିଜକୁ ଭାରତ-ଏ ୪-୧ରେ ଜିତିନେଇଥିଲା।

## ୨ହଜାର ଟଙ୍କା ଲାଞ୍ଚ: କିରାଣି ଗିରଫ

କଟକ ଅଫିସ, ୧୨।୨-ଦୁଇ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ସମ୍ବଲପୁର ଓ ଏସ୍ଆରସିସି ଅଫିସର କିରାଣି ପ୍ରଭାତ କୁମାର ଦେବତା। ସେ ଏହି ଟଙ୍କା ଦେବଗଡ଼ ସହରର ଶିବଶଙ୍କର ନାୟକଙ୍କଠାରୁ ପୂର୍ବ ଦାବି ମୁତାବକ ଗ୍ରହଣ କରୁଥିଲେ। ନାୟକ ହେଉଛନ୍ତି ଜଣେ ଅବସରପ୍ରାପ୍ତ ସରକାରୀ ବସ୍ ଡ୍ରାଇଭର। ପେନ୍‌ସନ ଏବଂ ନିଜର ବକେୟା ଟଙ୍କା ପାଇବା ପାଇଁ ସେ କିରାଣି ଦେବତାଙ୍କ ପାଖକୁ ଆସିଥିଲେ। କାଗଜପତ୍ର ପ୍ରସ୍ତୁତ ପାଇଁ ଦେବତା ୨ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଅଫିସରେ ବସି କିରାଣୀ ଦେବତା ନାୟକଙ୍କଠାରୁ ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ କାବୁ କରିଥିଲେ। ଏହା ପରେ ଭିଜିଲାନ୍ସ ପକ୍ଷରୁ ଦେବତାଙ୍କ ସାରଳାକଣିଠାରେ ଥିବା ଘରକୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ୩/୧୯ରେ ଏକ ମାମଲା ରୁଜୁ କରାଯାଇ ଦେବତାଙ୍କୁ ଗିରଫ କରାଯାଇଛି।

ତୁଷୁରା ଡାକ୍ତରଖାନାକୁ ଅପଗ୍ରେଡ ଦାବି

# ୨୪ଘଣ୍ଟିଆ ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

**ଗୁଡ଼ଭେଲା,୧୨।୨(ଡି.ଏନ.ଏ.)**



ଆନ୍ଦୋଳନକାରୀ ତୁଷୁରା ସହରରେ ବାହାର କରିଥିବା ଶୋଭାଯାତ୍ରା।

ବଲାଙ୍ଗୀର ଜିଲା ତୁଷୁରା ଡ଼ାକ୍ତରଖାନାକୁ ଅପ୍ରଗଡ କରିବା ଦାବିରେ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଆହୂତ ୨୪ଘଣ୍ଟିଆ ବନ୍ଦକୁ ମଙ୍ଗଳବାର ଅଭୂତପୂର୍ବ ସଫଳତା ମିଳିଛି। ସକାଳ ୬ଟାରେ ଆରମ୍ଭ ହୋଇଥିବା ବନ୍ଦ ବୁଧବାର ସକାଳ ୬ଟାରେ ସମ୍ପନ୍ନ ହେବ। ବନ୍ଦ ପ୍ରଭାବରେ ତୁଷୁରା ଏନଏସି, ଡ଼ାହିମାଲ ଓ ଗୁଡ଼ଭେଲା ବ୍ଲକ ଅଞ୍ଚଳର ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅଫିସ ବନ୍ଦ ରହିଥିଲା। ଗାଡ଼ି ମୋଟର ଚଳାଚଳ ବନ୍ଦ ଯୋଗୁ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସହ ସରକାରଙ୍କ ପକ୍ଷରୁ ଚାଲିଥିବା ପିଠା କାର୍ଯ୍ୟକ୍ରମ ମଧ ବନ୍ଦ ରହିଥିଲା। ଶହଶହ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପ୍ରତିବାଦ ସଭାସ୍ଥଳ ତୁଷୁରା ବସ୍‌ଷ୍ଟାଣ୍ଡସ୍ଥିତ ମିଳନ ଛକରେ ପହଞ୍ଚିଥିଲେ। ନାଗରିକ କମିଟି ସଭାପତି ରୁନୁଗୋପାଳ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ପୂର୍ବତନ ଟିଟିଲାଗଡ଼ ବିଧାୟକ ସୁରେନ୍ଦ୍ର ସିଂ ଭୋଇ, ଗୁଡ଼ଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ସାମାଜିକ କର୍ମୀ ଫିରୋଜ ରେହମାନ, ଏନଏସି ଉପାଧକ୍ଷ ଦୀନଦୟାଲ ଶର୍ମା, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ଶେଷଦେବ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ରଣଜିତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ତୁଷରା ଡାକ୍ତରଖାନା ଉପରେ ଏ ଅଞ୍ଚଳ ତଥା ଛଅଟି ଜିଲାର ସୀମାନ୍ତବର୍ତ୍ତୀ ଶହେ ଗ୍ରାମର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ଛଅ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ଜଣେ ମାତ୍ର ଏମବିବିଏସ ଡ଼ାକ୍ତର ଅଛନ୍ତି। ଫଳରେ ଲୋକେ ସ୍ୱାସ୍ଥ୍ୟସେବା ନ ପାଇ ବାହାରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ବହୁ ସମୟରେ ଆଶୁ ଚିକିତ୍ସା ନ ପାଇ ରୋଗୀଙ୍କ ଜୀବନ ବି ଯାଉଛି। ଏଣୁ ତୁରନ୍ତ ଏହି ହସ୍‌ପିଟାଲକୁ ଅପଗ୍ରେଡ କରି ୫୦ ଶଯ୍ୟା ବିଶିଷ୍ଟ କରିବା ନିହାତି ଆବଶ୍ୟକ ବୋଲି ସଭାରେ ଦାବି କରାଯାଇଥିଲା। ଏ କ୍ଷେତ୍ରରେ ସରକାର ନୀରବଦ୍ରଷ୍ଟା ସାଜିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହି ବନ୍ଦ ପାଳନରେ ତୁଷୁରା ନାଗରିକ କମିଟି ସହ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ଯୁଥ ଆକ୍ସନ କମିଟି, ଅବସରପ୍ରାପ୍ତ ଶିକ୍ଷକ ସଂଘ, ବଜରଙ୍ଗବଲି ଯୁଥ କ୍ଲବ, ସାମ୍ବାଦିକ ସଂଘ, ମାରୱାଡ଼ି ଯୁବାମଞ୍ଚ, ମାରୱାଡ଼ି ମହିଳା ସମିତି, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସାମିଲ ଥିଲେ।

# ଅଂଶୁ, ଚିନ୍ମୟ କ୍ୱାର୍ଟରରେ

**ଭୁବନେଶ୍ୱର, ୧୨।୨(କ୍ରୀଡ଼ା ପ୍ରତିନିଧି)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ରିସର୍ଟରେ ଏଆଇଟିଏ-ଓଟିଏ ପୁରୁଷ ୫୦କେ ଟେନିସ ଟୁର୍ନାମେଣ୍ଟ ମଙ୍ଗଳବାର ଆରମ୍ଭ ହୋଇଛି। ୧୫ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ପଶ୍ଚିମବଙ୍ଗ, ଛତିଶଗଡ଼, ମହାରାଷ୍ଟ୍ର, କର୍ଣାଟକ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ଦିଲ୍ଲୀ, ପଞ୍ଜାବ, ଉତ୍ତର ପ୍ରଦେଶ ଓ ଆୟୋଜକ ଓଡ଼ିଶା ଆଦି ୧୦ ରାଜ୍ୟର ୩୫ ଖେଳାଳି ଅଂଶଗ୍ରହଣ କରିଛନ୍ତି। ସର୍ବଭାରତୀୟ ର‍୍ୟାଙ୍କର ୪୨ ନମ୍ବରରେ ଥିବା ଅଂଶୁକୁମାର ଭୂୟାଁ ଏବଂ ୫୩ ର‍୍ୟାଙ୍କପ୍ରାପ୍ତ ଚିନ୍ମୟ ପ୍ରଧାନ ଯଥାକ୍ରମେ ୧ମ ଓ ୨ୟ ସିଡ୍‌ର ମାନ୍ୟତା ପାଇଛନ୍ତି। ପ୍ରତିଯୋଗିତାର ଚାମ୍ପିୟନ ଓ ରନର୍ସଅପ୍ ଖେଳାଳି ଯଥାକ୍ରମେ ୧୫ ଓ ୧୨ ଏଆଇଟିଏ ର‍୍ୟାଙ୍କିଙ୍ଗ୍ ପଏଣ୍ଟ ପାଇବେ। ପ୍ରଥମ ଦିବସରେ ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ମ୍ୟାଚରେ ଓଡ଼ିଶାରୁ କେବଳ ଅଂଶୁ ଓ ଚିନ୍ମୟ ବିଜୟଲାଭ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ର-କ୍ୱାର୍ଟରରେ ଅଂଶୁ ଉତ୍ତର ପ୍ରଦେଶର ବାସୁ ଗୁପ୍ତାଙ୍କୁ ୬-୧, ୬-୦ ସେଟ୍‌ରେ ହରାଇଥିବାବେଳେ ଚିନ୍ମୟ ଅନ୍ୟତମ ଓଡ଼ିଆ ଖେଳାଳି ସଂଗ୍ରାମ କୁମାର ପାତ୍ରଙ୍କୁ ୬-୩, ୬-୩ ସେଟ୍‌ରେ ହରାଇ ଅଗ୍ରସର ହୋଇଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ କୁମାର ଅନୁରାଗ ସରଣ ଓ ସନ୍ତୋଷ ମଲିକ ପରାଜିତ ହୋଇ ବିଦାୟ ନେଇଛନ୍ତି। ବାହାର ରାଜ୍ୟ ଖେଳାଳିଙ୍କ ମଧ୍ୟରେ ବାବ୍‌ଜି ଶିବା ଆଲ୍ଲୁରୁ, ସାଜିଦ ଉର୍ ରହମାନ, ଶ୍ରୀନିବାସ କୋଣ୍ଡ୍ରି, ତେଲେଙ୍ଗାନାର ତାହା କାପାଡ଼ିଆ, ପଶ୍ଚିମବଙ୍ଗର ଅର୍ଘ୍ୟ ଦାସ ଓ ଦିଲ୍ଲୀର ରିତ୍‌ଭିକ୍ କାଶ୍ୟପ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ମହାଶିବରାତ୍ରି ମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ମାର୍ଚ୍ଚ ୪ରୁ ଟିଟିଲାଗଡ଼ ମହାଶିବରାତ୍ରି ମେଳା

# ଶୃଙ୍ଖଳିତ, ଆକର୍ଷଣୀୟ କରିବାକୁ ଗୁରୁତ୍ୱ

**ଟିଟିଲାଗଡ଼, ୧୨।୨(ଡି.ଏନ.ଏ.)**

ଆସନ୍ତା ମାର୍ଚ୍ଚ ୪ରୁ ସାତଦିନ ବ୍ୟାପୀ ଟିଟିଲାଗଡଠାରେ ମହାଶିବରାତ୍ରୀ ମେଳା ଅନୁଷ୍ଠିତ ହେବ। ଏଥିନେଇ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲାପାଳ ତଥା ଧବଳେଶ୍ୱର ଦଧିବାମନ ଟ୍ରଷ୍ଟ ଅଧକ୍ଷ ସୁଧାକର ନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ବାବାଙ୍କ ମହା ଶିବରାତ୍ରୀ ମେଳାକୁ ସୁନ୍ଦର ଆକର୍ଷଣୀୟ ଓ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ନେଇ ବିଶଦ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମହାଶିବରାତ୍ରୀ ମେଳା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀ, ବିଭିନ୍ନ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ମେଳା ସମୟରେ ମେଳା ପରିସର ତଥା ସହରରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପରିଚ୍ଛନ୍ନତା, ପାନୀୟ ଜଳ ସୁବ୍ୟବସ୍ଥା, ଆଇନଶୃଙ୍ଖଳା ରକ୍ଷା, ସୁରକ୍ଷାତ୍ମକ ପଦକ୍ଷେପ ନେଇ ସିସିଟିଭି ଦ୍ୱାରା ବିଶେଷ ନିରୀକ୍ଷଣ, ଆକସ୍ମିକ ଅଗ୍ନିକାଣ୍ଡ ନେଇ ଅଗ୍ନିଶମ ବିଭାଗର ସତର୍କତା, ଟ୍ରାଫିକ ନିୟନ୍ତ୍ରଣ, ମେଳା ପରିସରରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ସହାୟତା, ତୀର୍ଥଯାତ୍ରୀଙ୍କ ପାଇଁ ଶୌଚାଳୟ, ଅସ୍ଥାୟୀ ସୂଚନା କେନ୍ଦ୍ର ପ୍ରତିଷ୍ଠା ତଥା ମହାଦୀପ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଆଦି ନେଇ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କୁ ବିଶେଷ ଦାୟିତ୍ୱ ପ୍ରଦାନ କରା ଯାଇଥିଲା। ପ୍ରସ୍ତୁତି ବୈଠକରେ ଏସ୍‌ଡିପିଓ ସରୋଜ ମହାପାତ୍ର, ଟ୍ରଷ୍ଟି ସଭ୍ୟ ଭବାନୀ ପ୍ରସାଦ ହୋତା, ଟ୍ରଷ୍ଟି ସଞ୍ଜିବ ପାଢୀ, ଟିଟିଲାଗଡ ତହସିଲଦାର ସ୍ୱଦୀପ ଟପୋ, ସଇଁତଲା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆଇ ସରୋଜ ରଞ୍ଜନ ରଥ, ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ନାୟକ, ସହକାରୀ ଜିଲାପାଳ ଭୁବନ ଶତପଥୀ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ରଣଜିତ ପୃଷ୍ଟି, ପ୍ରଭାସ ବହିଦାର, ଦେବ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ବିକ୍ରିରୁ ବହୁ ଚାଷୀ ବଞ୍ଚିତ

**ଖପ୍ରାଖୋଲ, ୧୨।୨(ଡି.ଏନ.ଏ.)**



**ମହରାପଦର ମଣ୍ଡି**
- ସଂଗ୍ରହ ଲକ୍ଷ୍ୟ ଥିଲା ୨୮ହଜାର ୪୭୩ କୁଇଣ୍ଟାଲ
- ବିକ୍ରି ହୋଇଛି ୧୫ ହଜାର ୪୦୩ କୁଇଣ୍ଟାଲ
- ଆନ୍ଦୋଳନ ପାଇଁ ସଜବାଜ

ଧାର କରଜ କରି ଚାଷୀ ନିଜ ଜମିରେ ଧାନ ଉତ୍ପାଦନ କରିଥିବାବେଳେ ଆଗୁଆ ଧାନ ମଣ୍ଡି ବନ୍ଦ ଯୋଗୁଁ ଅନେକ ଚାଷୀ ଧାନ ବିକିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଏପରି ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର କୃଷି ସମବାୟ ସମିତି ମଣ୍ଡିରେ। ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପାଇଁ ୩୨୮ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୨୮ହଜାର ୪୭୩ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଆକଳନ କରାଯାଇଥିଲା। ହେଲେ ଏହି ମଣ୍ଡିରେ ବର୍ତ୍ତମାନ ଯାଏଁ ୧୫ ହଜାର ୪୦୩ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଶତାଧିକ ଚାଷୀ ଧାନ ବିକ୍ରି କରିବାକୁ ବଞ୍ଚିତ ହୋଇଛନ୍ତି। ଅନେକ ଦିନ ହେଲା ମଣ୍ଡିରେ ଚାଷୀ ଧାନ ପକାଇଥିଲେ ବି ଗତ ୪ତାରିଖରୁ ଧାନ କିଣା ବନ୍ଦ ହୋଇଯାଇଥିବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ଏ ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଚାଷୀ ଜଣାଇଥିଲେ। ହେଲେ ଧାନ କିଣା ବନ୍ଦ ହୋଇଯାଇଛି, ଆଉ କିଣା ଯାଇ ପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିବା ଚାଷୀମାନେ କହିଛନ୍ତି। ସରକାର ପଞ୍ଜୀକରଣ କରି ବିକ୍ରି ଅଟକଳ କରିଥିଲେ। ହେଲେ ପଞ୍ଜୀକୃତ ଚାଷୀଙ୍କ ଧାନ କିଣି ଆଗୁଆ ମଣ୍ଡି ବନ୍ଦ କରିବାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତାରେ ଧାନ ରଖି ଆନ୍ଦୋଳନକୁ ଓହ୍ଲାଇବାକୁ ନରେନ୍ଦ୍ର ମିରି, କିଶୋର ବିଶି, ରୁଦ୍ର ସିଂ ପୁଝାରୀ, ମାନସ ଠାକୁର, ଦାଶ ବରିହା ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି। ସରକାର ଚାଷୀ ଓ ଚାଷର ବିକାଶ କଥା କହୁଥିବାବେଳେ ଏଭଳି ଆଗୁଆ ଧାନ ମଣ୍ଡି ବନ୍ଦ କରି ଧାନର ଅଭାବି ବିକ୍ରି ପରିସ୍ଥିତି ସୃଷ୍ଟି କରୁଥିବା ଘଟଣାକୁ ବିଭିନ୍ନ ଚାଷୀ ସଂଗଠନ ନିନ୍ଦା କରିଛନ୍ତି। ଏ ନେଇ ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁଙ୍କୁ ପଚାରିବାରୁ ମହରାପଦର ମଣ୍ଡିରେ ଚାଷୀଙ୍କ ବିକ୍ରି ପାଇଁ ଧାନ ଥିବା ନେଇ ସମବାୟ ସମିତି ତରଫରୁ ଅବଗତ କରାଯାଇ ନ ଥିବା କହିଛନ୍ତି। ସରକାର ଧାନ କିଣା ବନ୍ଦ କରି ଦେଇଥିବାରୁ ଆଉ କିଣାଯାଇ ପାରିବ ନାହିଁ ବୋଲି କହିଛନ୍ତି।



ବ୍ରାହ୍ମ ମୁହୂର୍ତ୍ତ ଓ ସନ୍ଧ୍ୟା ସମୟରେ ମନ ଶାନ୍ତି ଓ ପବିତ୍ର ଥାଏ। ଏହି ସମୟରେ ଭଗବାନଙ୍କୁ ଡାକିବା। ଅସୁସ୍ଥ ଥିଲେ ବା କାର୍ଯ୍ୟର ଚାପ ଥିଲେ ଥରେ ସ୍ମରଣ ବା ପ୍ରଣାମ କଲେ ଚଳିବ।

- ମା' ଶାରଦାଦେବୀ



## ସଂକ୍ଷେପରେ

### ନାମଯଜ୍ଞ ଉଦ୍‌ଯାପିତ

ମଣ୍ଡଲ, ୧୨।୨ (ଡି.ଏନ.ଏ)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଲ ପଞ୍ଚାୟତ ଭାଟିଗାଁ ସରସ୍ୱତୀ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ବିଦ୍ୟାଦାତ୍ରି ସରସ୍ୱତୀ ପୂଜା ଅବସରରେ ଅହରାତ୍ର ପ୍ରହର ନାମଯଜ୍ଞ ଉଦଯାପିତ ହୋଇଯାଇଛି । ଏହି ଅବସରରେ ସୋମବାର ଅପରାହ୍ନ ୨ଘଣ୍ଟା ସମୟରେ ଗ୍ରାମର ମହିଳାମାନେ କଳସ ଯାତ୍ରାରେ ବାହାରି ହାତୀ ନଦୀଠାରୁ ଜଳ ପୂର୍ଣ୍ଣକଳସକୁ ଅହରାତ୍ର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ସୋମବାର ସନ୍ଧ୍ୟା ୬ଘଣ୍ଟା ସମୟରେ ପ୍ରହର ନାମଯଜ୍ଞ ଆରମ୍ଭ କରି ମଙ୍ଗଳବାର ୬ଘଣ୍ଟା ସମୟରେ ପ୍ରହର ନାମଛାଡି ଥିଲେ । ପୂଜକ ଲଳିତମୋହନ ଦାସ ପୂଜାକାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବରେ ହରେଶ୍ୱର ଗହିର ଏବଂ ତାଙ୍କର ସହଧର୍ମିଣୀ ଅମ୍ବିକା ଗହିର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ଅହରାତ୍ର ପ୍ରହର ନାମଯଜ୍ଞରେ ଭାଟିଗାଁ ଅନ୍ନପୂର୍ଣ୍ଣା ସଂକିର୍ତ୍ତନ ମଣ୍ଡଳୀ, ମଣ୍ଡଲ ମାଁ ତାରିଣୀ ସଂକିର୍ତ୍ତନ ମଣ୍ଡଳ, ଡେଇଲାପଡା ସଂକିର୍ତ୍ତନ ମଣ୍ଡଳୀ ଏବଂ ମୁଖ୍ୟ ଆକର୍ଷଣ କରିଥିବା ଭାଲୁବୁଟ୍ରା ସଖି ଚମ୍ପକ ସଂକିର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ଅହରାତ୍ର ପ୍ରହର ନାମଯଜ୍ଞରେ ସହଯୋଗ କରିଥିଲେ ।

# ଜନମ୍ ମାଟି ସୁରକ୍ଷା ସଂଗ୍ରାମ ସମିତି ତରଫରୁ ଭବାନୀପାଟଣା ବନ୍ଦ ସଫଳ

ଭବାନୀପାଟଣା,୧୨।୨ (ଡି.ଏନ.ଏ)



ଭବାନୀପାଟଣାରେ ରାସ୍ତା ଅବରୋଧ କରାଯାଇଛି।

ମରିବୁ ପଛେ ଡରିବୁ ନାହିଁ ଜନମ୍ ମାଟି ଛାଡିବୁ ନାହିଁ । ସରକାରୀ ଜାଗା ରହିଆସୁଥିବା ସହରବାସୀଙ୍କୁ ସ୍ଥାୟୀ ପଟ୍ଟା ଆମର ଦାବି । ପଟ୍ଟା ନାହିଁ ତ ଭୋଟ ନାହିଁ ଏ ଥିଲା ଜନମ୍ ମାଟି ସୁରକ୍ଷା ସମିତିର ଡାକରା । ଏହି ଡାକରା ଦେଇ ସମିତି ପକ୍ଷରୁ ୨୪ ଘଣ୍ଟିଆ ଭବାନୀପାଟଣା ବନ୍ଦ ଡାକରା ମଙ୍ଗଳବାର ଦିଆ ଯାଇଥିଲା। ଏହି ବନ୍ଦ ପାଳନ ସଫଳ ହୋଇଥିବା ଦେଖାଯାଇଥିଲା । ଜନମ୍ ମାଟି ସୁରକ୍ଷା ସଂଗ୍ରାମ ସମିତି କଳାହାଣ୍ଡି ତରଫରୁ ଫେବୃୟାରୀ ୧୨ ତାରିଖ ମଙ୍ଗଳବାର ଏକ ୭ ଦଫା ଦାବି ନେଇ ଭବାନୀପାଟଣା ସହରକୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ଡାକରା ଫଳରେ ଭବାନୀପାଟଣା ସହରରେ ଦୋକାନ ବଜାର ଚାରି ଚକିଆ ଓ ଛଅ ଚକିଆ ଯାନବହାନ, ଅନେକ ବ୍ୟାଙ୍କ, ସରକାରୀ ବେସରକାରି କାର୍ଯ୍ୟାଳୟ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଫଳରେ ବାହାରୁ ଆସୁଥିବା ଯାତ୍ରୀ ଓ ଗାଡି ମୋଟର ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା । ଆନ୍ଦୋଳନ କାରୀମାନେ ସହରର ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହିତ ବୁଲି ବୁଲି କାଁ ଭାଁ ଖୋଲା ଥିବା ଦୋକାନ ବଜାର ବନ୍ଦ କରୁଥିବା ଦେଖାଯାଇଥିଲା । ହୋଟେଲ ମାନ ବନ୍ଦ ଥିବା ଯୋଗୁଁ ଯାତ୍ରୀ ଓ ବାହାରୁ ଆସି ଭବାନୀପାଟଣା କାର୍ଯ୍ୟରତ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଖାଇବାକୁ ନ ପାଇ ହଇରାଣ ହୋଇଥିଲେ । ସହରର ବିଭିନ୍ନ ରାସ୍ତାରେ ଟ୍ରକ, ବସ୍, ବୋଲେରୋ, ୪୦୭ ଗାଡି ଭଳି ଯାନ ବାହାନର ଲମ୍ବ ଧାଡି ଲାଗିଥିବା ଦେଖାଯାଇଥିଲା। ଏହି ବନ୍ଦ ପାଳନ ଫଳରେ ଜାତୀୟ ରାଜପଥ ୨୬ରେ ଗାଡି ଚଳାଚଳ ବନ୍ଦ ହେବା ସହ ଭବାନୀପାଟଣା ଜୟପୁର ନବରଙ୍ଗପୁର, ଭବାନୀପାଟଣା ଧର୍ମଗଡ, ଭବାନୀପାଟଣା ଖରିଆର ରାୟପୁର, ଭବାନୀପାଟଣା ଲାଞ୍ଜିଗଡ ଭବାନୀପାଟଣା ମ.ରାମପୁର, ଭବାନୀପାଟଣା ଥୁ.ରାମପୁର, ଭବାନୀପାଟଣା କୋକସରା ଗାଡି ଚଳାଚଳ ବନ୍ଦ ରହିଥିଲା । ସେମାନଙ୍କର ଦାବି ଯେ, ଦୀର୍ଘ ବର୍ଷ ଧରି ବାପା ଅଜା ସମୟରୁ ରହିଆସୁଥିବା ଭିଟା ମାଟିର ପଟ୍ଟା ପ୍ରଦାନ କାରାଯାଉ । ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ୨୨ ଜାନୁୟାରୀରେ ସମିତି ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ୭ ଦଫା ଦାବୀ ସମ୍ମିଳିତ ଏକ ଦାବିପତ୍ର ଜିଲାପାଳ, କଳାହାଣ୍ଡିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ସହରବାସୀଙ୍କୁ ସରକାରଙ୍କ ତରଫରୁ ସ୍ଥାୟୀ ପଟ୍ଟା ଦେବାର କୌଣସି ବ୍ୟବସ୍ଥା କରାଗଲା ନାହିଁ । ଆଜି ମଧ୍ୟ ଅନେକ ବସ୍ତିଗୁଡିକୁ ସର୍ଭେ କରାଯାଇନାହିଁ । ବସ୍ତିଆଇନ ୨୦୧୭ ଅନୁଯାୟୀ ଯେଉଁ ଗରିବ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରାଯାଇଅଛି, ସେମାନେ କିଭଳି ନିଜ ଜାଗାର ପଟ୍ଟା ଓ ସେହି ଯାଗାରେ ଘରପାଇବେ ସେଥିପାଇଁ ପୌରପାଳିକା ଦ୍ୱାରା ଯୁଦ୍ଧକାଳୀନ ଭିତ୍ତିରେ ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା। ତେବେ ଶୁଣିବାକୁ ମିଳୁଥିଲା ନିର୍ବାଚନ ପୂର୍ବରୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ତାଙ୍କର ଅଧିକାର ପତ୍ର ମିଳିଯିବ କିନ୍ତୁ ଏହା କେବଳ ଧୁଆଁ ବାଣ ଭଳି ଲାଗୁଅଛି। ଏଣୁ ସରକାରଙ୍କର ଏଭଳି ନୀତିରେ ଜନମ୍‌ମାଟିର ସମସ୍ତ ସଦସ୍ୟା ସଦସ୍ୟ କ୍ଷୋଭ ପ୍ରକାଶ କରିବା ସହ ନିନ୍ଦା କରିଥିଲେ। ଏହି ବନ୍ଦ ପାଳନରେ ସହରର ଶିକ୍ଷାନୁଷ୍ଠାନକୁ ବାଦଦେଇ ସହରର ସମସ୍ତ କାର୍ଯ୍ୟାଳୟ, ବ୍ୟବସାୟୀକ ପ୍ରତିଷ୍ଠାନ, ଯାନବାହାନ ଚଳାଚଳ ବନ୍ଦ କରିଥିଲେ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତିର ସଦସ୍ୟା ସଦସ୍ୟମାନେ । ଏହି ବନ୍ଦ ପାଳନର ନେତୃତ୍ୱ ନେଇଥିଲେ ସମିତି ଆବାହକ ସରୋଜ କୁମାର ବାଗ, ବଦ୍ରୀ ପଟ୍ଟନାୟକ, ସାମନ୍ତ ଖମାରୀ, ବିଜୟ ସାହୁ, ଗିରିଧାରୀ ପାତ୍ର, ଦେବାନନ୍ଦ ଛତ୍ରିଆ, ମୁକେଶ କୁମାର, ଭାରତ ଭୂଷଣ ଚଲାନ, ଚକ୍ରମହାରଣା,ସଚ୍ଚିଦା ପାତ୍ର, ସସ୍ମିତା ଚଟର୍ଯୀ, ବିଜୟ ଦାସ, ତ୍ରିଲୋଚନ ପ୍ରଧାନୀ, ସାବିତ୍ରୀ ରାଉତ, ଲକ୍ଷ୍ମୀ ମାଝୀ, ସମ୍ପାରି ରାଉତ,ସୁଶିଳା ଚଟର୍ଯୀ, ଖିତିସୂତା ଗହିର, ମିରା ଗଉଡ, କନକ ବାଗ, ସୋମି ମେହେର,ରାଜେଶ ଦୀପ, ଶକ୍ତି ଛତ୍ରିଆ, ବିରୋଧ ନାଏକ, ସୁବାଶିନୀ ଦାସ, ରେବତୀ ବିଶି, କେଦାର ନାଏକ, ବିଜୟ ଲକ୍ଷ୍ମୀ ଶବର, ସ୍ମିତା ନାଏକ, ଦିଲୀପ ନାଏକ, ରାଜୁ ଚାଟର୍ଯୀଙ୍କ ସମେତ ପୁରୁଷ ଓ ମହିଳା ।




ନ୍ୟାସନାଲ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

**ନ୍ୟାସନାଲ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ**

## ସୁସ୍ଥ ଛାତ୍ର ଦେଶ ନିର୍ମାଣରେ ସହାୟକ ହେବେ

ନୂଆପଡା ଅଫିସ, ୧୨।୨

ଜଣେ ସୁସ୍ଥ ଛାତ୍ର ନିର୍ମାଣରେ ପ୍ରତ୍ୟେକ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଦିନର ଅର୍ଦ୍ଧାଧିକ ସମୟ ପିଲା ପରିବାରରେ ବିତାଇଥାଏ। ତେଣୁ ଛାତ୍ର ନିର୍ମାଣରେ ବିଦ୍ୟାଳୟ ସହ ପରିବାର ମଧ୍ୟ ସହାୟକ ହୋଇଥାନ୍ତି। ଏକ ସୁସ୍ଥ ଛାତ୍ର ନିର୍ମାଣ ହେଲେ ଦେଶ ନିର୍ମାଣ ପାଇଁ ଏକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ନ୍ୟାସନାଲ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗ ଦେଇ ଅତିଥିମାନେ ଏହା କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୭ଟାବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ମୁଖ୍ୟ ଅତିଥି, ଜିଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ ହୋମସିଂ ମାଝୀ, ଡ. ଶିବ ପ୍ରସାଦ ବେହେରା, ବରିଷ୍ଠ ଶିକ୍ଷାବିତ ରାମେଶ୍ୱର ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ। ବରିଷ୍ଠ ଶିକ୍ଷକ ଶୁକ୍ରୁ ବାଗ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବକ୍ତାମାନେ ଶିକ୍ଷା ଏବଂ ଶିକ୍ଷାୟତନ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା । ଏହାକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗିତା କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ମୋ ଘର ଭାଜପା ଘର କାର୍ଯ୍ୟକ୍ରମ ଆରମ୍ଭ

ନୂଆପଡା ଅଫିସ/ସିନାପାଲି,୧୨।୨

ନୂଆପଡା ଜିଲାରୁ ମୋ ଘର ଭାଜପା ଘର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ପ୍ରଥମେ ରାଜ୍ୟସଭାପତି ତଥା ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡାଙ୍କ ଘରେ ଆରମ୍ଭ ହୋଇଥିଲା। ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ଘରେ ଆରମ୍ଭ ହୋଇଯାଇଛି । ପୂର୍ବାହ୍ନ ଠିକ ୧୦ଟା ୪୫ମିନିଟରେ ନୂଆପଡାସ୍ଥିତ ରାଜ୍ୟସଭାପତି ବସନ୍ତ ପଣ୍ଡାଙ୍କ ଘରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲାର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହିଭଳି ଏହି ଜିଲା ସିନାପାଲି ବ୍ଲକ ଚଲନା ଗାଁରେ ଜିଲା ସଭାପତି ମୁଣ୍ଡଙ୍କ ଘରେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ସଭାପତି ଆରମ୍ଭ କରିଥିଲେ । ପୂଜାର୍ଚ୍ଚନା ପରେ ଘର କାନ୍ଥରେ ମୋ ଘର ଭାଜପା ଘର ଚିତ୍ରିତ କରାଯାଇଥିବାବେଳେ ଏକ ଭାଜପା ପତାକା ଉଡାଯାଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ତାରିଖ ଯାଏଁ ଚାଲିବ । ଜିଲାର ସମସ୍ତ କର୍ମକର୍ତ୍ତାଙ୍କ ଘରେ ଏଭଳି ପତାକା ଉଡିବ ବୋଲି ଜିଲା ସଭାପତି ମୁଣ୍ଡ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଠାକୁର, ଅରିଗଞ୍ଜନ ଯୋଷୀ, ପ୍ରତାପ ଗୁଆଲ, ମାର୍କଣ୍ଡ ଗୁଆଲ ପ୍ରମୁଖ ସାମିଲ ରହିଥିଲେ ।



ଭାଜପା ପତାକା ଉଡାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ଜିଲା ସଭାପତି।




ଏବିଭିପିର ଜିଲା ସମ୍ମିଳନୀରେ ଯୋଗ ଦେଇଥିବା କର୍ମକର୍ତ୍ତାଗଣ ।

**ଅଖିଳ ଭାରତୀୟ ବିଦ୍ୟାର୍ଥୀପରିଷଦର ଜିଲା ସମ୍ମିଳନୀ**

## ଯୁବସମାଜ ସୁସ୍ଥ ଗଣତନ୍ତ୍ରର କର୍ଣ୍ଣଧାର

ନୂଆପଡା ଅଫିସ,୧୨।୨

ସ୍ଥାନୀୟ ନୂଆପଡାସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ନୂଆପଡା ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ନଗର ସଂପାଦକ ସୁମନ୍ତ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ ଏଥିରେ ରାଜ୍ୟ ସହ- ସଂପାଦକ ବୁଦ୍ଧଦେବ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ଗଣତନ୍ତ୍ରରେ ଉତ୍ତମ ନାଗରିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଦେଶ ଗଠନରେ ନିଜକୁ ଉତ୍ସର୍ଗୀକୃତ ସେବା କରିବା ଦରକାର ବୋଲି କହିଥିଲେ। ଯୁବ ସମାଜର ଏକ ସୁସ୍ଥ ଗଣତନ୍ତ୍ରର କର୍ଣ୍ଣଧାର ବୋଲି ମତ ଦେଇଥିଲେ। ଏହିଭଳି ଗଣତନ୍ତ୍ରରେ ଶତ ପ୍ରତିଶତ ମତଦାନକୁ ଗୁରୁତ୍ୱ ଦେବା, ନୋଟାକୁ ନା କରିବା, ଭାରତ ଗୌରବ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ । ଏଥିରେ ଯୁବ ସମାଜର ମୁଖ୍ୟ ଭୂମିକା ରହିଛି । ଆଗକୁ ଆସି ରାଷ୍ଟ୍ର ନିର୍ମାଣରେ ନିଜକୁ ସମର୍ପିତ କରିବା ଦରକାର ବୋଲି କହିଥିଲେ । ସେହିଭଳି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶତାବ୍ଦୀ ନାଏକ ବିଦ୍ୟାର୍ଥୀ ପରିଷଦର ସଂକ୍ଷିପ୍ତ ପରିଚୟ ଦେଇଥିଲେ। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୨ଶତାଧିକ ଯୁବତୀ ଯୁବକ ଯୋଗଦେଇ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହ -ସଂପାଦକ ମନୋଜ ରଣା, ବିପିନ ଖର୍ସେଲ, ମାନସ ପ୍ରଧାନ, ସଂଗଠନ ମନ୍ତ୍ରୀ ହେମରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସୋନାଲୀ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଉତ୍‌ଥାନ ପ୍ରଶିକ୍ଷକ ଆବାସିକ ପ୍ରଶିକ୍ଷଣ

ନୂଆପଡା ଅଫିସ,୧୨।୨

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା ବିଭାଗ ତରଫରୁ ଏକ ପଞ୍ଚ ଦିବସୀୟ ଉତଥାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲାର ୫ ଯାକ ବ୍ଲକରୁ ମୋଟ ୪୨ଜଣ ପ୍ରଶିକ୍ଷକ ଯୋଗ ଦେଇଥିଲେ । ଏମାନଙ୍କୁ ୬ଷ୍ଠରୁ ଅଷ୍ଟମ ଶ୍ରେଣୀଯାଏ ଛାତ୍ରୀଛାତ୍ରମାନଙ୍କର ଭାଷା, ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟରେ ଶୈକ୍ଷିକ ବିକାଶ କିପରି କରାଯାଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ଶିକ୍ଷା ଏକ ଚିରନ୍ତନୀ ପ୍ରକ୍ରିୟା ବୋଲି କହିଥିଲେ।

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୌଦ୍ଧ,୧୨।୨(ସ୍ୱ.ପ୍ର.)

ବୌଦ୍ଧ ଜିଲା ବଡିଗାଁଠାରେ ମଙ୍ଗଳବାର ୨୦ତମ ରାଜ୍ୟସ୍ତରୀୟ ମା' ଭୈରବୀ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବଡିଗାଁ ଖେଳ ପଡ଼ିଆରେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ସୋନପୁର ଏବଂ ବୌଦ୍ଧ ମଧ୍ୟରେ ହୋଇଥିଲା। ବୌଦ୍ଧ ଦଳ ୩ଟି ଗୋଲ ଦେଇ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଫୁଟବଲ ଖେଳାଳି ସତ୍ୟ ପ୍ରକାଶ ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସଦାନନ୍ଦ ପୁଜାହାରୀ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭାବେ ସୁରେନ ବେହେରା, ପ୍ରବୀଣ ବେହେରା, ସାଗର ବେହେରା ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

# ସୁରକ୍ଷିତ ଜୀବନ ଜିଇଁବା ଆମରି ହାତରେ

■ ସଡକ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ■ ହେଲମେଟ ବାଣ୍ଟିଲା ସ୍ୱେଚ୍ଛାସେବୀ ସଙ୍ଗଠନ

ନୂଆପଡା ଅଫିସ, ୧୨।୨

ସଡକ ସୁରକ୍ଷା ଜୀବନ ରକ୍ଷା । ଆମକୁ ଏକ ସୁରକ୍ଷିତ ଜୀବନ ଜିଇଁବା ପାଇଁ ଆମରି ହାତରେ ରିମୋଟ ରହିଛି। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ଜିଲା ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ସଡକ ସୁରକ୍ଷା ସପ୍ତାହ ପାଳନର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଅତିଥିମାନେ ଏହା କହିଛନ୍ତି। ସ୍ଥାନୀୟ ସ୍ୱେଚ୍ଛସେବୀ ସଙ୍ଗଠନ କଦମର ସମ୍ପାଦିକା ଯାଜ୍ଞସେନୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ମୁଖ୍ୟ ଅତିଥି, ସାହିତ୍ୟିକ ଅମୀୟ କୁମାର ଦାସ ମୁଖ୍ୟ ବକ୍ତା, ବ୍ରହ୍ମକୁମାରୀ ସଦସ୍ୟ ଗୋବିନ୍ଦରାମ ପଟେଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସରକାରଙ୍କ ସଡକ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ବିଷଦ ଭାବରେ ପରିବହନ ଅଧିକାରୀ ପରିଡା ଉପସ୍ଥାପନା କରିଥିଲେ । ସଡକର ସୁରକ୍ଷା ଆମରି କର୍ତ୍ତବ୍ୟ । ଆମରି ଜୀବନ ଆମରି ହାତରେ ରହିଛି । ଏଥିପାଇଁ ଆମକୁ ସତର୍କ ହେବାକୁ ପଡିବ। ଏହା ଦ୍ୱାରା ଅନ୍ୟର ଜୀବନ ମଧ୍ୟ ବଞ୍ଚାଇ ପାରିବା ବୋଲି କହିଥିଲେ । ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା କଦମ ତରଫରୁ ସଂପାଦିକା ମହାପାତ୍ର ଉଦ୍‌ବୋଧନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଏହି ବାର୍ତ୍ତାକୁ ବ୍ୟାପକ କରିବାକୁ କଦମ ତରଫରୁ ଜିଲାର ବରିଷ୍ଠ ଖବରଦାତାମାନଙ୍କୁ ହେଲମ୍ୟାଟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ହେଲମେଟ ଗ୍ରହଣ କରିଥିବା ବରିଷ୍ଠ ଖବରଦାତା ଗଜେନ୍ଦ୍ର ନିଆଲ ସ୍ୱେଚ୍ଛାସେବୀ ସଂଗଠନ କଦମ ଏବଂ ସଂପୃକ୍ତ ବିଭାଗର ପଦକ୍ଷେପ ସ୍ୱାଗତ ଯୋଗ୍ୟ । ଏଥିପାଇଁ ଜିଲାର ସବୁ ସ୍ତରରୁ ସହଯୋଗ ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଦମ ଅନୁଷ୍ଠାନର ସଭାପତି ଲଲାଟେନ୍ଦୁ ପଣ୍ଡା, ସଦସ୍ୟ ପ୍ରତିଭା ହୋତା, ପାର୍ବତୀ ମଲ୍ଲିକ, ଉଜ୍ଜ୍ୱଳ ତିୱାରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ବିଭାଗ କାର୍ଯ୍ୟାଳୟର ବରିଷ୍ଠ କର୍ମକର୍ତ୍ତା ସୁରେଶ ଚଲାନ, ପଦ୍ମନ କାଣ୍ଡ, ରାଜକିରଣ ସିଂ ଦେଓ, ଆଶିଷ ଗୁରୁ, ତପନ କାଲୋ, ବିଚିତ୍ର ମଲ୍ଲିକ, ସଞ୍ଜୀବ ପଣ୍ଡା, ସାହିଦ ଖାନ, ସନତ ଷଡଙ୍ଗୀ ପ୍ରମୁଖ ସହଯୋଗିତା କରିଥିଲେ ।




ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ହେଲମେଟ ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ରାମ ଚରିତ ମାନସ ପାରାୟଣ

ରିଷିଡା, ୧୨।୨ (ଡି.ଏନ.ଏ)

କଳାହାଣ୍ଡି ଜିଲା ରିଷିଡା ନିକଟସ୍ଥ ବଡଡୁଙ୍ଗୁରୀଗୁଡାଠାରେ ସୋମବାରରୁ ରାମଚରିତ ମାନସ ପାରାୟଣ ଆରମ୍ଭ ହୋଇଛି । ଏହି ଅବସରରେ ରବିବାର ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରତିବର୍ଷ ଭଳି ଏଠାରେ ହେଉଥିବା ଏହି ରାମଚରିତ ମାନସ ପାରାୟଣ ବ୍ୟାସ ଭାବେ ବୁଢ଼ାବାହାଲର ଯୋଗିନ୍ଦ୍ର ମିଶ୍ର ଯୋଗଦେଇଥିବା ବେଳେ ଗଜବାହାଲର ପୂର୍ବତନ ସରପଞ୍ଚ ରବିନ୍ଦ୍ର କୁମାର ପାଣ୍ଡେ ସପତ୍ନୀ କର୍ତ୍ତାଭାବେ ଯୋଗଦେଇଛନ୍ତି। ପୂଜକ ପ୍ରଦୀପ କୁମାର ମିଶ୍ର ପୂଜାର୍ଚ୍ଚନା କରୁଥିବା ବେଳେ ସରୋଜ କୁମାର ମିଶ୍ର, ଦିଲୀପ ମିଶ୍ର, ଲକ୍ଷ୍ମଣ ଭୋଇ, ବିବେକ ମିଶ୍ର ପ୍ରମୁଖ ସହଯୋଗ କରୁଛନ୍ତି । ଶ୍ରଦ୍ଧାଳୁମାନେ ପାରାୟଣ ଶେଷ ହେବା ପରେ ପ୍ରସାଦସେବନ କରୁଛନ୍ତି ।

ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ

# ଅନୁସୂଚିତ ଜାତି, ଜନଜାତି ବର୍ଗଙ୍କୁ ଅଣଦେଖା

ଜୁନାଗଡ,୧୨।୨(ଡି.ଏନ୍.ଏ)

କଳାହାଣ୍ଡି ଜିଲାର ଜୁନାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ଜିଲା ପାଇଁ ସବୁବେଳେ ଗୁରୁତ୍ୱ ବହନ କରିଥାଏ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଏହି ନିର୍ବାଚନ ମଣ୍ଡଳୀରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ବିଧାୟକ ଆସନରେ ବସିପାରିନାହାନ୍ତି। କେବଳ ସାଧାରଣ ବର୍ଗ ଓ ଅନ୍ୟାନ୍ୟ ପଛୁଆବର୍ଗର ଲୋକେ ଏହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ବିଧାୟକ, ମନ୍ତ୍ରୀ ହୋଇଛନ୍ତି। ବିଭିନ୍ନ ରାଜନୈତିକ ଦଳମାନେ ଏହି ନିର୍ବାଚନ ମଣ୍ଡଳୀରୁ କେବଳ ସାଧାରଣ ବର୍ଗ କିମ୍ୱା ଅନ୍ୟାନ୍ୟ ପଛୁଆବବର୍ଗର ଲୋକଙ୍କୁ ବିଧାୟକ ପ୍ରାର୍ଥୀନିମନ୍ତେ ଟିକେଟ ଦେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାରୁ ପ୍ରକାଶ ଯେ,୧୯୫୧ମସିହାରେ ପ୍ରଥମ ବିଧାୟକ ଭାବେ ଗଣତନ୍ତ୍ର ପରିଷଦ ଦଳ ପକ୍ଷରୁ ଜୁନାଗଡ ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ମହାରାଜା ପ୍ରତାପ କେଶରୀ ଦେଓ ନିର୍ବାଚିତ ହୋଇଥିଲେ। ସେହିଦିନ ଠାରୁ ସାଧାରଣ ବର୍ଗ କିମ୍ୱା ଅନ୍ୟାନ୍ୟ ପଛୁଆବର୍ଗ ଲୋକେ ବିଧାୟକ ହେଉଛନ୍ତି। ୨୦୧୧ଜନଗଣନା ଅନୁଯାୟୀ ଜୁନାଗଡ ବ୍ଲକରେ ୧ଲକ୍ଷ ୯୩ହଜାର ୩୧୬ଜଣ ଲୋକ ଅଛନ୍ତି । ସେଥିମଧ୍ୟରୁ ପ୍ରାୟ ୬୪ହଜାର ଲୋକ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକେ ଅଛନ୍ତି। ଗୋଲାମୁଣ୍ଡା ବ୍ଲକରେ ୧ଲକ୍ଷ ୨୯ହଜାର ୪୯୯ଜଣ ଜନସଂଖ୍ୟାଥିବାବେଳେ ସେଥିମଧ୍ୟରୁ ପ୍ରାୟ ୫୫ହଜାର ଲୋକ ଅନୁସୁଚିତ ଜାତି ଓ ଜନଜାତି ବର୍ଗର ରହିଛନ୍ତି। ସମୁଦାୟ ଜୁନାଗଡ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୩ଲକ୍ଷ ୨୮ହଜାର ଜନସଂଖ୍ୟା ଥିବାବେଳେ ସେଥିମଧ୍ୟରୁ ପ୍ରାୟ ୧ଲକ୍ଷ୩୦ହଜାର ଅନୁସଚିତ ଜାତି ଓ ଜନଜାତିର ବର୍ଗର ଲୋକ ରହିଛନ୍ତି। ଜୁନାଗଡ ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୨୯ହଜାର ୫୮୭ଜଣ ଭୋଟର ଥିବା ଜଣାପଡିଛି।ସେଥିମଧ୍ୟରୁ ୧ଲକ୍ଷ ୧୭ହଜାର ୩୫୪ଜଣ ପୁରୁଷ ଓ ୧ଲକ୍ଷ୧୨ହଜାର ୨୨୮ମହିଳା ଅଛନ୍ତି। ସେହିପରି ପ୍ରଥମ ଥର ତୃତୀୟ ଲିଙ୍ଗ(କିନ୍ନର) ମାନେ ଚଳିତ ନିର୍ବାଚନରେ ନିଜର ମତଦାନ ଦେବେ। ଜୁନାଗଡ ବ୍ଲକ ଓ ଏନଏସିରେ ୧ଲକ୍ଷ ୩୭ହଜାର ୨୮ଜଣ ଭୋଟର ଥିବାବେଳେ ଗୋଲାମୁଣ୍ଡା ବ୍ଲକରେ ୯୨ହଜାର ୫୫୯ଜଣ ଭୋଟର ଅଛନ୍ତି।ସେଥିମଧ୍ୟରୁ ପ୍ରାୟ ୯୨ହଜାରରୁ ଉର୍ଦ୍ଧ୍ୱ ଅନୁସଚିତ ଜାତି ଓ ଜନଜାତି ବର୍ଗର ଭୋଟର ନିଜର ମତଦାନ ଦେବେ। ୨୦୦୯ ସାଧାରଣ ନିର୍ବାଚନରେ ଗୋଲାମୁଣ୍ଡାର ପୂର୍ବତନ ବିଧାୟକ ବୀର ସିପକାଙ୍କୁ ବିଜେଡି ପକ୍ଷରୁ ବିଧାୟକ ପ୍ରାର୍ଥୀ କରାଯାଇଥିଲା। ସେହିପରି ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୁନାଗଡ ସହରସ୍ଥିତ ବଡପଡାର ସ୍ୱର୍ଗତ ଜଗମୋହନ ନାଏକ ୧୯୭୪ମସିହାରେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରେ ସ୍ୱତନ୍ତ୍ର ଦଳ ପକ୍ଷରୁ ବିଧାୟକ ହୋଇଥିଲେ। ସେହିପରି ଜୁନାଗଡ ବ୍ଲକ ନୂଆଗୁଡା ଗ୍ରାମର ପ୍ରଦୀପ୍ତ କୁମାର ନାଏକ ୧୯୯୫,୨୦୦୦ ଓ ୨୦୦୪ମସିହାରେ ଭବାନୀପାଟଣା ନିର୍ବାଚନ ମଣ୍ଡଳୀରୁ ଲଗାତାର ୩ଥର ଭାଜପା ବିଧାୟକ ଭାବେ ନିର୍ବାଚିତ ହେବା ସହ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମଧ୍ୟ ରହିଥିଲେ। ବର୍ତ୍ତମାନ କଳାହାଣ୍ଡି ଜିଲାର ଭାଜପା ଜିଲା ସଭାପତି ମଧ୍ୟ ସେ ରହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀରେ ଅନୁସଚିତ ଜାତି ଓ ଜନଜାତି ବର୍ଗର ଲୋକଙ୍କ ସମସ୍ତ ଦକ୍ଷତା ଥିବାବେଳେ ବିଭିନ୍ନ ରାଜନୈତିକ ଦଳର ଇଚ୍ଛାଶକ୍ତିର ଅଭାବ ଯୋଗୁ ଲୋକେ ନେତୃତ୍ୱ ନେବାରେ ବଞ୍ଚିତ ହେଉଛନ୍ତି। ତେଣୁ ରାଜନୈତିକ ଦଳମାନେ ଅନୁସୁଚିତ ଜାତି ଓ ଜନଜାତି ବର୍ଗର ଅନୁଭବୀ ଲୋକମାନଙ୍କୁ ସୁଯୋଗ ଦେବାକୁ ସାଧାରଣରେ ଦାବି ହୋଇଛି।

ଡ଼. ଆମ୍ବେଦକର ନକ୍ ଆଉଟ କ୍ରିକେଟ ଟ୍ରଫି

### ଭବାନୀପାଟଣା ଚାମ୍ପିୟନ

କୋକସରା,୧୨।୨ (ଡି.ଏନ.ଏ.):

କୋକସରା ବ୍ଲକ୍ ଲଡୁଗାଁ ଭୀମସେନା ଆନୁକୂଲ୍ୟରେ ଡ଼.ଆମ୍ବେଦକର ନକ୍ ଆଉଟ କ୍ରିକେଟ ଟୁର୍ନାମେଣ୍ଟ ର ଫାଇନାଲ ଖେଳ ରବିବାର ଫାଇନାଲ ଖେଳରେ ଜୟପୁର ଟିମ୍ ଟସ୍ ଜିଣି ଫିଲଣ୍ଡିଂ ପାଇ ବାଛିଥିବା ବେଳେ ଭବାନୀପାଟଣା ଟିମ୍ ୧୭୩ ରନ କରି ଅଲଆଉଟ ହୋଇଥିଲେ। ପରେ ଦ୍ୱିତୀୟ ଇନିଂସରେ ଜୟପୁର ଟିମ ଖେଳାଳି ମାନେ ରନ ସ୍କୋର କରିବାରେ ବିଫଳ ହୋଇ ୧୫୭ ରନ କରି ଅଲଆଉଟ ହୋଇଥିଲେ। ଉଦଯାପନି ଖେଳର ମୁଖ୍ୟ ଅତିଥି ରୁପେ ଧର୍ମଗଡ଼ ବିଧାୟକ ପୁଷ୍ପେନ୍ଦ୍ର ସଂଦେଓ , ସମ୍ମାନିୟ ଅତିଥି ରୁପେ ଯୁବଦ୍ୟୋଗି ବିମଲ କୁମାର ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ଖେଳାଳି ଆସିଥିଲେ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

# ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ରିଷିଡା, ୧୨।୨ (ଡି.ଏନ.ଏ)

କଳାହାଣ୍ଡି ଜିଲା ରିଷିଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୧୩ତମ ବାର୍ଷିକ ଉତ୍ସବ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। କୁନି ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିମୋହିତ ହୋଇଯାଇଥିଲେ। ଅପରାହ୍ଣରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ମନୋଜ କୁମାର ପଟ୍ଟନାୟକ (ସମାଜସେବୀ), ସମ୍ମାନିତ ଅତିଥି ଭାବେ ଉସ୍ତାଦ ବିସମିଲ୍ଲା ଖାଁ, ଯୁବ ପୁରସ୍କୃତ କଳାକାର ସର୍ବେଶ୍ୱର ଭୋଇ, ପରିଚାଳନା କମିଟିର ସମ୍ପାଦକ କରୁଣାକର ରଣା, ପରିଚାଳନା କମିଟିର ଅଧ୍ୟକ୍ଷ ପ୍ରାକ୍ତନ ପ୍ରଧାନ, ଶିକ୍ଷକ ଉପେନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଆଚାର୍ଯ୍ୟ ପରିକ୍ଷୀତ ନାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମର ସଂଯୋଜନା ଆଚାର୍ଯ୍ୟ ବାସୁଦେବ ସେଲମା ପ୍ରଦାନ କରିଥିଲେ। ଏହି ଅବସରରେ ଘନଶ୍ୟାମ, ଯଦୁମଣି, ସାଧବାଣୀ, ଜୟନ୍ତୀ ପଣ୍ଡା, ପରିକ୍ଷିତ, ମେମୋରିଆଲ ପୁରସ୍କାର ଛାତ୍ରୀଛାତ୍ରଙ୍କୁ ଅତିଥିଗଣ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ ଜୁନିୟର କଲେଜର ଭୂଗୋଳ ଅଧ୍ୟାପକ ସରୋଜ କୁମାର ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବ୍ୟବହାର ଓ ଶୃଙ୍ଖଳା ନୀତି ଗୁଡିକ ଆଲୋଚନା କରିଥିଲେ । କଳାହାଣ୍ଡିର ଯୁବ କଳାକାର ସର୍ବେଶ୍ୱର ଭୋଇଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶେଷରେ ଛାତ୍ରୀଛାତ୍ରଙ୍କ ଦଳଗତ ନୃତ୍ୟ ଓ ଲୋକନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପ୍ରସନ୍ନ କୁମାର ସାହୁ, ରଞ୍ଜନ ଗୁରୁ, ଶର୍ମିଷ୍ଠା ସୁନା, ପ୍ରଦୀପ କୁମାର ପଧାନ, ବେଲାର ରଣା ପ୍ରମୁଖ ସହାୟତା କରିଥିଲେ ।



ଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

# ସାଇକେଲରେ ବୁଲି ଲୋକଙ୍କ ସମସ୍ୟା ବୁଝିଲେ ଜିଲା ପରିଷଦ ସଦସ୍ୟା

ସେରଗଡ଼, ୧୨।୨ (ଡ଼ି.ଏନ୍.ଏ.)

କଳାହାଣ୍ଡି ଜିଲା ନର୍ଲା ଜୋନ ଦୁଇ ଜିଲା ପରିଷଦ ସଦସ୍ୟା ସୁଶ୍ରୀ ରୀନା ଭୋଇ ମଙ୍ଗଳବାର ସାଇକେଲ ଯୋଗେ ବୁଲି ଲୋକଙ୍କ ସମସ୍ୟା ବୁଝିଛନ୍ତି। ତାଙ୍କ ଜୋନର ଟୋଲ ବ୍ରାହ୍ମଣୀ ଗ୍ରାମକୁ ଯାଇ ପ୍ରଥମେ ଶୂନ୍ୟ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଗ୍ରାମର ପ୍ରତ୍ୟେକ ପରିବାରକୁ ଯାଇ ଲୋକଙ୍କ ସମସ୍ୟା ଉପରେ ଅବଗତ ହୋଇଛନ୍ତି । ଏହି ଅବସରରେ ସୁଶ୍ରୀ ରୀନା କହିଛନ୍ତି ଯେ, ନର୍ଲା ନିର୍ବାଚନ ମଣ୍ଡଳୀର ଏହି ଅଞ୍ଚଳ ବିକାଶ କ୍ଷେତ୍ରରେ ବହୁତ ପଛରେ ପଡିରହିଛି। ୧୯୭୬ ମସିହାରୁ ଆଜି ପର୍ଯ୍ୟନ୍ତ ୧୨ ଜଣ ବିଧାୟକ ଏହି ଆସନରେ ବସିସାରିଥିଲେ ମଧ୍ୟ ଅଞ୍ଚଳରେ ଆଖି ଦୃଷ୍ଟିଆ କାମ କରିନାହାଁନ୍ତି । ଦୁର୍ବଳ ନେତୃତ୍ୱ ଯୋଗୁ ଆଜି ନର୍ଲାର ଏହି ଅବସ୍ଥା ହୋଇଛି । ଅନେକ ଗାଁରେ ବିକାଶ ବାଟବଣା ହୋଇଛି । ତେଣୁ ମୁଁ ମୋର ଜୋନର ପ୍ରତ୍ୟେକ ଗାଁରେ ପହଞ୍ଚି ସାଧାରଣ ଜନତାଙ୍କ ସମସ୍ୟା ଉପରେ ଅବଗତ ହୋଇ ପାରୁପର୍ଯ୍ୟନ୍ତ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିବି ବୋଲି କହିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ସୁଶ୍ରୀ ରିନା ହେଉଛନ୍ତି କଳାହାଣ୍ଡି ଗଡଜାତ ଆନ୍ଦୋଳନର ନେତୃତ୍ୱ ନେଇ କାରାବରଣ କରିଥିବା ବିଶିଷ୍ଟ ଆଦିବାସୀ ନେତା ଗୋବର୍ଦ୍ଧନ ଭୋଇଙ୍କ ଅଣ ନାତୁଣୀ ତଥା କଳାହାଣ୍ଡି-ବଲାଙ୍ଗିର ଲୋକସଭାର ପ୍ରଥମ ସାଂସଦ ଗିରିଧାରୀ ଭୋଇଙ୍କ ମଧ୍ୟ ଅଣ ନାତୁଣୀ । ରୀନା ଭୋଇଙ୍କ ଏହି ନିଆରା ପ୍ରୟାସ ପାଇଁ ତାଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି ।



ସାଇକେଲରେ ବୁଲି ଲୋକଙ୍କ ସମସ୍ୟା ବୁଝୁଛନ୍ତି

# ଶିବଯାତ୍ରା ସାଧାରଣ ସଭା

କେସିଙ୍ଗା, ୧୨।୨ (ଡି.ଏନ.ଏ)

କେସିଙ୍ଗା ସହର ସ୍ଥିତ ଶ୍ରୀଶ୍ରୀ ଧବଳେଶ୍ୱର ମହାଦେବ ମନ୍ଦିରରେ ଆସନ୍ତା ମାର୍ଚ୍ଚ ୩ ତାରିଖଠାରୁ ହେବାକୁ ଥିବା ଶିବଯାତ୍ରା ପାଇଁ ରାମକୁମାର ଜୈନଙ୍କ ସଭାପତିତ୍ୱରେ ଏନଏସିର ସଦଭାବନା ସଭା ଗୃହରେ ଏକ ସାଧାରଣ ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବ ଯାତ୍ରା ୩ ରୁ ୬ ତାରିଖ ୪ଦିନ ବ୍ୟାପି ପାଳନ କରାଯିବ । ଏଥିପାଇଁ କମିଟି ପକ୍ଷରୁ ୨୪ ପ୍ରହର ନାମଯଜ୍ଞ ହେବା ସହିତ ନାମଯଜ୍ଞ ପାଇଁ ସଂକୀର୍ତ୍ତନ ଦଳ ମାନଙ୍କୁ ଡାକଯିବା ପାଇଁ ମଧ୍ୟ ସ୍ଥିର ହୋଇଛି । ଏହି ଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ପାଇଁ ପୋଲିସର ସହାୟତା ନେବା ସହିତ ପାନୀୟଜଳ, ଖାଦ୍ୟପେୟ, ବିଦ୍ୟୁତ, ରାସ୍ତାଘାଟ ସଫେଇ ଆଦି ବିଷୟରେ ଆଲୋଚନା କରାଯାଇଥିଲା । ଗତ ବର୍ଷର ଆୟବ୍ୟୟ କମିଟିର ସମ୍ପାଦକ ପୁରନ୍ଦର ଭୋଇ ସଂପୂର୍ଣ୍ଣ ଭାବରେ ପଠନ କରିଥିଲେ । ଏହି ସାଧାରଣ ସଭାରେ କେସିଙ୍ଗାର ଦେବୀ ପ୍ରସାଦ ମିଶ୍ର, ପ୍ରମୋଦ କିଶୋର ଦାଶ, ଗୋଲକ ଚନ୍ଦ୍ର ପଟ୍ଟନାୟକ, ଦୟାସାଗର ସାହା, ଗଣମାଧ୍ୟମ ପ୍ରତିନିଧି ମଧ୍ୟ ସିନ୍ଧୁର, ଗଦାଧର ସିଂହ ଦେଓ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଲକ୍ଷାଧିକ ଟଙ୍କାର କପା ହଡପ

ଭବାନୀପାଟଣା,୧୨।୨(ଡି.ଏନ.ଏ)

ଗତ ବର୍ଷ ଲାଞ୍ଜିଗଡ ଅଞ୍ଚଳର ଚାଷୀମାନଙ୍କ ଠାରୁ ଡୁଲେଶ୍ୱର ସାହୁ ୮ ଲକ୍ଷରୁ ଉର୍ଦ୍ଧ ଟଙ୍କାର କପା ଠକି ନେଇ ଚାଷୀଙ୍କୁ ଟଙ୍କା ଦେଇ ନ ଥିଲେ । ହେଲେ ଏବେ କପା କ୍ରୟ ସମୟରେ ଚାଷୀଙ୍କ ହାତରେ ଧରାପଡିଲେ କପା ବ୍ୟବସାୟୀ ଡୁଲେଶ୍ୱର। ସୋମବାର ଲାଞ୍ଜିଗଡ ବ୍ଲକ ହରେକୃଷ୍ଣପୁର ଠାରେ କପା ଚାଷୀମାନେ ବ୍ୟବସାୟୀ ଡୁଲେଶ୍ୱରଙ୍କ କପା ଗାଡିକୁ ଜବତ କରି ଲାଞ୍ଜିଗଡ ଥାନାରେ ଜିମା ଦେଇଥିବା ଜଣାପଡିଛି । ପ୍ରକାଶ ଯେ ଗତବର୍ଷ ଲାଞ୍ଜିଗଡ ଅଞ୍ଚଳରେ କଳାହାଣ୍ଡି ଜିଲା କର୍ଲାପଡା ଫାଣ୍ଡି ଅନ୍ତର୍ଗତ ଚହଗାଁର କପା ବ୍ୟବସାୟୀ ଡୁଲେଶ୍ୱର ସାହୁ ଲାଞ୍ଜିଗଡ ଅଞ୍ଚଳକୁ ଆସି ଛତ୍ରପୁର ପଞ୍ଚାୟାତ ଭାତଗୁଡା ଗ୍ରାମରେ ପଦ୍ମଲୋଚନ ସାହୁଙ୍କ ଜରିଆରେ ୭୮ଟ୍ରକ କପା ଚାଷୀମାନଙ୍କଠାରେ କିଣି ନେଇଥିଲେ । ଶେଷ ସମୟରେ ଛତ୍ରପୁର ଓ ଲାଞ୍ଜିଗଡ ପଞ୍ଚାୟତରେ ମୋହନ ସାହୁ, ଶ୍ରୀଧର ସାହୁ, ଚନ୍ଦ୍ରଶେଖର ହରିଜନ, ବି.ରମେଶ, ବିଘ୍ନ ପରାଭୋଇ ଓ ପଦ୍ମଲୋଚନ ସାହୁ ପ୍ରମୁଖଙ୍କଠାରେ ୮ ଲକ୍ଷ ୩ ହଜାର ୮ ଶହ ଟଙ୍କାର କପା ନେଇ ଚାଷୀମାନଙ୍କୁ ଟଙ୍କା ନଦେଇ ଚାଲି ଯାଇଥିଲେ । ଯେତେ ଚେଷ୍ଟା କରିଥିଲେ ମଧ୍ୟ ଚାଷୀ ପ୍ରାପ୍ୟ ପାଇ ନଥିଲେ । ଚଳିତ ବର୍ଷ ବ୍ୟବସାୟୀ ଡୁଲେଶ୍ୱର ନିଜେ ନଆସି ଲୋକଙ୍କୁ ପଠାଇ କପା କିଣୁଥିବା ଚାଷୀ ଜାଣିପାରି ଛତ୍ରପୁର ପଞ୍ଚାୟତର ହରେକୃଷ୍ଣପୁର ଗାଁ ଠାରୁ ଟ୍ରକ (ଏମଏଚ ୩୩ କ୍ୟୁ ୦୦୪୧)କୁ ଆଣି ଲାଞ୍ଜିଗଡ ଥାନାରେ ଜିମା ଦେଇଛନ୍ତି । ଉକ୍ତ ବ୍ୟବସାୟୀଙ୍କ ପାଖରୁ ଚାଷୀମାନେ କିପରି ବକେୟା ପାଇ ପାରିବେ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

### ମଞ୍ଚ ଅଭିନେତା ଅବଦୁଲ ଜଗଦଲପୁରରେ ପୁରସ୍କୃତ

ଭବାନୀପାଟଣା ୧୨।୨ (ଡି.ଏନ.ଏ) ସହରର ଜଣେ ବିଶିଷ୍ଟ ମଞ୍ଚ ଅଭିନେତା ଅବଦୁଲ କାଦିରଙ୍କୁ ନିକଟରେ ଛତିଶଗଡର ଜଗଦଲପୁରରେ ସମ୍ମାନୀତ କରାଯାଇଛି। ଜଗଦଲପୁର ଠାରେ ଅଭିଯାନ ସଂସ୍ଥା ପକ୍ଷରୁ ଦଶମ ନାଟ୍ୟ ପରବ ଅବସରରେ ବିଭିନ୍ନ ରାଜ୍ୟର ଥିଏଟର ଓ ଅନ୍ୟ କଳାକାରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଳାହାଣ୍ଡିର ଏହି ବିଶିଷ୍ଟ ମଞ୍ଚ ଅଭିନେତା ଅବଦୁଲ କାଦିରଙ୍କୁ ଥିଏଟର କଳାକାର ଭାବରେ ସମ୍ମାନୀତ କରାଯାଇଛି। ଅଭିନେତା କାଦିର ଛାତ୍ର ଜୀବନରୁ ଅଭିନୟ ଆରମ୍ଭ କରିଥିଲେ।

ମହାରାଷ୍ଟ୍ରରେ ବନ୍ଧା ପଡିଛନ୍ତି ୧୬ ଦାଦନ ଶ୍ରମିକ

# ଉଦ୍ଧାର ପାଇଁ ଜିଲାପାଳ, ଶ୍ରମଅଧିକାରୀଙ୍କ ନିକଟରେ ନିବେଦନ

କେସିଙ୍ଗା, ୧୨।୨ (ଡି.ଏନ.ଏ)

ସମଗ୍ର ପଶ୍ଚିମ ଓଡିଶାରେ ଦାଦନ ଶ୍ରମିକଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଅର୍ଥ ଲାଲସା ଦେଖାଇ ଦଲାଲମାନେ ନିରିହ ଶ୍ରମିକଙ୍କୁ ରାଜ୍ୟ ବାହାରକୁ ନେଇ ନିର୍ଯାତନା ଦେବା ସହିତ ଭୋକ ଉପାସରେ ଦିନ କାଟୁଥିବାର ଜଣାପଡିଛି। ଏହିପରି ଦୁଃଖଦ ଘଟଣା ଘଟିଛି କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ଗ୍ରାମର ଦାଦନ ଶ୍ରମିକଙ୍କ କ୍ଷେତ୍ରରେ। ଏହି ବନ୍ଧା ପଡିଥିବା ଦାଦନମାନଙ୍କୁ ମୁକୁଳାଇବା ପାଇଁ ଜିଲାପାଳ ଓ ଜିଲାଶ୍ରମ ଅଧିକାରୀଙ୍କୁ ସୋମବାର ଲିଖିତ ଭାବେ ନିବେଦନ କରାଯାଇଛି। ଗତ ୨୦୧୮ ନଭେମ୍ବରରେ ୧୬ଜଣ ଦାଦନ ଶ୍ରମିକ ଓ ୬ଜଣ ଶିଶୁଙ୍କୁ ବାଲସି ଗ୍ରାମ ପଞ୍ଚାୟତର ବେରାଗିବାହାଲି ଗ୍ରାମର ମହିଳା ଦଲାଲ ଉକ୍ତ ଶ୍ରମିକମାନଙ୍କୁ ବଲାଙ୍ଗିର ଜିଲାର ମୁରିବାହାଲ ବ୍ଲକର ଝୁମୁର୍ଲା ଗ୍ରାମର ସର୍ଦ୍ଦାରଙ୍କ ନିକଟକୁ ନିଆଯାଇଥିଲା । ମହିଳା ଦଲାଲ ପ୍ରତ୍ୟେକ ଶ୍ରମିକମାନଙ୍କୁ ୨ହଜାର ଲେଖାଏଁ କରି ୧୬ ଜଣ ୩୨ ହଜାର ଟଙ୍କା ଦିଆଗଲା । ଉକ୍ତ ସର୍ଦ୍ଦାର ମହାରାଷ୍ଟ୍ରର ଲୁତୁର ଜିଲା ଅନ୍ତର୍ଗତ ମୁରୁଡ ଥାନା ଅଧିନସ୍ଥ ଏକୁର୍ଗାକୁ ଇଟା ଗଢ଼ିବାକୁ ଟ୍ରେନ ଯୋଗେ କଣ୍ଟାବାଞ୍ଜି ରେଳୱେ ଷ୍ଟେସନରୁ ଦାଦନମାନଙ୍କ ଚାଲାଣ କରାଯାଇଥିଲା । ମହାରାଷ୍ଟ୍ରର ଲାତୁର ଜିଲାର ଏକୁର୍ଗା ଗ୍ରାମକୁ ପହଞ୍ଚିଲା କ୍ଷଣ ୧୬ଜଣ ଦାଦନଙ୍କୁ ଇଟା ଭାଟି ମାଲିକ ଦେବାନନ୍ଦ ଘୁଟେଙ୍କୁ ସର୍ଦ୍ଦାର ସମର୍ପଣ କରି ନିଜସ୍ୱ ଗ୍ରାମକୁ ପଳାଇଆସିଲା । ଇଟାଭାଟି ମାଲିକ ଏହି ୧୬ ଜଣ ଦାଦନ ଓ ୬ଜଣ ଶିଶୁଙ୍କୁ ଠିକ୍ ଭାବରେ ଖାଇବାକୁ ଦେଉନାହାନ୍ତି। ସକାଳ ୪ଘଣ୍ଟାରୁ ସମସ୍ତଙ୍କୁ ଉଠାଇ ରାତ୍ର ୯ଘଣ୍ଟା ଯାଏ ଇଟା ଗଢ଼ିବାରେ ନିୟୋଜିତ କରୁଛନ୍ତି। ଯେଉଁଦିନ ଉଠିବାରେ ବିଳମ୍ବ ହେଲେ ନିସ୍ଥୁକ ମାଡ ମାରୁଛନ୍ତି। ଜଣ ପିଛା ୭ଦିନକୁ ୧ଶହ ଟଙ୍କା ଲେଖାଏଁ ଦେଉଛନ୍ତି। ସହରଠାରୁ ପ୍ରାୟ ୬୦ ରୁ୭୦ କିମି ନିଛାଟିଆ ଦୂରରେ ଇଟା ଗଢ଼ି ଚାଲିଛନ୍ତି । ଦାଦନମାନଙ୍କୁ ଜ୍ୱର କିମ୍ୱା ଦେହ ଅସୁସ୍ଥ ହେଲେ ବି ତାର ଚିକିତ୍ସା ମଧ୍ୟ କରାଯାଉ ନାହିଁ। ଇଟାଭାଟି ମାଲିକ ଦେବାନନ୍ଦ ଘୁଟେ ଉକ୍ତ ୧୬ଜଣ ଦାଦନ ଓ ୬ଜଣ ଶିଶୁମାନଙ୍କୁ ନିର୍ଯାତନା ଦେଉଥିବାରୁ ଦାଦନଙ୍କ ନିଜସ୍ୱ ପରିବାର ବର୍ଗଙ୍କୁ ସବୁ ଏହି ସମସ୍ୟା ମୋବାଇଲ ଯୋଗେ ଜଣାଇଲା ପରେ ପରିବାରର ସାଧବୀ ଗଉଡ (୨୧) ନାମ୍ନି ଏକ ବିବାହିତା ମହିଳା ଗତ ଜାନୁୟାରୀ ୧୪ ତାରିଖରେ କେସିଙ୍ଗା ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗ ଶିବିରରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତିକରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲାଶ୍ରମ ଅଧିକାରୀ ଗତ ଜାନୁୟାରୀ ୧୮ ତାରିଖରେ ଶ୍ରମ କମିଶନର ଭୁବନେଶ୍ୱରକୁ ଏହାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚିଠି ନଂ. ୭୭, ପ୍ରେରଣା କରିଛନ୍ତି। ଦାଦନ ଶ୍ରମିକଙ୍କ ସର୍ଦ୍ଦାର ଧିରଜ ଲୋହରା (୪୦)ଙ୍କୁ ମଧ୍ୟ ନୋଟିସ କରାଯାଇଥିବାର ଜଣାପଡିଛି । କିନ୍ତୁ ଜିଲାପାଳଙ୍କ ବ୍ଲକସ୍ତରୀୟ ଅଭିଯୋଗର ୧୫ ଦିନ ଭିତରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା କଥା। ଅଭିଯୋଗର ୨୫ ଦିନ ବିତିଯାଇଥିଲେ ସୁଦ୍ଧା ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇ ନ ଥିବାରୁ ପୁନଃର୍ବାର ଦାଦନ ଶ୍ରମିକଙ୍କ ପରିବାର ପକ୍ଷରୁ ସୋମବାର ଜିଲାପାଳ ଓ ଜିଲାଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି। ଏନେଇ ଅତିରିକ୍ତ ଜିଲାଶ୍ରମ ଅଧିକାରୀ ସଂଗ୍ରାମ ଦଲାଇଙ୍କୁ ପଚାରିବାରୁ ଅଳ୍ପଦିନ ଭିତରେ ତଦନ୍ତ କରି ଉକ୍ତ ଦାଦନଙ୍କୁ ଉଦ୍ଧାର କରିବି ବୋଲି ପ୍ରକାଶ କରିଥିଲେ ।

ଚିଚୈଗୁଡା ଜୁନିୟର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ସୁସ୍ଥ ସମାଜ ଗଠନରେ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ

ଜୁନାଗଡ,୧୨।୨(ଡି.ଏନ୍.ଏ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ଜୁନିୟର ମହାବିଦ୍ୟାଳୟର ବାର୍ଷକ ଉତ୍ସବ ମଙ୍ଗଳବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବୀର କିଶୋର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଶିକ୍ଷାର ବିକାଶ ଉପରେ ହିଁ ସାମାଜିକ ବିକାଶ ଧାରାର ପ୍ରଗତି ନିର୍ଭର କରିଥାଏ। ତେଣୁ ଏକ ସୁସ୍ଥ ସମାଜ ଗଠନ ପାଇଁ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷାର ଦ୍ରୁତ ବିକାଶ କ୍ଷେତ୍ରରେ ପ୍ରୟାସ ଜାରିରହିବା ନିତାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଗଡ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଚିଚୈଗୁଡା ସରପଞ୍ଚ ସୁଧୀରା ମେହେର, ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଶୋକ ମେହେର ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ବୀର କିଶୋର ମେହେର ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଓଡିଆ ଅଧ୍ୟାପକ କାଳୀଚରଣ ଖାଡଙ୍ଗା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଚନା, ଚିତ୍ରାଙ୍କନ, ବିତର୍କ, ସାଧାରଣ ଜ୍ଞାନ, ଗୀତ, ଝୋଟି ଆଦି ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହା ସହ ମହାବିଦ୍ୟାଳୟର ଯୁକ୍ତ୨ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଆଟିଗାଁର ଲୋକନାଥ ଦଣ୍ଡସେନାଙ୍କୁ ଚଳିତ ବର୍ଷଠାରୁ ପ୍ରଥମ ଥର ଭାବେ ସ୍ୱର୍ଗତ ବିଶମ୍ବର ମେହେର ପୁରସ୍କାର ଦିଆଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକେ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହାକି ବେଶ୍ ଚିତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନାରେ ଇଂଲିଶ ଅଧ୍ୟାପକ ଅଶୋକ କୁମାର ସାହୁ, ରାଜେଶ କୁମାର ମୁଣ୍ଡ,ଖେଳ ଶିକ୍ଷକ ସୁଶାନ୍ତ କୁମାର ମୁଣ୍ଡଙ୍କ ସହ ମହାବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।




ଚିଚୈଗୁଡା ଜୁନିୟର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଧାୟକ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।



କୌଣସି ଲୋକ ଦୀର୍ଘକାଳ ଧରି କ୍ଷମତାର ଅପବ୍ୟବହାର କରିପାରେ ନାହିଁ କି ପାରିବ ନାହିଁ।
- ସେନେକା

## ସଂକ୍ଷେପରେ

### ବଙ୍ଗୋମୁଣ୍ଡାରେ କାଳିଆ ରଥର ଶୁଭାରମ୍ଭ

**ବଙ୍ଗୋମୁଣ୍ଡା, ୧୨।୨(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡା ବ୍ଲକରେ କାଳିଆ ରଥର ଶୁଭାରମ୍ଭ ହୋଇଯାଇଛି। ବିଡିଓ ଅନିରୁଦ୍ଧ ପ୍ରଧାନ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିପିଓ ସୁଧିର ଚନ୍ଦ୍ର ଠାକୁର, ବ୍ଲକ ଉପାଧ୍ୟକ୍ଷ ମାମରାଜ ଜୈନ, କାର୍ଯ୍ୟନିର୍ବାହୀ ଅଧିକାରୀ ଶିଶିର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ବିଭିନ୍ନ ପଞ୍ଚାୟତକୁ ଯାଇ ସଚେତନତାର ବାର୍ତ୍ତା ଦେବ ବୋଲି ଅତିଥିମାନେ କହିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

**ଲୋଇସିଂହା,୧୨।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବିଲାଇସର୍ଦା ରାଧେଶ୍ୟାମ ଆଞ୍ଚଳିକ ହାୟର ସେକେଣ୍ଡରୀ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିରର ସୋମବାର ଉଦଘାଟିତ ହୋଇଯାଇଛି। ଆସନ୍ତା ୨୩ ତାରିଖରେ ଉଦଯାପିତ ହେବାକୁ ଥିବା ଏହି ଶିବିରରେ ୨୬ଜଣ ଛାତ୍ରୀ ଆତ୍ମ କୌଶଳ ତାଲିମ ନେଉଛନ୍ତି। ଖେଳ ଶିକ୍ଷକ ମିତ୍ରଭାନୁ ବିଶ୍ୱାଳ ଆତ୍ମରକ୍ଷା ଶିବିରର ସଂଯୋଜନା କରୁଛନ୍ତି। ଅଧ୍ୟାପକ ରୁଦ୍ରଧର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଅଧ୍ୟାପକ ବୈବଶୃତ ବିଶ୍ୱାଳ, ଚୈତନ୍ୟ ଦଣ୍ଡସେନା, ନିରୂପମା ସାହୁ, ନୀଳାଞ୍ଚଳ ତ୍ରିପାଠୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

### ସରସ୍ୱତୀ ଶିଶୁମନ୍ଦିରରେ ମାତୃ ସମ୍ମିଳନୀ

**ଲୋଇସିଂହା,୧୨।୨(ଡି.ଏନ.ଏ.):** ଲୋଇସିଂହା ସରସ୍ୱତୀ ଶିଶୁମନ୍ଦିର ପରିସରରେ ମାତୃ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଭିଭାବିକା ସୁପ୍ରଭା ପଟ୍ଟନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସହ ପ୍ରଧାନଅଚାର୍ଯ୍ୟ ବିଭୂତିପଣ୍ଡା ଅତିଥି ପରିଚୟ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ପ୍ରଧାନ ଅଚାର୍ଯ୍ୟ ସନାତନ ମିଶ୍ର ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ବୋଧ କଥା ମାଧ୍ୟମରେ ଶିଶ ପ୍ରତି ମା'ମାନଙ୍କର ବଳିଷ୍ଠ ଭୂମିକା ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି କର୍ମକର୍ତ୍ତା ଉପସ୍ଥିତ ଥିଲେ। ମାତୃମଣ୍ଡଳୀ ସମ୍ପାଦିକ ପ୍ରଭାସିନୀ ବହିଦାର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ପାଦକ ପ୍ରତାପ ବହିଦାର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଆନ୍ଦୋଳନରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ

**ଖପ୍ରାଖୋଲ, ୧୨।୨ (ଡି.ଏନ.ଏ.):** ୬ ଦଫା ଦାବି ନେଇ ସାତ ଦିନ ହେଲା ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଆନ୍ଦୋଳନ ଜାରି ରଖିଛନ୍ତି। ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହାର ପ୍ରଭାବ ଦେଖିବାକୁ ମିଳିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ୍ ବାଡା, ବିଟିଏମ୍ ସମେତ ଗୋଷ୍ଠୀ ସାଧନ କେନ୍ଦ୍ର ପରାମର୍ଶଦାତା ସାମିଲ ହୋଇଛନ୍ତି। ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ରିପୋର୍ଟ ପ୍ରେରଣ, ପ୍ରସ୍ତୁତି, ଆଶା କର୍ମଚାରୀଙ୍କ ପାଉଣା ପ୍ରଦାନ, ବିଲ ଭାଉଚର ପ୍ରସ୍ତୁତି ଆଦି ପ୍ରଭାବିତ ହେଉଛି। ଦାବୀ ପୂରଣ ନ ହେବା ଯାଏଁ ଆନ୍ଦୋଳନ ଜାରି ରହିବ ବୋଲି ବିପିଏମ୍ ଯୁଗଳ କିଶୋର ସାହୁ ପ୍ରକାଶ କରିଛନ୍ତି। ଏ ନେଇ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା.ପ୍ରହଲ୍ଲାଦ ମେହେରଙ୍କୁ ପଚାରିବାରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଆନ୍ଦୋଳନରତ ଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ କାର୍ଯ୍ୟ ପ୍ରଭାବିତ ହେଉଥିବା କହିଛନ୍ତି।

# ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ

**ଲାଠୋର, ୧୨।୨(ଡି.ଏନ.ଏ.)**

- ସରପଞ୍ଚଙ୍କ ନାମରେ ଏତଲା ଦେଲେ ପଡାବାସୀ
- ପାଲଟା ଅଭିଯୋଗ କଲେ ସରପଞ୍ଚ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ କହିଲା ପୋଲିସ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ଅଖଣ୍ଡଲେଶ୍ୱର ମନ୍ଦିର ସମ୍ମୁଖରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ନେଇ ବିବାଦ ଦେଖାଦେଇଛି। ନିର୍ମାଣକୁ ଲାଠୋର ମନ୍ଦିର ପଡାବାସୀ ବିରୋଧ କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ ଯେ କୌଣସିମତେ କାମ କରିବାକୁ ଯୋର ଦେଉଛନ୍ତି। ଏହାକୁ ନେଇ ଏକ ବିବାଦମାନ ପରିସ୍ଥିତି ସୃଷ୍ଟି ହୋଇଛି। ଘଟଣା ଯାଇ ପହଞ୍ଚିଛି ଲାଠୋର ଥାନାରେ। ପଡାବାସୀ ସରପଞ୍ଚଙ୍କ ବିରୋଧରେ ଥାନାରେ ଏତଲା ଦେଇଥିବା ବେଳେ ପାଲଟା ଅଭିଯୋଗ କରିଛନ୍ତି ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ। ଉଭୟ ପକ୍ଷରୁ ଅଭିଯୋଗ ମିଳିଛି। ତଦନ୍ତ ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ଲାଠୋର ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର।

ସୂଚନା ଅନୁଯାୟୀ ଅନୁଯାୟୀ, ଗତ ୯୦ବର୍ଷରୁ ଉର୍ଦ୍ଧ୍ୱ ହେବ ଲାଠୋର ଅଖଣ୍ଡଲେଶ୍ୱର ମନ୍ଦିର ସମ୍ମୁଖରେ ଗୋରୁବଜାର ବସି ଆସୁଛି। କିଛି ବର୍ଷ ତଳେ ସେହି ବଜାର ପ୍ରାଙ୍ଗଣରେ ପଞ୍ଚାୟତ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯାଇଛି। ତେବେ ଏବେ ଅଧିକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପଞ୍ଚାୟତ ତରଫରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରପଞ୍ଚ ଅଗ୍ରୱାଲଙ୍କ ଉପସ୍ଥିତିରେ ଗତ ୮ତାରିଖ ଦିନ ମନ୍ଦିର ସମ୍ମୁଖରେ ଜେସିବି ଲଗାଇ ନିହ ଖୋଳା କାମ ଆରମ୍ଭ ହୋଇଥିଲା। ଅଧିକ ନିର୍ମାଣ ଫଳରେ ସମ୍ପୃକ୍ତ ସ୍ଥାନ ଅଧିକ ସଙ୍କୁଚିତ ହୋଇଯିବା ଅଭିଯୋଗ କରି ଏହାକୁ ସ୍ଥାନୀୟ ପଡାବାସୀ ବିରୋଧ କରି ଜେସିବିକୁ ଫେରାଇ ଦେଇଥିଲେ। ଘଟଣାର ୪ଦିନ ପରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସରପଞ୍ଚ ଅଗ୍ରୱାଲ ଘଟଣାସ୍ଥଳକୁ ଆସିଥିଲେ। ପଡର ମୋହନ କୈବର୍ତ୍ତ୍ୟଙ୍କୁ ଡାକି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ କାହିଁକି ବିରୋଧ କରୁଛ ବୋଲି ପଚାରିଥିଲେ। ପରେ ସେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଆଗକୁ ବିରୋଧ କଲେ ତତେ ବାନ୍ଧି ଥାନାକୁ ପଠାଇ ଦେବି ବୋଲି କୁଆଡେ ଧମକ ଦେଇଥଲେ। ଖବର ପ୍ରଚାରିତ ହେବା ପରେ ପଡାରେ ଉତ୍ତେଜନା ଦେଖାଦେଇଥିଲା। ପଡାବାସୀ ଥାନାକୁ ଯାଇ ସରପଞ୍ଚଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ସରପଞ୍ଚ ଅଗ୍ରୱାଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମ୍ପୃକ୍ତ ଯୁବକମତେ ଗାଳିଗୁଲଜ କରି ଓଲଟା ଥାନାରେ ମୋ ନାଁରେ ଅଭିଯୋଗ କରିଛନ୍ତି। ଏହା ମୋ ବିରୋଧରେ ଏକ ଷଡ଼ଯନ୍ତ୍ର। ଅଭିଯୋଗକୁ ମୁଁ ଦୃଢ଼ ଭାବେ ଖଣ୍ଡନ କରୁଛି। କହିବାକୁ ଗଲେ ଏବେ ମାର୍କେଟ ନିର୍ମାଣ ପ୍ରସଙ୍ଗରେ ସରପଞ୍ଚ ଏବଂ ପଡାବାସୀ ମୁହାଁମୁହିଁ ଅବସ୍ଥାକୁ ଚାଲି ଆସିଛନ୍ତି।

### ସ୍ମୃତି ବାଣ୍ଟିଲେ ପୁରାତନ ଛାତ୍ରୀଛାତ୍ର

**ଲୋଇସିଂହା,୧୨।୨(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲର ୧୯୯୮ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ ବନ୍ଧୁ ମିଳନରେ ପ୍ରାକ୍ତନ ଛାତ୍ରୀଛାତ୍ର ଓ ତାଙ୍କ ପରିବାର ଯୋଗଦେଇ ସ୍ମୃତି ବାଣ୍ଟିଥିଲେ। ଦୀର୍ଘ ବର୍ଷ ପରେ ଏକାଠି ହୋଇଥିବାରୁ ସେମାନେ ଖୁସିବ୍ୟକ୍ତ କରିଥିଲେ। ସୁଶାନ୍ତ ବାରିକ, ଚନ୍ଦ୍ରଭାନୁ ସାହୁ, ଯଜ୍ଞ କୁମାର ସାହୁ, ଗୌରୀଶଙ୍କର ବେହେରା, ତ୍ରିଲୋଚନ ବାରିକ, ଓମପ୍ରକାଶ ସାହୁ, କାଞ୍ଚନ ବାରିକ, ଜାନ୍ତନୁ ବାରିକ, ଜ୍ଞାନ ସାହୁ, ନାରାୟଣ ସାହୁ, ଅରୁନ୍ଧତୀ ସାହୁ ଉପସ୍ଥିତ ଥିଲେ।

# ଜିଲା ଓକିଲ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

**ବଲାଙ୍ଗୀର ଅଫିସ, ୧୨।୨**



ବଲାଙ୍ଗୀର ଜିଲା ଓକିଲ ସଂଘ ସଦସ୍ୟମାନେ ସ୍ଥାନୀୟ ସର୍କିଟ ହାଉସକୁ ଯାଇ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭାରତୀୟ ଆଇନଜୀବୀ ପରିଷଦ ଓ ରାଜ୍ୟ ଆଇନଜୀବୀ ପରିଷଦ ଆହ୍ୱାନକ୍ରମେ ମଙ୍ଗଳବାର ବଲାଙ୍ଗୀର ଜିଲା ଓକିଲ ସଂଘ ପକ୍ଷରୁ ଜିଲାପାଳ ଅରିନ୍ଦମ ଡାକୁଆଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଓକିଲ ସଂଘ ସଭାପତି ଅଶୋକ କୁମାର ମହାନ୍ତି ଓ ସମ୍ପାଦକ ଅମନ ନାଗଙ୍କ ନେତୃତ୍ୱରେ ସଂଘର ଶତାଧିକ ଓକିଲ ଏକ ବାଇକ୍ ରାଲିରେ ସ୍ଥାନୀୟ ସିଭିଲ କୋର୍ଟରୁ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆଇନଜୀବୀମାନଙ୍କ ବିଭିନ୍ନ ଦାବିନେଇ ଜିଲାଜଜ୍ ଓ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଦେଶର ସମସ୍ତ ବାର୍ ଆସୋସିଏଶନ ପାଇଁ ଆବଶ୍ୟକ ଗୃହ ସରଞ୍ଜାମ, ଲାଇବ୍ରେରୀ, ଇଣ୍ଟରନେଟ୍ ବ୍ୟବସ୍ଥା ନିମନ୍ତେ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କାର ବ୍ୟୟବରାଦ କରିବା ଏବଂ ସେଥିରେ ଓକିଲ ଓ ତାଙ୍କ ପରିବାର ପାଇଁ ବୀମା ବ୍ୟବସ୍ଥା କରିବା, ନୂତନ ଭାବେ ଯୋଗ ଦେଇଥିବା ଓକିଲମାନଙ୍କୁ ମାସିକ ୧୦ହଜାର ଟଙ୍କା ଷ୍ଟାଇପେଣ୍ଡ, ଓକିଲମାନଙ୍କୁ କମ୍ ଦରରେ ଜମି ଯୋଗାଇ ଦେବାକୁ ଦାବି କରଛନ୍ତି। ହରିଆନା ସରକାର ଯେପରି ଯୋଜନା ମାଧ୍ୟରେ ଓକିଲମାନଙ୍କ ପାଇଁ ଜମି ଯୋଗାଇ ଦେଇଛନ୍ତି, ସେଭଳି ଓଡ଼ିଶା ସରକାର ମଧ ଯୋଜନା ଲାଗୁ କରିବା, ଲିଗାଲ ସର୍ଭିସ ଅଥରିଟି ଆକ୍ଟର ସଂଶୋଧନ କରାଯାଇ ଅବସରପ୍ରାପ୍ତ ବିଚାରପତି କିମ୍ବା ଜୁଡିସିଆଲ ଅଫିସରଙ୍କ ସହିତ ଅଭିଜ୍ଞ ଆଇନଜୀବୀଙ୍କୁ ସରକାରୀ ପଦବୀରେ ଅବସ୍ଥାପିତ ଆଦି ୫ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପୂରଣକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଓକିଲମାନେ ଏହାକୁ ଦୃଢ଼ ବିରୋଧ କରିବା ସହିତ ୧୧ ଓ ୧୨ ତାରିଖ ଦୁଇଦିନ ଧରି କାର୍ଯ୍ୟରୁ ନିବୃତ୍ତ ରହିଥିଲେ। ମଙ୍ଗଳବାର ଅନୁଷ୍ଠିତ ଶୋଭାଯାତ୍ରାରେ ଓକିଲ ସଂଘ ବରିଷ୍ଠ ସଦସ୍ୟ ରତନ ମହାରଣା, ବିଜୟ ମିଶ୍ର, ରବି ବହିଦାର, ଅଶ୍ୱିନୀ ତ୍ରିପାଠୀ, ପ୍ରମୋଦ ତ୍ରିପାଠୀ, ଅରବିନ୍ଦାକ୍ଷ ପୂଜାରୀ, ରାଧାକାନ୍ତ ମହାକୁଡ, ବିଜୟ ମିଶ୍ର, ସ୍ୱର୍ଣ୍ଣଭୂଷଣ ସାହୁ, ବାସୁଦେବ ରଥ ଓ ଅନ୍ୟମାନେ ସାମିଲ ହୋଇଥିଲେ।

# ବିଟ୍ ରାସ୍ତାରେ ଭୁଜାଲି ମାଡ଼, ଯୁବକ ଗୁରୁତର

**ବଲାଙ୍ଗୀର ଅଫିସ, ୧୨।୨**



ଆକ୍ରମଣର ଶିକାର ଯଶୋବନ୍ତ ମହାନ୍ତି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

- ଆକ୍ରମଣକାରୀ ଫେରାର, ଲୋକେ ଆତଙ୍କିତ
- ବଲାଙ୍ଗୀର ପୋଲିସକୁ ଖୋଲା ଚ୍ୟାଲେଞ୍ଜ
- ମୁଣ୍ଡରେ ଲାଗିଛି ୨୩ଟି ଷ୍ଟିଚ୍

ବଲାଙ୍ଗୀର ସହରରେ ଆପରାଧିକ ଘଟଣା, ଲୁଟ୍‌ପାଟ ଘଟଣା ଥମୁନାହିଁ। ଅସାମାଜିକ ତତ୍ତ୍ୱମାନେ କେତେବେଳେ ବନ୍ଧୁକ ଫୁଟାଇ ତ କେତେବେଳେ ଭୁଜାଲି ଓ ଅନ୍ୟାନ୍ୟ ମାରଣାସ୍ତ୍ର ଧରି ସହର ତଥା ଉପକଣ୍ଠରେ ଅପରାଧ ଘଟାଇ ଚାଲିଛନ୍ତି। ଏସପି କେ. ଶିବା. ସୁବ୍ରମଣି ସ୍ୱତନ୍ତ୍ର ସ୍କ୍ୱାଡ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖି ଅପରାଧିଙ୍କୁ କାବୁ କରିବାକୁ ଚେଷ୍ଟା କରୁଥିଲେ ମଧ ସେମାନେ ପୋଲିସକୁ ଖାତିର କରୁଥିଲଶ ଭଳି ମନେ ହେଉନାହିଁ। ମଙ୍ଗଳବାର ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ସହର କୋଶଳ କଳାମଣ୍ଡଳ ବିଟ୍ ରାସ୍ତାରେ ଦୁଇଜଣ ଯୁବକ ଭୁଜାଲି ବୁଲାଇ ଆତଙ୍କ ଖେଳାଇଥିଲେ। ଜଣେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିଥିବା ବେଳେ ଅନ୍ୟ ଜଣଙ୍କୁ ଆକ୍ରମଣ ପାଇଁ ଗୋଡାଇଥିଲେ। ସହର ମଧ୍ୟସ୍ଥଳରେ ତଥା ଟାଉନ୍ ଥାନା ଓ ଏସପି ଅଫିସଠାରୁ ପ୍ରାୟ ୩ ଶହ ମିଟର ଦୂର ବ୍ୟସ୍ତବହୁଳ ବିଟ୍ ରାସ୍ତାରେ ଭୁଜାଲି ବୁଲିବା ପରେ ଲୋକେ ଆତଙ୍କିତ ହୋଇପଡିଛନ୍ତି।

ଅପରାହ୍ଣରେ ବଲାଙ୍ଗୀର ରାଜୀବନଗର ଯଶୋବନ୍ତ ମହାନ୍ତି (୧୮) ଓ ତାଙ୍କର ଜଣେ ସାଙ୍ଗ ନିଜର ବାଇକ୍‌କୁ କଳାମଣ୍ଡଳ ରାସ୍ତାକଡରେ ଥିବା ଏକ ୱାଟର ସାର୍ଭିସିଂ ସେଣ୍ଟରରେ ସଫା କରୁଥିବାବେଳେ ଦୁଇଜଣ ଯୁବକ ଏକ ବାଇକରେ ଆସି ଅତର୍କିତ ଆକ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଦୁଇ ହାତରେ ଦୁଇଟି ଭୁଜାଲି ଧରି ୱାଟର ସର୍ଭିସିଂ ସେଣ୍ଟରରେ ଥିବା ଯଶୋବନ୍ତ ଓରଫ୍ ବ୍ରହ୍ମାଙ୍କ ମୁଣ୍ଡରେ ଓ ଅଣ୍ଟାରେ ଦୁଇଚୋଟ୍ ମାରିଥିଲା। ଏହାପରେ। ବ୍ରହ୍ମାଙ୍କ ସାଙ୍ଗ ମନଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲା। ଆକ୍ରମଣ କରି ଦୁଇ ଯୁବକ ସେଠାରୁ ବାଇକରେ ଫେରାର ହୋଇଯାଇଥିଲେ। ଗୁରୁତର ଆହତ ଯଶୋବନ୍ତଙ୍କୁ ବଲାଙ୍ଗୀର ସରକାରୀ ମେଡିକାଲ କଲେଜ ହସପିଟାଲକୁ ଅଣାଯାଇଥିଲା। ତାଙ୍କ ମୁଣ୍ଡରେ ୫ଟି ଓ ଅଣ୍ଟାରେ ୧୮ଟି ଷ୍ଟିଚ୍ ଲାଗିଛି। ଗାନ୍ଧୀନଗରପଡାର ମୁନା ନାମକ ଜଣେ ଯୁବକ ଏହି ଆକ୍ରମଣ କରିଥିବା କୁହାଯାଇଛି। ତେବେ କେଉଁ କାରଣରୁ ଯଶୋବନ୍ତଙ୍କୁ ଆକ୍ରମଣ କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ଏବେ ବଲାଙ୍ଗୀର ସହରରେ ଅବାଧ ନିଶା କାରବାର, ଲୁଟପାଟ ଘଟଣା ବୃଦ୍ଧି ପାଇଚାଲିଛି। ସହର ଭିତରେ ମାରପିଟ, ଉପକଣ୍ଠ ସହ ସହର ଭିତରେ ଲୁଟ୍‌ପାଟ ସାଧାରଣ କଥାରେ ପରିଣତ ହୋଇଛି। ତେବେ ମଙ୍ଗଳବାର ଅପରାହ୍ଣରେ ଏହି ଭୁଜାଲି ମାଡ ଘଟଣାର ଅସଲ କାରଣ ଜଣାପଡି ନ ଥିବାରୁ ଘଟଣାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏନେଇ ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁଙ୍କ ପଚରାଯିବାରୁ କଳାମଣ୍ଡଳ ରାସ୍ତାରେ ଭୁଜାଲି ମାଡ ଘଟଣା ଘଟିଥିବା ଜଣାପଡିଥିଲେ ମଧ ଏପର୍ଯ୍ୟନ୍ତ ଆକ୍ରମଣର ଶିକାର ହୋଇଥିବା ଯୁବକ ଆକ୍ରମଣକାରୀଙ୍କ ସମ୍ପର୍କରେ କିଛି କହିନାହାନ୍ତି କି ଅଭିଯୋଗପତ୍ର ଦାଖଲ କରି ନ ଥିବା କହିଛନ୍ତି। ତେବେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ସେ ସୂଚନା ଦେଇଛନ୍ତି।

### ବିପିନ ବିହାରୀ ମେମୋରିଆଲ କ୍ରିକେଟ

# ସେମିଫାଇନାଲରେ ଗାଇବାହାଲ

**ଦେଓଗାଁ, ୧୨।୨(ଡି.ଏନ.ଏ.)**

ଦେଓଗାଁ ବ୍ଲକ ସାରସବାହାଲ ନିକଟସ୍ଥ ଡାକବଙ୍ଗଳା ଖେଳପଡିଆରେ ଚାଲିଥିବା ବିପିନ ବିହାରୀ ମେମୋରିଏଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ। ଏହି ଦିନ କୁଠୁର୍ଲା ଓ ଦେଓଗାଁ ରାମ ଫାଇଟର ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଓଗାଁ ଦଳ ବିଜୟୀ ହୋଇଥିଲା। ଗାଇବାହାଲ ଓ କୁଡାସିଂହା ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଇବାହାଲ ଦଳ ବିଜୟୀ ହୋଇଥିଲେ। ପରେ ଗାଇବାହାଲ ଓ ଦେଓଗାଁ ଦଳ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଅମୀମାଂଶିତ ରହିଥିଲା। ଫଳରେ ସୁପରଓଭରର ସହାଯ୍ୟ ନିଆଯାଇଥିଲା। ଏଥିରେ ଦେଓଗାଁ ଦଳ ପ୍ରଥମେ ବ୍ୟାଟିଂ କରି ଗୋଟିଏ ଓଭରରେ ୧୪ରନ କରିଥିବା ବେଳେ ଆବଶ୍ୟକ ରନକୁ ଗାଇବାହାଲ ଦଳ ହାସଲ କରି ବିଜୟୀ ହୋଇ ସେମିଫାଇନାଲସ୍ତରକୁ ଉନ୍ନିତ ହୋଇଥିଲା। ହେମନ୍ତ ମାହାକୁରଙ୍କ ଆୟୋଜନରେ ଚାଲିଥିବା ଖେଳକୁ ରିତୁ ବୁଡେକ, ମୁନା ବାରିକ, ସୁରୁ ବକୁଳ, ବଳବନ୍ତ ପରୁଆ, ଅନୀଲ କୁମାର ସେଠ ପ୍ରମୁଖ ପରିଚାଳନା କରିଥିଲେ। ପପୁନ ରଣା ଓ କାଳିଆ ଉଦୁରକୁଲିଆ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ଲକି ଅଗ୍ରୱାଲ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ହେମନ୍ତ ମାହାକୁରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଭ୍ୟ ତଥା ବ୍ଲକ ବିଜେଡି ସଭାପତି ସୁଶୀଲ କୁମାର ଚାନ୍ଦ, ସମ୍ମାନୀତ ଅତିଥି ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।



ବିପିନ ବିହାରୀ ମେମୋରିଏଲ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ ଦିବସରେ ବିଜେତା ଗାଇବାହାଲ ଦଳର ଖେଳାଳି।

### ପୋଲିସର ଜନସମ୍ପର୍କ ଶିବିର

**ପାଟଣାଗଡ,୧୨।୨(ଡି.ଏନ.ଏ.)**

ଲରମ୍ଭା ଥାନା ତରଫରୁ ମଙ୍ଗଳବାର ଗଭରାଠାରେ ପୋଲିସର ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ କିଶୋର ପଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଗଭରା ଗ୍ରାମବାସୀ ଏବଂ ଡାଙ୍ଗବାହାଲ ଗ୍ରାମ ପଞ୍ଚାୟତର ଅନେକ ଲୋକ ଯୋଗ ଦେଇଥିଲେ। ପୋଲିସ ତରଫରୁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାଓବାଦୀ ଉପଦ୍ରୁତ ଏହି ଅଞ୍ଚଳବାସୀ କିଭଳି ସାମାଜିକ ମୁଖ୍ୟସ୍ରୋତରେ ସାମିଲ ହେବେ ତାହା ଉପରେ ପୋଲିସ ତରଫରୁ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ପରେ ପରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ପ୍ରକାର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ ଘସିଏନ, ତମିଆ, ଜାଲପାଲି, ଡାଙ୍ଗବାହାଲ, ଦମକିପାଲି ର କ୍ରିକେଟ ଦଳ ମାନଙ୍କୁ ନେଇ ଏକ କ୍ରିକେଟ ଟୁର୍ନାମେଣ୍ଟର ମଧ ଆୟୋଜନ କରାଯାଇଥି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

### ତେଲେନପାଲିରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ଖପ୍ରାଖୋଲ, ୧୨।୨ (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ତଥା ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ବିପ୍ର ବିଶି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଶିବିରରେ ୫ ଜଣ ବିଶେଷଜ୍ଞ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ଶିବିରରେ ୩୦୦ ଜଣଙ୍କୁ ମାଗଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଟିକେଶ୍ୱର ଧରୁଆ, ଯଦୁମଣି ବରିହା, ଦେବରାଜ ବରିହା, କୈଳାଶ ବିଶି ପ୍ରମୁଖ ସହଯୋଗ କରିଥିଲେ।। ଆଦିବାସୀ କଲ୍ୟାଣ ସଂଘ ଓ କିମସ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା।

# ଜିଲାପାଳଙ୍କ ଜନଶୁଣାଣି ଶିବିର

**କଣ୍ଟାବାଞ୍ଜି,୧୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ପଞ୍ଚାୟତ ସମିତି ସମ୍ମିଳନୀ ସଭାଗୃହରେ ଜିଲାପାଳଙ୍କ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅରବିନ୍ଦ ଡାକୁଆ, ଏସପି କେ.ଶିବା ସୁବ୍ରମଣୀ, ଟିଟିଲାଗଡ ଉପଜିଲାପାଳ ସୁଧାକାର ନାୟକ, ଏସଡିପିଓ ସରୋଜ କୁମର ମହପାତ୍ର, ବିଡିଓ ପ୍ରଭାତ କୁମାର ସାହୁ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୯୨ଟି ଅଭିଯୋଗପତ୍ର ଦାଖଲ ହୋଇଥିଲା। ଜିଲାପାଳ ଡାକୁଆ ସମସ୍ତ ଅଭିଯୋଗର ନରୀକ୍ଷଣ କରି ଯଥାଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତନ୍ମଧ୍ୟରୁ ୧୨୧ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।




ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଆନ୍ଦୋଳନରେ ମଙ୍ଗଳବାର ଓଡିଶା ଟେଲିକମ୍ ମାଇକ୍ରୋୱେଭ ମଜଦୁର ସଂଘ ସାମିଲ ହୋଇ ସମର୍ଥନ ଘୋଷଣା କରିଛନ୍ତି।



ଫୁଟବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ ଖେଳରେ ଖେଳାଳିଙ୍କ ଗହଣରେ ଅତିଥି।

# ସର୍ବଭାରତୀୟ ଫୁଟବଲ: ବିହାର ବକ୍ସର ବିଜୟୀ

**ଟିଟିଲାଗଡ଼,୧୨।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଖୋଲାନ ମିନି ଷ୍ଟାଡିୟମଠାରେ ଚାଲିଥିବା ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଦ୍ୱିତୀୟ ଦିବସର ଖେଳ ବିହାର ବକ୍ସର ଏବଂ ଖୋଲାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଅବଧି ସୁଦ୍ଧା ଫଳାଫଳ ଅମୀମାଂସିତ ରହିବାରୁ ଶେଷରେ ଟାଇବ୍ରେକର ଜରିଆରେ ବିହାର ବକ୍ସର ବିଜୟୀ ଘୋଷିତ ହୋଇଥିଲା। ଟିଟିଲାଗଡ ପୌର ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ନାଗ ଏବଂ ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଅରୁଣ ମିଶ୍ର ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ମା' ଦ୍ୱାରସେନୀ ଡେଭଲପମେଣ୍ଟ ସୋସାଇଟି ପକ୍ଷରୁ ଅନୁଷ୍ଠିତ ଏହି ମ୍ୟାଚକୁ ରେଫରି ଭାବରେ ଶ୍ରୀବତ୍ସ ବେହେରା, ଆର୍ଶିବାଦ ସା, ଆଶିଷଦେବ ସା ଏବଂ ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ସୋସାଇଟି ଅଧ୍ୟକ୍ଷ ନରେଶ ଅଗ୍ରୱାଲ, ଆୟୋଜକ କମିଟି ସଭାପତି କ୍ଷମାନିଧି ଭୁୟାଁ, ସମ୍ପାଦକ ସନ୍ୟାସୀ ନାୟକ, ଉପସଭାପତି ବଟକୃଷ୍ଣ ଗୌଡ, ଯୁଗ୍ମ ସମ୍ପାଦକ ମନୋଜ ଗୌଡ, ସୁରେଶ ରଣା, ଲବଲୁ ଗୌଡ, ପ୍ରମୋଦ ରଣା, କାଲୁ ସ୍ୱାଇଁ, ଦ୍ୱାରୁ ରଣା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ଫେବୃୟାରୀ, ୨୦୧୯



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ସଙ୍ଗୀତ ଶିଳ୍ପୀ ସମାଜ ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୨।୨:** ସେକ୍ଟର-୩ ଜଗନ୍ନାଥ ମନ୍ଦିର ପରିସରରେ ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକୋତ୍ସବ ପାଳିତ ହୋଇଛି। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ମହିମା ଆଶ୍ରମ ପରିଚାଳକ ବାବା କରୁଣାକର ଦାସ ଓ ଶିକ୍ଷାବିତ୍ ପ୍ରଫେସର ଜେ.କେ. ରାଓ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଶରତ ଧଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡ. ସୁଶାନ୍ତ ପାଣି ବାର୍ଷିକ ବିବରଣୀ ପାଠ ଓ ମଞ୍ଚ ସଂଯୋଜନା କରିଥିଲେ। ସଙ୍ଗୀତର ଉପଯୋଗିତା ନେଇ ଅତିଥି ବକ୍ତବ୍ୟରେ ଆଲୋକପାତ କରିଥିଲେ। ଏହି ଅବସରେରେ ବାଲାଙ୍ଗୀର ଜିଲାର ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ରାଉରକେଲାର ଜଣାଶୁଣା ତବଲା ବାଦକ ଗୁରୁ ଗୋକୁଳାନନ୍ଦ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନ ଶିଳ୍ପୀମାନଙ୍କ ଦ୍ୱାରା ହିନ୍ଦୁସ୍ଥାନୀ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ସହ ବଂଶୀ ବାଦନ କରାଯାଇଥିଲା। ଗୁରୁ ଶୁଭ୍ରାଂଶୁ ମିଶ୍ର ଚମତ୍କାର ହିନ୍ଦୁସ୍ଥାନୀ ସଙ୍ଗୀତ ଗାନକରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ରଜତ ପଣ୍ଡା, ପ୍ରଦୀପ ପଣ୍ଡା, ନରସିଂହ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ପ୍ରଫୁଲ୍ଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ।



### ବିଜ୍ଞାନ, ହସ୍ତଶିଳ୍ପ, ଚିତ୍ରକଳା ପ୍ରଦର୍ଶନୀ

**ରାଉରକେଲା ଅଫିସ,୧୨।୨:** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଦ୍ୱାରା ପରିଚାଳିତ ନିଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ମଙ୍ଗଳବାର ବିଜ୍ଞାନ, ହସ୍ତଶିଳ୍ପ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହାକୁ ଆର୍‌ଏସ୍‌ପି ସିଇଓ ଅଶ୍ୱିନୀ କୁମାର ଉଦ୍‌ଘାଟନ କରିଥିଲେ। ଏଥିରେ ଦୀପିକା ମହି। ସଂଘଟି ଅଧକ୍ଷା ସବିତା କୁମାରୀଙ୍କ ସମେତ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ ଇଡି ରାଜୀବ ଅଗ୍ରୱାଲ, ଓଏସ୍‌ଡି ଦୀପକ ଚଚ୍ଚରାଜ, କାର୍ମିକ ଓ ପ୍ରଶାସନିକ ବିଭାଗ ଇଡି ରାଜବୀର ସିଂ, କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀ, ଦୀପିକା ମହିଳା ସଂଘଟି ଉପାଧକ୍ଷା ରେଖା ଅଗ୍ରୱାଲ ଓ ଅନୁରାଧା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସିଇଓ କୁମାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ବୁଲି ଦେଖିବା ସହ ଏହାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ମୋଟ ୧୬୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଅବହେଳିତ ବର୍ଗର ପିଲାଙ୍କୁ ନିଶୁଳ୍କ ଶିକ୍ଷା ପ୍ରଦାନ କରାଯାଉଛି। ଦୀପିକା ମହିଳା ସଂଘଟି ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମସ୍ତ ସୁବିଧା ମାଗଣାରେ ଯୋଗାଇ ଦିଆଯାଉଛି। ଅକ୍ଷୟପାତ୍ର ପ୍ରକଳ୍ପ ମାଧମରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମଧ ଯୋଗାଇ ଦିଆଯାଉଛି।

# ପାଣି ପାଇପ୍ ସଂଯୋଗକୁ ନେଇ ଛକାପଞ୍ଝା

**ବଲାଙ୍ଗୀର ଅଫିସ, ୧୨।୨**



ତୁଳସୀନଗର ରଘୁନାଥ ମନ୍ଦିର ଗଳି।

**ରଘୁନାଥ ମନ୍ଦିର ଗଳି**
- ୨ ଥର ଫେରିଲେଣି ଜନସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ
- ଭ୍ରାନ୍ତ ଧାରଣାରୁ ଅଟକିଛି ପାଇପ ସଂଯୋଗ କାମ

ବଲାଙ୍ଗୀର ସହର ତୁଳସୀନଗର ରଘୁନାଥ ମନ୍ଦିର ଗଳିରେ ପାଣି ପାଇପ ସଂଯୋଗ ହୋଇନାହିଁ। ଦୁଇମାସରୁ ଉର୍ଦ୍ଧ୍ୱ ହେଲା ଏହି ଗଳି ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ୍ ବିଛା କାମ ସରିଛି। ତେବେ ଏ ପର୍ଯ୍ୟନ୍ତ ଏହି ନୂଆ ପାଇପ୍‌ରେ ପାଣି ଯୋଗାଣ ସମ୍ଭବ ହୋଇନାହିଁ। ଫଳରେ ପଡାବାସୀ ପାଣି ନ ପାଇ ହଇରାଣ ହେଉଛନ୍ତି। ପଡାବାସୀ ଜନସ୍ୱାସ୍ଥ୍ୟ ବିଭାଗକୁ ଏଥିସକାଶେ ଦାୟୀ କରୁଥିବାବେଳେ ବିଭାଗ ତରଫରୁ କିନ୍ତୁ ଭିନ୍ନ ତଥ୍ୟ ଦିଆଯାଇଛି। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରାଜୀବ କିଶାନଙ୍କୁ ପଚାରିବାରୁ ପାଇପ ବିଛା ଯିବା ପରେ ପାଣି ଯୋଗାଣ କରିବାରେ କୌଣସି ଅସୁବିଧା ନାହିଁ ବୋଲି କହିଛନ୍ତି। ତେବେ ପଡାବାସୀଙ୍କ କିଛି ଭ୍ରାନ୍ତ ଧାରଣାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୁଖ୍ୟରାସ୍ତାରେ ଥିବା ପାଇପ୍ ସହ ଗଳି ରାସ୍ତା ପାଇପ୍ ସଂଯୋଗ କରାଯିବାକୁ ବିଭାଗ ତରଫରୁ ଦୁଇଥର ଉଦ୍ୟମ କରାଯାଇଥିଲେ ମଧ ପଡାର କିଛି ଲୋକଙ୍କ ଅଯଥା ବିରୋଧ ଯୋଗୁଁ ପାଇପ୍ ସଂଯୋଗ ହୋଇପାରୁ ନ ଥିବା ସେ ଦର୍ଶାଇଛନ୍ତି। ଏହି ପଡାର ମୁଖ୍ୟ ରାସ୍ତାରୁ ରଘୁନାଥ ମନ୍ଦିର ଗଳି ରାସ୍ତାକୁ ପାଇପ୍ ସଂଯୋଗ କରାଯିବା ବଦଳରେ ପଡାର କିଛି ଲୋକେ ଏକ ବେସରକାରୀ ପ୍ଲଟ୍ ଭିତର ଦେଇ ଅନ୍ୟ ଏକ ଗଳିରୁ ପାଇପ୍ ସଂଯୋଗ କରିବାକୁ ଦାବି କରିବା ସହ ଚାପ ପକାଉଛନ୍ତି। କିଶାନ କହିଛନ୍ତି ଯେ, ପ୍ରାଇଭେଟ୍ ପ୍ଲଟ୍ ଦେଇ ପାଇପ୍ ସଂଯୋଗ କରାଗଲେ ଆଗକୁ ଅନେକ ଅସୁବିଧା ହେବ। କୌଣସି କାରଣରୁ ପାଇପ ମରାମତି କାମ ଆବଶ୍ୟକ ହେଲେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ତେବେ ଏହି କଥାକୁ କିଛି ଲୋକେ ବୁଝିବାକୁ ନାରାଜ। ସେମାନେ ଯେତେଦିନ ହେଲା ଦାବି କଲେଣି ମୁଖ୍ୟ ରାସ୍ତା ପାଇପରୁ ଜଳଯୋଗାଣ ସଂଯୋଗ ହୋଇଥିଲେ ପାଇପ ପାଣି ପାଇ ସାରିଥାନ୍ତେ। ତେବେ ଏହା ସମ୍ଭବ ହେଉନାହିଁ। କିଛି ଲୋକ ବେସରକାରୀ ପ୍ଲଟ୍ ସଂଲଗ୍ନ ଦେଇ ପାଇପ ପକାଇବାକୁ ବାଧ୍ୟ କରୁଛନ୍ତି। ଇତିମଧ୍ୟରେ ମ୍ୟୁନିସିପାଲିଟି ଅଫିସକୁ ଯାଇ ଉକ୍ତ ପ୍ଲଟ୍ ମଝିରେ ସଂକୀର୍ଣ୍ଣ ରାସ୍ତା ଥିବା ଦର୍ଶାଇ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କଠାରୁ ଏବାବଦରେ ଏକ ଲେଖା ଆଣିଥିବା ଦାବି କରିଛନ୍ତି। ତେବେ ମୁଖ୍ୟ ରାସ୍ତାରେ ସମସ୍ତ ସୁବିଧା ଥିବା ସତ୍ତ୍ୱେ ପଡାର କିଛି ଲୋକ କେଉଁ କାରଣରୁ ବେସରକାରୀ ପ୍ଲଟ୍ ସଂଲଗ୍ନ ଦେଇ ପାଣି ପାଇପ୍ ସଂଯୋଗ କରିବାକୁ ଚାହୁଁଛନ୍ତି ବୁଝାପଡୁନାହିଁ। ଉକ୍ତ ଗଳିର କିଛି ଲୋକଙ୍କ ଧାରଣା ରହିଛି ଯେ, ମୁଖ୍ୟ ରାସ୍ତାର ପାଇପ ସହ ଗଳି ରାସ୍ତାର ପାଇପକୁ ସଂଯୋଗ କଲେ ପାଣି ପ୍ରେସର କମିଯିବ। ତେବେ ଏହା ସମ୍ପୂର୍ଣ୍ଣ ଅମୂଳକ ବୋଲି କନିଷ୍ଠ ଯନ୍ତ୍ରୀ କିଶାନ କହିଛନ୍ତି।

ତୁଳସୀନଗରରେ ୨ଲକ୍ଷ ଲିଟରର ଓଭରହେଡ ଟ୍ୟାଙ୍କ ରହିଛି। ଏଠାରୁ ଇନ୍ଦିରାନଗର, ନୂଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପାଣି ଯୋଗାଣ ହେଉଥିବାବେଳେ ଓଭରହେଡ ଟାଙ୍କିରୁ ପ୍ରାୟ ୩ ଶହ ମିଟର ଦୂରରେ ଥିବା ଗଳିରେ କିଭଳି ପାଣି ପ୍ରେସର କମିଯିବ ବୁଝାପଡୁନାହିଁ ବୋଲି କିଶାନ ସୂଚନା ଦେଇଛନ୍ତି। ରଘୁନାଥ ମନ୍ଦିର ଗଳିର ପାଇପ ସଂଯୋଗୀକରଣକୁ ନେଇ ପ୍ରାୟ ଦୁଇମାସ ହେଲା ଛକାପଞ୍ଝା ସ୍ଥିତି ସୃଷ୍ଟି ହୋଇଛି। ପ୍ରାଇଭେଟ୍ ପ୍ଲଟ୍ ସଂଲଗ୍ନ ଦେଇ ପାଇପ୍ ସଂଯୋଗ କରିବାକୁ କେତେକ ଚାହୁଁଥିବାବେଳେ ମୁଖ୍ୟ ରାସ୍ତାରୁ ହେବାକୁ ଥିବା ପାଇପ୍ ସଂଯୋଗକୁ ବିରୋଧ କରୁଛନ୍ତି। ଅନ୍ୟପଟେ ମୁଖ୍ୟ ରାସ୍ତାରୁ ପାଇପ ସଂଯୋଗୀକରଣ ନେଇ ସମସ୍ତ ସୁବିଧା ଥିବା ସତ୍ତ୍ୱେ କାହିଁକି ପ୍ରାଇଭେଟ୍ ପ୍ଲଟ୍ ଭିତରକୁ ଯିବ ବୁଝାପଡୁନାହିଁ। ଜନସ୍ୱାସ୍ଥ୍ୟ ବିଭାଗ ଗଳି ରାସ୍ତାର ପାଇପକୁ ମୁଖ୍ୟ ପାଇପ ସହ ସଂଯୋଗ କରିବାକୁ ଚାହୁଁଥିଲେ ମଧ ସେମାନଙ୍କୁ ପାଇପ ସଂଯୋଗ କରିବାକୁ ଦିଆଯାଉ ନ ଥିବା କିଶାନ କହିଛନ୍ତି। ତେବେ ଏଠାରେ ଆଗକୁ କିଭଳି ପାଣି ପାଇପ ସଂଯୋଗ ହେବ ସେନେଇ ସ୍ଥିତି ସ୍ପଷ୍ଟହେଉନାହିଁ।

### ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସ

**ରାଉରକେଲା ଅଫିସ,୧୨।୨**

ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଜନସଂଘ ପ୍ରତିଷ୍ଠାତା ସ୍ୱର୍ଗତ ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସକୁ ସମର୍ପଣ ଦିବସ ରୂପେ ପାଳନ କରାଯାଇଛି। ଜିଲା ଭାଜପା ସଭାପତି ଜଗବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଦୀନଦୟାଲଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ୧୯୫୨ରେ ଜନସଂଘ ପ୍ରତିଷ୍ଠାଠାରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ଦୀନଦୟାଲଙ୍କ ଦେଶପ୍ରତି ରହିଥିବା ସମର୍ପଣ ଭାବ ତାଙ୍କୁ ଅନନ୍ୟ ଦେଶଭକ୍ତ ଭାବେ ପ୍ରତିପାଦିତ କରିପାରିଛି ବୋଲି ମତ ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ଏକତାକୁ ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ଦୀନଦୟାଲ ଦେଶର ଐକ୍ୟ, ଶାନ୍ତି ଓ ସମୃଦ୍ଧି ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରାଯିବା ଉଚିତ ବୋଲି ଉପସ୍ଥିତ କର୍ମକର୍ତ୍ତା କହିଥିଲେ। ବରିଷ୍ଠ ନେତା କିଶନ ସାହୁ, ପୂର୍ବତନ ନଗରପାଳ ନିହାର ରାୟ, ରମେଶ ଅଗୱାଲ, ଧୀରେନ ସେନାପତି, ତପନ ସ୍ୱାଇଁ, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ସଭାସ୍ଥାନ ବଦଳକୁ ନେଇ ବିବାଦ

# ପଞ୍ଚାୟତ ଅଫିସ ଫାଟକରେ ତାଲା ପକାଇଲେ ମହିଳା ଗୋଷ୍ଠୀ

**ବୀରମହାରାଜପୁର, ୧୨।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ (ଜିପିଏଲ୍‌ଏଫ୍) ଗଠନ ପୂର୍ବରୁ ବିବାଦ ଦେଖାଦେଇଛି। ମହାସଂଘ ଗଠନ ସକାଶେ ଆହୂତ ସଭାସ୍ଥଳୀ ନିରୂପଣ ଉକ୍ତ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ଗ୍ରାମ ପଞ୍ଚାୟତସ୍ତରରେ ମିଶନ ଶକ୍ତିକୁ ସଂଗଠିତ ଏବଂ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ସରକାରୀ ଭାବେ ଜିପିଏଲ୍‌ଏଫ୍ ଗଠନର ବ୍ୟବସ୍ଥା ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମହାସଂଘ ଗଠନ ସହ କର୍ମକର୍ତ୍ତା ଚୟନର ବିଧିବ୍ୟବସ୍ଥା ଥିବାରୁ ମଙ୍ଗଳବାର ଏଠାରେ ବୈଠକ ଆହ୍ୱାନ କରାଯାଇଥିଲା। ତେବେ ଓଡିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ଉକ୍ତ ମହିଳା ମହାସଭା ପାଇଁ କମ୍ୟୁନିଟି ରିସୋର୍ସ ପର୍ସନ୍ (ସିଆରପି)ଙ୍କ ଦ୍ୱାରା ଆହୂତ କାର୍ଯ୍ୟକ୍ରମ ପଞ୍ଚାୟତ ସଦର ମହକୁମାଠାରେ କରା ନ ଯାଇ କେନ୍ଦୁପାଲି ଗ୍ରାମରେ କରାଯିବାରୁ ଏଭଳି ନିଷ୍ପତ୍ତି ବିରୋଧରେ ସ୍ୱର ଉଠିଥିଲା। ପ୍ରତିବାଦ ସ୍ୱରୂପ ବହୁ ସଂଖ୍ୟାରେ ମହିଳା ଏସଏସଜି ସଦସ୍ୟା ବାଗବରସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ଘେରିବା ସହ ଫାଟକରେ ତାଲା ପକାଇ ଦେଇଥିଲେ। ସେହି ସମୟରେ ବୀରମହାରାଜପୁର ବିଡିଓ ଅଭିମନ୍ୟୁ ମାଝୀଙ୍କ ସହ ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ଆବାସ ଯୋଜନାର ଏକ ବୈଠକରେ ଉପସ୍ଥିତ ଥିବାବେଳେ ସେଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ ସୁଦ୍ଧା ଆନ୍ଦୋଳନକାରୀ ମହିଳାମାନେ ଜିଦ୍‌ରେ ଅଟଳ ରହିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାଇ ଗ୍ରାମ ପଞ୍ଚାୟତ ସଦର ମହକୁମାଠାରେ ପ୍ରସ୍ତାବିତ ମହାସଂଘ ସଭା ବସିବାକୁ ଧାର୍ଯ୍ୟ ହୋଇଥିଲେ ହେଁ ସ୍ଥାନ ପରିବର୍ତ୍ତନ ନିଷ୍ପତ୍ତି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅଭିସନ୍ଧିମୂଳକ। ଅଫିସ ଖୋଲିବା ସମୟଠାରୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିବା ଭିତରେ କର୍ତ୍ତୃପକ୍ଷ ଏହାର ସମାଧନା ପାଇଁ ଆଲୋଚନା କରିଥିଲେ। ତେଣେ କେନ୍ଦୁପାଲିଠାରେ ଚାଲିଥିବା ବୈଠକକୁ ଅଧାରେ ରଖାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଶେଷରେ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଥିଲେ। ଏହି ଦିନର ମହାସଭାକୁ ବାତିଲ କରାଯିବା ସଙ୍ଗେସଙ୍ଗେ ପରିବର୍ତ୍ତିତ ସଭା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା। ଏହାପରେ ପରିସ୍ଥିତି ଶାନ୍ତ ପଡିବା ସହ ଅଧିକାରୀମାନେ ମୁକୁଳିଥିବା ଜଣାପଡିଛି।

ତୁଷୁରା ଡାକ୍ତରଖାନାକୁ ଅପଗ୍ରେଡ ଦାବି

# ୨୪ଘଣ୍ଟିଆ ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

**ଗୁଡ଼ଭେଲା,୧୨।୨(ଡି.ଏନ.ଏ.)**



ଆନ୍ଦୋଳନକାରୀ ତୁଷୁରା ସହରରେ ବାହାର କରିଥିବା ଶୋଭାଯାତ୍ରା।

ବଲାଙ୍ଗୀର ଜିଲା ତୁଷୁରା ଡ଼ାକ୍ତରଖାନାକୁ ଅପ୍ରଗଡ କରିବା ଦାବିରେ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ଆହୂତ ୨୪ଘଣ୍ଟିଆ ବନ୍ଦକୁ ମଙ୍ଗଳବାର ଅଭୂତପୂର୍ବ ସଫଳତା ମିଳିଛି। ସକାଳ ୬ଟାରେ ଆରମ୍ଭ ହୋଇଥିବା ବନ୍ଦ ବୁଧବାର ସକାଳ ୬ଟାରେ ସମ୍ପନ୍ନ ହେବ। ବନ୍ଦ ପ୍ରଭାବରେ ତୁଷୁରା ଏନଏସି, ଡ଼ାହିମାଲ ଓ ଗୁଡ଼ଭେଲା ବ୍ଲକ ଅଞ୍ଚଳର ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ ଅଫିସ ବନ୍ଦ ରହିଥିଲା। ଗାଡ଼ି ମୋଟର ଚଳାଚଳ ବନ୍ଦ ଯୋଗୁ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସହ ସରକାରଙ୍କ ପକ୍ଷରୁ ଚାଲିଥିବା ପିଠା କାର୍ଯ୍ୟକ୍ରମ ମଧ ବନ୍ଦ ରହିଥିଲା। ଶହଶହ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ପ୍ରତିବାଦ ସଭାସ୍ଥଳ ତୁଷୁରା ବସ୍‌ଷ୍ଟାଣ୍ଡସ୍ଥିତ ମିଳନ ଛକରେ ପହଞ୍ଚିଥିଲେ। ନାଗରିକ କମିଟି ସଭାପତି ଗୁରୁଗୋପାଳ ସାହୁଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏନଏସି ଅଧକ୍ଷା ଭାଗ୍ୟଶ୍ରୀ ନାଗ, ପୂର୍ବତନ ଟିଟିଲାଗଡ଼ ବିଧାୟକ ସୁରେନ୍ଦ୍ର ସିଂ ଭୋଇ, ଗୁଡ଼ଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର, ସାମାଜିକ କର୍ମୀ ଫିରୋଜ ରେହମାନ, ଏନଏସି ଉପାଧକ୍ଷ ଦୀନଦୟାଲ ଶର୍ମା, ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ଶେଷଦେବ ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ରଣଜିତ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ତୁଷରା ଡାକ୍ତରଖାନା ଉପରେ ଏ ଅଞ୍ଚଳ ତଥା ଛଅଟି ଜିଲାର ସୀମାନ୍ତବର୍ତ୍ତୀ ଶହେ ଗ୍ରାମର ଲୋକେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। କିନ୍ତୁ ଛଅ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ଜଣେ ମାତ୍ର ଏମବିବିଏସ ଡ଼ାକ୍ତର ଅଛନ୍ତି। ଫଳରେ ଲୋକେ ସ୍ୱାସ୍ଥ୍ୟସେବା ନ ପାଇ ବାହାରକୁ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ବହୁ ସମୟରେ ଆଶୁ ଚିକିତ୍ସା ନ ପାଇ ରୋଗୀଙ୍କ ଜୀବନ ବି ଯାଉଛି। ଏଣୁ ତୁରନ୍ତ ଏହି ହସ୍‌ପିଟାଲକୁ ଅପଗ୍ରେଡ କରି ୫୦ ଶଯ୍ୟା ବିଶିଷ୍ଟ କରିବା ନିହାତି ଆବଶ୍ୟକ ବୋଲି ସଭାରେ ଦାବି କରାଯାଇଥିଲା। ଏ କ୍ଷେତ୍ରରେ ସରକାର ନୀରବଦ୍ରଷ୍ଟା ସାଜିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଏହି ବନ୍ଦ ପାଳନରେ ତୁଷୁରା ନାଗରିକ କମିଟି ସହ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା, ଯୁଥ ଆକ୍ସନ କମିଟି, ଅବସରପ୍ରାପ୍ତ ଶିକ୍ଷକ ସଂଘ, ବଜରଙ୍ଗବଲି ଯୁଥ କ୍ଲବ, ସାମ୍ବାଦିକ ସଂଘ, ମାରୱାଡ଼ି ଯୁବାମଞ୍ଚ, ମାରୱାଡ଼ି ମହିଳା ସମିତି, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସାମିଲ ଥିଲେ।

# ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଯାପିତ

**ବିନିକା,୧୨।୨(ଡି.ଏନ୍.ଏ.)**



ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ଶୀତୁଆ ସଞ୍ଜରେ ହଜାର ହଜାର ଲୋକକଳା ପ୍ରେମୀଙ୍କ ଭିଡ ଭିତରେ ସୁବର୍ଣ୍ଣପୁର ଜିଲା ବିନିକାରେ ଗତ ୪ଦିନ ଧରି ଚାଲିଥିବା ପାପକ୍ଷୟ ଲୋକ ମହୋତ୍ସବ-୧୯ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, କନ୍ଧମାଳ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଶିଳ୍ପଦ୍ୟୋଗୀ ପ୍ରଶାନ୍ତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବ କମିଟି ସଭାପତି ଜୟ ମଙ୍ଗଳ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଏହି ଅଞ୍ଚଳର ମନୀଷା ଅଗ୍ରୱାଲଙ୍କୁ ପାପକ୍ଷୟ ଘାଟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ମଞ୍ଚ ପରିଚାଳନା ହିମାଂଶୁ ଭୂଷଣ ପଣ୍ଡା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶାଶ୍ୱତ ତ୍ରିପାଠୀ। କମିଟି ସମ୍ପାଦକ ଶେଖର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ମହୋତ୍ସବ ଆୟୋଜନରେ ବିନିକା ପାପକ୍ଷୟ ଲୋକ ମହୋତ୍ସବ କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ସହଯୋଗ ରହିଥିଲା।



ମହାଶିବରାତ୍ରି ମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ମାର୍ଚ୍ଚ ୪ରୁ ଟିଟିଲାଗଡ଼ ମହାଶିବରାତ୍ରି ମେଳା

# ଶୃଙ୍ଖଳିତ, ଆକର୍ଷଣୀୟ କରିବାକୁ ଗୁରୁତ୍ୱ

**ଟିଟିଲାଗଡ଼, ୧୨।୨(ଡି.ଏନ.ଏ.)**

ଆସନ୍ତା ମାର୍ଚ୍ଚ ୪ରୁ ସାତଦିନ ବ୍ୟାପୀ ଟିଟିଲାଗଡଠାରେ ମହାଶିବରାତ୍ରି ମେଳା ଅନୁଷ୍ଠିତ ହେବ। ଏଥିନେଇ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉପଜିଲାପାଳ ତଥା ଧବଳେଶ୍ୱର ଦଧିବାମନ ଟ୍ରଷ୍ଟ ଅଧକ୍ଷ ସୁଧାକର ନାୟକଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧବଳେଶ୍ୱର ବାବାଙ୍କ ମହା ଶିବରାତ୍ରି ମେଳାକୁ ସୁନ୍ଦର ଆକର୍ଷଣୀୟ ଓ ଶାନ୍ତି ଶୃଙ୍ଖଳାର ସହ ଆୟୋଜନ କରିବା ନେଇ ବିଶଦ ଆଲୋଚନା ହୋଇଥିଲା। ଚଳିତ ବର୍ଷ ମହାଶିବରାତ୍ରୀ ମେଳା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀ, ବିଭିନ୍ନ ଅନୁଷ୍ଠାନକୁ ଦାୟିତ୍ୱ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ମେଳା ସମୟରେ ମେଳା ପରିସର ତଥା ସହରରେ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପରିଚ୍ଛନ୍ନତା, ପାନୀୟ ଜଳ ସୁବ୍ୟବସ୍ଥା, ଆଇନଶୃଙ୍ଖଳା ରକ୍ଷା, ସୁରକ୍ଷାତ୍ମକ ପଦକ୍ଷେପ ନେଇ ସିସିଟିଭି ଦ୍ୱାରା ବିଶେଷ ନିରୀକ୍ଷଣ, ଆକସ୍ମିକ ଅଗ୍ନିକାଣ୍ଡ ନେଇ ଅଗ୍ନିଶମ ବିଭାଗର ସତର୍କତା, ଟ୍ରାଫିକ ନିୟନ୍ତ୍ରଣ, ମେଳା ପରିସରରେ ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ସହାୟତା, ତୀର୍ଥଯାତ୍ରୀଙ୍କ ପାଇଁ ଶୌଚାଳୟ, ଅସ୍ଥାୟୀ ସୂଚନା କେନ୍ଦ୍ର ପ୍ରତିଷ୍ଠା ତଥା ମହାଦୀପ ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଆଦି ନେଇ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କୁ ବିଶେଷ ଦାୟିତ୍ୱ ପ୍ରଦାନ କରା ଯାଇଥିଲା। ପ୍ରସ୍ତୁତି ବୈଠକରେ ଏସ୍‌ଡିପିଓ ସରୋଜ ମହାପାତ୍ର, ଟ୍ରଷ୍ଟି ସଭ୍ୟ ଭବାନୀ ପ୍ରସାଦ ହୋତା, ଟ୍ରଷ୍ଟି ସଞ୍ଜିବ ପାଢୀ, ଟିଟିଲାଗଡ ତହସିଲଦାର ସ୍ୱଦୀପ ଟପୋ, ସଇଁତଲା ତହସିଲଦାର ସୁମନ କିଶୋର ଡୁଙ୍ଗଡୁଙ୍ଗ, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଆଇ ସରୋଜ ରଞ୍ଜନ ରଥ, ପୂର୍ତ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଲୋକ ନାୟକ, ସହକାରୀ ଜିଲାପାଳ ଭୁବନ ଶତପଥୀ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ରଣଜିତ ପୃଷ୍ଟି, ପ୍ରଭାସ ବହିଦାର, ଦେବ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଖଣ୍ଡ ସୁଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ବିକ୍ରିରୁ ବହୁ ଚାଷୀ ବଞ୍ଚିତ

**ଖପ୍ରାଖୋଲ, ୧୨।୨(ଡି.ଏନ.ଏ.)**



**ମହରାପଦର ମଣ୍ଡି**
- ସଂଗ୍ରହ ଲକ୍ଷ୍ୟ ଥିଲା ୨୮ହଜାର ୪୭୩ କୁଇଣ୍ଟାଲ
- ବିକ୍ରି ହୋଇଛି ୧୫ ହଜାର ୪୦୩ କୁଇଣ୍ଟାଲ
- ଆନ୍ଦୋଳନ ପାଇଁ ସଜବାଜ

ଧାର କରଜ କରି ଚାଷୀ ନିଜ ଜମିରେ ଧାନ ଉତ୍ପାଦନ କରିଥିବାବେଳେ ଆଗୁଆ ଧାନ ମଣ୍ଡି ବନ୍ଦ ଯୋଗୁଁ ଅନେକ ଚାଷୀ ଧାନ ବିକିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଏପରି ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର କୃଷି ସମବାୟ ସମିତି ମଣ୍ଡିରେ। ଚଳିତ ବର୍ଷ ମଣ୍ଡିରେ ଧାନ ବିକ୍ରି ପାଇଁ ୩୨୮ ଜଣ ଚାଷୀ ପଞ୍ଜୀକରଣ କରିଥିବାବେଳେ ୨୮ହଜାର ୪୭୩ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଆକଳନ କରାଯାଇଥିଲା। ହେଲେ ଏହି ମଣ୍ଡିରେ ବର୍ତ୍ତମାନ ଯାଏଁ ୧୫ ହଜାର ୪୦୩ କୁଇଣ୍ଟାଲ ଧାନ ବିକ୍ରି ହୋଇଛି। ଶତାଧିକ ଚାଷୀ ଧାନ ବିକ୍ରି କରିବାକୁ ବଞ୍ଚିତ ହୋଇଛନ୍ତି। ଅନେକ ଦିନ ହେଲା ମଣ୍ଡିରେ ଚାଷୀ ଧାନ ପକାଇଥିଲେ ବି ଗତ ୪ତାରିଖରୁ ଧାନ କିଣା ବନ୍ଦ ହୋଇଯାଇଥିବାରୁ ଚାଷୀଙ୍କ ଚିନ୍ତା ବଢିଯାଇଛି। ଏ ନେଇ ଜିଲା ଯୋଗାଣ ଅଧିକାରୀଙ୍କୁ ଚାଷୀ ଜଣାଇଥିଲେ। ହେଲେ ଧାନ କିଣା ବନ୍ଦ ହୋଇଯାଇଛି, ଆଉ କିଣା ଯାଇ ପାରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିବା ଚାଷୀମାନେ କହିଛନ୍ତି। ସରକାର ପଞ୍ଜୀକରଣ କରି ବିକ୍ରି ଅଟକଳ କରିଥିଲେ। ହେଲେ ପଞ୍ଜୀକୃତ ଚାଷୀଙ୍କ ଧାନ କିଣି ଆଗୁଆ ମଣ୍ଡି ବନ୍ଦ କରିବାକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ରାସ୍ତାରେ ଧାନ ରଖି ଆନ୍ଦୋଳନକୁ ଓହ୍ଲାଇବାକୁ ନରେନ୍ଦ୍ର ମିରି, କିଶୋର ବିଶି, ରୁଦ୍ର ସିଂ ପୁଝାରୀ, ମାନସ ଠାକୁର, ଦାଶ ବରିହା ପ୍ରମୁଖ ଚାଷୀ ଚେତାବନୀ ଦେଇଛନ୍ତି। ସରକାର ଚାଷୀ ଓ ଚାଷର ବିକାଶ କଥା କହୁଥିବାବେଳେ ଏଭଳି ଆଗୁଆ ଧାନ ମଣ୍ଡି ବନ୍ଦ କରି ଧାନର ଅଭାବି ବିକ୍ରି ପରିସ୍ଥିତି ସୃଷ୍ଟି କରୁଥିବା ଘଟଣାକୁ ବିଭିନ୍ନ ଚାଷୀ ସଂଗଠନ ନିନ୍ଦା କରିଛନ୍ତି। ଏ ନେଇ ପାଟଣାଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ବିଜୟ କୁମାର କୁଲୁଙ୍କୁ ପଚାରିବାରୁ ମହରାପଦର ମଣ୍ଡିରେ ଚାଷୀଙ୍କ ବିକ୍ରି ପାଇଁ ଧାନ ଥିବା ନେଇ ସମବାୟ ସମିତି ତରଫରୁ ଅବଗତ କରାଯାଇ ନ ଥିବା କହିଛନ୍ତି। ସରକାର ଧାନ କିଣା ବନ୍ଦ କରି ଦେଇଥିବାରୁ ଆଉ କିଣାଯାଇ ପାରିବ ନାହିଁ ବୋଲି କହିଛନ୍ତି।

## ସଂକ୍ଷେପରେ

### ନାମଯଜ୍ଞ ଉଦ୍‌ଯାପିତ

ମଣ୍ଡଲ, ୧୨।୨ (ଡି.ଏନ.ଏ)
କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଲ ପଞ୍ଚାୟତ ଭାଟିଗାଁ ସରସ୍ୱତୀ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ବିଦ୍ୟାଦାତ୍ରି ସରସ୍ୱତୀ ପୂଜା ଅବସରରେ ଅହରାତ୍ର ପ୍ରହର ନାମଯଜ୍ଞ ଉଦଯାପିତ ହୋଇଯାଇଛି । ଏହି ଅବସରରେ ସୋମବାର ଅପରାହ୍ନ ୨ଘଣ୍ଟା ସମୟରେ ଗ୍ରାମର ମହିଳାମାନେ କଳସ ଯାତ୍ରାରେ ବାହାରି ହାତୀ ନଦୀଠାରୁ ଜଳ ପୂର୍ଣ୍ଣକଳସକୁ ଅହରାତ୍ର ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ସୋମବାର ସନ୍ଧ୍ୟା ୬ଘଣ୍ଟା ସମୟରେ ପ୍ରହର ନାମଯଜ୍ଞ ଆରମ୍ଭ କରି ମଙ୍ଗଳବାର ୬ଘଣ୍ଟା ସମୟରେ ପ୍ରହର ନାମଛାଡି ଥିଲେ । ପୂଜକ ଲଳିତମୋହନ ଦାସ ପୂଜାକାର୍ଯ୍ୟ କରିଥିବା ବେଳେ କର୍ତ୍ତା ଭାବରେ ହରେଶ୍ୱର ଗହିର ଏବଂ ତାଙ୍କର ସହଧର୍ମିଣୀ ଅମ୍ବିକା ଗହିର କର୍ତ୍ତା କାର୍ଯ୍ୟ ତୁଲାଇଥିଲେ । ଅହରାତ୍ର ପ୍ରହର ନାମଯଜ୍ଞରେ ଭାଟିଗାଁ ଅନ୍ନପୂର୍ଣ୍ଣା ସଂକିର୍ତ୍ତନ ମଣ୍ଡଳୀ, ମଣ୍ଡଲ ମାଁ ତାରିଣୀ ସଂକିର୍ତ୍ତନ ମଣ୍ଡଳ, ଡେଇଲାପଡା ସଂକିର୍ତ୍ତନ ମଣ୍ଡଳୀ ଏବଂ ମୁଖ୍ୟ ଆକର୍ଷଣ କରିଥିବା ଭାଲୁବୁଟ୍ରା ସଖି ଚମ୍ପକ ସଂକିର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ଅହରାତ୍ର ପ୍ରହର ନାମଯଜ୍ଞରେ ସହଯୋଗ କରିଥିଲେ ।

# ଜନମ୍ ମାଟି ସୁରକ୍ଷା ସଂଗ୍ରାମ ସମିତି ତରଫରୁ ଭବାନୀପାଟଣା ବନ୍ଦ ସଫଳ

ଭବାନୀପାଟଣା,୧୨।୨ (ଡି.ଏନ.ଏ)

ମରିବୁ ପଛେ ଡରିବୁ ନାହିଁ ଜନମ୍ ମାଟି ଛାଡିବୁ ନାହିଁ । ସରକାରୀ ଜାଗା ରହିଆସୁଥିବା ସହରବାସୀଙ୍କୁ ସ୍ଥାୟୀ ପଟ୍ଟା ଆମର ଦାବି । ପଟ୍ଟା ନାହିଁ ତ ଭୋଟ ନାହିଁ ଏ ଥିଲା ଜନମ୍ ମାଟି ସୁରକ୍ଷା ସମିତିର ଡାକରା । ଏହି ଡାକରା ଦେଇ ସମିତି ପକ୍ଷରୁ ୨୪ ଘଣ୍ଟିଆ ଭବାନୀପାଟଣା ବନ୍ଦ ଡାକରା ମଙ୍ଗଳବାର ଦିଆ ଯାଇଥିଲା। ଏହି ବନ୍ଦ ପାଳନ ସଫଳ ହୋଇଥିବା ଦେଖାଯାଇଥିଲା । ଜନମ୍ ମାଟି ସୁରକ୍ଷା ସଂଗ୍ରାମ ସମିତି କଳାହାଣ୍ଡି ତରଫରୁ ଫେବୃୟାରୀ ୧୨ ତାରିଖ ମଙ୍ଗଳବାର ଏକ ୭ ଦଫା ଦାବି ନେଇ ଭବାନୀପାଟଣା ସହରକୁ ୨୪ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ଡାକରା ଫଳରେ ଭବାନୀପାଟଣା ସହରରେ ଦୋକାନ ବଜାର ଚାରି ଚକିଆ ଓ ଛଅ ଚକିଆ ଯାନବହାନ, ଅନେକ ବ୍ୟାଙ୍କ, ସରକାରୀ ବେସରକାରି କାର୍ଯ୍ୟାଳୟ ସଂପୂର୍ଣ୍ଣ ବନ୍ଦ ରହିଥିଲା । ଫଳରେ ବାହାରୁ ଆସୁଥିବା ଯାତ୍ରୀ ଓ ଗାଡି ମୋଟର ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା । ଆନ୍ଦୋଳନ କାରୀମାନେ ସହରର ବିଭିନ୍ନ ସ୍ଥାନରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହିତ ବୁଲି ବୁଲି କାଁ ଭାଁ ଖୋଲା ଥିବା ଦୋକାନ ବଜାର ବନ୍ଦ କରୁଥିବା ଦେଖାଯାଇଥିଲା । ହୋଟେଲ ମାନ ବନ୍ଦ ଥିବା ଯୋଗୁଁ ଯାତ୍ରୀ ଓ ବାହାରୁ ଆସି ଭବାନୀପାଟଣା କାର୍ଯ୍ୟରତ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଖାଇବାକୁ ନ ପାଇ ହଇରାଣ ହୋଇଥିଲେ । ସହରର ବିଭିନ୍ନ ରାସ୍ତାରେ ଟ୍ରକ୍, ବସ୍, ବୋଲେରୋ, ୪୦୭ ଗାଡି ଭଳି ଯାନ ବାହାନର ଲମ୍ବ ଧାଡି ଲାଗିଥିବା ଦେଖାଯାଇଥିଲା। ଏହି ବନ୍ଦ ପାଳନ ଫଳରେ ଜାତୀୟ ରାଜପଥ ୨୬ରେ ଗାଡି ଚଳାଚଳ ବନ୍ଦ ହେବା ସହ ଭବାନୀପାଟଣା ଜୟପୁର ନବରଙ୍ଗପୁର, ଭବାନୀପାଟଣା ଧର୍ମଗଡ, ଭବାନୀପାଟଣା ଖରିଆର ରାୟପୁର, ଭବାନୀପାଟଣା ଲାଞ୍ଜିଗଡ ଭବାନୀପାଟଣା ମ.ରାମପୁର, ଭବାନୀପାଟଣା ଥୁ.ରାମପୁର, ଭବାନୀପାଟଣା କୋକସରା ଗାଡି ଚଳାଚଳ ବନ୍ଦ ରହିଥିଲା । ସେମାନଙ୍କର ଦାବି ଯେ, ଦୀର୍ଘ ବର୍ଷ ଧରି ବାପା ଅଜା ସମୟରୁ ରହିଆସୁଥିବା ଭିଟା ମାଟିର ପଟ୍ଟା ପ୍ରଦାନ କାରାଯାଉ । ଏଠାରେ ପ୍ରକାଶ ଯୋଗ୍ୟ ଯେ ଗତ ୨୨ ଜାନୁୟାରୀରେ ସମିତି ତରଫରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ୭ ଦଫା ଦାବୀ ସମ୍ବଳିତ ଏକ ଦାବିପତ୍ର ଜିଲାପାଳ, କଳାହାଣ୍ଡିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିଲା । କିନ୍ତୁ ଆଜି ପର୍ଯ୍ୟନ୍ତ ସହରବାସୀଙ୍କୁ ସରକାରଙ୍କ ତରଫରୁ ସ୍ଥାୟୀ ପଟ୍ଟା ଦେବାର କୌଣସି ବ୍ୟବସ୍ଥା କରାଗଲା ନାହିଁ । ଆଜି ମଧ୍ୟ ଅନେକ ବସ୍ତିଗୁଡିକୁ ସର୍ଭେ କରାଯାଇନାହିଁ । ବସ୍ତିଆଇନ ୨୦୧୭ ଅନୁଯାୟୀ ଯେଉଁ ଗରିବ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରାଯାଇଅଛି, ସେମାନେ କିଭଳି ନିଜ ଜାଗାର ପଟ୍ଟା ଓ ସେହି ଯାଗାରେ ଘରପାଇବେ ସେଥିପାଇଁ ପୌରପାଳିକା ଦ୍ୱାରା ଯୁଦ୍ଧକାଳୀନ ଭିତ୍ତିରେ ଚିହ୍ନଟ ପ୍ରକ୍ରିୟା କରାଯାଇଥିଲା। ତେବେ ଶୁଣିବାକୁ ମିଳୁଥିଲା ନିର୍ବାଚନ ପୂର୍ବରୁ ସମସ୍ତ ବସ୍ତିବାସିନ୍ଦାଙ୍କୁ ତାଙ୍କର ଅଧିକାର ପତ୍ର ମିଳିଯିବ କିନ୍ତୁ ଏହା କେବଳ ଧୁଆଁ ବାଣ ଭଳି ଲାଗୁଅଛି। ଏଣୁ ସରକାରଙ୍କର ଏଭଳି ନୀତିରେ ଜନମ୍‌ମାଟିର ସମସ୍ତ ସଦସ୍ୟା ସଦସ୍ୟ କ୍ଷୋଭ ପ୍ରକାଶ କରିବା ସହ ନିନ୍ଦା କରିଥିଲେ। ଏହି ବନ୍ଦ ପାଳନରେ ସହରର ଶିକ୍ଷାନୁଷ୍ଠାନକୁ ବାଦଦେଇ ସହରର ସମସ୍ତ କାର୍ଯ୍ୟାଳୟ, ବ୍ୟବସାୟୀକ ପ୍ରତିଷ୍ଠାନ, ଯାନବାହାନ ଚଳାଚଳ ବନ୍ଦ କରିଥିଲେ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତିର ସଦସ୍ୟା ସଦସ୍ୟମାନେ । ଏହି ବନ୍ଦ ପାଳନର ନେତୃତ୍ୱ ନେଇଥିଲେ ସମିତି ଆବାହକ ସରୋଜ କୁମାର ବାଗ, ବଦ୍ରୀ ପଟ୍ଟନାୟକ, ସାମନ୍ତ ଖମାରୀ, ବିଜୟ ସାହୁ, ଗିରିଧାରୀ ପାତ୍ର, ଦେବାନନ୍ଦ ଛତ୍ରିଆ, ମୁକେଶ କୁମାର, ଭାରତ ଭୂଷଣ ଚଲାନ, ଚକ୍ରମହାରଣା,ସଚ୍ଚିଦା ପାତ୍ର, ସସ୍ମିତା ଚଟର୍ଯୀ, ବିଜୟ ଦାସ, ତ୍ରିଲୋଚନ ପ୍ରଧାନୀ, ସାବିତ୍ରୀ ରାଉତ, ଲକ୍ଷ୍ମୀ ମାଝୀ, ସମ୍ବାରି ରାଉତ,ସୁଶିଳା ଚଟର୍ଯୀ, ଖିତିସୁତା ଗହିର, ମିରା ଗଉଡ, କନକ ବାଗ, ସୋମି ମେହେର,ରାଜେଶ ଦୀପ, ଶକ୍ତି ଛତ୍ରିଆ, ବିରୋଧ ନାଏକ, ସୁବାଶିନୀ ଦାସ, ରେବତୀ ବିଶି, କେଦାର ନାଏକ, ବିଜୟ ଲକ୍ଷ୍ମୀ ଶବର, ସ୍ମିତା ନାଏକ, ଦିଲୀପ ନାଏକ, ରାଜୁ ଚାଟର୍ଯୀଙ୍କ ସମେତ ପୁରୁଷ ଓ ମହିଳା ।


ଭବାନୀପାଟଣାରେ ରାସ୍ତା ଅବରୋଧ କରାଯାଇଛି।



ନ୍ୟାସନାଲ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

# ମୋ ଘର ଭାଜପା ଘର କାର୍ଯ୍ୟକ୍ରମ ଆରମ୍ଭ

ନୂଆପଡା ଅଫିସ/ସିନାପାଲି,୧୨।୨

ନୂଆପଡା ଜିଲାରୁ ମୋ ଘର ଭାଜପା ଘର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ମଙ୍ଗଳବାର ପୂର୍ବାହ୍ନରେ ପ୍ରଥମେ ରାଜ୍ୟସଭାପତି ତଥା ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡାଙ୍କ ଘରେ ଆରମ୍ଭ ହୋଇଥିଲା। ଜିଲା ସଭାପତି ଶିବ ପ୍ରସାଦ ମୁଣ୍ଡଙ୍କ ଘରେ ଆରମ୍ଭ ହୋଇଯାଇଛି । ପୂର୍ବାହ୍ନ ଠିକ ୧୦ଟା ୪୫ମିନିଟରେ ନୂଆପଡାସ୍ଥିତ ରାଜ୍ୟସଭାପତି ବସନ୍ତ ପଣ୍ଡାଙ୍କ ଘରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଜିଲାର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ । ଏହିଭଳି ଏହି ଜିଲା ସିନାପାଲି ବ୍ଲକ ଚଲନା ଗାଁରେ ଜିଲା ସଭାପତି ମୁଣ୍ଡଙ୍କ ଘରେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ସଭାପତି ଆରମ୍ଭ କରିଥିଲେ । ପୂଜାର୍ଚ୍ଚନା ପରେ ଘର କାନ୍ଥରେ ମୋ ଘର ଭାଜପା ଘର ଚିତ୍ରିତ କରାଯାଇଥିବାବେଳେ ଏକ ଭାଜପା ପତାକା ଉଡାଯାଇଥିଲା । ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ତାରିଖ ଯାଏଁ ଚାଲିବ । ଜିଲାର ସମସ୍ତ କର୍ମକର୍ତ୍ତାଙ୍କ ଘରେ ଏଭଳି ପତାକା ଉଡିବ ବୋଲି ଜିଲା ସଭାପତି ମୁଣ୍ଡ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଠାକୁର, ଅରିଗଞ୍ଜନ ଯୋଷୀ, ପ୍ରତାପ ଗୁଆଲ, ମାର୍କଣ୍ଡ ଗୁଆଲ ପ୍ରମୁଖ ସାମିଲ ରହିଥିଲେ ।



ଏବିଭିପିର ଜିଲା ସମ୍ମିଳନୀରେ ଯୋଗ ଦେଇଥିବା କର୍ମକର୍ତ୍ତାଗଣ ।

**ନ୍ୟାସନାଲ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବ**

# ସୁସ୍ଥ ଛାତ୍ର ଦେଶ ନିର୍ମାଣରେ ସହାୟକ ହେବେ

ନୂଆପଡା ଅଫିସ, ୧୨।୨

ଜଣେ ସୁସ୍ଥ ଛାତ୍ର ନିର୍ମାଣରେ ପ୍ରତ୍ୟେକ ପରିବାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଦିନର ଅର୍ଦ୍ଧାଧିକ ସମୟ ପିଲା ପରିବାରରେ ବିତାଇଥାଏ। ତେଣୁ ଛାତ୍ର ନିର୍ମାଣରେ ବିଦ୍ୟାଳୟ ସହ ପରିବାର ମଧ୍ୟ ସହାୟକ ହୋଇଥାନ୍ତି। ଏକ ସୁସ୍ଥ ଛାତ୍ର ନିର୍ମାଣ ହେଲେ ଦେଶ ନିର୍ମାଣ ପାଇଁ ଏକ ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ନ୍ୟାସନାଲ ନୋଡାଲ ହାଇସ୍କୁଲର ବାର୍ଷିକ ଉତ୍ସବରେ ଯୋଗ ଦେଇ ଅତିଥିମାନେ ଏହା କହିଛନ୍ତି। ମଙ୍ଗଳବାର ସନ୍ଧ୍ୟା ୭ଟାବେଳେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ମୁଖ୍ୟ ଅତିଥି, ଜିଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ସାମନ୍ତରାୟ ମୁଖ୍ୟ ବକ୍ତା, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଇଂ ହୋମସିଂ ମାଝୀ, ଡ. ଶିବ ପ୍ରସାଦ ବେହେରା, ବରିଷ୍ଠ ଶିକ୍ଷାବିତ ରାମେଶ୍ୱର ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ବାର୍ଷିକ ବିବରଣୀ ପଠନ କରିଥିଲେ। ବରିଷ୍ଠ ଶିକ୍ଷକ ଶୁକ୍ରୁ ବାଗ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବକ୍ତାମାନେ ଶିକ୍ଷା ଏବଂ ଶିକ୍ଷାୟତନ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ସକାଶେ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରଦର୍ଶିତ ହୋଇଥିଲା । ଏହାକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗିତା କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାଏକ ଧନ୍ୟବାଦ ଜ୍ଞାପନ କରିଥିଲେ ।



ଭାଜପା ପତାକା ଉଡାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ଜିଲା ସଭାପତି।

**ଅଖିଲ ଭାରତୀୟ ବିଦ୍ୟାର୍ଥୀପରିଷଦର ଜିଲା ସମ୍ମିଳନୀ**

# ଯୁବସମାଜ ସୁସ୍ଥ ଗଣତନ୍ତ୍ରର କର୍ଣ୍ଣଧାର

ନୂଆପଡା ଅଫିସ,୧୨।୨

ସ୍ଥାନୀୟ ନୂଆପଡାସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ନୂଆପଡା ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂଆପଡା ନଗର ସଂପାଦକ ସୁମନ୍ତ କୁମାର ବେହେରା ସଭାପତିତ୍ୱ କରିଥିବାବେଳେ ଏଥିରେ ରାଜ୍ୟ ସହ– ସଂପାଦକ ବୁଦ୍ଧଦେବ ବାଗ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଭାରତୀୟ ଗଣତନ୍ତ୍ରରେ ଉତ୍ତମ ନାଗରିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାବେଳେ ଦେଶ ଗଠନରେ ନିଜକୁ ଉତ୍ସର୍ଗୀକୃତ ସେବା କରିବା ଦରକାର ବୋଲି କହିଥିଲେ । ଯୁବ ସମାଜର ଏକ ସୁସ୍ଥ ଗଣତନ୍ତ୍ରର କର୍ଣ୍ଣଧାର ବୋଲି ମତ ଦେଇଥିଲେ। ଏହିଭଳି ଗଣତନ୍ତ୍ରରେ ଶତ ପ୍ରତିଶତ ମତଦାନକୁ ଗୁରୁତ୍ୱ ଦେବା, ନୋଟାକୁ ନା କରିବା, ଭାରତ ଗୌରବ ବିଷୟରେ ବିଷଦ ଭାବରେ ଆଲୋଚନା କରିଥିଲେ । ଏଥିରେ ଯୁବ ସମାଜର ମୂଖ୍ୟ ଭୂମିକା ରହିଛି । ଆଗକୁ ଆସି ରାଷ୍ଟ୍ର ନିର୍ମାଣରେ ନିଜକୁ ସମର୍ପିତ କରିବା ଦରକାର ବୋଲି କହିଥିଲେ । ସେହିଭଳି ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିବା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଶତାବ୍ଦୀ ନାଏକ ବିଦ୍ୟାର୍ଥୀ ପରିଷଦର ସଂକ୍ଷିପ୍ତ ପରିଚୟ ଦେଇଥିଲେ। ଏହି ସମ୍ମିଳନୀରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ୨ଶତାଧିକ ଯୁବତୀ ଯୁବକ ଯୋଗଦେଇ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହ –ସଂପାଦକ ମନୋଜ ରଣା, ବିପିନ ଖର୍ସେଲ, ମାନସ ପ୍ରଧାନ, ସଂଗଠନ ମନ୍ତ୍ରୀ ହେମରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ସୋନାଲୀ ପ୍ରଧାନ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଉତ୍‌ଥାନ ପ୍ରଶିକ୍ଷକ ଆବାସିକ ପ୍ରଶିକ୍ଷଣ

- ଶିକ୍ଷା ଏକ ଚିରନ୍ତନ ପ୍ରକ୍ରିୟା
- ଯୋଗଦେଲେ ୫ବ୍ଲକରୁ ୪୨ପ୍ରଶିକ୍ଷକ

ନୂଆପଡା ଅଫିସ,୧୨।୨

ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା ବିଭାଗ ତରଫରୁ ଏକ ପଞ୍ଚ ଦିବସୀୟ ଉତଥାନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲାର ୫ ଯାକ ବ୍ଲକରୁ ମୋଟ ୪୨ଜଣ ପ୍ରଶିକ୍ଷକ ଯୋଗ ଦେଇଥିଲେ । ଏମାନଙ୍କୁ ୬ଷ୍ଠରୁ ଅଷ୍ଟମ ଶ୍ରେଣୀଯାଏଁ ଛାତ୍ରୀଛାତ୍ରମାନଙ୍କର ଭାଷା, ଇଂରାଜୀ, ଗଣିତ ଓ ବିଜ୍ଞାନ ବିଷୟରେ ଶୈକ୍ଷିକ ବିକାଶ କିପରି କରାଯାଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ଶିକ୍ଷା ଏକ ଚିରନ୍ତନୀ ପ୍ରକ୍ରିୟା। ଆମେ ଶିଖିଲେ ଯାଇ ଅନ୍ୟକୁ ଠିକ ଭାବରେ ଶିଖାଇପାରିବା । ଏଥିପାଇଁ ଜିଜ୍ଞାସାର ଆବଶ୍ୟକତା ରହିଛି ବୋଲି ପରାମର୍ଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକ ବିକ୍ରମାଦିତ୍ୟ ସିଂ ବରିହା, ଆମୋଦି ସ୍କୁଲର ପ୍ରଧାନଶିକ୍ଷକ କ୍ଷମାନିଧି ଚନ୍ଦ୍ରକାର, ସାରାବଙ୍ଗ ନୋଡାଲ ହାଇସ୍କୁଲର ବରିଷ୍ଠ ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ, ସାଲେଡିହି ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୀପକ ସା ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସିଆରସିସି ସାନ ପ୍ରଧାନ ଏବଂ ମନୋରଞ୍ଜନ ସତପଥୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



ଉତ୍‌ଥାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀ।

# ସୁରକ୍ଷିତ ଜୀବନ ଜିଇଁବା ଆମରି ହାତରେ

- ସଡକ ସୁରକ୍ଷା ସପ୍ତାହ ଉଦ୍‌ଯାପିତ
- ହେଲମେଟ ବାଣ୍ଟିଲା ସ୍ୱେଚ୍ଛାସେବୀ ସଙ୍ଗଠନ

ନୂଆପଡା ଅଫିସ, ୧୨।୨

ସଡକ ସୁରକ୍ଷା ଜୀବନ ରକ୍ଷା । ଆମକୁ ଏକ ସୁରକ୍ଷିତ ଜୀବନ ଜିଇଁବା ପାଇଁ ଆମରି ହାତରେ ରିମୋଟ ରହିଛି। ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି। ସ୍ଥାନୀୟ ଜିଲା ଆଞ୍ଚଳିକ ପରିବହନ ବିଭାଗ କାର୍ଯ୍ୟାଳୟରେ ଆୟୋଜିତ ସଡକ ସୁରକ୍ଷା ସପ୍ତାହ ପାଳନର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ଅତିଥିମାନେ ଏହା କହିଛନ୍ତି। ସ୍ଥାନୀୟ ସ୍ୱେଚ୍ଛସେବୀ ସଙ୍ଗଠନ କଦମର ସମ୍ପାଦିକା ଯାଜ୍ଞସେନୀ ମହାପାତ୍ର ସଭାପତିତ୍ୱ କରିଥିବାବେଳେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ମୂଖ୍ୟ ଅତିଥି, ସାହିତ୍ୟିକ ଅମୀୟ କୁମାର ଦାସ ମୁଖ୍ୟ ବକ୍ତା, ବ୍ରହ୍ମକୁମାରୀ ସଦସ୍ୟ ଗୋବିନ୍ଦରାମ ପଟେଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ସରକାରଙ୍କ ସଡକ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ସମ୍ପର୍କରେ ବିଷଦ ଭାବରେ ପରିବହନ ଅଧିକାରୀ ପରିଡା ଉପସ୍ଥାପନା କରିଥିଲେ । ସଡକର ସୁରକ୍ଷା ଆମରି କର୍ତବ୍ୟ । ଆମରି ଜୀବନ ଆମରି ହାତରେ ରହିଛି । ଏଥିପାଇଁ ଆମକୁ ସତର୍କ ହେବାକୁ ପଡିବ। ଏହା ଦ୍ୱାରା ଅନ୍ୟର ଜୀବନ ମଧ୍ୟ ବଞ୍ଚାଇ ପାରିବା ବୋଲି କହିଥିଲେ । ଏଥିପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଥିବା କଦମ ତରଫରୁ ସଂପାଦିକା ମହାପାତ୍ର ଉଦ୍‌ବୋଧନ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଏହି ବାର୍ତ୍ତାକୁ ବ୍ୟାପକ କରିବାକୁ କଦମ ତରଫରୁ ଜିଲାର ବରିଷ୍ଠ ଖବରଦାତାମାନଙ୍କୁ ହେଲମ୍ୟାଟ ବଣ୍ଟନ କରାଯାଇଥିଲା। ଏହି ଅବସରରେ ହେଲମେଟ ଗ୍ରହଣ କରିଥିବା ବରିଷ୍ଠ ଖବରଦାତା ଗଜେନ୍ଦ୍ର ନିଆଲ ସ୍ୱେଚ୍ଛାସେବୀ ସଂଗଠନ କଦମ ଏବଂ ସଂପୃକ୍ତ ବିଭାଗର ପଦକ୍ଷେପ ସ୍ୱାଗତ ଯୋଗ୍ୟ । ଏଥିପାଇଁ ଜିଲାର ସବୁ ସ୍ତରରୁ ସହଯୋଗ ଦରକାର ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଦମ ଅନୁଷ୍ଠାନର ସଭାପତି ଲଲାଟେନ୍ଦୁ ପଣ୍ଡା, ସଦସ୍ୟ ପ୍ରତିଭା ହୋତା, ପାର୍ବତୀ ମଲ୍ଲିକ, ଉଜ୍ଜ୍ୱଳ ତିୱାରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ ବିଭାଗ କାର୍ଯ୍ୟାଳୟର ବରିଷ୍ଠ କର୍ମକର୍ତ୍ତା ସୁରେଶ ଚଲାନ, ପଦ୍ମନ କାଣ୍ଡ, ରାଜକିରଣ ସିଂ ଦେଓ, ଆଶିଷ ଗୁରୁ, ତପନ କାଲୋ, ବିଚିତ୍ର ମଲ୍ଲିକ, ସଞ୍ଜୀବ ପଣ୍ଡା, ସାହିଦ ଖାନ, ସନତ ଷଡଙ୍ଗୀ ପ୍ରମୁଖ ସହଯୋଗିତା କରିଥିଲେ ।



ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ହେଲମେଟ ପ୍ରଦାନ କରାଯାଉଛି ।



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ,
ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ଓକିଲଙ୍କ ଦୁଇଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାଉରକେଲା ଅଫିସ,୧୨।୨:** ସର୍ବ ଭାରତୀୟ ଓକିଲ ସଂଘ ଡାକରାରେ ରାଉରକେଲା ଓକିଲ ସଂଘ ପକ୍ଷରୁ ଦୁଇଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଶେଷ ହୋଇଛି। ସଂଘ ସାଧାରଣ ସମ୍ପାଦକ ଅକ୍ଷୟ ସାହୁଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। ଏଥିରେ ସମସ୍ତ ଆଇନଜୀବୀ ସାମିଲ ହୋଇ କେନ୍ଦ୍ର ସରକାର ତୁରନ୍ତ ଦାବି ମାନି ନେବାକୁ ସ୍ଲୋଗାନ ଦେଇଥିଲେ। ଅପରପକ୍ଷେ ଓକିଲ ସଂଘ ସଭାପତି ରମେଶ ବଳ, ଯୁଗ୍ମ ସମ୍ପାଦକ ଦେବାନନ୍ଦ ତନ୍ତୀ, ବରିଷ୍ଠ ଆଇନଜୀବୀ ସରୋଜ ଦାସ ପ୍ରମୁଖ ଭୁବନେଶ୍ୱର ଯାଇ ରାଜ୍ୟସ୍ତରୀୟ ବିକ୍ଷୋଭରେ ସାମିଲ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଓକିଲଙ୍କ ସାମାଜିକ ସୁରକ୍ଷା, ଇ ଲାଇବ୍ରେରୀ, ଇଣ୍ଟରନେଟ, ବୀମା ସୁବିଧା, ଦୁର୍ଘଟଣା ଜନିତ କ୍ଷତିପୂରଣ, ବଜେଟରେ ୫ହଜାର କୋଟି ଟଙ୍କା ଅର୍ଥ ବ୍ୟବସ୍ଥା ଆଦି ଦାବି ନେଇ ସୋମବାରଠାରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଥିଲା।

### ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସ

**ରାଉରକେଲା ଅଫିସ,୧୨।୨:** ସେକ୍ଟର-୩ ଭାଜପା କାର୍ଯ୍ୟାଳୟରେ ସୋମବାର ସନ୍ଧ୍ୟାରେ ଜନସଂଘ ପ୍ରତିଷ୍ଠାତା ସ୍ୱର୍ଗତ ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସକୁ ସମର୍ପଣ ଦିବସ ରୂପେ ପାଳନ କରାଯାଇଛି। ଜିଲା ଭାଜପା ସଭାପତି ଜଗବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା ଦୀନଦୟାଲଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋକପାତ କରିଥିଲେ। ୧୯୫୨ରେ ଜନସଂଘ ପ୍ରତିଷ୍ଠାଠାରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ଦୀନଦୟାଲଙ୍କ ଦେଶପ୍ରତି ରହିଥିବା ସମର୍ପଣ ଭାବ ତାଙ୍କୁ ଅନନ୍ୟ ଦେଶଭକ୍ତ ଭାବେ ପ୍ରତିପାଦିତ କରିପାରିଛି ବୋଲି ମତ ପ୍ରକାଶ ପାଇଥିଲା। ରାଷ୍ଟ୍ରୀୟ ଏକତାକୁ ସର୍ବଦା ଗୁରୁତ୍ୱ ଦେଇ ଆସିଥିବା ଦୀନଦୟାଲ ଦେଶର ଐକ୍ୟ, ଶାନ୍ତି ଓ ସମୃଦ୍ଧି ପାଇଁ ଯେଉଁ ସ୍ୱପ୍ନ ଦେଖିଥିଲେ ତାକୁ ସାକାର କରାଯିବା ଉଚିତ ବୋଲି ଉପସ୍ଥିତ କର୍ମକର୍ତ୍ତା କହିଥିଲେ। ବରିଷ୍ଠ ନେତା କିଶନ ସାହୁ, ପୂର୍ବତନ ନଗରପାଳ ନିହାର ରାୟ, ରମେଶ ଅଗୱାଲ, ଧୀରେନ ସେନାପତି, ତପନ ସ୍ୱାଇଁ, ଦିଲୀପ ଦାସ, ଶଶାଙ୍କ ଜେନା, ପ୍ରମିଳା ସୁନା, କଳ୍ପନା ଲେଙ୍କା, ଶୈଳେନ୍ଦ୍ର ମହାନ୍ତି, କୈଳାସ ରାଉତ, ସରୋଜ ଦାସ, ପରେଶ ମିଶ୍ର, ନୃସିଂହ ଜେନା, ମଳୟ ମହାପାତ୍ର ଓ ଅଙ୍କୁଶ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ମାନେଶ୍ୱର ଛକରେ ଅଣ୍ଡରପାସ୍ ରାସ୍ତା ଦାବି

**ସମ୍ବଲପୁର, ୧୨।୨ (ବ୍ୟୁରୋ):** ସମ୍ବଲପୁର-ଅନୁଗୋଳ ୫୫ନଂ. ରାଜ୍ୟ ରାଜପଥ ୪ଥାକିଆ ନିର୍ମାଣ କାମ ଚାଲିଛି। ମାନେଶ୍ୱର ଛକରେ ଉଭୟ ପଟୁ ଘର ଦ୍ୱାର ଭଙ୍ଗି ଲୋକମାନେ ବାସହରା ହୋଇଛନ୍ତି। ଏବେ ସେମାନଙ୍କୁ ରାସ୍ତାର ସମସ୍ୟା ଭୋଗିବାକୁ ପଡିବ। ତେଣୁ ଗ୍ରାମବାସୀ ମାନେଶ୍ୱର ମନ୍ଦିର ରାସ୍ତା ନିକଟରେ ଏକ ଅଣ୍ଡରପାସ୍ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି। ମଙ୍ଗଳବାର ଜାତୀୟ ରାଜପଥ ଅଧିକାରୀ ଭେଙ୍କଟେସ ରାଓ ପରିଦର୍ଶନ କରିବାକୁ ଯାଇଥିବାସମୟରେ ତାଙ୍କୁ ଦାବିପତ୍ର ପ୍ରଦାନ କରି ଆଲୋଚନା କରିଛନ୍ତି। ମାନେଶ୍ୱର ଛକରେ ଅଣ୍ଡରପାସ୍ ନହେଲେ ଶତାଧିକ ଗ୍ରାମବାସୀ ସମସ୍ୟା ଭୋଗିବେ। ରାସ୍ତାର ଆର ପାର୍ଶ୍ୱରେ ଥିବା ନଦୀ, ମନ୍ଦିର, ନିଜସ୍ୱ ଜମିବାଡି ରହିଛି। ତେଣୁ ରାସ୍ତା ଡେଇଁ ଆରପାର୍ଶ୍ୱକୁ ଗଲାବେଳେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଏହାସହ ପ୍ରତିଦିନ ସମ୍ବଲପୁର ଓ ବିଭିନ୍ନ ସ୍ଥାନରୁ ମାନେଶ୍ୱର ମାନଧାତା ବାବା ମନ୍ଦିରକୁ ଦର୍ଶନ କରିବା ପାଇଁ ଆସିଥାନ୍ତି। ହେଲେ ଏଠାରେ ଅଣ୍ଡରପାସ ନ ହେବ ତାହେଲେ ଶ୍ରଦ୍ଧାଳୁମାନଙ୍କୁ ମଧ୍ୟ ସମସ୍ୟା ହେବ।

କେନ୍ଦୁପତ୍ର କର୍ମଚାରୀ ସଂଘର ବିଶାଳ ସମାବେଶ

# ବୃତ୍ତି ଉଚ୍ଛେଦ, ଜିଏସ୍‌ଟି ଲାଗୁ ନେଇ ଅସନ୍ତୋଷ

**ରାଉରକେଲା ଅଫିସ,୧୨।୨**

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସୋମବାର ଏକ ବିଶାଳ ସମାବେଶ ଆୟୋଜନ କରାଯାଇଥିଲା। ସିଜନାଲ କର୍ମଚାରୀଙ୍କ ସର୍ବନିମ୍ନ ମଜୁରି (ପୂର୍ବ ନିର୍ଦ୍ଧାରିତ) ଉପରେ ପ୍ରତିବନ୍ଧକ ଲଗାଯାଇଥିବାରୁ ସମାବେଶରେ ଏହାର ଦୃଢ଼ ପ୍ରତିବାଦ କରାଯାଇଥିଲା। ଏନେଇ ପାନପୋଷ କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟ ଘେରାଉ କରାଯିବା ସହ ସରକାରଙ୍କ ଆଭିମୁଖ୍ୟର ତୀବ୍ର ସମାଲୋଚନା କରାଯାଇଥିଲା। କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କ ପିଲାଙ୍କୁ ଛାତ୍ରବୃତ୍ତିରୁ ବଞ୍ଚିତ କରାଯିବା ଓ ଜିଏସ୍‌ଟି ଲାଗୁ ଆଦି ପଦକ୍ଷେପ ନେଇ ଉପସ୍ଥିତ ଶ୍ରମିକ ନେତା ସରକାରଙ୍କୁ ସମାଲୋଚନା କରିଥିଲେ। ସେହିଭଳି କର୍ମଚାରୀଙ୍କ ଭବିଷ୍ୟନିଧି ଓ ପେନସନ ଲାଗୁ କରିବାକୁ ହିନ୍ଦ ମଜଦୁର ସଭା ସହବନ୍ଧିତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଭା ପକ୍ଷରୁ ରାଜ୍ୟ ସଭାପତି ବିଜୟ ମହାନ୍ତି ଦାବି କରିଥିଲେ। କେନ୍ଦୁପତ୍ର ତୋଳାଳିଙ୍କ ପ୍ରତି କରାଯାଇଥିବା ଅନ୍ୟାୟକୁ ବରଦାସ୍ତ କରାଯିବ ନାହିଁ ବୋଲି ଏହି ଅବସରରେ ସେ କହିଥିଲେ। ଏଥିରେ ଡିଭିଜନ ସମ୍ପାଦକ କ୍ଷେତ୍ରଚନ୍ଦ୍ର ବାରିକ, ସଂଘର ରାଜ୍ୟ ସମ୍ପାଦକ ଗୋକୁଳ ମେହେର, ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା, କୁଚିଣ୍ଡା ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ଏଚ୍‌ଏମ୍‌ଏସ୍ ପଶ୍ଚିମ ଓଡ଼ିଶା ସଂଯୋଜକ ସଞ୍ଜୀବ ମହାନ୍ତି, କୁଚିଣ୍ଡା ଡିଭିଜନ ଯୁଗ୍ମ ସମ୍ପାଦକ ଯୋଗବିହାରୀ ପରିଡ଼ା, ଝାରସୁଗୁଡ଼ା ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ, ଏଚ୍‌ଏମ୍‌ଏସ୍ ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତିଙ୍କ ନେତୃତ୍ୱରେ ଡିଏଫ୍‌ଓ (କେନ୍ଦୁପତ୍ର ଡିଭିଜନ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନୀତିର ସମାଲୋଚନା କରାଯାଇଥିଲା। କେନ୍ଦୁପତ୍ର କର୍ମଚାରୀ ଶୋଷଣର ଶିକାର ହେବା ନିନ୍ଦନୀୟ ବୋଲି ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। କେନ୍ଦୁପତ୍ର ତୋଳାଳି ଓ ବନ୍ଧେଇ ଶ୍ରମିକ ଅମଲାତାନ୍ତ୍ରିକ ଚକ୍ରାନ୍ତର ଶିକାର ହୋଇଥିବା ଏଥିରେ ଅଭିଯୋଗ କରାଯାଇଥିଲା। ଏହି ଅବସରରେ ସଂଗଠନ ପକ୍ଷରୁ ୧୧ ଦଫା ସମ୍ବଳିତ ଦାବିପତ୍ର ଡିଏଫ୍‌ଓ ବିଜୟ ପରିଡ଼ାଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ସହକାରୀ ଡିଏଫ୍‌ଓ ପବିତ୍ର ବେହେରା ଉପସ୍ଥିତ ଥିଲେ। ୧୦୦୦ କେରି ବାନ୍ଧୁଥିବା ଶ୍ରମିକଙ୍କୁ ପୂର୍ବରୁ ସାମାଜିକ ନିରାପତ୍ତା ଅନ୍ତର୍ଭୁକ୍ତ କରାଯାଉଥିଲା। ଏହାକୁ ୫ଶହକୁ ହ୍ରାସ କରିବା, ବନ୍ଧେଇ ଶ୍ରମିକଙ୍କ ମଜୁରି ନେଇ ରହିଥିବା ତାରତମ୍ୟକୁ ଦୂର କରିବା, ଇପିଏଫ୍ ଓ ପେନସନ ଲାଗୁ କରିବା, ହେଡ୍ ଚେକର, ସର୍କଲ ଚେକର ଓ ଚେକରଙ୍କ ଗସ୍ତ ଖର୍ଚ୍ଚ ପାଇଁ ପେଟ୍ରୋଲ ଭତ୍ତା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ସରକାର ଏ ନେଇ ପଦକ୍ଷେପ ନ ନେଲେ ଆନ୍ଦୋଳନ ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ଶ୍ରମିକ ନେତା ଅରୁଣ ପରିଡ଼ା, ସୁବୋଧ ମିଶ୍ର, ଖଗେନ୍ଦ୍ର ବେହେରା ଓ ଗହ୍ଲା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।




କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ପାନପୋଷ ଡିଭିଜନ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ।

### ନାବାଳିକା ଅସଦାଚରଣ ଅଭିଯୋଗ, ଅଭିଯୁକ୍ତ ଗିରଫ

**ଜମନକିରା,୧୨।୨(ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ପୁରୁରଖମା ଗାଁର ଜଣେ ନାବାଳିକା(୧୫)କୁ ଅସଦାଚରଣ କରିବା ଅଭିଯୋଗରେ ସେହି ଗାଁର ଅରୁଣ କୁମାର ଝାଙ୍କର (୩୫)କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କ ଏତଲାକ୍ରମେ ଜମନକିରା ଥାନାରେ ଦଫା ୩୫୪, ୩୪୧, ୨୯୪, ୫୦୬ରେ ଏକ ମାମଲା(ନଂ. ୧୭/୧୯) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁସାରେ, ଗତ ୭ ତାରିଖ ଅପରାହ୍ନ ସାଢ଼େ ୫ଟାରେ ପୁରୁରଖମା ଗାଁର ଅରୁଣ ସେହି ଗାଁର ଜଣେ ନାବାଳିକାଙ୍କୁ ଘରେ କେହି ନ ଥିବାର ସୁଯୋଗ ନେଇ ଅସଦାଚରଣ କରିଥିଲେ। ଏକଥା ନାବାଳିକା ପରିବାର ଲୋକଙ୍କୁ କହିବା ପରେ ଗାଁରେ ଏକ ସଭା କରାଯାଇ ମୀମାଂସା କରାଯାଇଥିଲା। ତେବେ ଅରୁଣ ସଭାରେ ହୋଇଥିବା ମୀମାଂସାକୁ ନ ମାନିବାରୁ ମଙ୍ଗଳବାର ଅପରାହ୍ନରେ ପୀଡିତା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ସଙ୍ଗୀତ ଶିଳ୍ପୀ ସମାଜ ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୨।୨**

ସେକ୍ଟର-୩ ଜଗନ୍ନାଥ ମନ୍ଦିର ପରିସରରେ ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକୋତ୍ସବ ପାଳିତ ହୋଇଛି। ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ରୂପେ ମହିମା ଆଶ୍ରମ ପରିଚାଳକ ବାବା କରୁଣାକର ଦାସ ଓ ଶିକ୍ଷାବିତ୍ ପ୍ରଫେସର ଜେ.କେ. ରାଓ ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଶରତ ଧଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡ. ସୁଶାନ୍ତ ପାଣି ବାର୍ଷିକ ବିବରଣୀ ପାଠ ଓ ମଞ୍ଚ ସଂଯୋଜନା କରିଥିଲେ। ସଙ୍ଗୀତର ଉପଯୋଗିତା ନେଇ ଅତିଥି ବକ୍ତବ୍ୟରେ ଆଲୋକପାତ କରିଥିଲେ। ଏହି ଅବସରରେ ବାଲାଙ୍ଗୀର ଜିଲାର ହିନ୍ଦୁସ୍ଥାନୀ କଣ୍ଠଶିଳ୍ପୀ ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ର ଓ ରାଉରକେଲାର ଜଣାଶୁଣା ତବଲା ବାଦକ ଗୁରୁ ଗୋକୁଳାନନ୍ଦ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଅନୁଷ୍ଠାନ ଶିଳ୍ପୀମାନଙ୍କ ଦ୍ୱାରା ହିନ୍ଦୁସ୍ଥାନୀ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ସହ ବଂଶୀ ବାଦନ କରାଯାଇଥିଲା। ଗୁରୁ ଶୁଭ୍ରାଂଶୁ ମିଶ୍ର ଚମତ୍କାର ହିନ୍ଦୁସ୍ଥାନୀ ସଙ୍ଗୀତ ଗାନକରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ରଜତ ପଣ୍ଡା, ପ୍ରଦୀପ ପଣ୍ଡା, ନରସିଂହ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁ ପ୍ରଫୁଲ୍ଲ ମଙ୍ଗଳ ଧନ୍ୟବାଦ ଅର୍ପଣ କରିଥିଲେ।



ସଙ୍ଗୀତ ଶିଳ୍ପୀ ସମାଜ ପକ୍ଷରୁ ଆୟୋଜିତ ଉତ୍ସବରେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ଅନୁଷ୍ଠାନର କଳାକାରମାନେ।

## ଏଚ୍.କେ. ରାୟ କଲେଜର ବାର୍ଷିକୋତ୍ସବ

**ରାଉରକେଲା ଅଫିସ,୧୨।୨**

ଛେଣ୍ଡସ୍ଥିତ ହୃଷୀକେଶ (ଏଚ୍.କେ) ରାୟ ମହାବିଦ୍ୟାଳୟର ୩୩ତମ ବାର୍ଷିକୋତ୍ସବ ମଙ୍ଗଳବାର ପାଳିତ ହୋଇଛି। ଏହାକୁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ରୂପେ ବର୍ଷୀୟାନ ସାହିତ୍ୟିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି କବି ହୁସେନ ରବି ଗାନ୍ଧୀ, ମୁଖ୍ୟବକ୍ତା ରୂପେ କବି ରାଜୀବ ପାଣି ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପରିଚାଳନା ସମିତିର ପୂର୍ବ କର୍ମକର୍ତ୍ତା ସୁଦାମ ଦାସ ଓ ସନ୍ଧ୍ୟା ରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଶ୍ରୀନାଥ ଜେନା ବାର୍ଷିକ ବିବରଣୀ ପାଠ କରି ମହାବିଦ୍ୟାଳୟର ସଫଳତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କଲେଜ ମାଗାଜିନ ପୟସ୍ୱିନୀକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉଦ୍‌ଘାଟକ ପଟ୍ଟନାୟକ ନିଜ ବକ୍ତବ୍ୟରେ କହିଥିଲେ, ଶିକ୍ଷା ମଣିଷକୁ ସାମର୍ଥ୍ୟ ପ୍ରଦାନ କରେ। ବ୍ୟକ୍ତି ଏହା ମାଧ୍ୟମରେ ବିଭିନ୍ନ ପଦପଦବୀ ଅଳଙ୍କୃତ କରେ। ତେବେ ନୈତିକ ଓ ମାନବୀୟ ମୂଲ୍ୟବୋଧ ପ୍ରତି ଆମେ ବଚନବଦ୍ଧ ହେବା ଉଚିତ। ସାମାଜିକ ଅଙ୍ଗୀକାର ବିନା ସୁସ୍ଥ ସମାଜ ଗଠନ ସମ୍ଭବ ନୁହେଁ। ନିଜ ଚେତନା ଓ ବିବେକକୁ ଜାଗ୍ରତ ରଖି ମଣିଷପଣିଆର ନିଦର୍ଶନ ଛାଡ଼ିଯିବା ବାସ୍ତବ ଜୀବନର ବ୍ରତ ହେବା ଉଚିତ ବୋଲି ପଟ୍ଟନାୟକ ମତ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଗାନ୍ଧୀ କହିଥିଲେ, କାହା ମନରେ କ୍ଷତି ପହଞ୍ଚାଇବା ଭଳି କାର୍ଯ୍ୟ କରାଯିବା ଅନୁଚିତ। ମଙ୍ଗଳ ଭାବନା, ଶୁଭକାମନାକୁ ଆଧାର କରି କାର୍ଯ୍ୟ କରୁଥିବା ମଣିଷ ବାସ୍ତବରେ ଚୈତନ୍ୟ ଶକ୍ତିର ମୂଳାଧାର। ମିଳିମିଶି ଶାନ୍ତି, ପ୍ରଗତି ଓ ମୈତ୍ରୀ ପାଇଁ କାମକଲେ ଜୀବନ ସଫଳ ହୋଇଥାଏ ବୋଲି ଗାନ୍ଧୀ କହିଥିଲେ। ମୁଖ୍ୟବକ୍ତା ପାଣି କହିଥିଲେ, ଚେତନାରୁ ଉତରିତ ଅବସ୍ଥାକୁ ଉତ୍ସବ କୁହାଯାଏ। ହଜାରେ ବର୍ଷ ଧରି ଭାରତୀୟ ଧର୍ମ ସଂସ୍କୃତି ଆମକୁ ମହିମା ମଣ୍ଡିତ କରିଆସିଛି। ବାସ୍ତବ ଦୃଷ୍ଟିକୋଣ ରହିଲେ ଜୀବନ ମଧୁମୟ ଲାଗେ। ଏଣୁ ପ୍ରତ୍ୟେକ ବ୍ୟକ୍ତି ଏ ଦିଗରେ ସକାରାତ୍ମକ ଚିନ୍ତାଧାରାର ଅଧିକାରୀ ହେବା ଆବଶ୍ୟକ ବୋଲି ପାଣି ମତ ପ୍ରକାଶ କରିଥିଲେ। ନିଜ ସଭାପତୀୟ ଅଭିଭାଷଣରେ ସାହୁ କହିଥିଲେ, ଧନୀ ଯଦି ଦାନ ନ କରେ ଓ ଗରିବ ଯଦି ଶ୍ରମକାତର ହୁଏ ତେବେ ତା'ର ଅଧୋଗତି ସୁନିଶ୍ଚିତ। ଏଥିପ୍ରତି ଆମକୁ ସଚେତନ ରହିବା ଆବଶ୍ୟକ। ସମାଜର ମଙ୍ଗଳ ଉଦ୍ଦେଶ୍ୟ ନେଇ ଘରୁ ପାଦ କାଢ଼ିବାକୁ ସାହୁ ମତ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ହରିଶ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରଧାପକ ରଜନୀକାନ୍ତ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କାମାକ୍ଷା ପ୍ରସାଦ ରଣା, ସତ୍ୟନାରାୟଣ ଦୁବେ, ଚିତ୍ତମୋହନ ମିଶ୍ର, ବିନୋଦ କାନୁନଗୋ, ବିଜୟ ସାହାଣୀ, ପ୍ରଦୀପ ମହାନ୍ତି, ଦୀପ୍ତିମୟୀ ମହାପାତ୍ର, ବବିତା ମିଶ୍ର, ସୁଲୋଚନା ପାତ୍ର, ଆରତି ପଟ୍ଟନାୟକ, ସୁପ୍ରଭା ବେହେରା, ଅଜୟ ସୁନ୍ଦରାୟ, ସୁବାସ ସାମଲଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ଏଚ୍.କେ. ରାୟ ମହାବିଦ୍ୟାଳୟ ବାର୍ଷିକୋତ୍ସବରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଠିକା ସଂସ୍ଥା ଦ୍ୱାରା ଶୋଷଣ

## ବକେୟା ନ ପାଇ ବାରଦୁଆର ହେଉଛନ୍ତି ଶ୍ରମିକ

**ରାଉରକେଲା ଅଫିସ,୧୨।୨**

ସରକରୀ ନୀତିନିୟମକୁ ଉଲ୍ଲଂଘନ କରାଯାଇ ରାଉରକେଲା ଇସ୍ପାତ କାରଖାନାରେ ଶ୍ରମିକ ଶୋଷଣ କରାଯାଉଥିବା ରାଉରକେଲା ଇସ୍ପାତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ରମେଶ ସାହୁ ଅଭିଯୋଗ କରିଛନ୍ତି। ଏନେଇ ସାହୁ ଆଞ୍ଚଳିକ କେନ୍ଦ୍ରୀୟ ଶ୍ରମ କମିଶନର, ଇପିଏଫ୍ ଓ ଇଏସ୍‌ଆଇ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଆର୍‌ଏସ୍‌ପି ଅଧୀନରେ କାମ କରୁଥିବା ନିର୍ଦ୍ଦିଷ୍ଟ କିଛି ଠିକାସଂସ୍ଥା ମାଲିକ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି କିମ୍ବା ସାମାଜିକ ସୁରକ୍ଷା ପ୍ରଦାନ କରୁନାହାନ୍ତି। ନାମକୁମାତ୍ର ଗେଟ୍ ପାସ୍ ଖଣ୍ଡେ ଧରାଇ ଦିଆଯାଉଛି। ନିରୀହ ଶ୍ରମିକଙ୍କୁ ଶୋଷଣ କରାଯାଉଛି। ଅନେକ ଶ୍ରମିକଙ୍କୁ ଦୈନିକ ହାଜିରା କାର୍ଡ ପ୍ରଦାନ କରାଯାଉନି। ଏ ନେଇ କେହି ମୁହଁ ଖୋଲିଲେ ତାଙ୍କ ଗେଟ୍ ପାସ୍ ଛଡ଼ାଇ ନିଆଯାଉଛି। ନିକଟରେ ବବଲୁ ପାଲ ନାମକ ଜଣେ ଶ୍ରମିକଙ୍କୁ ଏକ ଠିକାସଂସ୍ଥା ଜୋର୍ କରି କାମରୁ ବାହାର କରି ଦେଇଛି। ଗେଟ୍ ପାସ୍ ଅବଧି ଆସନ୍ତା ମାର୍ଚ୍ଚ ୫ ତାରିଖ ପର୍ଯ୍ୟନ୍ତ ଥିବାବେଳେ ତାଙ୍କୁ କାମ ଦିଆଯାଉ ନାହିଁ। ବବଲୁ ଧାର୍ଯ୍ୟ ମଜୁରି ଦାବି କରିବାକୁ ସମ୍ପୃକ୍ତ ଠିକାସଂସ୍ଥା ତାଙ୍କ ଫାଇନାଲ ପ୍ରାପ୍ୟ ମଧ୍ୟ ଦେବାକୁ ମନା କରିଦେଇଛି। ଏପରି ଅବସ୍ଥାରେ ଗତ ଜାନୁୟାରୀ ୧ରୁ ଘରେ ବସି ରହିଥିବା ବବଲୁଙ୍କ ଅବସ୍ଥା କିଏ ବୁଝିବ ବୋଲି ସାହୁ ପ୍ରଶ୍ନ ଉଠାଇଛନ୍ତି। କେବଳ ବବ୍‌ଲୁ ନୁହନ୍ତି ଏଭଳି ଅନେକ ଶ୍ରମିକ ବିଭିନ୍ନ ଠିକାସଂସ୍ଥା ଦ୍ୱାରା ପ୍ରତାରିତ ହୋଇ ଏବେ ବାରଦୁଆର ଶୁଣିପିଣ୍ଡା ଅବସ୍ଥା ଭୋଗୁଛନ୍ତି ବୋଲି ସାହୁ ଅଭିଯୋଗ କରିଛନ୍ତି। ଏମାନଙ୍କୁ ନ୍ୟାୟ ମିଳୁନାହିଁ। ଯେଉଁ ଠିକାସଂସ୍ଥା କର୍ମଚାରୀ ବୀମା ରାଶି କିମ୍ବା ଶ୍ରମିକଙ୍କ ଭବିଷ୍ୟନିଧି ଜମା କରୁନାହାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହୁ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଏଥିସହ ଗରିବ ଠିକା ଶ୍ରମିକ ବବଲୁଙ୍କ ବକେୟା ନେଇ କମିଶନର ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

## ବଦଳିଲେ ଏସ୍‌ପି, ଏସ୍‌ଡିପିଓ

**ରାଉରକେଲା ଅଫିସ,୧୨।୨**



ଉମାଶଙ୍କର ଦାଶ



ପଦ୍ମିନୀ ସାହୁ

ରାଜ୍ୟ ପୋଲିସ ଅଧିକାରୀ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି। ରାଉରକେଲା ଏସ୍‌ପି ଡ. ଉମାଶଙ୍କର ଦାଶଙ୍କର ଏଠାରୁ ବଦଳି ହୋଇଛି। ତାଙ୍କୁ ପୁରୀ ଏସ୍‌ପି ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ନୂଆ ଏସ୍‌ପି ରୂପେ ବର୍ତ୍ତମାନ ପୁରୀ ଏସ୍‌ପି ଥିବା ସାର୍ଥକ ଷଡ଼ଙ୍ଗୀ ଯୋଗଦେବେ ବୋଲି ସୂଚନା ମିଳିଛି। ଦାଶ ୨୦୧୭ ଜୁଲାଇ ୫ରେ ରାଉରକେଲା ଏସ୍‌ପି ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ସେହିପରି ପାନପୋଷ ଏସ୍‌ଡିପିଓ ଭାବେ କାର୍ଯ୍ୟ କରୁଥିବା ପଦ୍ମିନୀ ସାହୁଙ୍କର କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ବଦଳି ହୋଇଛି।

## ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ରାଉରକେଲା ଅଫିସ,୧୨।୨**

ଗତ ୪ରୁ ୧୦ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଇଥିବା ୩୦ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହର ଉଦ୍‌ଯାପନୀ ସମାରୋହ ମଙ୍ଗଳବାର ପାନପୋଷ ହକି ଛକ ନିକଟ ଡ୍ରାଇଭିଂ ଟେଷ୍ଟିଂ ପଡ଼ିଆରେ ଅନୁଷ୍ଠିତ ହୋଇଛି। ବିଶ୍ୱଜିତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପାନପୋଷ ଉପଜିଲାପାଳ ବିଶ୍ୱଜିତ ମହାପାତ୍ର, ସମ୍ମାନିତ ଅତିଥି ରୂପେ ଆର୍‌ଏସ୍‌ପି ଅଧିକାରୀ ଚିତ୍ତରଞ୍ଜନ ମହାପାତ୍ର ଓ ଅତିରିକ୍ତ ଏସ୍‌ପି ସୁରେଶ ପାଠୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ପୀୟୁସ ଗୋଏଲ ଓ ବକ୍ତା ରୂପେ ସୁବ୍ରତ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ଜେନା ଅତିଥିଙ୍କୁ ସ୍ୱାଗତ କରି ଏହି ଦିବସ ପାଳନ ସମ୍ପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ମାନିଲେ ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା। ବିନା ତାଲିମରେ ଭାରୀଯାନ ଚଳାଇବା ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ଏ ଦିଗରେ ଅନେକଙ୍କ ଅଣଦେଖା ମନୋଭାବ ଦୁର୍ଘଟଣା ବୃଦ୍ଧିର କାରଣ ପାଲଟୁଛି ବୋଲି କହିଥିଲେ ଅତିଥି। ମାନବୀୟ ମୂଲ୍ୟବୋଧ ଦୃଷ୍ଟିରୁ ପ୍ରତ୍ୟେକ ଅନ୍ୟ ଚାଳକଙ୍କ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ସୁରକ୍ଷିତ ଗାଡ଼ି ଚାଳନା ପ୍ରତି ସମସ୍ତେ ଯତ୍ନବାନ ହେବାକୁ ଏଥିରେ ପରାମର୍ଶ ଦିଆଯାଇଥିଲା।




ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପନୀ ସମାରୋହରେ ମଞ୍ଚାସୀନ ଅତିଥି।

## ବିଜ୍ଞାନ, ହସ୍ତଶିଳ୍ପ, ଚିତ୍ରକଳା ପ୍ରଦର୍ଶନୀ

**ରାଉରକେଲା ଅଫିସ,୧୨।୨**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଦ୍ୱାରା ପରିଚାଳିତ ନିଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନରେ ମଙ୍ଗଳବାର ବିଜ୍ଞାନ, ହସ୍ତଶିଳ୍ପ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଏହାକୁ ଆର୍‌ଏସ୍‌ପି ସିଇଓ ଅଶ୍ୱିନୀ କୁମାର ଉଦ୍‌ଘାଟନ କରିଥିଲେ। ଏଥିରେ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ସବିତା କୁମାରୀଙ୍କ ସମେତ ଆର୍‌ଏସ୍‌ପି ପ୍ରକଳ୍ପ ବିଭାଗ ଇଡି ରାଜୀବ ଅଗ୍ରୱାଲ, ଓଏସ୍‌ଡି ଦୀପକ ଚଟ୍ଟରାଜ, କାର୍ମିକ ଓ ପ୍ରଶାସନିକ ବିଭାଗ ଇଡି ରାଜବୀର ସିଂ, କାର୍ଯ୍ୟ ବିଭାଗ ଇଡି ଗୌତମ ବାନାର୍ଜୀ, ଦୀପିକା ମହିଳା ସଂଘତି ଉପାଧ୍ୟକ୍ଷା ରେଖା ଅଗ୍ରୱାଲ ଓ ଅନୁରାଧା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ସିଇଓ କୁମାର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ବୁଲି ଦେଖିବା ସହ ଏହାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ମୋଟ ୧୬୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ଅବହେଳିତ ବର୍ଗର ପିଲାଙ୍କୁ ନିଶୁଳ୍କ ଶିକ୍ଷା ପ୍ରଦାନ କରାଯାଉଛି। ଦୀପିକା ମହିଳା ସଂଘତି ଦ୍ୱାରା ପରିଚାଳିତ ଏହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନିମନ୍ତେ ସମସ୍ତ ସୁବିଧା ମାଗଣାରେ ଯୋଗାଇ ଦିଆଯାଉଛି। ଅକ୍ଷୟପାତ୍ର ପ୍ରକଳ୍ପ ମାଧ୍ୟମରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ମଧ୍ୟ ଯୋଗାଇ ଦିଆଯାଉଛି।



ଦୀପିକା ଇସ୍ପାତ ଶିକ୍ଷାସଦନ ପକ୍ଷରୁ ଆୟୋଜିତ କଳା, ବିଜ୍ଞାନ ପ୍ରଦର୍ଶନୀକୁ ଆର୍‌ଏସ୍‌ପି ସିଇଓ ଅଶ୍ୱିନୀ କୁମାର ବୁଲି ଦେଖୁଛନ୍ତି।



ପାଷାଣ୍ଡ, କାମାନ୍ଧ, କୃପଣ, ମୂର୍ଖ, ଦରିଦ୍ର, କଳଙ୍କିତ, ଚିରବ୍ୟାଧିଗ୍ରସ୍ତ, କ୍ରୋଧୀ, ପେଟ ବିକଳିଆ, ପାପୀମାନେ ବଞ୍ôଥାଇ ମଧ ମରିଥାନ୍ତି। - ତୁଳସୀ ଦାସ



## ସଂକ୍ଷେପରେ

### କାର୍ ଓଲଟିଲା, ବର୍ତ୍ତିଗଲେ ମାଲିକ

କୋଲାବିରା,୧୨।୨(ଡି.ଏନ.ଏ.): ଝାରସୁଗୁଡା ଜିଲା ସମାସିଂହା-ବଡବାହାଲ ମଝି ଗିରଙ୍ଗିଲା ନାଳା ନିକଟରେ ଏକ କାର (ଓଆର୨୩ଜି୨୨୨୨) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର ଚାଳକ ତଥା ମାଲିକ ସମାସିଂହା ସେବା ସମବାୟ ସମିତିର ସମ୍ପାଦକ ସୁବାସ ପଟେଲ ବର୍ତ୍ତି ଯାଇଛନ୍ତି। ସେ ଲଇକେରାରୁ କାମ ସାରି ଫେରୁଥିଲେ। ଅପରାହ୍ନ ୪ଟାରେ ଗିରଙ୍ଗିଲା ନିକଟରେ କାର ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟି ପଡିଥିଲା। କାରଟି ଭାଙ୍ଗି ଚୂରମାର ହୋଇଯାଇଛି।

### ଇକୋ ପାର୍କ, ପର୍ଯ୍ୟଟନ ସ୍ଥଳ, ଦର୍ଶନୀୟ ସ୍ଥାନର ଉନ୍ନତିରେ ୮ କୋଟି ଟଙ୍କା ଖର୍ଚ୍ଚ ହେବ

ବେଲପାହାଡ଼,୧୨।୨(ଡ଼ି.ଏନ୍.ଏ): ଝାରସୁଗୁଡ଼ା ଜିଲା ବନଖଣ୍ଡ ଅଧୀନ ୫ଟି ପରିବେଶୀୟ ପର୍ଯ୍ୟଟନ ଓ ଦର୍ଶନୀୟ ସ୍ଥାନର ଉନ୍ନତୀକରଣ ପାଇଁ ଜିଲା ଖଣିଜ ପାଣ୍ଠିରୁ ୮ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ପୂର୍ବତନ ଜିଲାପାଳ ତଥା ଜିଲା ଖଣିଜ ପାଣ୍ଠିର ଅଧକ୍ଷ ବିଭୂତି ଭୂଷଣ ପଟ୍ଟନାୟକ ଅର୍ଥ ମଞ୍ଜୁର କରିଛନ୍ତି। ଉକ୍ତ ଅର୍ଥ ଡିଏଫଓଙ୍କ ତତ୍ତ୍ୱାବଧାନରେ ବିନିଯୋଗ ହେବ। ଜିଲାପାଳଙ୍କ ଚିଠି ସଂଖ୍ୟା ୨୨୯ ଅନୁଯାୟୀ ଝାରସୁଗୁଡ଼ା ମାଲିମୁଣ୍ଡାସ୍ଥିତ ଇକୋ ପାର୍କର ଉନ୍ନତୀକରଣ ପାଇଁ ୨ କୋଟି, ପର୍ଯ୍ୟଟନ ସ୍ଥଳ ତଥା ଦର୍ଶନୀୟ ସ୍ଥାନ ସିଙ୍ଘାବଗା ବିକାଶ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା, ଗୁଜାପାହାଡ଼ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା, କୋଇଲିଘୁଘର ପାଇଁ ୫୦ ଲକ୍ଷ ଟଙ୍କା, ପ୍ରଧାନଡୁଙ୍ଗୁରି ପାଇଁ ୫୦ ଲକ୍ଷ ଟଙ୍କା ଓ ବିକ୍ରମଖୋଲ ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ।

### ଜିଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଝାରସୁଗୁଡା ଅଫିସ,୧୨।୨: ଝାରସୁଗୁଡାର ବିଦାୟୀ ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ମଙ୍ଗଳବାର ବହୁ ସାମାଜିକ ସଙ୍ଗଠନ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବାର୍ ସଭାପତି ରଘୁମଣି ପଟେଲ, ଆଇନଜୀବୀ ଦିନେଶ ଜୈନ, ପ୍ରଫେସର ଟହଲୁ ସାହୁ, ବାଲଗୋବିନ୍ଦ ମିଶ୍ର, ଅର୍ଜୁନ ମୋର, ସନ୍ଦୀପ ଅଗ୍ରୱାଲଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଦୀର୍ଘ ୩ ବର୍ଷ ଧରି ସାମାଜିକ ସୁରକ୍ଷା ଦିଗରେ ଜିଲାପାଳ ପଟ୍ଟନାୟକ ନେଇଥିବା ପଦକ୍ଷେପକୁ ବୁଦ୍ଧିଜୀବୀମାନେ ପ୍ରସଂଶା କରିଥିଲେ। ଏହାସହ ଜିଲା ପାଇଁ ଚିନ୍ତା କରିଥିବା ବହୁ ଜନ ହିତକର ଏବଂ ବିକାଶମୂଳକ ଯୋଜନା ଝାରସୁଗୁଡା ଲୋକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଉପସ୍ଥିତ ଲୋକ ଅଭିହିତ କରିଥିଲେ। ଆଇନଜୀବୀ, ଚାମ୍ବର ଅଫ କମର୍ସ, ଟ୍ରକ୍ ମାଲିକ ସଂଘ, ସେହେଡା, କରଣ ସମାଜ, ବ୍ରାହ୍ମଣ ସାମଜ, ସ୍କୁଲ, କଲେଜ, ଡାକ୍ତର, ଲାୟନ୍ସ କ୍ଲବ, ପ୍ରେସ୍ କ୍ଲବ୍ ପ୍ରମୁଖ ସଙ୍ଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### କୁଷ୍ଠରୋଗୀ ବୋଲି ପଡୋଶୀ କିମ୍ବା ଜାତିଭାଇଙ୍କ କାନ୍ଧ ମିଳିଲାନି

ବ୍ରଜରାଜନଗର, ୧୨।୨ (ଡି.ଏନ.ଏ.) ରାଜପୁର ପଞ୍ଚାୟତର ବଘରାଚକା ହରିଜନପଡାରେ ଭୁଖଲ ଉର୍ମା (୭୦)ଙ୍କ ସୋମବାର ରାତ୍ରିରେ ପରଲୋକ ଘଟିଛି। ସେ ଜଣେ ଜଣେ କୁଷ୍ଠ ରୋଗୀ । ତାଙ୍କ ପୁଅ ରଞ୍ଜନ ମଙ୍ଗଳବାର ସକାଳୁ ଅନ୍ତିମ ସତ୍କାର ପାଇଁ ସାହି ପଡିଶା ଓ ଜାତିଭାଇଙ୍କୁ ଡାକିଥିଲେ। ହେଲେ କୁଷ୍ଠରୋଗୀ ବୋଲି ଘୃଣା କରି କେହି କାନ୍ଧ ଦେବାକୁ ଆସିଲେ ନାହିଁ । ଏଣୁ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଘରେ ମୃତଦେହ ପଡି ରହିଥିଲା । ଏହି ଘଟଣା ସମ୍ପର୍କରେ ପୂର୍ବତନ ବିଧାୟକ ଅନୁପ ସାଏ ଖବର ପାଇଥିଲେ। ଏହାପରେ ତୁରନ୍ତ ସେ ତାଙ୍କ ବଡ ଭାଇ ପ୍ରମୋଦ ସାଏଙ୍କୁ ଖବର ଦେଇଥିଲେ। ଶେଷରେ ବିଜୁ ଯୁବ ବାହିନୀର କର୍ମକର୍ତ୍ତାମାନେ ଘଟଣା ସ୍ଥଳରେ ପହଞ୍ଚି ଭୁଖଲଙ୍କୁ କାନ୍ଧ ଦେଇ ଶ୍ମଶାନରେ ପୋତି ଦେଇଥିଲେ।

### ବିଏସ୍ଏନ୍ଏଲ୍ ଠିକା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ

ଝାରସୁଗୁଡା ଅଫିସ,୧୨।୨- ଝାରସୁଗୁଡା ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟରେ କାମ କରୁଥିବା ୧୩ ଜଣ ଠିକା କର୍ମଚାରୀ ସୋମବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବକେୟା ୩ ମାସର ଦରମା ପ୍ରଦାନ ଏବଂ ୪ ମାସର ଇପିଏଫ ଓ ଇଏସ୍ଆଇ ଜମା କରିବା ଦାବିରେ ଏହି ଆନ୍ଦୋଳନ କରିଛନ୍ତି। ଉପରୋକ୍ତ ଦାବି ନେଇ ଗତ ଡିସେମ୍ବର ମାସରେ ସମ୍ବଲପୁର ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବିଭାଗୀୟ କର୍ମଚାରୀ ଏବଂ ଠିକାସଂସ୍ଥା ବକେୟା ପାଉଣା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ହେଲେ ଠିକାସଂସ୍ଥା ୧୦ ତାରିଖ ସୁଦ୍ଧା ବକେୟା ପ୍ରଦାନ କରି ନ ଥିବାରୁ ୧୧ରୁ କର୍ମଚାରୀ ଆନ୍ଦୋଳନ କରିଥିଲେ। କର୍ମଚାରୀ ଭୁବନ ସିନ୍ଧୁ କିରଣ ସାହୁ, ଚଗଲା ବେହେରା, କ୍ଷମାଶିଳ ପ୍ରଧାନ, ଜଗବନ୍ଧୁ ଛୁରିଆ, ଜୁଗିଆ କିଶାନ ପ୍ରମୁଖ ଧାରଣାରେ ବସିଥିଲେ।

■ଲଇକେରା, କିର୍ମିରାକୁ ସିଡ୍ୟୁଲ ବ୍ଲକ୍ ମାନ୍ୟତା

# ଫେବୃୟାରୀ ୨୨ ଯାଏ ମହଲତ, ୨୩ରୁ ଆନ୍ଦୋଳନ

ଝାରସୁଗୁଡା ଅଫିସ,୧୨।୨

ଝାରସୁଗୁଡା ଜିଲାର ଲଇକେରା ଓ କିର୍ମିରା ବ୍ଲକକୁ ସିଡ୍ୟୁଲ ବ୍ଲକ୍ ମାନ୍ୟତା ଦାବି ପୁଣିଥରେ ଜୋର ଧରିଛି। ଏଥର ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଚେତାବନୀ ଦିଆଯାଇଛି। ଏହି ଦୁଇଟି ବ୍ଲକ୍ ସିଡ୍ୟୁଲ୍ ବ୍ଲକ୍ ମାନ୍ୟତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାର ମିଳିମିଶି ଅବହେଳା କରୁଛନ୍ତି। ତେଣୁ ଏହାକୁ ଆଉ ବରଦାସ୍ତ କରାଯିବନି ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସମ୍ମିଳିତ ଆଦିବାସୀ ସମାଜ(ଏସ୍ଏଏସ୍) କହିଛି । ଫେବୃୟାରୀ ୨୨ ତାରିଖ ଭିତରେ ସିଡ୍ୟୁଲ ବ୍ଲକ୍ ଘୋଷଣା କରା ନ ଗଲେ ୨୩ ତାରିଖଠାରୁ ଝାରସୁଗୁଡା ଜିଲାପାଳଙ୍କ ଅଫିସ ଆଗରେ ଅହୋରାତ୍ର ଅନଶନ କରାଯିବ। ଏହି ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଅନଶନ ପରେ ପରେ କିର୍ମିରା ଓ ଲଇକେରା ବ୍ଲକକୁ ସରକାରୀ ଗାଡି ଚଳାଚଳ ବନ୍ଦ କରିଦିଆଯିବ। ଅଫିସରେ ତାଲା ପକାଯିବ। ଶେଷରେ ମଧ ଦାବି ପୂରଣ ନ ହେଲେ ୨୦୧୯ ନିର୍ବାଚନରେ ଆଦିବାସୀ ଭୋଟ ବର୍ଜନ କରିବେ। ଶାନ୍ତିପୂର୍ଣ୍ଣ ଉପାୟରେ ଉଭୟ ରାଜ୍ୟ, କେନ୍ଦ୍ର ସରକାର ଏବଂ ସ୍ଥାନୀୟ ନେତାଙ୍କୁ ଜବାବ ଦିଆଯିବ। ଏସ୍ଏଏସର ସଭାପତି ବୁନ୍ଦେ ଧୁରୁଆ ଏହା କହିଛନ୍ତି।

ସୂଚନାଯୋଗ୍ୟ ଦେଶର ମୋଟ ୬୪୦ଟି ଜିଲା ମଧ୍ୟରୁ ୨୫୦ଟି ଜିଲାକୁ ପଛୁଆ ଜିଲା ଭାବେ ଚିହ୍ନଟ କରାଯାଇଥିଲା। ସେଥିରେ ଝାରସୁଗୁଡା ଜିଲାର କିର୍ମିରା ଏବଂ ଲଇକେରା ବ୍ଲକ ସ୍ଥାନିତ ହୋଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଏବଂ ତାଲିମ୍ ନିର୍ଦ୍ଦେଶାଳୟ(ଏସ୍ସିଏସ୍ଟିଆରଟିଆଇ) ତରଫରୁ ଜିଲାର ଲଇକେରା, କିର୍ମିରା ବ୍ଲକରେ ବେସ୍ ଲାଇନ୍ ସର୍ଭେ କରାଇଥିଲେ। ଏହି ସର୍ଭେ ମୁତାବକ କିର୍ମିରା ବ୍ଲକରେ ଅନୁସୂଚିତ ଜନଜାତି ଲୋକସଂଖ୍ୟା ୫୨.୬୯% ଏବଂ ଲଇକେରା ବ୍ଲକରେ ୫୧.୭୮% ଜନଜାତି ଲୋକ ଥିବା ଜଣାପଡିଥିଲା। ନିୟମ ଅନୁସାରେ ବ୍ଲକରେ ଜନଜାତି ଲୋକସଂଖ୍ୟା ଅଧିକ ହେଲେ ଉକ୍ତ ବ୍ଲକକୁ ସିଡ୍ୟୁଲ ବ୍ଲକ ଭାବେ ଘୋଷଣା କରି ଆଟିଡିଏ ପ୍ରତିଷ୍ଠା କରିବା କଥା। ଏହି ଦାବି ୨୦୧୧ ମସିହାରୁ ସ୍ଥାନୀୟ ଆଦିବାସୀମାନେ କରି ଆସୁଛନ୍ତି। ରାଜ୍ୟ ସରକାର ପ୍ରଥମେ ସର୍ଭେ କରିବାରେ ବିଳମ୍ବ କରିଥିଲେ। ଏବେ କେନ୍ଦ୍ର ସରକାର ସର୍ଭେ ଫାଇଲକୁ ବୈଷୟିକ ତ୍ରୁଟି ଆଳରେ ଚାପି ରଖିଛନ୍ତି। ଅନ୍ୟପକ୍ଷରେ ସର୍ଭେ ରିପୋର୍ଟ ପଠାଇଦେଇ ରାଜ୍ୟ ସରକାର ନୀରବ ରହିଛନ୍ତି । ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ ଏହି ଅଭିଯୋଗ କରିଛନ୍ତି।

ସେହିପରି କିଛି ଅଣ ଆଦିବାସୀ ସ୍ଥାନୀୟ ନେତା ଏଥିରେ କଣ୍ଟା ସାଜିଛନ୍ତି। ଆଦିବାସୀଙ୍କୁ ପ୍ରତିଶ୍ରୁତି ଦେଇ ସରକାରଙ୍କୁ ବିପରୀତ ଦିଗ ଦେଖାଉଛନ୍ତି। ବିଧାୟକ ପଦରେ ଥାଇ ଦିନେ ଦରଦ ଦେଖାଇ ନ ଥିବା ନେତା ପଦରୁ ଇସ୍ତଫା ଦେବା ପରେ ପୁରୁଣା ଦିନର ଚିଠି ବାହାର କରି ବିଭ୍ରାନ୍ତ କରୁଛନ୍ତି। ସେହି 'ବିଭୀଷଣ' ଚରିତ୍ରର ନେତାଙ୍କ ମୁଖା ଖୋଲାଯିବ ବୋଲି ଏସ୍ଏଏସ୍ କହିଛି। ଖବରଦାତା ସମ୍ମିଳନୀରେ କିଷାନ ସମାଜ ପ୍ରଗତିଶୀଳ ମଞ୍ଚର ରତ୍ନାକର ପ୍ରଧାନ, କିଷାନ ସମାଜର ପଦ୍ମଲୋଚନ ବୁଦୁଲା, ମୁଣ୍ଡା ସମାଜର ଦୁବରାଜ ମୁଣ୍ଡା, ଜିଲା ଗୋଣ୍ଡୱାନା ସମାଜର ଡମ୍ବରୁଧର ନାଏକ, କଷାନ ସମାଜର ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆଦିବାସୀ ନେତା।

## ଏଲ.ଏନ୍. କଲେଜର ବାର୍ଷିକ ଉତ୍ସବ

ଝାରସୁଗୁଡା ଅଫିସ,୧୨।୨

ଝାରସୁଗୁଡା ଲକ୍ଷ୍ମୀନାରାୟଣ କଲେଜର ୫୦ ତମ ବାର୍ଷିକ ଉତ୍ସବ ମଙ୍ଗଳବାର କଲେଜ ପରିସରରେ ପାଳିତ ହୋଇଯାଇଛି। ଅଧକ୍ଷ ଡ. ଚୀରବ୍ରତ ଦତ୍ତ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ଯୋଗଦେଇ ସମ୍ପ୍ରତିକ ସମସ୍ୟା ଓ ଛାତ୍ରୀଛାତ୍ରଙ୍କ ପ୍ରତି ଆହ୍ୱାନ ସମ୍ପର୍କରେ କହିଥିଲେ। ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ହଳଧର ନାଗ, ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ସଂଜିତ କୁମାର ସାହୁ, ଇବଭ୍ୟାଲି ପବନ୍ଧକ ମଧୁସୂଦନ ଶର୍ମା ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ ଏବଂ ଲକ୍ଷ୍ୟ ଧାର୍ଯ୍ୟ ପୂର୍ବକ ଅଧୟନରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପକ ତପନ କୁମାର ବାରିକ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ନରେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ସଂସ୍କାର ଦେଉଛି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର

ଲଖନପୁର,୧୨।୨(ଡି.ଏନ୍.ଏ.)

ଲଖନପୁର ବ୍ଲକ୍ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସୁବାସ ଚୌହାନ, ଲଇଡା ଦୂତିକା ସାହୁ କଲେଜ ଅଧାପକ ଜୟନାରାୟଣ ଶତପଥୀ, ବ୍ଲକ୍ ଅଧକ୍ଷା ଶାନ୍ତି ପ୍ରଧାନ, ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ବ୍ରଜରାଜନଗର ସଂକୁଳ ପ୍ରମୁଖ ବିଜୟ କୁମାର ଦାସ, ଯୁଗ୍ମ ସମ୍ପାଦକ ଶରତ ପ୍ରଧାନ, ସଦସ୍ୟା ସୁମିତ୍ରା ଦାସ ଓ ଗୀତାରାଣି ମେହେର ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସ୍କୁଲ୍ ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି ଅଧକ୍ଷତା କରିଥିଲେ। ସ୍କୁଲ୍ ପରିଚାଳନା କମିଟି ସମ୍ପାଦକ ଯୋଗେଶ ପ୍ରଧାନ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ କରିଥିଲେ। ଶିକ୍ଷୟିତ୍ରୀ ପଙ୍କଜିନୀ ସା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ଜୟକୃଷ୍ଣ ପଟେଲ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଧାରଣ ସ୍କୁଲ୍ ଅପେକ୍ଷା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ସଂସ୍କାର ଦିଆଯାଉଛି । ଏଥିପାଇଁ ଶିକ୍ଷା ବିକାଶ ସମିତିର ନୀତିଆଦର୍ଶକୁ ଅତିଥିମାନେ ପ୍ରଶଂସା କରିଥିଲେ । ଏହି ଅବସରରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ, ଆଧୁନିକ ନୃତ୍ୟ, କ୍ଷୁଦ୍ରନାଟକ, ଗୀତିନାଟ୍ୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ନିଖୁଣ କଳା ଦର୍ଶକଙ୍କ ମନ ମୋହିଥିଲା । ଏଥିରେ ୨୭୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ କଳାକାରମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ଦଶମ ଶ୍ରେଣୀ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶୁଭକାନ୍ତ ବେହେରା, ପଠାଣି ସାମନ୍ତ ପରୀକ୍ଷାରେ ଝାରସୁଗୁଡା ଜିଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଛାତ୍ର ମାନସ ଦାସଙ୍କୁ ପୁରସ୍କୃତ କରାଯାଇଥିଲା । ସଂକୁଳ ସ୍ତରୀୟ ନିବନ୍ଧ ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ରୋଜାଲି ହୋତା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏଥିରେ ଜିତେନ୍ଦ୍ର ପ୍ରଧାନ, କୀର୍ତ୍ତି ପାତ୍ର, ସୁଜାତା ପ୍ରଧାନ, ମନ୍ଦାକିନୀ ମହନ୍ତ, ରୋଜାଲି ହୋତା, ରଞ୍ଜୁ ବିଶ୍ୱାଳ, ପ୍ରଜ୍ଞା ଦାସ, ସତ୍ୟଭାମା ପ୍ରଧାନ, ଅନିତା ଭୋଇ, ରୁକ୍ମିଣୀ ପ୍ରଧାନ, ଦୀପାଞ୍ଜଳି ସାହୁ, ସବିତାରାଣି ପାତ୍ର, ସୁମିତା ପାଢୀ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଯଶୋବନ୍ତ ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।




ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୭ତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ବେଆଇନ ବାଲି ଚାଲାଣ: ୩ ଟ୍ରାକ୍ଟର ଜବତ

କୋଲାବିରା,୧୨।୨ (ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରା ତହସିଲ ଅନ୍ତର୍ଗତ ସୋଡାମାଲ ଭେଡେନ ନଦୀରୁ ସମ୍ବଲପୁର ପଡିଆବାହାଲ ଅଞ୍ଚଳର ୩ଟି ଟ୍ରାକ୍ଟର ବାଲି ଚୋରା ଚାଲାଣ କରିବାବେଳେ ମଙ୍ଗଳବାର ଧରା ପଡିଛି। ସମାସିଂହା ଆରଆଇ ଜଗଦୀଶ ସାହୁଙ୍କ ହାବୁଡରେ ଏହି ଟ୍ରାକ୍ଟର ୩ଟି ପଡିଥିଲା । ଗାଡି ୩ଟିକୁ ଜବତ କରାଯାଇ କୋଲାବିରା ପୋଲିସର ହେପାଜତରେ ଦିଆଯାଇଛି। ଓଡି୧୫ଏଫ୦୧୮୯ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ସମେତ ଅନ୍ୟ ୨ଟି ନମ୍ବର ବିହୀନ ଟ୍ରାକ୍ଟରରେ ମାତ୍ରାଧିକ ଓଭରଲୋଡ ବାଲି ଭର୍ତ୍ତି ହୋଇ ସମ୍ବଲପୁର ଅଞ୍ଚଳକୁ ଯାଉଥିଲା । ବାଲି ଚୋରା ଚାଲାଣ କାରୀଙ୍କ ବିରୋଧରେ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଆରଆଇ ସାହୁଙ୍କୁ ପଚାରିବାରୁ ତହସିଲଦାରଙ୍କ ଉପରେ ନିର୍ଭର କରୁଥିବା ସେ ପ୍ରକାଶ କରିଥିଲେ। ତେବେ ତହସିଲଦାର ସଞ୍ଜୀବ କୁମାର ପଟେଲ ମିଟିଂ ପାଇଁ ଜିଲା ମୁଖ୍ୟାଳୟକୁ ଯାଇଥିବାରୁ କେତେ ପରିମାଣରେ ଜରିମାନା କରାଯିବ ଏବଂ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ଜଣାପଡିନାହିଁ। ସୂଚନା ଯୋଗ୍ୟ ଯେ ପ୍ରତିଦିନ ଏହିପରି ଭାବରେ ଭେଡେନ ନଦୀ ପଠାରୁ ବାଲି ଚୋରା ଚାଲାଣ ହେଉଛି। ମାତ୍ର ଝାରସୁଗୁଡା ସୀମାବର୍ତ୍ତୀ ଇଲାକା ହୋଇଥିବାରୁ ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ବିଶେଷ ଧ୍ୟାନ ରହୁନି। ଏଣୁ ସରକାରଙ୍କ ବିପୁଳ ରାଜସ୍ୱ ହାନି ହେଉଛି।

## ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

କୋଲାବିରା,୧୨।୨ (ଡି.ଏନ.ଏ.)

ଝାରସୁଗୁଡା ଜିଲା କୋଲାବିରା ଥାନା ଅନ୍ତର୍ଗତ ଏନଏଚ-୪୯ ଶିରିଆପାଲି ସ୍କୁଲ ନିକଟରେ ମଙ୍ଗଳବାର ଅପରାହ୍ନ ୨ଟାରେ ଦୁଘଟଣା ଘଟିଛି। ଏକ କୋଇଲା ବୋଝେଇ ଟ୍ରକ୍ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଛି। ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବ୍ରଜରାଜନଗର ଗଙ୍ଗାଜଳ ଗ୍ରାମର ସନ୍ତୋଷ କେଉଁଟ(୨୫)। ସେ କୋଲାବିରା ଅଞ୍ଚଳକୁ କୌଣସି କାମରେ ଆସି ଅପରାହ୍ନ ୨ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ଶିରିଆପାଲି ସ୍କୁଲ ନିକଟରେ ଝାରସୁଗୁଡା ପଟୁ ଦ୍ରୁତ ଗତିରେ ଆସୁଥିବା ଓଡି୩୫ଏ୪୬୦୩ ନମ୍ବର ବିଶିଷ୍ଟ କୋଇଲା ଟ୍ରକ୍ ଆଗରେ ଯାଉଥିବା ଏକ ଟ୍ୟାଙ୍କରକୁ ଅତିକ୍ରମ କରୁଥିଲା। ହେଲେ ବାଇକ ଚାଳକ ସନ୍ତୋଷଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ବାଇକ ଚାଳକ ସନ୍ତୋଷଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲେ। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲେ। ହେଲେ ସେଠାରେ ଉପସ୍ଥିତ ଲୋକେ ତାଙ୍କୁ କାବୁ କରିବା ସହ କୋଲାବିରା ଥାନାକୁ ସୂଚନା ଦେଇଥିଲେ। ଖବର ପାଇ କୋଲାବିରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ଟ୍ରକକୁ ଜବତ କରିବା ସହ ଡାଇଭର ଈଶ୍ୱର ଖଡିଆଙ୍କୁ ପୋଲିସ ଗିରଫ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ରମ୍ଭେଲା ପଞ୍ଚାୟତ ହାଇସ୍କୁଲ ବାର୍ଷିକ ଉତ୍ସବ

ଲଖନପୁର,୧୨।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ରମ୍ଭେଲା ପଞ୍ଚାୟତ ହାଇସ୍କୁଲର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି କିଶୋରଚନ୍ଦ୍ର ପଟେଲ, ମୁଖ୍ୟବକ୍ତା ଖଣ୍ଡା ହାଇସ୍କୁଲ ଶିକ୍ଷକ ଗୌରୀଦାସ ପ୍ରଧାନ, ବ୍ଲକ୍ ଅଧକ୍ଷା ଶାନ୍ତି ପ୍ରଧାନ, ଭିଏସ୍ଏସ୍ ବିଶ୍ୱବିଦ୍ୟାଳୟ ପୂର୍ବତନ ପ୍ରଫେସର ଶଶି ଭୂଷଣ ମହାପାତ୍ର, ପୂର୍ବତନ ସରପଞ୍ଚ ତଥା ସ୍କୁଲ ପ୍ରତିଷ୍ଠାତା ଚନ୍ଦ୍ରମଣି ନାୟକ, ସମିତିସଭ୍ୟା ସବିତା ପାଢୀ, ପୂର୍ବତନ ବ୍ଲକ୍ ଅଧକ୍ଷ ସନତ ସିଂହ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ୍ ପ୍ରଧାନ ଶିକ୍ଷୟିତ୍ରୀ ଯୋଗେଶ୍ୱରୀ ସେନାପତି ଅଧକ୍ଷତା କରିବା ସାଙ୍ଗକୁ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ସ୍କୁଲର ବାର୍ଷିକକ୍ରୀଡାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା । ସ୍କୁଲ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଛାତ୍ରୀଛାତ୍ରଙ୍କ ନିଖୁଣ କଳା ଦର୍ଶକଙ୍କ ମନ ମୋହିଥିଲା। ଏଥିରେ ସୁରେନ୍ଦ୍ର ପାଢୀ, ବିଦ୍ୟାଧର ନାୟକ, ବିରଞ୍ଚି ତ୍ରିପାଠୀ, କୃଷ୍ଣଚନ୍ଦ୍ର ବାବୁ, ସତ୍ୟବାଦୀ ସା, ପ୍ରମୋଦ ସାହୁ, ଏ ଦର୍ଜି, ରାଜେଶ ପଣ୍ଡା ପ୍ରମୁଖ ଶିକ୍ଷକ ଓ ଶିକ୍ଷାପ୍ରେମୀ ସହଯୋଗ କରିଥିଲେ ।



ରମ୍ଭେଲା ପଞ୍ଚାୟତ ହାଇସ୍କୁଲର ୨୪ତମ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଶିକ୍ଷକଙ୍କୁ ସମ୍ମାନିତ କରି ଆଶୀର୍ବାଦ ନେଲେ ପୁରାତନ ଛାତ୍ର

ଲଖନପୁର,୧୨।୨(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସମରବଗା ପଞ୍ଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶାନ୍ତନୁ ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଂସଦ ସଭାପତି ତୁଷାରାମ ପ୍ରଧାନ ଅଧକ୍ଷତା କରିଥିଲେ । ଏଥିରେ ଓପିଜିସି ଅଧିକାରୀ ଦେବାର୍ଚ୍ଚନ ସାହୁ, ଲଖନପୁର ଥାନା ଆଇଆଇସି ବୈକୁଣ୍ଠ ବିହାରୀ ସେଠ୍, ସଂସଦ ସମ୍ପାଦକ ରୋହିତ ଧୁରୁଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ମହେନ୍ଦ୍ର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ୧୯୮୭ ମସିହାରେ ସ୍କୁଲ୍ ସ୍ଥାପିତ ହୋଇଥିଲା। ଏଥିମଧରେ ସ୍କୁଲ ସ୍ଥାପନ ହେବାର ୩୨ବର୍ଷ ହେଲାଣି । ଏହି ସ୍କୁଲ୍‌ରୁ ଶତାଧିକ ଛାତ୍ରୀଛାତ୍ର ଅଧୟନ କରି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନିୟୋଜିତ ହୋଇ ନିଜର ଜୀବିକା ଅର୍ଜନ କରିବା ସହ ସ୍କୁଲ୍‌ର ନାମ ରଖିଛନ୍ତି। ଦୀର୍ଘ ଦିନର ସ୍ମୃତିକୁ ନିଜ ନିଜ ମଧରେ ବାଣ୍ଟିବା ପାଇଁ ସଂସଦର ଏହି ପ୍ରୟାସ ବୋଲି ସଭାପତି ପ୍ରଧାନ କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ର ଅବସରପ୍ରାପ୍ତ ଓ କାର୍ଯ୍ୟରତ ସମୁଦାୟ ୧୭ଜଣ ଶିକ୍ଷକ, କର୍ମଚାରୀଙ୍କୁ ଫୁଲ, ଚନ୍ଦନ ସହିତ ଉପଢୌକନ ଦେଇ ସମ୍ମାନିତ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସୁରେନ୍ଦ୍ର ବିଶ୍ୱାଳ, ଦିଲୀପ ପ୍ରଧାନ, ଟେକାରାମ ମେହେର, ଅନନ୍ତରାମ ପଟେଲ, ରମାକାନ୍ତ ସାହୁ, ମଙ୍ଗଳ ଭୋଇ, ବଟୁ ପ୍ରଧାନ, ଯଦୁମଣି ପ୍ରଧାନ, ବିନୟ ପଟେଲ, ବିପଦ ଭଞ୍ଜନ ପଣ୍ଡା, ବିହାରୀଲାଲ୍ ପଟେଲ, ଉସତରାମ ବାରିକ, ଶାନ୍ତନୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ୍‌ର ବାର୍ଷିକକ୍ରୀଡାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ବିଭିନ୍ନ ପାଠ୍ୟ ଉପକରଣ ଦେଇ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଘ୍ନେଶ୍ୱର ସିଂହ, ସଞ୍ଜୟ ବିଶ୍ୱାଳ, ଜିତେନ ବାରିକ, ଚୈତନ୍ୟ ବାରିକ, ଉସତରାମ ବିଶ୍ୱାଳ, ଅଜୟ ବିଶ୍ୱାଳ, ମଳୟ ବିଶ୍ୱାଳ, ରାଜେଶ ସିଂହ, ଚତୁର୍ଭୁଜ ବାରିକା, ପ୍ରମୋଦ ଗଡତିଆ, ରଞ୍ଜିତ ପ୍ରଧାନ, ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।




ସମରବଗା ପଞ୍ଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ଶିକ୍ଷକ, କର୍ମଚାରୀ ଓ ଅନ୍ୟମାନେ।

## ଅନେକ ପୁରୁଖା ଅନୁଗତ ଅନୁପସ୍ଥିତ

କିର୍ମିରା, ୧୨।୨ (ଡି.ଏନ.ଏ)

ଝାରସୁଗୁଡାର ପୂର୍ବତନ ବିଧାୟକ ନବକିଶୋର ଦାସ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ନିଜ ପକ୍ଷକୁ ମଜବୁତ କରିବା ପାଇଁ ନିଜ ପୂର୍ବ ଅନୁଗତ ଓ ବିଜେଡି କର୍ମୀଙ୍କୁ ଏକତ୍ରିତ କରିବାରେ ଲାଗି ପଡିଛନ୍ତି । ବିଜେଡି କର୍ମୀ ଦଳର ହାଇକମାଣ୍ଡ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ସମ୍ମାନ ଦେଇ ନବଙ୍କ କାର୍ଯ୍ୟକ୍ରମରେ ବିନା ଦ୍ୱିଧାରେ ଯୋଗ ଦେଉଛନ୍ତି । ତେବେ ନବଙ୍କ ପୂର୍ବ ଅନୁଗତ ଓ କଂଗ୍ରେସ କର୍ମୀଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି । ନବ ବିଜେଡି କର୍ମୀ ଓ ଅନୁଗତଙ୍କୁ ଏକାଠି କରିବା ଚେଷ୍ଟା ଜାରି ରଖିଥିବା ବେଳେ ପୂର୍ବତନ କଂଗ୍ରେସ କର୍ମୀ ଏଥିରେ ନିଜକୁ ଅସହଜ ମନେ କରୁଛନ୍ତି। ମଙ୍ଗଳବାର ଝାରସୁଗୁଡା ଅନ୍ତର୍ଗତ ଅର୍ଡା ଗ୍ରାମରେ ବିଜେଡିର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ହେଲେ ଏଥିରେ ଅନେକ ପୁରୁଣା ନବ ଅନୁଗତଙ୍କୁ ଦେଖିବାକୁ ମିଳି ନ ଥିଲା । ଝାରସୁଗୁଡା ରାଜନୀତିରେ ଅର୍ଡାର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ଅର୍ଡା ପଞ୍ଚାୟତ ଲଇକେରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କୁ ବାରମ୍ବାର ବିଜୟୀ କରିବାରେ ଏଠାକାର କଂଗ୍ରେସ କର୍ମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ନବ ଝାରସୁଗୁଡା ରାଜନୀତିରେ ଆସିବା ପରେ ଏହି କର୍ମୀଙ୍କୁ ନେଇ ସହଜରେ ନିର୍ବାଚନ ଜିତି ବିଧାୟକ ହୋଇପାରିଥିଲେ। ତେବେ ଏହି ବୈଠକରେ ନବଙ୍କ ପାଖଲୋକ କୁହାଯାଇଥିବା ଜଗନ୍ନାଥ ଜେନା, ମଳୟ ସାହୁ, ଅର୍ଡା ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ, ସମିତି ସଭ୍ୟ ବିଦ୍ୟାଧର ଧୁରୁଆ, ଅଗ୍ରଣି କର୍ମୀ ଗୋବର୍ଦ୍ଧନ ବେହେରା, ରଞ୍ଜିତ ସାହୁଙ୍କ ସମେତ ଅନେକ ଆଗଧାଡିର କର୍ମୀଙ୍କ ଦେଖିବାକୁ ମିଳି ନ ଥିଲା। ବ୍ୟକ୍ତିଗତ କାରଣରୁ ଯୋଗଦେଇ ପାରି ନ ଥିବା ଏମାନେ କହୁଛନ୍ତି। ହେଲେ ଏହା ନବଙ୍କୁ ବିରୋଧ ନୁହେଁ ତ ବୋଲି ଚର୍ଚ୍ଚା ହେଉଛି । ଲୋକେ କହିବାରୁ ବିଜେଡିରେ ଯୋଗ ଦେଇଛନ୍ତି ବୋଲି କହୁଥିବା ନବ ଦାସଙ୍କ ପାଇଁ ଏହି ଘଟଣା ଘରେ ନପଶୁଣୁ ଚାଳ ବାଜିଲା ଭଳିଆ ହୋଇଥିବା ଲୋକେ ଚର୍ଚ୍ଚା କରୁଛନ୍ତି।



ଯେଉଁମାନେ ଭଗବତ୍ ବିଶ୍ୱାସୀ ସେମାନେ ପ୍ରକୃତ ଜ୍ଞାନ ହାସଲ ପାଇଁ ବ୍ୟାକୁଳ ହୋଇଉଠନ୍ତି।
- ଫ୍ରାନ୍‌ସିସ୍ କ୍ୱାର୍ଲସ



## ସଂକ୍ଷେପରେ

### ବଡ଼ବଙ୍ଗା ଗ୍ରାମରେ ଜଙ୍ଘା ବଡଦେବଙ୍କ ପୂଜା ଉତ୍ସବ

ଲେଫ୍ରିପଡା,୧୨।୨/(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ବଡବଙ୍ଗା ଗ୍ରାମରେ ଜଙ୍ଘାବଡଦେବଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେବାନନ୍ଦ ନାଏକ, ପରମେଶ୍ୱର ନାଏକ ଏବଂ ଲାଲମଣୀ ମାଝିଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ବଡବଙ୍ଗା, ଭରତପୁର, ଝାରଗାଁ, ମୁଣ୍ଡାଗାଁ, ମହିକାନୀ, ଧୁରୁଆଡିହି, ବିଜାଡିହି, ସର୍ଗିପାଲି, ଲଖନପୁର, ଲକ୍ରାଗୁଡା, ଦିଆମୁଣ୍ଡା, ଝୁରିମାଲ ଇତ୍ୟାଦି ଗ୍ରାମର ଗୋଣ୍ଡ ସମାଜର ଜାତିଭାଇ ଉପସ୍ଥିତ ରହି ଭାଗ ନେଇଥିଲେ। ସମାଜର ଏକତା ଓ ବିକାଶ ନିମନ୍ତେ ସମସ୍ତେ ଅଗ୍ରାଧିକାର ଦେବାପାଇଁ ଆୟୋଜିତ ବୈଠକରେ ଅତିଥିଗଣ ମତବ୍ୟକ୍ତ ପ୍ରଦାନ କରିଥିଲେ। ସ୍ଥାନୀୟ ବଡବଙ୍ଗା ସରପଞ୍ଚ ସୁନୀତା ନାଏକ, ରାଜେଶ୍ୱରୀ ଆଡେ, ପୂର୍ବତନ ବିଧାୟକ ଯୋଗେଶ ସିଂ, ସୁନ୍ଦରଗଡ ଜିଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷା କୁସୁମ ଟେଟେ ପ୍ରମୁଖ ଯୋଗ ଦେଇଥିଲେ। ସମାଜ ପକ୍ଷରୁ ବାଦପାଲା ଏବଂ କୃଷ୍ଣଗୁରୁ ଭଜନ ପରିବେଷଣ କରାଯାଇଥିଲା।

ସୁନ୍ଦରଗଡ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ମନମାନି ବିରୋଧରେ ବିଜୁ ଏକ୍ସପ୍ରେସ୍ ୱେ ଅବରୋଧ

# ୫୨ ବହିଷ୍କୃତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଅ

ସୁନ୍ଦରଗଡ,୧୨।୨ (ଡି.ଏନ୍.ଏ)

କିରେଇସ୍ଥିତ ସୁନ୍ଦରଗଡ ଇଞ୍ଜିନିୟରିଂ କଲେଜ ପରିଚାଳନା କମିଟି ପକ୍ଷରୁ ୫୨ ଜଣ କର୍ମଚାରୀଙ୍କୁ ବହିଷ୍କୃତ କରାଯାଇଛି। ସେମାନଙ୍କୁ ଜାତିଗତ ଆକ୍ଷେପ କରାଯାଇଛି। ଏହାକୁ ନେଇ ମଙ୍ଗଳବାର ଅଖିଳ ଭାରତୀୟ ଅଗ୍ରିଆ ସମାଜ ଓଡିଶା ଶାଖା ରାସ୍ତାକୁ ଓହ୍ଲାଇଛି। ମଙ୍ଗଳବାର ସକାଳ ୯ଟାରୁ ମଧ୍ୟାହ୍ନ ସାଢେ ୧ଟା ପର୍ଯ୍ୟ ରାଉରକେଲା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେରେ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଯାନବାହାନ ଅଟକି ରହିଥିଲା । ବହିଷ୍କୃତ ୫୨ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି କରାଯାଇଛି। ସଦର ଉପଜିଲାପାଳ ଡୋଳାମଣି ପୁଟେଲ, ସଦର ତହସିଲଦାର ଓ ସଦର ଥାନା ଆଇସିସି ରମାକାନ୍ତ ସାଏ ପହଞ୍ଚି



ସୁନ୍ଦରଗଡ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ମନମାନି ବିରୋଧରେ ବିଜୁ ଏକ୍ସପ୍ରେସ୍ ୱେ ଅବରୋଧ କରାଯାଇଛି ।

ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳ ଛୁଟିରେ ଅଛନ୍ତି। ଏଣୁ ପରେ ତାଙ୍କ ଉପସ୍ଥିତିରେ ଏ ସଂପର୍କରେ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ଏହି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଅଘରିଆ ସମାଜର ଗଙ୍ଗାଧର ନାଏକ, ଯଶୋବନ୍ତ ନାଏକ, ଅଜୟ ପଟେଲ, ସୁବର୍ଣ୍ଣ ପଟେଲ, ସବିତା ପଟେଲ, ପ୍ରେମାନନ୍ଦ ପଟେଲ ପ୍ରମୁଖଙ୍କ ନେତୃତ୍ୱରେ ଅଗ୍ରିଆ ସମାଜର ଶତାଧିକ ମହିଳା ପୁରୁଷ ଆନ୍ଦୋଳନରେ ସାମିଲ ହୋଇଥିଲେ । ତେବେ ସଦର ଥାନା ପୋଲିସ ବେଆଇନ ଭାବେ ରାସ୍ତା ଅବରୋଧକୁ ନେଇ କେଶ ନଂ ୨୪/୨୦୧୯ରେ ଆନ୍ଦୋଳନକାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରିଛି।

# ଆନ୍ଦୋଳନରେ ଶିକ୍ଷକ, ଶିକ୍ଷାଦାନ ବ୍ୟାହତ

ସୁନ୍ଦରଗଡ,୧୨।୨(ଡି.ଏନ୍.ଏ.)

ରାଜ୍ୟ ଗୋଷ୍ଠୀ ସମ୍ବଳ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ବିଭିନ୍ନ ଦାବି ନେଇ ସୁନ୍ଦରଗଡ ଜିଲାର ୩୦ଜଣ ଗୋଷ୍ଠୀ ସମ୍ବଳ ଶିକ୍ଷକ (ବିଆରଟି) ଗତ ୨୮ ତାରିଖରୁ ରାଜ୍ୟସ୍ତରୀୟ ଗଣଧାରଣାରେ ସାମିଲ ହୋଇଛନ୍ତି। ଫଳରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କର ପାଠପଢା, ବିଭିନ୍ନ ପ୍ରକାର ଭତ୍ତା ଓ ବୃତ୍ତି ତଥା ସହାୟକ ଉପକରଣ ଯୋଗାଇ ଦେବା କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହି ଗୋଷ୍ଠୀ ସମ୍ବଳ ଶିକ୍ଷକମାନେ ବ୍ଲକସ୍ତରରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗରେ ସାମିଲ କରନ୍ତି। ଏଣୁ ଏହି ଆନ୍ଦୋଳନ ଯୋଗୁ ଏ ନେଇ ବହୁବିଧ ସମସ୍ୟା ଦେଖାଦେଇଛି । ବିଆରଟିଙ୍କ ଯୋଗ୍ୟତା ସିଟି ଏବଂ ବିଇଡି ଥାଇ ଦୀର୍ଘ ୧୨ବର୍ଷ ଚାକିରି କଲା ପରେ ମଧ୍ୟ ସେମାନଙ୍କ ଦରମା କମ୍ ରହିଛି । ଏଣୁ ସିଟି ବିଇଡି ହାରରେ ଦରମା ପ୍ରଦାନ, ଚାକିରୀର ସ୍ଥାୟୀତ୍ୱ, ସମାନ ଯୋଗ୍ୟତାକୁ ସମାନ ଦରମା, ଚୁକ୍ତିଭିତ୍ତିକ ଉଚ୍ଛେଦ ଆଦି ବିଭିନ୍ନ ଦାବି ନେଇ ବିଆରଟିମାନେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି। ତୁରନ୍ତ ଏହି ଗୋଷ୍ଠୀ ସମ୍ବଳ ଶିକ୍ଷକମାନଙ୍କ ଦାବିକୁ ପୂରଣ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକ ମହଲରୁ ଦାବି ହୋଇଛି।

# ସରକାରୀ କଲେଜରେ କ୍ୟାରିୟର କାଉନସେଲିଂ

ସୁନ୍ଦରଗଡ, ୧୨।୨ (ଡି.ଏନ.ଏ.)

ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜଗାଙ୍ଗପୁର ସିମେଣ୍ଟ କାରଖାନାର ଅଶ୍ୱିନୀ ଡାଲମିଆଁ ଓ ବରିଷ୍ଠ ସମ୍ବଳ ଅଧିକାରୀ ସୁଦୀପ୍ତ ରାଉତ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ କିଭଳି ନିଜକୁ ପ୍ରସ୍ତୁତ କରିବେ ସେ ନେଇ ଦିଗଦର୍ଶନ ଦେଇଛନ୍ତି। ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ଡଃ ଲଳିତ ରଞ୍ଜନ ସାହୁ ଓ ପ୍ରଦୀପ କୁମାର ବହିଦାର ପରିଚାଳନାରେ ସହଯୋଗ କରିଥିଲେ।

ଭେଡାବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# ଉତ୍ତମ ଚରିତ୍ର ନିର୍ମାଣ ବିଦ୍ୟାର୍ଥୀଙ୍କ ଧେୟ ହେଉ

ସୁନ୍ଦରଗଡ, ୧୨।୨ (ଡି.ଏନ୍.ଏ.)

ବିଦ୍ୟାର୍ଥୀ ଜୀବନ ଏକ ମହାର୍ଘ ମୁହୂର୍ତ୍ତ । ବିଦ୍ୟାର୍ଥୀମାନେ ଉତ୍ତମ କର୍ମ ମାଧ୍ୟମରେ ଚରିତ୍ର ନିର୍ମାଣ କରି ସୁନାଗରିକ ଭାବେ ନିଜକୁ ଗଢି ତୋଳିବା ଆବଶ୍ୟକ। ମଙ୍ଗଳବାର ଭେଡାବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବରେ ଯୋଗଦେଇ ଅତିଥିମାନେ ଏହି ମତବ୍ୟକ୍ତ କରିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ଅତିଥି ଭାବେ ଯୋଗ ଦେଇ ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ବଳରେ ପିଲାମାନେ ନିଶ୍ଚିତ ଭାବେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି କହିଥିଲେ। ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଦର ବ୍ଲକରେ ଉଚ୍ଚଶିକ୍ଷା କ୍ଷେତ୍ରରେ



ଭେଡାବାହାଲ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

ଏହି ଶିକ୍ଷାନୁଷ୍ଠାନ ଏକ ଆଲୋକବର୍ତ୍ତିକା ଭାବେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସୁନାମ ରହିଥିବାରୁ ଏହାର ପ୍ରତିଷ୍ଠାତାଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ । ସୁନ୍ଦରଗଡ ଇଂଜିନିୟରିଂ କଲେଜର ଅଧ୍ୟକ୍ଷ ଜଗଦୀଶ ପ୍ରତାପ ଦେଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱିତାମୂଳକ ଯୁଗରେ ଛାତ୍ରୀଛାତ୍ର ନିଜକୁ ପ୍ରସ୍ତୁତ କରି ଜୀବନରେ ସଫଳତା ପାଇବାକୁ ପରାମର୍ଶ ଦେଇଥିଲେ । ଭେଡାବାହାଲ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ର ନିଷ୍ଠାର ସହ ଅଧ୍ୟୟନ କରି ଉତ୍ତମ ଚରିତ୍ର ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ଚନ୍ଦ୍ରମଣି ପଟେଲ ସମାରୋହରେ ଅଧ୍ୟକ୍ଷତା କରି ଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୌଭାଗ୍ୟ କୁମାର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପିକା ସୁନୟନା ଦାଶ ଅତିଥି ପରିଚୟ ଓ ଅଧ୍ୟାପିକା ମଧୁସ୍ମିତା ପଟେଲ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ବିକି ଗୁରୁମ୍ ଧନ୍ୟବାଦ ଦେଇଥିଲେ।

# ସରକାରୀ ବାଳିକା ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

ଲେଫ୍ରିପଡା,୧୨।୨(ଡି.ଏନ.ଏ.)

ଲେଫ୍ରିପଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲେଫ୍ରିପଡା ବ୍ଲକ୍ ଶିକ୍ଷା ଅଧିକାରୀ ହରେକୃଷ୍ଣ ପୁରୋହିତ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା କାମିନୀ କାଲୋ, ଡିଲେଶ୍ୱର ନାଏକ, ସମିତିସଭ୍ୟା ଜୟନ୍ତୀ ଗର୍ଡିଆ, ସୁଧୀର ପଟ୍ଟନାୟକ, ସିଇଓ ରବିଶଙ୍କର ଭିତ୍ରିଆ ଏବିଇଓ ବିଦ୍ୟାଧର ମହାଲିକ, ଅବସରପ୍ରାପ୍ତ ଏବିଇଓ ଫକୀରମୋହନ ଚୌଧୁରୀ, କ୍ଲଷ୍ଟର ସିଆରସିସି କମଲଲୋଚନ ମାଝି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ କ୍ଷେତ୍ରମଣୀ ପଟେଲ ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ପଦ୍ମିନୀ ଲାକ୍ରା, ସବିତା ପଟେଲ, ନଳିନୀ ଦଣ୍ଡସେନା, ପ୍ରମିଳା ପଟେଲ, ଶିକ୍ଷକ ଡୋଳାମଣୀ ପଟେଲ ପ୍ରମୁଖ ସହଯୋଗ କରିଥିଲେ।




ଲେଫ୍ରିପଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଲିପସପାଲିରେ କଳାକାରଙ୍କ ସମ୍ମିଳନୀ

ହେମଗିର, ୧୨।୨ (ଡି.ଏନ.ଏ.)

ହେମଗିର ବ୍ଲକ ଲିପସପାଲି ଗ୍ରାମରେ ୨୪ତମ କଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ସାଂସ୍କୃତିକ ଓ ସାମାଜିକ ସଂଗଠନ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ପ୍ରାୟ ୨୫ଟି ସଂକୀର୍ତ୍ତନ, ସଂପ୍ରଦା, ଭାଗବତ, କୃଷ୍ଣଗୁରୁ, ପାଲା, ବଂଶୀବାଦକ ଦଳ ଅଂଶ ଗ୍ରହଣ କରିଥିଲେ । ଏଥିରେ କଳାକାରମାନଙ୍କ ବିଭିନ୍ନ ସୁବିଧା ଅସୁବିଧା, ସମସ୍ୟା ତଥା ଭଲମନ୍ଦ ଉପରେ ଆଲେଚନା ହୋଇଥିଲା। ଅତିଥି ଭାବରେ ହେମଗିର ଗୋଷ୍ଠି ଉନ୍ନୟନ ଅଧିକାରୀ ପ୍ରଦୀପ ଡାଙ୍ଗ, ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର ଭୋଇ ଯୋଗ ଦେଇ କଳାକାରମାନଙ୍କ ସମାଜ ପ୍ରତି ଥିବା କର୍ତ୍ତବ୍ୟ ଦାୟିତ୍ୱ କଥା ଅବଦାନକୁ ପ୍ରଶଂସା କରିବା ସହ କୃତଜ୍ଞତା ଜଣାଇଥିଲେ। ଏମାନଙ୍କ ଯୋଗୁଁ କଳା ବଞ୍ଚି ରହିଥିବା ଅତିଥିମାନେ କହିଥିଲେ। ଉତ୍କଳ ସାଂସ୍କୃତିକ ସଂଗଠନର ସଭାପତି ବାଙ୍କବିହାରୀ ପ୍ରଧାନ, ତୁଳାରାମ ବରିହା, ମନବୋଧ ପଧାନ, ଲକ୍ଷ୍ମଣ ପଧାନ, ଯୋଗେନ୍ଦ୍ର ପଧାନ, ଶିଶୁପାଳ ପଧାନ, ଲୁକେଶ୍ୱର ପଧାନ ଓ ଗ୍ରାମବାସୀ ସହଯୋଗ କରିଥିଲେ।



ଲିପସପାଲି ଗ୍ରାମରେ ଆୟୋଜିତ କଳା ସମ୍ମିଳନୀରେ ଅତିଥି, ଆୟୋଜକ ଓ କଳାକାର।

ଶଙ୍ଖପୋଷରେ ବିଶ୍ୱଶାନ୍ତି ମହାଯଜ୍ଞ

# ହିନ୍ଦୁଧର୍ମ, ହିନ୍ଦୁ ସମାଜ ଘଡିସନ୍ଧି ମୁହୂର୍ତ୍ତରେ

ଲହୁଣୀପଡା,୧୨।୨(ଡି.ଏନ.ଏ.)

ଲହଣୀପଡା ବ୍ଲକ ଅନ୍ତର୍ଗତ ଶଙ୍ଖପୋଷ ଗ୍ରାମରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସୋମବାର କଳସ ଶୋଭଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମଙ୍ଗଳବାର ସକାଳୁ ଯଜ୍ଞ ଆରମ୍ଭ ହୋଇ ଅପରାହ୍ନରେ ପୂର୍ଣ୍ଣାହୂତି ଦିଆଯାଇଥିଲା । ଏହା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦର ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କସୁମ ଯୋଗଦେଇ କହିଥିଲେ ଯେ, ହିନ୍ଦୁ ସଂସ୍କୃତି ଓ ପରମ୍ପରା ଦିନେ ସାରା ବିଶ୍ୱକୁ ଦିଗଦର୍ଶନ ଦେଉଥିଲା। ଆଜି ହିନ୍ଦୁସ୍ତାନ ନାମରେ ପରିଚିତ ଭାରତରେ ହିନ୍ଦୁ ସଂସ୍କୃତି ସଂକଟ ମୁହାଁ । ଯାହାକି ହିନ୍ଦୁ ଧର୍ମ ଓ ହିନ୍ଦୁ ସମାଜ ପାଇଁ ଘଡିସନ୍ଧି ମୁହୂର୍ତ୍ତ ସୃଷ୍ଟି କରିଛି । ତେଣୁ ଏହି ଘଡିସନ୍ଧି ସମୟରେ ହିନ୍ଦୁମାନେ ଏକ ହୋଇ ସମାଜ ଓ ସଂସ୍କୃତିର ସୁରକ୍ଷା ପାଇଁ କାର୍ଯ୍ୟକରିବା ଉଚିତ। ବିଶିକେସନ ଗଞ୍ଜୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଚୁଡାମଣି ମହାନ୍ତ, ମକରଧ୍ୱଜ ମହାନ୍ତ, ନେହେରୁ ଗଞ୍ଜୁ, ଦୀପକ ମାହାନ୍ତ, ଗଜେନ୍ଦ୍ର ତନ୍ତି, ହୃଦାନନ୍ଦ ମାହାନ୍ତ, ଲିଙ୍ଗରାଜ ମାହାନ୍ତ, ଟିକେଶ୍ୱରି ଗଞ୍ଜୁ, ଯଶୋଦା ମାହାନ୍ତ, ସୁଜାତା ମାହାନ୍ତ, ରମେଶ ମହାନ୍ତ, ଶୁକଦେବ ମାହାନ୍ତ, ଡମ୍ବରୁ ମାହାନ୍ତ, ପ୍ରେମନାଥ ମୁଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଫୁଟବଲ ଟୁର୍ନାମେଣ୍ଟ: ଜୟହିନ୍ଦ୍ କ୍ଲବ ବିଜୟୀ

ହେମଗିର, ୧୨।୨ (ଡି.ଏନ.ଏ.)

ବସୁନ୍ଧରା ୟୁଥ କ୍ଲବ ଆନୁକୂଲ୍ୟରେ ବିହାଯୋର ଗ୍ରାମର ଖେଳ ପଡିଆରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ସୁନ୍ଦରଗଡ, ଝାରସୁଗୁଡା ଓ ସମ୍ବଲପୁର ଜିଲାର ବଛା ବଛା ୮ଟି ଫୁଟବଲ ଦଳକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଶେଷରେ କଳିଙ୍ଗ ୯୬ ରେଙ୍ଗାଲି ଓ ଜୟହିନ୍ଦ କ୍ଲବ ଆଡକଠା ମଧ୍ୟରେ ଫାଇନାଲ ଖେଳ ଅତ୍ୟନ୍ତ ରୋମାଞ୍ଚକର ପରିବେଶରେ ହୋଇଥିଲା । ଏଥିରେ ଜୟହିନ୍ଦ କ୍ଲବ କଳିଙ୍ଗ ୯୬କୁ ୧-୦ ଗୋଲ ଦେଇ ବିଜୟୀ ହୋଇଥିଲା। ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ସମିତ ସଭ୍ୟ ସୁନ୍ଦରଲାଲ ଓରାମ, ସମିତି ସଭ୍ୟା ମୈଥିଳି ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲିଙ୍ଗରାଜ ପଧାନ, ବିଶ୍ୱଲୋଚନ ଭୋଇ, ଗଣେଶରାମ ପଟେଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସଭାପତି ରଙ୍କନିଧି ଓରାମ (ଆନନ୍ଦ) ସଭାପତିତ୍ୱ କରିଥିଲେ । ଏଥିରେ ବିଜୟୀ ଜୟହିନ୍ଦ କ୍ଲବକୁ ନଗଦ ୧୦ହଜାର ଓ ଟ୍ରଫି ଏବଂ ରନର୍ସଅପ୍ କଳିଙ୍ଗ ୯୬କୁ ନଗଦ ୭ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଟୁର୍ନାମେଣ୍ଟରେ ଅଶୋକ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ଜୟକୃଷ୍ଣ ଓରାମ, ସଦସ୍ୟ ବିଜୟ ଓରାମ, ଶ୍ୟାମସୁନ୍ଦର ଓରାମ, ଅନିଲ ଓରାମ, ନନ୍ଦଲାଲ ଓରାମ, ଉଦ୍ଧବ ଓରାମ, ମୁନା ଓରାମ, ଜନ୍ମେଜୟ ଓରାମ, ରାମପ୍ରସାଦ ଓରାମ ପ୍ରମୁଖ ସହଯୋଗ କରିଥିଲେ।



ବିହାଯୋର ଗ୍ରାମରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟରେ ଖେଳାଳି, ଅତିଥି ଓ ଆୟୋଜକ।

ଟକରା ସେବାଶ୍ରମର ବାର୍ଷିକ କ୍ରୀଡ଼ା ଉତ୍ସବ

# ଶାରୀରିକ, ମାନସିକ ଶାନ୍ତି ପାଇଁ କ୍ରୀଡ଼ା ଏକାନ୍ତ ଜରୁରୀ

ଲହୁଣୀପଡା, ୧୨।୨ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହଣୀପଡା ବ୍ଲକ ଅନ୍ତର୍ଗତ ଟକରାସ୍ଥିତ ସେବାଶ୍ରମଠାରେ ମଙ୍ଗଳବାର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଲହଣୀପଡା ସରପଞ୍ଚ ଜୁଲିଆନି କାଣ୍ଡିର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କୁମାର ଗୌତମ ବାରିକ ଓ ମୁଖ୍ୟବକ୍ତା ଭାବେ ଯଦୁପତି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ଅଧ୍ୟାପକ ପ୍ରଶାନ୍ତ କୁମାର ଚଇନି ଯୋଗ ଦେଇଥିଲେ । ସୁନ୍ଦରଗଡ ଜିଲା ହେଉଛି କ୍ରୀଡାର ଏନ୍ତୁଡିଶାଳ । ବହୁ ପ୍ରତିଭାବାନ ଖେଳାଳି ଜିଲାର ନାଁ ରଖୁଛନ୍ତି। ଏଣୁ ସୁନାମ ଅର୍ଜନ କରିବା ପାଇଁ ଅତିଥିମାନେ ପିଲାଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷେ ଶାରୀରିକ ଓ ମାନସିକ ଶାନ୍ତି ପାଇଁ କ୍ରୀଡା ଏକନ୍ତ ଜରୁରୀ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ । ଆଶ୍ରମ ସେବିକା



ଟକରା ସେବାଶ୍ରମର ବାର୍ଷିକ କ୍ରୀଡ଼ା ଉତ୍ସବରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ଅମିତା ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇ ବିବରଣୀ ପାଠ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ମଙ୍ଗଳ ସଂପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ ୨୭ଟି ବିଭାଗରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ରୀଡା ଶିକ୍ଷକ ଚିନ୍ତାମଣି ପ୍ରଧାନ ଓ ରାଜୀବ ଲୋଚନ ସାହୁ କ୍ରୀଡା ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପାଇଁ ଆଶିଷ କାଣ୍ଡୁଲାନା ଓ ଅଞ୍ଜଳି ରାୟଙ୍କୁ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଥିଲା। କରୁଣା କର ବେହେରା, ନିଆରଜନ ମୁଣ୍ଡା, ସନ୍ତୋଷ କିଶାନ, ରଞ୍ଜିତା ପୂର୍ତ୍ତି, ରଘୁନାଥ ମୁଣ୍ଡାରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହେମନ୍ତ କୁମାର ମାଝି ଧନ୍ୟବାଦ ପ୍ରଦାନ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୩ ଫେବୃୟାରୀ, ୨୦୧୯



ଗୋଟିଏ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଦେଲେ ଆଉ ଗୋଟିଏ ପାଇଁ ଆପେ ଆପେ ବାଟ ଫିଟିଯାଏ।
- ଆର. ଡବ୍ଲ୍ୟୁ. ଇମରସନ୍



## ସଂକ୍ଷେପରେ

### ବାଉଁଶୁଣୀରେ ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର

**ମନମୁଣ୍ଡା, ୧୨।୨ (ଡି.ଏନ.ଏ):** ବୌଦ୍ଧ ଜିଲା ବାଉଁଶୁଣୀ ସୁରଭି କାର୍ଯ୍ୟାଳୟଠାରେ ଉଜ୍ଜ୍ୱଳା ଦିଦି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ବାଉଁଶୁଣି ମହାରାଜା ଇଣ୍ଡିଆନ ଗ୍ୟାସ ଏଜେନ୍ସି ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ଶରତ କୁମାର ଖଣ୍ଡଗିରୀ ଅଧକ୍ଷତା କରିଥିଲେ। ୩ ଦିନ ହେବାକୁ ଥିବା ଏହି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଦାମୋଦର ସାହୁ, ଏସ୍‌ଡିପି ପ୍ରଶାନ୍ତ କୁମାର ରାଉତରାଏ ଏବଂ ବ୍ଲକ ସଂଯୋଜକ ସୁନୀଲ ସେଠୀ ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ୨୩ଟି ପଞ୍ଚାୟତର ଉଜ୍ଜ୍ୱଳା ଦିଦି ଉପସ୍ଥିତ ରହିଥିଲେ । ମା'ମାନେ ଧୂଆଁରୁ ରକ୍ଷା ପାଇବା ସହ ସହଜରେ କିପରି ରୋଷେଇ କରିପାରିବେ ସେନେଇ ମୋଦି ସରକାର ଉଜ୍ଜ୍ୱଳା ଯୋଜନା ଆରମ୍ଭ କରିଥିବା ସଂଯୋଜକ ଶରତ ଖଣ୍ଡଗିରୀ ଆଲୋକପାତ କରିଥିଲେ । ପ୍ରତ୍ୟେକ ପରିବାର ମାଆମାନେ କିପରି ସହଜ ଓ ସୁବିଧାରେ ମାଗଣାରେ ରନ୍ଧନ ଗ୍ୟାସ ସଂଯୋଗ ପାଇ ପାରିବେ ସେ ଉପରେ ଧ୍ୟାନ ଦେବାକୁ ବ୍ଲକ ସଂଯୋଜକ ସୁନୀଲ ସେଠୀ ବକ୍ତବ୍ୟ ରଖିଥିଲେ । କିପରି ଗ୍ୟାସ ସଂଯୋଗ କରିପାରିବ, କିପରି ନିରାପଦ ଭାବେ ଏହାର ବ୍ୟବହାର କରାଯିବ, କେଉଁ ଉପରେ ବିଶେଷ ଧ୍ୟାନ ଦେବାକୁ ପଡିବ ସେନେଇ ପ୍ରଶିକ୍ଷକ ଦିଦିମାନଙ୍କୁ ବୁଝାଇଥିଲେ।

### ମହିଳା ସାମାଜିକ କର୍ମୀଙ୍କ ପରଲୋକ

**ମନମୁଣ୍ଡା,୧୨।୨(ଡି.ଏନ.ଏ.):** ମହିଳା ସାମାଜିକ କର୍ମୀ ରଶ୍ମିତା ଦାନୀ (୪୮)ଙ୍କ ସୋମବାର ରାତ୍ରିରେ ପରଲୋକ ହୋଇଯାଇଛି । ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ସ୍ୱାମୀ ଡାକ୍ତର ବୀରେନ୍ଦ୍ର ଦାନୀ ଚିକିତ୍ସା ସେବା କରୁଥିଲେ। ସାମାଜିକ କର୍ମୀ ରଶ୍ମିତା ଅଧାପିକା ଚାକିରୀ ଛାଡି ସ୍ୱାମୀଙ୍କ ସହ ସମାଜସେବା କରୁଥିଲେ। ସୋମବାର ରାତ୍ରିରେ ମୟୂରଉଡାନ ଗ୍ରାମରେ ତାଙ୍କର ଶେଷ କୃତ୍ୟ ସମ୍ପନ୍ନ ହୋଇଥିଲା। ଦଶମ ଶ୍ରେଣୀ ପଢୁଥିବା ତାଙ୍କ ପୁଅ ଜଗନ ମୁଖାଗ୍ନି ଦେଇଥିଲେ। ଜଗନର ଏଚ୍‌ଏସ୍‌ସି ପରୀକ୍ଷା ଆଉ ୭ ଦିନ ଥିବାବେଳେ ମା'ଙ୍କୁ ହରାଇ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଅନ୍ୟପକ୍ଷେ ସାମାଜିକ କର୍ମୀ ରଶ୍ମିତାଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଜିଲା ପ୍ରଶାସନର ହସ୍ତକ୍ଷେପ: ବିଦ୍ୟାଳୟରୁ ଖୋଲିଲା ତାଲା

**ବୌଦ୍ଧ,୧୨।୨(ସ୍ୱ.ପ୍ର.):** ବିଦ୍ୟାଳୟର ଜମି ଚିହ୍ନଟ ଦାବିରେ ପରିଚାଳନା କମିଟି ପକ୍ଷରୁ ୨ଦିନ ଧରି ଯୋଗିନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଫଳରେ ବିଦ୍ୟାଳୟ ବନ୍ଦ ରହିବା ସହ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ଉପୁଜିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଲଲାଟେନ୍ଦୁ ସି ବିଦ୍ୟାଳୟ ପରିଚାଳନା କମିଟି ସହିତ ଆଲୋଚନା କରିଥିଲେ। ଆଲୋଚନା ବେଳେ ବିଦ୍ୟାଳୟ ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ବିଦ୍ୟାଳୟ ଜମି ଚିହ୍ନଟ ପାଇଁ ହୋଇଥିବା ଆବେଦନର କାଗଜାତ ଦେଖାଯାଇଥିଲା। ହେଲେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏହାର ପ୍ରତିବାଦ ସ୍ୱରୂପ ପରିଚାଳନା କମିଟି ପକ୍ଷରୁ ଆନ୍ଦୋଳନ କରାଯାଇଥିବା କୁହାଯାଇଥିଲା। ତହସିଲଦାର ସମସ୍ତ ରେକର୍ଡପତ୍ର ଯାଞ୍ଚ କରି ଜବରଦଖଲକାରୀଙ୍କୁ ହଟାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ହୀରାକୁଦ ତଳମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ହେଲାନି

**ସୋନପୁର,୧୨।୨(ନି.ପ୍ର.)**

ହୀରାକୁଦ ତଳମୁଣ୍ଡରେ ବିଶେଷ କରି ମହାନଦୀର ଖଇରମାଳରେ ବ୍ୟାରେଜ୍ ନିର୍ମାଣ ହେଲାନି। ଚଳିତ ବଜେଟ୍‌ରେ ରାଜ୍ୟ ସରକାର ଏଥିପାଇଁ ଅର୍ଥର ବ୍ୟବସ୍ଥା ମଧ୍ୟ କରିନାହାନ୍ତି। ସରକାର ପ୍ରତିଶ୍ରୁତି ଦେଇ ପାଳନ କରି ନଥିବାରୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ସୋନପୁରରେ ମଙ୍ଗଳବାର ପ୍ରତିବାଦ କରାଯାଇଛି। ବ୍ଲକ ଛକରେ ଦଳୀୟ ନେତୃବୃନ୍ଦ ସରକାର ବିରୋଧି ନାରା ଦେବା ସହ ସୋନପୁର ବିଧାୟକ ତଥା ରାଜ୍ୟ ଜଳସମ୍ପଦ ଓ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଏବଂ ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂହଦେଓଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ପ୍ରକାଶ ଯେ, ଛତିଶଗଡ ସରକାର ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ଆନିକଟ୍ ନିର୍ମାଣ କରିବା ପରେ ଓଡିଶାରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିଲା । ଓଡିଶାରେ ମଧ୍ୟ ବ୍ୟାରେଜ ଓ ଆନିକଟ କରିବା ପାଇଁ ଦାବି ଉଠିଥିଲା। ସମୁଦ୍ରକୁ ବହି ଯାଉଥିବା ମହାନଦୀର



ସୋନପୁର ବ୍ଲକ ଛକରେ ଭାଜପା ନେତୃବୃନ୍ଦ ପ୍ରତିବାଦ କରୁଛନ୍ତି ।

**ଭାଜପାର ପ୍ରତିବାଦ**
- ଜଳସେଚନ ମନ୍ତ୍ରୀ, ଏମ୍‌ପିଙ୍କ କୁଶପୁତ୍ତଳିକା ଦାହ

ଜଳକୁ ପିଇବା ପାଣି, ଜଳସେଚନ ନିମନ୍ତେ ବ୍ୟବହାର କରାଯିବା ଉପରେ ରାଜ୍ୟ ସରକାର ମଧ୍ୟ ଗୁରୁତ୍ୱ ଦେଇଥିଲେ। ଏଥିପାଇଁ ହୀରାକୁଦର ତଳମୁଣ୍ଡରେ ୭ଟି ବ୍ୟାରେଜ୍, ଆନିକଟ ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ପ୍ରସ୍ତାବିତ ବ୍ୟାରେଜ୍ ମଧ୍ୟରେ ସୋନପୁର ସହରର ରାମେଶ୍ୱର ଘାଟଠାରୁ ପ୍ରାୟ ସାଢେ ୩କିଲୋମିଟର ଦୂର ଖଇରମାଳ ଓ ତା ତଳମୁଣ୍ଡରେ ଥିବା ବୀରମହାରାଜପୁର ବ୍ଲକର ଗୋଧନେଶ୍ୱର ପ୍ରକଳ୍ପ ଅନ୍ତର୍ଭୁକ୍ତ ଥିଲା । ସେହିପରି ମହାନଦୀର ଶାଖା ଓ ଉପନଦୀମାନଙ୍କରେ ପ୍ରାୟ ୨୨ଟି ବ୍ୟାରେଜ୍, ଆନିକଟ ନିର୍ମାଣ କରାଯିବ ବୋଲି ଗତ ମେ ମାସ ୧୨ ତାରିଖରେ ରାଜ୍ୟ ଜଳସମ୍ପଦ ବିଭାଗର ପ୍ରମୁଖ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇଥିଲେ । ଖଇରମାଳ, ଗୋଧନେଶ୍ୱର ବ୍ୟାରେଜ୍ ନିର୍ମାଣ ଘୋଷଣାକୁ ନେଇ ସୁବର୍ଣ୍ଣପୁର ଜିଲାରେ ଖୁସିର ମାହୋଲ ସୃଷ୍ଟି ହୋଇଥିଲା । ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଧ୍ୟ ବିଭିନ୍ନ ସଭା ସମିତିରେ ଖଇରମାଳ ବ୍ୟାରେଜ୍ ନିର୍ମାଣ ହେଲେ ସୋନପୁର ସହରର ଦୁଇ ପାର୍ଶ୍ୱରେ ପ୍ରବାହିତ ମହାନଦୀ ଓ ତେଲନଦୀ ବର୍ଷସାରା ଜଳପୂର୍ଣ୍ଣ ରହିବ। ମିନି ଚିଲିକାର ଭ୍ରମ ସୃଷ୍ଟି ହେବ ବୋଲି କହିଥିଲେ। ବର୍ତ୍ତମାନ ବିରୋଧି ଏହାକୁ ଇସ୍ୟୁ କରିଛନ୍ତି। ମଙ୍ଗଳବାର ଭାଜପାର ଆନ୍ଦୋଳନରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ପ୍ରସାଦ ବେଦ୍‌ବାକ, ଆନନ୍ଦ ବାରିକ, ଶ୍ରଦ୍ଧାଞ୍ଜଳି ମିଶ୍ର, ସୁରେଶ ମିଶ୍ର, ଦୀପକ ମହାପାତ୍ର, ରୁପଧର ପଧାନ, ଦେବରଞ୍ଜନ ତ୍ରିପାଠୀ, ମାନସ ରଞ୍ଜନ ମିଶ୍ର, ଶ୍ରୀନିବାସ ଚାନ୍ଦ, ଜିତେନ୍ଦ୍ର ମହାପାତ୍ର ଓ ବାପି ଦାଶ ପ୍ରମୁଖ ସାମିଲ ହୋଇଥିଲେ ।

**ଟିଏସିରେ ଅନୁମୋଦିତ ହୋଇଛି, ବ୍ୟାରେଜ୍ ହେବ : ନିରଞ୍ଜନ**

ମହାନଦୀ, ମହାନଦୀର ଶାଖା ଓ ଉପନଦୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବଡ ଯୋଜନା ରହିଛି । ମହାନଦୀର ଜଳ ଉପଯୋଗ ଯୋଜନାକୁ ନେଇ ମାଷ୍ଟର ପ୍ଲାନ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ତଳମୁଣ୍ଡରେ ବ୍ୟାରେଜ୍, ଆନିକଟ୍ ପ୍ରକଳ୍ପ ପାଇଁ ସର୍ଭେ ସରିଛି । ଖଇରମାଳରେ ନଦୀବନ୍ଧ ପ୍ରକଳ୍ପ ଟେକ୍‌ନିକାଲ ଆଡଭାଇଜର କମିଟି(ଟିଏସି)ରେ ଅନୁମୋଦିତ ହୋଇଛି । ଡିପିଆର ପରେ ବ୍ୟୟ ଅଟକଳ ପ୍ରସ୍ତୁତ ହେବ । ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରକଳ୍ପ ନିଶ୍ଚିତ ହେବ। ଅର୍ଥ ପ୍ରତିବନ୍ଧକ ନୁହଁ ବୋଲି ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ମନମୁଣ୍ଡା ଭାଜପା ମଣ୍ଡଳର ସମର୍ପଣ ଦିବସ

**ମନମୁଣ୍ଡା,୧୨।୨(ଡି.ଏନ.ଏ.)**

ମନମୁଣ୍ଡା ଭାଜପା ମଣ୍ଡଳ ପକ୍ଷରୁ ସୋମବାର ଦୀନଦୟାଲ ଉପାଧ୍ୟାୟଙ୍କ ତିରୋଧାନ ଦିବସକୁ ସମର୍ପଣ ଦିବସ ଭାବେ ପାଳନ କରାଯାଇଛି । କନ୍ଧମାଳ ନିର୍ବାଚନ ମଣ୍ଡଳୀର ବରିଷ୍ଠ ନେତା କହ୍ନେଇଚରଣ ଡାଙ୍ଗଙ୍କ ନେତୃତ୍ୱରେ ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣଙ୍କ ଅଧକ୍ଷତାରେ ମନମୁଣ୍ଡା ଦେଉଳିସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଦୀନଦୟାଲଙ୍କ ଫଟୋଚିତ୍ରରେ ଫୁଲମାଳ ଅର୍ପଣ କରି ତାଙ୍କ ମହତ୍ ଗାନ କରିଥିଲେ । ଏହି ଅବସର ଏକାତ୍ମ ମାନବବାଦର ପ୍ରଣେତା ପଣ୍ଡିତ ଦୀନଦୟାଲଙ୍କ ବଳିଦାନ ଦିବସକୁ ସମର୍ପଣ ଦିବସ ଭାବେ ପାଳନ ସକାଶେ ଏକ ଦାନ ବାକ୍ସ ରଖି ଗରିବମାନଙ୍କ ଉଦ୍ଦେଶ୍ୟରେ ଦାନ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ପ୍ରେମଦର ଶାହା, ଦଶରଥ ବାଘ, ପ୍ରବୀଣ ଭୋଇ, ମାର୍କଣ୍ଡ ବାଘ, ଭବାନୀଶଙ୍କର ମହାନ୍ତି, ବିଜୟ କର୍ମୀ, ପ୍ରେମାନନ୍ଦ ମହାକୁଡ, ସୁଦାମ ମେହେର ପ୍ରମୁଖ ସକ୍ରିୟ ଭୂମିକା ନିର୍ବାହ କରିଥିଲେ ।

ବୌଦ୍ଧରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

## 'ଟ୍ରାଫିକ ନିୟମ ମାନିଲେ ଦୁର୍ଘଟଣାକୁ ଏଡାଇ ହେବ'

**ବୌଦ୍ଧ,୧୨।୨(ସ୍ୱ.ପ୍ର.)**

ବୌଦ୍ଧରେ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଶୀତାଂଶୁ କୁମାର ରାଉତ ଟ୍ରାଫିକ ନିୟମ ମାନିଲେ ଦୁର୍ଘଟଣାକୁ ଏଡାଇ ହେବ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପକ ବୀର ନାରାୟଣ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅନ୍ୟତମ ଅତିଥି ଭାବେ ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଭାଗୀରଥି ନାୟକ, ମହାବିଦ୍ୟାଳୟ ଅଧକ୍ଷ ପ୍ରଶାନ୍ତ ମହାପାତ୍ର, ଅତରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ବନଲତା ଦେବୀ, ବୌଦ୍ଧ ତହସିଲଦାର ଲଲାଟେନ୍ଦୁ ସି, ଯୁବରେଡକ୍ରସ ସମ୍ପାଦକ ପ୍ରବୀର କୁମାର ଦାସ, ବୌଦ୍ଧ ମହିଳା ମହାବିଦ୍ୟାଳୟ ଅଧକ୍ଷ ସୁରେନ୍ଦ୍ର ନାଥ ଗୁରୁ, ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ଗଣେଶ ବେହେରା ପ୍ରମୁଖ ଯୋଗଦେଇ ସଡ଼କ ସୁରକ୍ଷା ସପ୍ତାହ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ସପ୍ତାହ ପାଳନ ଅବସରରେ ଜିଲାର ସମସ୍ତ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିବା ବେଳେ ଆୟୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା । ମାଷ୍ଟର ଟ୍ରେନର ଭାବେ ଯୁବ ରେଡକ୍ରସର ସମ୍ପାଦକ ପ୍ରବୀର କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । ମହାବିଦ୍ୟାଳୟର ଏନ୍‌ସିସି ଅଫିସର ଡ. ମହେନ୍ଦ୍ର ନାଥ ଦେବତା, ଏନସିସି ଛାତ୍ରୀଛାତ୍ର ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ସଭାସ୍ଥାନ ବଦଳକୁ ନେଇ ବିବାଦ

## ପଞ୍ଚାୟତ ଅଫିସ ଫାଟକରେ ତାଲା ପକାଇଲେ ମହିଳା ଗୋଷ୍ଠୀ

**ବୀରମହାରାଜପୁର, ୧୨।୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତରେ ଗ୍ରାମ ପଞ୍ଚାୟତସ୍ତରୀୟ ମହିଳା ମହାସଂଘ (ଜିପିଏଲ୍‌ଏଫ୍) ଗଠନ ପୂର୍ବରୁ ବିବାଦ ଦେଖାଦେଇଛି। ମହାସଂଘ ଗଠନ ସକାଶେ ଆହୂତ ସଭାସ୍ଥଳୀ ନିରୂପଣ ଉକ୍ତ ବିବାଦର କେନ୍ଦ୍ରବିନ୍ଦୁ ପାଲଟିଛି। ଗ୍ରାମ ପଞ୍ଚାୟତସ୍ତରରେ ମିଶନ ଶକ୍ତିକୁ ସଂଗଠିତ ଏବଂ କ୍ରିୟାଶୀଳ କରିବା ଉଦ୍ଦେଶ୍ୟରେ ସରକାରୀ ଭାବେ ଜିପିଏଲ୍‌ଏଫ୍ ଗଠନର ବ୍ୟବସ୍ଥା ରହିଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମହାସଂଘ ଗଠନ ସହ କର୍ମକର୍ତ୍ତା ଚୟନର ବିଧିବ୍ୟବସ୍ଥା ଥିବାରୁ ମଙ୍ଗଳବାର ଏଠାରେ ବୈଠକ ଆହ୍ୱାନ କରାଯାଇଥିଲା। ତେବେ ଓଡିଶା ଜୀବିକା ମିଶନ ପକ୍ଷରୁ ଆୟୋଜିତ ଉକ୍ତ ମହିଳା ମହାସଭା ପାଇଁ କମ୍ୟୁନିଟି ରିସୋର୍ସ ପର୍ସନ୍ (ସିଆରପି)ଙ୍କ ଦ୍ୱାରା ଆହୂତ କାର୍ଯ୍ୟକ୍ରମ ପଞ୍ଚାୟତ ସଦର ମହକୁମାଠାରେ କରା ନ ଯାଇ କେନ୍ଦୁପାଲି ଗ୍ରାମରେ କରାଯିବାରୁ ଏଭଳି ନିଷ୍ପତ୍ତି ବିରୋଧରେ ସ୍ୱର ଉଠିଥିଲା। ପ୍ରତିବାଦ ସ୍ୱରୂପ ବହୁ ସଂଖ୍ୟାରେ ମହିଳା ଏସଏସଜି ସଦସ୍ୟା ବାଗବରସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ଘେରିବା ସହ ଫାଟକରେ ତାଲା ପକାଇ ଦେଇଥିଲେ। ସେହି ସମୟରେ ବୀରମହାରାଜପୁର ବିଡିଓ ଅଭିମନ୍ୟୁ ମାଝୀଙ୍କ ସହ ଅନ୍ୟାନ୍ୟ ପଦସ୍ଥ ଅଧିକାରୀ ଆବାସ ଯୋଜନାର ଏକ ବୈଠକରେ ଉପସ୍ଥିତ ଥିବାବେଳେ ସେଠାରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଉତ୍ତେଜନା ପ୍ରକାଶ ପାଇବାରୁ ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାକୁ ଉଦ୍ୟମ କରିଥିଲେ ସୁଦ୍ଧା ଆନ୍ଦୋଳନକାରୀ ମହିଳାମାନେ



ବାଗବର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଏସଏସଜି ସଦସ୍ୟା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଧାର୍ଯ୍ୟ କାର୍ଯ୍ୟକ୍ରମ ବାତିଲ**

ଜିଦ୍‌ରେ ଅଟଳ ରହିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାଇ ଗ୍ରାମ ପଞ୍ଚାୟତ ସଦର ମହକୁମାଠାରେ ପ୍ରସ୍ତାବିତ ମହାସଂଘ ସଭା ବସିବାକୁ ଧାର୍ଯ୍ୟ ହୋଇଥିଲେ ହେଁ ସ୍ଥାନ ପରିବର୍ତ୍ତନ ନିଷ୍ପତ୍ତି ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅଭିସନ୍ଧିମୂଳକ। ଅଫିସ ଖୋଲିବା ସମୟଠାରୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଅଚଳାବସ୍ଥା ଜାରି ରହିବା ଭିତରେ କର୍ତ୍ତୃପକ୍ଷ ଏହାର ସମାଧନା ପାଇଁ ଆଲୋଚନା କରିଥିଲେ। ତେଣେ କେନ୍ଦୁପାଲିଠାରେ ଚାଲିଥିବା ବୈଠକକୁ ଅଧାରେ ରଖାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ଶେଷରେ କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ଦାବି ଆଗରେ ମୁଣ୍ଡ ନୂଆଁଇବାକୁ ବାଧ୍ୟ ହୋଇଥିଲେ। ଏହି ଦିନର ମହାସଭାକୁ ବାତିଲ କରାଯିବା ସଙ୍ଗେସଙ୍ଗେ ପରିବର୍ତ୍ତିତ ସଭା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଥିଲା। ଏହାପରେ ପରିସ୍ଥିତି ଶାନ୍ତ ପଡିବା ସହ ଅଧିକାରୀମାନେ ମୁକୁଳିଥିବା ଜଣାପଡିଛି।

## ଶିଶୁମନ୍ଦିରର ବାର୍ଷିକ ଉତ୍ସବ

**ଭେଡ଼େନ/ଜାମଟିକ୍ରା, ୧୨।୨ (ଡ଼ି.ଏନ.ଏ.)**

ବରଗଡ଼ ଜିଲା ଭେଡ଼େନ ସଙ୍କୁଳ ତଥା ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ସନ୍ତୋଷ ମେହେରଙ୍କ ସଭା ପରିଚାଳନା କରିଥିଲେ। ସଭାରେ ପଦ୍ମଶ୍ରୀ ଲୋକକବି ହଳଧର ନାଗ ମୁଖ୍ୟଅତିଥି, ଓମକାର ନାଥ ବାବୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ଚିନ୍ମୟ କୁମାର ମହାପାତ୍ର ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟ ଜଗବନ୍ଧୁ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ମାନସ ଭୋଇ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଏହି ଅବସରରେ ବୃତ୍ତିପରୀକ୍ଷାରେ କୃତୀତ୍ୱ ଅର୍ଜନ କରିଥିବା ସୌମାଶ୍ରୀ ଷଡ଼ଙ୍ଗୀ, ଶ୍ରୀରାମ ମେହେର, ବିମଳ ମେହେର, ନବୋଦୟ ପରୀକ୍ଷାରେ କୃତୀ ଛାତ୍ର ସୌମ୍ୟରଞ୍ଜନ ମେହେରଙ୍କ ସହ ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ : କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**ବିଜେପୁର,୧୧।୨(ଡି.ଏନ.ଏ)**

ବିଜେପୁର ଥାନା ଅଧୀନ ସମଲାଇପଦର ଛକରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରପାଲି ଥାନା ଅନ୍ତର୍ଗତ ବନବାସପାଲି ଗ୍ରାମର ଅର୍ଜ୍ଜୁନ ଗରୁଡ(୬୮)। ପୋଲିସର ସୂଚନା ମୁତାବକ, ଅର୍ଜ୍ଜୁନ ଏକ ସାଇକେଲ ଯୋଗେ ସରଣ୍ଡାପାଲି ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି କାମରେ ଯାଉଥିଲେ। ସେତିକିବେଳେ ସମଲାଇପଦର ଛକରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡ଼ି ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୁଅ ସତ୍ୟନାରାୟଣ ଥାନାରେ ଏକ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୨୫/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଆତ୍ମୀୟସ୍ୱଜନ ମୃତକଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି କରି ଏ ଗଣ୍ଡାପାଲି ଛକରେ ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ତହସିଲଦାର ନାରାୟଣ ସାହୁ ଘଟଣାସ୍ଥଳରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ସମଲାଇପଦର ଛକଠାରୁ ୧୦୦ ମିଟର ଦୂରରେ ଓଆର୍‌୧୭ ସି–୨୮୧୫ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ପଡି ରହିଥିଲା। ଉକ୍ତ ଟ୍ରାକ୍ଟରରେ ଚାବି ମଧ ଲାଗି ରହିଥିଲା । ସନ୍ଧ୍ୟା ସୁଦ୍ଧା କେହି ଟ୍ରାକ୍ଟରର ଦାବିଦାର ନ ଆସିବାରୁ ଟ୍ରାକ୍ଟରକୁ ଜବତ କରାଯାଇଥିବା ପୋଲିସ କହିଛି।

## ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭଟଲି,୧୨।୨(ଡି.ଏନ୍.ଏ.)**

ବରଗଡ଼ ଜିଲା ଭଟଲି ବ୍ଲକ ଗୌଡ଼ଗାଁ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୨୩ତମ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ସୁରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବରଗଡ଼ ଆର୍‌ସିଏମ୍‌ଏସ୍ ସଭାପତି ହେମନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରମାନେ ସଚେତନ ହେବା ଜରୁରୀ। ତେଣୁ ସମସ୍ତ ଛାତ୍ରୀଛାତ୍ର ସମାଜ ଗଠନରେ ହାତ ମିଳାଇବାକୁ ବକ୍ତବ୍ୟ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ସେହିପରି ଉତ୍ସବରେ ରେଶମ ମହାବିଦ୍ୟାଳୟର ଅଧକ୍ଷ ପୁରନ୍ଦର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମଜ ଗଠନରେ ଛାତ୍ରୀଛାତ୍ରୀଙ୍କ ଭୂମିକା ସମ୍ପର୍କରେ ମତପ୍ରକାଶ କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଉଦ୍ୟୋକ୍ତା ଦିବ୍ୟ ଶଙ୍କର ଦାଶ, ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପଧାନ, ଭଟଲି ବ୍ଲକ ଉପାଧ୍ୟକ୍ଷ ମଦନ ସାହୁ, ହାଲୁପାଲି ସରପଞ୍ଚ ଅନୁପମା ଭୁଏ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସମୟାନୁବର୍ତ୍ତିର ମୂଲ୍ୟବୋଧ ଏବଂ ସୁନାଗରିକ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ତାରିଣୀ ଦେବତା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲୋକେଶ୍ୱର ସା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ସୁବୋଧ ମିଶ୍ର, ଦିବ୍ୟକିଶୋର ସାହୁ, ଡାକ୍ତର ସାହୁ, ସରେଶ ବାରିକ, ଅମିତ ପ୍ରଧାନଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିଲା।





ମଙ୍ଗଳବାର ବିନିକା ପାପକ୍ଷୟ ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ (ବାମ)। ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ପାପକ୍ଷୟ ଲୋକ ମହୋତ୍ସବ ଉଦ୍‌ଯାପିତ

**ବିନିକା,୧୨।୨(ଡି.ଏନ୍.ଏ.)**

ଶୀତୁଆ ସଞ୍ଜରେ ହଜାର ହଜାର ଲୋକକଳା ପ୍ରେମୀଙ୍କ ଭିଡ ଭିତରେ ସୁବର୍ଣ୍ଣପୁର ଜିଲା ବିନିକାରେ ଗତ ୪ଦିନ ଧରି ଚାଲିଥିବା ପାପକ୍ଷୟ ଲୋକ ମହୋତ୍ସବ-୧୯ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥିଭାବେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଯୋଗଦେଇଥିଲେ । ସମ୍ମାନୀତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବିନିକା ବ୍ଲକ ଅଧକ୍ଷ ଅଶୋକ ନନ୍ଦ, କନ୍ଧମାଳ ଜିଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ, ଶିଳ୍ପଦ୍ୟୋଗୀ ପ୍ରଶାନ୍ତ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ମହୋତ୍ସବ କମିଟି ସଭାପତି ଜୟ ମଙ୍ଗଳ ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବାରେ କୃତିତ୍ୱ ହାସଲ କରିଥିବା ଏହି ଅଞ୍ଚଳର ମନୀଷା ଅଗ୍ରୱାଲଙ୍କୁ ପାପକ୍ଷୟ ଘାଟ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ମଞ୍ଚ ପରିଚାଳନା ହିମାଂଶୁ ଭୂଷଣ ପଣ୍ଡା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଶାଶ୍ୱତ ତ୍ରିପାଠୀ । କମିଟି ସମ୍ପାଦକ ଶେଖର ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ମହୋତ୍ସବ ଆୟୋଜନରେ ବିନିକା ପାପକ୍ଷୟ ଲୋକ ମହୋତ୍ସବ କମିଟିର ସମସ୍ତ ସଭ୍ୟାସଭ୍ୟଙ୍କ ସହଯୋଗ ରହିଥିଲା ।